ଜୁଲାଇ ୨୦୨୪ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website : www.rebatee.in



ପ୍ରସଙ୍ଗ :
ଶ୍ରୀ ଜଗନ୍ନାଥ

# କାହାଣୀର ଗନ୍ତାଘର ପେନ୍ ଇନ୍ ବୁକ୍ସ

## ଆମ ପାଖରେ ଉପଲବ୍ଧ ୫୦ରୁ ଅଧିକ ଓଡ଼ିଆ କଥାକାରଙ୍କର ଗଳ୍ପ ସଂକଳନ



**ବିସର୍ଜନ**
ଶୁଭାଂଶୁ ପଣ୍ଡା



**ବାପା ଓ ଅନ୍ୟାନ୍ୟ ଗଳ୍ପ**
ଗୌରହରି ଦାସ



**କେବଳ କଥା**
ହାଡ଼ିବନ୍ଧୁ ମହାଖୁଡ଼



**ଅଧିମୋକ୍ଷ ଓ ଅନ୍ୟାନ୍ୟ ଗଳ୍ପ**
ଗୌରହରି ଦାସ



**କଦମ୍ବବନ**
ସୁବ୍ରତ କୁମାର ସେନାପତି



**କଥା ସତୁରି**
ଦାଶ ବେନହୁର



**ଗାନ୍ଧୀ ଜୟନ୍ତୀ ଓ ଅନ୍ୟାନ୍ୟ କାହାଣୀ**
ଗୌରହରି ଦାସ



**ବିଦେଶୀ ଗଳ୍ପ**
ବଙ୍ଗାଳୀ ନନ୍ଦ



**ଜିଅନ୍ତା କମ୍ବଳ ଓ ଅନ୍ୟାନ୍ୟ କାହାଣୀ**
ହିପୁ ସଲ୍‌କ କ୍ରିଷିଲ୍ ନାଥନ



**ମିଛୋଇ ଜେଜୀ ଓ ଅନ୍ୟାନ୍ୟ କାହାଣୀ**
ଘନଶ୍ୟାମ ପାଣିଗ୍ରାହୀ



**ଅନନ୍ୟା**
ଶକୁନ୍ତଳା ପ୍ରତିହାରୀ ନନ୍ଦ



**ଚିଠି ଓ ଅନ୍ୟାନ୍ୟ ଗଳ୍ପ**
ଛନ୍ଦା ମିଶ୍ର



**ଅମୃତସ୍ୟ ପୁତ୍ରଃ ଓ ଅନ୍ୟାନ୍ୟ କାହାଣୀ**
ଘନଶ୍ୟାମ ପାଣିଗ୍ରାହୀ



**ଯେତେସବୁ ଗୋପନୀୟ**
ସୁରେଶ ଛୋଟରାୟ



**ଦଶାନନ**
ଜନାର୍ଦ୍ଦନ ଜେନା

## ଆମାଜନ୍ ଓ ନିର୍ବାଚିତ ବହି ଦୋକାନ ସମେତ ଆମ କାର୍ଯ୍ୟାଳୟରେ ଉପଲବ୍ଧ

scan on mobile camera to buy

**PEN IN BOOKS**
an imprint of **Odia Media Private Limited**
M-6/51, Acharya Vihar, Bhubaneswar-751013
Contact: 0674 254 0203, peninbooks@gmail.com
www.peninbooks.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୯ମ ସଂଖ୍ୟା, ଜୁଲାଇ ୨୦୨୪ ■ Vol-6, Issue : 09, July 2024



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ

**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ଲୋପାମୁଦ୍ରା ପରିଡ଼ା, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/-**

■ ବାର୍ଷିକ : **୭୯୦ ଟଙ୍କା ମାତ୍ର** ■ Annual : **INR 790/-**

ରେବତୀ
ଆମ ମାଟିର ସ୍ୱର


୪
ସମ୍ପାଦକୀୟ : ପାରିବାରିକ ସୁଖ ଆଣେ... : ସୁବାସିନୀ ଜେନା

୯ ପ୍ରସଙ୍ଗ-୧ : ରଥ ରହସ୍ୟ : ଡକ୍ଟର ଭାସ୍କର ମିଶ୍ର
୧୪ ପ୍ରସଙ୍ଗ-୨ : ଚତୁର୍ଦ୍ଧା ଚର୍ଚ୍ଚା : ଅସିତ ମହାନ୍ତି
୨୨ ପ୍ରସଙ୍ଗ-୩ : ସମର୍ପିତ ସାମନ୍ତ : ପୀତବାସ ରାଉତରାୟ
୨୬ ପ୍ରସଙ୍ଗ-୪ : ପୁରୁଷୋତ୍ତମ ଶ୍ରୀଜଗନ୍ନାଥ: ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ
୩୫ ପ୍ରସଙ୍ଗ-୫ : ଦେବସେବାରେ ଦେବଦାସୀ: ଡ. ପ୍ରଫୁଲ୍ଲ କୁମାର ପାଣି
୪୦ ପ୍ରସଙ୍ଗ-୬ : ଚଉଦିଗେ ଚଉବାହା : ରାଧାରଞ୍ଜନ ପଟ୍ଟନାୟକ






୪୬ ପ୍ରସଙ୍ଗ-୭ : ଲୋପାମୁଦ୍ରା ପରିଡ଼ା
୫୪ ଦ୍ୱି-ପ୍ରଚ୍ଛଦ : ଅନୁରାଧା ପାଣିଗ୍ରାହୀ

ଧାରାବାହିକ କାବ୍ୟ
୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

ସମକାଳ କବିତା
୫୭ : ହୃଦାନନ୍ଦ ପାଣିଗ୍ରାହୀ
ତୁହିନାଂଶୁ ରଥ
୫୮ : ଚିନ୍ତାମଣି ମହାଳିକ
ଜ୍ୟୋତ୍ସ୍ନା ରାଣୀ ଭୋଇ (କିଟି)
୫୯ : ଦୀନବନ୍ଧୁ ସାହୁ
ଅଖିଳ କୁମାର ମିଶ୍ର




## ସମ୍ପାଦକୀୟାଂଶ...

××× ବିବାହ ଭଳି ଏକ ସାମାଜିକ ଦାୟିତ୍ୱବୋଧକୁ ମୁଣ୍ଡକୁ ନେବାବେଳେ ପ୍ରତିଟି ଝିଅର ମନରେ ଥାଏ କିନ୍ତୁ ଅସୁମାରୀ ସ୍ୱପ୍ନ ଓ ଆକାଂକ୍ଷା । ଯେହେତୁ ଝିଅଟିଏ ବାପାମାଆଙ୍କ ଘରେ ଏକ ସ୍ୱଚ୍ଛନ୍ଦ ଓ ମୁକ୍ତ ଜୀବନ ଅତିବାହିତ କରୁଥାଏ, ତା'ର ପ୍ରତିଟି ଅଳିଅର୍ଦ୍ଦଳିକୁ ବାପାମାଆ, ସ୍ଥଳ ବିଶେଷରେ ଭାଇଟିଏ କି ଭଉଣୀଟିଏ ପୂରଣ କରିଦିଅନ୍ତି, ସୁତରାଂ ବିବାହ ପରେ ଏକ ଯୁଗ୍ମ ଜୀବନରେ ପାଦ ଦେବାବେଳେ ଏସବୁର ଏପାଖସେପାଖ ହେବା କିଛି ବିଚିତ୍ର କଥା ନୁହଁ । କିନ୍ତୁ ଏ ଦିଗରେ ଆମେ ଯଦି ସାମାନ୍ୟ କୋହଳ ଓ ଉଦାର ହେଇପାରନ୍ତେ, ତେବେ ଝିଅଟିଏ ବିବାହ ପରେ ଭୋଗୁଥିବା କଷ୍ଟ ଲାଘବ ହୁଅନ୍ତା । ଏକାକୀ ଜୀବନରୁ ଜୀବନ ସାଥୀ ଭାବେ ଜଣେ ପୁଅକୁ ଗ୍ରହଣ କରି ଏକ ନୂଆ ଯୁଗଳ ଜୀବନ ଆରମ୍ଭ କରୁଥିବା ଝିଅଟିଏ ସାମ୍ନାରେ ସେତେବେଳେ ଅନେକ ପ୍ରଶ୍ନବାଚୀ ଥାଏ । ଏସବୁକୁ ସେଇ ଘରର ମଣିଷମାନେ, ଯେଉଁ ଘରକୁ ସେ କୁଳବଧୂ ରୂପେ ଯାଇଥାଏ, ସେମାନେ ନଜରଅନ୍ଦାଜ୍ କରିବା ଅନୁଚିତ । ଭାଗୀଦାରୀ ଜୀବନର ସୂତ୍ର ଜଣାନଥିବା ଜଣେ ଝିଅ କେବଳ ବୋହୂ ହୋଇଗଲେ ସବୁ ଜାଣି ଯାଏନି । ଆମକୁ ଶିଖାଇବାକୁ ପଡ଼ିବ ତା' ହାତ ଧରି, ଯେପରି ତା' ବାପା ମାଆ, ଭାଇ ଭଉଣୀ ଶିଖାଇଥିଲେ ତାକୁ ଚାଲିବା ।




















୧୦୬: ଶେଷପୃଷ୍ଠା : ସାହିତ୍ୟରେ ଲିଙ୍ଗଭେଦ : କୃଷ୍ଣ କୁମାର ମହାନ୍ତି

୬୦ : ରାଜେଶ ପୂଜାରୀ
ଅଭୟ ଦାସ
୬୧ : ସସ୍ମିତା ମେହେର
ନିରୁପମା ବେହେରା
୬୨ : ସବିତାରାଣୀ ବେହେରା
ଦେବାଶିଷ ଚକ୍ରବର୍ତ୍ତୀ
୬୩ : ଅଶୋକ କୁମାର ଷଡ଼ଙ୍ଗୀ
ଶୁଭଶ୍ରୀ ଦାଶ
୬୪ : ଅକ୍ଷୟ ପାଳ
ଡ. ଅନିଲ ନନ୍ଦ
୬୫ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ
୭୦ କଥା-କାହାଣୀ-୧ : ସୁଧିରାଜ ରାଉତ
୭୪ କଥା-କାହାଣୀ-୨ : ରଞ୍ଜନ କୁମାର ଦାସ
୭୯ କଥା-କାହାଣୀ-୩ : ବିରଜା ରାଉତରାୟ
୮୩ ପ୍ରସଙ୍ଗ-୮ : ବିଚିତ୍ରା ଦାଶ
୮୮ ପ୍ରସଙ୍ଗ-୯ : ଡ. ଶିଶିର କୁମାର କର
୯୩ ପ୍ରସଙ୍ଗ-୧୦ : ଡ. ହେନେରିଟା ମିଶ୍ର
୧୦୦ ପ୍ରସଙ୍ଗ-୧୧ : ଡ. ରମାକାନ୍ତ ନାୟକ
୧୦୫ ରୋଷେଇଶାଳ : ଗୀତିକା ଜ୍ୟୋତିପର୍ଣ୍ଣା ବିଶ୍ୱାଳ





ପ୍ରଚ୍ଛଦ ଭାବନା : ରବୀନ୍ଦ୍ର କୁମାର ବିଶ୍ୱାଳ
ପ୍ରଚ୍ଛଦ ମଡେଲ୍ : ଆୟାନ୍ ରାଉତରାୟ, ଭୁବନେଶ୍ୱର
ଉଚ୍ଚତା : ୫ ଫୁଟ୍ ୮ ଇଞ୍ଚ
ବୃତ୍ତି : ମଡ଼େଲିଂ
ରୁଚି : ଆଙ୍କରିଂ, ଗୀତ ଓ ନାଚ
ଶିକ୍ଷା : +୩ ବିଜ୍ଞାନ (ମନସ୍ତତ୍ତ୍ୱ), ୨ୟ ବର୍ଷ
ପ୍ରଚ୍ଛଦ ଫଟୋଗ୍ରାଫି : ଅମିତ କୁମାର ସିଂ, ଏ ୧ ଫଟୋଗ୍ରାଫି ଷ୍ଟୁଡ଼ିଓ, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ଫଟୋଶୁଟ୍ ସ୍ଥାନ : ଭୁବନେଶ୍ୱର
ସହାୟତା : ସଞ୍ଜୀୟ ମହାକୁଡ଼, ଗ୍ଲାମୋର୍ ୭୭

**ମଲାଟ କଥା :** ଜଗତର ନାଥ ଶ୍ରୀ ଜଗନ୍ନାଥ । ଓଡ଼ିଶା ତଥା ସମଗ୍ର ବିଶ୍ୱରେ ପୂଜିତ । ଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତି ଭାବେ ଜଗତି(ରତ୍ନବେଦୀ) ଉପରେ ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ସହିତ ପୂଜିତ ହୋଇଥାନ୍ତି । ଜଗନ୍ନାଥଙ୍କୁ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପୂଜା କରିବାର ଦେଖା ଯାଇଥାଏ । ସେ ହେଉଛନ୍ତି ଭକ୍ତଙ୍କ ଭଗବାନ । ଭକ୍ତଙ୍କ ଆବେଗ ସହିତ ଜଡ଼ିତ ଶ୍ରୀଜଗନ୍ନାଥ ଭକ୍ତଙ୍କ ପାଇଁ ରତ୍ନବେଦୀ ଛାଡ଼ି ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ । ଅଗଣିତ ଜନସମାଗମ ଭିତରେ ଭକ୍ତଙ୍କ ଦୁଃଖ ଶୁଣନ୍ତି ଓ ଭକ୍ତଙ୍କୁ କୃପା କରନ୍ତି । ଜଗନ୍ନାଥ ଗଣଦେବତା ଭାବରେ ପୂଜିତ ହୋଇଥାନ୍ତି । ତାଙ୍କୁ ଭକ୍ତଟିଏ ଭାବ ଅନୁସାରେ ପାଇଥାଏ । ତେଣୁ ସେ ଭାବର ଦେବତା । ତାଙ୍କ ଭକ୍ତି ଭାବରେ ତଲ୍ଲୀନ ଭକ୍ତଗଣ ତାଙ୍କୁ ନେଇ ଭାବବିହ୍ୱଳ । ଶ୍ରୀଜଗନ୍ନାଥଙ୍କ ସେଇ ଭାବମୟତା ହିଁ ଆମର ଏ ମାସର ପ୍ରଚ୍ଛଦ ।



ସମ୍ପାଦକୀୟ

# ପାରିବାରିକ ସୁଖ ଆଣେ କନ୍ୟାରତ୍ନ

ଘରେ ଝିଅଟିଏ ଜନ୍ମହେବାର ସୁଖଦ ଅନୁଭବରୁ ଆରମ୍ଭ ହୁଏ ଗୋଟେ ନାରୀର ଜୀବନ । ଆଜିର ସମୟ ନାରୀକୁ ଯଥେଷ୍ଟ ମର୍ଯ୍ୟାଦା ଦେଉଥିବାର କଥା ଆମେ ସମସ୍ତେ ଜାଣୁ । ନାରୀ ଏକଦା ଯେଉଁପରି ଭାବେ ଘରର ଚୌହଦୀ ଭିତରେ ବନ୍ଦିନୀ ହୋଇ ଜୀବନ ଅତିବାହିତ କରୁଥିଲା, ଆଜିର ସମୟ ସେ ଚିତ୍ରକୁ ଆଶ୍ଚର୍ଯ୍ୟଜନକ ଭାବେ ବଦଳାଇ ଦେଇଛି । ଗୋଟିଏ ପରିବାରରେ ଝିଅଟିଏକୁ ଶିକ୍ଷାଦୀକ୍ଷା ଓ କୁଳସଂସ୍କାର ଇତ୍ୟାଦି ଶିଖାଇ ଯେଉଁପରି ଭାବରେ ସ୍ୱଚ୍ଛନ୍ଦ ଜୀବନଯାପନର ଏକ ଚାବିକାଠି ଧରେଇ ଦିଆ ଯାଉଛି, ତାହା ଏକଦା ଥିଲା ସ୍ୱପ୍ନାତୀତ । ଝିଅକୁ ଶିକ୍ଷାଳୟ ପଠାଇବା ବା ଉଚ୍ଚଶିକ୍ଷିତ କରାଇବା କଥାଟି ସମାଜରେ ଥିଲା ନିଷିଦ୍ଧ । ଝିଅ ପାଠ ପଢ଼ିଲେ ଅବାଟକୁ ଚାଲିଯିବାର ଏକ ଅନ୍ଧ ବିଶ୍ୱାସ ଭିତରେ ସମାଜ ଚାଲୁଥିଲା । ଫକୀରମୋହନଙ୍କ 'ରେବତୀ' ଚରିତ୍ରଟି ଏ କଥାର ଏକ ବଳିଷ୍ଠ ଉଦାହରଣ । ପ୍ରେମ ତ ଦୂରର କଥା, ପାଠପଢ଼ିବା ପାଇଁ ଥିଲା ବାରଣ । ଏପରି ଏକ ସମାଜର ଚଳଣି ଓ ବିଶ୍ୱାସକୁ ଅତିକ୍ରମ କରି ଆଜିର ସମାଜ ବହୁଭାବରେ ନାରୀ- ଅନୁକୂଳ (ୱିମେନ୍-ଫ୍ରେଣ୍ଡ୍‌ଲି) ହୋଇପାରିଛି । ଏହା ନିଶ୍ଚିତ ଭାବରେ ଏକ ଶୁଭଙ୍କର ସୂଚନା ।

ପରିବାର ଭିତରେ ପୁଅଟିର ଆଗମନକୁ ଆଜି ବି ଅନେକ କ୍ଷେତ୍ରରେ ଅନେଇ ବସିଥାନ୍ତି ବାପାମାଆ । କିନ୍ତୁ ଏହାର ମାତ୍ରା ବେଶ୍ କମିଛି । ଆଜି ଏମିତି ଅନେକ ପରିବାର ଅଛନ୍ତି, ଯେଉଁଠି କେବଳ ଝିଅଟିଏର ଜନ୍ମକୁ ଉତ୍ସବ ଭାବେ ପାଳିଥାନ୍ତି ଆତ୍ମୀୟ ସ୍ୱଜନ । ପୁଅ ଓ ଝିଅ ଭିତରେ ତାରତମ୍ୟ ନଥିବା କଥା ବୁଝି ପାରିଥିବା ଆଜିର ମଣିଷ ଆଉ ଦୁଃଖୀ ହେଉନାହାନ୍ତି ଝିଅଟିଏର କୁଆଁ କୁଆଁ ଶୁଭିଲେ ଘରେ ! ବରଂ ଝିଅର ଆଗମନରେ ସେଇ ସମାନ ଆନନ୍ଦ ଲାଭ କରୁଛନ୍ତି, ଯେମିତି ପୁଅଟିଏ ଜନ୍ମ ହୋଇଥିଲେ ସେମାନେ ଆନନ୍ଦିତ ହୋଇଥାନ୍ତେ । ନାରୀ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ ବଦଳିବାର ଏହାଠୁ ବଡ଼ ଲକ୍ଷଣ ଆଉ କ'ଣ ଥାଇପାରେ !

ଜନ୍ମ ପରଠାରୁ ବିବାହଯୋଗ୍ୟା ହେବା ପର୍ଯ୍ୟନ୍ତ ଗୋଟିଏ ଝିଅ ନିଜ ବାପମାଆଙ୍କ ଘରେ ବଡ଼ ହୋଇଥାଏ । ବାପାମାଆଙ୍କ ପାଖରୁ ସେ ଶିଖିଥାଏ ଅନେକ କଥା ଯାହା ପରବର୍ତ୍ତୀ ଜୀବନରେ ତାକୁ ସହାୟ ହୁଏ । ତେବେ ବାପାମାଆଙ୍କ ପାଖରୁ ବିଦାୟ ନେଇ ସେ ଯେତେବେଳେ ଆଉ ଏକ ନୂଆ ଦୁନିଆକୁ ଯାଏ, ନୂଆକରି ଜୀବନ ଜିଇଁବାକୁ, ସେତେବେଳେ ସେ ସବୁଠୁ ବଡ଼ ପରୀକ୍ଷାରୀ ସମ୍ମୁଖୀନ ହୁଏ । ବୟସ ଗତ ଅଭିଜ୍ଞତା ବେଶି ନଥିବା ସତ୍ତ୍ୱେ ଜୀବନର ଆଉ ଏକ ଅଧ୍ୟାୟକୁ ଆପଣେଇବାର ଯେଉଁ ସାମାଜିକ ବିଧିକୁ ସେ ଗ୍ରହଣ କରି ନିଏ ବିନା ଦ୍ୱିଧାରେ, ସେ କ'ଣ ଜନାଣିଥାଏ ତା' ପାଦତଳର ମାଟି ସୁନା ପାଲଟିବ ନା କଣ୍ଟାରେ ପରିପୂର୍ଣ୍ଣ ହେବ ! ସମ୍ପୂର୍ଣ୍ଣ ଅଜ୍ଞାତ ଏକ ଦୁନିଆ ଭିତରକୁ ଅଚିରେ ପ୍ରବେଶ କରିଯିବାର ଏ ଯେଉଁ ସାହସ ଥାଏ ଝିଅଟି ଭିତରେ, ତାହାହିଁ ନାରୀର ଶକ୍ତି । ସେ ଶକ୍ତିକୁ ପାଥେୟ କରି ଜୀବନର ଏକ ମାଙ୍ଗଳିକ ଧାରାରେ ଅବତୀର୍ଣ୍ଣ ହୁଏ ସେ 'ବିବାହିତା' ରୂପରେ ।

ହଁ ବିବାହ । ନାରୀଟିଏ ପାଇଁ ସବୁଠାରୁ କଷ୍ଟକର କ୍ଷଣ ହେଉଛି ଏଇ ବିବାହ । ଆନନ୍ଦ ଗୋଟିଏ ଆଖିରେ ତ ଆର ଆଖିରେ ଲୁହ- ଏମିତି ଏକ ମୁସ୍କିଲ୍ ମୁହୂର୍ତ୍ତକୁ ସାମ୍ନା କରୁଥାଏ ପ୍ରତିଟି ବିବାହ-ବୟସ୍କା ଝିଅ । ଅନ୍ଧାରରେ ବାଡ଼ି ବୁଲାଇବା ସଦୃଶ ଏ ଏକ ବିଚିତ୍ର ଖେଳ । ଅଥଚ ଅନିବାର୍ଯ୍ୟ, ବିବାହ ପରି ଏକ ପବିତ୍ର ବନ୍ଧନରେ ଆବଦ୍ଧ ହୋଇ ବଂଶରକ୍ଷାର ଯେଉଁ ସୂତ୍ରଟିକୁ ନାରୀ ଅବିଚ୍ଛିନ୍ନ କରି ରଖେ, ସେଥିପାଇଁ ଅନେକ ତ୍ୟାଗ, ଅନେକ କଷଣ, ଅନେକ ଯାତନା ସହିବାକୁ ସେ ପଣ କରି ସାରିଥାଏ । ବନ୍ଧନ ସବୁବେଳେ ମଧୁର ହୁଏନା । ବନ୍ଧନ ବେଳେ ବେଳେ ଜୀବନକୁ ନାରଖାର କରିଦିଏ । ଏପରି ଏକ ଚ୍ୟାଲେଞ୍ଜ୍‌କୁ ନିର୍ଦ୍ଦ୍ୱନ୍ଦ୍ୱରେ ଗ୍ରହଣ କରୁଥିବା ନାରୀଟିଏ ପ୍ରତି ସମାଜର କୋମଳ ଭାବ ହିଁ ଏକମାତ୍ର ସମାଧାନ ।

ଏବେ ଯଦିଓ ସମୟ ବଦଳିଛି । ଝିଅଟିଏ ସେସବୁ କାମ କରିପାରୁଛି, ଯେଉଁସବୁ କାମ ଦିନେ କେବଳ ପୁଅମାନେ ହିଁ କରୁଥିଲେ । ଆଜିର ସମୟ ଝିଅ ଓ ପୁଅର ବିଭେଦକୁ ଏକାକାର କରିଦେଇଛି । କେବଳ ଶାରୀରିକ ଗଠନ ବ୍ୟତୀତ ଝିଅମାନେ ଆଜି ଆଉ କୌଣସି କାମରେ ପଛରେ ନାହାନ୍ତି । ଶିକ୍ଷାଦୀକ୍ଷାରେ ଯଥେଷ୍ଟ ଆଗକୁ ଯା ଇପାରିଥିବା ଆମର ଝିଅମାନେ ଆଜି ସେମାନଙ୍କ ନିଜସ୍ୱ ସ୍ୱପ୍ନ, ଆକାଂକ୍ଷା, ଇଚ୍ଛା ଅନିଚ୍ଛା ଭିତରେ ବେଫିକର୍ ଚଳପ୍ରଚଳ ହୋଇପାରୁଛନ୍ତି । ପ୍ରଥମତଃ, ଏ ଦିଗରେ ସେମାନଙ୍କୁ ଏକ ପାରିବାରିକ ସମର୍ଥନ ଓ ସହାନୁଭୂତି ମିଳୁଛି । ଦ୍ୱିତୀୟରେ ଆଜିର ସମାଜ ମଧ୍ୟ ଝିଅଟିଏକୁ ସବୁସ୍ତରରେ ସଫଳ ଦେଖିବା ପାଇଁ ନିଜକୁ ପ୍ରସ୍ତୁତ କରିସାରିଛି । ହଁ, କେଉଁଠି କେଉଁଠି ତ ଏହାର ବ୍ୟତିକ୍ରମ ଥିବ । କିନ୍ତୁ ତାହାର ମାତ୍ରା ସେତେ ବେଶି ନୁହଁ । ଯାହା ଏକଦା ଥିଲା । ଆମକୁ ସକାରାତ୍ମକ ଭାବନାରେ ଏସବୁକୁ ଗ୍ରହଣ କରିବାକୁ ହେବ । ସମାଜର ଭାବନା ହିଁ ଏହାଦ୍ୱାରା ବଦଳିବ ।

ବିବାହ ଭଳି ଏକ ସାମାଜିକ ଦାୟିତ୍ୱବୋଧକୁ ମୁଣ୍ଡକୁ ନେବାବେଳେ ପ୍ରତିଟି ଝିଅର ମନରେ ଥାଏ କିନ୍ତୁ ଅସୁମାରୀ ସ୍ୱପ୍ନ ଓ ଆକାଂକ୍ଷା । ଯେହେତୁ ଝିଅଟିଏ ବାପାମାଆଙ୍କ ଘରେ ଏକ ସ୍ୱଚ୍ଛନ୍ଦ ଓ ମୁକ୍ତ ଜୀବନ ଅତିବାହିତ କରୁଥାଏ, ତା'ର ପ୍ରତିଟି ଅଳିଅର୍ଦ୍ଦଳିକୁ ବାପାମାଆ, ସ୍ଥଳ ବିଶେଷରେ ଭାଇଟିଏ କି ଭଉଣୀଟିଏ ପୂରଣ କରିଦିଅନ୍ତି, ସୁତରାଂ ବିବାହ ପରେ ଏକ ଯୁଗ୍ମ ଜୀବନରେ ପାଦ ଦେବାବେଳେ ଏସବୁର ଏପାଖସେପାଖ ହେବା କିଛି ବିଚିତ୍ର କଥା ନୁହଁ । କିନ୍ତୁ ଏ ଦିଗରେ ଆମେ ଯଦି ସାମାନ୍ୟ କୋହଳ ଓ ଉଦାର ହେଇପାରନ୍ତେ, ତେବେ ଝିଅଟିଏ ବିବାହ ପରେ ଭୋଗୁଥିବା କଷ୍ଟ ଲାଘବ ହୁଅନ୍ତା । ଏକାକୀ ଜୀବନରୁ ଜୀବନ ସାଥୀ ଭାବେ ଜଣେ ପୁଅକୁ ଗ୍ରହଣ କରି ଏକ ନୂଆ ଯୁଗଳ ଜୀବନ ଆରମ୍ଭ କରୁଥିବା ଝିଅଟିଏ ସାମ୍ନାରେ ସେତେବେଳେ ଅନେକ ପ୍ରଶ୍ନବାଚୀ ଥାଏ । ଏସବୁକୁ ସେଇ ଘରର ମଣିଷମାନେ, ଯେଉଁ ଘରକୁ ସେ କୁଳବଧୂ ରୂପେ ଯାଇଥାଏ, ସେମାନେ ନଜରଅନ୍ଦାଜ୍ କରିବା ଅନୁଚିତ । ଭାଗୀଦାରୀ ଜୀବନର ସୂତ୍ର ଜଣାନଥିବା ଜଣେ ଝିଅ କେବଳ ବୋହୂ ହୋଇଗଲେ ସବୁ ଜାଣି ଯାଏନି । ଆମକୁ ଶିଖାଇବାକୁ ପଡ଼ିବ ତା' ହାତ ଧରି, ଯେପରି ତା' ବାପା ମାଆ, ଭାଇ ଭଉଣୀ ଶିଖାଇଥିଲେ ତାକୁ ଚାଲିବା । ଏ ଏକ ବୁଝାମଣାର କଥା । ଏଥିରେ ଆମ ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଆସନ୍ତୁ ଆମ ସମାଜର ପ୍ରତିଟି ମଣିଷ ଏ କନ୍ୟାଙ୍କୁ 'ରତ୍ନ' ପରି ଭଲପାଇବା । କନ୍ୟାରତ୍ନର ଆଗମନରେ ଆମେ ଉତ୍ସବମୁଖର ହେବା ସହ ସେଇ କନ୍ୟାଟି ମୁହଁରେ ହସ ଓ ଖୁସିର ଫୁଲଟିଏ ଫୁଟାଇ ପାରିଲେ ଆମେ ଉତ୍ତମ ସମାଜର ପ୍ରକୃତ ଦାୟାଦ ବୋଲି ଗର୍ବ କରିପାରିବା ।

**ସମ୍ପାଦିକା**









## କବିତା ସବୁ ବହୁତ ଭଲ ଲାଗୁଛି

● ଆଜି 'ରେବତୀ' ପହଞ୍ଚିଲା । ଖରାଛୁଟି ପାଇଁ ଘର ଠିକଣାରେ ପଠାଇ ଥିବାରୁ ବଂଧୁ କୃଷ୍ଣ କୁମାର ମହାନ୍ତିଙ୍କୁ ବହୁତ ଧନ୍ୟବାଦ । ଛୁଟି ଅଛି, ତେଣୁ ସକାଳେ ପାଉ ପାଉ ପଢିବା ଆରମ୍ଭ କରିଦେଲି । ପ୍ରଥମେ କବିତା ପଢିବା ମୋର ପୁରୁଣା ଅଭ୍ୟାସ । ଅପର୍ଣ୍ଣା ମହାନ୍ତି ଅପାଙ୍କର କବିତାର ଶେଷ ଦୁଇ ଧାଡି: "ଏତିକି ତାହେଲେ କଣ ସବୁ, ପାଇବା, ହରାଇବାର ଶେଷ କଥା.. ।" ଆହା ! ମୋ ଆଖିରେ ଲୁହ ଆସିଗଲା । "ତମ ତମାମ୍ ଶରୀରର ମୋର ସବୁଠୁ ପ୍ରିୟ ତୁମ ପାଦ ।" ବାଦଲ୍ ମହାନ୍ତିଙ୍କ କବିତା 'ପରପୁରୁଷ' ଖୁବ୍ ଭଲ ଲାଗିଲା । ଭଲ ଲାଗିଲା ପିନାକୀ ମିଶ୍ରଙ୍କ କବିତା, 'ମେହେନତୀ' । ଅଜୟ ପ୍ରଧାନଙ୍କର କବିତା 'ମଧ୍ୟସ୍ଥ' ଚମତ୍କାର । 'ସେ ଯେତେବେଳେ....ମୁଁ ଶୁଣିଲି କବିତା ।' ବହୁତ ଭଲ ଲାଗୁଛି କବିତା ସବୁ । ପୁରା ପଢିନି । ପଢି ସାରିଲେ ପୁଣି ଥରେ । ସମସ୍ତଙ୍କୁ ପ୍ରଣାମ ।

**ହିରଣ୍ମୟୀ ମିଶ୍ର,** ଭୁବନେଶ୍ୱର

## ଏକ ସ୍ୱୟଂସମ୍ପୂର୍ଣ୍ଣ ପତ୍ରିକା 'ରେବତୀ'

● ମଇ ମାସର 'ରେବତୀ'ର ବିଷୟରେ ଚୁମ୍ବକରେ ଏତିକି କହିବି, ସମ୍ପାଦିକା ମହାଶୟାଙ୍କ 'ସୁସ୍ଥ ପରିବାର ଗଠନ ହିଁ ସୁସ୍ଥ ସମାଜର ମନ୍ତ୍ର' ବଳିଷ୍ଠ ଲେଖାଟି ବିଶେଷ ଭଲ ଲାଗିଲା । ୧ରୁ ୫୧ ପୃଷ୍ଠାରେ ପ୍ରିୟ ସାହିତ୍ୟ ମଣିଷ ଅରୁଣ ଖିଲାରଙ୍କ ପରିଚୟ ନେଇ ପ୍ରସ୍ତୁତ ଆଲେଖରୁ ଅନେକ କିଛି ଜାଣିବା ହେଲା, ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ୍ରା, ବୃନ୍ଦାବନର ନିଧିବନ, ଓଡ଼ିଶୀ ନୃତ୍ୟ ଏକ ପର୍ଯ୍ୟାଲୋଚନା, ଟଙ୍କିକିଆ ମଣିଷ ଆଦି ଚମତ୍କାର ଲେଖା, ପଣାର ବିଶେଷତା ସହିତ ସର୍ବୋପରି ଓଡ଼ିଶା ସାହିତ୍ୟ ସଂସ୍କୃତି ସଂପକରେ ବହୁତ କିଛି ଜାଣିବାର ହେଲା । ପର୍ଯ୍ୟଟନ ଓ ଭ୍ରମଣ କାହାଣୀର ରଚନା ବି ଅତୁଳନୀୟ । ସରୋଜିନୀ ମାମ୍ ଓ ସୁଷମା ମାମ୍‌ଙ୍କ ସଜନାରେ ଭ୍ରମଣର ବାସ୍ତବିକ ପୂର୍ଣ୍ଣତା ଆଣିଛନ୍ତି । ୫୧ର ପର ପୃଷ୍ଠାରେ କାହାଣୀ ଓ କବିତା ସ୍ୱତନ୍ତ୍ର ଶୈଳୀର ଉଚ୍ଚକୋଟୀର ଭାଷାରେ ରୂପାୟିତ । ବହୁତ ଭଲ ଲାଗିଲା । ଶ୍ୱେତାମାମଙ୍କ ସ୍ଥଳପଦ୍ମର ଇତିହାସ .. ଅନେକ ପଦ୍ମ ସହିତ ପରିଚିତ ହୋଇପାରିଲା, ସ୍ମୃତିର ପ୍ରଜ୍ଞାପୀଠରେ ସ୍ୱନାମଧନ୍ୟ ଲେଖିକା ଜୟନ୍ତୀ ରଥ, ଆତ୍ମଜୀବନୀ ମୂଳକ ଆଲେଖିକା ଗୋପବନ୍ଧୁଙ୍କ ଜୀବନୀକୁ ନେଇ ଆବେଗମୟ ଲେଖା ହୃଦୟକୁ ଛୁଇଁଲା । ରୋଷେଇ ଶାଳ, ସୌନ୍ଦର୍ଯ୍ୟ ଚର୍ଚ୍ଚା ଠିକ୍ ଅଛି । କୃଷ୍ଣ ସାର୍‌ଙ୍କ 'ସାହିତ୍ୟିକର ସ୍ୱଧର୍ମ' ଏକ ସୁନ୍ଦର ସ୍ୱଚ୍ଛ ନିଚ୍ଛକ ଲେଖା । ଧନ୍ୟବାଦ ସାର୍ ।

**ଗାୟତ୍ରୀ ବେହେରା,** ପଶ୍ଚିମବଙ୍ଗ

## ଗତାନୁଗତିକତା ପରିହାର କରି 'ରେବତୀ' ନୂଆପଣରେ ଝଲସୁ

● ପ୍ରଜ୍ଞାଦୀପ୍ତ ସାହିତ୍ୟିକ ତଥା ମାସିକ ଫିଚର୍ ଭିତ୍ତିକ ପତ୍ରିକା 'ରେବତୀ'ର ସହଯୋଗୀ ସମ୍ପାଦକ ଶ୍ରୀ କୃଷ୍ଣକୁମାର ମହାନ୍ତିଙ୍କ ସୌଜନ୍ୟରୁ ଚଳିତ ସଂଖ୍ୟା ଗତକାଲି ପ୍ରାପ୍ତ ହୋଇଛି । ଏହାର ପ୍ରଚ୍ଛଦପଟ, ଅଙ୍ଗସଜ୍ଜା, ଛବି, କାଗଜ, ଅଳଙ୍କରଣ ତଥା ଲେଖକମାନଙ୍କ ଫଟୋଚିତ୍ରର ଅପୂର୍ବ ସମୀକରଣ ବାସ୍ତବରେ ଦେଖିଲା ଭଳି ହୋଇଛି । ଆମ ମାଟିର ସ୍ୱର ଯେ ସ୍ୱତନ୍ତ୍ର ଏହା ପଠନପ୍ରମେୟ । ଖୁବ୍ ଚିନ୍ତାପ୍ରସୂତ ସମ୍ପାଦକୀୟ : ପରିବାରରେ ନାରୀର ପରିଚୟ । ଏହାର ସୁଯୋଗ୍ୟା ସମ୍ପାଦିକା ମାଡ଼ାମ ସୁବାସିନୀ ଜେନା ନାରୀର ସକଳ ବିଭବ, ଅଭାବ ଓ ଅସହାୟ ଭାବକୁ ନିଖୁଣ ଭାବରେ ଚିତ୍ରାୟିତ କରିଛନ୍ତି ଶବ୍ଦକଳ୍ପରେ । ରଜପର୍ବ ଆଧାରରେ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ପ୍ରସ୍ତୁତ ଆଲେଖ୍ୟଟି ମଧ୍ୟ ତଥ୍ୟ ଓ ମନସ୍ତତ୍ତ୍ୱ ସମ୍ବଳିତ ଆମ ମାଟିର ଦଲିଲ । ସୁସାହିତ୍ୟିକ ସୌଭାଗ୍ୟବନ୍ତ ମହାରଣାଙ୍କ ସର୍ଜନ ସଙ୍ଖୋଳିବାର ଶବ୍ଦଲିପି:ବିଦ୍ରୋହର ବିଭୂତି ବସନ୍ତ ମୁଦୁଲି । କବି ଶ୍ରୀ ମୁଦୁଲିଙ୍କ ନାନାବିଧ ସର୍ଜନ ସମ୍ଭାରର ଏହି ଗୁଣାତ୍ମକ ତଥା ବିବରଣାତ୍ମକ ଆଲେଖ୍ୟଟି ଯେ ପାଠକମାନଙ୍କର ସ୍ରଷ୍ଟାଜିଜ୍ଞାସାକୁ ପରିପୂରଣ କରିବାରେ ଯଥେଷ୍ଟ ସହାୟକ ହେବ- ଏଥିରେ କୌଣସି ଦ୍ୱିମତ ନାହିଁ । ପ୍ରଫେସର ଦାଶରଥି ଭୂୟାଁଙ୍କର ଆଲେଖ୍ୟ 'ସୀମାନ୍ତର ଶେଷ ଗାଁ'ନାଗାଲାଣ୍ଡର ଗୋଟିଏ ନିର୍ଦ୍ଦିଷ୍ଟ ଜନଜାତିର ବୃତ୍ତି, ପ୍ରବୃତ୍ତି ଓ ଚାଲିଚଳନ ଇତ୍ୟାଦିର ବହୁବିଧ ଦିଗକୁ ଆଲୋକପାତ କରିପାରିଛି । ନାରାୟଣ ରାଉତରାୟଙ୍କର 'ହୀରକ ତ୍ରିଭୁଜର ତପୋଭୂମି' ଓଡ଼ିଶାର ତିନୋଟି ପ୍ରମୁଖ ବୌଦ୍ଧପୀଠ ରତ୍ନଗିରି, ଉଦୟଗିରି ଓ ଲଳିତଗିରିର କୀର୍ତ୍ତିରାଜି ସମ୍ପର୍କରେ ସଚିତ୍ର ବିବରଣୀ ପ୍ରଦାନ କରିବାରେ ସମର୍ଥ ହୋଇପାରିଛି । ଶୁଭଶ୍ରୀ ଶୁଭସ୍ମିତାଙ୍କ ଐତିହ୍ୟଭିତ୍ତିକ ଭ୍ରମଣକାହାଣୀ 'ଚାରୋଟି ମନ୍ଦିରର ଇତିକଥା' ସୁଖପାଠ୍ୟ ହୋଇପାରିଛି । ରେବା ପଟ୍ଟନାୟକଙ୍କ 'ବିଦେଶରେ ହିନ୍ଦୁତ୍ୱର ବୌଦ୍ଧିକ ଅନୁଭବ' କାମ୍ବୋଡିଆର ଏକ ସହରରେ ଥିବା ହିନ୍ଦୁ ଦେବାଦେବୀଙ୍କ ମନ୍ଦିର ଉପରେ ଏକ ମନ୍ମୟ ଆଲେଖ୍ୟ । କବିତା ବିଭାଗର ପ୍ରତିଟି କବିତାର ଗଢ଼ଣ ଭିନ୍ନ ଏବଂ ସେ ସବୁରେ ଅତୀତ ପ୍ରବଣତା, ସ୍ମୃତିସଜଳତା, ମେହନତୀ ମଣିଷର ଦୁଃଖ, ସ୍ୱପ୍ନଭଙ୍ଗ, ଜୀବନର ଅସାରତା ଓ ବିଭୁ ପ୍ରଚୋଦନା ଆଦି ଫୁଟି ଉଠିଛି । ଦିବଂଗତ ବିଶିଷ୍ଟ କବି ସୁନୀଲ ପୃଷ୍ଟିଙ୍କ ପ୍ରତି ଏହି ସଂଖ୍ୟାରେ ରହିଛି ଶ୍ରଦ୍ଧାଞ୍ଜଳି ଭିତ୍ତିକ ଦୁଇଟି ଉପସ୍ଥାପନା । ବେଶି ଛୁଇଁଛି କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' 'ସାହିତ୍ୟରେ ଶୂନ୍ୟସ୍ଥାନ' । କବି ଶ୍ରୀ ପୃଷ୍ଟି ଶ୍ରୀ ମହାନ୍ତିଙ୍କର ଅନ୍ତରଙ୍ଗ ଶୋକବାର୍ତ୍ତା ମଧ୍ୟରେ ଯେ ସାଯୁଜ୍ୟ ମୁକ୍ତି ପ୍ରାପ୍ତ ହେବେ ଏକଥା ସ୍ୱୟଂ ପାଠକ ଈଶ୍ୱରଟିଏ ଆକଳନ କରି ପାରିବ । 'ରେବତୀ'ର ସଂକଳ୍ପ ସିଦ୍ଧ ହେଉ । ଗତାନୁଗତିକତା ପରିହାର କରି ଏହା ଏମିତି ନୂଆପଣରେ ଝଳି ଉଠୁ, ଏତିକି ମୋ ଇତିକଥା ।

**ଗୋପାଳକୃଷ୍ଣ ଆଚାର୍ଯ୍ୟ,** ଭୁବନେଶ୍ୱର

## ବଧାଇ, ଦୁଇ ଗାଳ୍ପିକ ମହାଶୟଙ୍କୁ- ଚିତ୍ତରଞ୍ଜନ ଚିରଞ୍ଜିତ, ସରୋଜ ଦାସଙ୍କୁ

● ଏପ୍ରିଲ ସଂଖ୍ୟାରେ ପଢିଥିଲି ଡକ୍ଟର ରାମଚନ୍ଦ୍ର ବେହେରାଙ୍କ ଆଲେଖ୍ୟ । ସାର୍ ଯାହା ଲେଖନ୍ତି ତାହା ଗପଟିଏ ହେଇଯାଏ । ଯାହାକୁ ପାଠକ ପଢୁଥାଏ, ପଢି ଚାଲିଥାଏ । କେମିତି ବାଗରେ ସେ ଶବ୍ଦ ସବୁ ସଜେଇ ହୋଇ ରହିଥାନ୍ତି ସେ 'ଗଢ଼ିବାର କୌଶଳ'( ସାର୍‌ଙ୍କ ଗୋଟିଏ ଗପ ଅଛି ଏଇ ନାଁରେ ) ସ୍ୱତନ୍ତ୍ର, 'ରାମଚନ୍ଦ୍ରୀୟ ଶବ୍ଦକଳା' କୁହା ଯାଇପାରେ ତାକୁ । ପ୍ରଣାମ ସାର୍‌ଙ୍କୁ । ମେ' ସଂଖ୍ୟାର 'ଶେଷପୃଷ୍ଠା'ରୁ ଆରମ୍ଭ କରୁଛି । କବି-ସମ୍ପାଦକ ପୁଣି ଥରେ ଚେତେଇ ଦେଇଛନ୍ତି – 'ନକଲି ପ୍ରତି ସାବଧାନ', ସାହିତ୍ୟ ଜଗତରେ ବି । ଦୁଇଟି ଭଲ ଗପ । ବଧାଇ, ଦୁଇ ଗାଳ୍ପିକ ମହାଶୟଙ୍କୁ- ଚିତ୍ତରଞ୍ଜନ ଚିରଞ୍ଜିତ, ସରୋଜ ଦାସଙ୍କୁ । ଗପ ସଂଖ୍ୟାରେ କିଛି ବୃଦ୍ଧି କରାଯାଇ ପାରନ୍ତା କି ? କବି କୃଷ୍ଣ କୁମାରଙ୍କ କବିତା ଚୟନ ଓ କବିତା ସମ୍ବନ୍ଧୀୟ ଆଲୋଚନା ଉପରେ କଣ ଆଉ ଅଧିକ କହିହେବ ? 'ଆଦମପୁରର ଆକାଶ'– ସାଧାରଣରେ ଅନାଲୋଚିତ ଏଭଳି ସାହିତ୍ୟମନସ୍କ ବ୍ୟକ୍ତିତ୍ୱମାନଙ୍କୁ ଲୋକଲୋଚନକୁ ଆଣିଛନ୍ତି । ଚନ୍ଦନ ଯାତ୍ରା, ବୃନ୍ଦାବନ, ଓଡିଶୀ ନୃତ୍ୟ, ପଣା, ପଦ୍ମକୁ ନେଇ ଫିଚର୍‌ଗୁଡିକ ବେଶ ତଥ୍ୟଭିତ୍ତିକ ଏବଂ ରୋଚକ । ଏଇ ସବୁ ତ ଆମ ସଂସ୍କୃତିର ବିଭବ । ସୁଷମା ପରିଜା ମ୍ୟାଡ଼ାମଙ୍କ ବିଦେଶ–ପର୍ଯ୍ୟଟନ କାହାଣୀ ଅମୋଦିତ କରିବା ସହ ପ୍ରସାରିତ କରେ ଆମ ସାଧାରଣ ଜ୍ଞାନର ପରିସୀମା । ପ୍ରଭୁକୃପାର ନଥାଏ ଭୌଗୋଳିକ ସୀମା – ଡ. ସରୋଜିନୀ ଷଡ଼ଙ୍ଗୀଙ୍କ ଆନ୍ତରିକ ନିବେଦନ ଏହାର ସ୍ପଷ୍ଟ ପରିଚାୟକ । 'ଦାସେ ଆପଣେ' ହେବାକୁ ଯାଉଛି ଏକ ସାର୍ଥକ ଉପନ୍ୟାସ । ମ୍ୟାଡ଼ାମ ଜୟନ୍ତୀ ରଥଙ୍କ ଧାରାବାହିକ ଲେଖା, ସ୍ୱାସ୍ଥ୍ୟ, ରୋଷେଇ ଆଦି ନିୟମିତ ବିଭାଗର ଆବେଦନ ତ ସର୍ବକାଳୀନ । ସବୁ ନାଁ ନେଇପାରୁନି କିନ୍ତୁ ସମସ୍ତ ଲେଖକଙ୍କୁ ଅଭିନନ୍ଦନ ।

**ଘନବିହାରୀ ମହାରଣା,** ବିଶ୍ୱନାଥ ଏନକ୍ଲେଭ, ପଟିଆ, ଭୁବନେଶ୍ୱର, ଫୋନ: ୯୪୩୭୩୦୪୫୦୩



ଶ୍ରଦ୍ଧା ପବ୍ଲିକେଶନ
ଆମର କେତୋଟି ଲୋକପ୍ରିୟ ପୁସ୍ତକ : ସାରା ଭାରତରେ ଆଦୃତ
ନବୀନ ପଟ୍ଟନାୟକ
ରୁବେନ୍ ବାନାର୍ଜୀ
ନାଦବିନ୍ଦୁ
ଶଙ୍କର ତ୍ରିପାଠୀ
ଶ୍ରୀ ପୁରୁଷୋତ୍ତମ
ଶଙ୍କର ତ୍ରିପାଠୀ
ବେପରୁଆ ବାଦଶାହ
ସମରେନ୍ଦ୍ରନାଥ ମହାପାତ୍ର
ଓଡ଼ିଆ ମାତ୍ରା ଓ ଫଳା
ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀ
ଆମ ସ୍ୱାସ୍ଥ୍ୟ ଆମ ସମ୍ପଦ
ରଜନୀକାନ୍ତ ମହାନ୍ତି
ପ୍ରତିସ୍ପର୍ଦ୍ଧା
ଶଙ୍କର ତ୍ରିପାଠୀ
ପରିଚିତ ପ୍ରସଙ୍ଗ
ପ୍ରାଚୀଶା ଆଚାର୍ଯ୍ୟ
ଭବନାଥରୁ ଦେବନାଥ
ଅସିତ ମହାନ୍ତି
ଟଙ୍କିକିଆ ମଣିଷ
ସମରେନ୍ଦ୍ରନାଥ ମହାପାତ୍ର
ଜାଲ
ସ୍ୱପ୍ନା ମିଶ୍ର
ହାଏ ଆମେରିକା
ବୀଣା ମହାପାତ୍ର
Available at A.K. Mishra Store, Cuttack
ସହଦେବଖୁଣ୍ଟା, ବାଲେଶ୍ୱର ।। ଏଫ୍-୩୧, ସେକ୍ଟର-୬, ସିଡିଏ, କଟକ
ଭ୍ରାମ୍ୟଭାଷ: ୯୪୩୯୨୯୧୨୭୭, ୭୦୦୮୩୩୦୭୪୫, ୯୩୩୭୮୩୭୭୬୭

## ସୌଭାଗ୍ୟବନ୍ତ ମହାରଣାଙ୍କ 'ବିଦ୍ରୋହର ବିଭୂତି' ଭଲ ଲାଗିଲା

● 'ରେବତୀ ଆମ ମାଟିର ସ୍ୱର'ର ଜୁନ ସଂଖ୍ୟା ପଢ଼ିଲି । ଧାରାବାହିକ କାବ୍ୟରୁ ସମକାଳ କବିତା ପର୍ଯ୍ୟନ୍ତ ଏକକୁ ଆରେକ ଭଲ । 'ବିଦୀର୍ଣ୍ଣ ବସନ୍ତ' ଓ 'ହାଟ' ଗଳ୍ପ ଦୁଇଟି ଭଲ ଲାଗିଲା । ସୁସାହିତ୍ୟିକ ଶ୍ରୀ ସୌଭାଗ୍ୟବନ୍ତ ମହାରଣାଙ୍କ ମାର୍ମିକ ଆଲେଖ୍ୟ 'ବିଦ୍ରୋହର ବିଭୂତି ବସନ୍ତ ମୁଦୁଲି' ଏକ ଅନନ୍ୟ ଉପସ୍ଥାପନା । ସ୍ମୃତି ରୋମନ୍ଥନରେ ରାମପ୍ରସାଦ ପଢି ମୁଗ୍ଧ ହେଲି । ପର୍ବପର୍ବାଣି ଓ ପର୍ଯ୍ୟଟନ ବିଭାଗର ଲେଖା ସୁଖପାଠ୍ୟ । ଭ୍ରମଣ କାହାଣୀ 'ସୀମାନ୍ତର ଶେଷ ଗାଁ'ର ରୋଚକ ତଥ୍ୟ ବହୁତ ରୋମାଞ୍ଚକାରୀ । ମନ୍ଦିରର ମୁଖଶାଳା ପରି ସମାଜର ମୁଖଶାଳା ହେଉଛି ନାରୀର ପରିଚୟ - ସମ୍ପାଦକୀୟ ପୃଷ୍ଠାର ଏ ଗମ୍ଭୀର କଥାଟି ଭାବଉଦ୍ରେକକାରୀ । 'ଶେଷପୃଷ୍ଠା'ରେ କବି ସୁନୀଲ ପୃଷ୍ଟିଙ୍କୁ ସମର୍ପିତ 'ସାହିତ୍ୟରେ ଶୂନ୍ୟସ୍ଥାନ' ଲେଖାଟି ପଢିବା ବେଳେ ସଜଳ ଆଖିରେ ଭାସି ଆସିଲା 'ସଚିତ୍ର ବିଜୟା'ର ତାଙ୍କ ବଳିଷ୍ଠ ଓ ମନଲୋଭା ସମ୍ପାଦକୀୟ ପୃଷ୍ଠାରୁ କିଛି । 'ରେବତୀ 'ର ଜଣେ ପୁରୁଣା ପାଠିକା କିନ୍ତୁ ପାଠକୀୟ ମତ ଏହା ପ୍ରଥମ । 'ରେବତୀ'ଏମିତି ମନର କଥା କହି ବାଟ କଢ଼ାଉ ଥାଉ ଆଗାମୀଦିନର ଶବ୍ଦ-ଶିଳ୍ପୀମାନଙ୍କୁ ।

**ରାଜଲକ୍ଷ୍ମୀ ତ୍ରିପାଠୀ,** ପୁରୀ

## ସୁନୀଲଙ୍କ ବ୍ୟକ୍ତିଗତ ଜୀବନ ଯାତ୍ରାର କାହାଣୀ ପ୍ରସ୍ତୁତ କରାଯାଉ

● 'ରେବତୀ'ର ସବୁ ସଂଖ୍ୟା ପରି ଜୁନ୍‌ର ରଜ ସଂଖ୍ୟାଟି ବେଶ୍ ଆକର୍ଷଣୀୟ ହୋଇଛି । ଏ ସଂଖ୍ୟାରେ ମୋ ପାଇଁ ଆକର୍ଷଣ ହୋଇଛି- 'ଶେଷପୃଷ୍ଠା'ର 'ସାହିତ୍ୟରେ ଶୂନ୍ୟସ୍ଥାନ' ଏବଂ ସୁଶାନ୍ତଙ୍କ ଆଲେଖ୍ୟ 'ଅଙ୍ଗାର ହେବେ ନାହିଁ କବି ସୁନୀଲ' । ଦୁଇଟି ଯାକ ଲେଖା ଅନନ୍ୟ କବି ତଥା ସମ୍ପାଦକ ସୁନୀଲ ପୃଷ୍ଟିଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି । ସମ୍ପୃକ୍ତ ଦୁଇ ଆଲୋଚକଙ୍କ ସହିତ ସୁନୀଲଙ୍କ ବ୍ୟକ୍ତିଗତ ସମ୍ପର୍କ ଥିବାରୁ ଲେଖା ଦୁଇଟି ଆବେଗଭରା ଓ ମର୍ମସ୍ପର୍ଶୀ ହୋଇପାରିଛି ।

ସମସ୍ତ ଓଡ଼ିଆ ପାଠକଙ୍କ ହୃଦୟରେ ସୁନୀଲ ଲୁହ ବିନ୍ଦୁଟିଏ ହୋଇ ରହିଗଲେ । ସୁନୀଲ ପୃଷ୍ଟି ଓଡ଼ିଆ ସାହିତ୍ୟ ପତ୍ରିକା ସମ୍ପାଦନା କ୍ଷେତ୍ରରେ ବିସ୍ମୟ ସୃଷ୍ଟି କରିଥିଲେ । ତିରୋଧାନ ପରେ ପ୍ରାୟ ସମସ୍ତେ ତାଙ୍କ ପତ୍ରିକା ସମ୍ପାଦନର କି ମମତ୍ୱ କବିତା କ୍ଷେତ୍ରରେ ନୂତନତ୍ୱ ଏବଂ ଏଥିସହିତ ତାଙ୍କ ବ୍ୟକ୍ତିଗତ ଜୀବନ ଯାତ୍ରାର କାହାଣୀ ସମ୍ପର୍କରେ ଜାଣିବାକୁ ଆଗ୍ରହୀ । ଏଥିପାଇଁ ଗୋଟିଏ ଆଲେଖ୍ୟ ପ୍ରସ୍ତୁତ କରାଯାଇ ପାରିଲେ ଭଲ ହୁଅନ୍ତା ।

**ରବି ସ୍ୱାଇଁ,** ଭୁବନେଶ୍ୱର, ଫୋନ: ୯୪୩୭୯୨୭୨୬

**ଆମ ଉତ୍ତର :** କବି ସୁନୀଲ ପୃଷ୍ଟିଙ୍କ ସୃଜନ ଜୀବନ ଓ ବ୍ୟକ୍ତିଗତ ଜୀବନକୁ ନେଇ ଏକ ଜୀବନାଲେଖ୍ୟ ଛାପିବାର ଆଗ୍ରହ ଅଛି । କେହି ଲେଖିଦେଲେ କୃତଜ୍ଞ ରହିବୁ । ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

## ନୂଆ ଲେଖକଲେଖିକାଙ୍କ ପାଇଁ 'ରେବତୀ' ଆଶାବାଡ଼ି

● 'ରେବତୀ' ନାଁରୁ ହିଁ ବୁଝିହୁଏ ଆଉ ଜାଣିହୁଏ, ଓଡିଶା ଆଉ ଓଡ଼ିଆ ଜାତିର ଭାଷା ସାହିତ୍ୟ, ସଂସ୍କୃତି, ସଂସ୍କାର ସତରେ କେତେ ମହାନ୍ । ଆଜି 'ରେବତୀ' ଘରେ ଘରେ ନାଁ କରିଥିବା ସମସ୍ତଙ୍କର ପ୍ରିୟ ପତ୍ରିକାଟିଏ ପାଲଟିଛି । ଏହି ସଫଳତା ପଛରେ ନିଶ୍ଚିତ ରହିଛି ପାଠକ/ପାଠିକାମାନଙ୍କର ସ୍ନେହ ଆଉ ଆଦର । ମୁଁ ଏହି ପତ୍ରିକାରେ ହିଁ ଦେଖିଲି, ଆଉ ଜାଣିଲି, ସମ୍ପାଦକ ମହାଶୟଙ୍କ ଆଜିର ନୂଆ କବି/ ଲେଖକଙ୍କ ଉପରେ ରହିଛି ଶ୍ରଦ୍ଧା ଆଉ ଅଖଣ୍ଡ ବିଶ୍ୱାସ । ଯାହାକୁ ପାଥେୟ କରି ସେହି ନୂଆ ଲେଖକ ଆଉ କବି ମାନେ ପ୍ରେରଣା ପାଇଥାନ୍ତି ଲେଖିବାକୁ ଆଉ ପଢିବାକୁ ଏବଂ ଆଗକୁ ବଢିବାକୁ । ମୋର କବିତାଟି ଏଥିରେ ସ୍ଥାନ ଦେଇ ମୋତେ କୃତାର୍ଥ କରିଥିବାରୁ, 'ରେବତୀ' ପରିବାରକୁ ଆନ୍ତରିକ କୃତଜ୍ଞତା ଜଣାଉଛି ।

**ରଶ୍ମିରେଖା ବେହେରା,** ପାରାଦ୍ୱୀପ



ନେପାଳୀ ଶିଶୁ ସାହିତ୍ୟିକା ସୁଶ୍ରୀ ପ୍ରବୀଣା ସୁନୁୟାରଙ୍କ ହାତରେ 'ରେବତୀ' ▶

## ନେପାଳରେ ଆଦର ପାଇଲା 'ରେବତୀ'

● 'ରେବତୀ' ମାର୍ଚ୍ଚ ୨୦୨୪ର ଭ୍ରମଣକାହାଣୀ ବିଶେଷାଙ୍କରେ ମୋ ଲିଖିତ ଏକ ସାହିତ୍ୟ-ଯାତ୍ରା ଆଧାରରେ ନେପାଳ-ଭାରତର ବୋର୍ଡର କାକରଭିଟ୍ଟା ଠାରୁ ଆରମ୍ଭ କରି କାଠମାଣ୍ଡୁ ଓ କାଠମାଣ୍ଡୁ ଠାରୁ ଆରମ୍ଭ କରି ନେପାଳର ଦୁର୍ଗମ ଇଲାକା ରାମେଛାପ ଜିଲ୍ଲାର ବାମତୀଭଣ୍ଡାର ଓ ପ୍ରୀତିକୁ ନେଇ ପ୍ରକାଶ ପାଇଥିଲା । ଯେତେବେଳେ ଏହାକୁ ମୁଁ ମୋ'ର ଫେସ୍‌ବୁକ୍ ୱାଲ୍‌ରେ ଅପ୍‌ଲୋଡ୍ କଲି ତ ବିଶେଷକରି ନେପାଳସ୍ଥ ମୋ'ର ବନ୍ଧୁମାନେ ଓ ଅନ୍ୟାନ୍ୟ ପରିଚିତମାନେ ବେଶ୍ ଆନନ୍ଦିତ ହେଲେ । ଏହି ପତ୍ରିକାକୁ ପାଇବା ପାଇଁ ଆଗ୍ରହ ପ୍ରକାଶ କଲେ । ମୁଁ ଏହାର କୋଡ଼ିଏ କପି ସେ ଦେଶକୁ ପଠାଇବାକୁ ବନ୍ଦୋବସ୍ତ କଲି । ନେପାଳ ବାଲ-ସାହିତ୍ୟ ସମାଜର ସଭାପତି ତଥା ବରିଷ୍ଠ ସାହିତ୍ୟିକ ପ୍ରମୋଦ ପ୍ରଧାନ ଫେସ୍‌ବୁକ୍‌ରେ ମତ ପ୍ରକାଶ କରିଛନ୍ତି ଯେ, ଏତେ ଉତ୍କୃଷ୍ଟ ପତ୍ରିକାରେ ନେପାଳକୁ ନେଇ ଏତେ ସୁନ୍ଦର ଭ୍ରମଣକାହାଣୀ ପଢ଼ି ଆମ ଦେଶକୁ ଓଡ଼ିଶାରୁ ଆହୁରି ଅଧିକ ଭ୍ରମଣକାରୀ ଭ୍ରମଣ କରିବା ପାଇଁ ଆସିବେ, ଏହା ତାଙ୍କର ଦୃଢ଼ ଆଶା । ଏହାକୁ ଦେଖି ଓ ହାତରେ ସ୍ପର୍ଶ କରି ନେପାଳ ବାଲ-ସାହିତ୍ୟ ସମାଜର ମହାସଚିବ ତଥା ଶିଶୁ-ସାହିତ୍ୟିକ ବିଜୟ ରାଜ ଆଚାର୍ଯ୍ୟ ବହୁତ ଖୁସି ହୁଅନ୍ତି । ତାଙ୍କ କହିବା ଅନୁସାରେ ଏହା ଗୋଟିଏ ଆନ୍ତର୍ଜାତିକ ସ୍ତରର ପତ୍ରିକା ଓ ଏହି 'ରେବତୀ'ରେ ନେପାଳ ଉପରେ ଭ୍ରମଣ କାହାଣୀ ପ୍ରକାଶିତ ହେବା ଫଳରେ ଓଡିଶାର ଭ୍ରମଣ-ପିପାସୁ ମଣିଷମାନେ ବାମତୀଭଣ୍ଡାର ଓ ପ୍ରୀତିକୁ ଯିବା ପାଇଁ ଚେଷ୍ଟା କରିବେ ବୋଲି ସେ ଆଶା ପୋଷଣ କରିଛନ୍ତି । ବାମତୀଭଣ୍ଡାରରେ ରହିଥିବା ଜନତା ଉଚ୍ଚ ମାଧମିକ ବିଦ୍ୟାଳୟର ସ୍କାଉଟ୍ ଶିକ୍ଷକ, ଉମାକୁଣ୍ଡ ପ୍ରଦେଶର ନିର୍ବାଚିତ ସ୍କାଉଟ୍ ଗାଇଡର ପ୍ରମୁଖ ଆୟୁକ୍ତ ତଥା ଶିଶୁ-ସାହିତ୍ୟିକ ସୁଶ୍ରୀ ପ୍ରବୀଣା ସୁନୁୟାର କହନ୍ତି ଯେ, ଏହା ତାଙ୍କ ଅଞ୍ଚଳ ପ୍ରତି 'ରେବତୀ' ପରିବାରର ଏକ ବିଶେଷ ସମ୍ମାନ । ଏତେ ପରିପାଟୀ ଭାବରେ ତାଙ୍କ ଅଞ୍ଚଳର ବେଶ୍ କିଛି ସ୍ଥିର ଚିତ୍ର ଦ୍ୱାରା ତାଙ୍କ ଅଞ୍ଚଳର ପ୍ରକୃତି ସୌନ୍ଦର୍ଯ୍ୟକୁ ଯେଉଁ ଭାବରେ ତୋଳି ଧରିଛନ୍ତି ଏହା ଦେଖି ସିଏ ବହୁତ ଆନନ୍ଦିତ ହୋଇଛନ୍ତି । କାଠମାଣ୍ଡୁରୁ ଶିଶୁ-ସାହିତ୍ୟିକ କେଶରୀ ଆମ୍‌ଗାଇ ଏହି ଭ୍ରମଣକାହାଣୀକୁ ଡିଜିଟାଲ୍ ପ୍ରସେସ୍‌ରେ ନେପାଳୀ ଭାଷାକୁ କନ୍‌ଭର୍ଟ କରି ଯେତିକି ପଢ଼ି ବୁଝିଛନ୍ତି ସିଏ କହନ୍ତି, ନେପାଳର ଭୌଗୋଳିକ, ଐତିହାସିକ ପଟଭୂମି ଓ ଭ୍ରମଣକାଳରେ ଲେଖକ ଯେମିତି ଭାବରେ ଏ ଭୂମିର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିଛନ୍ତି ଏହା ଆମ ଦେଶ ପାଇଁ ଗର୍ବର କଥା । ଏହା ଯଦି ନେପାଳୀ ଭାଷାରେ ପ୍ରକାଶିତ ହୁଏ ତାହେଲେ ଆମ ଦେଶର ପିଲାମାନେ ପଢ଼ି ନିଜ ଦେଶର ବହୁ ଉପାଦେୟ କଥା ଜାଣି ପାରିବେ- ଏହା ନିଃସନ୍ଦେହ ।

**ଅଜିତ ପାତ୍ର,** ବାରିପଦା, ମୟୂରଭଞ୍ଜ

## 'ରେବତୀ'ରେ କବିତା ସବୁ ବେଶ୍ ସୁଖପାଠ୍ୟ

● 'ରେବତୀ'ର ମଇ ସଂଖ୍ୟାରେ ମୋ ଗଳ୍ପ 'ଛାୟାଚିତ୍ର' ପ୍ରକାଶିତ ହୋଇଥିବାରୁ ଏବଂ ଲେଖକୀୟ କପି ହସ୍ତଗତ ହୋଇଥିବାରୁ ଧନ୍ୟବାଦ ସହ କୃତଜ୍ଞତା ଜଣାଉଛି । 'ଛାୟାଚିତ୍ର' ସମ୍ପର୍କରେ ମୁଁ ବେଶ୍ କିଛି ପାଠକୀୟ ପ୍ରତିକ୍ରିୟା ପାଇଛି । ଲେଖକ-ପାଠକଙ୍କ ମଧ୍ୟରେ ସମ୍ପାଦକ ହିଁ ସେତୁ ଭଳି । ତେଣୁ ପାଠକୀୟ ସ୍ୱୀକୃତିର ଶ୍ରେୟ ମଧ୍ୟ ସମ୍ପାଦକଙ୍କର । 'ରେବତୀ'ର ନିୟମିତ ପାଠକ ହୋଇଥିଲେ ବି ମୁଁ କେବେ ପାଠକୀୟ ମତାମତ ରଖି ନାହିଁ । କିନ୍ତୁ ସେହି ସମ୍ପର୍କିତ ଶବ୍ଦସବୁ ମୋ ଭିତରେ ଅନୁରଣିତ ହୋଇଛି । ବିଶେଷକରି, ଫିଚର ଲେଖିବାରେ ଅଧିକ ରୁଚି ରହିଥିବା ହେଉଛି ଏହାର ବଡ଼ କାରଣ । ଚଳିତ ସଂଖ୍ୟାରେ 'ଆଦମପୁରର ଆକାଶ' ପଢ଼ିଲା ବେଳେ ପିଲାଦିନେ ସାଇତି ରଖିଥିବା ବସନ୍ତ ମୁଦୁଲିଙ୍କ ଏକ ହାତଲେଖା କବିତା ବହି କଥା ମନେ ପଡ଼ିଗଲା । ସେଇ ବହି ଆଉ ନାହିଁ, 'ଯେତେ ଗୁଳି ଅଛି ଅଜାଡ଼ି ଦିଅ ମୋ ଛାତିରେ...' ବେଶ୍ ମନେଅଛି । କଲେଜ ନିର୍ବାଚନରେ ଲଢ଼ିଲା ବେଳେ ସେଇ କବିତାକୁ ବି ଥୋଇ ଦେଇଥିଲି ପୁସିଂ କାର୍ଡ଼ରେ । ଗପ 'ସନ୍ଧିକାଳ', କବିତା ସବୁ ବେଶ୍ ସୁଖପାଠ୍ୟ । ମୋ ଭିତରେ ଆବେଗମୟ ପରିସର ସୃଷ୍ଟି କରେ ବୋଲି କବିତା ପଢ଼ିବାରେ ଢେର୍ ଆଗ୍ରହ ରଖିଥାଏ ।

**ଚିତ୍ତରଞ୍ଜନ ଚିରଞ୍ଜିତ,** ସମ୍ବାଦ, ଭୁବନେଶ୍ୱର

ପ୍ରସଙ୍ଗ - ୧

# ରଥ ରହସ୍ୟ



# ଶ୍ରୀଗୁଣ୍ଡିଚା ମହୋତ୍ସବର ଅନନ୍ୟ ଆକର୍ଷଣ : ଭବ୍ୟତ୍ରିରଥ ନିର୍ମାଣ


## ଡକ୍ଟର ଭାସ୍କର ମିଶ୍ର

ସାଧାରଣ ସମ୍ପାଦକ:
ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ,
ହାଉସ୍ ନଂ ଡିଡିଏନ୍ ୦୧୨, ଆଇ ତୋଟା, ୩ୟ ଗଳି,
ଶ୍ରୀଗୁଣ୍ଡିଚା ମନ୍ଦିର ପାଖ, ପୁରୀ-୭୫୨୦୦୨
ଫୋନ : ୯୪୩୭୨୮୧୧୦୨


ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

**ଶତାବ୍ଦୀ ଶତାବ୍ଦୀ ଧରି ରଥଯାତ୍ରା ସମଗ୍ର ଭାରତର ତଥା ବିଦେଶର ଅସଂଖ୍ୟ ବ୍ୟକ୍ତି ଚେତନାକୁ ବିଭିନ୍ନ ଭାବରେ ଆଚ୍ଛନ୍ନ କରିପାରିଛି । ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ହେଲା ପ୍ରତିବର୍ଷ ନୂତନ ଭାବେ ନିର୍ମିତ ହେଉଥିବା ସୁଉଚ୍ଚ ତିନିରଥ । ସମଗ୍ର ଭାରତ ବର୍ଷରେ ଦେବତାମାନଙ୍କ ନିମନ୍ତେ ଯେତେ ପ୍ରକାରର ରଥ ବ୍ୟବହାର ହୋଇ ଆସୁଛି, ତନ୍ମଧ୍ୟରେ ଶ୍ରୀକ୍ଷେତ୍ରସ୍ଥିତ ମହାପ୍ରଭୁମାନଙ୍କ ତିନିରଥର ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ । ବିଶେଷଜ୍ଞଙ୍କ ବିଶ୍ଲେଷଣ ।**



▶ ଲେଖକ ଡକ୍ଟର ଭାସ୍କର ମିଶ୍ର

ଓଡ଼ିଆ ଅସ୍ମିତାର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ହେଉଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ମହୋତ୍ସବ । ଶ୍ରୀକ୍ଷେତ୍ରରେ ସ୍ମରଣାତୀତ କାଳରୁ ପାଳିତ ହୋଇ ଆସୁଥିବା ଅଖିଳ ବ୍ରହ୍ମାଣ୍ଡନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ଓ ଅନେକ ଉପଯାତ୍ରା ମଧ୍ୟରେ ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ସର୍ବଶ୍ରେଷ୍ଠ । ଶତାବ୍ଦୀ ଶତାବ୍ଦୀ ଧରି ଏହା ସମଗ୍ର ଭାରତର ତଥା ବିଦେଶର ଅସଂଖ୍ୟ ବ୍ୟକ୍ତି ଚେତନାକୁ ବିଭିନ୍ନ ଭାବରେ ଆଚ୍ଛନ୍ନ କରିପାରିଛି । ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ହେଲା ପ୍ରତିବର୍ଷ ନୂତନ ଭାବେ ନିର୍ମିତ ହେଉଥିବା ସୁଉଚ୍ଚ ତିନିରଥ । ସମଗ୍ର ଭାରତ ବର୍ଷରେ ଦେବତାମାନଙ୍କ ନିମନ୍ତେ ଯେତେ ପ୍ରକାରର ରଥ ବ୍ୟବହାର ହୋଇ ଆସୁଛି, ତନ୍ମଧ୍ୟରେ ଶ୍ରୀକ୍ଷେତ୍ରସ୍ଥିତ ମହାପ୍ରଭୁମାନଙ୍କ ତିନିରଥର ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ । ବହୁ ପ୍ରାଚୀନ ସମୟରୁ ରଥତ୍ରୟର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ର ଅନୁଯାୟୀ ଓ ଏକ ନିର୍ଦ୍ଦିଷ୍ଟ ମାପ ପ୍ରକାରେ କରାଯାଇ ଆସୁଛି । ରଥ ନିର୍ମାଣ ସମ୍ବନ୍ଧରେ ମାନସାର, ଅପରିଜିତା ପୃଚ୍ଛା, ଶିଳ୍ପ ସୂତ୍ର, ବିଶ୍ୱକର୍ମୀୟ ରଥ ନିର୍ମାଣ ପଦ୍ଧତି, ଗୃହ କର୍ଣ୍ଣିକା, ଶିଳ୍ପସାର ସଂଗ୍ରହାଦି ଗ୍ରନ୍ଥ / ପୋଥି ମାନଙ୍କରେ ସର୍ବଶେଷ ବିଧି ବିଧାନ ଉଲ୍ଲେଖ ରହିଥିବା ଜଣାଯାଏ ।



ରଥ ପାଦ ଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ଥିବା ଅଂଶ ଗୁଡ଼ିକ ମଧ୍ୟରେ ଚକ, ଦାଣ୍ଡିଆ, ଅର, ବାଙ୍କି, ଶଙ୍ଖଦ୍ୱାର, କଣି, ହଂସପଟା, ଭୂମି, ଗାଇପଟା, ଜାଲି, ସିଂହାସନ, ସାରଥି ପୀଢ଼, ଚକା, ଷୋଳ ନାହାକା, କନକ ମୁଣ୍ଡେଇ, ମଗରଦଣ୍ଡା, ବସନ୍ତ, ଦୁଆର ବେଢ଼ା, କୁମ୍ଭପଟି, ଆଠ ନାହାକା, ରାହୁ ପଟି, ବାଙ୍କି, ପୀଢ଼, ଦଣ୍ଡା, ଚାଷି ପଟା, ପାରାଭାଡ଼ି, ଖପୁରୀ, ପାଦ, ଓଲଟ ଶୁଆ, ଦଧିନଉତି, କଳସ, ଚକ୍ର, ଦଣ୍ଡ, କପିକେତନ ଇତ୍ୟାଦି ଅନ୍ତର୍ଭୁକ୍ତ । ଶିଳ୍ପଶାସ୍ତ୍ର ଅନୁଯାୟୀ ରଥର ଅଙ୍ଗ ଗୁଡ଼ିକୁ ସାଧାରଣତଃ ୧୩ଟି ମୁଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି । ଯଥା: (୧) ଚକ୍ରପୀଠ, (୨) ଅରଦଣ୍ଡା, (୩) ଗରଗରା, (୪) ମୂଳନାଭ, (୫) ବରାଣ୍ଡି, (୬) ହଂସପଟା, (୭) ରଥଗର୍ଭ, (୮) ପାରାଭାଡ଼ି, (୯) କଳସପୀଠ, (୧୦) ଦଧିନଉତି, (୧୧) କର୍ଣ୍ଣଅଁଳା, (୧୨) ଧାତୁକଳସ, (୧୩) ଆୟୁଧ ଧ୍ୱଜା ।

ସାମ୍ୟ, ମୈତ୍ରୀର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେଉଁ ରଥରେ ବିରାଜମାନ କରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନ ଯାତ୍ରା କରନ୍ତି, ସେହି ରଥର ନାମ ହେଲା **ନନ୍ଦିଘୋଷ**(ଗରୁଡ଼ଧ୍ୱଜ) । ସେହିପରି ଶ୍ରୀବଳଭଦ୍ରଙ୍କ ରଥର ନାମ **ତାଳଧ୍ୱଜ** ଓ ଦେବୀ ସୁଭଦ୍ରାଙ୍କ ରଥର ନାମ **ଦେବଦଳନ** ବା **ଦର୍ପଦଳନ**(ପଦ୍ମଧ୍ୱଜ) । ଏହି ତିନିରଥ ମଧ୍ୟରୁ ନନ୍ଦିଘୋଷ ରଥ ୧୬ଚକ ବିଶିଷ୍ଟ ହୋଇଥିବା ବେଳେ ତାଳଧ୍ୱଜ ରଥ ୧୪ଚକ ଓ ଦର୍ପଦଳନ ରଥ ୧୨ ଚକ ହୋଇଥାଏ । ରଥ ନିର୍ମାଣର ପାରମ୍ପରିକ ଶୈଳୀ ଅନୁଯାୟୀ ନୂତନ କାଷ୍ଠରେ ନିର୍ମିତ ନନ୍ଦିଘୋଷ ରଥର ୧୬ ଚକରେ ସମୁଦାୟ ୧୬ଟି ତୁମ୍ବ, ୬୪ଟି ପଇ, ୨୫୬ଟି ଅର ଏବଂ ୨୫୬ଟି ଖୁସିଅର ସଂଯୋଗ ହୋଇଥାଏ । ସେହିଭଳି ତାଳଧ୍ୱଜ ରଥର ୧୪ଟି ଚକରେ ୧୪ଟି ତୁମ୍ବ, ୫୬ଟି ପଇ, ୨୨୪ଟି ଅର ଓ ୨୨୪ଟି ଖୁସିଅର ଏବଂ ଦର୍ପଦଳନ ବା ଦେବଦଳନ ରଥର ଦ୍ୱାଦଶ ଚକରେ ୧୨ଟି ତୁମ୍ବ, ୪୮ଟି ପଇ, ୧୯୨ଟି ଅର ଓ ୧୯୨ଟି ଖୁସିଅର ସଂଯୋଗ ହୋଇଥାଏ । ରଥର ଚକ ଗୁଡ଼ିକ ପ୍ରଥମେ ନିର୍ମାଣ କରାଯାଇଥାଏ । ସାଧାରଣତଃ ଫାଶୀ କାଠରେ ଏହି ଚକର ନିର୍ମାଣ ହୋଇଥାଏ ।

ଓଡ଼ିଆ ସରକାରଙ୍କ ବିଧି ବିଭାଗ ଦ୍ୱାରା ପ୍ରକାଶିତ 'ରଥଯାତ୍ରା କୋଡ୍'ର ଉଲ୍ଲେଖ ପ୍ରକାରେ ତାଳଧ୍ୱଜ ରଥର ଉଚ୍ଚତା ୪୫ଫୁଟ୍ ଓ ରଥଚକର ଉଚ୍ଚତା ୬ଫୁଟ୍ ୬ଇଞ୍ଚ, ନନ୍ଦିଘୋଷ ରଥର ଉଚ୍ଚତା ୪୫ଫୁଟ୍ ୬ଇଞ୍ଚ ଓ ରଥଚକର ଉଚ୍ଚତା ୬ଫୁଟ୍ ଏବଂ ଦର୍ପଦଳନ ରଥର ଉଚ୍ଚତା ୪୪ଫୁଟ୍ ୬ଇଞ୍ଚ ଓ ରଥଚକର ଉଚ୍ଚତା ୬ଫୁଟ୍ ୮ ଇଞ୍ଚ ଅଟେ ।

ତିନି ରଥ ନିର୍ମାଣ ପାଇଁ ପ୍ରତିବର୍ଷ ଦଶପଲ୍ଲା, ନୟାଗଡ଼, ରଣପୁର, ଖୋର୍ଦ୍ଧା ଇତ୍ୟାଦି ଜଙ୍ଗଲରୁ



ଗଛ କଟାଯାଇ ପୁରୀକୁ ପର୍ଯ୍ୟାୟକ୍ରମେ ଆସିଥାଏ । ରାଜ୍ୟ ଜଙ୍ଗଲ ବିଭାଗ ତରଫରୁ ନୟାଗଡ଼ ଡି.ଏଫ୍.ଓ. ଫାଶୀ, ଧଉରା, ଆସନ ପ୍ରଭୃତି ୮୬୨ ଖଣ୍ଡ କାଠ ପ୍ରେରଣ କରୁଥିବା ବେଳେ ଖୋର୍ଦ୍ଧା ଡି.ଏଫ୍.ଓ. ୨୭୪ ଖଣ୍ଡ କଞ୍ଚାକାଠ ଯୋଗାଇଥାନ୍ତି । ପରମ୍ପରା ଅନୁଯାୟୀ ମାଘ ଶୁକ୍ଳ ପଞ୍ଚମୀ (ସରସ୍ୱତୀ ପୂଜା) ଦିନ ଏହି ରଥ କାଠର ଅନୁକୂଳ ପୂଜା ହୋଇଥାଏ । ରଥଖଳା ଠାରେ ପ୍ରାୟ ୫୮ ଦିନ ଧରି ପାରମ୍ପରିକ ବିଶ୍ୱକର୍ମା ମହାରଣା, ଭୋଇ, କମର, ରୂପକାର, ଚିତ୍ରକାର, କୋଠ ସୁଆଁସିଆ ଓ ଦରଜି ସେବକ ପ୍ରମୁଖ ରଥ ନିର୍ମାଣ, ଚିତ୍ରକଳା, ମଣ୍ଡଣି, ସାଜସଜ୍ଜା କାର୍ଯ୍ୟରେ ସଂପୃକ୍ତ ହୋଇଥାନ୍ତି । ଏକ ଆକଳନରୁ ଜଣାଯାଏ ଯେ, ପ୍ରାୟ ୫୦ଦିନ ଧରି ପ୍ରତ୍ୟେକ ଦିନ ରଥ ନିର୍ମାଣରେ ୨୦୦ରୁ ଉର୍ଦ୍ଧ୍ୱ କୁଶଳୀ ଓ ଅର୍ଦ୍ଧକୁଶଳୀ ଶିଳ୍ପୀମାନେ ନିୟୋଜିତ ହୋଇଥାନ୍ତି । ଏତଦ୍‌ବ୍ୟତୀତ ରଥଯାତ୍ରା କିଛିଦିନ ପୂର୍ବରୁ କୋଠସୁଆଁସିଆ ଓ ଦରଜି ସେବକମାନେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ରଥକନା ସିଲାଇ, ଜରି, ବୁଟି, ସାଜସଜ୍ଜା କାର୍ଯ୍ୟ କରିଥାନ୍ତି । ରଥ ନିର୍ମାଣ ବାବଦରେ ସଂପ୍ରତି ପ୍ରାୟ ଦେଢ଼କୋଟି ଟଙ୍କା ବ୍ୟୟ ହେଉଥିବା ଜଣାଯାଏ ।

ସାଧାରଣତଃ ପରମ୍ପରା ଅନୁଯାୟୀ ରଥ ନିର୍ମାଣ ପାଇଁ ପ୍ରଥମ ଶୁଭାରମ୍ଭ ହୋଇଥାଏ ସରସ୍ୱତୀ ପୂଜା ଶ୍ରୀପଞ୍ଚମୀ ତିଥି ଠାରୁ । ନିମ୍ନରେ ରଥ ନର୍ମାଣର କେତେକ ପର୍ଯ୍ୟାୟରେ ଓ ବିଭିନ୍ନ ତିଥିରେ ଅନୁଷ୍ଠିତ ହେଉଥିବା ବିଧିବିଧାନ ସମ୍ପର୍କରେ ଉଲ୍ଲେଖ କରାଯାଉଛି:

**୧) ଶ୍ରୀପଞ୍ଚମୀ(ସରସ୍ୱତୀ ପୂଜା):** ଏହିଦିନ ରଥ କାଠ ତିନୋଟି ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖସ୍ଥ ରଥଖଳା ଠାରେ ରଖାଯାଇ ପୁଷ୍ପ, ଚନ୍ଦନ, ସିନ୍ଦୁର, ଧୂପ, ଦୀପ ଇତ୍ୟାଦି ବିଧି ବିଧାନ ପୂର୍ବକ ଶ୍ରୋତୀୟ ବ୍ରାହ୍ମଣଙ୍କ ଦ୍ୱାରା କାଠ ଅନୁକୂଳ ପୂଜା ହୋଇଥାଏ ।

**୨) ଶ୍ରୀରାମ ନବମୀ (ଚୈତ୍ର ଶୁକ୍ଳ ନବମୀ):** ଉକ୍ତ ଦିନ ରଥ କାଠ ଚିରଟ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ପୂର୍ବେ ମହାରଣାମାନେ ଚିରଟ ଅନୁକୂଳ କରୁଥିଲେ । ସଂପ୍ରତି ଏହି ଅନୁକୂଳ ସ'ମିଲ୍‌ରେ କରାଯାଉଛି ।

**୩)ଅକ୍ଷୟ ତୃତୀୟା:** ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଦିନ ରଥଖଳା ଠାରେ ତିନି ରଥ ନିର୍ମାଣର ଅନୁକୂଳ ପୂଜା ହୋଇଥାଏ । ଏଥି ନିମନ୍ତେ ତିନୋଟି କାଠ ରଖାଯାଇ ଶ୍ରୀମନ୍ଦିରରୁ ଶ୍ରୀ ବିଗ୍ରହମାନଙ୍କ ଆଜ୍ଞାମାଳ ଆସି ପ୍ରତ୍ୟେକ ରଥର କାଠ ଉପରେ ରଖାଯାଇ ପୂଜାର୍ଚ୍ଚନା, ହୋମଯଜ୍ଞ ଇତ୍ୟାଦି ଶ୍ରୋତ୍ରୀୟ ବ୍ରାହ୍ମଣ ଓ ଦେଉଳ ପୁରୋହିତଙ୍କ ଦ୍ୱାରା କରା ଯାଇଥାଏ । ସେଦିନ ମହାରଣା ସେବକ ଉପବାସ ପୂର୍ବକ ପୂଜିତ ତିନୋଟି ରଥ କାଠ ଉପରେ ନଡ଼ିଆ ଭାଙ୍ଗି ନୂଆ କୁରାଢ଼ୀରେ ନିର୍ମାଣ ଜନିତ ଅନୁକୂଳ ଚୋଟ ଦେଇଥାନ୍ତି । ରଥଖଳାର ଇଷ୍ଟ ଦେବୀ ଚର୍ଚ୍ଚିକାଙ୍କୁ ସ୍ମରଣ କରି ଏହି ନିର୍ମାଣ କାର୍ଯ୍ୟ ପାଇଁ ଅଗ୍ରସର ହୋଇଥାନ୍ତି । ସେହିପରି ଶ୍ରୀମନ୍ଦିରରୁ ତିନିବାଡ଼ରୁ ଆଜ୍ଞାମାଳ ଯାଇ ସେହି କାଠ ଉପରେ ଲାଗି କରା ଯାଇଥାଏ । ଏହାପରେ ରୂପକାର, ଚିତ୍ରକାର, ମହାରଣା, କରତି ଭୋଇ ପ୍ରମୁଖ ସେବକମାନେ ଶାଢ଼ି ବନ୍ଧାଇଥାନ୍ତି ।

**(୪) ନୃସିଂହ ଚତୁର୍ଦ୍ଦଶୀ:** ଉକ୍ତ ଦିନ ଗୁଜ ଅନୁକୂଳ ନୀତି ରଥଖଳା ଠାରେ ଅନୁଷ୍ଠିତ ହୋଇଥାଏ ।

**(୫) ଶ୍ରୀକ୍ଷେତ୍ର ଭଉଁରୀ:** ଭଉଁରୀ ଯାତ୍ରା ଦିନ ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ରଥଚକ ଡେରା ହୋଇଥାଏ ଓ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସି ଏହି ଚକ ଉପରେ ଲାଗି କରାଯାଇଥାଏ ।

**(୬) ଦେବସ୍ନାନ ପୂର୍ଣ୍ଣିମା:** ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରତି ରଥର ଚାରି ନାହାକା ଡେରା ଅନୁକୂଳ ନୀତି ଅନୁଷ୍ଠିତ ହୋଇଥାଏ ।

**(୭) ନେତ୍ରୋତ୍ସବ:** ରଥ ଯାତ୍ରା ପୂର୍ବଦିନ ଶ୍ରୀମନ୍ଦିରରୁ ଆଜ୍ଞାମାଳ ବିଜେ ହୋଇ ରଥଖଳାରେ ସୁସଜ୍ଜିତ ଥିବା ନୂତନ ରଥର ଧ୍ୱଜାବତରଣରେ ଲାଗି କରାଯିବା ପରେ ରଥତ୍ରୟ ଟଣାଯାଇ ସିଂହଦ୍ୱାର ଠାରେ ଉତ୍ତରାଭିମୁଖୀ ହୋଇ ରଖା ଯାଇଥାଏ ।

ପ୍ରତି ରଥ ନିର୍ମାଣ ପାଇଁ ଜଣେ ମୁଖ୍ୟ ବାଡ଼ଗ୍ରାହୀ ମହାରଣ, ଜଣେ ସୁତାର ମହାରଣା ଓ ଜଣେ ତଳି ମହାରଣା ବାଡ଼ ଅନୁଯାୟୀ ନିୟୋଜିତ ହୋଇଥାନ୍ତି । ଏମାନେ ଆବଶ୍ୟକ ସଂଖ୍ୟକ ଭାଇ ପୁଅଙ୍କୁ ନେଇ ରଥ ନର୍ମାଣ କାର୍ଯ୍ୟ କରିଥାନ୍ତି । କିଏ ରଥରେ ନିଯୁକ୍ତ ହେବ ତାହା ପୁରୁଷାନୁକ୍ରମେ ଚାଲି ଆସୁଛି । ତିନିରଥର ନିର୍ମାଣ କାର୍ଯ୍ୟରେ ସମନ୍ୱୟ ଓ ତଦାରଖ ପାଇଁ ଜଣେ ଅମୀନ ମହାରଣା ମଧ୍ୟ ନିଯୁକ୍ତ ହୁଅନ୍ତି । ମହାରଣାମାନଙ୍କୁ ଏହି କାର୍ଯ୍ୟରେ ଭୋଇମାନେ ସହାୟତା କରିଥାନ୍ତି । ପ୍ରତ୍ୟେକ ରଥ ପାଇଁ ଜଣେ ମୁଖ୍ୟ ଭୋଇ ବା ଭୋଇ ସର୍ଦ୍ଦାର ନିଯୁକ୍ତ ହୁଅନ୍ତି ଓ ଆବଶ୍ୟକ ସଂଖ୍ୟକ ଭାଇପୁଅଙ୍କୁ ନେଇ କାର୍ଯ୍ୟ କରନ୍ତି । ରଥ ନର୍ମାଣ କାର୍ଯ୍ୟରେ ବିଭିନ୍ନ ପ୍ରକାରର ଲୁହାକଣ୍ଟା ବଳା ଇତ୍ୟାଦିର ଆବଶ୍ୟକ ପଡ଼ିଥାଏ । ସାଧାରଣତଃ ଚାରିଇଞ୍ଚ ଲମ୍ବର କଣ୍ଟାରୁ ଆରମ୍ଭ କରି ସାଢ଼େ ଚାରିଫୁଟ୍ ଲମ୍ବର ସ୍ୱତନ୍ତ କଣ୍ଟା ନିର୍ମିତ ହୋଇଥାଏ । ଦୋଳବେଦୀ ଠାରେ ଶାଳ ନିର୍ମାଣ





କରାଯାଇ ଓଝା ମହାରଣା ବା କମାର ସେବକଙ୍କ ଦ୍ୱାରା ସ୍ୱତନ୍ତ୍ର ଶୈଳୀର ବିଭିନ୍ନ ପ୍ରକାରର ଲୁହା କଣ୍ଟା ପ୍ରସ୍ତୁତ ହୋଇଥାଏ । ଅକ୍ଷୟ ତୃତୀୟା ପରଦିନ ଠାରୁ ଏହି ଶାଳରେ ମୁଖ୍ୟତଃ ଏକ ହଜାରରୁ ଉର୍ଦ୍ଧ୍ୱ ପରିମାଣର ଅରକଣ୍ଟା, ତୁମ୍ବରେ ଲାଗୁଥିବା ୮୪ଟି ପନ୍ଦରି, ୧୬୮ଟି ପନ୍ଦାରି ଚାବି, ୮୪ଟି ତୁମ୍ବବଳା, ୫୦୦ରୁ ଉର୍ଦ୍ଧ୍ୱ ଘଡ଼ି ମୁହାଁ ବିଡ଼ିଆ, ଦଣ୍ଡା ବିଡ଼ିଆ, ୧୨ଟି ଗରଗରା, ୧୨୦ଟି ଗୟଳ କଣ୍ଟା ଓ ଛନ୍ଦା ଗୟଳ ଯୋଖା, ୧୫୦ରୁ ଉର୍ଦ୍ଧ୍ୱ କଇଁଚ କଣ୍ଟା, ୭ଟି ଭୂଇଁ ଓ ଓରା କଣ୍ଟା, ୧୫ଟି ଚାର ପରିଛା କଣ୍ଟା, କତରା କଣ୍ଟା, ୨୦ଟି ଧମକ କଣ୍ଟା, ୪୪୦ଟି ତାଗ କଣ୍ଟା, ୫୦ରୁ ଉର୍ଦ୍ଧ୍ୱ ବାହୁଟି ଫାଳିଆ, ୬ଟି ସିଂହାସନ ରାୟ, ୬ଟି ଜଗଦଭୂଷଣ ଶେଣୀ, ୩୦ଟି ସିଂହାସନ ଗୁଣ୍ଡି, ୬୦ଟି ଶିଖର ଡମ୍ଫୁରୁ କଣ୍ଟା, ୫୦ଟି ଅନ୍ଧାରିତାଗ ଓ ଧ୍ୱଜାବତା କଣ୍ଟା ଇତ୍ୟାଦି ଓଝା ମହାରଣା ସେବକମାନେ ଶାଳରେ ପ୍ରସ୍ତୁତ କରି ରଥ ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ଯୋଗାଇଥାନ୍ତି । ଏଥିନିମନ୍ତେ ପ୍ରାୟ ୧ଟନ୍ ଓଜନରୁ ଉର୍ଦ୍ଧ୍ୱ ଲୁହାରଡ଼ (୨୦ଏମ୍.ଏମ୍.ରଡ଼)ର ଆବଶ୍ୟକତା ପଡ଼ିଥାଏ ।

ତିନିରଥର ଚିତ୍ର, କନାର ମଣ୍ଡଣୀ, ସଜସଜ୍ଜା, କାଷ୍ଠରେ ବିଭିନ୍ନ ରୂପ ଖୋଦେଇ କାର୍ଯ୍ୟରେ ଚିତ୍ରକାର, ରୂପକାର, ଦରଜୀ ଓ କାଠସୁଆଁସିଆ ସେବକମାନେ ନିୟୋଜିତ ହୋଇଥାନ୍ତି । ଏହିସବୁ କାର୍ଯ୍ୟ ନେତ୍ରୋତ୍ସବ ପୂର୍ବରୁ ସରିଥାଏ । ସାଧାରଣତଃ ଭଉଁରୀ ଯାତ୍ରା ଠାରୁ ସ୍ନାନ ପୂର୍ଣ୍ଣିମା ମଧ୍ୟରେ ତିନି ରଥର ସମସ୍ତ ଚକ, ଅଖ ଓ ଦଣ୍ଡାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥାଏ । ସ୍ନାନ ପୂର୍ଣ୍ଣିମା ଦିନ ସମସ୍ତ ଚକ ଖଞ୍ଜା ସରି ଚାରି ନାହାକା ଉଠେ । ଅର୍ଥାତ୍ ରଥର ଉପର ଭାଗ କାର୍ଯ୍ୟ ନିମିତ୍ତ ଚାରିଗୋଟି ଖୁଣ୍ଟ ପୋତାଯାଏ । ଚାରି ନାହାକା ବା ଚାରି ଖୁଣ୍ଟରେ ବାହାର ପଟେ ଚଉଦ ନାହାକା ବା ଆଉ ଚଉଦଟି ଖୁଣ୍ଟ ସଂସ୍ଥାପନ କରାଯାଏ ।



ଏହିପରି ଅଠରଟି ଖୁଣ୍ଟ ଉପରେ ରଥର ସଂପୂର୍ଣ୍ଣ ଉପର ଅବୟବ ଗଢ଼ାଯାଏ । ଏହି ଅବୟବ ମଧ୍ୟରେ ଛାତ ଅନ୍ତର୍ଗତ । ଛାତର ବିଭିନ୍ନ ସ୍ତର ରହିଛି । ଯଥା- ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ, ତୃତୀୟ ଭୂଇଁ, ପ୍ରଥମ ପୋଟଳ, ପାରାଭାଡ଼ି, ଦ୍ୱିତୀୟ ପୋଟଳ, ଖପୁରୀ, ଅଁଳାଶିରୀ ଉପରେ ପିତଳ ନିର୍ମିତ କଳସ ଓ ଧ୍ୱଜ ସଂସ୍ଥାପନ ହୋଇଥାଏ ।

ପ୍ରତିରଥରେ ନଅ ମୂର୍ତ୍ତି ଲେଖାଏଁ ପାର୍ଶ୍ୱ ଦେବତା, ଦୁଇ ମୂର୍ତ୍ତି ଦ୍ୱାରପାଳ, ଚାରୋଟି ଲେଖାଏଁ ଅଶ୍ୱ, ଏକ ମୂର୍ତ୍ତି ସାରଥି ଅଧିଷ୍ଠିତ ହୁଅନ୍ତି । ଏସବୁ କେବଳ ନବକଳେବର ବର୍ଷମାନଙ୍କରେ ନିମ୍ବ କାଷ୍ଠରେ ନୂତନ ଭାବେ ନିର୍ମିତ ହୋଇଥାଏ । ରୂପକାର ସେବକମାନେ ବାଡ଼ ଅନୁଯାୟୀ ସଂପୃକ୍ତ ପାର୍ଶ୍ୱ ଦେବଦେବୀ, ସାରଥି, ଅଶ୍ୱ ଇତ୍ୟାଦି ମୂର୍ତ୍ତିମାନ ନିର୍ମାଣ କରିଥାନ୍ତି । ପ୍ରତିବର୍ଷ ଏହି ମୂର୍ତ୍ତି ଗୁଡ଼ିକର ଚିତ୍ରକାର୍ଯ୍ୟ ହୋଇଥାଏ । ସେହିପରି ପ୍ରତି ରଥକୁ ବାଡ଼ ଅନୁଯାୟୀ ଅର୍ଥାତ୍ ମହାପ୍ରଭୁଙ୍କ ବାଡ଼, ବଡ଼ବାଡ଼ ଓ ମଝିବାଡ଼ (ଦେବୀବାଡ଼) ଚିତ୍ରକାରମାନେ ବିଭିନ୍ନ ପ୍ରକାରର ପାରମ୍ପରିକ ଚିତ୍ରକଳା କାର୍ଯ୍ୟ କରିଥାନ୍ତି । ରଥତ୍ରୟକୁ ଆବୃତ ବା ମଣ୍ଡଣି କରିବା ପାଇଁ ୪ ପ୍ରକାରର ରଙ୍ଗୀନ ମାର୍କିନ କନା ବ୍ୟବହୃତ ହୁଏ । ଏହି ରଥ ତ୍ରୟର ମଣ୍ଡଣି ସଜ୍ଜିକରଣ କାର୍ଯ୍ୟରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ମିଟର କନାର ଆବଶ୍ୟକତା ପଡ଼ିଥାଏ । ଦରଜୀ ସେବକମାନଙ୍କ ଦ୍ୱାରା ରଥ ମଣ୍ଡଣି, ଝାଲର, ଚାନ୍ଦୁଆ, ଧ୍ୱଜା, ରଥ ଘେର, ସାରଥି ପୋଷାକ ଇତ୍ୟାଦି ସିଲାଇ କାର୍ଯ୍ୟ ସମ୍ପନ୍ନ ହୋଇ ତିନି ରଥକୁ ସୁସଜ୍ଜିତ କରାଯାଇଥାଏ ।

ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ସକାଳେ ଶ୍ରୀମନ୍ଦିର ପୁରୋହିତ ଓ ଅନ୍ୟାନ୍ୟ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା ରଥ ପ୍ରତିଷ୍ଠା ହେବା ପରେ ଶ୍ରୀବିଗ୍ରହମାନେ ପହଣ୍ଡି ବିଜେରେ ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କରିଥାନ୍ତି । ବଡ଼ଦାଣ୍ଡରେ ଏହି ତିନିରଥ ଯାଇଥିବା ସମୟରେ ଅଗଣିତ ଭକ୍ତଜନ ସେହି ଦୃଶ୍ୟକୁ ଅବଲୋକନ କରି ପୁଲକିତ ହୋଇଥାନ୍ତି ।




## Product Profile


Headless (HL)


PUD


PD


Karikadi


Easy Peel


PDTO

/highlandagro

# HIGHLAND AGRO FOOD PVT. LTD.

Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com Website : www.highlandgroups.com

ପ୍ରସଙ୍ଗ - ୨

# ଚତୁର୍ଦ୍ଧା ଚର୍ଚ୍ଚା



# ଚତୁର୍ଦ୍ଧା ଚର୍ଚ୍ଚା

# ବୃକ୍ଷ : ବିଗ୍ରହ : ବର୍ଣ୍ଣ


**ଅସିତ ମହାନ୍ତି**

ସମ୍ପାଦକ: ପୌରୁଷ
୪ଆର୍‌-୧/୨, ୟୁନିଟ୍‌-୩,
ଭୁବନେଶ୍ୱର-୭୫୧୦୦୧
ଫୋନ : ୯୪୩୭୦୩୪୮୦୪


ଫଟୋ ସୌଜନ୍ୟ: ଲେଖକ

**ପ୍ରତିବର୍ଷ ପୁରୀର ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଚାରିଠାକୁରଙ୍କ ନିମନ୍ତେ ତିନିଟି ରଥ ନୂତନ ଭାବରେ ନିର୍ମିତ ହୁଏ । ଶ୍ରୀପଞ୍ଚମୀ ଦିନ ତିନି ରଥ ପାଇଁ ତିନିଖଣ୍ଡି ରଥକାଠ ପୂଜା କରାଯାଇ, ଅକ୍ଷୟ ତୃତୀୟା ଦିନ ବିଧିମତେ ରଥନିର୍ମାଣ ଆରମ୍ଭ ହୋଇଥାଏ । ସେହି ରଥରେ ଚତୁର୍ଦ୍ଧା ବିଗ୍ରହ ଏବଂ ଅନ୍ୟ ଦେବଦେବୀମାନେ ଶ୍ରୀଗୁଣ୍ଡିଚା ଯାତ୍ରା କରିଥାଆନ୍ତି । ଏହା ଶ୍ରୀକ୍ଷେତ୍ର ପୁରୀର ପ୍ରସିଦ୍ଧ ରଥଯାତ୍ରାର ସାମ୍ବତ୍ସରିକ ବିଧି । କିନ୍ତୁ ଏହି ରଥରେ ଯେଉଁ ମୁଖ୍ୟ ଦେବତା ବା ଚତୁର୍ଦ୍ଧା ବିଗ୍ରହ ଯାତ୍ରା କରିଥାନ୍ତି, ତାଙ୍କର ନିର୍ମାଣ ନବକଳେବର ବର୍ଷରେ ହିଁ ହୋଇଥାଏ । ସେଥିନିମନ୍ତେ ଦାରୁବୃକ୍ଷ ଚୟନ, ବିଗ୍ରହ ନିର୍ମାଣ ଏବଂ ବିଗ୍ରହମାନଙ୍କର ବର୍ଣ୍ଣ ବିଲେପନ ସ୍ୱତନ୍ତ୍ର ବିଧିରେ ହୋଇଥାଏ । ତାହା ତଥ୍ୟ ଦୃଷ୍ଟିରୁ ଯେତିକି ବିସ୍ମୟକର, ତତ୍ତ୍ୱ ଦୃଷ୍ଟିରୁ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ ।**



◄ ଲେଖକ ଅସିତ ମହାନ୍ତି

ପ୍ରତିବର୍ଷ ପୁରୀର ପ୍ରସିଦ୍ଧ ଶ୍ରୀଗୁଣ୍ଡିଚାଯାତ୍ରା ପାଇଁ ଚାରିଠାକୁରଙ୍କ ନିମନ୍ତେ ତିନିଟି ରଥ ନୂତନ ଭାବରେ ନିର୍ମିତ ହୁଏ । ଏହି ରଥ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରୁ ପ୍ରସାଦୀ ମାଳ ନୟାଗଡ଼ ଜିଲ୍ଲାର ଗଣିଆ ବ୍ଲକ୍ ଅନ୍ତର୍ଗତ ବଡ଼ରାଉଳ ଦେବୀଙ୍କ ନିକଟକୁ ପଠା ଯାଇଥାଏ । ସେଠାରେ ପୂଜାର୍ଚ୍ଚନା ପରେ ଏହି ତିନିରଥ ନିମନ୍ତେ ରଥକାଠ କଟା ଆରମ୍ଭ କରାଯାଏ । ଏହି ରଥକାଠ ଶ୍ରୀପଞ୍ଚମୀ ପୂର୍ବରୁ ଶ୍ରୀକ୍ଷେତ୍ରକୁ ଅଣାଯାଏ ଏବଂ ଶ୍ରୀପଞ୍ଚମୀ ଦିନ ତିନି ରଥ ପାଇଁ ତିନିଖଣ୍ଡି ରଥକାଠ ପୂଜା କରାଯାଇ, ଅକ୍ଷୟ ତୃତୀୟା ଦିନ ବିଧିମତେ ରଥନିର୍ମାଣ ଆରମ୍ଭ ହୋଇଥାଏ । ସେହି ରଥରେ ଚତୁର୍ଦ୍ଧା ବିଗ୍ରହ ଏବଂ ଅନ୍ୟ ଦେବଦେବୀମାନେ ଶ୍ରୀଗୁଣ୍ଡିଚା ଯାତ୍ରା କରିଥାଆନ୍ତି ।

ଏହା ଶ୍ରୀକ୍ଷେତ୍ର ପୁରୀର ପ୍ରସିଦ୍ଧ ରଥଯାତ୍ରାର ସାମ୍ବତ୍ସରିକ ବିଧି । କିନ୍ତୁ ଏହି ରଥରେ ଯେଉଁ ମୁଖ୍ୟ ଦେବତା ବା ଚତୁର୍ଦ୍ଧା ବିଗ୍ରହ ଯାତ୍ରା କରିଥାନ୍ତି, ତାଙ୍କର ନିର୍ମାଣ ନବକଳେବର ବର୍ଷରେ ହିଁ ହୋଇଥାଏ । ସେଥିନିମନ୍ତେ ଦାରୁବୃକ୍ଷ ଚୟନ, ବିଗ୍ରହ ନିର୍ମାଣ ଏବଂ ବିଗ୍ରହମାନଙ୍କର ବର୍ଣ୍ଣ ବିଲେପନ ସ୍ୱତନ୍ତ୍ର ବିଧିରେ ହୋଇଥାଏ । ତାହା ତଥ୍ୟ ଦୃଷ୍ଟିରୁ ଯେତିକି ବିସ୍ମୟକର, ତତ୍ତ୍ୱ ଦୃଷ୍ଟିରୁ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ ।

## ବୃକ୍ଷ

'ବୃହତ୍ ସଂହିତା', 'ଶିଳ୍ପଶାସ୍ତ୍ର' ଏବଂ 'ଭବିଷ୍ୟ ପୁରାଣ' ଆଦିରେ ଦେବବିଗ୍ରହ ନିର୍ମାଣ ଉପଯୋଗୀ ବୃକ୍ଷର ଉଲ୍ଲେଖ ଅଛି । ତେବେ ସେହିସବୁ ଶାସ୍ତ୍ର, ଗ୍ରନ୍ଥରେ ବର୍ଣ୍ଣିତ ସମସ୍ତ ଲକ୍ଷଣ ଅନୁସାରେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ବିଗ୍ରହ ନିର୍ମାଣ ନିମନ୍ତେ ଦାରୁଚୟନ କରାଯାଏ ନାହିଁ । ଉଦାହରଣ ସ୍ୱରୂପ, ଶ୍ମଶାନରେ ଥିବା ବୃକ୍ଷ, ଦେବମନ୍ଦିର ପାର୍ଶ୍ୱରେ ଥିବା ବୃକ୍ଷ, ଉଇହୁଙ୍କା ନିକଟରେ ଥିବା ବୃକ୍ଷ, ନଦୀ ବା ନଦୀର ସଙ୍ଗମ ସ୍ଥଳ ସନ୍ନିକଟରେ ଥିବା ବୃକ୍ଷ ବିଗ୍ରହ ନିର୍ମାଣ କ୍ଷେତ୍ରରେ ବର୍ଜନୀୟ ବୋଲି 'ବୃହତ୍ ସଂହିତା'ରେ ବିଧାନ ଅଛି । କିନ୍ତୁ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ଦାରୁଚୟନ କ୍ଷେତ୍ରରେ ଏହି ବିଧାନ ଅବଲମ୍ବନ କରାଯାଇନଥାଏ ।

ସେହିପରି 'ବୈଖାନସ ଆଗମ' ଅନ୍ତର୍ଗତ 'ବିମାନାର୍ଚ୍ଚନ କଳ୍ପ'ରେ ଯେଉଁସବୁ ଲକ୍ଷଣ ଥିବା ବୃକ୍ଷ ଦେବବିଗ୍ରହ ନିର୍ମାଣ କ୍ଷେତ୍ରରେ ବର୍ଜନୀୟ ବୋଲି ଉଲ୍ଲେଖ ଅଛି, ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ କ୍ଷେତ୍ରରେ ସେହିସବୁ ଲକ୍ଷଣଯୁକ୍ତ ବୃକ୍ଷ ଗ୍ରହଣୀୟ ହୋଇଥାଏ । ଏ ପ୍ରସଙ୍ଗରେ ଜଗବନ୍ଧୁ ପାଢ଼ୀ ଲେଖିଛନ୍ତି, "ବୈଖାନସ ଆଗମ ଅନ୍ତର୍ଗତ ମରୀଚିଙ୍କର ବିମାନାର୍ଚ୍ଚନ କଳ୍ପରେ ମଧ୍ୟ ବଲ୍ମୀକଯୁକ୍ତ, ସର୍ପ ପରିବେଷ୍ଟିତ, ଶ୍ମଶାନ ସନ୍ନିହିତ, ପତ୍ରପୁଷ୍ପ ବିମଣ୍ଡିତ, କୀଟଦଷ୍ଟ, ଅଗ୍ନିଦଗ୍ଧ, ବାତ୍ୟାକ୍ଲିଷ୍ଟ ତଥା ପକ୍ଷୀନିଷେବିତ ବୃକ୍ଷକୁ ଦେବବିଗ୍ରହ ନିର୍ମାଣ କରିବା ଉଦ୍ଦେଶ୍ୟରେ ପରିତ୍ୟାଗ କରାଯାଇଥିବା ସତ୍ତ୍ୱେ ଶ୍ରୀପୁରୁଷୋତ୍ତମଙ୍କ ବିଗ୍ରହ ନିର୍ମାଣ ନିମିତ ଉପାଦେୟ ବୃକ୍ଷ କ୍ଷେତ୍ରରେ ଏହି କେତେକ ଲକ୍ଷଣ ଗ୍ରାହ୍ୟ ।"

ଗୟାଚରଣ ତ୍ରିପାଠୀ ଏ ସଂପର୍କରେ ଦେଇଥିବା ବିବରଣୀ ଅନୁସାରେ, 'ବିମାନାର୍ଚ୍ଚନ କଳ୍ପ'ରେ ପୁଂ-ବୃକ୍ଷ, ସ୍ତ୍ରୀ-ବୃକ୍ଷ ଓ ନପୁଂସକ-ବୃକ୍ଷ ଭାବରେ ବୃକ୍ଷଗୁଡ଼ିକର ତିନିଟି ବର୍ଗ କରାଯାଇଛି । ଏହି ତିନିଶ୍ରେଣୀର ବୃକ୍ଷର ଲକ୍ଷଣ ଭିନ୍ନ ଭିନ୍ନ । ସେହି ଅନୁସାରେ, ପୁଂ-ବୃକ୍ଷରେ କେବଳ ଦେବତାଙ୍କର ବିଗ୍ରହ ଏବଂ ସ୍ତ୍ରୀ-ବୃକ୍ଷରେ କେବଳ ଦେବୀଙ୍କର ବିଗ୍ରହ ନିର୍ମାଣ କରାଯାଇଥାଏ । କିନ୍ତୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କର ବିଗ୍ରହ ନିର୍ମାଣ ସମୟରେ ଏହି ଶାସ୍ତ୍ରୀୟ ବିଧାନକୁ ବିଚାରକୁ ନିଆଯାଏ ନାହିଁ । କାରଣ ନିମ୍ବ ଏକ ପୁଂ-ବୃକ୍ଷ ହୋଇଥିଲେ ମଧ୍ୟ ଏଥିରେ ଦେବୀ ସୁଭଦ୍ରାଙ୍କ ସମେତ ଚାରିଟିଯାକ ବିଗ୍ରହ ନିର୍ମିତ ହୋଇଥାଆନ୍ତି ।

ଉପରୋକ୍ତ ବିବରଣୀରୁ ସୂଚିତ ଯେ ବିଭିନ୍ନ ଦେବଦେବୀଙ୍କର ବିଗ୍ରହ ନିର୍ମାଣ ପାଇଁ ଯେଉଁସବୁ ଲକ୍ଷଣ ଆଧାରରେ ଦାରୁବୃକ୍ଷ ଚୟନ କରାଯାଏ, ସେହିସବୁ ଲକ୍ଷଣ ପରସ୍ପର ଠାରୁ ଭିନ୍ନ । ଏ ସଂପର୍କରେ ଶ୍ରୀମନ୍ଦିର ପୁରୋହିତ ପଦ୍ମନାଭ ମହାପାତ୍ର ନିର୍ଦ୍ଦିଷ୍ଟ ଭାବରେ କହିଛନ୍ତି, "ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ବିଗ୍ରହ ନିର୍ମାଣ ପାଇଁ ଦାରୁର ଲକ୍ଷଣ ସଂପର୍କରେ କୌଣସି ପ୍ରାମାଣିକ ଗ୍ରନ୍ଥରେ କିଛି ଉଲ୍ଲେଖ ଥିବା ଦେଖାଯାଏ ନାହିଁ । କେବଳ କିଛି ବୟୋଜ୍ୟେଷ୍ଠ ସଂପୃକ୍ତ ସେବକମାନଙ୍କ ଠାରୁ ଶୁଣି ବା ସେମାନଙ୍କ ପାଖରେ ଥିବା କିଛି ପୁରାତନ ଗୁପ୍ତ ପୋଥିରେ ବର୍ଣ୍ଣିତ ହୋଇଥିବା କଥା ଜାଣି, ଆଲୋଚକମାନେ ଦାରୁନିର୍ଣ୍ଣୟର ଲକ୍ଷଣ ସବୁକୁ ସେମାନଙ୍କ ପୁସ୍ତକରେ ପ୍ରକାଶ କରିଯାଇଛନ୍ତି ।"

ନିମ୍ବବୃକ୍ଷରେ ଥିବା ବିଭିନ୍ନ ଦିବ୍ୟସଙ୍କେତ ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଲକ୍ଷଣ ଅନୁସାରେ, ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଦାରୁଚୟନ କରିବାର ଦାୟିତ୍ୱ ସଂପୂର୍ଣ୍ଣ ଭାବରେ ଦଇତା ସେବକଙ୍କର । ନିମ୍ବବୃକ୍ଷକୁ କାହିଁକି ଦାରୁ ରୂପେ ଚୟନ କରାଯାଏ ତାହା ପୂର୍ବରୁ ବର୍ଣ୍ଣିତ ହୋଇଛି । ପୁଣି 'ସ୍କନ୍ଦପୁରାଣ' ଅନୁସାରେ ଏଥିରେ ଯଜ୍ଞରୂପରେ ସ୍ୱୟଂ ବିଷ୍ଣୁ ବିରାଜମାନ କରିଥାଆନ୍ତି । ଯେକୌଣସି ନିମ୍ବବୃକ୍ଷକୁ ଦାରୁ ରୂପେ ଚୟନ କରାନଯାଇ ଯେଉଁସବୁ ଲକ୍ଷଣ ଆଧାରରେ ଦାରୁ ନିର୍ଣ୍ଣୟ କରାଯାଏ- ତାହା ବିଭିନ୍ନ ସୂତ୍ରରେ ଭିନ୍ନ ଭିନ୍ନ ଭାବରେ ସୂଚିତ ହୋଇଛି । 'ଇନ୍ଦ୍ରନୀଳମଣି ପୁରାଣ'ରେ ଏ ସଂପର୍କରେ ବର୍ଣ୍ଣନା ରହିଛି

ବୋଲି କୁହାଗଲେ ମଧ୍ୟ ସେହି ପୁରାଣଟି ଏଯାଏ ସାଧାରଣରେ ଉପଲବ୍ଧ ନୁହେଁ । ସେହିପରି 'ନବକଳେବର ବିଧାନ' ନାମକ ପୋଥି ବା ଗ୍ରନ୍ଥ ଏବେ ବି ଦୁଷ୍ପ୍ରାପ୍ୟ । ବିକ୍ଷିପ୍ତ ଭାବରେ ସେସବୁର କିଛି କିଛି ଶ୍ଳୋକ ଏ ପର୍ଯ୍ୟନ୍ତ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସୂତ୍ରରୁ ପ୍ରକାଶ ପାଇଛି- କିନ୍ତୁ ତାହାର ପୂର୍ଣ୍ଣ ଅସ୍ତିତ୍ୱ ବା ନିର୍ଦ୍ଦିଷ୍ଟ ତଥ୍ୟ ମିଳେନାହିଁ ।

୧୯୭୭ ମସିହାରେ ନୀଳମଣି ସେନାପତି 'ଓଡ଼ିଶା ଗେଜେଟିୟର୍'ର ଏକ ସ୍ୱତନ୍ତ୍ର ପ୍ରସ୍ତ (ସପ୍ଲିମେଣ୍ଟ୍-୨)ରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଇଁ ଚୟନ ହେଉଥିବା ଦାରୁବୃକ୍ଷଙ୍କର ଦଶଟି ଲକ୍ଷଣ ଲିପିବଦ୍ଧ କରିଥିଲେ । ସେହି ଦଶଟି ଲକ୍ଷଣ ହେଉଛି- ୧) ଦାରୁବୃକ୍ଷ ସମୀପରେ ଏକ ବରୁଣ ବୃକ୍ଷ ରହିଥିବ, ୨) ଦାରୁବୃକ୍ଷଟି ଏକ ନଦୀତୀରରେ ଥିବ, ୩) ବୃକ୍ଷର ନିକଟରେ ଏକ ଆଶ୍ରମ ରହିଥିବ, ୪) ବୃକ୍ଷ ନିକଟରେ ଶ୍ମଶାନ ଥିବ, ୫) ଦାରୁବୃକ୍ଷରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଚିହ୍ନ ଥିବ, ୬) ଦାରୁବୃକ୍ଷର ଅନ୍ତତଃ ବାରଫୁଟ ଉଚ୍ଚତା ପର୍ଯ୍ୟନ୍ତ କୌଣସି ଶାଖା ନଥିବ ଏବଂ ତା'ପରେ ତିନିଟି ଶାଖା ବାହାରି ଥିବ, ୭) ଦାରୁବୃକ୍ଷ ମୂଳରେ ଗୋଟିଏ ବଲ୍ମୀକ ବା ଉଇହୁଙ୍କା ଥିବ, ୮) ବୃକ୍ଷରେ କୌଣସି ପକ୍ଷୀଙ୍କର ବସା ନଥିବ, ୯) ବୃକ୍ଷମୂଳରେ ସର୍ପ ବାସ କରୁଥିବେ ଏବଂ ୧୦) ବୃକ୍ଷ ଉପରେ କୌଣସି ଲତା ବା ପରାଙ୍ଗପୁଷ୍ଟ ଉଦ୍ଭିଦ ମାଡ଼ି ନଥିବ ।

ଏସବୁ ବ୍ୟତୀତ ନବକଳେବର ସଂପର୍କରେ ଡକ୍ଟର କାହ୍ନୁଚରଣ ମିଶ୍ର, ଅନିରୁଦ୍ଧ ଦାଶ, ଗୟାଚରଣ ତ୍ରିପାଠୀ ପ୍ରମୁଖ ଆଲୋଚକବୃନ୍ଦ ଅନ୍ୟ କେତେକ ଲକ୍ଷଣର ବର୍ଣ୍ଣନା କରିଛନ୍ତି । ସେହିସବୁ ଲକ୍ଷଣ ହେଉଛି, ୧) ବୃକ୍ଷର ବର୍ଣ୍ଣ କଳା ବା ମଞ୍ଜିଷ୍ଠା (ଲାଲ) ବର୍ଣ୍ଣର ହୋଇଥିବ, ୨) ବୃକ୍ଷର ଗଣ୍ଡିରୁ ଚାରିଟି ମୁଖ୍ୟଶାଖା ବାହାରିଥିବ, ୩) ବୃକ୍ଷ ନିକଟରେ ଏକ ଶିବମନ୍ଦିର ଥିବ, ୪) ବୃକ୍ଷଟି ବାତ୍ୟାରେ କ୍ଷୟ ବା ଦାବାଗ୍ନିରେ ଦଗ୍ଧ ହୋଇନଥିବ, ଏବଂ ୫) ବଳଭଦ୍ରଙ୍କ ଦାରୁବୃକ୍ଷର ଉପରି ଭାଗ ସାପ ଫଣା ପରି ପ୍ରତୀତ ହେଉଥିବ । ଏ ପ୍ରସଙ୍ଗରେ 'ଭବିଷ୍ୟ ପୁରାଣ' ଓ 'ବୈଖାନସ ଆଗମ' ଆଦି ଗ୍ରନ୍ଥର ଉଲ୍ଲେଖ କରି ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର କହିଛନ୍ତି, "ଯେଉଁ ବୃକ୍ଷ ଦୁର୍ବଳ ଓ କ୍ଷୀରଯୁକ୍ତ ନୁହେଁ, ତାହାକୁ ବର୍ଜନ କରିବାକୁ ହେବ । ଜନପଥ ଉପରେ ବର୍ଦ୍ଧିତ, କ୍ଷୁଦ୍ର ମନ୍ଦିର ବା ଉଇହୁଙ୍କାରେ ଜାତ, ଦେବମୂର୍ତ୍ତି ଖୋଦିତ, ଜୈନ ବା ବୌଦ୍ଧ ମଠର ଅଧିକାରଭୁକ୍ତ, ଶ୍ମଶାନଜାତ, ପକ୍ଷୀନୀଡ଼ଯୁକ୍ତ, କୋଟରଯୁକ୍ତ, ଶୁଷ୍କାଗ୍ର, ଶସ୍ତ୍ରାଘାତ ଚିହ୍ନଯୁକ୍ତ, ହସ୍ତୀଦ୍ୱାରା ବିକ୍ଷତ, ଭଗ୍ନଶାଖାଯୁକ୍ତ ଓ ରୁଗ୍ଣ ବୃକ୍ଷ, ଶୁଷ୍କ ପତ୍ରଯୁକ୍ତ, ଏକଶାଖା ଯୁକ୍ତ, ବହୁଶାଖା ଯୁକ୍ତ, ତ୍ରିଶାଖାଯୁକ୍ତ ବୃକ୍ଷଗୁଡ଼ିକ ଅଧମ ବୃକ୍ଷ ।"

ପୁଣି 'ଭବିଷ୍ୟ ପୁରାଣ'ର ଉଲ୍ଲେଖ ଅନୁସାରେ, ମଧୁକ ଓ ଦେବଦାରୁ ବ୍ରାହ୍ମଣଙ୍କର ବୃକ୍ଷ, ଆମ୍ବ ବୈଷ୍ଣବଙ୍କର ବୃକ୍ଷ, ବେଲ ଶିବଙ୍କର ବୃକ୍ଷ, ଅର୍ଜୁନ ଶୂଦ୍ରଙ୍କର ବୃକ୍ଷ- କିନ୍ତୁ ନିମ୍ବ ସମସ୍ତଙ୍କର ବୃକ୍ଷ । ଏଣୁ ନିମ୍ବ ବୃକ୍ଷକୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦାରୁ ରୂପେ ଚୟନ କରାଯାଇଥାଏ ।

କିନ୍ତୁ ଚାରି ବିଗ୍ରହଙ୍କ ପାଇଁ ନିମ୍ବବୃକ୍ଷକୁ ଦାରୁ ରୂପେ ଚୟନ କରାଯିବା ବେଳେ ଉପରୋକ୍ତ ସବୁ ଲକ୍ଷଣକୁ ବିଚାରକୁ ନିଆଯାଏ ନାହିଁ । ସର୍ବନିମ୍ନ କେତେକ ଲକ୍ଷଣ ଆଧାରରେ ହିଁ ବିଗ୍ରହଙ୍କ ନିମନ୍ତେ ବୃକ୍ଷ ଚୟନ କରାଯାଇଥାଏ ।

ଏ ପ୍ରସଙ୍ଗରେ ମନକୁ ଆସେ, ନିମ୍ବବୃକ୍ଷକୁ ପୁଂ-ବୃକ୍ଷ ବୋଲି ଶାସ୍ତ୍ରରେ କୁହାଯାଇଥିଲେ ହେଁ ସବୁ ନିମ୍ବବୃକ୍ଷକୁ କ'ଣ ପୁଂ-ବୃକ୍ଷ ଭାବରେ ଗ୍ରହଣ କରାଯାଏ ? ଏହାର ଉତ୍ତର ଅଛି 'ବୈଖାନସ ଆଗମ' ଅନ୍ତର୍ଗତ ଦାରୁଚୟନ ବିଧିରେ । ସେଥିରେ ଥିବା ଉଲ୍ଲେଖ ଆଧାରରେ ବିଚାର କଲେ, ଯେଉଁ ନିମ୍ବବୃକ୍ଷର ମୂଳଭାଗ ସ୍ଥୂଳ ଓ ଉପରିଭାଗ କୃଶ ତାହା ସ୍ତ୍ରୀ-ବୃକ୍ଷ, ଯେଉଁ ନିମ୍ବବୃକ୍ଷର ମୂଳଭାଗ କୃଶ ଓ ଉପରିଭାଗ ସ୍ଥୂଳ ତାହା ନପୁଂସକ ବା କ୍ଲୀବ-ବୃକ୍ଷ ଏବଂ ଯେଉଁ ନିମ୍ବବୃକ୍ଷର ମୂଳ ଠାରୁ ଆରମ୍ଭ କରି ଗଣ୍ଡିର ଉପରିଭାଗ ପର୍ଯ୍ୟନ୍ତ ସଳଖ ଓ ଗୋଲାକାର ତାହା ପୁଂ-ବୃକ୍ଷ । ମୁଖ୍ୟତଃ ଏହି ପ୍ରକାରର ବୃକ୍ଷକୁ ହିଁ ବିଭିନ୍ନ ଦିବ୍ୟଲକ୍ଷଣ ବିଚାରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦାରୁ ରୂପେ ଚୟନ କରାଯାଇଥାଏ ।



ଶ୍ରୀଜଗନ୍ନାଥଙ୍କ ଦିବ୍ୟଦାରୁ

ବନଯାଗ ବିଧି ଅନୁସାରେ ପ୍ରଥମେ ଶ୍ରୀସୁଦର୍ଶନ, ତା'ପରେ ଶ୍ରୀବଳଭଦ୍ର, ତତ୍ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ପାଇଁ ଦାରୁବୃକ୍ଷ ଚୟନ କରାଯାଏ ।

ଶ୍ରୀସୁଦର୍ଶନଙ୍କ ଦାରୁ ଚୟନ ନିମନ୍ତେ ଯେଉଁସବୁ ଲକ୍ଷଣ ଅଛି, ତା'ମଧ୍ୟରୁ ନିର୍ଦ୍ଦିଷ୍ଟ ତିନିଟି ଲକ୍ଷଣକୁ ବିଶେଷ ଗୁରୁତ୍ୱ ଦିଆଯାଏ । ସେହି ତିନିଟି ଲକ୍ଷଣ ହେଉଛି- ୧) ଏହି ଦାରୁବୃକ୍ଷ ରକ୍ତବର୍ଣ୍ଣ ବା ଈଷତ ଲାଲ ରଙ୍ଗର ହୋଇଥିବ, ୨) ଏହି ଦାରୁବୃକ୍ଷଙ୍କର ତିନିଟି ଶାଖା ଥିବ, ଏବଂ ୩) ସେଥିରେ ଚକ୍ର ଚିହ୍ନ ରହିଥିବ ।

ଏ ପ୍ରସଙ୍ଗରେ ୧୯୯୬ ନବକଳେବରର ଉଲ୍ଲେଖ କରାଯାଇପାରେ । ଦଇତାସେବକ ରାଜକିଶୋର ଦାସ ମହାପାତ୍ର ୧୯୬୯, ୧୯୭୭ ଓ ୧୯୯୬ ନବକଳେବରରେ ବିଶ୍ୱାବସୁ ଭାବରେ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରକାଶ ପାଇଥିବା ସ୍ମରଣିକା 'ନକ୍ଷତ୍ରର ସ୍ୱନକ୍ଷତ୍ର'ର ବିବରଣୀ ଅନୁସାରେ-୧୯୯୬ ମସିହା ଏପ୍ରିଲ ୯ ତାରିଖ ସନ୍ଧ୍ୟାରେ ଶ୍ରୀସୁଦର୍ଶନଙ୍କ ଦାରୁ ନିର୍ଣ୍ଣୟ ସଂପର୍କରେ ଦଳପତି ଘୋଷଣା କରିଥିଲେ । କଟକ ଜିଲ୍ଲା ଅନ୍ତର୍ଗତ ମାଧବ ଗ୍ରାମର ମାଧବାନନ୍ଦ ମନ୍ଦିରର ଏକ କିଲୋମିଟର ଦୂରରେ ଅବସ୍ଥିତ ପନିମାଳ ଠାରୁ ଶ୍ରୀସୁଦର୍ଶନଙ୍କ ଦାରୁ ମିଳିଥିଲେ । ସେହି ଗ୍ରାମର ଷୋଳକୁଦ ଅଞ୍ଚଳ, ବାଙ୍କୀ ଅରିମା ଠାକୁରାଣୀଙ୍କ ବରଗଛକୁ ଲାଗିଥିବା ନିମ୍ବବୃକ୍ଷଟି ଶ୍ରୀସୁଦର୍ଶନଙ୍କର ଦାରୁ ହେବ ବୋଲି ସେଦିନ ଦଳପତିଙ୍କ ଦ୍ୱାରା ଘୋଷଣା କରାଯାଇଥିଲା ।

ଏ ସଂପର୍କରେ ପ୍ରାପ୍ତ ବିବରଣୀ ଅନୁସାରେ, ଏହା (ଶ୍ରୀସୁଦର୍ଶନଙ୍କ ଦାରୁବୃକ୍ଷ) ନିଆଳି ମାଧବଙ୍କ ଭୂସଂପତ୍ତି ଉପରେ ହିଁ ଅବସ୍ଥିତ ଥିଲେ । ଦାରୁ ବୃକ୍ଷଙ୍କର ବୟସ ପ୍ରାୟ ୫୦ରୁ ୬୦ ବର୍ଷ ମଧ୍ୟରେ ହେବ । ବୃକ୍ଷଙ୍କର ରଙ୍ଗ ତାମ୍ରବର୍ଣ୍ଣ (ଈଷତ୍ ଲାଲ୍) ଏବଂ ସେଥିରେ ସ୍ପଷ୍ଟ ରୂପେ ଶଙ୍ଖ ଓ ଚକ୍ର ଚିହ୍ନ ଥିବାର ଦେଖିବାକୁ ମିଳିଥିଲା । ଦାରୁଙ୍କର ସମ୍ମୁଖ ଓ ପାର୍ଶ୍ୱଦେଶରେ ବରଗଛମାନ ରହିଥିଲା । ନିକଟରେ ଥିଲା ଶ୍ମଶାନ ଓ ଠାକୁରାଣୀଙ୍କ ମନ୍ଦିର । ମାଧବଙ୍କର ଜଣେ ସେବକ ସେହି ଦାରୁଙ୍କୁ ଜଣେ ବ୍ୟକ୍ତିଙ୍କୁ ବିକ୍ରୟ କରିଦେଇଥିଲେ । ବ୍ୟକ୍ତିଜଣକ ବୃକ୍ଷଟିକୁ ଛେଦନ କରିବାକୁ ଉଦ୍ୟତ ହେବାବେଳେ ବୃକ୍ଷମୂଳରୁ ଗୋଟିଏ ସାପ ବାହାରି ଆସିଥିଲା । ତାହା ଦେଖି ତାହାକୁ କାଟିବାକୁ ସେ ସାହସ କରିପାରି ନଥିଲେ । ସେହିଦିନ ଠାରୁ ତାହାକୁ କେହି କାଟିବାର ପ୍ରୟାସ କରି ନଥିଲେ । ସ୍ୱପ୍ନାଦେଶ ପାଇବା ପରେ ସେ ବର୍ଷ ଦଇତା ଓ ପତି

ସେବକମାନେ ସେହି ନିମ୍ବବୃକ୍ଷଙ୍କୁ ଶ୍ରୀସୁଦର୍ଶନଙ୍କର ଦାରୁ ରୂପେ ଚୟନ କରିଥିଲେ ।

ଶ୍ରୀମନ୍ଦିରର ରତ୍ନସିଂହାସନରେ ପ୍ରଥମେ ଏକମୂର୍ତ୍ତି ଏବଂ ପରେ ତ୍ରିମୂର୍ତ୍ତି ପୂଜିତ ହେଉଥିବା ଜଣାଯାଏ । ପରବର୍ତ୍ତୀ କାଳରେ ଶ୍ରୀସୁଦର୍ଶନ ମିଶି ଚତୁର୍ଦ୍ଧା ମୂର୍ତ୍ତି ହୋଇଥିଲେ । କ୍ରମେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀମାଧବ ମିଶି ଏବେ ସପ୍ତଧା ବିଗ୍ରହ ପୂଜା ପାଉଛନ୍ତି । ଏମାନଙ୍କ ମଧ୍ୟରୁ ଶ୍ରୀମାଧବ ଶ୍ରୀଜଗନ୍ନାଥଙ୍କର ପ୍ରତିଭୂ ଏବଂ ତାଙ୍କର ରୂପ ଓ ବର୍ଣ୍ଣ ଶ୍ରୀଜଗନ୍ନାଥଙ୍କ ରୂପ ଓ ବର୍ଣ୍ଣର ଅନୁରୂପ ।

ଶ୍ରୀଜଗନ୍ନାଥ ଓ ଶ୍ରୀମାଧବ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ଦାରୁବିଗ୍ରହର ବର୍ଣ୍ଣ ଭିନ୍ନ ଭିନ୍ନ । ଶ୍ରୀଜଗନ୍ନାଥ ଓ ଶ୍ରୀମାଧବ କୃଷ୍ଣବର୍ଣ୍ଣ, ଶ୍ରୀବଳଭଦ୍ର ଶ୍ୱେତବର୍ଣ୍ଣ, ଦେବୀ ସୁଭଦ୍ରା କୁଙ୍କୁମ ତୁଲ୍ୟ ରକ୍ତାଭ ବା ହରିଦ୍ରା ବର୍ଣ୍ଣ ଏବଂ ଶ୍ରୀସୁଦର୍ଶନ ମଞ୍ଜିଷ୍ଠା (ଲୋହିତ) ବର୍ଣ୍ଣର ହୋଇଥାଆନ୍ତି । ସେମାନଙ୍କ ପାଇଁ ଦାରୁ ଚୟନ ସମୟରେ ଏହିସବୁ ବର୍ଣ୍ଣ ଲକ୍ଷଣକୁ ବିଚାରକୁ ନିଆ ଯାଇଥାଏ ।

ଏହି ଅନୁସାରେ ଶ୍ରୀବଳଭଦ୍ରଙ୍କର ଦାରୁ ଚୟନ ନିମନ୍ତେ ଯେଉଁସବୁ ଲକ୍ଷଣ ନିର୍ଦ୍ଧାରିତ ହୋଇଛି, ତଦନୁସାରେ- ୧) ଏହି ଦାରୁବୃକ୍ଷ ଶ୍ୱେତ ବା ଈଷତ୍ ଶ୍ୱେତବର୍ଣ୍ଣର ହୋଇଥିବେ, ୨) ଏହାଙ୍କର ମୁଖ୍ୟ ଗଣ୍ଡି ସିଧା ଓ ତାହାର ଉଚ୍ଚତା ୭ ହାତରୁ ୧୨ ହାତ ହୋଇଥିବ, ୩) ଶ୍ରୀବଳଭଦ୍ର ଶେଷନାଗ ବା ଅନନ୍ତ ରୂପେ ବିବେଚିତ ହେଉଥିବାରୁ ଦାରୁଙ୍କର ଉପରିଭାଗ ସାତଟି ଶାଖାରେ ବିସ୍ତୃତ ହୋଇ ଛତ୍ରାକାରର ଫଣା ଭଳି ପ୍ରତୀୟମାନ ହେଉଥିବ ଏବଂ ୪) ଦାରୁଙ୍କ ଦେହରେ ଶ୍ରୀବଳଭଦ୍ରଙ୍କର ଆୟୁଧ- ହଳ ଓ ମୂଷଳ (ଗଦା) ଚିହ୍ନ ଥିବ ।

ଏ ସଂପର୍କରେ ୧୯୯୬ ନବକଳେବରର ଉଦାହରଣ ନିଆଯାଇପାରେ । କଟକ ଜିଲ୍ଲା ସାଲେପୁର ବ୍ଲକର ରାମକୃଷ୍ଣପୁର ନଡ଼ିଆମାଳ ହରିଜନ ବସ୍ତିର ପୂର୍ଣ୍ଣାନନ୍ଦ ସାମଲଙ୍କ ବାଡ଼ିରୁ ଶ୍ରୀବଳଭଦ୍ରଙ୍କ ଦାରୁବୃକ୍ଷର ସନ୍ଧାନ ମିଳିଥିଲା । ବୃକ୍ଷଟିର ଉଚ୍ଚତା ୭୦ଫୁଟ୍‌ରୁ ଉର୍ଦ୍ଧ୍ୱ ଥିଲା । ରଙ୍ଗ ଈଷତ୍ ଧବଳ ଓ ବୃକ୍ଷର ମୂଳ ଠାରୁ ପ୍ରାୟ ୮ଫୁଟ ଉଚ୍ଚରେ ଶଙ୍ଖ ଓ ୧୨ଫୁଟ ଉଚ୍ଚରେ ପଦ୍ମଚିହ୍ନ ଥିବାର ଲକ୍ଷ୍ୟ କରା ଯାଇଥିଲା । ଏପରିକି ବୃକ୍ଷ ମୂଳରୁ ପ୍ରାୟ ୨୩-୨୪ଫୁଟ ଉଚ୍ଚରେ ଚକ୍ର ଓ ଠିକ୍ ମୂଳରେ ଏକ ଗଦା ଆକୃତିର ଚିହ୍ନ ବଲ୍‌କଲ ଉପରେ ରହିଥିଲା । ମୂଳଠାରୁ ଦୁଇହାତ ଉପରେ ଲଙ୍ଗଳ ଚିହ୍ନ ଥିବା ଲକ୍ଷ୍ୟ କରାଯାଇଥିଲା ।

ଶ୍ରୀମନ୍ଦିରର ରତ୍ନସିଂହାସନରେ ବଡ଼ଠାକୁର ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟଭାଗରେ ଦେବୀ ସୁଭଦ୍ରା ବିରାଜମାନ ଥାଆନ୍ତି । ସେ ହରିଦ୍ରାବର୍ଣ୍ଣର ବୋଲି ସାଧାରଣରେ ବିଦିତ । ତେବେ ଶାସ୍ତ୍ରଗ୍ରନ୍ଥମାନଙ୍କରେ ସେ କୁଙ୍କୁମରାଗ ପରି ରକ୍ତାଭ ବୋଲି ବର୍ଣ୍ଣନା ଅଛି । ପୁଣି ଅନ୍ୟ କେତେକ ଶାସ୍ତ୍ରଗ୍ରନ୍ଥରେ ସେ ରୁକ୍ମବର୍ଣ୍ଣା ବା ସ୍ୱର୍ଣ୍ଣବର୍ଣ୍ଣା ବୋଲି ମଧ୍ୟ ଉଲ୍ଲେଖ ଅଛି । ତେବେ ଦେବୀଙ୍କ ପାଇଁ ଦାରୁଚୟନ ସମୟରେ ତାଙ୍କର ହରିଦ୍ରାବର୍ଣ୍ଣକୁ ହିଁ ଆଧାର ଭାବରେ ଗ୍ରହଣ କରାଯାଇଥାଏ ।

ଦେବୀ ସୁଭଦ୍ରାଙ୍କର ଦାରୁ ଚୟନ ସଂପର୍କରେ ଯେଉଁ ସବୁ ଲକ୍ଷଣ ନିର୍ଦ୍ଧାରଣ କରାଯାଇଛି, ସେଥିରୁ ତିନିଟିକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । ସେହି ତିନିଟି ଲକ୍ଷଣ ହେଉଛି- ୧) ଦେବୀଙ୍କ ଦାରୁବୃକ୍ଷର ବର୍ଣ୍ଣ ହଳଦି ବା ଈଷତ୍ ହଳଦି ହୋଇଥିବ, ୨) ବୃକ୍ଷଙ୍କର ଗଣ୍ଡିର ଉର୍ଦ୍ଧ୍ୱରେ ପାଞ୍ଚଗୋଟି ଶାଖା ରହିଥିବ, ୩) ସେଥିରେ ପଦ୍ମ, ବିଶେଷତଃ ପାଞ୍ଚ ପାଖୁଡ଼ା ବିଶିଷ୍ଟ ପଦ୍ମର ଚିହ୍ନ ରହିଥିବ ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ୧୯୯୬ ମସିହାର ନବକଳେବରରେ ଅସ୍ତରଙ୍ଗର ମାଳଦା ଠାରୁ ଦେବୀ ସୁଭଦ୍ରାଙ୍କର ଦାରୁ ମିଳିଥିଲେ । ଏହି ଦାରୁବୃକ୍ଷଙ୍କର ରଙ୍ଗ ହଳଦିବର୍ଣ୍ଣର ଥିଲା । ବୃକ୍ଷଟି ପ୍ରାୟ ୫୦ବର୍ଷର ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଥିଲେ । ଦାରୁବୃକ୍ଷଙ୍କ ଗଣ୍ଡିର ପ୍ରାୟ ପନ୍ଦରଫୁଟ ଉଚ୍ଚରେ ଚାରିଗୋଟି ଶାଖା ବାହାରିଥିଲା । ଦାରୁବୃକ୍ଷଙ୍କ ଉପରେ ଗୋଟିଏ ବଟବୃକ୍ଷ ଉଠିଥିଲା । ଦାରୁଙ୍କ ଦେହରେ ଗୋଟିଏ ଖୋଷା ଚିହ୍ନ ରହିଥିଲା ।

ଏ ପ୍ରସଙ୍ଗରେ ସୂଚନାଯୋଗ୍ୟ ଯେ ୧୯୭୭ରେ ପ୍ରଥମେ ପ୍ରକାଶ ପାଇଥିଲା ପଣ୍ଡିତ ସଦାଶିବ ରଥଶର୍ମାଙ୍କ 'ବ୍ରହ୍ମର ପୁଣି ନବକଳେବର' ପୁସ୍ତକ । ୧୯୯୬ରେ ତାହାର ପରିବର୍ଦ୍ଧିତ ସଂସ୍କରଣ ପ୍ରକାଶ ପାଇଛି । ସେଥିରେ ସ୍ୱର୍ଗତ ରଥଶର୍ମାଙ୍କ ପୁତ୍ର ସୂର୍ଯ୍ୟନାରାୟଣ ରଥଶର୍ମା ଯେଉଁସବୁ ଫଟୋଚିତ୍ର ଦେଇଛନ୍ତି, ସେଥିରେ ଏହି 'ଖୋଷା' ଚିହ୍ନକୁ 'ପଦ୍ମ'ଚିହ୍ନ ବୋଲି ଉଲ୍ଲେଖ କରାଯାଇଛି । ତେବେ ଉକ୍ତ ପୁସ୍ତକରେ ଦେବୀ ସୁଭଦ୍ରାଙ୍କ ଦାରୁର ଆଉ ଯେଉଁ ଫଟୋଚିତ୍ରଟି ସ୍ଥାନିତ ହୋଇଛି, ସେଥିରେ ଥିବା ଚିହ୍ନକୁ ନାରୀଅଙ୍ଗର ସଂକେତ ରୂପେ ଅଭିହିତ କରାଯାଇଛି ।

ଶ୍ରୀସୁଦର୍ଶନଙ୍କ ଦାରୁବୃକ୍ଷ ଚୟନରେ ଲାଲ ବା ଈଷତ୍ ଲାଲ, ଶ୍ରୀବଳଭଦ୍ରଙ୍କ ଦାରୁବୃକ୍ଷ ଚୟନରେ ଧଳା ବା ଈଷତ୍ ଧଳା, ଦେବୀ ସୁଭଦ୍ରାଙ୍କ ଦାରୁବୃକ୍ଷ ଚୟନରେ ହଳଦି ବା ଈଷତ୍ ହଳଦି ରଙ୍ଗକୁ ଗୁରୁତ୍ୱ ଦିଆଯିବାପରି, ଶ୍ରୀଜଗନ୍ନାଥଙ୍କ ଦାରୁବୃକ୍ଷ ଚୟନରେ କଳା ବା ଈଷତ୍ କଳା ରଙ୍ଗକୁ ଗୁରୁତ୍ୱ ଦିଆଯାଇଥାଏ । ଶ୍ରୀଜଗନ୍ନାଥଙ୍କ ଦାରୁବୃକ୍ଷଙ୍କର ଅନ୍ୟ ଲକ୍ଷଣ ଗୁଡ଼ିକ ହେଉଛି ୧) ଏହି ବୃକ୍ଷଙ୍କର ଗଣ୍ଡି ସିଧା ଏବଂ ଉଚ୍ଚତା ୭ ହାତରୁ ୧୨ ହାତ ହୋଇଥିବ, ୨) ଏହାର ଉପରିଭାଗ ଚାରିଟି ଶାଖା ବିଶିଷ୍ଟ ହୋଇଥିବ, ୩) ଦାରୁଙ୍କ ଦେହରେ ଭଗବାନ ବିଷ୍ଣୁଙ୍କର ଚାରି ଆୟୁଧ- ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ମଧ୍ୟରୁ ଅନ୍ତତଃ ଦୁଇଗୋଟି ଚିହ୍ନ ରହିଥିବ । ଏହି ଦୁଇ ଚିହ୍ନ ଶଙ୍ଖ ଓ ଚକ୍ର ହୋଇଥିଲେ ଚୟନ କାଳରେ ତାହାକୁ ଅଧିକ ଗୁରୁତ୍ୱ ଦିଆଯାଏ ।

ଏହାର ପ୍ରତ୍ୟକ୍ଷ ଶାସ୍ତ୍ରୀୟ ସଂପର୍କ ଅଛି 'ସ୍କନ୍ଦପୁରାଣ-ଉତ୍କଳଖଣ୍ଡ'ର ବର୍ଣ୍ଣନା ସହିତ । ଏହା 'ବିଷ୍ଣୁଖଣ୍ଡ, ପୁରୁଷୋତ୍ତମ ମାହାତ୍ମ୍ୟ' ଭାବରେ ମଧ୍ୟ ପ୍ରସିଦ୍ଧ । ରାଜା ଇନ୍ଦ୍ରଦ୍ୟୁମ୍ନ, ସହସ୍ର ଅଶ୍ୱମେଧ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନର ପୂର୍ବ ରାତିରେ ସ୍ୱପ୍ନରେ ବିଷ୍ଣୁଙ୍କର ଦର୍ଶନ ପାଇଥିଲେ । ସେହି ମୂର୍ତ୍ତି ଚତୁର୍ଭୁଜ ଥିଲେ । ସେ ସ୍ୱପ୍ନରେ ମହାସମୁଦ୍ରର ତଟଭୂମିରେ ଏକ ମହାବୃକ୍ଷଙ୍କର ଦର୍ଶନ ମଧ୍ୟ କରିଥିଲେ । ସେହି ମହାବୃକ୍ଷଙ୍କର ସମସ୍ତ ଅବୟବ ରକ୍ତବର୍ଣ୍ଣ ଏବଂ ସେ ଶଙ୍ଖ, ଚକ୍ର ଚିହ୍ନରେ ଚିହ୍ନିତ ଥିଲେ । ଦେବର୍ଷି ନାରଦ ତାଙ୍କୁ ସେହି ସ୍ୱପ୍ନର ବୃତ୍ତାନ୍ତ ବ୍ୟାଖ୍ୟା କରି କହିଥିଲେ, ସ୍ୱପ୍ନରେ ରାଜା ଯେଉଁ ବିଷ୍ଣୁମୂର୍ତ୍ତିଙ୍କୁ ଦର୍ଶନ କଲେ, ସେ ହେଉଛନ୍ତି



ଦାରୁ ଶଗଡ଼ି



ଶ୍ୱେତଦ୍ୱୀପବାସୀ ଅବ୍ୟୟ ବିଷ୍ଣୁମୂର୍ତ୍ତି । ସେହି ଶ୍ୱେତଦ୍ୱୀପବାସୀ ବିଷ୍ଣୁଙ୍କର ଅଙ୍ଗରୁ ଗୋଟିଏ ଲୋମ ସ୍ଖଳିତ ହୋଇ ଏକ ଦିବ୍ୟ ତରୁ ରୂପ ଧାରଣ କରିଛି । ଭକ୍ତବତ୍ସଳ ଭଗବାନ ପୃଥିବୀରେ ସ୍ଥାଣୁ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି । ହେ ରାଜା ! ହେ ପୁରୁଷ ଶ୍ରେଷ୍ଠ ! ତୁମ୍ଭ ବିନା ଏ ପୃଥିବୀରେ ଆଉ କେହି ଏହି ଅପୌରୁଷେୟ ମହାବୃକ୍ଷଙ୍କୁ ଦର୍ଶନ କରିବା ପାଇଁ ଯୋଗ୍ୟ ନୁହନ୍ତି । ଆପଣ ସମୁଦ୍ର ତୀରରେ ଏକ ମହତୀବେଦୀ ନିର୍ମାଣ କରି ସେଠାରେ ଏହି ତରୁରୂପୀ ଯଜ୍ଞେଶ୍ୱରଙ୍କୁ ସ୍ଥାପନ କରନ୍ତୁ । ସ୍ୱୟଂ ଭଗବାନ ସେଠାରେ ଆବିର୍ଭୂତ ହେବେ ।

ସହସ୍ର ଅଶ୍ୱମେଧ ଯଜ୍ଞର ପୂର୍ଣ୍ଣାହୁତି ପରେ, ଇନ୍ଦ୍ରଦ୍ୟୁମ୍ନ ସମୁଦ୍ର ତଟକୁ ଯାଇ ସେଠାରେ ଏକ ଦିବ୍ୟଦାରୁ ଭାସମାନ ଥିବା ଦେଖିଲେ । ସ୍ୱପ୍ନରେ ସେ ଯେଉଁ ଚତୁର୍ଭୁଜ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ, ଦିବ୍ୟଦାରୁଙ୍କୁ ସେ ସେହିପରି ଚତୁର୍ଭୁଜ ସ୍ୱରୂପ ଅର୍ଥାତ୍ ଚତୁଃଶାଖା ସଂପନ୍ନ ଭାବରେ ଦର୍ଶନ କଲେ । ମହାସମୁଦ୍ରର ତଟଭୂମିରେ ଆବିର୍ଭୂତ ସେହି ମହାଦାରୁଙ୍କର ଅଗ୍ରଭାଗ ସମୁଦ୍ର ଭିତରେ ଏବଂ ମୂଳ ଭାଗ ଜଳୀୟ ତରଙ୍ଗରେ ପ୍ଲାବିତ ତଟଦେଶ ଦିଗରେ ଥିଲା । ସେଥିରେ ଶଙ୍ଖ ଓ ଚକ୍ର ଚିହ୍ନିତ ହୋଇଥିଲା ।

ଏହି ଦିବ୍ୟଲକ୍ଷଣ ଅନୁସାରେ, ନବକଳେବରରେ ଶ୍ରୀଜଗନ୍ନାଥଙ୍କ ଦାରୁ ଚୟନ ସମୟରେ ଚତୁଃଶାଖା ବିଶିଷ୍ଟ ବୃକ୍ଷ ଏବଂ ବୃକ୍ଷରେ ଶଙ୍ଖ ଓ ଚକ୍ର ଚିହ୍ନକୁ ବିଶେଷ ଗୁରୁତ୍ୱ ଦିଆ ଯାଇଥାଏ । ତେବେ 'ସ୍କନ୍ଦପୁରାଣ'ରେ ବର୍ଣ୍ଣିତ ଦିବ୍ୟଦାରୁଙ୍କର ଅବୟବ ରକ୍ତବର୍ଣ୍ଣ ଥିବାବେଳେ ଶ୍ରୀଜଗନ୍ନାଥଙ୍କ ଦାରୁବୃକ୍ଷ ଚୟନ ସମୟରେ କୃଷ୍ଣ ବା ଈଷତ୍ କୃଷ୍ଣବର୍ଣ୍ଣକୁ ଗୁରୁତ୍ୱ ଦିଆ ଯାଇଥାଏ ।

୧୯୯୬ର ନବକଳେବରର ବିବରଣୀ ଅନୁସାରେ, ସେ ବର୍ଷ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ-ଋଦ୍ଧିପୁର ରାସ୍ତାରେ ଦଧିମାଛ ଗାଡ଼ିଆ ଗ୍ରାମଠାରେ ଶ୍ରୀଜଗନ୍ନାଥଙ୍କ ଦାରୁବୃକ୍ଷଙ୍କର ସନ୍ଧାନ ମିଳିଥିଲା । ସ୍ଥାନୀୟ ବାସିନ୍ଦାମାନେ ବୃକ୍ଷଟି ପ୍ରାୟ ୨୦୦ ବର୍ଷର ବୋଲି ପ୍ରକାଶ କରିଥିଲେ । ବୃକ୍ଷଙ୍କର ଉଚ୍ଚତା ପ୍ରାୟ ୩୫ଫୁଟ ଓ ଗୋଲେଇ ୧୧ ଫୁଟ । ଦାରୁଙ୍କର ବର୍ଣ୍ଣ ଧଳା ଓ ହଳଦିଆ ମିଶା । ସେହି ଗ୍ରାମର ପ୍ରସନ୍ନ ପଟ୍ଟନାୟକଙ୍କ ଜମି ଉପରେ ଏହି ଦାରୁବୃକ୍ଷ ଅବସ୍ଥିତ ଥିଲେ । ଏହାର ଅନତିଦୂରରେ ରାଧାଦାମୋଦର ମନ୍ଦିର ଓ ଦାରୁଙ୍କ ନିକଟରେ ବଡ଼ ଉଇହୁଙ୍କା ଥିଲା । ଦାରୁଙ୍କର ଦକ୍ଷିଣପଟେ ମା' ବାଉଁତୀ ବିରାଜମାନ କରିଥିଲେ । ପୂର୍ବ ଦିଗରେ ଥିଲା ଶ୍ମଶାନ । ଦାରୁବୃକ୍ଷଙ୍କର ଚତୁର୍ପାର୍ଶ୍ୱରେ ବହୁ ସଂଖ୍ୟକ ଶାହାଡ଼ା ଓ ବରୁଣ ବୃକ୍ଷ ରହିଥିଲା । ସେବର୍ଷ ୧୯୯୬ ଏପ୍ରିଲ ୭ ତାରିଖ, ଦିନ ୧୧ଟା ବେଳେ ବନଯାଗଦଳର ଦଇତାମାନେ ସେଠାରେ ପହଞ୍ଚି ଦେଖିବାକୁ ପାଇଥିଲେ, ବୃକ୍ଷର ଦଶଫୁଟ ଉଚ୍ଚରେ ଥିବା ଏକ ଶାଖା ଉପରେ ଯୋଡ଼ିଏ ନାଗ-ନାଗୁଣୀ ରହିଛନ୍ତି । ରାଧାଦାମୋଦର ମନ୍ଦିରର ପୂଜକ କେଳୁଚରଣ ସେହି ସମୟରେ ଉପସ୍ଥିତ ଥିଲେ । ସମସ୍ତେ ପ୍ରାର୍ଥନା କରିବାରୁ ନାଗନାଗୁଣୀ ଦୁଇଟି ବୃକ୍ଷରୁ ଚାଲି ଯାଇଥିଲେ । ଆହୁରି ଏକ ଆଶ୍ଚର୍ଯ୍ୟଜନକ ଘଟଣା ମଧ୍ୟ ଘଟିଥିଲା । ଦାରୁବୃକ୍ଷ ନିକଟରେ ଥିବା ଉଇ ହୁଙ୍କାରୁ କେତେଗୁଡ଼ିଏ ନାଗସାପ ବାହାରି ଅନ୍ୟତ୍ର ଚାଲିଯାଇଥିଲେ ।

## ବିଗ୍ରହ

ପାରମ୍ପରିକ ବିଧିମତେ ଚୟନ ହୋଇଥିବା ଦାରୁବୃକ୍ଷମାନଙ୍କରୁ ସଂଗୃହୀତ ଦାରୁରେ କୋଇଲି ବୈକୁଣ୍ଠର କାରୁଶାଳାରେ ଯେଉଁ ବିଗ୍ରହମାନ ନିର୍ମିତ ହୁଅନ୍ତି, ସେମାନଙ୍କର ନିର୍ମାଣ ବିଧି ଅତ୍ୟନ୍ତ ଗୋପନୀୟ । ବଂଶାନୁକ୍ରମେ ବରିଷ୍ଠ ଦଇତା ଓ ପତିସେବକ, ସେମାନଙ୍କ ନିକଟରେ ରହି ଆସିଥିବା ହାତଲେଖା ଗୁପ୍ତପୋଥି ଅନୁସାରେ ଏଥିପାଇଁ ଭାଗମାପ ଦିଅନ୍ତି ଏବଂ ବିଶ୍ୱକର୍ମା ସେବକମାନେ ତଦନୁସାରେ ଶ୍ରୀବିଗ୍ରହମାନଙ୍କର ନିର୍ମାଣ କରିଥାଆନ୍ତି । ସେହି ଭାଗମାପ ବରିଷ୍ଠ ଦଇତାପତି ଓ ବିଶ୍ୱକର୍ମା ସେବକମାନଙ୍କ ମଧ୍ୟରେ ଗୁପ୍ତ ରହେ ।

ଶ୍ରୀଜୀଉମାନଙ୍କର ବିଗ୍ରହ ନିର୍ମାଣ ସଂପର୍କରେ କେତେକ ସୂଚନା ଦେଉଳ କରଣଙ୍କ ଦ୍ୱାରା ଲିଖିତ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରେ ସଂରକ୍ଷିତ ଏକ ମାଦଳାପାଞ୍ଜିର ହାତଲେଖା ନକଲରେ ରହିଛି । କିନ୍ତୁ ସେହି ନକଲ ସଂପୂର୍ଣ୍ଣ ଶୁଦ୍ଧ ନୁହେଁ ଏବଂ ତାହାର କେତେକାଂଶ ପ୍ରକ୍ଷିପ୍ତ ବୋଲି ଗବେଷକମାନେ କହନ୍ତି । ତେବେ ବିଶିଷ୍ଟ ପ୍ରାଚ୍ୟବିଦ୍ୟାବିତ୍ ରାଜେନ୍ଦ୍ରଲାଲ ମିତ୍ର ତାଙ୍କ 'ଆଣ୍ଟିକ୍ୱିଟିଜ୍ ଅଫ୍ ଓରିସା' ଶୀର୍ଷକ ଇଂରାଜୀ ପୁସ୍ତକର ଦ୍ୱିତୀୟ ଭାଗରେ ଏ ସଂପର୍କରେ କେତେକ ପ୍ରାଥମିକ ସୂଚନା ଦେଇଥିଲେ । ପରବର୍ତ୍ତୀ କାଳରେ ବିଶିଷ୍ଟ ଗବେଷକ ଜଗବନ୍ଧୁ ସିଂହ ତାଙ୍କ 'ପ୍ରାଚୀନ ଉତ୍କଳ'ରେ ଏ ବାବଦରେ ଅଧିକ ବିବରଣୀ ଦେଇଥିଲେ । ଆହୁରି ପରବର୍ତ୍ତୀ କାଳରେ (୧୯୬୬) ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କ 'ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ଯଥାସମ୍ଭବ ବିଶଦ ଭାବରେ ଏ ସଂପର୍କରେ ଆଲୋଚନା କରିଥିଲେ । ଏ.ଏସ୍ମାନ୍ ଓ ହରମାନ୍ କୁଲ୍‌କେଙ୍କ ସହିତ ମିଶି ଗୟା ଚରଣ ତ୍ରିପାଠୀ ପ୍ରସ୍ତୁତ କରିଥିବା 'ଦ କଲ୍ଟ ଅଫ୍ ଜଗନ୍ନାଥ ଆଣ୍ଡ୍ ଦ ରିଜିଓନାଲ ଟ୍ରାଡ଼ିସନ୍ ଅଫ୍ ଓରିସା' ପୁସ୍ତକରେ ଏ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଛି ।



ପ୍ରଭୁ ଶ୍ରୀବଳଭଦ୍ର

ଏହି ପାଞ୍ଚଟି ପୋଥି ଓ ପୁସ୍ତକର ଆଲୋଚନା ମଧ୍ୟରେ କେତେକ ପାରସ୍ପରିକ ଭିନ୍ନତା ରହିଛି । ତେବେ ଯେଉଁ ଗୋଟିଏ ବିଷୟରେ ସେସବୁ ମଧ୍ୟରେ ସମାନତା ରହିଛି, ତାହା ହେଉଛି, ପାରମ୍ପରିକ 'ଯବ'ମାପ


ତିନିରଥରେ ସୁନାବେଶ

ଅନୁସାରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦାରୁ ବିଗ୍ରହ ନିର୍ମିତ ହୋଇଥାନ୍ତି ।

'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଅନୁସାରେ- ଏହି 'ଯବ' ଦୈର୍ଘ୍ୟ ପରିମାଣ ବିଶେଷ । ଯବଧାନକୁ ଚଉଡ଼ା ବାଗରେ ରଖିଲେ ତାହା ଯେତିକି ସ୍ଥାନ ଅଧିକାର କରେ, ସେତିକି ଏହାର ପରିମାଣ । ଏହା ଗୋଟିଏ ଇଞ୍ଚର ୮ଭାଗରୁ ୧ଭାଗ । କିନ୍ତୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ନିର୍ମାଣର ଯବ ମାପ ଏହାଠାରୁ ସଂପୂର୍ଣ୍ଣ ଭିନ୍ନ । ଏହି ମାପର ପରିମିତି ହାତ ଆଙ୍ଗୁଠିର ପଗ ଅନୁସାରେ ନିର୍ଦ୍ଧାରିତ । ଜଗବନ୍ଧୁ ସିଂହ ତାଙ୍କ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ବୁଢ଼ା ଆଙ୍ଗୁଠି ଓ ମଝି ଆଙ୍ଗୁଠିର ଯବମାପ ସଂପର୍କରେ ଉଲ୍ଲେଖ କରିଛନ୍ତି । ଦାରୁଙ୍କର ଯବମାପ ବୁଢ଼ା ଆଙ୍ଗୁଠିର ଯବ ଅନୁସାରେ ନିଆଯିବାବେଳେ ବିଶ୍ୱକର୍ମାଙ୍କ ବିଗ୍ରହ ନିର୍ମାଣର ଯବ ମାପ ମଝି ଆଙ୍ଗୁଠିର ଯବ ଅନୁସାରେ ନିଆ ଯାଇଥାଏ ବୋଲି ସେ ଲେଖିଛନ୍ତି । ତେବେ ଗୟା ଚରଣ ତ୍ରିପାଠୀଙ୍କ ଉଲ୍ଲେଖ ଅନୁସାରେ, ବିଶ୍ୱକର୍ମାଙ୍କ ମାପରେ ମଝି ଆଙ୍ଗୁଠିର ମଝି ପଗର ଦୈର୍ଘ୍ୟ ହେଉଛି ଏକ ଯବ । ଆଧୁନିକ ପରିମାପରେ ଏହା ନ୍ୟୂନାଧିକ ୧ ଇଞ୍ଚ । ଦେବ ବିଗ୍ରହମାନଙ୍କର ନିର୍ମାଣ ନିମନ୍ତେ ଯେଉଁ ମୁଖ୍ୟ ଦାରୁଅଂଶ ସଂଗ୍ରହ କରାଯାଇଥାଏ, ତାହାର ଦୈର୍ଘ୍ୟ ୯୬ ଯବ ଏବଂ ପ୍ରତି ପାର୍ଶ୍ୱର ଦୈର୍ଘ୍ୟ ୨୪ ଯବ ହୋଇଥାଏ ବୋଲି ଜଣାଯାଏ ।

ସଂଗୃହୀତ ଦାରୁରେ ଦଇତା ଓ ପତି ସେବକ ଦେଉଥିବା ଭାଗମାପ ଅନୁସାରେ, ବରିଷ୍ଠ ବିଶ୍ୱକର୍ମା ସେବକମାନେ ବିଗ୍ରହ ନିର୍ମାଣ କରନ୍ତି । ଶ୍ରୀବଳଭଦ୍ର 'ଶଙ୍ଖଯନ୍ତ୍ର', ଶ୍ରୀଜଗନ୍ନାଥ 'ଚକ୍ରଯନ୍ତ୍ର', ଶ୍ରୀସୁଦର୍ଶନ 'ଗଦାଯନ୍ତ୍ର' ଓ ଦେବୀ ସୁଭଦ୍ରା 'ପଦ୍ମଯନ୍ତ୍ର' ଆକାରରେ ନିର୍ମିତ ହୋଇଥାଆନ୍ତି ।

କାରୁଶାଳା ବା ନିର୍ମାଣ ମଣ୍ଡପରେ ଶୁଭ୍ରବର୍ଣ୍ଣ ଶ୍ରୀବଳଭଦ୍ରଙ୍କର ବିଗ୍ରହ ନିର୍ମାଣ କରାଯାଏ 'ଶଙ୍ଖଯନ୍ତ୍ର' ବିଧିରେ । ଭାଗମାପ ଅନୁସାରେ ଏହି ବିଗ୍ରହ ଶଙ୍ଖାକାର ଏବଂ ଏହାଙ୍କର ଉଚ୍ଚତା ୮୪ ଯବ । ମାଦଳା ପାଞ୍ଜିରେ ମଧ୍ୟ ଶ୍ରୀବଳଭଦ୍ର ୮୪ ଯବ ଉଚ୍ଚ ବୋଲି ଉଲ୍ଲେଖ ଅଛି । କିନ୍ତୁ ରାଜେନ୍ଦ୍ରଲାଲ ମିତ୍ର ତାଙ୍କର ଉଚ୍ଚତା ୮୫ ଯବ ବୋଲି କହିଛନ୍ତି । ତେବେ ଜଗବନ୍ଧୁ ସିଂହ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଓ ଗୟା ଚରଣ ତ୍ରିପାଠୀଙ୍କ ତଥ୍ୟ ଅନୁସାରେ ଶ୍ରୀବଳଭଦ୍ର ୮୪ ଯବ ଉଚ୍ଚ ।

ଏହି ଯବ ମାପ ଅନୁସାରେ ଶ୍ରୀବଳଭଦ୍ରଙ୍କ ବିଗ୍ରହର ବିଭିନ୍ନ ଅଙ୍ଗର ପରିମାପ ନିର୍ଦ୍ଧାରିତ ହୋଇଛି । 'ପ୍ରାଚୀନ ଉତ୍କଳ'ରେ ଜଗବନ୍ଧୁ ସିଂହ ଦେଇଥିବା ଭାଗମାପ ଅନୁସାରେ, ଶଙ୍ଖଯନ୍ତ୍ର ଆକୃତିରେ ନିର୍ମିତ ଶ୍ରୀବଳଭଦ୍ରଙ୍କର ମୁଖପଦ୍ମ ୩୧ ଯବ, ଶ୍ରୀମୁଖର ଉର୍ଦ୍ଧ୍ୱଫଳକ ୫ ଯବ, ଚତୁର୍ବନ୍ଧ ସ୍ଥାନ ୧୧ ଯବ, ହୃଦୟ ୯ ଯବ, ମଧ୍ୟଭାଗ ୧୦.୧/୨ ଯବ, ପ୍ରତ୍ୟେକ ଭୁଜ ୨୪ ଯବ, ସ୍କନ୍ଧୋପରି ଦେଦୀପ୍ୟମାନ ଫାଳ ୨ଟି ୨ ଯବ, ନାସାରନ୍ଧ୍ର ୧/୨ ଯବ, ନାସିକାର ଅଧୋଭାଗ ୮ ଯବ, ଉର୍ଦ୍ଧ୍ୱଭାଗ ୧୮ ଯବ, ଲଲାଟ ୧ ଯବ ଓ କେଶ ୫ ଯବ ।

ଗୟା ଚରଣ ତ୍ରିପାଠୀ ଏ ସଂପର୍କରେ ପ୍ରାୟ ଦଶଟି ପ୍ରାଚୀନ ଗ୍ରନ୍ଥ ଏବଂ ଦେଉଳକରଣ ଓ ଦଇତା ସେବକଙ୍କ ସହିତ ସାକ୍ଷାତ୍‌କାରର ତଥ୍ୟ ଆଧାରରେ ଶ୍ରୀବିଗ୍ରହମାନଙ୍କର ମାପର ଏକ ବିଶଦ ବିବରଣୀ ପ୍ରଦାନ କରିଛନ୍ତି । ସେହି ବିବରଣୀରେ ସେ ପ୍ରତିମା ନିର୍ମାଣ ତତ୍ତ୍ୱ ଦୃଷ୍ଟିରୁ ଶ୍ରୀବଳଭଦ୍ରଙ୍କ ବିଗ୍ରହକୁ ଚାରିଭାଗରେ ବିଭକ୍ତ କରିଛନ୍ତି । ସେହି ଚାରିଭାଗ ହେଉଛି- ଫଣା ଓ ଶ୍ରୀମୁଖ (୧୨ଭାଗ), ଉରଖ ବା ବେକ (୪ଭାଗ), ହିଆ ବା ବକ୍ଷ ଓ ପରିଧାପନ ବା କଟି (୬ଭାଗ) ଓ ପୟର ବା ପାଦ (୧୦ଭାଗ) । ଏହି ଅନୁସାରେ ଶ୍ରୀବଳଭଦ୍ରଙ୍କ ବିଗ୍ରହର ଚାରିଭାଗ ମଧ୍ୟରୁ ଫଣା, କପାଳ ଓ ଶ୍ରୀମୁଖର ଦୈର୍ଘ୍ୟ ୩୧.୧/୨ ଯବ । ଏଥିରୁ ଫଣା ୬ ଯବ, କପାଳ ୧.୧/୨ ଯବ ଓ ଶ୍ରୀମୁଖ ୨୪ ଯବ । ସେହିପରି ବେକ ୧୦.୧/୨ ଯବ, ବକ୍ଷ ଓ କଟି ୧୫.୩/୪ ଯବ ଓ ପାଦ ୨୬.୧/୪ ଯବ । ଏହିପରି ଭାବରେ ଶ୍ରୀବଳଭଦ୍ରଙ୍କ ବିଗ୍ରହର ଉଚ୍ଚତା ୮୪ ଯବ । ତେବେ 'ଶ୍ରୀଜଗନ୍ନାଥ' ପୁସ୍ତକରେ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ମହୀମୋହନ ତ୍ରିପାଠୀ ବିଶ୍ୱସ୍ତ ସୂତ୍ରର ତଥ୍ୟ ଆଧାରରେ ଶ୍ରୀବଳଭଦ୍ରଙ୍କ ଉଚ୍ଚତା ୮୭ ଯବ ବୋଲି କହିଛନ୍ତି ।

ଶ୍ରୀବଳଭଦ୍ରଙ୍କର ଦୁଇଟି ଭୁଜ ଏବଂ ଏହି ଭୁଜଦ୍ୱୟ ଦାରୁବୃକ୍ଷର ମୋଟା ଶାଖାମାନଙ୍କରୁ ସଂଗୃହୀତ ଦାରୁରେ ନିର୍ମିତ ହୋଇଥାଏ । ଏହି ଭୁଜଦ୍ୱୟକୁ ସ୍ୱତନ୍ତ୍ର ଭାବରେ ଶରୀରରେ ସଂଯୋଗ କରାଯାଏ । ତାହା ଖିଲାଣ ପରି ମସ୍ତକ ଭାଗର ନିମ୍ନଦେଶରେ ପ୍ରବେଶ କରିଥାଏ । ତାହାର କିଛି ଅଂଶ ଶରୀର ଭିତରକୁ ଓ ଅବଶିଷ୍ଟ ଅଂଶ ଦୁଇ ପାର୍ଶ୍ୱରେ ବାହାରକୁ ରହିଥାଏ । ତା'ସହିତ ଆଉ ଦୁଇଖଣ୍ଡ ଦାରୁ ଭୂସମାନ୍ତର ଭାବରେ ସାମ୍ନାକୁ ଲମ୍ବିବା ପରି ସଂଯୋଗ କରାଯାଇ ଶ୍ରୀଭୁଜ

ନିର୍ମାଣ କରାଯାଏ ।

ଜଗବନ୍ଧୁ ପାଢ଼ୀ ତାଙ୍କ 'ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ଓ ନବକଳେବର' ପୁସ୍ତକରେ ଦେଇଥିବା ସୂଚନା ଅନୁସାରେ, ଶ୍ରୀବଳଭଦ୍ରଙ୍କ ଭୁଜର ପ୍ରଥମ ବର୍ଣ୍ଣିତ ଭାଗ ଦୁଇଖଣ୍ଡ ଦାରୁରେ ନିର୍ମିତ ହୁଏ । ଏଥିରୁ ପ୍ରତ୍ୟେକ ଦାରୁ ୧୩.୩/୪ ଯବ ହୋଇଥାଏ । ସେଥିରୁ ୭ ଯବ ପରିମିତ ଅଂଶ ଶ୍ରୀମୁଖର ନିମ୍ନଭାଗ ମଧ୍ୟରେ ଗୁପ୍ତ ହୋଇ ପାର୍ଶ୍ୱଦେଶକୁ ୬.୩/୪ ଯବ ଲେଖାଏଁ ବାହାରିଥାଏ । ତା' ସହିତ ୨୩ ଯବ ପରିମିତର ଦୁଇଖଣ୍ଡ ଦାରୁ ଦୁଇ ପାର୍ଶ୍ୱରେ ସଂଯୋଗ ହୋଇ ସମ୍ମୁଖ ଭାଗକୁ ବାହାରିଥାଏ । ତେବେ, ଶ୍ରୀବଳଭଦ୍ରଙ୍କର ଶ୍ରୀଭୁଜଦାରୁ ୪ଖଣ୍ଡ ନୁହେଁ ତିନିଖଣ୍ଡ ବୋଲି ଜର୍ମାନ ଗବେଷକ ଡକ୍ଟର ହାଡେନବର୍ଗ କହିଛନ୍ତି । ଦୁଇ ଭୁଜର କହୁଣୀ ପର୍ଯ୍ୟନ୍ତ ଅଂଶ ଖଣ୍ଡିଏ ଦାରୁ ଏବଂ ସାମ୍ନାପଟକୁ ୯୦ ଡିଗ୍ରୀରେ ବାହାରିଥିବା ବାମ ଓ ଡାହାଣ ଭୁଜ ଦୁଇଖଣ୍ଡ ଦାରୁ ବୋଲି ସେ କହିଛନ୍ତି । ତେବେ ଚାରିଖଣ୍ଡ ହେଉ କି ତିନିଖଣ୍ଡ- ଶ୍ରୀବଳଭଦ୍ରଙ୍କର ପ୍ରତି ଭୁଜର ଦୈର୍ଘ୍ୟ ୩୬.୩/୪ ଯବ ଏବଂ ମୋଟ ୭୩.୧/୨ ଯବ ହୋଇଥାଏ ।

ଏହିପରି ଭାବରେ ଶ୍ରୀବଳଭଦ୍ରଙ୍କ ବିଗ୍ରହଙ୍କର ଦୈର୍ଘ୍ୟ ୮୭ ଯବ ଓ ପ୍ରସ୍ଥ ୭୩.୧/୨ ଯବ ହୋଇ ସେ ଶଙ୍ଖାକୃତି ଧାରଣ କରିଥାଆନ୍ତି ।




ଶ୍ରୀବଳଭଦ୍ରଙ୍କ ବିଗ୍ରହ ପରି କାରୁଶାଳା ବା ନିର୍ମାଣ ମଣ୍ଡପରେ ଶ୍ୟାମବର୍ଣ୍ଣର ଶ୍ରୀଜଗନ୍ନାଥଙ୍କ ମୂଳ ଦାରୁବିଗ୍ରହ ନିର୍ମାଣ କରାଯାଏ 'ଚକ୍ରଯନ୍ତ୍ର' ବିଧିରେ । ଭାଗମାପ ଅନୁସାରେ ଏ ବିଗ୍ରହ ଚକ୍ରାକାର ଏବଂ ଏହାଙ୍କର ଦୈର୍ଘ୍ୟ ଓ ପ୍ରସ୍ଥ ୮୪ ଯବ । ପୂର୍ବୋକ୍ତ ମାଦଳା ପାଞ୍ଜିରେ ମଧ୍ୟ ଶ୍ରୀଜଗନ୍ନାଥ ୮୪ ଯବ ଉଚ୍ଚ ବୋଲି ଉଲ୍ଲେଖ ଅଛି । ରାଜା ରାଜେନ୍ଦ୍ରଲାଲ ମିତ୍ର, ଜଗବନ୍ଧୁ ସିଂହ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଓ ଡକ୍ଟର ଗୟାଚରଣ ତ୍ରିପାଠୀ ମଧ୍ୟ ଶ୍ରୀଜଗନ୍ନାଥ ୮୪ ଯବ ଉଚ୍ଚ ବୋଲି କହିଛନ୍ତି ।

ଏହି ଯବ ମାପ ଅନୁସାରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ବିଭିନ୍ନ ଅଙ୍ଗର ପରିମାପ ନିର୍ଦ୍ଧାରିତ ହୋଇଛି । 'ପ୍ରାଚୀନ ଉତ୍କଳ'ରେ ଜଗବନ୍ଧୁ ସିଂହ ଦେଇଥିବା ମାପ ଅନୁସାରେ, 'ଚକ୍ରଯନ୍ତ୍ର' ଆକୃତିରେ ଗଠିତ ଶ୍ରୀଜଗନ୍ନାଥଙ୍କର ଊର୍ଦ୍ଧ୍ୱ ୧୪ ଭାଗ, ନିମ୍ନ ୧୮ ଭାଗ, ପାଦଦ୍ୱୟ ୧୫.୧୦/୧୬ ଭାଗ, ଅବଶିଷ୍ଟ ଉପଯୁକ୍ତ ୧୪ଶ ଭାଗ ୫୦.୩/୪ ଯବ, ପ୍ରତ୍ୟେକ ଭୁଜ ୧୮ ଯବ, ପାର୍ଶ୍ୱଭୁଜଦ୍ୱୟ ୮ ଯବ, ଭୁଜଦ୍ୱୟର ଦଶମାଂସ ନାସିକା-ରନ୍ଧ୍ର, ନାସିକାର ଅଧୋଭାଗ ୧୨ ଯବ, ଅଧୋଭାଗ ଠାରୁ ମସ୍ତକାବଧି ୨୫.୧୨/୧୬ ଯବ ଏବଂ ଶ୍ରୀମୁଖ ଆୟତନ ୩୦ ଯବ ।

ଅପରପକ୍ଷରେ ଡକ୍ଟର ଗୟା ଚରଣ ତ୍ରିପାଠୀ ପ୍ରତିମା ନିର୍ମାଣ ତତ୍ତ୍ୱ ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପାଞ୍ଚଭାଗରେ ବିଭକ୍ତ ବୋଲି କହିଛନ୍ତି । ସେହି ପାଞ୍ଚଭାଗ ହେଉଛି- ଶ୍ରୀମୁଖ (୧୪ଭାଗ), ଉରଖ ବା ବେକ (୫ଭାଗ), ହିଆ ବା ବକ୍ଷ (୩ଭାଗ), ପରିଧାପନ ବା କଟି (୪ଭାଗ) ଏବଂ ପୟର ବା ପାଦ (୬ଭାଗ) । ଏହି ଅନୁସାରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ପାଞ୍ଚଭାଗ ମଧ୍ୟରୁ ଶ୍ରୀମୁଖ ୩୬.୩/୪ ଯବ, ବେକ ୧୨ ଯବ, ବକ୍ଷ ୯ ଯବ, କଟି ୧୦.୧/୨ ଯବ ଏବଂ ପାଦ ୧୫.୩/୪ ଯବ । ଏହିପରି ଭାବରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ଉଚ୍ଚତା ୮୪ ଯବ ।

ଶ୍ରୀବଳଭଦ୍ରଙ୍କ ପରି, ଶ୍ରୀଜଗନ୍ନାଥଙ୍କର ମଧ୍ୟ ଦୁଇଟି ଭୁଜ ଏବଂ ଏହି ଭୁଜଦ୍ୱୟ ଦାରୁବୃକ୍ଷଙ୍କର ମୋଟା ଶାଖାମାନଙ୍କରୁ ସଂଗୃହୀତ ଦାରୁରେ ନିର୍ମିତ ହୋଇଥାଏ । ଶ୍ରୀବଳଭଦ୍ରଙ୍କ ଭୁଜପରି ଏହି ଭୁଜଦ୍ୱୟକୁ ସ୍ୱତନ୍ତ୍ର ଭାବରେ ବିଗ୍ରହରେ ସଂଯୋଗ କରାଯାଏ । ତାହା ଖିଲାଣ ପରି ମସ୍ତକ ଭାଗର ନିମ୍ନ ଦେଶରେ ପ୍ରବେଶ କରିଥାଏ । ତାହାର କିଛି ଅଂଶ ଶରୀର ଭିତରକୁ ଓ ଅବଶିଷ୍ଟ ଅଂଶ ଦୁଇ ପାର୍ଶ୍ୱରେ ବାହାରକୁ ରହିଥାଏ । ତା'ସହିତ ଆଉ ଦୁଇଖଣ୍ଡ ଦାରୁ ଭୂସମାନ୍ତର ଭାବରେ ସମ୍ମୁଖ ଭାଗକୁ ପ୍ରସାରିତ ହେବା ପରି ସଂଯୋଗ କରାଯାଏ । ତାହାହିଁ ଆମର ଲୋକପ୍ରିୟ ପରିଭାଷାରେ 'ବଳୀୟାରଭୁଜ' ।

ଜଗବନ୍ଧୁ ପାଢ଼ୀ ତାଙ୍କ ପୁସ୍ତକରେ ଦେଇଥିବା ସୂଚନା ଅନୁସାରେ, ଶ୍ରୀବଳଭଦ୍ରଙ୍କ ଭୁଜ ପରି ଶ୍ରୀଜଗନ୍ନାଥଙ୍କ ଭୁଜର ପ୍ରଥମ ବର୍ଣ୍ଣିତ ଭାଗ ଦୁଇଖଣ୍ଡ ଦାରୁରେ ନିର୍ମିତ ହୋଇଥାଏ । ଏଥିରୁ ପ୍ରଥମ ଦାରୁର ଦୈର୍ଘ୍ୟ ୨୦ ଯବ ହୁଏ । ତାହାର ୧୨ ଯବ ପରିମିତ ଅଂଶ ଶ୍ରୀମୁଖର ନିମ୍ନଭାଗ ମଧ୍ୟରେ, ପଶ୍ଚାତ୍‌ଦେଶରେ ଗୁପ୍ତ ହୋଇ ପାର୍ଶ୍ୱଦେଶକୁ ୮ ଯବ ଲେଖାଏଁ ବାହାରିଥାଏ । ତା' ସହିତ ୨୨ ଯବ ପରିମିତର ଦୁଇଖଣ୍ଡ ଦାରୁ ଦୁଇ ପାର୍ଶ୍ୱରେ ସଂଯୋଗ ହୋଇ ଭୂସମାନ୍ତର ଭାବରେ ସମ୍ମୁଖଭାଗକୁ ପ୍ରଲମ୍ବମାନ ରହେ । ତେବେ, ଶ୍ରୀଜଗନ୍ନାଥଙ୍କର ଭୁଜଦାରୁ ୪ଖଣ୍ଡ ନୁହେଁ ତିନିଖଣ୍ଡ ବୋଲି ଜର୍ମାନ ଗବେଷକ ଡକ୍ଟର ହାଡେନବର୍ଗ କହିଛନ୍ତି । ଦୁଇ ଭୁଜର କହୁଣୀ ପର୍ଯ୍ୟନ୍ତ ଅଂଶ ଖଣ୍ଡିଏ ଦାରୁ ଏବଂ ସାମ୍ନାପଟକୁ ୯୦ ଡିଗ୍ରୀରେ ବାହାରିଥିବା ବାମ ଓ ଡାହାଣ ଭୁଜ ଦୁଇଖଣ୍ଡ ଦାରୁ ବୋଲି ସେ କହିଛନ୍ତି । ତେବେ ଚାରିଖଣ୍ଡ ହେଉ ବା ତିନିଖଣ୍ଡ- ଶ୍ରୀଜଗନ୍ନାଥଙ୍କ ପ୍ରତି ଭୁଜର ଦୈର୍ଘ୍ୟ ୪୨ ଯବ ଏବଂ ମୋଟ ୮୪ ଯବ ହୋଇଥାଏ ।

ଏହିପରି ଭାବରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହଙ୍କର ଦୈର୍ଘ୍ୟ ଓ ପ୍ରସ୍ଥ ୮୪ ଯବ ହୋଇ ସେ ଚକ୍ରାକୃତି ଧାରଣ କରିଥାଆନ୍ତି ।

ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପରି, କାରୁଶାଳା ବା ନିର୍ମାଣ ମଣ୍ଡପରେ ରକ୍ତବର୍ଣ୍ଣର ଶ୍ରୀସୁଦର୍ଶନ ଓ ହରିଦ୍ରାବର୍ଣ୍ଣର ଦେବୀ ସୁଭଦ୍ରାଙ୍କର ବିଗ୍ରହ ନିର୍ମିତ ହୁଅନ୍ତି ଗଦା ଓ ପଦ୍ମଯନ୍ତ୍ର ବିଧିରେ । ଭାଗମାପ ଅନୁସାରେ ଶ୍ରୀସୁଦର୍ଶନ ଗଦାକୃତି ଏବଂ ତାଙ୍କର ଦୈର୍ଘ୍ୟ ଶ୍ରୀଜଗନ୍ନାଥଙ୍କ ଦୈର୍ଘ୍ୟରେ ଅନୁରୂପ- ୮୪ ଯବ । କିନ୍ତୁ ଦେବୀ ସୁଭଦ୍ରା ପଦ୍ମାକୃତି ଏବଂ ତାଙ୍କର ଦୈର୍ଘ୍ୟ ସାଢ଼େ ୫୨ ଯବ ବୋଲି ପୂର୍ବ ବର୍ଣ୍ଣିତ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ଜଗବନ୍ଧୁ ସିଂହ ଓ ଗୟା ଚରଣ ତ୍ରିପାଠୀ ମଧ୍ୟ ନିଜ ନିଜ ବିବରଣୀରେ ଏହି ତଥ୍ୟ ପ୍ରଦାନ କରିଛନ୍ତି । କିନ୍ତୁ ରାଜେନ୍ଦ୍ର ଲାଲ ମିତ୍ର ଦେବୀ ସୁଭଦ୍ରାଙ୍କର ଦୈର୍ଘ୍ୟ ୫୨ ଯବ ବୋଲି ଲେଖିଛନ୍ତି । ଅପରପକ୍ଷେ 'ଶ୍ରୀଜଗନ୍ନାଥ' ପୁସ୍ତକରେ ଗବେଷକ ମହୀମୋହନ ତ୍ରିପାଠୀ ବିଶ୍ୱସ୍ତ ସୂତ୍ରର ଆଧାରରେ ଦେବୀ ସୁଭଦ୍ରାଙ୍କ ଉଚ୍ଚତା ୭୦ଯବ ବୋଲି ଲେଖିଛନ୍ତି ।

ଡକ୍ଟର ତ୍ରିପାଠୀଙ୍କ ତଥ୍ୟ ଅନୁସାରେ, ଶ୍ରୀବଳଭଦ୍ରଙ୍କ ପରି ଦେବୀ ସୁଭଦ୍ରାଙ୍କ ପ୍ରତିମା ତତ୍ତ୍ୱ ଦୃଷ୍ଟିରୁ ଚାରିଭାଗରେ ବିଭକ୍ତ । ଏହି ଚାରିଭାଗ ହେଉଛି- ଶ୍ରୀମୁଖ (୧୨ଭାଗ), ବକ୍ଷ (୨ଭାଗ) ପରିଧାପନ (୧୨ଭାଗ) ଓ ପୟର (୬ଭାଗ) । ଏହି ଅନୁସାରେ ଦେବୀ ସୁଭଦ୍ରାଙ୍କ ବିଗ୍ରହର ଚାରିଭାଗ ମଧ୍ୟରୁ ଶ୍ରୀମୁଖ ୧୯.୩/୪ ଯବ, ବକ୍ଷ ୩.୧/୪ ଯବ, ପରିଧାପନ ବା କଟି ୧୯.୩/୪ ଯବ ଏବଂ ପୟର ବା ପାଦ ୯.୩/୪ ଯବ ।

ଏ ପ୍ରସଙ୍ଗରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ବିବରଣୀରେ କେତେକ ଭିନ୍ନତା ଦେଖାଯାଏ । ତାଙ୍କ ବିବରଣୀ ଅନୁସାରେ ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖର ବିସ୍ତାର ୧୫ ଯବ, କେଶ କଳାପ ୩.୧/୨ ଯବ, ଶ୍ରୀମୁଖ ୧୭ ଯବ, ମଧ୍ୟସ୍ଥଳ ୩୨ ଯବ, ପାଦପଦ୍ମ ଯୁଗଳ ୧୭ ଯବ, ପ୍ରତ୍ୟେକ ଭୁଜ ୧୫ ଯବ, ପାର୍ଶ୍ୱଭୁଜ ୧୭ ଯବ । ରାଜେନ୍ଦ୍ରଲାଲ ମିତ୍ର ମଧ୍ୟ ଦେବୀ ସୁଭଦ୍ରାଙ୍କ ମୁଣ୍ଡରୁ ମୁଖ ପର୍ଯ୍ୟନ୍ତ ୧୭ ଯବ, ମୁଖରୁ ଗ୍ରୀବା (ବେକ) ୫ ଯବ, ବକ୍ଷ ୩ ଯବ, କଟି ୧୦ ଯବ ଏବଂ କଟି ଠାରୁ ନିମ୍ନାଂଶ ୧୭ ଯବ ବୋଲି ଲେଖିଛନ୍ତି । ବିଗ୍ରହ ନିର୍ମାଣର ପ୍ରକୃତ ଭାଗମାପ ବରିଷ୍ଠ ଦଇତା ଓ ପତିସେବକଙ୍କ ମଧ୍ୟରେ, ଗୋପନୀୟ ରହୁଥିବାରୁ ଏହିସବୁ ଭିନ୍ନମତ ପରିଲକ୍ଷିତ ହୋଇଥାଏ । ତେବେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଦେଇଥିବା ଦେବୀ ସୁଭଦ୍ରାଙ୍କ ଭୁଜର ବିବରଣୀ କୌତୂହଳ ଜନକ । କାରଣ ଦେବୀ ସୁଭଦ୍ରାଙ୍କର ଦୁଇଟି ଭୁଜ ଥିଲେ ହେଁ ତାହା ବାହାରକୁ ଦୃଶ୍ୟମାନ ନହୋଇ ସଂପୂର୍ଣ୍ଣ ଭାବରେ ଗୁପ୍ତ ରହିଥାଏ । ଏ ସଂପର୍କରେ ମାଦଳା ପାଞ୍ଜିରେ ମଧ୍ୟ ଉଲ୍ଲେଖ ମିଳେ । ତେବେ ଦେବୀ ସୁଭଦ୍ରାଙ୍କର ବିଗ୍ରହକୁ ପଦ୍ମାକୃତି କୁହାଯିବାର କାରଣ ହେଉଛି, ତାଙ୍କର ପୟର ବା ପାଦ ସୂକ୍ଷ୍ମ ପଦ୍ମନାଡ଼ ପରି ଦୃଶ୍ୟମାନ ହୋଇଥାଏ । ଏଣୁ ସେ ପଦ୍ମନାଡ଼ ଉପରେ ପଦ୍ମପୁଷ୍ପଟିଏ ପରି ପ୍ରତୀୟମାନ ହୁଅନ୍ତି ।


ପ୍ରଭୁ ଶ୍ରୀଜଗନ୍ନାଥ

ଉଚ୍ଚତା ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କ ସହ ଶ୍ରୀସୁଦର୍ଶନ ସମାନ । ଶ୍ରୀସୁଦର୍ଶନଙ୍କର ଉଚ୍ଚତା ୮୪ ଯବ ଓ ପ୍ରସାର ୨୧ ଯବ । ପ୍ରତିମା ନିର୍ମାଣ ତତ୍ତ୍ୱ ଅନୁସାରେ ତାଙ୍କର ବିଗ୍ରହ ମଧ୍ୟ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପରି ଛଅ ଭାଗରେ ବିଭକ୍ତ । ମାତ୍ର ସେ ଗଦାକୃତି ହୋଇଥିବାରୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପରି ତାଙ୍କ ବିଗ୍ରହର ବିଭିନ୍ନ ଅଂଶର ଭାଗମାପ ଭିନ୍ନ ଭିନ୍ନ ହୋଇ ନଥାଏ ।

ଏହିପରି ଭାବରେ ଶ୍ରୀମନ୍ଦିରର ରତ୍ନବେଦୀରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତି- ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଶ୍ରୀସୁଦର୍ଶନ ଓ ଦେବୀ ସୁଭଦ୍ରା ଯଥାକ୍ରମେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଯନ୍ତ୍ର ବିଧିରେ ନିର୍ମିତ ହୋଇଥାଆନ୍ତି । ଅନ୍ୟତମ ଦାରୁ ବିଗ୍ରହ ଶ୍ରୀମାଧବ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ଏକ କ୍ଷୁଦ୍ରରୂପ ।

**ବର୍ଣ୍ଣ**

ଶ୍ରୀମନ୍ଦିରର ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କର ବର୍ଣ୍ଣ ସାଧାରଣ ଭାବରେ କଳା, ଧଳା, ଲାଲ ଓ ହଳଦି । ଶ୍ରୀଜଗନ୍ନାଥ କଳା, ଶ୍ରୀବଳଭଦ୍ର ଧଳା, ଶ୍ରୀସୁଦର୍ଶନ ଲାଲ ଓ ଦେବୀ ସୁଭଦ୍ରା ହଳଦି ରଙ୍ଗର । ଏହାର ଅନେକ ତାତ୍ତ୍ୱିକ ତାତ୍ପର୍ଯ୍ୟ ରହିଛି ।

ତେବେ ଶ୍ରୀଜଗନ୍ନାଥଙ୍କ ନବକଳେବର ଦୃଷ୍ଟିରୁ ଏହାର ତାତ୍ପର୍ଯ୍ୟ ଆଲୋଚନା କରାଯାଇପାରେ । ଡକ୍ଟର ହାଡେନ୍‌ବର୍ଗ ନିଜ ପୁସ୍ତକରେ ଏହାର ବିସ୍ତୃତ ବ୍ୟାଖ୍ୟା କରିଛନ୍ତି ।

ନବକଳେବର ବର୍ଷ, ମହାଅଣସରର ସପ୍ତାବରଣ ବିଧିରେ ଶ୍ରୀଜିଉମାନଙ୍କର ଅଙ୍ଗ ଗଠନ କରାଯାଇଥାଏ । ଏହି ପର୍ଯ୍ୟାୟରେ ପ୍ରଥମେ ସେମାନଙ୍କର ଦାରୁଦେହରେ ରାଶିତେଲ ଓ ଚୁଆ ଆଦିର ମିଶ୍ରଣରେ ପ୍ରସ୍ତୁତ ସୁବାସିତ ତୈଳ ଲେପନ କରାଯାଏ । ଏହାକୁ 'ବଜ୍ରଲେପ' କୁହାଯାଏ । ସ୍ୱାଭାବିକ ଭାବରେ ଶ୍ରୀବିଗ୍ରହମାନେ ମଞ୍ଜି ନିମ୍ବକାଠରେ ନିର୍ମିତ ହେଉଥିବାରୁ ଗାଢ଼ ବାଦାମୀ ବା କୃଷ୍ଣାଭ ରଙ୍ଗର ହୋଇଥାଆନ୍ତି । ରାଶିତେଲ ଓ ଚୁଆ ଆଦିର ମିଶ୍ରଣ ଲେପନ ପରେ ସେମାନେ ସଂପୂର୍ଣ୍ଣ କଳାରଙ୍ଗ ଧାରଣ କରନ୍ତି । ଏହାପରେ ସପ୍ତାବରଣ ବିଧିର ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କର ଯେଉଁ ଅଙ୍ଗ ଗଠନ ହୁଏ, ସେଥିରେ ଚେହେଲି ବା ନେତପାଟର ବିଶେଷ ଉପଯୋଗ ରହିଥାଏ । ଏହି ଚେହେଲି ଲାଲ ରଙ୍ଗର ହୋଇଥାଏ ଏବଂ ସେମାନଙ୍କ ଶରୀରର ରକ୍ତ ରୂପେ ପରିକଳ୍ପିତ ହୁଏ । ଏଣୁ ଶ୍ରୀବିଗ୍ରହମାନେ ସେତେବେଳେ କଳା ରଙ୍ଗରୁ ଲାଲରଙ୍ଗ ଧାରଣ କରନ୍ତି । ଏହି ସପ୍ତାବରଣ ବିଧିର ଅନ୍ତିମ ପର୍ଯ୍ୟାୟରେ ଚର୍ମ ରୂପେ ପରିକଳ୍ପିତ ଶୁଭ୍ରବସ୍ତ୍ର ଉପରେ ଚନ୍ଦନର ପ୍ରଲେପ ଦିଆଯାଏ । ଏହା ଫଳରେ ଶ୍ରୀବିଗ୍ରହମାନେ ହରିଦ୍ରାଭ ବା ଈଷତ୍ ହଳଦି ରଙ୍ଗ ଧାରଣ କରନ୍ତି । ତା'ପରେ ଯେତେବେଳେ ବନକଲାଗିରେ ସେମାନଙ୍କର ଶରୀରରେ ଖଡ଼ି ଲାଗି କରାଯାଏ ସେତେବେଳେ ସେମାନେ ଧଳାରଙ୍ଗ ହୋଇ ଯାଆନ୍ତି ।

ଡକ୍ଟର ହାଡେନ୍‌ବର୍ଗଙ୍କ ଏହି ବ୍ୟାଖ୍ୟା ଅନୁସାରେ, କଳାରଙ୍ଗ ହେଉଛି ଶ୍ରୀବିଗ୍ରହମାନଙ୍କର ଅସୁସ୍ଥତାର ପ୍ରତୀକ । ତା'ପରେ ସେମାନେ ଧାରଣ କରୁଥିବା ଲାଲ ଓ ହଳଦି ରଙ୍ଗ ସେମାନେ କ୍ରମେ ସୁସ୍ଥ ହେଉଥିବାର ସୂଚକ । ପରିଶେଷରେ ସେମାନେ ଧଳାରଙ୍ଗ ଧାରଣ କରନ୍ତି ଏବଂ ତାହା ସେମାନେ ସଂପୂର୍ଣ୍ଣ ସୁସ୍ଥ ହେବା ସୂଚାଇ ଥାଏ ।

କିନ୍ତୁ ଡକ୍ଟର ହାଡେନ୍‌ବର୍ଗଙ୍କର ଏହି ବ୍ୟାଖ୍ୟା ନୃତାତ୍ତ୍ୱିକ ଦୃଷ୍ଟିରୁ ହୁଏତ ଠିକ୍ ହୋଇପାରେ- ମାତ୍ର ବୃହତ୍ତର ତତ୍ତ୍ୱ ଦୃଷ୍ଟିରୁ ଗ୍ରହଣୀୟ ମନେହୁଏ ନାହିଁ ।

ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର କଳା ଓ ଧଳା ରଙ୍ଗର- ମାତ୍ର ଦେବୀ ସୁଭଦ୍ରା ସଂପୂର୍ଣ୍ଣ ହଳଦି ରଙ୍ଗର ନୁହନ୍ତି । ତାଙ୍କର ରଙ୍ଗ କୁଙ୍କୁମବର୍ଣ୍ଣ ବା ରକ୍ତାଭ ହଳଦି । ଏହି ତିନି ରଙ୍ଗ ବିଶ୍ୱ ମାନବଜାତିର ଶ୍ୱେତକାୟ, କୃଷ୍ଣକାୟ ଓ ଲୋହିତାଙ୍ଗଙ୍କର ପ୍ରତୀକ ବୋଲି ଅନେକେ କହନ୍ତି ।

କିନ୍ତୁ ଆଲୋକ ବା ବର୍ଣ୍ଣାଳିର ବୈଜ୍ଞାନିକତା ଦୃଷ୍ଟିରୁ ଏହାର ଭିନ୍ନ ତାତ୍ତ୍ୱିକ ବ୍ୟାଖ୍ୟା କରାଯାଇପାରେ । କଳା ହେଉଛି ଅନନ୍ତ ଶୂନ୍ୟତାର ପ୍ରତୀକ- ଏବଂ ଏ ଦୃଷ୍ଟିରୁ ଶ୍ରୀଜଗନ୍ନାଥଙ୍କର ବର୍ଣ୍ଣ କଳା ଏବଂ ତାଙ୍କର ଚକାଆଖିକୁ ମଧ୍ୟ ଅନେକେ ମହାଜାଗତିକ ବ୍ୟାଖ୍ୟା ଦେଇ କୃଷ୍ଣଗହ୍ୱର (ବ୍ଲାକ୍ ହୋଲ୍) ସହିତ ତୁଳନା କରିଥାଆନ୍ତି । ସେହିପରି ଆଲୋକର ସଂପୂର୍ଣ୍ଣତା ହେଉଛି ଧଳା ଏବଂ ଏହା ଶ୍ରୀବଳଭଦ୍ରଙ୍କର ବର୍ଣ୍ଣ । ହଳଦି ଏକ ଯୌଗିକ ବର୍ଣ୍ଣ । ବର୍ଣ୍ଣାଳି ଦୃଷ୍ଟିରୁ ହଳଦି ସବୁଜ ଓ ରକ୍ତାଲୋକର ମିଶ୍ରଣ- ଯେଉଁଥିରେ ସବୁଜ ରଙ୍ଗ ଉଦ୍ଭିଦ ଜଗତର ଓ ଲାଲ ବା ରକ୍ତ ରଙ୍ଗ ପ୍ରାଣୀଜଗତର ପ୍ରତୀକ । ଏହା ଦେବୀ ସୁଭଦ୍ରାଙ୍କର ବର୍ଣ୍ଣ । ସେହିପରି ଶ୍ରୀସୁଦର୍ଶନଙ୍କର ବର୍ଣ୍ଣ ବାଇଗଣି ବା ମଞ୍ଜିଷ୍ଠା ପରି ରକ୍ତାଭ- ଯାହା ଆତ୍ମିକ ପରିପ୍ରକାଶର ପୂର୍ଣ୍ଣତା ଦିଗରେ ମାନବର ଅଗ୍ରଗତିକୁ ସୂଚିତ କରିଥାଏ ।

ଏହିପରି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ବର୍ଣ୍ଣର ଭିନ୍ନ ଭିନ୍ନ ବ୍ୟାଖ୍ୟା ବିଭିନ୍ନ ବ୍ୟକ୍ତିବିଶେଷ ଓ ଚିନ୍ତକ ନିଜ ନିଜ ଦୃଷ୍ଟିକୋଣରୁ କରିଛନ୍ତି । ତେବେ ଅତି ସାଧାରଣ ଭାବରେ, ବର୍ଣ୍ଣକଣା ଦୃଷ୍ଟିରୁ ବିଚାର କଲେ, ଏହି ଚତୁର୍ଦ୍ଧାମୂର୍ତ୍ତି କଳା, ଧଳା, ଲାଲ ଓ ହଳଦି ରଙ୍ଗର ପ୍ରତିଭୂ । ସେମାନେ ତାଙ୍କର ଏହି ରଙ୍ଗର ନୟନମନୋରମ ଖେଳରେ କାଳେକାଳେ ଆମକୁ ମୁଗ୍ଧ କରି ଆସିଛନ୍ତି ।

# ସମର୍ପିତ ସାମନ୍ତ



# ସିଦ୍ଧାନ୍ତ ଦର୍ପଣ ଓ ପଠାଣି ସାମନ୍ତଙ୍କ ଶ୍ରୀକ୍ଷେତ୍ରେ ଅଲୌକିକ ମହାପ୍ରୟାଣ


**ପୀତବାସ ରାଉତରାୟ**

ଏ /୬୬, ପିପିଏଲ୍ ହାଉସିଂ କଲୋନୀ,
ଖଣ୍ଡଗିରି ଛକ, ପୋଷ୍ଟ- ଆଇଗିଣିଆ,
ଭୁବନେଶ୍ୱର - ୭୫୧୦୧୯
ଫୋନ: ୯୪୩୭୫୭୪୬୪୯



ଫଟୋ ସୌଜନ୍ୟ: ଗୁଗୁଲ୍
ମୁଖ୍ୟପୃଷ୍ଠ ଚିତ୍ର : ଲୋପାମୁଦ୍ରା ପରିଡ଼ା


ଓଡ଼ିଶା ମାଟିରେ ଜନ୍ମଗ୍ରହଣ କରି ବିଶ୍ୱଦରବାରରେ ପ୍ରସିଦ୍ଧି ଲାଭ କରିଥିବା ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନ୍ ବିଶାରଦ, ଗଣିତ ଜ୍ୟୋତିଷବିତ୍ ଓ ସଂସ୍କୃତ ବିଦ୍ୱାନ ପଠାଣି ସାମନ୍ତଙ୍କୁ ପାଇ ଓଡ଼ିଶାବାସୀ ଧନ୍ୟ । ତାଙ୍କର ପ୍ରତିଭା ଅବଲୋକନ କଲେ ଯେ କୌଣସି ବ୍ୟକ୍ତି ମଥାନତ କରି ପ୍ରଣାମ ଜଣାଇବା ପାଇଁ ଆଗଭର ହୁଏ । ତାଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥ ଗଣିତ, ବିଜ୍ଞାନ ଏବଂ ଉଚ୍ଚାଙ୍ଗ ସାହିତ୍ୟର ତ୍ରିବେଣୀ ସଙ୍ଗମ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପଠାଣି ସାମନ୍ତ ଅବିଭକ୍ତ ପୁରୀ ଜିଲ୍ଲା (ବର୍ତ୍ତମାନ ନୟାଗଡ଼ ଜିଲ୍ଲା)ର ବଣ ଜଙ୍ଗଲ ଘେରା ଖଣ୍ଡପଡ଼ାଗଡ଼ର ଖୁଣ୍ଟୁପଡ଼ାସ୍ଥିତ ରାମେଶ୍ୱର ମହାଦେବଙ୍କ ପ୍ରସାଦରୁ ୧୩ ଡିସେମ୍ବର ୧୮୩୫ରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ସେ ସତ୍ୟନିଷ୍ଠ ଓ ପବିତ୍ର ଜୀବନଯାପନ କରି ସେ ପ୍ରଭୁ ଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଭାବେ ପରିଣତ ହୋଇଥିଲେ । ଶ୍ରୀଜଗନ୍ନାଥଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ ଭାବ ନେଇ ସେ ଆରମ୍ଭ କରିଥିଲେ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥ ରଚନା । ଶ୍ରୀଜଗନ୍ନାଥଙ୍କ କରୁଣାରୁ ସେ ଏହି ଗ୍ରନ୍ଥ ରଚନା କରିବାକୁ ସକ୍ଷମ ହୋଇ ପାରିଛନ୍ତି ବୋଲି ସେ ସିଦ୍ଧାନ୍ତ ଦର୍ପଣର ଚତୁର୍ବିଂଶ ପ୍ରକାଶ ୧୪୮ ଶ୍ଳୋକରେ ଲେଖିଛନ୍ତି: "ଶ୍ରୀଜଗନ୍ନାଥଙ୍କ ଚରଣାଶ୍ରିତ ନିଜର କୁଳଧର୍ମ ପାଳନ କରିବାରେ ମୁଁ ବରାବର ତ୍ରୁଟି କରି ଆସିଛି- ମୁଁ ଅଧମ । ତଥାପି ତାଙ୍କର ଦୟାରୁ ଯେ ମୁଁ ଏ ସିଦ୍ଧାନ୍ତ ଗ୍ରନ୍ଥ ତିଆରି କରିଗଲି ଏହାକୁ ସେହି ଭଗବତ ଚରଣରେ ଅର୍ପଣ କରୁଅଛି ।"

ଶ୍ରୀଜଗନ୍ନାଥଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ ଭାବ ନେଇ ପଠାଣି ସାମନ୍ତ ଆରମ୍ଭ କରିଥିଲେ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥ ରଚନା । ଶ୍ରୀଜଗନ୍ନାଥଙ୍କ କରୁଣାରୁ ସେ ଏହି ଗ୍ରନ୍ଥ ରଚନା କରିବାକୁ ସକ୍ଷମ ହୋଇ ପାରିଛନ୍ତି ବୋଲି ସେ ସିଦ୍ଧାନ୍ତ ଦର୍ପଣର ଚତୁର୍ବିଂଶ ପ୍ରକାଶ ୧୪୮ ଶ୍ଳୋକରେ ଲେଖିଛନ୍ତି: "ଶ୍ରୀଜଗନ୍ନାଥଙ୍କ ଚରଣାଶ୍ରିତ ନିଜର କୁଳଧର୍ମ ପାଳନ କରିବାରେ ମୁଁ ବରାବର ତ୍ରୁଟି କରି ଆସିଛି- ମୁଁ ଅଧମ । ତଥାପି ତାଙ୍କର ଦୟାରୁ ଯେ ମୁଁ ଏ ସିଦ୍ଧାନ୍ତ ଗ୍ରନ୍ଥ ତିଆରି କରିଗଲି ଏହାକୁ ସେହି ଭଗବତ ଚରଣରେ ଅର୍ପଣ କରୁଅଛି ।"

ପଠାଣି ସାମନ୍ତ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ସାମନ୍ତ ଶ୍ୟାମବନ୍ଧୁ ସିଂହ ଓ ମାତା ବିଷ୍ଣୁମାଳୀ ଦେବୀଙ୍କର ସନ୍ତାନମାନେ ଦୁର୍ବଳ ଓ କ୍ଷୀଣ ହୋଇ ଜନ୍ମ ନେଉଥିବାରୁ ପଠାଣି ସାମନ୍ତଙ୍କୁ ଜନ୍ମ ହେବା ମାତ୍ରେ ଜଣେ ମୁସଲମାନ୍ ଫକୀରକୁ ଦାନ କରି ଦେଇଥିବାରୁ ସେ ପଠାଣି ନାମରେ ନାମିତ ହେଲେ । ତାଙ୍କର ପିତା ଥିଲେ ବିଦ୍ୟା ଜ୍ୟୋତିଷ ଶିକ୍ଷାରେ ପଣ୍ଡିତ । ସେ ସଂସ୍କୃତ ଭାଷାରେ ଘରୋଇ ଭାବେ ଜ୍ଞାନ ହାସଲ ପରେ ପିତାଙ୍କ ଠାରୁ ଜ୍ୟୋତିଷ ଥିବା ଶିକ୍ଷା କରିଥିଲେ ।

ନିଜ ପ୍ରଚେଷ୍ଟାରେ ବାଉଁଶ ନଳୀ, ଦୁଇଖଣ୍ଡ କାଠି ଓ ନିଜେ ତିଆରି କରିଥିବା ଯନ୍ତ୍ରର ସହାୟତାରେ ସେ ପ୍ରଥମେ ପ୍ରଥମେ ଆକାଶରେ ଉଡୁଥିବା ପକ୍ଷୀର ପୃଥିବୀ ଠାରୁ ଦୂରତା, ପାଖରେ ଥିବା ପାହାଡ଼ର ନିଜ ବାସ ସ୍ଥାନ ଠାରୁ ଦୂରତା ଓ ପାହାଡ଼ର ଉଚ୍ଚତା, ଦୂରରେ ଥିବା ବୃକ୍ଷର ଉଚ୍ଚତା କହି ପାରୁଥିଲେ । ସେ ମଧ୍ୟ ସୂର୍ଯ୍ୟଘଡ଼ି ତିଆରି କରି ସଠିକ ସମୟ କହି ପାରୁଥିଲେ । ସେ ନିଜେ ତିଆରି କରିଥିଲେ ମାନଦଣ୍ଡ ଯାହାର ଯନ୍ତ୍ର ସାହାଯ୍ୟରେ ବହୁ ତଥ୍ୟ ପ୍ରଦାନ କରି ପାରୁଥିଲେ । ଘରୋଇ ଭାବେ ଜ୍ଞାନ ଅର୍ଜନ କରି ସେ ଆର୍ଯ୍ୟଭଟ୍ଟ, ଭାସ୍କର ଓ ବରାହ ମିହିରଙ୍କର ପୁସ୍ତକ ଅଧ୍ୟୟନ କରିଥିଲେ ।

ପଠାଣି ସାମନ୍ତ ମହାମହୋପାଧ୍ୟାୟ ଶ୍ରୀଚନ୍ଦ୍ର ଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର ନାମରେ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କୁ ହରିଚନ୍ଦନ ମହାପାତ୍ର ଉପାଧି ପୁରୀ ଗଜପତି ୧୯୭୦ ମସିହାରେ ପ୍ରଦାନ କରିଥିଲେ ଓ ବ୍ରିଟିଶ ସରକାରଙ୍କ ତରଫରୁ ୧୮୯୦ ମସିହାରେ ମହାମେହାପାଧ୍ୟାୟ ଉପାଧି ପ୍ରଦାନ କରାଯାଇଥିଲା ଓ ତତ୍‌ସଙ୍ଗେ ମାସିକ ୫୦ ଟଙ୍କା ପେନ୍‌ସନ୍‌ର ବନ୍ଦୋବସ୍ତ କରାଯାଇଥିଲା । ତା'ର କାରଣ ଥିଲା ସେ ତାଙ୍କର ପଦ୍ଧତିରେ ଗଣନା କରି ଗୋଟିଏ ସୂର୍ଯ୍ୟପରାଗର ସ୍ଥାନ ଓ ସମୟ ଘୋଷଣା କରିଥିଲେ ଯାହା ଅନ୍ୟ କୌଣସି ଜ୍ୟୋତିର୍ବିଜ୍ଞାନୀ କରିପାରିନଥିଲେ । ସେଥିପାଇଁ ବ୍ରିଟିଶ ସରକାର ତାଙ୍କ ପ୍ରତିଭାକୁ ସମ୍ମାନ ଦେଇ ପେନ୍‌ସନ୍‌ର ବ୍ୟବସ୍ଥା କରିଥିଲେ ।

୧୮୬୬ ମସିହାରେ ସମଗ୍ର ଓଡ଼ିଶାରେ ମହା ଦୁର୍ଭିକ୍ଷ (ନଅଙ୍କ) ହେଲା ବେଳକୁ ତାଙ୍କର ବୟସ ଥିଲା ୩୧ ବର୍ଷ । ସେତେବେଳେ ପ୍ରଚଳିତ କୌଣସି ପଞ୍ଜିକାରେ ବର୍ଷା ନ ହୋଇ ଏପରି ଦୁର୍ବିପାକ ଘଟିବା କଥାର ସୂଚନା ନଥିଲା । ଏହି ଘଟଣା ତାଙ୍କୁ ଏଭଳି ବିଚଳିତ କଲା ଯେ ସୂକ୍ଷ୍ମ ଗଣିତ ବଳରେ ଏଭଳି ଭବିଷ୍ୟତ କଥାର ସ୍ପଷ୍ଟ ସୂଚନା ଦେବା ନିମନ୍ତେ ବିଶୁଦ୍ଧ ପତ୍ରିକା କିପରି ରଚନା ହୋଇପାରିବ ସେ ଦିଗରେ ବାରମ୍ବାର ଚେଷ୍ଟା କଲେ ଏବଂ ଏହାର ତିନିବର୍ଷ ପରେ ତାଙ୍କୁ ୩୪ ବର୍ଷ ହେବା ବେଳେ ୧୮୭୦-୭୧ ମସିହାରେ ସେ ଗ୍ରହ ଗଣିତ କରିବାର ପ୍ରବଳ ଚେଷ୍ଟା ଚଳାଇଲେ । ଏହିଠାରୁ ହିଁ ସିଦ୍ଧାନ୍ତ ଦର୍ପଣ ସମ୍ବଳିତ ସମସ୍ତ ଗ୍ରହ ଗଣିତର ଆରମ୍ଭ । ଦୀର୍ଘ ୨୩ ବର୍ଷ କାଳ ଗ୍ରହଗଣନା ଗ୍ରହ ପର୍ଯ୍ୟବେକ୍ଷଣ ଓ ଦର୍ପଣ ରଚନା ଆଦିରେ ପୁରାପୁରି ବିନିଯୋଗ କରି ସେ ୧୮୯୨ ମସିହାରେ କାମ ଶେଷ କଲେ ।



▶ଲେଖକ ପୀତବାସ ରାଉତରାୟ



## ସିଦ୍ଧାନ୍ତ ଦର୍ପଣରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ବର୍ଣ୍ଣନା

ତାଙ୍କର 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥର ସର୍ବମୋଟ ଚବିଶଟି ଅଧ୍ୟାୟରେ ସେ ପ୍ରାୟ ୮୦ଟି ଶ୍ଳୋକରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି । ଗ୍ରନ୍ଥାରମ୍ଭ ଓ ଗ୍ରନ୍ଥାବସାନ ଏବଂ ପ୍ରତ୍ୟେକ ଅଧ୍ୟାୟର ଅନ୍ତିମ ଶ୍ଳୋକର ପୂର୍ବଶ୍ଳୋକ ଏବଂ ବିଶେଷତଃ ତେଇଶି ଅଧ୍ୟାୟଟି ସମ୍ପୂର୍ଣ୍ଣ ଭାବେ ଉତ୍କଳ ଓ ଶ୍ରୀଜଗନ୍ନାଥଙ୍କ ପ୍ରଶସ୍ତିରେ ଭରପୂର । ନିଜର ଶେଷ ଇଚ୍ଛା ପ୍ରକାଶ କରି ସେ କହିଛନ୍ତି- 'ଗାତ୍ରଂ ମମ ସୁପବିତ୍ରେ ନିପତତୁ ପୁରୁଷୋତ୍ତମକ୍ଷେତ୍ରେ ।' ଅର୍ଥାତ୍ 'ଏହି ପରମ ପାବନ ପୁରୁଷୋତ୍ତମ କ୍ଷେତ୍ରରେ ମୋ' ଦେହାବସାନ ଘଟୁ ।' ଏହାର ପୂର୍ବ ଅଧ୍ୟାୟରେ ଇନ୍ଦ୍ର ନୀଳମଣି କାନ୍ତି ପରି ଯେ ଉଜ୍ଜ୍ୱଳ କୃଷ୍ଣ ବର୍ଣ୍ଣ ଓ ମୋ' ଭଳି ପତିତମାନଙ୍କୁ ରକ୍ଷା କରିବା ପାଇଁ ଯେ ହାତ ଲମ୍ୱେଇ ବସିଛନ୍ତି ସେ ମୋର ହୃଦୟର ଦେବତା । 'କଳ୍ପବଟ ଓ ସମୁଦ୍ରର ମଧ୍ୟବର୍ତ୍ତୀ ସ୍ଥଳରେ ତାଙ୍କୁ ସ୍ଥାନ ଦିଅନ୍ତୁ' ବୋଲି ଶ୍ରୀଜଗନ୍ନାଥଙ୍କୁ ସେ ପ୍ରାର୍ଥନା କରିଛନ୍ତି ।

ଶ୍ରୀକ୍ଷେତ୍ର ପ୍ରଶସ୍ତିରେ ଜ୍ୟୋତିର୍ଗଣିତ କବି ଶତ ମୁଖର । ଧନ୍ୟ ସେହି ଶ୍ରୀକ୍ଷେତ୍ର ପୁରୀ ଯିଏ ନୀଳଗିରିର ଭାର ବହନ କରିବାରେ ସମର୍ଥ ହୋଇଛି । ଏଠି ଅଛି ଉନ୍ନତ ଅଧିତ୍ୟକା (ଉଚ୍ଚଭୂମି), ଏହାର ଶୃଙ୍ଗଗୁଡ଼ିକ ଦେବତାମାନଙ୍କର ବାସସ୍ଥଳୀ । ଏହାର ମେଘନାଦ ପ୍ରାଚୀର ଅତଟ ପର୍ବତ, ସନ୍ନିକଟସ୍ଥ ତଟଭୂମି ଶ୍ରୀମହାଦେବଙ୍କର ସଦା ବନ୍ଦନୀୟ ଏବଂ ଯେଉଁ ପୁରୀ ନଗରୀ ଜଗନ୍ନାଥ ରୂପକ ବର୍ଷଣଶୀଳ ମେଘର ଭାରାରେ ଭାରାକ୍ରାନ୍ତ ସେହି ନୀଳଗିରି ମୋର ସୁଖବିଧାନ କରନ୍ତୁ ବୋଲି ସାଆନ୍ତେ କହିଛନ୍ତି ।

ପତିତପାବନ ବାନା ଶ୍ରୀମନ୍ଦିର ଶୀର୍ଷରେ ପବନରେ ହିଲ୍ଲୋଳିତ ହୋଇ ବାଞ୍ଛା କଳ୍ପଦ୍ରୁମର ଶୀର୍ଷ ପତ୍ରକୁ ମଧ ପରାଜିତ କରୁଛି । ସେଇ ବୈଜୟନ୍ତୀ, ମୃତ୍ୟୁ ଦେବତା ଯମଙ୍କର ସେନାବାହିନୀକୁ ପରାସ୍ତ କରୁଛି ଓ ବରାଭୟ ଘୋଷଣା କରୁଛି । ଶ୍ରୀମନ୍ଦିରର ଦେଦୀପ୍ୟମାନ ଚକ୍ର ଲକ୍ଷ୍ମୀଙ୍କର ଚତୁର୍ଦ୍ଧାରୂପ (ଶ୍ରାଶ ତୂର୍ଯ୍ୟାଂଶ ରୂପଂ) । ପତିତମାନଙ୍କୁ ପ୍ରମାଦ ଓ ସଙ୍କଟରୁ ରକ୍ଷାକରିବା ପାଇଁ ସେ ଆଗ୍ରହୋଜ୍ଜ୍ୱଳ ଠାଣିରେ ରହିଛନ୍ତି (୨୩/୯) । ମନ୍ଦିରସ୍ଥ ପୂର୍ଣ୍ଣକୁମ୍ଭ ହିଁ ଅମୃତ କଳଶ, ସେ ହିଁ ଶ୍ରୀମନ୍ଦିରର ଚୂଡ଼ା । ଅଁଳା ବେଢ଼ାର ୮୮ ଟି ଅଙ୍ଗ ଅଛି ଅର୍ଥାତ୍ ଏଥିରେ ମୋଟ ୮୮ଟି ଅଁଳା ଅଛି । ସାଆନ୍ତେ ମାଦଳାପାଞ୍ଜି ଅନୁସରଣରେ କହିଛନ୍ତି ଏହାର ଉଚ୍ଚତା (୬୪ **x** ୮) ୫୧୨ ମୁଠା । ଶ୍ରୀମନ୍ଦିରର କଣ୍ଠ ଦେଶ, କଣ୍ଠର ନିମ୍ନରେ ଥିବା ବକ୍ଷ ଓ ତା' ପାଖରେ ଥିବା ବିଭିନ୍ନ ଛୋଟ ଛୋଟ ଦେଉଳ, ଗଣେଶ-ବରାହ-ବାମନଙ୍କର ମନ୍ଦିର-ଗୃହ, ଗୃହପୀଠ ଜଗମୋହନ ପ୍ରଭୃତିର ପ୍ରଶସ୍ତିଗାନ ପୂର୍ବକ ଶଂଖ କ୍ଷେତ୍ରରେ ନାଭି ଦେଶରେ ଥିବା ପ୍ରଚଣ୍ଡ ଭୁଜ ଦଣ୍ଡ ବିଶିଷ୍ଟ କଳ୍ପବଟର ବର୍ଣ୍ଣନା କରି ସେ ଗର୍ଭମନ୍ଦିରରେ ମାନସ ପ୍ରବେଶ କରି କହିଛନ୍ତି- "ସାଗର ତୀରରେ ଥିବା ପ୍ରସିଦ୍ଧ ମହା କଳ୍ପବଟ ବୃକ୍ଷ ସନ୍ନିକଟସ୍ଥ ଶ୍ରୀରତ୍ନସିଂହାସନରେ ମହାକାୟ ଜଗନ୍ନାଥ ବିରାଜିତ । ସେ ଉପନିଷଦର ପରମ ବନ୍ଦ୍ୟ ହେଲେ ହେଁ ଅନୁଗତ ଭକ୍ତମାନଙ୍କ ପାଖରେ ସଦାସର୍ବଦା ବିନୀତ । ସେ ଲକ୍ଷ୍ମୀ, ସୁଭଦ୍ରା, ଭୂଦେବୀ, ମାଧବ, ବଳଭଦ୍ର ଓ ସୁଦର୍ଶନଙ୍କ ଦ୍ୱାରା ଶୋଭିତ ହୋଇ 'ମହାଦାରୁ ଦେହ' ରୂପରେ ରତ୍ନସିଂହାସନରେ ବିଦ୍ୟମାନ । ମୁଁ ପତିତମାନଙ୍କର ରାଜା (ପତିତପତି) । ସେ ମୋତେ ପାପରାଶିରୁ ଉଦ୍ଧାର କରନ୍ତୁ । ନୀଳକମଳ, ଶ୍ରେଷ୍ଠ ଭ୍ରମର, ଯମୁନା ଜଳର ନୀଳଜ୍ୟୋତ୍ସ୍ନା, ଇନ୍ଦ୍ର ନୀଳମଣି, ମେଘପଟଳ ଓ କଳା କଜ୍ଜ୍ୱଳର ସମ୍ମିଶ୍ରଣରେ କୁଟି ଉଠୁଥିବା ବିଚିତ୍ର କାନ୍ତିରେ ଯେଉଁ ଦାରୁବ୍ରହ୍ମଭକ୍ତର ଆକର୍ଷଣ ଆଉ ଚିର ଦେଦୀପ୍ୟମାନ ସେହି ନୀଳାଚଳଚନ୍ଦ୍ର ସମସ୍ତଙ୍କର ମଙ୍ଗଳ ବିଧାନ କରନ୍ତୁ" ବୋଲି ଅଦ୍ୱିତୀୟ ପଠାଣି ସାମନ୍ତ ନିବେଦନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ନାମକୁ ଶହେ ଥର ସ୍ମରଣ କଲେ ଦୈବାଧୀନ ମନୁଷ୍ୟର ସକଳ ପାପ ତତ୍‌କ୍ଷଣାତ୍ ନାଶ ହୁଏ ବୋଲି ପଠାଣି ସାମନ୍ତଙ୍କର ପୂର୍ଣ୍ଣ ଆସ୍ଥା ଥିଲା- ପଠାଣି ସାମନ୍ତ ତାଙ୍କ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥର ୨୩ ଅଧ୍ୟାୟରେ ଦଶଟି ଶ୍ଳୋକରେ ଶ୍ରୀଜଗନ୍ନାଥଙ୍କ ଦଶ ଅବତାରର ବର୍ଣ୍ଣନା କରିଛନ୍ତି । ସେ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମାଣ୍ଡ, ତୀର୍ଥରାଜ ମହୋଦଧି, ଶିବ, ଗୌରୀ, ବାଗ୍‌ଦେବୀ ସରସ୍ୱତୀ, ଗଣେଶ, ସୂର୍ଯ୍ୟ, ନବଗ୍ରହଙ୍କ ସହ ତୁଳନା କରିବା ସମୟରେ ମାନସ ଚକ୍ଷୁରେ ପ୍ରଭୁଙ୍କର ବିଭିନ୍ନ ରୂପକୁ ଦର୍ଶନ କରିଛନ୍ତି । ବ୍ରହ୍ମାଣ୍ଡରେ ସୂର୍ଯ୍ୟଚନ୍ଦ୍ର ଅଛନ୍ତି ଯାହା ପ୍ରଭୁଙ୍କର ଦୁଇ ନେତ୍ର ପରି । ବ୍ରହ୍ମାଣ୍ଡର ମେଘସମୂହ ଜଗନ୍ନାଥଙ୍କ ଶୋଭାୟମାନ କାନ୍ତି । ବ୍ରହ୍ମାଣ୍ଡର ସନ୍ଧ୍ୟା ପ୍ରଭୁଙ୍କର ଅଧରପୁଟର ଅନୁପମୀ କାନ୍ତି । ତାଙ୍କର ଦୁଇ ଭୁଜ ଦିଗ୍‌ବଳୟ ଶୋଭାର ଜ୍ୟୋତକ । ବ୍ରହ୍ମାଣ୍ଡର ସୁବର୍ଣ୍ଣ ମେରୁ ହିଁ ପ୍ରଭୁଙ୍କର କଟିରେ ଥିବା ପୀତବସନ ।

ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ସମ୍ମିଳିତ ତନୁ ଭଳି ଶ୍ରୀଜଗନ୍ନାଥ ବିଷ୍ଣୁ ଓ ଲକ୍ଷ୍ମୀଙ୍କର ଦୈତାଦୈତ ଅର୍ଦ୍ଧନାରୀଶ୍ୱର ରୂପ ବୋଲି ପଠାଣି ସାମନ୍ତ ତାଙ୍କ ନଭୋଦ୍ରଷ୍ଟା ଦୃଷ୍ଟିରେ ଦେଖିଛନ୍ତି । ନଭୋମଣ୍ଡଳର ସମସ୍ତ ଜ୍ୟୋତିଃପୁଞ୍ଜର ପରମ ଜ୍ୟୋତିର୍ମୟ ରୂପ ଶ୍ରୀଜଗନ୍ନାଥ ସିଦ୍ଧାନ୍ତ ଦର୍ପଣର ମଙ୍ଗଳା ଚରଣରେ ସପ୍ତାବରଣ ବେଷ୍ଟିତ ରତ୍ନସିଂହାସନ ଯେ ଅନ୍ତରୀକ୍ଷର ମହାନୀଳଜ୍ୟୋତି ସେ ସେହି ଜ୍ୟୋତିକୁ ପ୍ରଣିପାତ କରିଛନ୍ତି- ଶ୍ରୀ ନୀଳାଚଳ ମୌଳି ମଣ୍ଡନ ମହାନୀଳମୟମାନଂ ମହଃ ।

## ପଠାଣି ସାମନ୍ତଙ୍କ ଶ୍ରୀକ୍ଷେତ୍ରକୁ ଅନ୍ତିମ ଯାତ୍ରା



ସାମନ୍ତ ତାଙ୍କର ଜୀବଦ୍ଦଶାରେ ପ୍ରତିବର୍ଷ ଥରେ ଯାଇ ଜଗନ୍ନାଥ ଦର୍ଶନ କରୁଥିଲେ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ସବୁବେଳେ ପାଲିଙ୍କି ସବାରୀରେ ପୁରୀ ଯାତ୍ରା କରିବାର ସୁଯୋଗ ପାଉ ନଥିଲେ ମଧ କଦାପି ବଳଦ ଗାଡ଼ିରେ ଯାଉ ନଥିଲେ । ବରଂ ପାଦଚାରୀ ହୋଇ କିଛି ସହାୟକଙ୍କୁ ନେଇ ଶ୍ରୀକ୍ଷେତ୍ର ଯାତ୍ରା କରୁଥିଲେ । ସାମନ୍ତଙ୍କ ବାସଭବନ ଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ସାମନ୍ତଙ୍କ ନିଜ ପାହୁଣ୍ଡରେ ୧ ଲକ୍ଷ ୫୧ ହଜାର ୨୦୦ ପାହୁଣ୍ଡ ବୋଲି ସେ ନିଜ ପାହୁଣ୍ଡରେ ମାପି କୌତୁହଳ ସୃଷ୍ଟି କରିଥିଲେ ।

ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥର ଛତ୍ରେ ଛତ୍ରେ ସେ ଶ୍ରୀକ୍ଷେତ୍ର ଧାମର ଅପରୂପ ସୌନ୍ଦର୍ଯ୍ୟର ବର୍ଣ୍ଣନା କରିବା ସହିତ ଏହି କ୍ଷେତ୍ରରେ କ୍ଷେତ୍ରାଧୀଶ ଶ୍ରୀ



ଜଗନ୍ନାଥ ତଥା ବଡ଼ ଦେଉଳର ରୂପ ବର୍ଣ୍ଣନା କରି ଜଗନ୍ନାଥଙ୍କ ପ୍ରତି ତାଙ୍କର ସମର୍ପଣ ଭାବ ପ୍ରକଟିତ କରିଥିଲେ ।

ଶ୍ରୀକ୍ଷେତ୍ରରେ ଇହଲୀଳା ସମ୍ବରଣ କଲେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ସାଧାରଣତଃ ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ରହିଥାଏ । ଏହି ବିଶ୍ୱାସରୁ ପଠାଣି ସାମନ୍ତ ବା ବାଦ୍ ଯାଆନ୍ତି କିପରି ? ସାମନ୍ତ ଗଣନା କରି ନିଜର ଅନ୍ତିମ ସମୟ ନିର୍ଣ୍ଣୟ କରିପାରି ଥିଲେ । ତାଙ୍କର ଦେହାନ୍ତ ଶ୍ରୀକ୍ଷେତ୍ରରେ ହେବା ନିମନ୍ତେ ଆଶା ପୋଷଣ କରି ସେ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥର ୧୫୯ ତମ ଶ୍ଳୋକରେ ଦର୍ଶାଇଥିଲେ:

"ବେଳୋଦ୍ୟ ଦସି ଗୋତ୍ରେ ସୁତ୍ରାମାଦି ସ୍ତବାବଳାପାତ୍ରେ
ଗାତ୍ରଂମମ ସୁପବିତ୍ରେ ନିପତତୁ ପୁରୁଷୋତ୍ତମ କ୍ଷେତ୍ରେ ॥"

ଅର୍ଥାତ୍ "ସମୁଦ୍ରତୀରସ୍ଥ ଯେଉଁ କ୍ଷେତ୍ରରେ ନୀଳାଚଳ ବିଦ୍ୟମାନ ଏବଂ ଯେ ଇନ୍ଦ୍ରାଦି ଦେବତାଙ୍କ ସ୍ତୁତି ଭାଜନ ଅଟେ, ସେହି ସୁପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ମୋହର ଶରୀର ପତିତ ହେଉ । ଶ୍ରୀଜଗନ୍ନାଥ ଦର୍ଶନ ଏବଂ ମହାପ୍ରସାଦ ସେବନ ସଂସାରରେ ବଡ଼ ଜିନିଷ ବୋଲି ଦର୍ଶାଇ ସାମନ୍ତ ଚନ୍ଦ୍ରଶେଖର ସିଦ୍ଧାନ୍ତ ଦର୍ପଣ ପ୍ରକାଶର ୧୧୨ ଶ୍ଳୋକରେ ବର୍ଣ୍ଣନା କରିଛନ୍ତି ।

ସାମନ୍ତ ତାଙ୍କର ଦେହାବସାନର ୧୬ ଦିନ ପୂର୍ବରୁ ମଧ୍ୟମ ପୁତ୍ର ଗଦାଧରଙ୍କୁ ସଙ୍ଗରେ ଧରି ଅପରାହ୍ନରେ ଖଣ୍ଡପଡ଼ା ବାସଭବନ ପରିତ୍ୟାଗ କଲେ । ସେ ଖଣ୍ଡପଡ଼ା ଛାଡ଼ିବା ପୂର୍ବରୁ ଖଣ୍ଡପଡ଼ାର ତତ୍କାଳୀନ ରାଜା ତଥା ସ୍ୱୀୟ ପୁତୁରା ନଟବରସିଂହଙ୍କୁ ସାକ୍ଷାତ କରି କହିଥିଲେ କି: "ମୁଁ ଚଉଦକୋଶ ଛାଡୁଛି; ଅଳ୍ପ ଦିନ ପରେ ଚଉଦ ପା ଛାଡ଼ିବି ।" ଏହି କଥାର ଅର୍ଥ ବୁଝି ନପାରି ରାଜା ପଣ୍ଡିତଙ୍କୁ ପଚାରିବାରୁ ରାଜ ପଣ୍ଡିତ କହିଥିଲେ କି, "ଖଣ୍ଡପଡ଼ା ରାଜ୍ୟର ଆୟତନ ଚଉଦ କୋଶ ହୋଇଥିବାରୁ ଏବଂ ନିଜ ହାତରେ ଶରୀର ଆୟତନ ଚଉଦ ପା ହୋଇଥିବାରୁ ସାମନ୍ତ ଖଣ୍ଡପଡ଼ା ରାଜ୍ୟ ଛାଡ଼ିବା ସହିତ ଅଳ୍ପ ଦିନ ପରେ ଶରୀର ତ୍ୟାଗ କରିବାର ସୂଚନା ପ୍ରଦାନ କରିଛନ୍ତି ।"

ପଠାଣି ସାମନ୍ତ ପୁତ୍ର ଗଦାଧରଙ୍କ ସହିତ ତିନିଦିନ ପରେ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ । ଶ୍ରୀମନ୍ଦିରର ସିଂହଦ୍ୱାରରେ ପ୍ରବେଶ କରି ବାଇଶ ପାହାଚ ଠାରୁ ପ୍ରଣାମ ଆରମ୍ଭ କରି ଗରୁଡ଼ ସ୍ତମ୍ଭ ନିକଟରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ । ମନ୍ଦିର ମଧ୍ୟରେ ଉପସ୍ଥିତ ରହି ଅଷ୍ଟୋତ୍ତର ଶତ ଦଣ୍ଡ ପ୍ରଣାମ କରି ଶୁକଦେବକୃତ ପଦାରବିନ୍ଦାଷ୍ଟକ ପାଠକରି ଜଗଦୀଶଙ୍କ ଛାମୁରେ ଦଣ୍ଡାୟମାନ ହୋଇ ଯୋଡ଼ହସ୍ତ ପୂର୍ବକ କହି ଉଠିଲେ କି "ପ୍ରଭୋ ଏ ମହାପାତକୀ ଛାମୁରେ ଉପସ୍ଥିତ ହୋଇଅଛି; ଏ ଜନ୍ମରେ ଏତିକି ମାତ୍ର ଦର୍ଶନ କରି ବିଦାୟ ନେଉଅଛି । ଏ ନାରକୀ ପ୍ରତି କୃପା କରି ଏଠାକୁ ଆଣିଥିବାରୁ କୃତାର୍ଥ ହୋଇଅଛି ।"

ଶାରିରୀକ ଦୁର୍ବଳତା ଯୋଗୁଁ ସାମନ୍ତ ଅତି କଷ୍ଟରେ ସ୍ତୁତି ସ୍ତୋତ୍ରାଦି ପାଠ କରି ବେଢ଼ା ପରିକ୍ରମା କରି ପୁରୀ ମାର୍କଣ୍ଡ ସାହିରେ ଅବସ୍ଥିତ ପାରିକୁଦ ରାଜାଙ୍କର ବସାକୁ ଗମନ କଲେ । ସେ ଅବସ୍ଥାନ କରୁଥିବା ବସା ଠାରୁ ନୀଳଚକ୍ର ଦେଖା ଯାଉଥିଲା । ପୁରୀରେ ପହଞ୍ଚିବା ପରେ ସାମନ୍ତଙ୍କୁ ମୃଦୁ ଜ୍ୱର ହେଲା । ଏକାଦଶୀ ଦିନ ଘନ ଘନ ନିଃଶ୍ୱାସ ପ୍ରବାହିତ ହେଲା । ଏହା ପରଦିନ ଅର୍ଥାତ୍ ଦ୍ୱାଦଶୀ ଦିନ ସାମନ୍ତ ପୁତ୍ର ଗଦାଧରଙ୍କୁ କହିଲେ, "ଗଦାଧର ତୁମେ ସ୍ନାନ କଲଣି କି ନାହିଁ ? ନକରିଥିଲେ ଶୀଘ୍ର ସ୍ନାନ କରି ମୋତେ ଶୁଦ୍ଧ ଜଳରେ ସ୍ନାନ କରାଇ ପରିଷ୍କୃତ କରାଇ ଦିଅ", ଏ କଥା ଶୁଣି ଗଦାଧର କହିଲେ, "ଆପଣଙ୍କ ଦେହରେ ଜ୍ୱର ଅଛି । ଏ ଅବସ୍ଥାରେ କିପରି ସ୍ନାନ କରାଇବି ? ଏହା ଶୁଣି ସାମନ୍ତ କହିଲେ, "ଆଜିତ ମୋର ମୃତ୍ୟୁ ହେବ । ଆଉ ଜ୍ୱରକୁ ଭୟ କାହିଁକି ?" ପିତାଙ୍କ ଆଦେଶ ମାନି ପୁତ୍ର ଗଦାଧର ପଠାଣି ସାମନ୍ତଙ୍କୁ ତୁଳସୀ ଚଉରା ମୂଳକୁ ନେଇ ସ୍ନାନ କରାଇ ଅଙ୍ଗରେ ତିଳକ ଆଦି ଗ୍ରହଣ କରାଇ ବେକରେ ତୁଳସୀ ମାଳ ଧାରଣ କରାଇ ଦେଲେ । ଏହାପରେ କ୍ଷୀଣ ସ୍ୱରରେ ଜଗନ୍ନାଥ ଜଗନ୍ନାଥ ଉଚ୍ଚାରଣ କରି ନୀଳଚକ୍ରକୁ ଚାହିଁ ଉତ୍କଳ ମାତାର ଯୋଗ୍ୟତମ ସନ୍ତାନ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠ ଅଧିମାସ କୃଷ୍ଣପକ୍ଷ ଦ୍ୱାଦଶୀ ପୂର୍ବାହ୍ନ ଚତୁର୍ଦ୍ଦଶ ଦଣ୍ଡ ସମୟରେ ଇହଲୀଳା ସମ୍ବରଣ କଲେ । ପିତାଙ୍କ ଅନ୍ତିମ ଯାତ୍ରା ସମୟରେ ତାଙ୍କ ପାଖରେ ଉପସ୍ଥିତ ଥିବା ମଧ୍ୟମ ପୁତ୍ର ଗଦାଧର ସିଂହ ସାମନ୍ତ ପିତାଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ତାଙ୍କ ରଚିତ ଶୋକଶତକ କବିତାରେ କହି ଉଠିଲେ କି:

"ଶୁଭକ୍ଷଣ ଜାଣି ହୋଇଲ ମେଲାଣି
ଇଷ୍ଟଦେବଙ୍କ ଆଗରୁ,
ଯଷ୍ଟି ଖଣ୍ଡେ ଧରି ଯୁଧିଷ୍ଠିର ପରି
ବାହାରି ପଡ଼ିଲ ଘରୁ ।
ଗହଣରେ ମୋତେ ନେଇ ଶୁଦ୍ଧ ଚିତ୍ତେ
ଆହେ ଅନୁକମ୍ପା ମୟ,
ଜଗନ୍ନାଥକ୍ଷେତ୍ରେ ପରବେଶ ମାତ୍ରେ
ହୋଇଲ ସ୍ଥିର ହୃଦୟ ।
ଚକାନେତ୍ର ଚାହିଁ ଜଣାଇଲ ତହିଁ
ହେ ପ୍ରଭୋ ଛାମୁରେ ଅଛି,
ଏ ମହାପାତକୀ ଏ ଜନ୍ମେ ଏତିକି
ଦର୍ଶନ କରି ଯାଉଛି ।
ମୃତ୍ୟୁ ପୂର୍ବଦିନ ନିଃଶ୍ୱାସ ପବନ
ଛାଡ଼ିଲ ଶିଶୁଙ୍କ ପରି,
ତେବେ ହେଲେ ନିତ୍ୟ ଐଶ୍ୱରୀୟ କୃତ୍ୟ
କରୁଥାଅ ଥରି ଥରି ।
ତେର ଦିନ ମାତ୍ର ଭଜି ପୁଣ୍ୟକ୍ଷେତ୍ର
ହେ କ୍ଷତ୍ରିୟକୁଳ ଇନ୍ଦୁ,
ପୋଛି ନଇଗଲେ ମୋ ଜନନୀ ଭାଇ
ସୁନ୍ଦର ସିନ୍ଦୁର ବିନ୍ଦୁ ।
ହେ ପୁଣ୍ୟତତ୍ପର ଏଣୁ ଯେ ମାସର
ଶ୍ରୀପୁରୁଷୋତ୍ତମ ପତି,
ସେ ପୁରୁଷୋତ୍ତମେ ଶ୍ରୀପୁରୁଷୋତ୍ତମେ
ତାଙ୍କ ପାଶେ ଗଲ ଗତି ।"

ଏହିଭଳି ଭାବରେ ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଟ ଭକ୍ତି ସହ ନିଜର ପାଣ୍ଡିତ୍ୟ ଓ ଗଣନା ଭିତ୍ତିରେ ସେ ପ୍ରଭୁ ଜଗନ୍ନାଥଙ୍କ ପାଦ ପଦ୍ମରେ ଠିକ୍ ସମୟରେ ବିଲୀନ ହୋଇ ନିଜର ପାରଦର୍ଶୀତା ଓ ଭକ୍ତିର ଏକ ଜ୍ୱଳନ୍ତ ନିଦର୍ଶନ ପାଲଟି ଗଲେ । ଧନ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ଧନ୍ୟ ଆପଣଙ୍କ ଭକ୍ତ ପଠାଣି ସାମନ୍ତ !

**(ଆଜି ସେହି ପ୍ରଣମ୍ୟ ପୁରୁଷଙ୍କୁ ସମ୍ମାନ ଜଣାଇ ରାଜ୍ୟ ସରକାର ଭୁବନେଶ୍ୱରରେ ନିର୍ମାଣ କରିଛନ୍ତି ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଯାହା ତାଙ୍କ ପ୍ରତିଭା ପ୍ରତି ଶ୍ରେଷ୍ଠ ନିଦର୍ଶନ)**

**ସହାୟକ ରଚନା :**

**୧. ସିଦ୍ଧାନ୍ତ ଦର୍ପଣ - ପଠାଣି ସାମନ୍ତ, ୨. ପଠାଣି ସାମନ୍ତଙ୍କ ଚେତନାନୁଭବରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ - ରାଜକିଶୋର ମିଶ୍ର , ୩. ପଠାଣି ସାମନ୍ତ ଓ ଶ୍ରୀଜଗନ୍ନାଥ - ଗିରିଜା ପ୍ରସାଦ ତରାସିଆ**

# ପୁରୁଷୋତ୍ତମ ଶ୍ରୀଜଗନ୍ନାଥ



# ଶ୍ରୀମଦ୍ ଭଗବଦ୍ ଗୀତାର ପୁରୁଷୋତ୍ତମ ତତ୍ତ୍ୱ ଓ ଶ୍ରୀଜଗନ୍ନାଥ


**ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ**

କୃପାସିନ୍ଧୁ ମଣ୍ଡପ, ନିଆଳି, କଟକ-୭୫୪୦୦୪
ଫୋନ: ୯୪୩୭୩୦୦୪୩୬


ଫଟୋ ସୌଜନ୍ୟ : ଗୁଗୁଲ୍


**ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀପୁରୁଷୋତ୍ତମ । ଅବ୍ୟୟ, ଅବିନଶ୍ୱର, ସର୍ବଜ୍ଞ, ସର୍ବବ୍ୟାପ୍ତ, ପରଂବ୍ରହ୍ମ ଦାରୁବ୍ରହ୍ମ ରୂପେ ଶ୍ରୀକ୍ଷେତ୍ରରେ ବିରାଜିତ । ଶ୍ରୀଜଗନ୍ନାଥଙ୍କ ମୂଳତତ୍ତ୍ୱ ହେଉଛି 'ପୁରୁଷୋତ୍ତମ ତତ୍ତ୍ୱ' । ଯିଏ ନିଖିଳ ଜଗତର କର୍ତ୍ତା, ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ, ସେହି ହିଁ ପୁରୁଷୋତ୍ତମ । ସେ ପରମାତ୍ମା, ପରଂବ୍ରହ୍ମ, ପରମେଶ୍ୱର ଓ ଦାରୁବ୍ରହ୍ମ । ଭାରତୀୟ ଆଧ୍ୟାତ୍ମିକ ପ୍ରବାହର ସେ ପ୍ରାଣସ୍ୱରୂପ, ଉପନିଷଦୀୟ ଚେତନାରେ ସେ ବ୍ରହ୍ମଜ୍ୟୋତି, ପୁରୁଷସୂକ୍ତରେ ବର୍ଣ୍ଣିତ ସର୍ବବ୍ୟାପୀ, ସର୍ବଶକ୍ତିମାନ ସହସ୍ରଶୀର୍ଷା ପୁରୁଷ ।**





ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀପୁରୁଷୋତ୍ତମ । ଅବ୍ୟୟ, ଅବିନଶ୍ୱର, ସର୍ବଜ୍ଞ, ସର୍ବବ୍ୟାପ୍ତ, ପରଂବ୍ରହ୍ମ ଦାରୁବ୍ରହ୍ମ ରୂପେ ଶ୍ରୀକ୍ଷେତ୍ରରେ ବିରାଜିତ । ଶ୍ରୀଜଗନ୍ନାଥଙ୍କ ମୂଳତତ୍ତ୍ୱ ହେଉଛି 'ପୁରୁଷୋତ୍ତମ ତତ୍ତ୍ୱ' । ଯିଏ ନିଖିଳ ଜଗତର କର୍ତ୍ତା, ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ, ସେହି ହିଁ ପୁରୁଷୋତ୍ତମ । ସେ ପରମାତ୍ମା, ପରଂବ୍ରହ୍ମ, ପରମେଶ୍ୱର ଓ ଦାରୁବ୍ରହ୍ମ । ଭାରତୀୟ ଆଧ୍ୟାତ୍ମିକ ପ୍ରବାହର ସେ ପ୍ରାଣସ୍ୱରୂପ, ଉପନିଷଦୀୟ ଚେତନାରେ ସେ ବ୍ରହ୍ମଜ୍ୟୋତି, ପୁରୁଷସୂକ୍ତରେ ବର୍ଣ୍ଣିତ ସର୍ବବ୍ୟାପୀ, ସର୍ବଶକ୍ତିମାନ ସହସ୍ରଶୀର୍ଷା ପୁରୁଷ । 'ଶ୍ରୀମଦ୍ ଭଗବଦ୍ ଗୀତା'ରେ ସେ ସର୍ବଶ୍ରେଷ୍ଠ ଉତ୍ତମ ପୁରୁଷ, କ୍ଷର ପୁରୁଷଙ୍କ ଠାରୁ ଉର୍ଦ୍ଧ୍ୱରେ ଓ ଅକ୍ଷର ପୁରୁଷଙ୍କ ଠାରୁ ଉତ୍ତମ ରହି ସେ ପରଂବ୍ରହ୍ମ ପରମ ପୁରୁଷ ରୂପରେ ଅଭିହିତ । ଏଇ ଅଖିଳ ଜଗତର ଉପାଦାନ ଓ ନିମିତ୍ତର କାରଣ ରୂପେ ସେ ହିଁ ନିର୍ଣ୍ଣିତ ହୋଇଥାନ୍ତି । ଏଇ 'ପୁରୁଷ' ଶବ୍ଦଟିର ପ୍ରଚଳନ କେଉଁ ଅନାଦି କାଳରୁ ହୋଇ ଆସିଛି । ଋଗ୍‌ବେଦର ଦଶମ ମଣ୍ଡଳ ଅନ୍ତର୍ଗତ 'ପୁରୁଷସୂକ୍ତ'ରେ ସମସ୍ତ ମନ୍ତ୍ରର ଆହୂତ ଦେବତା ହେଉଛନ୍ତି 'ପୁରୁଷ' । ବୈଦିକ ଚିନ୍ତନରେ ପୁରୁଷ ସମସ୍ତଙ୍କ ମଧ୍ୟରେ ବିରାଜମାନ କରୁଥିବା ଚିତ୍ ଓ ଆନନ୍ଦମୟ ସତ୍ତା । ପୁରୁଷ ହେଉଛନ୍ତି ସୃଷ୍ଟି, ସ୍ଥିତି, ପ୍ରଳୟର କାରଣ । ଉପନିଷଦୀୟ ତତ୍ତ୍ୱରେ ପରମାତ୍ମା ବା ପରମେଶ୍ୱର ହିଁ 'ପୁରୁଷ' । ଉପନିଷଦ୍ ତାଙ୍କୁ ବ୍ରହ୍ମ ଭାବରେ ପରିକଳ୍ପନା କରିଥାଏ । ଆଦିଗୁରୁ ଶଙ୍କରାଚାର୍ଯ୍ୟ ପୁରୁଷ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି ଯିଏ ସବୁସ୍ଥାନରେ ଏବଂ ସବୁ ଶରୀର ମଧ୍ୟରେ ବିଦ୍ୟମାନ ସେହି ଅବ୍ୟକ୍ତ ସତ୍ତା ହିଁ ପୁରୁଷ ।

ପରମ ବୈଷ୍ଣବାଚାର୍ଯ୍ୟ ଶ୍ରୀରାମାନୁଜଙ୍କ ଦର୍ଶନ କୁହେ, ସମସ୍ତ ଦୋଷ ବର୍ଜିତ ଓ ନିଖିଳ କଲ୍ୟାଣ ଗୁଣାଶ୍ରୟ ପୁରୁଷୋତ୍ତମ ହେଉଛନ୍ତି ବ୍ରହ୍ମ ସ୍ୱରୂପ ।  ଏହି ପୁରୁଷୋତ୍ତମ ତତ୍ତ୍ୱ ଓ ଶ୍ରୀଜଗନ୍ନାଥ ତତ୍ତ୍ୱ ଏକ ଓ ଅଭିନ୍ନ ଏବଂ ଗୋଟିଏ ବିନ୍ଦୁରେ ସମ୍ମିଳିତ ।

ବେଦ ଓ ଉପନିଷଦରେ ଯେଉଁ ପୁରୁଷତତ୍ତ୍ୱର କ୍ରମବିକାଶ ଘଟିଥିଲା ଶ୍ରୀମଦ୍ ଭଗବଦ୍ ଗୀତାରେ ତାହା 'ଉତ୍ତମ ପୁରୁଷ' ବା 'ପୁରୁଷୋତ୍ତମ' ରୂପେ ବ୍ୟାଖ୍ୟା କରାଯାଇ ପରଂବ୍ରହ୍ମ ବା ପରମାତ୍ମା ରୂପରେ ପ୍ରତିପାଦନ କରାଯାଇଛି । ଭାରତୀୟ ଧର୍ମଧାରାରେ ଏହି ପରମ ପୁରୁଷଙ୍କୁ ଶ୍ରୀବିଷ୍ଣୁ, ଶ୍ରୀକୃଷ୍ଣ, ନାରାୟଣ ଓ ବାସୁଦବ, ଆଦି ବହୁ ରୂପରେ ଉପାସନା କରିବାର ଧାରା ପ୍ରଚଳିତ ଥିଲେ ମଧ୍ୟ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରୂପ ଦର୍ଶନରେ ଅନ୍ୟସମସ୍ତ ରୂପ ସମାହିତ ହୋଇ ଏକ ଦିବ୍ୟ ବ୍ରହ୍ମାନୁଭୂତିର ଉପଲବ୍ଧି ସାଧକ ଓ ଭକ୍ତ ପ୍ରାଣକୁ ବିଭୋର କରେ । ଏହା ହିଁ ପୁରୁଷୋତ୍ତମଙ୍କ ଲୀଳାମାଧୁର୍ଯ୍ୟ ।

ଭାରତବର୍ଷର ବହୁ ଧର୍ମ, ବହୁ ଦର୍ଶନ ଓ ପରମ୍ପରାର ସମନ୍ୱୟ ଘଟିଛି ଶ୍ରୀଜଗନ୍ନାଥ ଚେତନାରେ । କେଉଁ ସ୍ମରଣାତୀତ କାଳରୁ ସେ 'ପୁରୁଷୋତ୍ତମ ଶ୍ରୀଜଗନ୍ନାଥ' ସ୍ୱରୂପରେ ପୁରୁଷୋତ୍ତମ କ୍ଷେତ୍ରରେ ଲୀଳାମୟ । ବିଦ୍ୱାନମାନେ ତାହାଙ୍କୁ ଉପନିଷଦୀୟ ସିଦ୍ଧାନ୍ତରେ ପୁରୁଷୋତ୍ତମ ତତ୍ତ୍ୱର ସଗୁଣ ସାକାର ବିଗ୍ରହ ଭାବେ ବର୍ଣ୍ଣନା କରିଛନ୍ତି । ବେଦରେ ସେ ସଗୁଣ ତଥା ନିର୍ଗୁଣ ବ୍ରହ୍ମ ରୂପେ ପରିଚିତ । ବୈଦିକ ସୂକ୍ତରୁ ଉପଲବ୍ଧ ହୁଏ ଯେ ପୃଥିବୀର ପ୍ରାଚୀନତମ ଗ୍ରନ୍ଥ ବେଦ ରଚନାର ବହୁ ପୂର୍ବରୁ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଉପାସନାର ଆରମ୍ଭ ହୋଇଥିଲା ଏବଂ କେଉଁ ଅନାଦି କାଳରୁ ସେ ଦାରୁବ୍ରହ୍ମ ରୂପେ ସ୍ୱୀକୃତ ହୋଇଥିଲେ । ମନୀଷୀମାନେ କହିଥାନ୍ତି, ବ୍ରହ୍ମ ହେଉଛନ୍ତି ନିତ୍ୟ, ସନାତନ । ସେ ହିଁ ମହାକାଳ ସ୍ୱରୂପ ଭୂତ ବର୍ତ୍ତମାନ ଓ ଭବିଷ୍ୟତ । ସେ ହିଁ ସର୍ବଶକ୍ତିମାନ, ପୁରୁଷ, ଯିଏ ତିନୋଟି କାଳର ଦ୍ରଷ୍ଟା ଓ ମହାବିଶ୍ୱର ସ୍ରଷ୍ଟା । ଏହି ବେଦଜ୍ଞ ପୁରୁଷ ତଥା ପରମେଶ୍ୱରଙ୍କ ଯୋଗୁଁ ଏହି ଜଗତର ସୃଷ୍ଟି, ସ୍ଥିତି ଓ ବିଲୟ ସମ୍ଭବପର ହୋଇପାରିଛି । ବୀଜରୁ ବୃକ୍ଷ ଉତ୍ପନ୍ନ ହୋଇ ପୁନଶ୍ଚ ସେହି ବୀଜରେ ହିଁ ଲୀନ ହୋଇଯିବା ପରି ଏହି ଜଗତ ପରମେଶ୍ୱରଙ୍କ ଠାରୁ ଉତ୍ପନ୍ନ ହୋଇ ତାଙ୍କରି ଠାରେ ଲୀନ ହୋଇଥାଏ । ଏଇ ଚରାଚର ଜଗତର ନିୟାମକ ହେଉଛନ୍ତି ଈଶ୍ୱର । ତାଙ୍କରି କୃପାରେ ପ୍ରକୃତିରୁ ଜଗତ ସୃଷ୍ଟି ହୁଏ । ତେଣୁ ପ୍ରକୃତିକୁ ମାତା ରୂପେ ସ୍ୱୀକାର କରାଯାଉଥିବା ବେଳେ ଈଶ୍ୱରଙ୍କୁ ପିତୃସ୍ଥାନରେ ଅଧିଷ୍ଠିତ କରାଯାଏ । ଈଶ୍ୱର ହିଁ ଶ୍ରେଷ୍ଠ । ପ୍ରକୃତି ମଧ୍ୟ ତାଙ୍କରି ମଧ୍ୟରେ ସମାହିତ । ସେ ହିଁ ପୁରୁଷୋତ୍ତମ ।

ବେଦବର୍ଣ୍ଣିତ ପୁରୁଷ ସୂକ୍ତରେ ତେଣୁ ଏଇ ଅବ୍ୟକ୍ତ ପୁରୁଷଙ୍କୁ ସର୍ବବ୍ୟାପୀ ଓ ସର୍ବଜ୍ଞ ଭାବରେ ବର୍ଣ୍ଣନା କରାଯାଇଛି ଓ ଏଇ ଚରାଚର ଜଗତ ତାଙ୍କର ଶରୀର ବୋଲି କୁହାଯାଇଛି । ଉପନିଷଦରେ ଏହି ପରମ ପୁରୁଷଙ୍କୁ 'ବ୍ରହ୍ମ' ଭାବରେ ନାମିତ କରାଯାଇଥିଲେ ମଧ୍ୟ 'ପୁରୁଷ' ଶବ୍ଦଟିର ବାରମ୍ବାର ପ୍ରୟୋଗ କରାଯାଇ 'ପୁରୁଷତତ୍ତ୍ୱ'ର ନିଗୂଢ଼ତା ପ୍ରତିପାଦନ କରାଯାଇଛି ଓ ଏଇ ପରମପୁରୁଷ ବା ପରମେଶ୍ୱର ଆନନ୍ଦ ସ୍ୱରୂପ ଓ ସେ ଜଗତରେ ସୃଷ୍ଟି, ସ୍ଥିତି, ପ୍ରଳୟର

କାରଣ ରୂପେ ଦର୍ଶାଯାଇଛି । ଉପନିଷଦୀୟ ତତ୍ତ୍ୱାନୁସାରେ ଅଦ୍ୱିତୀୟ ପୁରୁଷ ଶ୍ରେଷ୍ଠ ଓ ବ୍ରହ୍ମଙ୍କ ମଧ୍ୟରେ କୌଣସି ଭିନ୍ନତା ନାହିଁ । କଠୋପନିଷଦ୍‌ରେ ଏହି ପୁରୁଷତତ୍ତ୍ୱର ମହିମା ବଖାଣିବାକୁ ଯାଇ କୁହାଯାଇଛି–

"ଇନ୍ଦ୍ରିୟେଭ୍ୟଃ ପରାହ୍ୟର୍ଥା ଅର୍ଥେଭ୍ୟଶ୍ଚ ପରଃମନଃ
ମନସସ୍ତୁ ପରାବୃଦ୍ଧି ବୁଦ୍ଧେରାତ୍ମ ମହାନ୍ ପରଃ ।
ମହତଃ ପରମ ବ୍ୟକ୍ତମ ବ୍ୟକ୍ତାତ୍ ପୁରୁଷଃ ପରଃ ।
ପୁରୁଷାନ୍ନ ପରଂ କିଞ୍ଚିତ୍ ସା କାଷ୍ଠା ସା ପରା ଗତିଃ ।(୧,୩,୧୦-୧୧)

ଅର୍ଥାତ୍– ଇନ୍ଦ୍ରିୟମାନଙ୍କ ଠାରୁ ବିଷୟମାନେ ସୂକ୍ଷ୍ମ ବା ଶ୍ରେଷ୍ଠ ଅଟନ୍ତି । ବିଷୟମାନଙ୍କ ଠାରୁ ମନ ସୂକ୍ଷ୍ମ ବା ଶ୍ରେଷ୍ଠ । ମନ ଠାରୁ ବୁଦ୍ଧି ଶ୍ରେଷ୍ଠ । ବୁଦ୍ଧି ଠାରୁ ମହାନ୍ ଆତ୍ମା । (ହିରଣ୍ୟଗର୍ଭାବି ବା ମହତ୍ତ୍ୱ)



ଶ୍ରେଷ୍ଠ ଆତ୍ମା ଠାରୁ ଅବ୍ୟକ୍ତ ଶ୍ରେଷ୍ଠ ଓ ଅବ୍ୟକ୍ତ ଶକ୍ତି ଠାରୁ ପୁରୁଷ ଶ୍ରେଷ୍ଠ ଅଟନ୍ତି । ଏହି ପୁରୁଷଙ୍କ ଠାରୁ ଶ୍ରେଷ୍ଠ ବା ଅଧିକ ଆଉ କିଛି ନାହିଁ । ଏହା ହିଁ ଚରମସୀମା ଓ ପରମ ଗତି ଅଟେ । ଏହି ପରମ ପୁରୁଷ ସମସ୍ତଙ୍କ ଶରୀରରେ ଆତ୍ମାରୂପେ ବିଦ୍ୟମାନ, ଯେ କି ସ୍ୱୀୟ ମାୟାରେ ଆଚ୍ଛାଦିତ ରହି ଅପ୍ରକଟଥାନ୍ତି । ସେହି ସୂକ୍ଷ୍ମରୁ ସୂକ୍ଷ୍ମତମ ସ୍ୱରୂପକୁ ଋଷିମାନେ ଦର୍ଶନ କରିଥାନ୍ତି । ବେଦ ଓ ଉପନିଷଦର ଏହି ପରଂବ୍ରହ୍ମ ପୁରୁଷ ହିଁ ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀପୁରୁଷୋତ୍ତମ ଭାବରେ ସର୍ବ ପ୍ରଥମେ ନାମିତ ହୋଇଥିଲେ । ଗୀତାରେ ବର୍ଣ୍ଣିତ ପୁରୁଷୋତ୍ତମତତ୍ତ୍ୱକୁ ପରମ ରହସ୍ୟମୟ ତଥା ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ଭାବରେ ଭାରତୀୟ ଦର୍ଶନ ଗ୍ରହଣ କରିଥାଏ । ଈଶ୍ୱରଙ୍କୁ ବେଦମାନଙ୍କର ବେଦ୍ୟ ବୋଲି କୁହାଯାଏ । ସେ କ୍ଷର ଓ ଅକ୍ଷର– ଉଭୟ ପୁରୁଷଙ୍କ ଠାରୁ ଉର୍ଦ୍ଧ୍ୱରେ ବୋଲି ପୁରୁଷୋତ୍ତମ ରୂପେ ଗୀତାର 'ପୁରୁଷୋତ୍ତମ ଯୋଗ'ରେ ବର୍ଣ୍ଣନା କାଯାଇଛି । ଯଥା–

"ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ,
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।"
(ଶ୍ରୀମଦ୍‌ଗୀତା ୧୫/୨୮)

'ଶ୍ରୀମଦ୍‌ଭଗବଦ୍ ଗୀତା'ର 'ଦାଶରଥିଟୀକା'ରେ ଏହାକୁ ଅତି ସରଳ ଭାଷାରେ ବୁଝାଇ କୁହାଯାଇଛି–

"କ୍ଷର ଅକ୍ଷର ଏହି ଦୁଇ 'ପୁରୁଷ ଜଗତେ ଅଛଇ,
ନିଶ୍ୱର ମାତ୍ରେ ଅଟେ କ୍ଷର, ଜୀବାତ୍ମା ଅଟଇ ଅକ୍ଷର ।
ଏ ଦୁଇ ପୁରୁଷୁଁ ଉତ୍ତମ । ଅଛନ୍ତି ପରମାତ୍ମା ନାମ ।
ସେହି ଯେ ଅବ୍ୟୟ ଈଶ୍ୱର । ପ୍ରବେଶ କରି ତିନିପୁର ।
ସଭିଙ୍କି କରନ୍ତି ଧାରଣ । ରକ୍ଷଣ ପାଳନ ଭରଣ ।

'ପୁରୁଷୋତ୍ତମ ଯୋଗ'ରେ କୁହାଯାଇଛି, ଏ ଜଗତରେ ପୁରୁଷତତ୍ତ୍ୱର ଦୁଇଟି ଭେଦ ରହିଛି । ଏକ ପକ୍ଷରେ ପୁରୁଷ କ୍ଷର ଓ ଅପର ପକ୍ଷଟି ହେଉଛି ଅକ୍ଷର । କ୍ଷର ଓ ଅକ୍ଷର ନାମଧାରୀ ଏଇ ଦୁଇଟି ପୁରୁଷ ପରସ୍ପର ଠାରୁ ପୃଥକ୍ ଅଟନ୍ତି । ପ୍ରକୃତିର ବିକାରରୁ ସୃଷ୍ଟି ହୋଇଥିବା ସମସ୍ତ ବିନାଶଶୀଳ ଭୂତଗଣ ହେଉଛନ୍ତି 'କ୍ଷର ପୁରୁଷ' । ମାତ୍ର ଅକ୍ଷର ପୁରୁଷ ସମସ୍ତ ପ୍ରାଣୀଙ୍କ ଅନ୍ତରାତ୍ମା ଅନ୍ତରାତ୍ମା ରୂପେ ସ୍ଥିତ । ସେ ହିଁ ପ୍ରାଣୀମାନଙ୍କର ଆତ୍ମା ପୁରୁଷ । ଏହି ଶରୀର ବିଲୁପ୍ତ ହୋଇଗଲେ ମଧ୍ୟ ମାୟାଶକ୍ତି ବା ଆତ୍ମା ପୁରୁଷଙ୍କର ବିନାଶ ହୁଏନାହିଁ । ସେ ହିଁ ସମସ୍ତ ଭୂତଗଣଙ୍କ ଉତ୍ପତ୍ତିର ବୀଜ ହୋଇଥାନ୍ତି । ପ୍ରାଣୀମାନେ ଏହାଙ୍କ କୃପା ଛାୟା ତଳେ ଆଶ୍ରୟଲଭି ନୀତିନୀତି କର୍ମସାଧନ ପଥରେ ବ୍ରତୀ ରୁହନ୍ତି ଓ ଜୀବନଚକ୍ରକୁ ପରିକ୍ରମା କରନ୍ତି । ତେଣୁ ଏହି ମାୟାଧୀଶ ଅକ୍ଷର ପୁରୁଷ ଅବିନାଶୀ ହୋଇଥାନ୍ତି ।

ମାତ୍ର ପୁରୁଷୋତ୍ତମ ବା ପରମାତ୍ମା ହେଉଛନ୍ତି ଏ ଦୁହିଁଙ୍କଠାରୁ ଶ୍ରେଷ୍ଠ ଓ ସମଗ୍ର ଜଗତର ସୃଷ୍ଟିର କାରଣ ।

ଶ୍ରୀ ରାମାନୁଜାଚାର୍ଯ୍ୟଙ୍କର ପଦାର୍ଥ ମୀମାଂସାରେ ବ୍ରାହ୍ମତତ୍ତ୍ୱ ମଧ୍ୟ ଅବ୍ୟକ୍ତ ତଥା ଅବିନାଶୀ ବ୍ରହ୍ମଙ୍କ ସହିତ ଏଇ ଭାବ ଓ ଜଗତର ସୂକ୍ଷ୍ମାତିସୂକ୍ଷ୍ମ ସମ୍ବନ୍ଧର ନିଗୂଢ଼ତା ପ୍ରତିପାଦିତ କରିଥାଏ । ତାଙ୍କ ମତରେ ଏଇ ଜୀବ ଓ ଜଗତ ଉଭୟେ ବ୍ରହ୍ମଙ୍କର ଶରୀର ଅଟନ୍ତି । ସେ ଜୀବକୁ 'ଚିତ୍' ଓ ଜଡ଼ଜଗତକୁ ଅଚିତ୍ ବୋଲି ଦର୍ଶାଇଛନ୍ତି । ତାଙ୍କ ମତରେ ସୃଷ୍ଟି ଆରମ୍ଭରୁ ଏଇ ଚିତ୍ ଓ ଅଚିତ୍ ଶକ୍ତି ବ୍ରହ୍ମଙ୍କର ଅଂଶୀଭୂତ ଥିଲେ । ବ୍ରହ୍ମ ତାଙ୍କର ସୂକ୍ଷ୍ମ ସ୍ୱରୂପରେ ବିଦ୍ୟମାନ । ଏଇ ଜଗତର ସୃଷ୍ଟି ତାଙ୍କର ବ୍ୟକ୍ତରୂପ । ପୁନଶ୍ଚ ଜୀବ ମଧ୍ୟରେ ସେ ମଧ୍ୟ ଆତ୍ମା ରୂପରେ ସଂଚରିତ । ବ୍ରହ୍ମ ଏଇ ଚିତ୍ ଓ ଅଚିତ୍ ପଦାର୍ଥ ଦ୍ୱାରା ବିଶିଷ୍ଟ ହୋଇଥିବାରୁ ତାଙ୍କ ପ୍ରବର୍ତ୍ତିତ ସିଦ୍ଧାନ୍ତକୁ ବିଶିଷ୍ଟ ଦ୍ୱୈତ ସିଦ୍ଧାନ୍ତ ବୋଲି କୁହାଯାଏ ।

ତାଙ୍କ ମତରେ, "ସମସ୍ତ ଦୋଷ ବର୍ଜିତ ଓ ନିଖିଳ ଜଗତର କଲ୍ୟାଣ ଗୁଣାଶ୍ରୟ ପୁରୁଷୋତ୍ତମ ହେଉଛନ୍ତି ବ୍ରହ୍ମ ।"

ସେ ଏହି ଅନନ୍ତ, ଅକଳ୍ପନୀୟ ଶକ୍ତିମୟ ପୁରୁଷଙ୍କୁ 'ସତ୍ୟ' ରୂପେ ସ୍ୱୀକାର କରି ଜୀବ ଓ ଜଗତକୁ ତାଙ୍କର ଶରୀର ବୋଲି ଦର୍ଶାଇଛନ୍ତି ।

କିନ୍ତୁ 'ଶ୍ରୀମଦ୍ ଭଗବଦ୍ ଗୀତା'ରେ ଏଇ ପୁରୁଷୋତ୍ତମ ତତ୍ତ୍ୱର ମହିମା ସମସ୍ତଙ୍କ ଠାରୁ ଭିନ୍ନ । ଏହି ଜୀବ ଓ ଜୀବାତ୍ମାଙ୍କ ଠାରୁ ସେ ପୃଥକ୍ ଓ ଶ୍ରେଷ୍ଠ ବୋଲି ଗୃହୀତ ।



ଗୀତାରେ 'ପୁରୁଷୋତ୍ତମ ଯୋଗ'ରେ କୁହାଯାଇଛି–

"ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ।
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମା ବିଶ୍ୟ ବିବର୍ତ୍ତ୍ୟବ୍ୟୟ ଈଶ୍ୱରଃ । (ଗୀତା ୧୫/୧୬)

ଏଠାରେ କୂଟସ୍ଥ ଶବ୍ଦଟି ଦ୍ୱିଅର୍ଥ ବାଚକ । ମୂଳତଃ ଏହା ମାୟାସ୍ଥିତ ଅବସ୍ଥାକୁ ବୁଝେଇଥାଏ । ପୁଣି ବି ପର୍ବତ ପରି ସ୍ଥିର ବା ନିର୍ବିକାରତ୍ୱକୁ ମଧ୍ୟ ବୁଝାଏ ।

ଅର୍ଥାତ୍– ଏହି ଶରୀର ବିନାଶଶୀଳ ହୋଇଥିଲେ ମଧ୍ୟ ଏହା ମଧ୍ୟରେ ଭଗବାନଙ୍କର ମାୟାଶକ୍ତି ତଥା ଅକ୍ଷର ପୁରୁଷ ବିଦ୍ୟମାନ । ଆଚାର୍ଯ୍ୟ ଶଙ୍କର ତାଙ୍କ ଭାଷ୍ୟରେ ଲେଖିଛନ୍ତି ଯେ ପ୍ରକୃତିର ବିକାରରୁ ହିଁ ସମସ୍ତ ଭୂତଙ୍କର ଉତ୍ପତ୍ତି ହୋଇଛି ।


HIGHLAND
A Highland Group Entity
HIGHLAND
Highland Ajisen
Highland Ajisen
Highland Oishii
PRODUCT OF INDIA
Highland Oishii
Highland De La Mer Pvt. Ltd,
founded and promoted by
Mr. Pratik Jena is making a mark in
the export market of frozen shrimp
with good and world class
quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in



ଯାହାଙ୍କୁ କ୍ଷରପୁରୁଷ ବୋଲି କୁହାଯାଏ । କ୍ଷରର ବିପରୀତ ଅକ୍ଷର ପୁରୁଷ । ଅକ୍ଷର ପୁରୁଷ ଏହି ସଂସାରର ବୀଜ । ସେ ଭଗବାନଙ୍କର ମାୟାଶକ୍ତି । ତାଙ୍କର ବିନାଶ ହୁଏ ନାହିଁ । ଏହି ହେତୁରୁ ସେ ଅକ୍ଷର ।

ମାତ୍ର ଏହି ଦୁଇଜଣଙ୍କ ଠାରୁ ଶ୍ରେଷ୍ଠ ବା ଉତ୍ତମ ପୁରୁଷ ଉଭୟଙ୍କ ଠାରୁ ବିଲକ୍ଷଣ । ବେଦାନ୍ତ ତାହାଙ୍କୁ କୁହେ ପରମାତ୍ମା ପୁରୁଷ ପରମାତ୍ମା ଅବିଦ୍ୟାରୁ ଜାତ ଶରୀର ତଥା ଆତ୍ମା ଠାରୁ ଶ୍ରେଷ୍ଠ ଏବଂ ସମସ୍ତ ପ୍ରାଣୀଙ୍କ ଅନ୍ତରାତ୍ମା ରୂପେ ବିଦ୍ୟମାନ ।

ସେହି ପରମପୁରୁଷ ବା ପରମାତ୍ମା ନିଜର ଚୈତନ୍ୟଶକ୍ତି ଦ୍ୱାରା ତ୍ରିଲୋକକୁ ପ୍ରବିଷ୍ଟ ହୁଅନ୍ତି ଓ ସ୍ୱୟଂ ସତ୍ତାରେ ସମସ୍ତଙ୍କୁ ଧାରଣ କରିଥାନ୍ତି । ସେ ଅବ୍ୟୟ, ଅବିନାଶୀ ଈଶ୍ୱର ଅଟନ୍ତି ।

'ଶ୍ରୀମଦ୍ ଭଗବଦ୍ ଗୀତା'ର ସମସ୍ତ ଅଧ୍ୟାୟରେ ପରା ପ୍ରକୃତି ଓ ଅପରା ପ୍ରକୃତିର ବ୍ୟାଖ୍ୟା କରିବା ପ୍ରସଙ୍ଗରେ ଏହି ଉଭୟ ପୁରୁଷଙ୍କ ସୂଚନା ଦିଆଯାଇଛି । ପ୍ରକୃତି- ଯାହା ବ୍ରହ୍ମଙ୍କ ଠାରୁ ଉତ୍ପତ୍ତି ହୁଏ ଓ ବ୍ରହ୍ମଙ୍କ ଠାରେ ହିଁ ଲୀନ ହୁଏ- ତାଙ୍କର ବର୍ଣ୍ଣନା କରିବାକୁ ଯାଇ କୁହାଯାଇଛି-

ଭୂମିରାପୋଽନଲୋ ବାୟୁଇ ଖଂ ମନୋ ବୁଦ୍ଧିରେବ ଚ ।
ଅହଙ୍କାର ଇତୀୟ ମେ ଭିନ୍ନା ପ୍ରକୃତିରଷ୍ଟଧା ।(୪)
ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧିମେ ପରାମ ।
ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍ ।(୫)

ବ୍ରହ୍ମ ବା ଈଶ୍ୱରଙ୍କର ଦୁଇଟି ପ୍ରକୃତି ରହିଛି । ଗୋଟିଏ ପରା ପ୍ରକୃତି ଓ ଅପରଟି ଅପରା ପ୍ରକୃତି । ଜୀବାତ୍ମା ବ୍ରହ୍ମଙ୍କର ପରା ପ୍ରକୃତି । ଏହା ଚୈତନ୍ୟମୟ ଓ ବ୍ୟାପ୍ତ । ଜୀବ ମଧ୍ୟରେ ଏହା ସତସ୍ୱରୂପ ଯୁକ୍ତ ହୋଇ ଅପ୍ରକଟ ବା ଅବ୍ୟକ୍ତ ଭାବେ ରହିଥାଏ । ବିଜ୍ଞମାନେ ଏହାଙ୍କୁ ବ୍ରହ୍ମଙ୍କର ଆତ୍ମା ବୋଲି ମଧ୍ୟ କହିଥାନ୍ତି । ଏହି ଅବ୍ୟକ୍ତ ଓ ଅବିନାଶୀ ପରା ପ୍ରକୃତିକୁ ଅକ୍ଷର ପୁରୁଷ ବୋଲି ମଧ୍ୟ କୁହାଯାଏ । ଏହା ହିଁ ହେଉଛି ସେହି ଚିତ୍ଶକ୍ତି ଯାହା ଚରାଚର ଜଗତକୁ ଧାରଣ କରିଥାଏ ।

ମାତ୍ର ଅପରା ପ୍ରକୃତି ମାୟା ବିଜଡ଼ିତ । ଜ୍ଞାନୀମାନେ ଏହାକୁ କେବଳ ପ୍ରକୃତି ବୋଲି ମଧ୍ୟ କହିଥାନ୍ତି । ରୂପ, ରସ, ଶବ୍ଦ, ଗନ୍ଧ ଓ ସ୍ପର୍ଶ- ଏହି ପଞ୍ଚ ତନ୍ମାତ୍ର ଓ ତତ୍ସହିତ ମନ, ବୁଦ୍ଧି, ଅହଙ୍କାର- ଏହି ଅଷ୍ଟ ଉପାଦାନର ସମଷ୍ଟି ବା ଅଷ୍ଟଧା ପ୍ରକୃତି ହେଉଛି ଅପରା ପ୍ରକୃତି ବା ମାୟା ପ୍ରକୃତି । ଏହି ପ୍ରକୃତିକୁ 'କ୍ଷର ପୁରୁଷ' ବୋଲାଯାଏ ।

କ୍ଷର ପୁରୁଷ ବା ଏହି ମାୟା ପ୍ରକୃତି ବ୍ୟକ୍ତ ମାତ୍ର ଅକ୍ଷର ପୁରୁଷ ବା ପରା ପ୍ରକୃତି ଅବ୍ୟକ୍ତ, ଅଚଳ ଓ ଅକ୍ଷୟ । ଏହି କ୍ଷର ପୁରୁଷ 'କ୍ଷେତ୍ର' ରୂପେ ପରିଗଣିତ ହେଲାବେଳେ ଜ୍ଞାନୀ ମାନେ ପରା ପ୍ରକୃତି ବା ଅକ୍ଷର ପୁରୁଷଙ୍କୁ କ୍ଷେତ୍ରଜ୍ଞ ଭାବେ ଗ୍ରହଣ କରିଥାନ୍ତି । କ୍ଷେତ୍ର ଓ କ୍ଷେତ୍ରଜ୍ଞ - କେହି କାହାରି ଠାରୁ ଭିନ୍ନ ନୁହଁନ୍ତି । ଦୁହେଁ ପରମାତ୍ମାଙ୍କ ଠାରୁ ଉତ୍ପତ୍ତି । ମାତ୍ର କ୍ଷର ପୁରୁଷ ଈଶ୍ୱରଙ୍କର ଅପରା ପ୍ରକୃତି ଦ୍ୱାରା ଆଚ୍ଛନ୍ନ ହୋଇ ସାଂସାରିକ ବିଷୟ ସୁଖର ମୋହ ମଧ୍ୟରୁ ମୁକ୍ତ ହୋଇପାରେ ନାହିଁ ଓ କର୍ମ ସଂସ୍କାର ଜନିତ ପରିକ୍ରମଣ ଚକ୍ରରେ ଘୁରି ବୁଲୁଥାଏ । ମାତ୍ର ଅକ୍ଷର ପୁରୁଷ ଈଶ୍ୱରଙ୍କର 'ପରା ପ୍ରକୃତି'ର ଆଦେଶରେ ବନ୍ଧା ତଥା ଆସକ୍ତିଶୂନ୍ୟ ଓ ନିର୍ବିକାର, ନିର୍ଲିପ୍ତ, ତଥାପି କ୍ଷର ପୁରୁଷଙ୍କ ମାୟାବରଣ ଭିତରେ ହିଁ ଏହି ଅବିନାଶୀ ଅକ୍ଷର ପୁରୁଷଙ୍କର ନିବାସ । ସେ ହିଁ ଜୀବକୁ ପରମ ଆନନ୍ଦମୟ ପରମାତ୍ମିକ ତତ୍ତ୍ୱର ସନ୍ଧାନ ଦେଇଥାନ୍ତି । ଯେଉଁ ମନୁଷ୍ୟ ସେହି ଚୈତନ୍ୟାମୃତ ପାନକରି ପୁରୁଷୋତ୍ତମଙ୍କର ମହିମା ଉପଲବ୍ଧି କରିପାରେ ସେ ମୁକ୍ତିପଥର ପଥିକ ହୋଇପାରେ ବୋଲି ବେଦଜ୍ଞମାନେ ବିଶ୍ୱାସ କରନ୍ତି ।

ପରମାତ୍ମାଙ୍କ ଦ୍ୱାରା ସୃଷ୍ଟ ଏହି ଦୁଇଟି ସତ୍ତା ପ୍ରକୃତି ତଥା ପୁରୁଷ ସେହି ଅବ୍ୟକ୍ତି, ଅନନ୍ତଙ୍କର ଲୀଳାମୟତା ଯାହାର ଫଳସ୍ୱରୂପ ଏଇ ସଂସାର ଏକ ସନାତନ ଅଶ୍ୱତ୍ଥ ବୃକ୍ଷ ରୂପେ ସୃଷ୍ଟିର ଆରମ୍ଭରୁ ଦଣ୍ଡାୟମାନ ।

'ପୁରୁଷୋତ୍ତମଯୋଗ'ର ପ୍ରଥମ ଶ୍ଳୋକରେ ବର୍ଣ୍ଣିତ ଅଛି-

"ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।
ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ ।"(ଗୀତା ୧୫/୧)

ଏହି ସଂସାର ଜଳଚକ୍ର ପରି ଜନ୍ମ-ମୃତ୍ୟୁର ଘୂର୍ଣ୍ଣନ ପ୍ରବାହରେ ଅହରହ ଘୂରୁଥାଏ । ତେଣୁ ଏହାକୁ ଅବ୍ୟୟ ବୋଲି କୁହାଯାଇଥାଏ । ଦିନ ପରେ ରାତି, ପୁଣି ରାତି ପରେ ଦିନହୁଏ । ତା'ରି ଭିତରେ ଋତୁ ପରିବର୍ତ୍ତନ ହୁଏ । ପ୍ରଳୟ ପରେ ପୁଣି ନୂତନ ଭାବରେ ସୃଷ୍ଟିର ସଂଚାର ହୁଏ । ଜୀବ ମୃତ୍ୟୁ ଲଭେ, ପୁଣି ଅନ୍ୟ ଘଟରେ ପ୍ରବିଷ୍ଟ ହୋଇ ନୂତନ ଜୀବନ ଧାରଣ କରେ । କିନ୍ତୁ ସଂସାରର ପ୍ରବାହ କେବେ ହେଲେ ଥମିଯାଏ ନାହିଁ । ଅନାଦି କାଳରୁ ଏହା ସ୍ଥିତ । ଜ୍ଞାନୀମାନେ ଏହାକୁ ନଶ୍ୱର ପୁଣି ଅବ୍ୟୟ ବୋଲି ମଧ୍ୟ ବର୍ଣ୍ଣନା କରିଛନ୍ତି । ଏହି ନଶ୍ୱର ହେତୁରୁ ଯେ ଦିନେ ଏଇ ସଂସାର ପ୍ରଳୟ ଭିତରେ ବିନଷ୍ଟ ହୁଏ, ଏହାର ପରିବର୍ତ୍ତନ ଘଟେ କିନ୍ତୁ ପୁଣିଥରେ ସୃଷ୍ଟିର ଭାରରେ ସଂଜୀବିତ ହୋଇଉଠେ । ସେହେତୁ ତାହା ଅବ୍ୟୟ ।

କ୍ଷର ଓ ଅକ୍ଷର ପୁରୁଷଙ୍କ ଠାରୁ ଶ୍ରେଷ୍ଠ ସେହି ପରମାତ୍ମା ପୁରୁଷୋତ୍ତମ ହିଁ ଏହି ସଂସାର ରୂପୀ ଅଶ୍ୱତ୍ଥ ବୃକ୍ଷର ଊର୍ଦ୍ଧ୍ୱମୂଳ; ନିମ୍ନମୁଖୀ ଶାଖାପ୍ରଶାଖା ଏହି ଭୂତଗଣ । ବ୍ୟାଖ୍ୟାକାରମାନେ ଏହାକୁ ଭିନ୍ନ ଭିନ୍ନ ଉପଲବ୍ଧି ନେଇ ବର୍ଣ୍ଣନା କରିଛନ୍ତି ।

କୁହାଯାଇଛି- "ବ୍ରହ୍ମାଙ୍କର ପରା ଓ ଅପରା ପ୍ରକୃତିରୁ ଅର୍ଥାତ୍ ଅଣୁର ଜଡ଼ ଓ ଚିତ୍ ଶକ୍ତିରୁ ସଂସାରର ସୃଷ୍ଟି । ସୁତରାଂ ସଂସାରକୁ ଯଦି ଗୋଟିଏ ବୃକ୍ଷ ରୂପେ କଳ୍ପନା କରାଯାଏ, ତାହାର ମୂଳ ବା ଉତ୍ପତ୍ତିସ୍ଥାନ ପୁରୁଷୋତ୍ତମ ବ୍ରହ୍ମ ବା ଈଶ୍ୱର । ସେ ସଂସାରର ସର୍ବ ଅଂଶରେ ବ୍ୟାପ୍ତ ଥିଲେ ମଧ୍ୟ ସଂସାରର ବାହାରେ ଅନନ୍ତ ଦୂର ପର୍ଯ୍ୟନ୍ତ ବ୍ୟାପି ରହିଥିବାରୁ ତାହାଙ୍କୁ ଊର୍ଦ୍ଧ୍ୱ ବୋଲି କୁହାଯାଉଛି । ତେଣୁ ଊର୍ଦ୍ଧ୍ୱ ବା ବ୍ରହ୍ମ ସଂସାର ବୃକ୍ଷର ମୂଳ ବା ଉତ୍ପତ୍ତିର କାରଣ । ତେଣୁ ସଂସାରବୃକ୍ଷ ଊର୍ଦ୍ଧ୍ୱମୂଳ ଅଟେ । (ଶ୍ରୀ ଶିବପ୍ରସାଦ ଦାଶ କୃତ ଶ୍ରୀମଭଗବତ୍ ଗୀତା) ।

ଶ୍ରୀ ଶଙ୍କରାଚାର୍ଯ୍ୟ ମଧ୍ୟ ପରମାତ୍ମା ପୁରୁଷୋତ୍ତମଙ୍କୁ ଏହି ସଂସାରରୂପୀ ବୃକ୍ଷର ପରମମୂଳ ତଥା ଉପାଦାନର କାରଣ ରୂପେ ବର୍ଣ୍ଣନା କରିଛନ୍ତି । ସେହି ବୃକ୍ଷର ଶାଖାମାନ ନିଜର ସତ୍ତ୍ୱ, ରଜଃ ଓ ତମ ଗୁଣାଦିରେ ଆଚ୍ଛାଦିତ ହୋଇ ପଞ୍ଚତନ୍ମାତ୍ର ରୂପକ ପତ୍ର ଧାରଣ କରିଛନ୍ତି । ଏହି ନିମ୍ନ ପ୍ରସାରିତ ଶାଖାଗୁଡ଼ିକ ହେଉଛି ଗୌଣ ମୂଳ ଯାହାକି କାମନା, ବାସନା ବିଜଡ଼ିତ । ତାହା ସଂସାର ବୃକ୍ଷକୁ ଜଡ଼େଇ ଧରିଛି । ପାପପୁଣ୍ୟାଦି କର୍ମରେ ଅନୁବନ୍ଧିତ ମନୁଷ୍ୟ ଜନ୍ମ ଜନ୍ମାନ୍ତର ସୁଖଦୁଃଖର ଫଳ ଭୋଗୁଥାଏ । ମାତ୍ର ତତ୍ତ୍ୱଜ୍ଞାନୀମାନେ ଏହି ମୂଳ ଓ ଶାଖାର ଗୂଢ଼ ରହସ୍ୟ ଭେଦ କରି ପରଂବ୍ରହ୍ମ ପୁରୁଷୋତ୍ତମଙ୍କୁ ଜାଣିବାରେ ସକ୍ଷମ ହୋଇଥାନ୍ତି । ଏହି ପୁରୁଷୋତ୍ତମ ହିଁ ହେଉଛନ୍ତି ଚୈତନ୍ୟମୟ ବ୍ରହ୍ମ । ଉପନିଷଦ ଯେଉଁ ପରମାତ୍ମାଙ୍କୁ ସ୍ୱୟଂପ୍ରକାଶ ବୋଲି ବର୍ଣ୍ଣନା କରିଛି, ଗୀତାରେ ତାହା ବର୍ଣ୍ଣିବାକୁ ଯାଇ କୁହାଯାଇଛି-

"ଯଦାଦିତ୍ୟଗତଂ ତେଜୋ ଜଗଦ୍ଭାସୟତେଽଖିଳମ୍
ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ।"(୧୫/୧୨)

ଅର୍ଥାତ୍- ଯେଉଁ ତେଜ ସୂର୍ଯ୍ୟଙ୍କ ଠାରେ ରହି ସମଗ୍ର ଜଗତକୁ ଆଲୋକିତ କରେ ଓ ଯେଉଁ ତେଜକୁ ନେଇ ଚନ୍ଦ୍ର ଓ ଅଗ୍ନି ଦୀପ୍ତିମନ୍ତ, ତାହା ଶ୍ରୀବିଷ୍ଣୁଙ୍କର ଚୈତନ୍ୟମୟୀ ଜ୍ୟୋତି ବୋଲି ବୁଝିନେବାକୁ ହେବ ।

ସୁତରାଂ ପୁରୁଷୋତ୍ତମ ହିଁ ସଂସାର ବୃକ୍ଷର ଊର୍ଦ୍ଧ୍ୱମୂଳ ଓ ଜ୍ୟୋତିର୍ମୟପରଂବ୍ରହ୍ମ ଯାହାଙ୍କର ଆଦି ଅନ୍ତର କଳନା କରିହୁଏ ନାହିଁ । ବେଦ, ଉପନିଷଦ ଓ ପୁରାଣ ବର୍ଣ୍ଣିତ ଏହି ପରମ ଜ୍ୟୋତିର୍ମୟ, ଅନାଦି ପରମପୁରୁଷ ପରଂବ୍ରହ୍ମ ହିଁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ସାକାର ସ୍ୱରୂପରେ ଅପରାଧିତ । ବେଦ ଓ

ଉପନିଷଦୀୟ ପୁରୁଷ - ବ୍ରହ୍ମ ଶାବର ସଂସ୍କୃତିରେ ଆରାଧ୍ୟ ଦେବତା । କାଳକ୍ରମେ ଶ୍ରୀକ୍ଷେତ୍ରରେ ଶ୍ରୀ ପୁରୁଷୋତ୍ତମ ଦାରୁବ୍ରହ୍ମ ରୂପ ଗ୍ରହଣ କରି ଉପାସିତ । ଶଙ୍କରାଚାର୍ଯ୍ୟ ପରଂବ୍ରହ୍ମଙ୍କର ଏହି ରୂପ ବିଗ୍ରହକୁ ଉପାସନା ନିମିତ୍ତ ସ୍ୱୟଂ ପରିକଳ୍ପିତ ଏକ ସଗୁଣ ରୂପ ବୋଲି କହିଛନ୍ତି ।



ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ଓ ଶ୍ରୀ ପୁରୁଷୋତ୍ତମ ନାମରେ ସମଗ୍ର ଭାରତୀୟ ଚେତନାରେ ବ୍ୟାପ୍ତ । ସେ ଦାରୁବିଗ୍ରହ ରୂପେ ଭଗବାନଙ୍କର ସାକାର ସ୍ୱରୂପକୁ ନେଇ ବିଦ୍ୟମାନ ପୁଣି ତାଙ୍କ ମଧ୍ୟରେ ଅବ୍ୟକ୍ତ, ଅବ୍ୟୟ ଭାବେ ସ୍ଥିତ 'ବ୍ରହ୍ମ'ପୁଣି ଚୈତନ୍ୟମୟ ଓ ସର୍ବଶକ୍ତିମାନ ।

ଏଇ 'ଦାରୁବ୍ରହ୍ମ'ଙ୍କର ଉପାସନାର ଭିତ୍ତିଭୂମି ହୁଏତ ବେଦର ପୂର୍ବରୁ ବୋଲି ଶାସ୍ତ୍ରଜ୍ଞମାନେ କହିଥାନ୍ତି । ଋକ୍‌ବେଦରେ ଏହି ଦାରୁବ୍ରହ୍ମଙ୍କୁ ଅପୌରୁଷେୟ ବୋଲି କୁହାଯାଇଛି ।

"ଆଦୌ ଯଦ୍ଦାରୁ ପ୍ଳବତେ ସିନ୍ଧୋଃ ପାରେ ଅପୁରୁଷମ୍, /ତଦାରଭସ୍ୱ ଦୁହଣୋ ତେନଗଚ୍ଛ ପରସ୍ତରମ୍ ।"

ପରମବୈଷ୍ଣବାଚାର୍ଯ୍ୟ ଶ୍ରୀରାମାନୁଜ ସ୍ୱାମୀଙ୍କ ମତରେ ପରଂବ୍ରହ୍ମ ନାରାୟଣ ବିଷ୍ଣୁ ହିଁ ପୁରୁଷୋତ୍ତମ । ଏହି ପୁରୁଷୋତ୍ତମ ହିଁ ନିଜ ଇଚ୍ଛାନୁସାରେ ବିଭିନ୍ନ ଭେଦରେ ଅବତାରତ୍ୱ ଗ୍ରହଣ କରିଥାନ୍ତି ।

ଉତ୍କଳ ପଞ୍ଚସଖାଦି ବୈଷ୍ଣବମାନେ ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମ ପୁରୁଷୋତ୍ତମ ଜ୍ଞାନରେ ଭକ୍ତି କରିଥାନ୍ତି ଓ ତାର ଷୋଳକଳାରେ ପୂର୍ଣ୍ଣ ଜଗତ ଠାକୁର ବୋଲି ବର୍ଣ୍ଣନା କରିଥାନ୍ତି-

ତେଣୁ ପରମଭକ୍ତ ଜଗନ୍ନାଥ ଦାସ ଭାଗବତରେ ବର୍ଣ୍ଣନା କରିଛନ୍ତି-

"ଯେତେ ଯେ ବିଷ୍ଣୁ ଅବତାର, ଏହି କ୍ଷେତ୍ରରୁ ସେ ବାହାର
ଏ ଦେବ ଦେବଙ୍କ ଉତ୍ତମ, କ୍ଷେତ୍ର ଶ୍ରେଷ୍ଠ ପୁରୁଷୋତ୍ତମ ।
ଯେତେକ ପୁଣ୍ୟ ସ୍ଥାନ ମହୀ, ଏହି କ୍ଷେତ୍ରରୁ ଜାତ ସେହି ।"

ଭାଗବଦ୍‌ଗୀତାରେ ମଧ୍ୟ ଶ୍ରୀକୃଷ୍ଣ କହିଛନ୍ତି-

"ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁ ପଧାରୟ
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା-" (ଗୀତା୭/.୬)

ଅର୍ଥାତ୍- ପ୍ରକୃତି ଓ ପୁରୁଷଙ୍କ ମିଳନରୁ ସମଗ୍ର ଜଗତ ସୃଷ୍ଟି ହୋଇଛି । ଏହି ବ୍ରହ୍ମଙ୍କର ପରା ପ୍ରକୃତି ଓ ଅପରା ପ୍ରକୃତିକୁ ହିଁ ବୁଝାଇଥାଏ । ତେଣୁ ସୂକ୍ଷ୍ମତଃ ଅନୁଶୀଳନ କଲେ ବୁଝାପଡ଼େ ଯେ ଏଇ ବିଶ୍ୱର ସମସ୍ତ ଦୃଶ୍ୟମାନ ବସ୍ତୁ ବ୍ରହ୍ମରୁ ଜାତ । ଶେଷରେ ବ୍ରହ୍ମରେ ହିଁ ଲୀନ ହୋଇଥାନ୍ତି । ଅତଏବ, ଏହି ବ୍ରହ୍ମ ହିଁ ବିଶ୍ୱର କାରଣ । ସେ ହିଁ ସୃଷ୍ଟିକର୍ତ୍ତା, ବିଲୟକର୍ତ୍ତା ପୁଣି ନିୟାମକ ମଧ୍ୟ । ତେଣୁ ହିଁ ତ ଏ ଜଗତ ବ୍ରହ୍ମମୟ ।

ଯାହାଦୃଶ୍ୟ ଏବଂ ଯାହା କିଛି ଦୃଶ୍ୟାତୀତ- ସବୁ ହିଁ ସେହି ବ୍ରହ୍ମଙ୍କର ସ୍ୱରୂପ, ଜୀବ ତେଣୁ ତାଙ୍କୁ 'ପୂର୍ଣ୍ଣ' ଜ୍ଞାନରେ ପ୍ରଣାମ କରେ ।

"ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ,
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା-ବଶିଷ୍ୟତେ-"

ଏହି ପୂର୍ଣ୍ଣଭାବ ହିଁ ପୁରୁଷୋତ୍ତମ । ଯେଉଁ ଜଗତ ଠାକୁର ଶ୍ରୀଜଗନ୍ନାଥଙ୍କୁ ଭକ୍ତଜନ ପୂର୍ଣ୍ଣବ୍ରହ୍ମ ରୂପେ ଜ୍ଞାନ କହନ୍ତି, ଭାବଜଗତରେ ତେଣୁ ସେ ହିଁ ପୁରୁଷୋତ୍ତମ । ତାଙ୍କ ଠାରୁ ଶ୍ରେଷ୍ଠ ଅନ୍ୟ କେହି ନାହାନ୍ତି ।

ଗବେଷକମାନଙ୍କ ମତାନୁସାରେ ଶ୍ରୀଜଗନ୍ନାଥଙ୍କ ଆଦ୍ୟରୂପ ହେଉଛି ଏହି ବୈଦିକ ଦାରୁଉପାସନା । ବୈଦିକ ପ୍ରଚେତାବୃନ୍ଦ ଏହି ଦାରୁବ୍ରହ୍ମଙ୍କ ଉପାସନା ମୁକ୍ତିର ପଥ ଉନ୍ମୋଚନ କରିଥାଏ ବୋଲି କହିଛନ୍ତି । ଶ୍ରୀଯୁକ୍ତ ଜଗବନ୍ଧୁ ପାଢ଼ୀ ତାଙ୍କ ପୁସ୍ତକ 'ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ଓ ନବକଳେବର'ରେ ସ୍କନ୍ଦପୁରାଣରେ ନିମ୍ନସ୍ଥ ଶ୍ଳୋକର ଉଦାହରଣ ଦେଇଛନ୍ତି-

"ସହସ୍ରାଶୀର୍ଷାଃ ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ସର୍ବତୋ ବ୍ୟାପ୍ୟ ଅତ୍ୟତିଷ୍ଠଦଶାଙ୍ଗୁଳମ୍ ।
ଯଃ ପୁମାନ୍ ପରମଂ ବ୍ରହ୍ମ ପରମାତ୍ମେତି ଗୀୟତେ
ଭୂତଂ ଭବ୍ୟଂ ଭବିଷ୍ୟଞ୍ଚ ସର୍ବ ପୁରୁଷଏବ ତତ୍ ।" (ଉତ୍କଳଖଣ୍ଡ-୩.୫.୨)

"ଶ୍ରୀ ନୀଳାଚଳରେ ପ୍ରତିଷ୍ଠିତ ଏହି ପୁରୁଷୋତ୍ତମ ସ୍ୱରୂପ ବିଷ୍ଣୁ ହିଁ ବୈଦିକ ପୁରୁଷ ତତ୍ତ୍ୱର ଅନ୍ୟତମ ଅଭିବ୍ୟକ୍ତି ବୋଲି ସେ ମତ ଦେଇଛନ୍ତି ।" ଏବଂ "ଏହି ସ୍ତୁତିରେ ବୈଦିକ ପୁରୁଷସୂକ୍ତକୁ ଶବ୍ଦଶଃ ଉଦ୍ଧାର କରାଯାଇ ତାହାକୁ ନୀଳାଚଳର ଶ୍ରୀପୁରୁଷୋତ୍ତମଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଥିବା ପ୍ରଣିଧାନ ଯୋଗ୍ୟ" ବୋଲି ସେ କହିଛନ୍ତି । ନୀଳାଚଳର ଶ୍ରୀ ପୁରୁଷୋତ୍ତମ ଯେ ବୈଦିକ ସହସ୍ରାଶୀର୍ଷଃ ପୁରୁଷ ଦେବତା ଏହାକୁ ଗ୍ରହଣ କରିବାରେ କୌଣସି ଦ୍ୱିଧାବୋଧ ନାହିଁ । ତେଣୁ ସେ ହିଁ ପୁରୁଷ ଓ ସେହି ବ୍ରହ୍ମ । ସମୟର ବିବର୍ତ୍ତିତ ଧାରାରେ ବେଦ ଉପନିଷଦର ଚେତନା ଓ ଦର୍ଶନର ପଥ ଦେଇ, ପୁଣି ଶବର ସଂସ୍କୃତିର ଉପାସନାର ଧାରା ମଧ୍ୟରେ ପୁରୁଷ ବ୍ରହ୍ମଙ୍କର ସଚ୍ଚିଦାନନ୍ଦ ସତ୍ତା ମଧ୍ୟ ଭିନ୍ନ ଭିନ୍ନ ସ୍ୱରୂପରେ ପ୍ରତିଭାତ ହୋଇଛି । ପୁରାଣ ଦର୍ଶନର ନିଜର ପୁରୁଷ ନାମ ପରିବର୍ତ୍ତିତ କରି ସେ କୃଷ୍ଣ, ବିଷ୍ଣୁ, ବାସୁଦେବ, ନାରାୟଣ ଆଦି ନାମରେ ମଧ୍ୟ ଉପାସିତ ହୋଇଛନ୍ତି । ଅନାଦି କାଳର ସେହି ବୈଦିକ ଦାରୁବ୍ରହ୍ମ ପୁରାଣ ପ୍ରସିଦ୍ଧ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ଦେଇ ପୁଣି ନୀଳାଚଳ କ୍ଷେତ୍ରରେ ଚତୁର୍ଦ୍ଧା ମୂର୍ତ୍ତି ସ୍ୱରୂପରେ ସାକାର ରୂପରେ ଦର୍ଶନ ଦେଲେ ଓ ଜଗତର ଶ୍ରୀ ପୁରୁଷୋତ୍ତମ ନାମରେ ବିଶ୍ୱ ବିଦିତ ହେଲେ ।

ଡକ୍ଟର ସୂର୍ଯ୍ୟ ନାରାୟଣ ଦାଶ ତାଙ୍କର ପୁସ୍ତକ 'ଶ୍ରୀ ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ'ରେ ସ୍କନ୍ଦପୁରାଣରେ ମହାତରୁ ସହିତ ଶ୍ରୀମଦ୍ ଭଗବଦ୍ ଗୀତାରେ ବର୍ଣ୍ଣିତ ଅଶ୍ୱତ୍ଥ ବୃକ୍ଷରେ ଥିବା ସାମଞ୍ଜସ୍ୟଟିକୁ ଦର୍ଶାଇଛନ୍ତି ।

ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି: "ଦେବୋଦୃଷ୍ଟୋ ମହାବୃକ୍ଷସ୍ତଟଭୂମୌ ମହୋଦଧେଃ / ପ୍ରବିଷ୍ଟାଗ୍ରସମୁଦ୍ରାନ୍ତଃ କଲ୍ଲୋଳପ୍ଲବମୂଳତଃ ।" **(୬ଶ୍ଳୋକ ୧୮ଶ ଅଧ୍ୟାୟ)**

ଏହାର ଭାବାର୍ଥ ହେଉଛି ମହାସାଗର ତଟରେ ଯେଉଁ ଦିବ୍ୟଦାରୁ ଦୃଶ୍ୟ ହୋଇଛି ତା'ର ଉପର ଭାଗଟି ସମୁଦ୍ର ମଧ୍ୟରେ ଓ ନିମ୍ନଭାଗଟି ଜଳସ୍ରୋତରେ ଭାସୁଛି ।

ଉଲ୍ଲେଖନୀୟ ଯେ ଏହି ମହାଦାରୁଟି ଚତୁର୍ଦ୍ଧାମୂର୍ତ୍ତିଙ୍କର ମୂଳସତ୍ତା ।

ଏହି ଦିବ୍ୟଦାରୁଙ୍କୁ ସେ 'ଶ୍ରୀମଦ୍ ଭଗବଦଗୀତା'ରେ ବର୍ଣ୍ଣିତ ଅଶ୍ୱତ୍ଥ ବୃକ୍ଷ ସହିତ ତୁଳନା କରିଛନ୍ତି ଓ ସେହି ଅଶ୍ୱତ୍ଥ ବୃକ୍ଷଟିର ଊର୍ଦ୍ଧ୍ୱମୂଳ ଅର୍ଥାତ୍ ମୂଳସ୍ୱରୂପ ହେଉଛନ୍ତି ପରଂବ୍ରହ୍ମ ଶ୍ରୀପୁରୁଷୋତ୍ତମ । ନିମ୍ନକୁ ଥିବା ଶାଖାପ୍ରଶାଖା ଗୁଡ଼ିକ ବ୍ରହ୍ମାଦି ଓ ଜୀବକୁଳ ଓ ଏହାର ପତ୍ରମାନେ ବେଦ ବୋଲି ବର୍ଣ୍ଣିତ ଅଛି ।

ଇନ୍ଦ୍ରଦ୍ୟୁମ୍ନ ଯେଉଁ ଦିବ୍ୟଦାରୁ ଦର୍ଶନ କରିଥିଲେ ତାହାକୁ ଏହି ଜ୍ଞାନରେ ବର୍ଣ୍ଣନା କରାଯାଇଛି ଯେ ଏହାର ମୂଳଟି ଜଳର ଊର୍ଦ୍ଧ୍ୱରେ ଓ ଶାଖା ପ୍ରଶାଖା ସାଗର ଗର୍ଭରେ ନିମଜ୍ଜିତ । ଏହି ବୃକ୍ଷର ଚାରୋଟି ଶାଖାକୁ ମଧ୍ୟ ପ୍ରଜ୍ଞାମାନେ ଶ୍ରୀପୁରୁଷୋତ୍ତମଙ୍କର ଚତୁର୍ହସ୍ତ ଭାବେ ବର୍ଣ୍ଣନା କରିଛନ୍ତି । କେହି କେହି ଏହାକୁ ମଧ୍ୟ ଚାରିବେଦ ସହିତ ତୁଳନା କରିଛନ୍ତି । ଏହି ଦୃଷ୍ଟିକୋଣରୁ ଶ୍ରୀମଦ୍ ଭଗବଦ୍ ଗୀତାର ଶ୍ରୀପୁରୁଷୋତ୍ତମ ଓ ଶ୍ରୀକ୍ଷେତ୍ରର ଶ୍ରୀପୁରୁଷୋତ୍ତମ ଏକ ଓ ଅଭିନ୍ନ ।

ସୁତରାଂ ବେଦର ସହସ୍ରଶୀର୍ଷା ପୁରୁଷ, ଉପନିଷଦର ପୁରୁଷବ୍ରହ୍ମ ଓ ନୀଳାଚଳ

କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ଏକ ଓ ଅଭିନ୍ନ ।

ସଗୁଣ ସ୍ୱରୂପରେ ସେ ଶ୍ରୀକ୍ଷେତ୍ରରେ ନିତ୍ୟଲୀଳାରେ ମଗ୍ନ ପୁଣି ନିର୍ଗୁଣବ୍ରହ୍ମ ସ୍ୱରୂପରେ ଚରାଚର ଜଗତର ଉତ୍ପତ୍ତିର କାରଣ ଓ ଜୀବକୁଳଙ୍କ ପାଇଁ ଆଶ୍ରୟର ଏକମାତ୍ର ଅବଲମ୍ବନ । ମହାପ୍ରଭୁଙ୍କର ଏଇ ଅନନ୍ତ ରହସ୍ୟମୟ ଲୀଳା ମାଧୁର୍ଯ୍ୟ ସଂଦର୍ଶନ କରି ବିଜ୍ଞମାନେ ଲେଖିଛନ୍ତି, "ଯେତେବେଳେ ସେ ଅଖିଳବିଶ୍ୱକୁ ଧାରଣ କରି ମଧ୍ୟ ଶାରୀରିକ ସମ୍ବନ୍ଧରୁ ଉର୍ଦ୍ଧ୍ୱରେ, ସେତେବେଳେ ସେ ନିର୍ଗୁଣ ଏବଂ ଯେତେବେଳେ ସକଳ ଜଗତରେ ପରିବ୍ୟାପ୍ତ ରହି ବିଶ୍ୱାନୁଗତା ରୂପ ଧାରଣ କରନ୍ତି, ସେତେବେଳେ ସେ ସଗୁଣ ।"

## ଶ୍ରୀଜଗନ୍ନାଥ ଚେତନାର ଶାସ୍ତ୍ରୀୟ ଭିତ୍ତିଭୂମି

ସଗୁଣ ବ୍ରହ୍ମଙ୍କର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ଭାରତୀୟ ଦର୍ଶନରେ ଛାନ୍ଦୋଗ୍ୟ ଉପନିଷଦର ଗୋଟିଏ ଶାବ୍ଦିକ ଉଦାହରଣ ଦିଆଯାଇଛି: 'ତଜ୍ଜଲାନିତି ଶାନ୍ତ ଉପାସୀତ' (ଛାନ୍ଦୋଗ୍ୟ ଉପନିଷଦ୍-୩-୧୪-୧୯) ଛାନ୍ଦୋଗ୍ୟ ଉପନିଷଦର ଏଇ ତତ୍ତ୍ୱକୁ ଆଧାରକରି କୁହାଯାଇଛି ଯେ, ସଗୁଣ ବ୍ରହ୍ମଙ୍କର ତଟସ୍ଥ ଲକ୍ଷଣ 'ତଜ୍ଜଲାନ୍'- ଏହି ଗୋଟିଏ ଶବ୍ଦରୁ ହିଁ ବୁଝାପଡ଼େ । ତିନୋଟି ଶବ୍ଦ ପୃଥକ୍ ଭାବେ ବିବେଚନା କଲେ ତାହା ହେବ, ତଜ୍ଜ, ତଲ୍ଲ, ତଥା ତଦନ୍ ।

ଏହା ଜଗତ ବ୍ରହ୍ମରୁ ଉତ୍ପନ୍ନ ହୋଇଛି(ତଜ୍ଜ), ଏହା ସେହି ବ୍ରହ୍ମରେ ହିଁ ଲୀନହୁଏ, (ତଲ୍ଲ) ଓ ତାଙ୍କରି କାରଣରୁ ଏହିଜଗତର ସ୍ଥିତି ଅର୍ଥାତ୍ ସ୍ଥିତି କାଳରେ ତାହା ପ୍ରାଣ ଧରିଥାଏ(ତଦନ୍) । ଉପନିଷଦର ଏହି ତତ୍ତ୍ୱଟି ସୂଚିତ କରେ ଏହି ଜଗତର ଉତ୍ପତ୍ତି ସ୍ଥିତି ଓ ବିଲୟର କାରଣ ହେଉଛନ୍ତି ବ୍ରହ୍ମ । ସୃଷ୍ଟିର ଏହି ରହସ୍ୟମୟ ତତ୍ତ୍ୱଟି ହେଉଛି ପରମେଶ୍ୱର ବା ପୁରୁଷୋତ୍ତମଙ୍କର ପରମତତ୍ତ୍ୱ ।

ପୁଣି ବି ସେ ସମସ୍ତ ହେୟଗୁଣ ଶୂନ୍ୟ ହୋଇଥିବାରୁ ନିର୍ଗୁଣ ମଧ୍ୟ ।

କଠ-ଉପନିଷଦରେ ବ୍ରହ୍ମଙ୍କୁ ବିପୁଳକାୟ, ଅଗାଧ ସମୁଦ୍ର ସହିତ ସମାନ କରାଯାଇଛି ଓ ସେ ଏହି ଜଗତର ପ୍ରକାଶର ହେତୁ ବୋଲି କୁହାଯାଇଛି । ମୁଣ୍ଡକ-ଉପନିଷଦରେ ମଧ୍ୟ ବର୍ଣ୍ଣିତ ଅଛି ଯେ ବ୍ରହ୍ମ ଲୋକରେ ସୂର୍ଯ୍ୟ ଚମକେ ନାହିଁ, ଚନ୍ଦ୍ର, ତାରା କିରଣ ପ୍ରଦାନ କରନ୍ତି ନାହିଁ । ଅଥବା ବିଜୁଳି ମଧ୍ୟ ଚମକେ ନାହିଁ । କେବଳ ବ୍ରହ୍ମଙ୍କ ପ୍ରକାଶରେ ହିଁ ସମସ୍ତ ବସ୍ତୁ ପ୍ରକାଶିତ ହୋଇଥାନ୍ତି ।

"ନ ତତ୍ର ସୂର୍ଯ୍ୟୋଭାତି ନ ଚନ୍ଦ୍ରତାରକଂ / ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ / ତମେବ ଭାନ୍ତମନୁଭାତି ସର୍ବଂ/ ତସ୍ୟ ଭାସା ସର୍ବମିଦଂ ବିଭାତି ।" (ମୁଣ୍ଡକୋପନିଷଦ ୨/୧)

ଏହା ହେଉଛି ବ୍ରହ୍ମଙ୍କ ଜ୍ୟୋତିର୍ମୟ ସ୍ୱରୂପ ।

ଶ୍ରୀଜଗନ୍ନାଥ ହେଉଛନ୍ତି ଏହି ଜ୍ୟୋତି ସ୍ୱରୂପ ବ୍ରହ୍ମ । ଶାସ୍ତ୍ରଜ୍ଞମାନେ ତାହାଙ୍କର ଦୁଇ ନେତ୍ରକୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପ୍ରତୀକ ବୋଲି କହିଥାନ୍ତି । ତାଙ୍କର ମଥାର ତିଳକକୁ ଅଗଣିତ ନକ୍ଷତ୍ରଙ୍କର ସମଷ୍ଟି ବୋଲି କହନ୍ତି । ଶ୍ରୀମଦ୍ ଭଗବଦ୍ ଗୀତାରେ ଏହି ପରମ ପୁରୁଷ ବ୍ରହ୍ମଙ୍କର ତ୍ରିବିଧ ରୂପ ବର୍ଣ୍ଣିତ ହୋଇଛି ।

ଯଥା- "ଓଁ ତତ୍ ସଦିତି ନିର୍ଦ୍ଦେଶୋ ବ୍ରହ୍ମଣ ସ୍ତ୍ରିବିଧା ସ୍ମୃତଃ । /ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ।" (୧୭/ ୨୩)

ଓଁ- ତତ୍ ସତ୍‌କୁ ବ୍ରହ୍ମଙ୍କ ନାମ ଭାବେ ଗ୍ରହଣ କରାଯାଏ । ଏହା ବ୍ରହ୍ମଙ୍କର ସ୍ୱରୂପ ସଙ୍କେତ ବୋଲି ଭାଷ୍ୟକାରମାନେ ସୂଚିତ କରିଥାନ୍ତି ।

ଏହି ତିନୋଟି ନମ ସଙ୍କେତର ଆଧାରରେ ଗବେଷକମାନେ ତ୍ରି-ବିଗ୍ରହଙ୍କୁ ପରିକଳ୍ପନା କରି ଲେଖିଛନ୍ତି ଶ୍ରୀଜଗନ୍ନାଥ ଚେତନାରେ ପୁରୁଷୋତ୍ତମ କହିଲେ କୌଣସି ଗୋଟିଏ ବିଗ୍ରହକୁ ବୁଝାଏ ନାହିଁ । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା- ଏହି ତ୍ରିମୂର୍ତ୍ତିରେ ସମଷ୍ଟି ହିଁ ଶ୍ରୀପୁରୁଷୋତ୍ତମ ଅଟନ୍ତି ।

ବିଭିନ୍ନ ତନ୍ତ୍ରଶାସ୍ତ୍ରମାନଙ୍କରେ ମଧ୍ୟ ଶ୍ରୀପୁରୁଷୋତ୍ତମ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭିନ୍ନତା ଥିବାର ଦୃଷ୍ଟାନ୍ତ ରହିଛି । ତନ୍ତ୍ର ଯାମଳ ନାମକ ତନ୍ତ୍ର ଶାସ୍ତ୍ରରେ ବର୍ଣ୍ଣିତ ଅଛି, "ଭାରତେ ଚୋତ୍କଲେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ ।"

ସେହିପରି ସ୍କନ୍ଦପୁରାଣ, କୂର୍ମପୁରାଣ, ନାରଦ ପୁରାଣ, ବ୍ରହ୍ମ ପୁରାଣ ଆଦି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ଜ୍ଞାନରେ ସ୍ତୁତି କରିବାର ଦୃଷ୍ଟାନ୍ତ ରହିଛି ।

ପରମବୈଷ୍ଣବାଚାର୍ଯ୍ୟ ଶ୍ରୀରାମାନୁଜ 'ବ୍ରହ୍ମ'ଙ୍କୁ ପୁରୁଷୋତ୍ତମ ବୋଲି ସ୍ତୁତି କରି ସେ ଜଗତର ନିମିତ୍ତ ଓ ଉପାଦାନର କାରଣ ବୋଲି କହିଛନ୍ତି । ଆଚାର୍ଯ୍ୟ ଶଙ୍କର ବ୍ରହ୍ମର ସ୍ୱରୂପ ଲକ୍ଷଣ ଓ ତଟସ୍ଥ ଲକ୍ଷଣ, ଭେଦର ବିଚାର କରି ତାହା ସତ୍ (ସତ୍ତା) ଚିତ୍ (ଜ୍ଞାନ) ଓ ଆନନ୍ଦ ସ୍ୱରୂପ (ସଚ୍ଚିଦାନନ୍ଦ) ବୋଲି କହିଥିଲେ । ଏହି ମହାନ୍ ସନ୍ଥଗଣ ନୀଳାଚଳ ଧାମରେ ଅଧିଷ୍ଠିତ ବିଗ୍ରହଙ୍କୁ ପୁରୁଷୋତ୍ତମ ଜ୍ଞାନରେ ଉପାସନା କରୁଥିଲେ ।

ଶଙ୍କରାଚାର୍ଯ୍ୟ ତାଙ୍କୁ 'ଜଗତଗୁରୁ' ଦେବ ଦେବଂ ଅନନ୍ତ ପୁରୁଷୋତ୍ତମ' ବୋଲି ଉଲ୍ଲେଖ କରିଛନ୍ତି । 'ଶ୍ରୀମଦ୍ ଭଗବଦ୍ ଗୀତା'କୁ ଉପନିଷଦସାର ଭାବେ ଗ୍ରହଣ କରାଯାଏ । ଗୀତାରେ ଭଗବାନଙ୍କ ତତ୍ତ୍ୱର ବ୍ୟାଖ୍ୟା କରି ସ୍ୱୟଂ ଶ୍ରୀକୃଷ୍ଣ ବ୍ରହ୍ମଙ୍କ କ୍ଷର ଅକ୍ଷରଙ୍କ ଠାରୁ ଉର୍ଦ୍ଧ୍ୱରେ ବୋଲି କହିଛନ୍ତି ।

'ଭାରତୀୟ ଦର୍ଶନ'ରେ 'ଗୀତା'ରେ ଏହି ତତ୍ତ୍ୱକୁ ବ୍ୟାଖ୍ୟା କରି ଉଲ୍ଲେଖ କରାଯାଇଛି, ଗୀତା ଭଗବାନଙ୍କର ଦୁଇ ପ୍ରକାର ସତ୍ତା ସ୍ୱୀକାର କରେ । ପର ଭାବ ଓ ଅପର ଭାବ, ଈଶ୍ୱର ଗୋଟିଏ ଅଂଶରେ ଯୋଗମାୟାରେ ଯୁକ୍ତ ରୁହନ୍ତି ଓ ସେହି ଅଂଶରେ ଜଗତରେ ଅଭିବ୍ୟକ୍ତ ହୁଅନ୍ତି । ଗୋଟିଏ ଅଂଶରେ ସେ ଜଗତକୁ ବ୍ୟାପ୍ତ ହୋଇ ରୁହନ୍ତି । ଏହାର ନାମ 'ଅପରା ଭାବ ବା ବିଶ୍ୱାନୁଗତାରୂପ ମାତ୍ର । ସେ ଏହାକୁ ଅତିକ୍ରମ ମଧ୍ୟ କରିଥାନ୍ତି, ଯାହା ତାଙ୍କର ବାସ୍ତବିକ ରୂପ । ଏହି ଅବ୍ୟୟ ରୂପର ନାମ ପରାଭାବ ବା ବିଶ୍ୱାତୀତ ରୂପ । ଶ୍ରୀକ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ଭିତରେ ଏଇ ଉଭୟ ତତ୍ତ୍ୱର ସମନ୍ୱୟ ଘଟିଛି । ସାକାର ବିଗ୍ରହର ଲୀଳା ମାଧୁର୍ଯ୍ୟରେ ସେ ଜଗତରେ ଲୀଳାମୟ । ବିଗ୍ରହ ବିରହିତ ହେଲେ ସେ ବିଶ୍ୱାତୀତ, ପରମାତ୍ମା ରୂପେ ପ୍ରତିଭାତ । ସେ ନିରାକାର ବ୍ରହ୍ମ; କ୍ଷର ଓ ଅକ୍ଷର ପୁରୁଷଙ୍କ ଠାରୁ ଉର୍ଦ୍ଧ୍ୱରେ ଅବିନାଶୀ ଚୈତନ୍ୟମୟ ସତ୍ତା ।

ମନୀଷୀମାନେ ସେହି ନିରାକାର ବ୍ରହ୍ମଙ୍କୁ ଦାରୁବିଗ୍ରହଙ୍କ ଠାରୁ ଦର୍ଶନ କରି ଜନ୍ମ-ମରଣର ଚକ୍ରରୁ ମୁକ୍ତିଲାଭ ପାଇଁ ପ୍ରାର୍ଥନା କରନ୍ତି । ସେ ହିଁ ଏ ଜଗତ ଜନକଙ୍କର ପରିତ୍ରାତା । "ନାରଦ ପରିବ୍ରାଜକ ଉପନିଷଦ୍'ରେ ପୁରୁଷୋତ୍ତମଙ୍କ ଠାରେ ସର୍ବେଶ୍ୱର ତତ୍ତ୍ୱର ଅବତାରଣା କରାଯାଇଛି । ସର୍ବେଶ୍ୱର ବାଦର ସୃଷ୍ଟି ବୈଦିକ ଚିନ୍ତନରୁ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହି ସର୍ବେଶ୍ୱରତତ୍ତ୍ୱ ବ୍ରହ୍ମଙ୍କର ଅନନ୍ତ ରହସ୍ୟକୁ ନେଇ ମହିମାନ୍ୱିତ ହୋଇଛି । ଉକ୍ତ ଉପନିଷଦରେ





SG
SMILE GOLD
BIS
100% Hall Marked Jewellery
Desire meets
A New Style
Mob: +91-9438019696/ 9438029797
Plot No: B-38,Fancy Market,Saheed Nagar,Bhubaneswar

ଉଲ୍ଲେଖ ଅଛି–

"କବିଂ ପୁରାଣଂ ପୁରୁଷୋତ୍ତମତ୍ତମଂ ସର୍ବେଶ୍ୱରଂ ସର୍ବଦେବୈରୂପାସ୍ୟମ୍ । / ଅନାଦି ମିଆନ୍ତମନନ୍ତଂ ବ୍ୟୟଂ ଶିବାଚ୍ୟୁତେ ତୋରୁହଗର୍ଭଭଧରମ୍ ।"(୯/୧୯(୦)

ପୁରୁଷୋତ୍ତମଙ୍କର ଏହି ସର୍ବେଶ୍ୱର ତତ୍ତ୍ୱଟି ହେଉଛି ଏକ ଗହନତତ୍ତ୍ୱ । ଏହାର ତାତ୍ତ୍ୱିକତା ପୁରୁଷୋତ୍ତମ ତଥା ପରମାତ୍ମାଙ୍କର ବୈଶିଷ୍ଟ୍ୟ ପ୍ରତିପାଦନ କରେ । ଶ୍ରୀଜଗନ୍ନାଥଙ୍କ ଠାରେ ଏହି ସର୍ବେଶ୍ୱର ତତ୍ତ୍ୱ ଆରୋପ କରାଯାଇ ଦାରୁ ବିଗ୍ରହ ପ୍ରତିଷ୍ଠା କରାଯାଏ । ଏହି ସର୍ବେଶ୍ୱର ତତ୍ତ୍ୱ ତାଙ୍କୁ ପୁରୁଷ ଶ୍ରେଷ୍ଠ ଓ ବ୍ରହ୍ମମୟ କରି ତୋଳେ ।

'ଶତାବ୍ଦୀର ନବକଳେବର' ପୁସ୍ତକରେ ପଣ୍ଡିତ ପଦ୍ମନାଭ ମହାପାତ୍ର 'ବିଗ୍ରହ ପ୍ରତିଷ୍ଠା' ସମ୍ପର୍କରେ ଆଲୋଚନା କରି ଲେଖିଛନ୍ତି ଯେ,



"ସଂସାର ରୂପକ ଅନାଦି ବୃକ୍ଷର ଊର୍ଦ୍ଧ୍ୱମୂଳ ହେଉଛନ୍ତି ବ୍ରହ୍ମ । ସେ ଅବିନାଶୀ । ସେ ସବୁଠାରୁ ସୂକ୍ଷ୍ମ ଏବଂ ସର୍ବ ଶକ୍ତିମାନ । ତାହାଙ୍କ ଠାରୁ ଏ ଜଗତ ଉତ୍ପନ୍ନ । ସେ ହେଉଛନ୍ତି ବିଶୁଦ୍ଧ, ଦିବ୍ୟଚିତ୍ତ । ଏ ସମସ୍ତ ସଂସାର ତାଙ୍କରି ଆଶ୍ରିତ । ତାଙ୍କୁ କେହି କେବେ ଅତିକ୍ରମଣ କରିପାରେ ନାହିଁ ।

ଏହି ତତ୍ତ୍ୱକୁ ମୂଳଭିତ୍ତି କରି ନ୍ୟାସଦାରୁଙ୍କ ସ୍ଥାପନ ପରେ ପାତାଳ ନୃସିଂହ ମନ୍ତ୍ରରେ ବିଧିଗତ ଆହୂତି ପ୍ରଦାନ କରି ଓ ମନ୍ତ୍ରରାଜ ନୃସିଂହ ମନ୍ତ୍ରାହୁତିରେ ଶ୍ରୀନୃସିଂହଙ୍କ ଠାରେ ସମସ୍ତ ଦୈବୀତତ୍ତ୍ୱର ଆରୋପଣ କରାଯାଏ । ଏହି ଭାବକୁ ପ୍ରକଟ କରି ନୀଳାଦ୍ରିର ପୁରୁଷୋତ୍ତମ ସର୍ବେଶ୍ୱର ରୂପରେ ଆରୋପିତ ହୁଅନ୍ତି ।

ସର୍ବେଶ୍ୱର ତତ୍ତ୍ୱର ଗୂଢ଼ ରହସ୍ୟ ହେଉଛି ବ୍ରହ୍ମଙ୍କର ନିର୍ବାଚନ ଗୁଣଗୁଡ଼ିକର ସମାହାରରେ ପରିପ୍ରକାଶ । ସର୍ବେଶ୍ୱର ତତ୍ତ୍ୱ ଉେଛି– ସବିଶେଷ ହେଲେ ମଧ୍ୟ ନିର୍ବିଶେଷ; ନିର୍ବିଶେଷ ହେଲେ ମଧ୍ୟ ସବିଶେଷ, ସାକାର ହେଲେ ମଧ୍ୟ ନିରାକାର, ନିରାକାର ହେଲେ ମଧ୍ୟ ସାକାର; ନିର୍ଗୁଣ ହେଲେ ମଧ୍ୟ ସଗୁଣ, ସଗୁଣ ହେଲେ ମଧ୍ୟ ନିର୍ଗୁଣ, ନିଧର୍ମକ ହେଲେ ମଧ୍ୟ ସ୍ୱଧର୍ମକୁ, ସ୍ୱଧର୍ମକ ହେଲେ ମଧ୍ୟ ନିଧର୍ମକ; ସକ୍ରିୟ ହେଲେ ମଧ୍ୟ ନିଷ୍କ୍ରୟ, ନିଷ୍କ୍ରିୟ ହେଲେ ମଧ୍ୟ ସକ୍ରିୟ । ସୁତରାଂ ଏହା ହିଁ ବ୍ରହ୍ମତତ୍ତ୍ୱ ।

ଶ୍ରୀ ମହାପାତ୍ରଙ୍କ ତଥ୍ୟ ଅନୁସାରେ– ସର୍ବେଶ୍ୱର ତତ୍ତ୍ୱରେ ଆରୋପିତ ହେବା ପରେ ଦାରୁ ବ୍ରହ୍ମ ପାଲଟିଯାନ୍ତି । ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ବ୍ରହ୍ମମୟତାର ବ୍ୟାଖ୍ୟା କରି ସେ ଲେଖିଛନ୍ତି "ଯେତେବେଳେ ଯାଏ ସତ୍ତ୍ୱଗୁଣରୂପୀ ଉପାଧି ଦ୍ୱାରା ଅବିଚ୍ଛିନ୍ନ ନହୋଇ ସେ ଅବ୍ୟକ୍ତ ନିରାକାର ରୂପରେ ରହିଥାନ୍ତି, ସେତେବେଳ ଯାଏ ସେ 'ନିର୍ଗୁଣ' । ଉପାଧି ଦ୍ୱାରା ଅବିଚ୍ଛିନ୍ନ ହେବା ପରେ ସେ 'ସଗୁଣ' ହୁଅନ୍ତି ।" "ମନ୍ତ୍ର ଯଜ୍ଞାଦି ଅନୁଷ୍ଠାନରେ ସତ୍ତ୍ୱଗୁଣ ଉପାଧିଦ୍ୱାରା ଅବଚ୍ଛିନ୍ନ ହେବାପରେ 'ନିର୍ଗୁଣବ୍ରହ୍ମ' ଶୁଦ୍ଧ ସତ୍ତ୍ୱାବଚ୍ଛିନ୍ନ ଚୈତନ୍ୟଯୁକ୍ତ 'ବିଷ୍ଣୁ', ରଜୋମିଶ୍ରିତ ସତ୍ତ୍ୱାବଚ୍ଛିନ୍ନ ଚୈତନ୍ୟଯୁକ୍ତ 'ବ୍ରହ୍ମ', ତମୋମିଶ୍ରିତ ସତ୍ତ୍ୱାବଚ୍ଛିନ୍ନ ଚୈତନ୍ୟଯୁକ୍ତ 'ରୁଦ୍ର' ଏବଂ ତୁଲ୍ୟବଳ ରଜ-ତମ ମିଶ୍ରିତ ଚୈତନ୍ୟଯୁକ୍ତ 'ପୁରୁଷ' ରୂପରେ ପ୍ରତିଭାତ ହୁଅନ୍ତି । ଜଗତର ସୃଷ୍ଟି, ସ୍ଥିତି ତଥା ସଂହାର ବ୍ୟବସ୍ଥାରେ ବିଷ୍ଣୁ (ଜଗନ୍ନାଥ) ବ୍ରହ୍ମା (ସୁଭଦ୍ରିକା) ରୁଦ୍ର (ବଳଭଦ୍ର) ନିମିତ୍ତ ହୁଅନ୍ତି ଏବଂ ପୁରୁଷ ଉପାଦାନ ହୁଅନ୍ତି । ଏହି ଚାରିହେଁ ହେଉଛନ୍ତି ପରଂବ୍ରହ୍ମଙ୍କର ସଗୁଣରୂପ ।"

ବିଜ୍ଞମାନେ ଶ୍ରୀପୁରୁଷୋତ୍ତମ ପରଂବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସମାହାର ବୋଲି ମଧ୍ୟ କହିଥାନ୍ତି । ଦାରୁନିର୍ମିତ ଏହି ଚତୁର୍ଦ୍ଧାମୂର୍ତ୍ତି ଭକ୍ତଜନମାନଙ୍କର କଳ୍ପବୃକ୍ଷ ଓ ଭବସାଗରର ତରଣୀ ବୋଲି କୁହାଯାଏ ।

"ଯୋ ଦାରୁବ୍ରହ୍ମ ମୂର୍ତ୍ତିଃ ପ୍ରଣବ ତନୁଧରଃ ସର୍ବବେଦାନ୍ତ ସାରଃ
ଭକ୍ତନାଂ କଳ୍ପବୃକ୍ଷୋ ଭବଜଳ ତରଣିଃ ସର୍ବତତ୍ତ୍ୱାନୁତତ୍ତ୍ୱମ୍ ।"

ଉପନୀଷଦୀୟ ତତ୍ତ୍ୱରେ ଏହାଙ୍କୁ ହିଁ ଜ୍ୟୋତି ଓଥା ପ୍ରାଣ ବୋଲି କୁହାଯାଇଛି ।

'ଶ୍ରୀମଦ୍ ଭଗବଦ୍' ଗୀତାରେ ସେ ପରମ ପଦବାଚ୍ୟ ଓ ପୁରୁଷୋତ୍ତମ ।

'ଶ୍ରୀମଦ୍ ଭାଗବଦ୍'ରେ ଈଶ୍ୱରୀୟତତ୍ତ୍ୱ ବିଷୟରେ ବ୍ରହ୍ମାଙ୍କୁ ବୁଝାଇବାକୁ ଯାଇ ସେ ନିଜକୁ ଏହିପରି ପରିପ୍ରକାଶ କରିଛନ୍ତି–

"ଅହମେବା ସଚମବାଗ୍ରେ ନାନ୍ୟଦ୍ୟସ୍ଵଦପରମ୍ । / ପଶ୍ଚାଦହଂ ଯଦେତଦି ଯୋଽବଶିଷ୍ୟେତ ସୋଽସ୍ମ୍ୟହମ୍ ।" (୨।୯।୩୨)

ଏହାର ଭାବାର୍ଥ– ଯେତେବେଳେ ଏହି ସୃଷ୍ଟିର ଆରମ୍ଭ ହୋଇ ନଥିଲା ଓ କୌଣସି କ୍ରିୟା ଘଟିନଥିଲା, ସେତେବେଳେ ମୁଁ ହିଁ ଥିଲି । ସେତେବେଳେ କୌଣସି ସତ୍-ଅସତ୍ ଅର୍ଥାତ୍ କ୍ରିୟାତ୍ମକ ସ୍ଥୂଳତା ଅଥବା କାରଣଯୁକ୍ତ ସୂକ୍ଷ୍ମ ଭାବ ନଥିଲା, ସବୁକିଛି ଅନ୍ତର୍ମୁଖୀ ମୋ'ରି ଭିତରେ ଲୀନ ଥିଲା । ସୃଷ୍ଟିର ସମସ୍ତ ରହସ୍ୟ ମୁଁ ହିଁ ପୁଣି ଏଇ ସୃଷ୍ଟି ପ୍ରଳୟାଭିମୁଖୀ ହେବା ପରେ ମଧ୍ୟ ମୁଁ ହିଁ ଏକମାତ୍ର ଅବଶିଷ୍ଟ ହୋଇ ରହିବି ।

ଏଣୁ ଏହି ଭାବରେ ଯେଉଁ ପରମପୁରୁଷ ପୁରୁଷୋତ୍ତମ ବୋଲାଇଥାନ୍ତି, ସେ ଏଇ ଚରାଚର ବିଶ୍ୱରେ ଆତଯାତ ହେଉଥିବା ଜୀବକୁଳଙ୍କର ସନାତନ ବୀଜ । ଗୀତାର ବ୍ୟାଖ୍ୟା ଅନୁସାରେ, ସେ ହିଁ ବୁଦ୍ଧିମାନ ବ୍ୟକ୍ତିଙ୍କର ବୁଦ୍ଧି, ତପସ୍ୱୀମାନଙ୍କର ତପ, ତେଜସ୍ୱୀ ବ୍ୟକ୍ତିଙ୍କର ତେଜ, ସୃଷ୍ଟିର ଅନନ୍ତ ଶକ୍ତି । ପୃଥିବୀର ସମସ୍ତ ରସ ତାଙ୍କରି ଚିନ୍ମୟ ସତ୍ତାରୁ ସୃଷ୍ଟି । ସେ ହିଁ ପୂର୍ଣ୍ଣତମ ବ୍ରହ୍ମ । ଏ ଜଗତ ତାଙ୍କରି ଦ୍ୱାରା ପୂର୍ଣ୍ଣ । ଅତଏବ ଶ୍ରୀମଦ୍ ଭଗବଦ୍‌ଗୀତାର ରହସ୍ୟମୟ ପରମପୁରୁଷ ହିଁ ପୂର୍ଣ୍ଣବ୍ରହ୍ମ ଶ୍ରୀ ଜଗନ୍ନାଥ । ଭକ୍ତମାନେ, ସାଧକମାନେ, ସନ୍ଥମାନେ ତାଙ୍କୁ ଏହି ଭାବରେ ନିରାଜନା କରି ଜଗତର କଲ୍ୟାଣ କାମନା କରିଥାନ୍ତି ।

ଈଶ୍ୱର ବା ଭଗବାନଙ୍କର ଏକ ମୁଖନିଃସୃତ ବାଣୀ ହିଁ ହେଉଛି ବ୍ରହ୍ମତତ୍ତ୍ୱ । 'ଶ୍ରୀମଦ୍ ଭଗବଦ୍ ଗୀତା'ରେ ଏଇ ବ୍ରହ୍ମ ହିଁ ହେଉଛନ୍ତି ଶ୍ରୀ ପୁରୁଷୋତ୍ତମ । ସେ ସମସ୍ତ ଭୂତଙ୍କର ସନାତନ ବୀଜ ଅଟନ୍ତି । ଗୀତା ତାଙ୍କୁ 'ଅଜୋ ନିତ୍ୟଃ ଶାଶ୍ୱତୋ+ୟଂ ପୁରାଣୋ' ବୋଲି କହିଛି । ଅର୍ଥାତ୍– ସେ ହେଉଛନ୍ତି ଅଜ, ନିତ୍ୟ, ଶାଶ୍ୱତ ଓ ପୁରାଣ ସ୍ୱରୂପ । ତାଙ୍କରି ଅପ୍ରକାଶ୍ୟ ଦୀପ୍ତିରେ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ସମସ୍ତେ ଦୀପ୍ତିମାନ । ଏ ଚରାଚର ଜଗତ ତାଙ୍କରି ଠାରୁ ଆରମ୍ଭ ପୁଣି ତାଙ୍କରି ଠାରେ ଶେଷ ।

ବେଦ, ଉପନିଷଦ ବର୍ଣ୍ଣିତ ସେହି ପରମପୁରୁଷ ଓ ଶ୍ରୀମଦ୍ ଭଗବଦ୍ ଗୀତାର ଅବିନାଶୀ ପୁରୁଷୋତ୍ତମ ଶ୍ରୀକ୍ଷେତ୍ରରେ 'ଦାରୁବ୍ରହ୍ମ' ଭାବେ ବିରାଜିତ ଓ ଶ୍ରୀ ପୁରୁଷୋତ୍ତମ ଭାବେ ବିଶ୍ୱବ୍ୟାପ୍ତ, ବିଜ୍ଞାନୀମାନଙ୍କ ଦୃଷ୍ଟିରେ, ଏଇ ଦିବ୍ୟ ଦାରୁ ବିଗ୍ରହ ମଧ୍ୟରେ 'ଦେହ ଓ ଦେହୀ', 'ସୃଷ୍ଟି ଓ ସ୍ରଷ୍ଟା' 'ଗୁଣ ଓ ଗୁଣୀ'ର ଭାବ ପ୍ରକଟିତ । ଏଇ ତିନୋଟି ସମ୍ବନ୍ଧ ହେଉଛି ପୁରୁଷ, ପ୍ରକୃତି ଓ ପରମ ପୁରୁଷଙ୍କ ସମ୍ବନ୍ଧ । ଏଠାରେ ଶ୍ରୀ ବଳଭଦ୍ରଙ୍କୁ ପୁରୁଷ, ସୁଭଦ୍ରାଙ୍କୁ ପ୍ରକୃତି ଏବଂ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ଭାବରେ ଗ୍ରହଣ କରାଯାଇଛି ଏବଂ ଶ୍ରୀ ଜଗନ୍ନାଥଙ୍କୁ ପରମାତ୍ମା ଓ ବିଶ୍ୱନିୟନ୍ତା ଭାବେ ଉପାସନା କରାଯାଇଛି । ସେ ହିଁ ଅତୀତ ବର୍ତ୍ତମାନ ଓ ଭବିଷ୍ୟତର ଦ୍ରଷ୍ଟା ଓ ଚରାଚର ଜଗତର ସୁଗତ । ଜଗତର ଜୀବକୁଳ ତାଙ୍କରି କୃପାଛାୟା ତଳେ ଆଶ୍ରୟ ଲୋଡ଼ିଥାନ୍ତି । ଶ୍ରୀମଦ୍ ଭଗବଦ୍‌ର ବର୍ଣ୍ଣନା ମତେ ସେହି ପରଂବ୍ରହ୍ମ ପରମ ପୁରୁଷଙ୍କୁ ତଥା ଅଦ୍ୱିତୀୟ ଈଶ୍ୱରଙ୍କୁ ଜ୍ଞାନୀମାନେ 'ବ୍ରହ୍ମ' ବୋଲି କହିଥାନ୍ତି, ଯୋଗୀମାନେ ପରମାତ୍ମା ଏବଂ ଭକ୍ତମାନେ ଭଗବାନ୍ ବୋଲି କହିଥାନ୍ତି ।

"ବଦନ୍ତି ତତ୍ତ୍ୱବିଦସ୍ତତ୍ତ୍ୱଂ ଯଜଜ୍ଞାନମଦ୍ୱୟମ୍ ।
ବ୍ରହ୍ମେତି ପରମାତ୍ମେତି ଭଗବାନିତି ଶବ୍ଦତେ ।" (ଶ୍ରୀମଦ୍‌ଭାଗବତ-୧/୨/୧୧)



# ଦେବସେବାରେ ଦେବଦାସୀ

# ଶ୍ରୀମନ୍ଦିରରେ ଦେବଦାସୀ ପରଂପରା

**ଡକ୍ଟର ପ୍ରଫୁଲ୍ଲ କୁମାର ପାଣି**
ଜିରିଡ଼ାମାଳି, ଏ.ଜି.ଅଫିସ ପାଖ, କାମାକ୍ଷାନଗର,
ଢେଙ୍କାନାଳ-୭୫୯୦୧୮,
ଫୋନ : ୬୩୭୨୪୫୯୯୬୦

ଫଟୋ ସୌଜନ୍ୟ: ଗୁଗୁଲ

ଉତ୍କଳରେ ଗଙ୍ଗ ବଂଶର ରାଜତ୍ୱ ସମୟରେ ଦେବଦାସୀ ପ୍ରଥା ଜଗନ୍ନାଥଙ୍କ ମନ୍ଦିରରେ ପ୍ରଚଳନ ହୋଇଥିଲା । ଏହି ପ୍ରଥା କ୍ରମଶଃ ପରଂପରା ଭାବେ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ପର୍ଯ୍ୟନ୍ତ ଚଳି ଆସିଥିଲା । ଗଙ୍ଗ ବଂଶୀୟ ରାଜାମାନେ ଦାକ୍ଷିଣାତ୍ୟ ଅଞ୍ଚଳର ହୋଇଥିବାରୁ ଏହି ଦେବଦାସୀ ପ୍ରଥା ଦାକ୍ଷିଣାତ୍ୟରୁ ଆସିଅଛି ବୋଲି ମତବ୍ୟକ୍ତ କରାଯାଏ । ଆଉ ଏକ ମତରେ ଦେବଶର୍ମା ନାମକ ବିଶିଷ୍ଟ ବ୍ରାହ୍ମଣ ପୁତ୍ର ସନ୍ତାନ ଲାଭ ଆଶାରେ ନିଜର ପ୍ରଥମ କନ୍ୟା କୁମାରୀ ପଦ୍ମାବତୀଙ୍କୁ ଦେବଦାସୀ ଭାବରେ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଥିଲେ । ସେହିଦିନ ଠାରୁ ଏହି ଧାରା ଶ୍ରୀମନ୍ଦିରରେ ଚଳି ଆସୁଛି ବୋଲି ମତ ମଧ୍ୟ ରହିଛି । ବୈଷ୍ଣବ ପନ୍ଥୀଙ୍କ ମତରେ ଦେବଦାସୀମାନେ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ନିତ୍ୟ ରାସର ଆହ୍ଲାଦିନୀ ଶକ୍ତି ଶ୍ରୀରାଧାଙ୍କ ବିକଳ୍ପ । କୁହାଯାଇଛି:

"ଜଗନ୍ନାଥ ଯେ ଷୋଳ କଳା,
ତହୁଁ କଳାଏ ନନ୍ଦବଳା
କଳାକୁ ଷୋଳ କଳା କରି,
ଗୋପେ ବିହରେ ନନ୍ଦ ହରି ।"

ଦେବଦାସୀ ପ୍ରଥା କେବଳ ଶ୍ରୀମନ୍ଦିରରେ ନୁହେଁ ଭାରତର କେତେକ ମନ୍ଦିର ଓ ବିଶ୍ୱର କେତେକ ଦେଶର ମନ୍ଦିରମାନଙ୍କରେ ପ୍ରଚଳିତ । ପ୍ରଖ୍ୟାତ ସୋମନାଥ ମନ୍ଦିରରେ ପ୍ରତିଷ୍ଠିତ ଦେବ ଦେବ ମହାଦେବଙ୍କ ସମ୍ମୁଖରେ ଦେବଦାସୀ ମାନଙ୍କ ତାଣ୍ଡବ ନୃତ୍ୟ, ଚୋଳ, ଚାଲୁକ୍ୟ, ରାଷ୍ଟ୍ରକୂଟ ଓ ପଲ୍ଲବ ବଂଶୀୟ ଅଧିପତି ମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ମନ୍ଦିରମାନଙ୍କରେ ଦେବଦାସୀ ପରମ୍ପରାର ଥିବାର ପ୍ରମାଣ ମିଳିଥାଏ । ଅଷ୍ଟମ ଶତାବ୍ଦୀରେ ଉତ୍କଳର ରାଜା ଉଦ୍ୟତ କେଶରୀଙ୍କ ମାତା 'କଳାବତୀ' ? ଭୁବନେଶ୍ୱରର ବ୍ରହ୍ମେଶ୍ୱର ଶିବ ମନ୍ଦିରରେ ଦେବଦାସୀ ପ୍ରଥାର ପ୍ରଚଳନ କରିଥିଲେ ବୋଲି ବ୍ରହ୍ମେଶ୍ୱର ଶିବମନ୍ଦିର ଶିଳାଲେଖରୁ ପ୍ରମାଣ ମିଳିଥାଏ । ଗ୍ରୀସର ଭେନସ୍ ଦେବୀଙ୍କ ମନ୍ଦିର, ମିଶରର ଓରିସସ୍ ଓ ଆଇରିସ୍ ମନ୍ଦିର ମାନଙ୍କରେ ଏହି ପ୍ରଥାର ପ୍ରଚଳନ ଥିଲା । ବିଭିନ୍ନ ସୂତ୍ରରୁ ଜାଣିବାକୁ ମିଳେ ଏହି ଦେବଦାସୀ ପ୍ରଥା ବହୁ କାଳରୁ ମନ୍ଦିରମାନଙ୍କରେ ଚାଲି ଆସିଛି । ଦେବଦାସୀ ମାନେ ପୁରୋହିତଙ୍କ ପରି ମର୍ଯ୍ୟାଦା ଲାଭ କରି ମନ୍ଦିରମାନଙ୍କରେ ନୃତ୍ୟ ପ୍ରଦର୍ଶନ କରନ୍ତି । ଏମାନଙ୍କର ସଂଖ୍ୟାରେ କୌଣସି ନିର୍ଦ୍ଦିଷ୍ଟତା ନଥାଏ । କେଉଁଠି ଆଠ ଜଣ କେଉଁଠି ବାର ଜଣ ବା କେଉଁଠି ଆହୁରି ଅଧିକ ଦେଖିବାକୁ ମିଳେ । ଊନବିଂଶ ଶତକର ଆରମ୍ଭରେ ବୁକାନିନ ନାମକ ଜଣେ ଇଂରେଜ ପରିବ୍ରାଜକ ଲେଖିଥିଲେ – 'କାଂଚିପୁରମ୍ ମନ୍ଦିରରେ ଶହେରୁ ଅଧିକ ଦେବଦାସୀ ନୃତ୍ୟ କରନ୍ତି ।' ପର୍ତ୍ତୁଗୀଜ୍ ପରିବ୍ରାଜକ ଦେମିନ୍ ଗୋ ପାଏସ୍ ଭାରତ ଭ୍ରମଣରେ ଆସିଥିବା ବେଳେ ଲେଖିଛନ୍ତି – 'ଦେବଦାସୀ ମାନେ ବୟସରେ ତରୁଣୀ ଏବଂ ସୁନ୍ଦରୀ । ସେମାନଙ୍କ ଦେହସାରା ସୁନାର ଗହଣା ଛାଇ ଯାଇଥାଏ, ମଥାରେ ସୁବର୍ଣ୍ଣ ଝରୀ, ମୁକ୍ତାର ଝାଲର, ହାତରେ ଓଜନିଆ ଗହଣା ଭରି ରହିଥାଏ । ଦେବଦାସୀ ରୂପକ ନର୍ତ୍ତକୀମାନଙ୍କୁ ଦେବତା ମାନଙ୍କୁ ଉତ୍ସର୍ଗ କରାଯାଏ' । ବର୍ତ୍ତମାନ ଏହି ପ୍ରଥା ପ୍ରାୟତଃ ଲୋପ ପାଇଯାଇଛି ।

୧୦୭୭ ମସିହାରୁ ୧୧୪୭ ମସିହା ପର୍ଯ୍ୟନ୍ତ ଅବଧି ମଧ୍ୟରେ ଚୋଡ଼ଗଙ୍ଗ ଦେବଙ୍କ ଶାସନ କାଳରେ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଥିଲା । ଚୋଡ଼ଗଙ୍ଗ ଦେବ ମନ୍ଦିରର ସେବା କାର୍ଯ୍ୟ ପାଇଁ ଛତିଶି ପ୍ରକାରର ସେବକ ବ୍ୟବସ୍ଥା କରିଥିଲେ । ଦେବଦାସୀ ପ୍ରଥା ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ । ଦେବଦାସୀ ମାନଙ୍କୁ କୌଡଙ୍ଗ ସାହି ନାମକ ସ୍ଥାନରେ ବାସସ୍ଥାନର ବ୍ୟବସ୍ଥା କରାଇ ସେମାନଙ୍କର ଚଳିବା ପାଇଁ ଜମି ଜମା ପ୍ରଦାନ କରିଥିଲେ । ଦେବଦାସୀମାନେ ଆଚରଣରେ ଶୃଙ୍ଖଳିତ ରହିବା ପାଇଁ ବିଭିନ୍ନ ନୀତି ନିୟମ ମଧ୍ୟ ପ୍ରଣୟନ କରିଥିଲେ । ଦେବଦାସୀମାନେ ନିଜକୁ ଆଜୀବନ ସମର୍ପଣ କରି ଜଗନ୍ନାଥଙ୍କ ପତ୍ନୀ ହିସାବରେ ନୀତି କାନ୍ତି ସହିତ ସେବା ପ୍ରଦାନ କରୁଥିଲେ । ସାବିତ୍ରୀ ବ୍ରତ ଦିନ ଜଗନ୍ନାଥଙ୍କ ନାମରେ ସାବିତ୍ରୀ ବ୍ରତ ପାଳନ କରି ନୃତ୍ୟ ପ୍ରଦର୍ଶନ କରୁଥିଲେ । ଶ୍ରୀମନ୍ଦିର ପରିବେଶରେ ଦେବଦାସୀମାନଙ୍କୁ ବିଶେଷ ସମ୍ମାନ ପ୍ରଦାନ କରାଯାଏ । କାରଣ ମହାଲକ୍ଷ୍ମୀଙ୍କ ତଳକୁ ଏମାନଙ୍କ ସ୍ଥାନ ରହିଛି ବୋଲି ସମସ୍ତେ ମାନି ନେଇଥାନ୍ତି । ଅନଙ୍ଗ ଭୀମ ଦେବଙ୍କ ସମୟରେ ଶ୍ରୀମନ୍ଦିର ବେଢା ମଧ୍ୟରେ ଅନେକ ପାର୍ଶ୍ୱ ମନ୍ଦିର ନିର୍ମାଣ କରାଯାଇ ଥିଲା । ନାଟ ମନ୍ଦିର ନିର୍ମାଣ କରାଯାଇ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ, ନୃତ୍ୟ ପ୍ରଦର୍ଶନ ନିମନ୍ତେ ଦେବଦାସୀ ମାନଙ୍କୁ ନିଯୁକ୍ତି ଦିଆଯାଉଥିଲା । ଦେବଦାସୀ ନୃତ୍ୟକୁ ମାହାରୀ ନୃତ୍ୟ ମଧ୍ୟ କୁହାଗଲା । ଏମାନେ ତିନି ଭାଗରେ ବିଭକ୍ତ । ଭିତର ଗାଉଣୀ ଦେବଦାସୀ, ସଂପ୍ରଦାନୀ ଯୋଗ ଦେବଦାସୀ, ଶାଢୀବନ୍ଧା ଦେବଦାସୀ । ଭିତର ଗାଉଣୀ ବଡ ଦେଉଳ ମଧ୍ୟରେ ବଡ ସିଂହାର ସମୟରେ ନୃତ୍ୟ ସଙ୍ଗୀତ ଗାନ କରିଥାନ୍ତି । ସକାଳ ଧୂପ ପଟୁଆର ସମୟରେ ଜଗମୋହନରେ ନୃତ୍ୟ କରନ୍ତି । ବଡ଼ସିଂହାର ଭୋଗ ବଢିବା ପରେ କଳାହାଟ ଦ୍ୱାର ଠାରେ ଗୀତ ଗୋବିନ୍ଦ ଗାନ କରନ୍ତି । ଠାକୁରଙ୍କ ବିଜେ ସମୟରେ ଆଗେ ଆଗେ ରହି ଓ ଭିତରକୁ ଗଲା ପରେ ଜୟ ବିଜୟ ଦ୍ୱାର ଠାରେ



▲ ଲେଖକ ଡ. ପ୍ରଫୁଲ୍ଲ କୁମାର ପାଣି



ଶଶିମଣି ଦେବୀ

ଗୀତ ଗାଇଥାନ୍ତି । କାର୍ତ୍ତିକ ମାସ ବାଳଧୂପ ସମୟରେ ଚନ୍ଦନ ଲାଗି ଆଳଟ ଲାଗି ଅଣସର ପିଣ୍ଡି ନିକଟରେ ନୃତ୍ୟ କରନ୍ତି । ରାତ୍ର ଆଳଟ ଲାଗିରେ ସେବା କରିବା ସହିତ ମଦନମୋହନଙ୍କ ଚାପ ଖେଳରେ ନୃତ୍ୟ କରନ୍ତି । ରୁକ୍ମିଣୀ ବିବାହ ଏକାଦଶୀ ତିଥିରେ ଲକ୍ଷ୍ମୀଙ୍କ ମନ୍ଦିରରେ ଓ ରାତ୍ର ବିବାହ ବେଦୀରେ ମଙ୍ଗଳ ଗାନ କରନ୍ତି । ଲକ୍ଷ୍ମୀ ବିମଳାଙ୍କ ଚଣ୍ଡୀ ପୂଜା ସମୟରେ ଖଦୀ ଚାମର ପକାଇ ମଙ୍ଗଳ ଗାନ କରନ୍ତି । ନୀଳାଦ୍ରି ବିଜେ ଦିନ ଲକ୍ଷ୍ମୀଙ୍କ ସହିତ ଭେଟ ମଣ୍ଡପରେ ଥାଇ ଗୁଣ୍ଡିଚା ମନ୍ଦିରରେ ନୃତ୍ୟ କରନ୍ତି । ଆଶ୍ୱିନ ମାସ ଷୋଳ ପୂଜାରେ ବିମଳାଙ୍କ ସକାଳ ଧୂପରେ ପଟୁଆର କରନ୍ତି । ବିମଳାଙ୍କ ପହୁଡ଼ ସମୟରେ ମାଳଶ୍ରୀ ଗାନ କରନ୍ତି । ପୁଷ୍ୟାଭିଷେକରେ ବନ୍ଦାପନା କରନ୍ତି । ଫଗୁ ଦଶମୀ ଠାରୁ ଦୋଳ ବେଦୀରେ ସେବା କାର୍ଯ୍ୟ କରିଥାନ୍ତି । ଦୋଳ ଚତୁର୍ଦ୍ଦଶୀ ଦିନ ମୁଦିରସ୍ତଙ୍କ ସହିତ ଫଗୁ ଖେଳ କରନ୍ତି । ନଅରରେ ଦୁର୍ଗାଙ୍କ ସେବା କରନ୍ତି । ସ୍ନାନ ବେଦୀ ଠାରେ ନୃତ୍ୟ କରନ୍ତି । ନବକଳେବରରେ ରହି ହୁଳହୁଳି ପକାନ୍ତି । ଶାଢ଼ୀ ବନ୍ଧା ପରେ ସେବା କରିଥାନ୍ତି । ସକାଳ ଧୂପ ଚନ୍ଦନଯାତ୍ରାରେ, ଚାପ ଉପରେ ଓ ଚାପ ବାହୁଡ଼ା ବିଜେ ସମୟରେ ରୁକ୍ମିଣୀ ବିବାହ ଚିଟାଉ ଲେଖା, ଆଦି ଚାମର ପକାଇବା , ଗୁଣ୍ଡିଚା ମନ୍ଦିରରେ ପଟୁଆର ସେବା କରିବା, ହେରା ପଞ୍ଚମୀରେ ଦଣ୍ଡମଣ୍ଡ ସେବା, ଖଣ୍ଡେ ରଥ କାଠ ଭାଙ୍ଗିବା, କୃଷ୍ଣ ଜନ୍ମରେ ଯଶୋଦା ରୋହିଣୀ ସେବା, ରୁକ୍ମିଣୀ ହରଣ ଦିନ ଲକ୍ଷ୍ମୀଙ୍କ ଦାସୀ ଭାବରେ ବିପ୍ର ବ୍ରାହ୍ମଣଙ୍କ ସଙ୍ଗେ ଗମନ କରିବା ଓ ଶାଢୀ ବାନ୍ଧିବା ଦେବଦାସୀ ମାନଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ବାହାର ଗାଉଣୀମାନେ ନାଟ ମନ୍ଦିରରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଗଜପତି ପୁରୁଷୋତ୍ତମ ଦେବଙ୍କ ତାମ୍ର ଲିପିରେ ବର୍ଣ୍ଣନା କରାଯାଇଛି ଯେ – 'ଏହି ନାଚୁଣୀ ମାନଙ୍କର ଏକ ସଂପ୍ରଦାୟ ଥିଲା । ଦକ୍ଷିଣ ଭାରତର ଜଣେ ନାଚୁଣୀଙ୍କ ସହିତ ଓଡ଼ିଶାର ନାଚୁଣୀମାନେ ମିଶି ଜୟଦେବଙ୍କ ଗୀତଗୋବିନ୍ଦକୁ ଗାନ କରି ତାଳ ଓ ଲୟରେ ନୃତ୍ୟ କରୁଥିଲେ । ଗୀତଗୋବିନ୍ଦ ରଚନା ପୂର୍ବରୁ ମଧ୍ୟ ମାହାରୀ ମାନେ ନିଜର ସ୍ୱତନ୍ତ୍ର ସ୍ୱର କରି ନୃତ୍ୟ ଓ ମନ୍ତ୍ର ଅନୁସାରେ ଅଭିନୟ କରୁଥିଲେ । ଜୟଦେବଙ୍କ ଗୀତଗୋବିନ୍ଦ ରଚନା ହେଲା ପରେ ମାହାରୀ ନୃତ୍ୟର ସ୍ୱତନ୍ତ୍ରତା ବୃଦ୍ଧି ପାଇଥିଲା । କ୍ରମଶଃ ଏହା ଶ୍ରୀମନ୍ଦିର ପୂଜା ବିଧିରେ ବିଶେଷ ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିଥିଲା । କାଳକ୍ରମେ ଏହି ପ୍ରଥାରେ ବିଭିନ୍ନ ସମସ୍ୟା ଉପୁଜିବାରୁ ବୈଷ୍ଣବ ପନ୍ଥୀମାନେ ନାରୀମାନଙ୍କ ନୃତ୍ୟକୁ ବିରୋଧ କରିଥିଲେ । ଫଳତଃ ବାଳକମାନେ ବାଳିକା ବେଶ ଧାରଣ କରି ନୃତ୍ୟ ପରିବେଷଣ କରିବାରୁ ଏହା ଗୋଟିପୁଅ ନୃତ୍ୟ ଭାବରେ ପ୍ରସିଦ୍ଧି ଲାଭ କରିଛି ।

ଦେବଦାସୀ ପରମ୍ପରାକୁ ନେଇ ଶ୍ରୀମନ୍ଦିରରେ ଅନେକ ରୋଚକ ଘଟଣା ମନ୍ଦିର ସେବାୟତମାନଙ୍କ ଠାରୁ ଶୁଣାଯାଏ । ତନ୍ମଧ୍ୟରୁ ଗୋଟିଏ ଘଟଣା ଥିଲା–' ସେଦିନ ଶ୍ରୀମନ୍ଦିର ଗର୍ଭଗୃହ ମଧ୍ୟରୁ ଝରି ଆସୁଥିଲା ଜୟଦେବଙ୍କ ଗୀତଗୋବିନ୍ଦର ମଧୁର ମୂର୍ଚ୍ଛନା । ନିଜକୁ ରାଧା ଭାବରେ ସଜାଇ ଗଭୀର ଭକ୍ତିରେ ମଜ୍ଜି ଯାଇଥିଲେ ଅନନ୍ୟ ସୁନ୍ଦରୀ ଅପରୂପା ଦେବଦାସୀ । ରତ୍ନସିଂହାସନ ଉପରେ ବଡ଼ସିଂହାର ବେଶରେ ରସିକ ଶେଖର ମହାପ୍ରଭୁ ଜଗନ୍ନାଥ ଉପବିଷ୍ଟ । ଭକ୍ତିରେ ତଲ୍ଲୀନ ହୋଇ କର୍ପୂର ଉଡାଇ ନୃତ୍ୟ କରୁଥିଲେ ଉତ୍ସର୍ଗୀତ ଦେବଦାସୀ । ଦେବଦାସୀଙ୍କୁ ମହାପ୍ରଭୁ ପିଇବାକୁ ଦେଇଛନ୍ତି ପଇଡର ପାଣି ଓ କର୍ପୂରର ସୁଗନ୍ଧିତ ତାମ୍ବୁଳ । ନୃତ୍ୟର ତାଳେ ତାଳେ କଳାଶ୍ରୀମୁଖ ନର୍ତ୍ତକୀ ଦେବଦାସୀ ସହିତ ନୃତ୍ୟରତ । ବେଳେ ବେଳେ ବଳିଆର ଭୁଜ ତାଙ୍କ ବିଶାଳ ବାହୁରେ ଆଲିଙ୍ଗନ କରୁଛନ୍ତି ପ୍ରିୟ ଦେବଦାସୀଙ୍କୁ । ଦେବଦାସୀ ଜଣକ ମହାପ୍ରଭୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜକୁ ଗୋପାଙ୍ଗନା ଭାବରେ ହଜାଇ ଦେଇଛନ୍ତି । କଣ୍ଠରୁ ଶୁଭୁଛି –

କଳା ଠାକୁର ମୋ କଳା ଠାକୁର  
ବାନ୍ଧିଛି ତୋ ପାଇଁ ପାଦେ ଘୁଙ୍ଗୁର  
ଗୋପୀ ଭଳି ନାଚିବି ମୁଁ କେତେ ଭଙ୍ଗୀରେ  
ଶ୍ରୀଗୀତଗୋବିନ୍ଦ ଗାଇ ପ୍ରାଣ ସଙ୍ଗୀରେ ।  
x x x x x  
ତୋପରି ମୁଁ ଦେଖି ନାହିଁ ରସିକ ଜଣେ  
ପ୍ରେମ ଫାସେ ବାନ୍ଧିଦେ ମୋତେ  
ନିତି ଚୁମିବି ତୋର ରଙ୍ଗ ଅଧର



ପରଶମଣୀ ଦେବୀ





କଳା ଠାକୁର ମୋ କଳା ଠାକୁର ।

ରାତିର ପ୍ରହର ପରେ ପ୍ରହର ଗଡି ଚାଲିଛି । ରତ୍ନମଣ୍ଡପର ବାହାରେ ଛିଡ଼ା ହୋଇଛନ୍ତି ମୁଦୁଲି ମହାପାତ୍ର ମହାପ୍ରଭୁଙ୍କ ପହୁଡ ନୀତି କରିବା ପାଇଁ । ହେଲେ ଦେବଦାସୀ ଭିତରୁ ବାହାରୁ ନାହାଁନ୍ତି କି ବାହାରୁ ଭିତରକୁ କେହି ପଶି ପାରୁ ନାହାଁନ୍ତି ।ରାତି ପାହିବାକୁ ଗୋଟିଏ ପ୍ରହର ବାକି । ଭିତରୁ ଶୁଭୁଛି କେବଳ ଘୁଙ୍ଗୁରର ଅସ୍ପଷ୍ଟ ଗୁଞ୍ଜନ । ମୁଦୁଲି ଓ ମହାପାତ୍ର ଆଶଙ୍କାରେ ଭାବୁଛନ୍ତି ଦେବଦାସୀ ଫେରୁ ନାହାଁନ୍ତି କାହିଁକି ? କ'ଣ ଅଘଟଣ ଘଟିଲା କି ? ଆଶଙ୍କାର ବିଭିନ୍ନ ପାପଚିନ୍ତା ମଧ୍ୟରେ ଝଣଝାଣ୍ ଶବ୍ଦରେ ଖୋଲିଗଲା କଂସାର କବାଟ ? ଦେବଦାସୀ ସଂପୂର୍ଣ୍ଣ ଉଲଗ୍ନ, ଆଲୁଳାୟିତ କେଶ, ବିଲୁଳାୟିତ ବେଶ, ଲଲାଟର ସିନ୍ଦୂର ବିପର୍ଯ୍ୟସ୍ତ । ଅଙ୍ଗରୁ ଭାସି ଆସୁଛି ଚନ୍ଦନ କର୍ପୂର ଓ ତୁଳସୀର ସୁଗନ୍ଧ । ପ୍ରଭୁ ଜଗନ୍ନାଥଙ୍କ ସାନ୍ନିଧ ଲାଭ କରି ସେ ଏବେ ସ୍ୱର୍ଗୀୟ ତୃପ୍ତିରେ ବିମୁଗ୍ଧ । ସେବାୟତମାନେ ଦେବଦାସୀର ଉଲଗ୍ନ ରୂପ, ରତ୍ନବେଦୀ ସମ୍ମୁଖରେ ପାଲଟା ବସ୍ତ୍ର ଦେଖି କ୍ଷୁବ୍ଧ । ଦେବଦାସୀ ନାଁରେ ଅଭିଯୋଗ କରିବା ପାଇଁ ସେବାୟତମାନେ ଗଜପତିଙ୍କ ନଅରକୁ ଗଲେ । ଛାମୁଙ୍କ ଆଦେଶ ପାଇ ନଅର ମଧ୍ୟକୁ ପ୍ରବେଶ କରନ୍ତେ ସେବାୟତମାନେ ଦେଖିଲେ ଚିନ୍ତାମଗ୍ନ ଅବସ୍ଥାରେ ଗଜପତି ଏପଟ ସେପଟ ହେଉଛନ୍ତି । ରାଜ ରାଜେଶ୍ୱର ଜଗନ୍ନାଥଙ୍କ ପହୁଡ଼ ନପଡିଲେ ଗଜପତି ଶୁଅନ୍ତେ ବା କିପରି ? ତଳିଛୁ ମହାପାତ୍ରଙ୍କ ଠାରୁ ଦେବଦାସୀଙ୍କ ଉଲଗ୍ନ ଘଟଣା ଶୁଣି ଗଜପତି କ୍ରୋଧରେ ଜଳି ଉଠିଲେ । ଚରିତ୍ରହୀନା ଦେବଦାସୀର ସକାଳ ହେଲେ ବିଚାର କରାଯିବ ବୋଲି ନିର୍ଦ୍ଦେଶ ଦେଲେ । ଗଜପତିଙ୍କ ଆଖିରେ ନିଦ ଲାଗି ଯାଇଛି । ରାଜା ସ୍ୱପ୍ନ ଦେଖିଛନ୍ତି ଜଗଦୀଶ୍ୱର ଜଗନ୍ନାଥଙ୍କୁ । ଜଗନ୍ନାଥ କହୁଛନ୍ତି – "ରାଜା ! ତୁମେ କ'ଣ ଭାବୁଛ ସେଇ ଦେବଦାସୀ ଉପରେ ଦଣ୍ଡାଦେଶ କରିବା ପାଇଁ ? ତା'ର କାନ୍ତ ଭକ୍ତି ଶ୍ରେଷ୍ଠତ୍ୱରେ ମୁଁ ଅତ୍ୟନ୍ତ ମୁଗ୍ଧ । ସେ ମୋତେ ତା'ର କାନ୍ତ ବୋଲି ମନେକରି ଉଲଗ୍ନ ହୋଇ ନିଜକୁ ସମର୍ପିତ କରିଛି । ମୋର ଅନ୍ୟନାମ ହେଉଛି ସାକ୍ଷାତ ମନ୍ମଥ । ଏହି ପବିତ୍ର ସଂପର୍କକୁ ତୁମେ ପାପ ସଂପର୍କ ବୋଲି ମନେ କଲ କିପରି ? ମୋର ଭକ୍ତ ଶ୍ରେଷ୍ଠାକୁ କୌଣସି ଦଣ୍ଡ ବିଧାନ କର ନାହିଁ । ଗୀତଗୋବିନ୍ଦକୁ ମନ୍ତ୍ର ରୂପେ ଜପ କରି ସେ ମୋତେ ଦେବତା ରୂପେ ବରଣ କରିଛି । ସେ ପାଲଟା ଲୁଗାକୁ ଦେଖାଇ ସେବକମାନେ ତା'ଭକ୍ତିର ପାପ ପୁଣ୍ୟ ବିଚାର କରିବେ ତ' ? ସେ ଲୁଗା ଗର୍ଭଗୃହରେ ନାହିଁ । ମୁଁ ନିଜେ ସେ ଲୁଗାକୁ ନେଇ ତା'ଘରେ ଦେଇ ଆସିଛି । ସେ ମୋର ପ୍ରାଣ । ତା'କୁ କେହି ବାଧା ଦେଇ ପାରିବ ନାହିଁ ।"

ରାଜା ସଙ୍ଗେ ସଙ୍ଗେ ଉଠି ବସିଲେ । ପ୍ରଭୁଙ୍କ ଦିବ୍ୟ ସନ୍ଦେଶରେ ଜ୍ଞାନ ଚକ୍ଷୁ ଉନ୍ମିଳିତ ହେଲା । ସକାଳୁ ଶ୍ରୀମନ୍ଦିର ଯାଇ ପ୍ରତାପରୁଦ୍ର ଦେବ ନିଜର ଅପରାଧ ମାର୍ଜନା ପାଇଁ ପ୍ରଭୁଙ୍କ ପଦ୍ମ ପୟରରେ ଶରଣ ପଶିଲେ । ସେହିଦିନ ଠାରୁ ଅଦ୍ୟାବଧି ରାତ୍ରର ପାହାନ୍ତା ପ୍ରହରରେ ଶେଯ ଅସଜଡା ହୋଇଯାଏ, ବିଛା ଯାଇଥିବା ମଲ୍ଲିଫୁଲ ମଉଳି ପଡିଥାଏ । ଦୟଣା ତୁଳସୀ, ପୁଷ୍ପ ଗୁଚ୍ଛ, ମରୁଆ ଶ୍ରୀଜଗନ୍ନାଥଙ୍କ ହସ୍ତ ପଦ୍ମରେ ଖୋଲା ଭାବରେ ଥାଏ । ଧନ୍ୟ ଦେବଦାସୀ ପ୍ରଥା, ଧନ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ, ଧନ୍ୟ ତାଙ୍କର ଅପାର ମାନବୀୟ ଲୀଳା । ପୁରୀ ମନ୍ଦିର ସତ୍ତ୍ୱାଧିକାର ଆଇନ ଅନୁସାରେ ୧୦୦ବର୍ଷ ତଳେ ପୁରୀ ମନ୍ଦିରରେ ପ୍ରାୟ ୨୫ଜଣ ଦେବଦାସୀ ଥିଲେ । ୧୯୮୦ମସିହା ସୁଦ୍ଧା ଏମାନଙ୍କ ସଂଖ୍ୟା ୪ ମଧ୍ୟରେ ସୀମିତ ରହିଥିଲା । ସେ ଚାରିଜଣ ହେଲେ ହରପ୍ରିୟା, କୋକିଳପ୍ରଭା, ପରଶମଣି ଓ ଶଶିମଣି । ଏହି ଦେବଦାସୀ ମାନଙ୍କ ମଧ୍ୟରୁ ଶଶିମଣି ଦେବୀ ଥିଲେ ଅନନ୍ୟ ଦେବଦାସୀ । ପୁରୀର ଦୋଳମଣ୍ଡପ ସାହିରେ ତାଙ୍କ ଘର । ବାରବର୍ଷ ବୟସରୁ ଦୀର୍ଘ ୬୭ବର୍ଷ ଧରି ଜଗନ୍ନାଥଙ୍କ ଜଗମୋହନର ସମ୍ମୁଖରେ ଦେବଦାସୀ ନୃତ୍ୟ ପରିବେଷଣ କରି ଆସିଛନ୍ତି । ମନ୍ଦିରର ଦୈନିକ ନୀତିକାନ୍ତି ଯଥା ସକାଳ ଧୂପ, ସଞ୍ଜ ଧୂପ ସମୟରେ ପାରମ୍ପରିକ ମହାନୃତ୍ୟ ପରିବେଷଣ କରି ଜଗନ୍ନାଥଙ୍କ ସେବା କରିଛନ୍ତି । ମନ୍ଦିର ସହିତ ଜଡିତ ବିଭିନ୍ନ ପର୍ବପର୍ବାଣି ଯଥା: ନନ୍ଦ ଉତ୍ସବ, ଚନ୍ଦନ ଯାତ୍ରାରେ ନୃତ୍ୟ ପରିବେଷଣ କରନ୍ତି । ଜଗନ୍ନାଥଙ୍କୁ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ଏହି ମହିୟସୀ ଦେବଦାସୀଙ୍କର ୨୦୧୫ ମସିହା ମାର୍ଚ୍ଚ ୧୯ ତାରିଖରେ ଇହଲୀଳା ସମ୍ବରଣ ହୁଏ । ଶଶିମଣିଙ୍କ ମୃତ୍ୟୁ ପର ଠାରୁ ଜଗନ୍ନାଥ ମନ୍ଦିରର ଭିତର ଗାଉଣୀ ଦେବଦାସୀ ପରମ୍ପରା ପ୍ରଥା ବନ୍ଦ ହୋଇଯାଇଛି ।

ଦେବଦାସୀ ଜଗନ୍ନାଥଙ୍କର ସେବାକାରିଣୀ । ସ୍ୱର୍ଗୀୟ ଐଶ୍ୱର୍ଯ୍ୟର ଅଧିକାରୀଣୀ । ତା ଭାଗ୍ୟରେ ବୈଧବ୍ୟ ନାହିଁ । ସେ ଚିର ଆୟୁଷ୍ମତୀ, ଆହ୍ଲାଦିନୀ । ସେଇଥିପାଇଁ ଭାରତୀୟ ସଂସ୍କୃତିରେ ବିବାହ ଉତ୍ସବ ମାନଙ୍କରେ ଦେବଦାସୀମାନଙ୍କୁ ସାଦର ନିମନ୍ତ୍ରଣ କରାଯାଉଥିଲା । ଦେବଦାସୀମାନଙ୍କ ହାତ ଛୁଆଁ ମଙ୍ଗଳସୂତ୍ର କନ୍ୟାମାନଙ୍କୁ ପିନ୍ଧିବାକୁ ଦିଆ ଯାଉଥିଲା । ଦେବଦାସୀ ଶୁଦ୍ଧ ଓ ପବିତ୍ର ।

SUPRATIK INFRAVENTURES

# LIFESTYLE Project - II

**Limited 2 & 3 BHK**
**Flat Available**

RERA APPROVED







**7205330222**

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple
O. T. Road, Balasore - 756001

ପ୍ରସଙ୍ଗ-୨



# ଚଡଢିଗୋ ଚଡବାହା

# ଚକ୍ରପାଦରେ ରହସ୍ୟମୟ ଚଉବାହା

**ଡ. ରାଧାରଞ୍ଜନ ପଟ୍ଟନାୟକ**
ସଂପାଦକ: 'ସୃଜନାକ୍ଷର',
ସଲ୍‌ଟ୍‌ରୋଡ୍‌, କାଦ୍ରାବାଦ, ସୁନହଟ,
ବାଲେଶ୍ୱର-୭୫୬୦୦୨
ଫୋନ: ୯୪୩୮୨୯୦୦୭୨

ଫଟୋ ସୌଜନ୍ୟ : ଗୁଗୁଲ୍‌
ମୁଖ୍ୟପୃଷ୍ଠ ଚିତ୍ର : ଲୋପାମୁଦ୍ରା ପରିଡ଼ା

ସେ ଚଉବାହା । ଜଗତର ନାଥ ଜଗନ୍ନାଥ । ସେ ହିଁ ପରଂବ୍ରହ୍ମ । ସେ ପୁଣି ଦାରୁବ୍ରହ୍ମ । ସେ ଆଦି ଏବଂ ଅନାଦି । ତାଙ୍କରି କରସ୍ପର୍ଶରେ ଶାଳ ହୋଇଯାଏ ଶାଳଗ୍ରାମ । ମାଟି ହୋଇଯାଏ ଚନ୍ଦନ । ପୃଥ୍ୱୀ ହୋଇଯାଏ ପାବନ । ସେ ହେଉଛନ୍ତି ରହସ୍ୟମୟ, ତତ୍ତ୍ୱମୟ । ସେ ଏକ ପୁଣି ଅନେକ । ସର୍ବଧର୍ମ ସମନ୍ୱୟର ଦେବତା । ତମାମ୍‌ ତତ୍ତ୍ୱର ମୂଳାଧାର ହେଉଛନ୍ତି ଜଗନ୍ନାଥ । ତେବେ ଏଇ ପୁରୁଷୋତ୍ତମ ଧାମରେ ଜଗନ୍ନାଥ ମହାପ୍ରଭୁଙ୍କର ଅବସ୍ଥାନ ଯୋଗୁଁ ତାହା କ୍ଷେତ୍ରରାଜ ବା ତୀର୍ଥରାଜ ନାମରେ ମହିମାନ୍ୱିତ । ଜଗନ୍ନାଥଙ୍କୁ ଦର୍ଶନ କରିବା ନିମନ୍ତେ ଦେଶବିଦେଶରୁ ଅନେକ ଶ୍ରଦ୍ଧାଳୁ ଆସନ୍ତି ଏବଂ ଭକ୍ତିର ନୈବେଦ୍ୟ ବାଢ଼ନ୍ତି । ସେ ଭକ୍ତିର ଭଗବାନ । ଦାରୁ ଦେବତା । ହାତ ବଢ଼େଇ ନ ପାରିଲେ ବି ଆଖି ମେଲାଇ ଦେଖି ନିଅନ୍ତି, ପରଖି ନିଅନ୍ତି । ବାସ୍‌ ସେତିକି । ସେତିକିରେ ମିଳିଥାଏ କୈବଲ୍ୟ, ସେତିକିରେ ମିଳିଥାଏ ମୁକ୍ତି । ଏଠାରେ ମନ୍ତ୍ର, ତନ୍ତ୍ର, ଯୋଗ ଆଦିର ଆବଶ୍ୟକତା ନାହିଁ । ତାହା ହୋଇନଥିଲେ ଅକଟା, ଅବଟା, ଫଳସିଝା ଖାଇ ଉପାସ୍ୟ ଦେବତା ଉପାସକ ଶବରର ନୀତି ଗ୍ରହଣ କରିନଥାନ୍ତେ ।

ପ୍ରସିଦ୍ଧ ସ୍କନ୍ଦପୁରାଣ ଅନୁଯାୟୀ ପୃଥିବୀ, ଆକାଶ ଓ ସ୍ୱର୍ଗ ମଧ୍ୟରେ ମୋକ୍ଷ ପ୍ରଦାନ କରୁଥିବା ଈଶ୍ୱର ହେଉଛନ୍ତି ସ୍ୱୟଂ ଜଗନ୍ନାଥ । ସ୍କନ୍ଦ ପୁରାଣରେ ଶ୍ରୀକ୍ଷେତ୍ରକୁ ଶଙ୍ଖକ୍ଷେତ୍ର ରୂପେ ବର୍ଣ୍ଣନା କରାଯାଇଛି । ଏହା ଶଙ୍ଖାକାର କ୍ଷେତ୍ରର ମୂର୍ଦ୍ଧନୀ ବା ପଶ୍ଚିମ ସୀମା । ନୀଳକଣ୍ଠ ଏହି ଶଙ୍ଖର ଅଗ୍ରଭାଗରେ ଅବସ୍ଥାନ କରୁଛନ୍ତି । ଶଙ୍ଖର ନାଭିଦେଶରେ ରୋହିଣୀ କୁଣ୍ଡ, ଅକ୍ଷୟ ବଟ ଏବଂ ମହାବାହୁଙ୍କ ଅବସ୍ଥାନ । ଜଗନ୍ନାଥଙ୍କ ପ୍ରତିଷ୍ଠା ଏବଂ ଉପାସନା ସଂପର୍କରେ ସମାଲୋଚକମାନେ ମତଦେବାକୁ ଯାଇ କହନ୍ତି ଜଗନ୍ନାଥ ହେଉଛନ୍ତି, ବୌଦ୍ଧ, ଜୈନ୍ୟ, ବ୍ରାହ୍ମଣ୍ୟ, ଶାକ୍ତ ପ୍ରଭୃତି ଧର୍ମର ପ୍ରତୀକ । ସେ ବୈଦିକ ଯୁଗ ପୂର୍ବରୁ ଏପରିକି ପ୍ରାଚୀନ ବେବିଲୋନ୍‌ ସଭ୍ୟତା କାଳରୁ ଉପାସିତ ହୋଇ ଆସୁଛନ୍ତି । ଏହି ଉପାସନାର ଧାରା ଭାରତବର୍ଷର ଉତ୍ତ ଭୂଖଣ୍ଡରେ କେବଳ ପ୍ରଚଳିତ ନଥିଲା । ବରଂ, ପ୍ରଥମେ ଅଷ୍ଟ୍ରିକ୍‌ ବା ପଟ୍ରୋ-ଅଷ୍ଟ୍ରେଲିଅଡ୍‌ ମାନବଗୋଷ୍ଠୀ ଦ୍ୱାରା ବୃକ୍ଷରୂପରେ ପୂଜା ପାଇଆସୁଥିଲେ । ପରେ 'ଦାରୁ' ବା ଗଣ୍ଡି ଏବଂ ତା'ପରେ ମାଦଳା ରୂପରେ ପୂଜା ପାଇ ଆସୁଛନ୍ତି । କେହିକେହି ଜଗନ୍ନାଥଙ୍କୁ ଅଜ୍ଞେୟ ବିଗ୍ରହ ରୂପରେ ଦେଖିଥାନ୍ତି ।

ପୁରାଣକାରାମାନେ କହନ୍ତି ଦ୍ୱାପର ଯୁଗର କୃଷ୍ଣାବତାର ଓ କଳିଯୁଗର ଜଗନ୍ନାଥ ରୂପ ନେଇ ରହସ୍ୟମୟ ଦେବତା ଲୀଳା ପ୍ରକଟ କରି ସମୁଦାୟ ଜଗତକୁ ମାୟା, ମୋହ ଭିତରୁ ଦୂରେଇ ଦେଇଛନ୍ତି । ପୁନଶ୍ଚ କାମନା ମାର୍ଗରୁ ଓହରି ଯାଇ ମୋକ୍ଷ ମାର୍ଗ ଆଡ଼କୁ ଅଗ୍ରସର ହେବା ପାଇଁ ବିବିଧ ମାନବୀୟ ଲୀଳା ମାଧ୍ୟମରେ ସୂଚାଇ ଦେଇଛନ୍ତି । ଏକଦା ଶ୍ରୀକୃଷ୍ଣ ମାନବ ରୂପ ଧାରଣ କରି କାରାଗାରରେ ଜନ୍ମଗ୍ରହଣ ପରେ ଯଶୋଦାଙ୍କ କୋଳରେ ଲାଳିତ ପାଳିତ ହୋଇ ନିଜର ରହସ୍ୟମୟ ଲୀଳା ପ୍ରଦର୍ଶନ କରିଛନ୍ତି । ଶେଷରେ ତାଙ୍କ ଲୀଳା ସମାପ୍ତ ପରେ ଅର୍ଦ୍ଧପିଣ୍ଡ ଦାରୁବ୍ରହ୍ମ ରୂପେ ପୂଜା ପାଇବା, ସର୍ବୋପରି ଚତୁର୍ଦ୍ଧାମୂର୍ତ୍ତି ମହାବାହୁଙ୍କ ମାନବୀୟ ଲୀଳା ସୃଷ୍ଟି ପ୍ରକ୍ରିୟାର ଏକ ରହସ୍ୟମୟ ଅଧ୍ୟାୟ । ଜଗନ୍ନାଥଙ୍କର ଶରୀର ଭିତରେ ୭୨ ନାଡ଼ୀର ପ୍ରୟୋଜନୀୟତା ନାହିଁ । କର୍ଣ୍ଣ, କେଶ, କର, ଚରଣର ମଧ୍ୟ ଆବଶ୍ୟକତା ନାହିଁ । ସେ କେବଳ ଦେଖନ୍ତି ଏବଂ ମୌନ ରହନ୍ତି । ସେ ନିଜେ ପ୍ରତିକାର କିମ୍ବା ପ୍ରତିଶୋଧ ନିଅନ୍ତି ନାହିଁ ବରଂ କରାଇ ଦିଅନ୍ତି । ଏଣୁ ବାହୁବିନା କଳ୍ପନା ରହନ୍ତା କିପରି ? ବିରାଟ ସେ । ଅଚଳ ସେ । ମହାମେରୁ ସେ । ସେ ପୁରୁଷ ସେ ପୁଣି ପୁରୁଷୋତ୍ତମ । ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ କରି ନିଶାର୍ଦ୍ଧ ପର୍ଯ୍ୟନ୍ତ ଭୋଗ-ଛପନ ଭୋଗ; ଛତିଶ ଖଟଣୀ - ଛତିଶା ନିଯୋଗ । ସୁତରାଂ ଏଥିରେ ଦେବତାର ପରିକଳ୍ପନା ସଂପୂର୍ଣ୍ଣ ମାନବୀୟ । ସଂପୂର୍ଣ୍ଣ ରାଜକୀୟ ।

ମହାବାହୁଙ୍କ ଜାତି, ଧର୍ମ, ବର୍ଣ୍ଣର କୌଣସି ବିଭେଦ ନାହିଁ । ଚାତୁର୍ବର୍ଣ୍ଣ୍ୟ ପ୍ରଥାର ବାସ୍ନା ନାହିଁ । ସାଂପ୍ରଦାୟିକତାର ଭେଦଭାବ ନାହିଁ । ଆବ୍ରହ୍ମ ଚାଣ୍ଡାଳ ସଭିଏଁ ଏକତ୍ର ଭୋଜନ କରନ୍ତି । ଏହି ଉପାସ୍ୟ ଦେବତାଙ୍କର ତ୍ରିମୂର୍ତ୍ତି ଧାରଣା ଏକ ଦର୍ଶନବୋଧ ଉପରେ ପର୍ଯ୍ୟବେସିତ । ଏହା ଖୁବ୍‌ ସାର୍ବଜନୀନ । ଶ୍ୱେତ, ପୀତ, କୃଷ୍ଣ ତିନିବର୍ଣ୍ଣର ତ୍ରିମୂର୍ତ୍ତି ରତ୍ନସିଂହାସନ ଉପରେ ବିରାଜିତ । କୃଷ୍ଣ ବର୍ଣ୍ଣର ଜଗନ୍ନାଥ, ପୀତ ବର୍ଣ୍ଣର ସୁଭଦ୍ରା ଏବଂ ଶ୍ୱେତବର୍ଣ୍ଣର ବଳଭଦ୍ର । ବୈଜ୍ଞାନିକ ତଥା ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ବର୍ଣ୍ଣର ବିବିଧତା ଦେବତାର ନୁହେଁ ବରଂ ମନୁଷ୍ୟର, ମନୁଷ୍ୟ ଜାତିର । ଏଥିରେ ଶ୍ୱେତବର୍ଣ୍ଣ ୟୁରୋପୀୟ ବ୍ୟକ୍ତିବିଶେଷଙ୍କୁ ବୁଝାଉଥିଲା ବେଳେ ପୀତବର୍ଣ୍ଣୀ ଚୀନବାସୀଙ୍କୁ ବୁଝାଇଛି । ଠିକ୍‌ ସେହିଭଳି କୃଷ୍ଣବର୍ଣ୍ଣୀ ଆଫ୍ରିକୀୟ ମଣିଷମାନଙ୍କୁ ବୁଝାଇଛି । ଭାରତୀୟ ଦ୍ୱୀପପୁଞ୍ଜର ଆଷ୍ଟ୍ରୋ-ଏସିଆଟିକ୍‌ ଗୋଷ୍ଠୀ, ତିବ୍ବତୀୟ ଚୀନ୍‌ ଗୋଷ୍ଠୀ, ଉତ୍ତର-ମଧ୍ୟ ଏସିଆର ତୁର୍କୀ ଓ ମଙ୍ଗୋଲ ଗୋଷ୍ଠୀ ଠାରୁ ଗ୍ରୀକ୍‌, ଇଟାଲି, କେଲଟିକ୍‌ ପ୍ରଭୃତି ଇଣ୍ଡୋ-ୟୁରୋପୀୟ ଗୋଷ୍ଠୀ ସହିତ ଆଫ୍ରିକୀୟ ନିଗ୍ରୋ ଏବଂ ଦକ୍ଷିଣ-ଆମେରିକୀୟ ଆଦିବାସୀ ଯାଏଁ ସଭିଏଁ ଏଥିରେ ଅନ୍ତର୍ଭୁକ୍ତ । ସମ୍ଭବତଃ ଏଇଥିପାଇଁ ହିମାଳୟ ପର୍ବତମାଳାରୁ ନେପାଳୀ ରାଜାଙ୍କର ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ପୂଜାଧିକାର ଅଛି । ଏହି କାରଣରୁ କାଶ୍ମୀର ରାଜକୋଷରୁ ଆସିଥିବା ଧନ, ରତ୍ନ, ଅଳଙ୍କାରରେ ଜଗନ୍ନାଥଙ୍କର ରତ୍ନଭଣ୍ଡାର ପରିପୁଷ୍ଟ ।

ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପରିକଳ୍ପନା ଏବଂ ଏହାର ପ୍ରାଚୀନତା ସଂପର୍କରେ ଭିନ୍ନଭିନ୍ନ ଗବେଷକଙ୍କର ଭିନ୍ନଭିନ୍ନ ମତ ରହିଛି । ଆଜି ବି ଏହା ଗବେଷଣା ସାପେକ୍ଷ । ଏ କଥାକୁ କେହି ଅସ୍ୱୀକାର କରିପାରିବେ


ଲେଖକ ଡ. ରାଧାରଞ୍ଜନ ପଟ୍ଟନାୟକ

ନାହିଁ ଯେ, ମହାଭାରତର ବନପର୍ବ ଓ ଶାନ୍ତିପର୍ବରେ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ ଏବଂ ଜଗନ୍ନାଥଙ୍କ ଉପାସନାର ପ୍ରାଚୀନତା ସଂପର୍କରେ ସ୍ପଷ୍ଟ ପ୍ରମାଣ ମିଳେ । ସତ୍ୟଯୁଗରେ ଯିଏ ଥିଲେ ନୃସିଂହନାଥ, ତ୍ରେତୟାରେ ଯିଏ ଥିଲେ ଶ୍ରୀରାମନାଥ, ଦ୍ୱାପରରେ ଯିଏ ଥିଲେ ଦ୍ୱାରକାନାଥ ସିଏ ହିଁ କଳିଯୁଗରେ ଶ୍ରୀଜଗନ୍ନାଥ ବା ଦାରୁଦେବତା ରୂପରେ ବିଦ୍ୟମାନ । ସେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସଭିଙ୍କୁ ଆପଣେଇ ନେଇଥାଆନ୍ତି । ସେଇଥିପାଇଁ ତ ସେ ଜଗନ୍ନାଥ ତାଙ୍କ ନିକଟରେ ଦାସିଆ ବାଉରୀ ଏବଂ ସାଲବେଗଙ୍କ ନିକଟରେ ସେମିତି କିଛି ପ୍ରଭେଦ ନାହିଁ ।

## ଜଗନ୍ନାଥଙ୍କ ଆବିର୍ଭାବର ପ୍ରାଗୁଷା

ଜଗନ୍ନାଥ ବୁଦ୍ଧଙ୍କୁ ବୁଝାଉଥିବା ଏକ ତୀବ୍ବତୀୟ ଶବ୍ଦ ବୋଲି ଗବେଷକମାନେ ମତ ଦେଇଛନ୍ତି । ଏହି ଶବ୍ଦଟି ଆଦିବାସୀ ଶବ୍ଦ 'ଜଗନେଲୋ' (କାଠ ନିର୍ମିତ ଦେବତା) ଶବ୍ଦରୁ ଆସିଅଛି । ଯାହା ପୂର୍ବକାଳରେ ଶବରମାନଙ୍କ ଦ୍ୱାରା ପୂଜା ପାଉଥିବା ଜଗନ୍ନାଥଙ୍କୁ ବୁଝାଇଥାଏ । ଏହି ନାମଟିର ଶ୍ରବଣ ମାତ୍ରେ ହିଁ ଭକ୍ତ ବିହ୍ୱଳିତ ହୁଏ, ପ୍ରାଣହୁଏ ଉଦ୍‌ବେଳିତ । ହୃଦୟ ଭିତରେ ସୃଷ୍ଟି ହୁଏ ବ୍ୟାକୁଳତା । ତାଙ୍କ ଦର୍ଶନ ପାଇଁ ଆଖି ଅଧିର ହୋଇଉଠେ । ଶ୍ରୀଜଗନ୍ନାଥଙ୍କ ଶବ୍ଦର ଅର୍ଥାନୁଶୀଳନ କଲାବେଳେ 'ଶ୍ରୀ' ଅର୍ଥ ଲକ୍ଷ୍ମୀ, ଐଶ୍ୱର୍ଯ୍ୟ, ବିଭବ, ଓ ଆଲୋକ ବୋଲି ବିବେଚନା କରାଯାଇପାରେ । ସେ ଭକ୍ତି, ପ୍ରୀତି ଓ ଏବଂ ଶୋଭାପ୍ରଦାୟିନୀ ଶକ୍ତି । ସେ ହିଁ ଜ୍ୟୋତି, ସେ ହିଁ ସର୍ବପ୍ରକାଶ୍ୟ, ସେ ହିଁ ପଥ ପ୍ରଦର୍ଶକ । 'ଜ' ଏହାର ଅର୍ଥ ଉତ୍ପତ୍ତି, ବିଷ୍ଣୁ, ପିତାମାତା, ତେଜକ । ସକଳ ସୃଷ୍ଟିର କାରଣ ହେଉଛନ୍ତି ସ୍ୱୟଂ ଜଗନ୍ନାଥ । ସର୍ବ ଦେବତା ତାଙ୍କ ଠାରୁ ହିଁ ସୃଷ୍ଟି । ବେଦ, ମନ୍ତ୍ର, ତନ୍ତ୍ର, ଯୋଗ, ଜ୍ଞାନ ଆଦିର ଉତ୍ପତ୍ତିସ୍ଥଳ ହିଁ ସ୍ୱୟଂ ଜଗନ୍ନାଥ । ସେ ଆରାଧ୍ୟଦେବତା ବିଷ୍ଣୁ । ସେ ହେଉଛନ୍ତି ଅନନ୍ତ । ସାଗର ପରି ଗଭୀର, ଆକାଶ ପରି ପ୍ରଶସ୍ତ । 'ନ'ର ଅର୍ଥ ନିରାକାର, ନିର୍ବିକାର, ନିର୍ମାୟା, ନିରୀହ, ନିର୍ମଳ । ସେ ହିଁ ପରମାତ୍ମା । ସେ ହିଁ ସାକାର, ସଗୁଣ । ସେ ହିଁ ସ୍ୱୟଂ ଜଗନ୍ନାଥ । 'ଥ' ଅର୍ଥ ପର୍ବତ, ମଙ୍ଗଳ, ରକ୍ଷଣ, ଅଜୟ, ଭୟନାଶକ, ଅନାଥନାଥ, ସର୍ବମଙ୍ଗଳକାରକ ।



ତେବେ ମହାପ୍ରଭୁ ଜଗନ୍ନାଥଙ୍କର ପ୍ରଥମ ପ୍ରତିଷ୍ଠାକର୍ତ୍ତା ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ସୂର୍ଯ୍ୟବଂଶର ରାଜା ଇନ୍ଦ୍ରଦ୍ୟୁମ୍ନ ଯିଏକି ଅବନ୍ତୀଦେଶର ରାଜା ଥିଲେ, ସେ ହିଁ ସତ୍ୟଯୁଗରେ ସର୍ବପ୍ରଥମେ ଜଗନ୍ନାଥଙ୍କର ଆବିର୍ଭାବ କରାଇଥିଲେ ବୋଲି ସ୍କନ୍ଧପୁରାଣରେ ବର୍ଣ୍ଣନା କରାଯାଇଛି । 'ଯସ୍ତୁ ସାକ୍ଷାତ ଜଗନ୍ନାଥଃ ଆବିର୍ଭୂତଃ କୃତେନ' (୨୧ ଅଧ୍ୟାୟ) । ସତ୍ୟଯୁଗରେ ପୌରାଣିକ ପୁରୁଷ ଜଗନ୍ନାଥଙ୍କର ପୂଜାବିଧି ଓ ପ୍ରସାର ପାଇଁ ଚେଷ୍ଟା କରାଯାଇଥିଲା । ତ୍ରେତୟା ଯୁଗରେ ଋଷିମାନଙ୍କ ଦ୍ୱାରା ପୂଜା ପାଉଥିଲେ । ପଦ୍ମପୁରାଣ ଅନୁସାରେ ରାଜା ରତ୍ନଗ୍ରୀବ ତ୍ରେତୟା ଯୁଗରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥିଲେ । ଗବେଷଣାରୁ ଜଣାପଡ଼ିଛି, ତତ୍‌କାଳୀନ ସମୟଖଣ୍ଡରେ ଯେଉଁ ରାଜା ଜଗନ୍ନାଥଙ୍କର ପୂଜାର ନିକଟତମ ବ୍ୟକ୍ତି ରୂପେ ଆସିଛନ୍ତି, ସେମାନେ ନିଜକୁ ଇନ୍ଦ୍ରଦ୍ୟୁମ୍ନ ବୋଲି ପରିଚୟ ଦେଇଛନ୍ତି । ଯାହା ମାଦଳାପାଞ୍ଜିର ଯଯାତିକେଶରୀଙ୍କ ଇତିହାସରୁ ସ୍ପଷ୍ଟ ହୋଇଥାଏ । କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ ଏହା ସମ୍ଭବତଃ ୧୫୬ କୋଟି ବର୍ଷ ତଳର କଥା ।

## ବିଭିନ୍ନ ଯୁଗବିଭାଜନରେ ଜଗନ୍ନାଥଙ୍କ ସ୍ଥିତି ଓ ଦର୍ଶନ

ପୁରାଣ ଶାସ୍ତ୍ର ଆଦିରେ ଜଗନ୍ନାଥ ସବୁ ଯୁଗରେ ଊଣାଅଧିକେ ପୂଜା ପାଉଥିଲେ । ତାଙ୍କର ସ୍ଥିତି ଥିଲା ଅକଳ୍ପନୀୟ । ଐତିହାସିକ ଦୃଷ୍ଟିରେ ଜଗନ୍ନାଥ ଥିଲେ ଯୂପମୟ । ପ୍ରାକ୍ ଗୁପ୍ତ କାଳରେ ସେ ଥିଲେ ପ୍ରତୀକ । ଉତ୍ତର ଗୁପ୍ତ କାଳରେ ସେ ଥିଲେ ପ୍ରଣବମୟ ରୂପ । ମହାଭାରତ କାଳରେ ସେ ଥିଲେ ଅନ୍ତର୍ବେଦୀ । ଗୁପ୍ତୋତ୍ତର କାଳରେ ସେ ଥିଲେ ତ୍ରିରତ୍ନ । ପ୍ରାଚୀନ ପୁରାଣ ସୟମରେ ସେ ଥିଲେ ପୁରୁଷୋତ୍ତମ । ଐତିହାସିକ ମାନଙ୍କ ମତରେ ସେ ଅବତାର ବା କୃଷ୍ଣ ଅଟନ୍ତି । ଜଗନ୍ନାଥ ହିଁ ଷୋଳ କଳାର ଏକ ଅଭିନ୍ନ ଅଙ୍ଗ । ବିଭିନ୍ନ ଶାସ୍ତ୍ର ପୁରାଣରେ ଷୋଳ କଳା ସଂପର୍କରେ ବର୍ଣ୍ଣା କରାଯାଇଛି । ଯେପରି, (୧) ନିବୃତ୍ତି (ସଂସାରରେ ରହି ସାଂସାରିକତାରୁ ମୁକ୍ତ ହେବାର କଳା) (୨) ପ୍ରତିଷ୍ଠା (ସତ୍‌ମାର୍ଗରେ ଯଶ ଅର୍ଜନ କରିବାର କଳା), (୩) ବିଦ୍ୟା (ନିଃସ୍ୱାର୍ଥପର ଭାବେ ଜନହିତକର କାର୍ଯ୍ୟ କରିବାର କଳା), (୪) ଶାନ୍ତି (ମନ ଓ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରଖି ସ୍ଥିରଚିତ୍ତରେ ରହିବାର କଳା), (୫) ଇନ୍ଧିକା (ନିଜ ଅନ୍ତଃଶକ୍ତିକୁ ସଂଗ୍ରହ କରିବାର କଳା), (୬) ଦୀପିକା (ଶକ୍ତିର ସତ ଓ ଉପଯୁକ୍ତ ପ୍ରୟୋଗର କଳା), (୭) ରେଚିକା (ନିଜ ଦୁଷ୍ଟ ପ୍ରବୃତ୍ତିକୁ ଚିହ୍ନି ତାହାକୁ ସ୍ୱୀକାର କରିବା ଏବଂ ପରିତ୍ୟାଗ କରିବାର କଳା), (୮) ମୋଚିକା (ମାୟା ଓ ମୋହରୁ ମୁକ୍ତି ହେବାର କଳା), (୯) ପରା (ନୂଆ ଦିଶା ଅଙ୍କନ ଓ ଭିନ୍ନ ଅମୃତ ଲକ୍ଷ୍ୟସ୍ଥାପନ କରିବାର କଳା), (୧୦) ସୂକ୍ଷ୍ମ (ସତ୍ୟ ସୂକ୍ଷ୍ମଗତ ବିଚାର କରିବାର କଳା), (୧୧) ସୂକ୍ଷ୍ମ ଅମୃତ (ଅମୃତତୂଲ୍ୟ କଥାର ପ୍ରୟୋଗ ଏବଂ ତାହାକୁ ଅମୃତ ପରି ବିସ୍ତରଣର କଳା), (୧୨) ଜ୍ଞାନ (ଠିକ୍ ଓ ଭୁଲ୍‌ର ପ୍ରଭେଦକୁ ବିଚାରକରି ବୁଝିବାର କଳା), (୧୩) ଜ୍ଞାନାମୃତ (ଜ୍ଞାନ ଅର୍ଜନ କରି ସୁପାତ୍ରରେ ବାଣ୍ଟିବାର କଳା), (୧୪) ବ୍ୟାପିନୀ (ସତ୍ୟକୁ ସର୍ବବ୍ୟାପୀ କରିବାର କଳା), (୧୫) ଆପ୍ୟାୟିନୀ (ନିଜ କର୍ମ ଦ୍ୱାରା ସମାଜ କଲ୍ୟାଣ କରିବାର କଳା), (୧୬) ବ୍ୟୋମରୂପା (ଆକାଶ ପରି ନିଜ ବିରାଟ ବ୍ୟକ୍ତିତ୍ୱର ପରିଚୟ ଦେବାର କଳା); ଏହି ତମାମ ଷୋଳକଳା ଶ୍ରୀଶ୍ରୀଜଗନ୍ନାଥଙ୍କ ଠାରେ ପରିଲକ୍ଷିତ ହୋଇଥାଏ ।

## ଚକ୍ରାପାଦରେ ରହସ୍ୟମୟ ଚଉବାହା

ଏହାର ଅର୍ଥ ଦାରୁ ରଥରେ ଦାରୁଦେବତା । ପ୍ରଭୁ ଜଗନ୍ନାଥସ୍ୱାମୀଙ୍କ ରଥଯାତ୍ରା କେବେ ଏବଂ କିପରି ପ୍ରାରମ୍ଭ ହୋଇଥିଲା, ସେ ସଂପର୍କରେ କେତେକେତେ କଥା ଓ କିମ୍ବଦନ୍ତୀ ଶୁଣିବାକୁ ମିଳେ । ବିଶେଷତଃ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସଂପର୍କରେ ଯେଉଁସବୁ କିମ୍ବଦନ୍ତୀ ତଥା ପ୍ରାମାଣିକ ତଥ୍ୟ ରହିଛି, ତାହା ଆଲୋଚନା ସାପେକ୍ଷ ।

(୧) **ପ୍ରଥମ ସତ୍ୟ:** ଯେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ସୁଭଦ୍ରାଙ୍କ ମୂର୍ତ୍ତି ସ୍ଥାପନା କଲେ ଠିକ୍ ସେହି ସମୟରେ ରାଣୀ ଗୁଣ୍ଡିଚା ଦାରୁ ଦେବତାଙ୍କୁ ଦର୍ଶନ ପାଇଁ ନିବେଦନ କଲେ, ଯେଉଁ ସମୟରେ କି ମୂର୍ତ୍ତିକାର ବିଶ୍ୱକର୍ମା ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ଥିଲେ । ମାତ୍ର ରାଣୀ ଗୁଣ୍ଡିଚାଙ୍କ ଜିଦ୍ ନିକଟରେ ଇନ୍ଦ୍ରଦ୍ୟୁମ୍ନ ନିଜକୁ ଅକ୍ତିଆର କରିପାରିଲେ ନାହିଁ । ଫଳରେ

ଶ୍ରୀମନ୍ଦିରର ଦ୍ୱାର ଖୋଲିଲା ମାତ୍ରେ ଅଧୁରା ମୂର୍ତ୍ତି ହିଁ ଦର୍ଶନ କଲେ । ଠିକ୍ ଏହି ସମୟରେ ଏକ ଆକାଶବାଣୀ ହେଲା । ଭଗବାନ ଜଗନ୍ନାଥ ବର୍ଷରେ ଥରୁଟିଏ ନିଜ ଜନ୍ମଭୂମି ମଥୁରା ନିଶ୍ଚୟ ଆସିବେ । ସ୍କନ୍ଦପୁରାଣର ଉତ୍କଳଖଣ୍ଡ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଆଷାଢ଼ ଶୁକ୍ଳ ୨ୟା ଦିବସରେ ପ୍ରଭୁଙ୍କର ତାଙ୍କ ଜନ୍ମଭୂମିକୁ ଯିବାପାଇଁ ବ୍ୟବସ୍ଥା କରିଥିଲେ । ସେହି ସମୟରୁ ରଥଯାତ୍ରାର ପରମ୍ପରା ଚାଲି ଆସୁଛି ବୋଲି ଅନେକ ବିଶ୍ୱାସ କରନ୍ତି ।

(୨) **ଦ୍ୱିତୀୟ ସତ୍ୟ :** ଏକଦା ଦେବୀ ସୁଭଦ୍ରା ଦ୍ୱାରକା ଦର୍ଶନ କରିବା ନିମିତ୍ତ ଇଚ୍ଛା ପ୍ରକାଶ କଲେ । ସେଥିପାଇଁ ଜଗନ୍ନାଥ ବଳରାମ ଏବଂ ସୁଭଦ୍ରାଙ୍କ ସହ ରଥରେ ବସି ଯାତ୍ରା କରିଥିଲେ । ତେବେ ଦେବୀ ସୁଭଦ୍ରାଙ୍କ ନଗରଯାତ୍ରାର ସ୍ମୃତି ଯୋଗୁଁ ଏହି ଯାତ୍ରା ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ହୋଇଥାଏ ବୋଲି ନାରଦପୁରାଣ, ପଦ୍ମପୁରାଣ, ସ୍କନ୍ଦପୁରାଣ ଏବଂ ବ୍ରହ୍ମପୁରାଣରେ ବର୍ଣ୍ଣନା କରାଯାଇଛି ।

(୩) **ତୃତୀୟ ସତ୍ୟ :** ଥରେ ରାଧାରାଣୀ କୁରୁକ୍ଷେତ୍ରରେ ଶ୍ରୀକୃଷ୍ଣଙ୍କୁ ଭେଟିବା ପାଇଁ ଆସି ପହଞ୍ଚିଥିଲେ ଏବଂ ତାଙ୍କୁ ବୃନ୍ଦାବନ ଆସିବାକୁ ନିମନ୍ତ୍ରଣ କରିଥିଲେ । ରାଧାରାଣୀଙ୍କର ଆମନ୍ତ୍ରଣକୁ ସେ ସ୍ୱୀକାର କରିଥିଲେ ଏବଂ ନିଜେ ଶ୍ରୀକୃଷ୍ଣ ବଳରାମ ଓ ଭଉଣୀ ସୁଭଦ୍ରାଙ୍କ ସହିତ ବୃନ୍ଦାବନରେ ପହଞ୍ଚିବା କ୍ଷଣି ରାଧାରାଣୀ, ଗୋପାଙ୍ଗନା ଏବଂ ବୃନ୍ଦାବନବାସୀ ଭକ୍ତିସତ୍ତାରେ ଲୀନ ହୋଇଗଲେ । ସେମାନଙ୍କୁ ତିନୋଟି ରଥରେ ବସାଇ ଘୋଡ଼ା ପରିବର୍ତ୍ତେ ନିଜେ ରଥକୁ ଟାଣି ବୃନ୍ଦାବନ ଭ୍ରମଣ କରାଇଲେ । ସେତେବେଳେ ବୃନ୍ଦାବନବାସୀ ତାଙ୍କୁ ଜଗତର ନାଥ ଜଗନ୍ନାଥ ବୋଲି କହି ଜୟଧ୍ୱନି ଦେଇଥିଲେ । ଏହି ପରମ୍ପରା ବୃନ୍ଦାବନ ବ୍ୟତୀତ ଶ୍ରୀକ୍ଷେତ୍ର ଧାମରେ ଅଦ୍ୟାବଧି ଚାଲି ଆସୁଅଛି ।

(୪) **ଚତୁର୍ଥ ସତ୍ୟ :** ପୁରାଣ କହେ 'ଚାରଣ' ପରମ୍ପରା ଅନୁସାରେ ଭଗବାନ ଦ୍ୱାରିକାଧୀଶଙ୍କ ସହିତ ବଳରାମ ଏବଂ ସୁଭଦ୍ରାଙ୍କୁ ସମୁଦ୍ରତଟରେ ଅଗ୍ନିଦାହ କରାଯାଇଥିଲା । କୁହାଯାଏ, ସେହି ସମୟରେ କୁଆଡ଼େ ଭୟଙ୍କର ତୋଫାନ ଆସିଥିଲା । ଫଳରେ ଦ୍ୱାରିକାଧୀଶଙ୍କ ଅର୍ଦ୍ଧଦଗ୍ଧ ଶରୀର ଭାସି ଭାସି ପୁରୀ ତଟ ବାଙ୍କିମୁହାଣରେ ଲାଗିଥିଲା । ପୁରୀର ରାଜା ଏହି ତିନୋଟି ଶବକୁ ଭିନ୍ନ ଭିନ୍ନ ରଥରେ ବିରାଜମାନ କରାଇ ରଥକୁ ଟାଣିଟାଣି ପୁରୀ ପର୍ଯ୍ୟନ୍ତ ଆଣିଥିଲେ ଏବଂ ଶ୍ରୀକ୍ଷେତ୍ର ପରିଭ୍ରମଣରେ ଯାଇଥିଲେ । ସେହି ଘଟଣାର ସ୍ମୃତି ଆଜି ବି ଜୀବିତ । ଏହା ଚାରଣ ପୁସ୍ତକରୁ ସ୍ପଷ୍ଟ ହୋଇଥାଏ ।

ଶ୍ରୀଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ସଂପର୍କରେ ନାନା ମୁନିଙ୍କର ନାନା ମତ ରହିଛି । ଏହା ସମଗ୍ର ବିଶ୍ୱର ସର୍ବପୁରାତନ ଘୋଷଯାତ୍ରା । ଐତିହାସିକ ଡ. କେ.ସି. ମିଶ୍ର, ଡ. ବେଣୀମାଧବ ପାଢ଼ୀ ଏବଂ ଡ. ହରେକୃଷ୍ଣ ମହତାବ ପ୍ରଭୃତି ଏହି ଯାତ୍ରା ସଂପର୍କରେ ଅଧିକ ଗବେଷଣା କରିଛନ୍ତି । ଏହାର ବାସ୍ତବ ତଥା ମୂଳତତ୍ତ୍ୱ ଉପରେ ସେମାନେ ଏକ ବାସ୍ତବଧର୍ମୀ ମତ ଦେଇଛନ୍ତି । ପ୍ରକୃତରେ ରଥଯାତ୍ରା ହେଉଛି ଅଛୁଆମାନଙ୍କୁ ଦର୍ଶନ କରିବାର ଏକ ମାଧ୍ୟମ । ଯେଉଁଠି ଦାସିଆ ବାଉରୀ ଏବଂ ସାଲବେଗଙ୍କ ଭଳି ଭକ୍ତ ପ୍ରତୀକ୍ଷା କରିଥାନ୍ତି ଜଗନ୍ନାଥଙ୍କ ଦର୍ଶନ ପାଇଁ । ସ୍କନ୍ଦ ପୁରାଣରେ ରଥଯାତ୍ରା ସଂପର୍କରେ ଅନେକ ତଥ୍ୟ ଦୃଷ୍ଟିସାମ୍ନାକୁ ଆସେ । ନିମ୍ନବର୍ଗର ଭକ୍ତମାନଙ୍କୁ ଦର୍ଶନ ଦେବା ନିମନ୍ତେ ଜଗନ୍ନାଥ ବର୍ଷରେ ଥରେ ବାହାରକୁ ଆସନ୍ତି । ତେବେ ପ୍ରଶ୍ନ ଉଠେ, ଏହି ନିମ୍ନବର୍ଗମାନେ କିଏ ? ହାଡ଼ି, ବାଉରୀ ପ୍ରଭୃତି ନୀଚଶ୍ରେଣୀର ହିନ୍ଦୁମାନେ, ଆଦିବାସୀ ତଥା ଅନ୍ୟାନ୍ୟ ଧର୍ମାବଲମ୍ବୀ ଯେଉଁମାନଙ୍କର ମନ୍ଦିର ଭିତରେ ପ୍ରବେଶ କରିବାର ଅଧିକାର ନଥିଲା, ସେଇମାନଙ୍କୁ ଦର୍ଶନ ଦେବା ଲାଗି ସତରେ କ'ଣ ଜଗନ୍ନାଥ ରଥରେ ବିଜେ କରିଥାନ୍ତି ? ଆଦିବାସୀମାନଙ୍କର ଦେଉଳରେ ପ୍ରବେଶ କରିବାର ଅଧିକାର ନଥିଲା ଏହା ସତ୍ୟ । ତେବେ, ଜଗନ୍ନାଥ ଶବର ଦେବତା ହେଲେ କିପରି ? ସଂପ୍ରତି ଦଇତାପତିମାନଙ୍କୁ ଶବର ବୋଲି କୁହାଯାଉଛି । ଅଷ୍ଟାଦଶ ଶତକର ଶିଶୁ କୃଷ୍ଣଦାସଙ୍କ ଦେଉଳତୋଳାରେ ଏକଥା ଉଲ୍ଲେଖ ରହିଛି । ମାତ୍ର ସ୍କନ୍ଦପୁରାଣରେ ଏ କଥାର ଉଲ୍ଲେଖ ନାହିଁ । ଯଦି ସମାଲୋଚନା ଦୃଷ୍ଟିର ବିଚାର କରାଯାଏ, ତେବେ ଏମାନଙ୍କର ନାମ, ସଂଜ୍ଞା, ଚଳଣୀ, ରୀତିନୀତି, ପୂଜା ପାର୍ବଣ, ପରମ୍ପରା ଦେଖିଲେ ଶବର ବୋଲି କହିହେବନାହିଁ । ତେବେ ଠାକୁରଙ୍କୁ ରତ୍ନସିଂହାସନ ଉପରେ ସେମାନଙ୍କର ପୂଜା କରିବାର ଅଧିକାର ନାହିଁ । କେବଳ ଅଣସର ଓ ରଥଯାତ୍ରା ସମୟରେ ସେମାନଙ୍କର ପୂଜାର ଅଧିକାର ରହିଛି । ପ୍ରଭୁହିଁ ତାହାକୁ ଗ୍ରହଣ କରିଥାନ୍ତି । ଏସବୁ ସତ୍ତ୍ୱେ ଦଇତାପତିମାନେ ପ୍ରକୃତରେ ଶବର କି ନା ତାହା ଆଜି ବି ଗବେଷଣାସାପେକ୍ଷ । ସେମାନଙ୍କୁ ଶବର ବୋଲି କହି ଜଗନ୍ନାଥଙ୍କୁ ଶବର ଦେବତା ବୋଲି କୁହାଯାଉଥିଲେ ମଧ୍ୟ ଶବରମାନଙ୍କୁ ମନ୍ଦିରବେଢ଼ାକୁ ପ୍ରବେଶ ନକରେଇବା ଏକ ରହସ୍ୟମୟ ଅଧ୍ୟାୟ ।

କେତେକ ଆଲୋଚକ ମତ ଦେଇ କହିଛନ୍ତି ଯେ, ଦ୍ୱାଦଶ ଶତାବ୍ଦୀରେ ଚଳମାନ ସମୟର ଜଗନ୍ନାଥ



ମନ୍ଦିର ନିର୍ମିତ ହୋଇଥିଲା । ଅନଙ୍ଗଭୀମଦେବ ଛତିଶାନିଯୋଗ ଓଡ଼ିଶାର ଛତିଶି ପାଟକ (ଜାତି)କୁ ନେଇ ଗଠନ କରିଥିଲେ । ତନ୍ମଧ୍ୟରୁ ଦଇତା ମଧ୍ୟ ସେବାକାରୀ ଭାବରେ ନିଯୁକ୍ତି ପାଇଲେ । ଗଙ୍ଗରାଜାମାନେ ବୈଷ୍ଣବ ଥିବାରୁ ଜଗନ୍ନାଥଙ୍କୁ ବିଷ୍ଣୁଦେବତା ଭାବରେ ମଧ୍ୟ ଗ୍ରହଣ କରାଗଲା । ଫଳରେ ସେହିଦିନଠାରୁ ବ୍ରାହ୍ମଣମାନେ ସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୂଜା କରିବାର ଅବସର ପାଇଲେ । ଜଗନ୍ନାଥଙ୍କୁ ଅନେକ ଗବେଷକ ଜାତି, ଗୋତ୍ର, ବର୍ଗ, ପରମ୍ପରା ଓ ସଂପ୍ରଦାୟ ଠାରୁ ଊର୍ଦ୍ଧ୍ୱରେ ରଖନ୍ତି । ସେ ହିଁ କୃଷ୍ଣ, ସେ ହିଁ ନାରାୟଣ, ସେ ହିଁ ନରସିଂହ, ସେ ହିଁ ଭୈରବ । ସେଇଥିପାଇଁ ତ ସର୍ବଧର୍ମ ସମନ୍ୱୟର ମହାନ୍ ଦେବତା ଭାବେ ଜଗନ୍ନାଥଙ୍କୁ କଳ୍ପନା କରାଯାଇଛି ।

## ଘୋଷଯାତ୍ରା ଏବଂ ତ୍ରିରଥର ବିଶେଷତ୍ୱ

ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ଅନୁଯାୟୀ ଶ୍ରୀଗୁଣ୍ଡିଚା ଯାତ୍ରା ବେଶ୍ ଅନନ୍ୟ ଓ ଚିତ୍ତାକର୍ଷକ । ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥି ମହାପ୍ରଭୁ ଜଗନ୍ନାଥ, ଜ୍ୟେଷ୍ଠଭ୍ରାତା ବଳଭଦ୍ର ଏବଂ ଭଗିନୀ ସୁଭଦ୍ରା ଏବଂ ସୁଦର୍ଶନଙ୍କ ଗହଣରେ ରଥାରୁଢ଼ ହୋଇ ଆଡ଼ପମଣ୍ଡପ ଆଡ଼କୁ ଯାତ୍ରା କରିଥାନ୍ତି । ଏହାକୁ କୁହାଯାଇପାରେ ପତିତପାବନ ଯାତ୍ରା । କୁହାଯାଇପାରେ ଅନ୍ତର୍ବେଦୀ ଯାତ୍ରା, କୁହାଯାଇପାରେ ଗୁଣ୍ଡିଚା ଯାତ୍ରା, ଆଡ଼ପ ଯାତ୍ରା, ଦଶାବତାର ଯାତ୍ରା, ମହାଦେବୀ ଉତ୍ସବ, ଚକ୍ରପାଦ ଯାତ୍ରା, ନବଦିନ ଯାତ୍ରା, ଘୋଷଯାତ୍ରା । ଜଗନ୍ନାଥଙ୍କର ମହିମା ଯେପରି ରହସ୍ୟାବୃତ୍ତ, ବିସ୍ମୟକର ଠିକ୍ ସେହିଭଳି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମଧ୍ୟ ଏକ ବିସ୍ମୟକର । ଅକ୍ଷୟତୃତୀୟା ଠାରୁ ଆଷାଢ଼ ଶୁକ୍ଳ ଦ୍ୱିତୀୟ ପର୍ଯ୍ୟନ୍ତ ଅଣଷଠି ଦିନରେ କୌଳିକ ସେବାକାରୀ ମହାରଣା ଏବଂ ଭୋଇସେବକଙ୍କ ଦ୍ୱାରା ମନ୍ଦିରାକୃତି ରଥ ନିର୍ମାଣ କରାଯାଇଥାଏ । ଏହି ରଥଯାତ୍ରା ବା ଘୋଷଯାତ୍ରା ସୃଷ୍ଟି ସଂପର୍କରେ ଗବେଷକ ଡ. ସତ୍ୟନାରାୟଣ ରାଜଗୁରୁ କହିଛନ୍ତି ୧୨୩୦ ଖ୍ରୀଷ୍ଟାବ୍ଦରୁ ଏହା ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି । ଚୀନ୍ ପରିବ୍ରାଜକ ଫାହିୟାନ୍‌ଙ୍କ ଗ୍ରନ୍ଥରୁ ସୂଚନା ମିଳିଥାଏ ଯେ ପଞ୍ଚମ ଶତାବ୍ଦୀରେ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତିକୁ ରଥରେ ବସାଇ ରଥଯାତ୍ରା କରାଯାଉଥିଲା । ୟୁରୋପର ସିସିଲ୍ ଦ୍ୱୀପରେ ଭାଦ୍ରବମାସର ପ୍ରଥମ ଭାଗରେ ରଥଯାତ୍ରା କରାଯାଉଥିଲା । ଲାଙ୍ଗୁଳା ନରସିଂହ ଦେବ ୧୩ଶହ ଶତାବ୍ଦୀରେ କୋଣାର୍କ ମନ୍ଦିରକୁ ରଥାକୃତି ରୂପ ଦେଇଥିବାରୁ ସମ୍ଭବତଃ ସେତେବେଳକୁ ଓଡ଼ିଶାରେ ରଥଯାତ୍ରା ହେଉଥିବା କଥା ସ୍ୱୀକାର କରାଯାଇପାରେ । ଏତଦ୍‌ବ୍ୟତୀତ ମହାଭାରତରେ ମଧ୍ୟ ରଥର ବର୍ଣ୍ଣନା ରହିଛି ।

ଓଡ଼ିଶା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତିନିରଥ ନିର୍ମାଣ ଶିଳ୍ପ, ଶାସ୍ତ୍ରୀୟ ପଦ୍ଧତି ଦ୍ୱାରା କରାଯାଇଥାଏ । ତେବେ ନବକଳେବର ବର୍ଷମାନଙ୍କରେ ସେବକମାନେ ନିମ୍ବକା ଠରେ ସତେଇଶ ଗୋଟି ପାର୍ଶ୍ୱ ଦେବାଦେବୀଙ୍କର ବିଗ୍ରହ ନିର୍ମାଣ କରିଥାନ୍ତି । ଜଗନ୍ନାଥଙ୍କ ରଥକୁ ନନ୍ଦିଘୋଷ ରଥ କୁହାଯାଏ । ଯାହାର ଉଚ୍ଚତା ୩୩ ହାତ ୫ ଆଙ୍ଗୁଳି (୪୫ଫୁଟ ୬ଇଞ୍ଚ) । କାଠର ସଂଖ୍ୟା – ୭୪୨ । ରଥର ଚକ ଷୋହଳ ।  ପ୍ରତ୍ୟେକ ଚକର ଉଚ୍ଚତା – ୬ଫୁଟ୍ । ରଥରକ୍ଷକ ଗରୁଡ଼ । ଧ୍ୱଜାପତି ହନୁମାନ । ରଥର ଶକ୍ତି – ମା' ବିମଳା ଓ ବିରଜା । ଚାରି ଅଶ୍ୱର ନାମ – ଶଙ୍ଖ, ବଳାହକ, ଶ୍ୱେତ, ହରିଦଶ୍ୱ । ସାରଥି– ଦାରୁକ । ରଥର ଦଉଡ଼ି – ଶଙ୍ଖଚୂଡ଼ । ରଥଦେବୀ – ଯୋଗମାୟା । ନେତର ନାମ – ତ୍ରୈଲୋକ୍ୟମୋହିନୀ । ଦ୍ୱାରପାଳ – ଜୟ ବିଜୟ । ପାର୍ଶ୍ୱ ନବଦେବତା – ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣକାରୀ, ଚିନ୍ତାମଣି, ରାଘବ ଓ ନୃସିଂହ । ରଥାବରଣ – ରକ୍ତପୀତ । ପତାକା – ଗରୁଡ଼ ଚିହ୍ନାଙ୍କିତ । ଧ୍ୱଜପମୂର୍ତ୍ତି – ପଞ୍ଚମୁଖୀ ହନୁମାନ ।

ବଳଭଦ୍ରଙ୍କର ରଥକୁ ତାଳଧ୍ୱଜ ବା ଲଙ୍ଗଳଧ୍ୱଜ ବୋଲି କୁହାଯାଏ । ସେହି ରଥର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳି (୪୫ ଫୁଟ) । କାଠର ସଂଖ୍ୟା – ୭୩୧ । ଚକର ସଂଖ୍ୟା – ୧୪ । ପ୍ରତ୍ୟେକ ଚକର ଉଚ୍ଚତା – ୬ଫୁଟ୍ ୭ ଇଞ୍ଚ । ରକ୍ଷକ – ବାସୁଦେବ । ରଥାବରଣ – ରକ୍ତନୀଳ । ପାର୍ଶ୍ୱଦେବତା – ପ୍ରଣମ୍ବରୀ, ଜଦାନ୍ତକାରୀ, ହରିହର, ତ୍ର୍ୟମ୍ବକ, ବାସୁଦେବ, ନାଟମ୍ବାର, ଅଘୋର, ତ୍ରିପୁରା ଶିବ । ସାରଥୀ – ମାତଳି । ୪ଟି ଅଶ୍ୱର ନାମ – ତୀବ୍ର, ଘୋର, ଦୀର୍ଘଶ୍ରମ ଓ ସ୍ୱର୍ଣ୍ଣନାଭ । ଦ୍ୱାରପାଳ – ନନ୍ଦ ଓ ସନନ୍ଦ । ନେତର ନାମ – ଉନ୍ନତି ।

ଦେବୀ ସୁଭଦ୍ରାଙ୍କ ରଥର ନାମ ଦର୍ପଦଳନ । ଏହି ରଥର ଉଚ୍ଚତା ୩୧ ହାତ (୪୪ଫୁଟ ୬ ଇଞ୍ଚ) । କାଠର ସଂଖ୍ୟା – ୭୧୧ । ଚକର ସଂଖ୍ୟା – ୧୨ । ପ୍ରତ୍ୟେକ ଚକର ଉଚ୍ଚତା – ୬ଫୁଟ୍ ୮ ଇଞ୍ଚ । ସାରଥି – ଅର୍ଜୁନ । ଦଉଡ଼ି – ସ୍ୱର୍ଣ୍ଣଚୂଡ଼ । ରକ୍ଷକ – ଜୟଦୁର୍ଗା । ଧ୍ୱଜାଧିପତି – ତ୍ରିପୁରା ସୁନ୍ଦରୀ । ପାର୍ଶ୍ୱଦେବତା – ବିମଳା, ଚାମଣ୍ଡା, ଭଦ୍ରକାଳୀ, ମଙ୍ଗଳା, ହରଚଣ୍ଡିକା, ବାରାହୀ, କାତ୍ୟାୟିନୀ, ଜୟଦୁର୍ଗା ଓ କାଳୀ । ରଥରକ୍ଷକ – ଉଗ୍ରଚଣ୍ଡୀ । ୪ଟି ଅଶ୍ୱର ନାମ – ରୋଚିକା, ମୋଚିକା, ଜିତା ଓ ଅପରାଜିତା । ଦ୍ୱାରପାଳ – ଗଙ୍ଗା ଓ ଯମୁନା । ନେତର ନାମ – ନାଦାମ୍ବିକା ।

ଆର୍ଯ୍ୟଭୂମି ଭାରତବର୍ଷ ତମାମ୍ ବିଶ୍ୱରେ ଗୋଟିଏ ପ୍ରାଚୀନ ଦେଶ । ଏହାର ସଭ୍ୟତା ଏବଂ ସଂସ୍କୃତି ମଧ୍ୟ ବେଶ୍ ଅନନ୍ୟ । ଶ୍ରୀ ଶ୍ରୀଜଗନ୍ନାଥଙ୍କ ପାଇଁ ଓଡ଼ିଶା ଦେଶ ବିଦେଶରେ ଖ୍ୟାତ । ଜଗନ୍ନାଥଙ୍କୁ କେନ୍ଦ୍ର କରି ବିଭିନ୍ନ ଓଷା, ପର୍ବପର୍ବାଣୀ ବ୍ରତ ପାଳନ କରାଯାଇଥାଏ । ଶ୍ରୀକ୍ଷେତ୍ରରେ ରଥଯାତ୍ରା ପୃଥିବୀପ୍ରସିଦ୍ଧ । (ଆଷାଢ଼ସ୍ୟା ମଳେ  ପକ୍ଷେ / ଦ୍ୱିତୀୟା ପୁଷ୍ୟା ସଂଯୁତେ / ଚରାଚର ଓ ହତାର୍ଥାୟ / ଘୋଷଯାତ୍ରା ବିଦ୍ୟତେ । (ଇନ୍ଦ୍ରନୀଳ ପୁରାଣ))

ଏହିଯାତ୍ରା କେବେଠୁ ଆରମ୍ଭ ହୋଇଛି, ଯଦିଓ ତାହା ଆଜି ଚର୍ଚ୍ଚାର ବିଷୟ, ତଥାପି ଏହି ଯାତ୍ରା ମହାମିଳନର ପର୍ବ । ସଂପର୍କର ପର୍ବ । ଅପାର୍ଥିବ ପ୍ରେମର ପର୍ବ । ରଥାରୁଢ଼ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଦେଶବିଦେଶରୁ ବହୁ ଭକ୍ତ ସମବେତ ହୋଇଥାନ୍ତି ପୁରୀର ବଡ଼ଦାଣ୍ଡରେ । ଜଗନ୍ନାଥଙ୍କର ଜୟଧ୍ୱନୀରେ ପ୍ରକମ୍ପିତ ହୋଇଉଠେ ଶ୍ରୀକ୍ଷେତ୍ର । ଜଗନ୍ନାଥଙ୍କର ବହୁ ମୁସଲମାନ ଭକ୍ତ ଥିଲେ ବୋଲି ପୌରାଣିକ ତଥ୍ୟ ମିଳିଥାଏ । ସାଲବେଗ, ସେଖ୍ ଅମିନୂଲ୍ ଇସ୍‌ଲାମ, କାଜି ନଜରୁଲ୍ ଇସ୍‌ଲାମ୍, ପୀରବାବା ଏକ୍ରାମ୍ ଆଦି ଜଗନ୍ନାଥଙ୍କର ଥିଲେ ପରମଭକ୍ତ ।

ଏହି ରଥଯାତ୍ରା କେବଳ ଓଡ଼ିଶା ମାଟିରେ ନୁହେଁ, ଭାରତବର୍ଷର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ହୋଇଆସୁଛି । ଏହା ଏଭଳି ପ୍ରଚାର ପ୍ରସାର ଲାଭ କରିଛି ଯେ, ବିଦେଶ ମାଟିରେ ମଧ୍ୟ ଜଗନ୍ନାଥଙ୍କର କୀର୍ତ୍ତିର କୀର୍ତ୍ତନ ଶୁଣିବାକୁ ମିଳୁଛି । ଆମେରିକାର ପ୍ରାୟ ପ୍ରତିଟି ସହରରେ, ଜର୍ମାନୀର ବର୍ଲିନ୍ ନଗର, ଲଣ୍ଡନ, ପ୍ୟାରିସ୍ ମହାନଗର, ଶ୍ରୀଲଙ୍କାରେ କଲମ୍ବୋ, ନେପାଳ ଏବଂ ମରିସସ୍‌ର ଶୀଳେ ଠାରେ ରଥଯାତ୍ରାର ଆୟୋଜନ କରାଯାଉଛି । ଠିକ୍ ସେହିପରି ସୋଭିଏତ୍ ରୁଷ୍‌ର ଇସ୍କନ୍ ସଂସ୍ଥା ପକ୍ଷରୁ ରଥଯାତ୍ରା ପାଳନ କରାଯାଏ । ଲକ୍ଷ ଲକ୍ଷ ଭକ୍ତ ଜଗନ୍ନାଥଙ୍କ ପ୍ରତି ଭକ୍ତିନୈବେଦ୍ୟ ବାଢୁଛନ୍ତି । ଏତଦ୍‌ବ୍ୟତୀତ ପୂର୍ବଭାରତୀୟ ଦ୍ୱୀପପୁଞ୍ଜ, ଆଫ୍ରିକୀୟ କଂଗୋ ସହରରେ ଜଗନ୍ନାଥଙ୍କୁ ପୂଜା କରାଯାଉଛି । ଜଗନ୍ନାଥଙ୍କ ପାଇଁ ହିଁ ତମାମ ବିଶ୍ୱରେ ଗଢ଼ିଉଠିଛି ଆଧ୍ୟାତ୍ମିକ ସଂପର୍କ, ସାହିତ୍ୟିକ ସଂପର୍କ ଏବଂ ପୁଣି ଇତିହାସର ସଂପର୍କ । କପିଳସଂହିତାରେ ଉଲ୍ଲେଖ ଅଛି ରଥାରୁଢ଼ ଜଗନ୍ନାଥଙ୍କୁ ଥରେ ଦର୍ଶନ କଲେ ପୂନର୍ଜନ୍ମ ହୁଏନାହିଁ । ତେବେ ସେ ହେଉଛନ୍ତି ଜଗତର ନାଥ, ଦରିଦ୍ରର ନାଥ,  ସେ ହେଉଛନ୍ତି ରହସ୍ୟମୟ । ଅନ୍ତରରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ତାଙ୍କର ଦୀପ୍ତି, ତାଙ୍କର ବ୍ୟାପ୍ତି । ଭୂମିରୁ ଭୂମା ପର୍ଯ୍ୟନ୍ତ ତାଙ୍କର ସତ୍ତା । ସେଇଥିପାଇଁ ତ ସେ ଚଉବାହା । ତେଣୁ ଚକ୍ରପାଦରେ ଏହି ରହସ୍ୟମୟ ଚଉବାହାଙ୍କର ଘୋଷଯାତ୍ରା ନିଶ୍ଚୟ ଏକ ଆଶ୍ଚର୍ଯ୍ୟ ।

**ସହାୟକ ଗ୍ରନ୍ଥସୂଚୀ :**


୧) ଶ୍ରୀମନ୍ଦିର ଅଭିଲେଖାମାଳା, ପ୍ରକାଶନ – ୨୦୦୫
୨) ଶ୍ରୀଜଗନ୍ନାଥଙ୍କ ରତ୍ନସିଂହାସନ (ପ୍ରବନ୍ଧ), ଡ. ସତ୍ୟନାରାୟଣ ରାଜଗୁରୁ
୩) ମାଦଳା ପାଞ୍ଜି (ସଂ.), ଆର୍ତ୍ତବଲ୍ଲଭ ମହାନ୍ତି
୪) ସ୍କନ୍ଧପୁରାଣ, ଉତ୍କଳଖଣ୍ଡ, ସପ୍ତମ ଅଧ୍ୟାୟ
୫) ସାରଳାଦାସଙ୍କ ମହାଭାରତ, ଧର୍ମପର୍ବ
୬) ଉତ୍କଳ ପ୍ରସଙ୍ଗ, ରଥସଂଖ୍ୟା, ୨୦୧୪, ୨୦୧୫
୭) ଦାରୁଦେବତା, ଡ. ବେଣୀମାଧବ ପାଢ଼ୀ

PVC HDPE Pipes & Fittings

OHM PIPES PVT. LTD.




"An ISO 9001-2015 Certified Company"

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

ପ୍ରସଙ୍ଗ-୭

# ବଜାରର ନାଁ ଆନନ୍ଦ



# ଆନନ୍ଦର ବଜାର : ଆନନ୍ଦ ବଜାର


## ଲୋପାମୁଦ୍ରା ପରିଡ଼ା

ଏ-୧୧୩, ଶୁଭଦୟା ଲକ୍ଷ୍ମୁରିଆ ଆପାର୍ଟମେଣ୍ଟ,
ପାନାଥୁର ମେନ୍ ରୋଡ୍, ସରକାରୀ ସ୍କୁଲ
ପାଖ,ବାଙ୍ଗାଲୋର-୫୬୦୦୮୭
ଫୋନ: ୯୭୩୧୦୫୭୦୧୪


ଫଟୋ ସୌଜନ୍ୟ : ଗୁଗୁଲ୍

**ବଜାର କହିଲେ ବିପଣୀ ମାଳ ଯୋଉଠି ମୁଦ୍ରା ବିନିମୟରେ ବସ୍ତୁ କିଣାବିକା ହୁଏ । ହେଲେ ଇଏ ଏମିତି ଏକ ବଜାର ଯୋଉଠି ପ୍ରାପ୍ତି ହବା ଚିଜ ବଡ ଦୁର୍ମୂଲ୍ୟ । ଅତୀବ ଦୁର୍ଲଭ । ହେଲେ ମୂଲ୍ୟ ଭରିବେ ଆପଣ କେବଳ ପ୍ରେମ ଓ ଭକ୍ତି ପ୍ରତି ବଦଳେ । ତାହା ଦେଇ ଯାହା ପାଇବେ ନା, ତାହା ପରା ଦେବଗଣଙ୍କୁ ବି ଅପୂର୍ବ । କି' ଅମୃତମୟ କଥା ସତେ ଆହାଃ ! ସେ ଏକ ଅପୂର୍ବ ବଜାର । ଯାହାର ନାଁ ଆନନ୍ଦ ବଜାର । ଯେଉଁଠି ମନ ଓ ପ୍ରାଣ ଆନନ୍ଦରେ ଭରିଯାଏ ।**



ଲେଖିକା ଲୋପାମୁଦ୍ରା ପରିଡ଼ା

ଜୟ ଜଗନ୍ନାଥ
ଜୟ ଜଗନ୍ନାଥ
ଜୟ ଜଗନ୍ନାଥ

ଆଜ୍ଞା, ବଜାର କହିଲେ ବିପଣୀ ମାଳ ଯୋଉଠି ମୁଦ୍ରା ବିନିମୟରେ ବସ୍ତୁ ଲାଭ ହୁଏ । ହେଲେ ମାଲିକେ ! ଇଏ ଏମିତି ବଜାର ଯୋଉଠି ପ୍ରାପ୍ତି ହବା ଚିଜ ବଡ ଦୁର୍ମୂଲ୍ୟ । ଅତୀବ ଦୁର୍ଲଭ । ହେଲେ ମୂଲ୍ୟ ଭରିବେ ଆପଣ କେବଳ ପ୍ରେମ ଓ ଭକ୍ତି ପ୍ରତିବଦଳେ ।

ତାହା ଦେଇ ଯାହା ପାଇବେ ନା, ତାହା ପରା ଦେବଗଣଙ୍କୁ ବି ଅପୂର୍ବ । କି' ଅମୃତମୟ କଥା ସତେ ଆହାଃ !

ଯୋଉ ଚିଜ ଟିକକ ଲଭିବା ପାଇଁ ଆପଣେ ଦେଖିଥିବେ ସହସ୍ର ଯୋଗୀ, ଋଷି ଅନନ୍ତ କାଳ ଯାଏ ଗୁମ୍ଫା, ବରଫ, ବନଅରଣ୍ୟ ଭିତରେ ଏକଗୋଡିକିଆ ଠିଆ ହେଇ ତପମଗ୍ନ ରହନ୍ତି ସେହି ଅଦ୍ୱିତୀୟ ଚିଜଟି ଏଇ ଠିକଣା ବଜାରରେ ଉପଲବ୍ଧ ହୁଏ । ଜିନିଷଟା କଣ ? ଖାଣ୍ଟି ଗୁଆଘିଅ ମାର୍କା ଆନନ୍ଦ, ମୋକ୍ଷ, ମୁକ୍ତିଲାଭ ସଶରୀରେ । ଅଲଭ୍ୟ ଲଭ୍ୟତେ ଭୂକୋଳେ । ସାଲୋକ୍ୟ, ସାରୂପ୍ୟ, ସାୟୁଜ୍ୟ, ସାନିଧ୍ୟ ସମସ୍ତ ମୁକ୍ତିର ପ୍ରାପ୍ତି ମାତ୍ର କଣିକାଏରେ । ତନ-ମନ, ଚେତନ-ଅବଚେତନ ସହ ଉଦର ସବୁ ଶାନ୍ତି ଆଜ୍ଞା ଏଇ ଗୋଟିଏ ଠା' । ପୃଥିବୀର ଏକମାତ୍ର ଏବଂ ସବୁଠାରୁ ବଡ ଭୋଜନାଳୟ 'ଆନନ୍ଦ ବଜାର', ଯେତେ ଲୋକ ଆସନ୍ତୁ, ଯେତେ ଗହଳି ହଉ କେହି ଅଭୁକ୍ତ ଫେରିବେନି । ଭାଗ୍ୟ ନେଇ ପ୍ରାପ୍ତ କଣିକାଏ ହେଉ କି ଭୁରି ଭୋଜନ ଅନ୍ନବ୍ରହ୍ମ ତୃପ୍ତଆନନ୍ଦ କରାଇବେ ।

ଆନନ୍ଦ ବଜାର ମହାପ୍ରଭୁଙ୍କର ଶ୍ରୀମନ୍ଦିରର ଏକ ଅଭିନ୍ନ ଅଙ୍ଗ ଯାହା ବାହାର ବେଢା ଅର୍ଥାତ କୂର୍ମ ବେଢ଼ା ପରେ । କିନ୍ତୁ ମେଘନାଦ ପାଚେରୀ ଭିତରେ ସିଂହ ଦରଜାର ଉତ୍ତର ପୂର୍ବ କୋଣରେ ରହିଛି । ବାସ୍ତୁ ସିଦ୍ଧାନ୍ତ ଅନୁଯାୟୀ ଘରର ଦକ୍ଷିଣରେ ରୋଷଘର ଓ ଉତ୍ତରପଟରେ ଖାଇବା ଘର ରହିବା କଥା ଯାହା ପରଷିବା ମଣିଷକୁ ଆନନ୍ଦ, ଖାଇବା ମଣିଷକୁ ଆନନ୍ଦ, ରାନ୍ଧଣା କରିଥିବା ରାନ୍ଧୁଣିଆକୁ ବି ଆନନ୍ଦ ପ୍ରଦାନ କରିଥାଏ । ଦିଅଁଙ୍କ ଦେଉଳରେ ସବୁ ସଜଡା ।

ବଡ଼ଦେଉଳର କାଗଜ ପତ୍ର ବଡ ଠାକୁରଙ୍କ ନାଁରେ । ମନ୍ଦିର ଶ୍ରୀ ତଥା ମହାଲକ୍ଷ୍ମୀ ସାଆନ୍ତାଣୀଙ୍କ ମାଲିକାନାରେ, ହେଲେ ନାଁ ଡାକ 'କାଳିଆର' । କାଳିଆ ଆମର ଖାଇବା ଠାକୁର । ଚାରିଧାମ ମଧ୍ୟରୁ ଶ୍ରୀ ବଦ୍ରିନାରାୟଣ ଛ ମାସ କାଳ ଶୋଇବେ ଆଉ ଛ ମାସ ଦର୍ଶନ, ଶ୍ରୀ ଦ୍ୱାରକାଧିଶ ରାଜପରିପାଟିରେ ସୁଶୋଭିତ ହେବେ ବାରମାସ ଯାକ, ଶ୍ରୀ ରାମେଶ୍ୱରମ୍‌ରେ ଠାକୁରେ ନିତି ଗାଧୋଇବେ । ହେଲେ ଏଠି ଆମ ମାଲିକେ ପ୍ରତିଦିନ ଛପନପଉଟି ଭୋଗ ଭୁଞ୍ଜି ଭୁଞ୍ଜାଇବେ । ଯେତେ ଥର ଠା'ପିଢା ଲାଗି ହେବେ ଲୁଗା ବଦଳେଇବେ,ନୂଆ ସାଜସଜ ପିନ୍ଧିବେ । ରଜାଠାକୁର । ରାଜକୀୟ ଠାଣିମାଣି । ମନ ଖୋଲା । ହୃଦୟ ଆହୁରି ଖୋଲା । ଦି' ବାହୁ ଖୋଲି ଜଗତ ଯାକ ଲୋକଙ୍କୁ ଡୋରି ଲଗେଇ ଦଉଛି ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥ ବୋଲାଉଛି । ମାଦଳା ପାଞ୍ଜି ଅନୁସାରେ ୧୯୧୦ ମସିହା ବେଳକୁ ମୋଟ ୪୩୫ପ୍ରକାର ଭୋଗ ଥିଲା ଯାହା କମି କମି ବର୍ତ୍ତମାନରେ ଶହେ ପଚାଶ ପାଖାପାଖି ପ୍ରକାରରେ ପହଞ୍ଚିଛି । ସେଥିରୁ ପୁଣି ମୋଟା, ସରୁ, ପତଳା, ସାନ, ବଡ ଆଦି ପ୍ରକାର ବାଦେ ମୁଖ୍ୟ ପ୍ରକାରେ ଛପନ ହିଁ ରହିଛି ।

ସେଇ ଶ୍ରୀମନ୍ଦିର ସ୍ୱତ୍ୱଲିପି (The Puri shree Jagannath Temple Administration Act , Records of Rights , part ୨) ଅନୁସାରେ ପ୍ଲଟ୍ ନମ୍ବର ୧୫୬ରେ ଆନନ୍ଦ ବଜାର । ତା ପୂର୍ବ ପ୍ଲଟ୍‌ଟି ସରକାରୀ ପସରା ପ୍ଲଟ୍ ନମ୍ବର ୧୫୪ ଯେଉଁଠାରେ ରଜା ପସରା, ରାଣୀ ପସରା, ଜେନାମଣି ପସରା ସହ କୋଠଭୋଗ ଏବଂ ଠାକୁରଙ୍କର ସ୍ୱତନ୍ତ୍ର ଭୋଗ ରାଜ ସୁପରିନ୍‌ଟେଣ୍ଡେଣ୍ଟଙ୍କ ଦ୍ୱାରା ନିଯୁକ୍ତ ସେବକ ହିଁ ବିକ୍ରି କରିବାର ବ୍ୟବସ୍ଥା ରହିଥିଲା । ସେଥିରୁ କୋଠ ଭୋଗ ଓ ସ୍ୱତନ୍ତ୍ର ଭୋଗ ଯାହାର ବିକ୍ରି ମୂଲ୍ୟ ମନ୍ଦିରକୁ ପ୍ରାପ୍ୟ । ମଣ୍ଡପ ଠାରୁ ସରକାରୀ ପସରା ଯାଏ ଥିବା ଖୋଲା ସ୍ଥାନରେ ସୁଆର, ମହାସୁଆର ବିନା ମାହାସୁଲରେ ବିକ୍ରି କରିପାରନ୍ତି । ସେମାନଙ୍କୁ ଦୈନିକ ଖଜଣା ଭରିବାକୁ ପଡେ । ପୂର୍ବେ ଏହିଠାରେ 'ତୁଣିଆ ମାହାଲ' ନିଲାମ ଡକା ହେଉଥିଲା । ଭିତର ଦ୍ୱାର ବାମ ତରଫ ସ୍ଥାନରେ ସୁଆର ଓ ମହାସୁଆର ନିଯୋଗ ଓ ଦକ୍ଷିଣ ତରଫରେ ପଣ୍ଡା ନିଯୋଗ ଓ ପୁଷ୍ପାଳକ ନିଯୋଗ ବିକ୍ରି ଅନୁମତି ପ୍ରାପ୍ତ ଅଟନ୍ତି । ଉଭୟ ମଧ୍ୟରେ ଖଣ୍ଡେ ସଧକାରୀ ସ୍ଥାନ ରହିଛି । କୋଠ ଭୋଗର ଏବେ ଆମ ସାହି (ବାଲିସାହି) ଆପଟ ଘର ଦାୟିତ୍ୱରେ ସୁନିଆଁ, ପୁଷ୍ପାଭିଷେକ ଆଦିରେ ପର୍ବମାନଙ୍କରେ ମହାପ୍ରସାଦ ପହଞ୍ଚା ବିଜେ କରେଇବା ରହିଛି । ଏହା ରତ୍ନ ବେଦୀ ନିକଟରେ ଷୋଡଶ ଉପଚାର ବିଧିରେ ଭୋଗ

ଲାଗେ । ଆନନ୍ଦ ବଜାର ଭିତରକୁ ଯିବାକୁ ଦିପଟେ ବାଟ । ପାଟ ଅଗଣାରୁ ଏବଂ ବାଇଶି ପାହାଚରୁ । ଏବେ ପାଟ ଅଗଣା ପଟ ତୋରଣ ଦେଇ ଭକ୍ତ ଯା ଆସ କରୁଛନ୍ତି । ବାଇଶି ପାହାଚ ପଟଟି ତାଲା ଦିଆ ହେଇ ରହୁଛି । ସରକାରଙ୍କର ନଥିକରଣ, ସୌନ୍ଦର୍ଯ୍ୟକରଣ ଆଦି ନେଇ ବାଇଶି ପାହାଚ ପଟକୁ ଥିବା କେତୋଟି ସାନ ଦୋକାନଙ୍କୁ ଉଚ୍ଛେଦ କରାଯାଇଛି । ଆନନ୍ଦ ବଜାର ଭିତରେ କେବଳ ଅବଢା ତଥା ଶୁଖିଲା ମହାପ୍ରସାଦ ବିକ୍ରି ଓ ଭୋଜନ ବ୍ୟବସ୍ଥା ରହିଛି । ହାତ ଧୋଇବା ଓ ପିଇବା ପାଣି ବ୍ୟବସ୍ଥା କରାଯାଇଛି । ନୂତନଜଗତି ସବୁ ଉପରେ ଭକ୍ତଜନ ସାନନ୍ଦେ ମହାପ୍ରସାଦ ପାଇବା ସହ ସାଙ୍ଗରେ କିଣି ନେଉଛନ୍ତି । ସଂଖୁଡି ଓ ଶୁଖିଲା ମହାପ୍ରସାଦ ଭିତରେ ଅବଢ଼ା, ଘିଅଅନ୍ନ, କାନିକା, ଖେଚୁଡ଼ି, ଡାଲି, ଡାଲମା, ଶାଗ, ବେସର, ମହୁର, ଖଟା, ରାଇତା, ଖିରି, ଭଜା, ଖିରା, ସର, ରାବିଡ଼ି, ଶାକର, ମରିଚପାଣି, ମଧୁରୁଚି, ଦହିବୁନ୍ଦି, ବିଭିନ୍ନ ପ୍ରକାର ପିଠା, ସରପୁଳି, ଘୃତପୁଳି, ପୋଡପିଠା, ମହନଭୋଗ, କାକରା, ମାଣ୍ଡୁଆ, ପଣା, ଖଜା, ଗଜା, ନାଡି, ଜଗନ୍ନାଥ ବଲ୍ଲଭ, ମାଠପୁଳି, ମୁଠିଗଜା, ଖିରିସାକର, ଅମାଲୁ, ମାଳପୁଆ, ଆମ୍ବିଳ, ଲୁଣିଖୁରାମା, ପାରିଜାତକ, ରାଧା ବଲ୍ଲଭ, ଝିଲି, ମୁଗକାନ୍ତି, ମଗଜଲଡୁ, ମନୋହର, ଅଟକାଳି, ମଣ୍ଡା, ଚଡେଇନଦା, ଏଣ୍ଡୁରି, ଆରିସା, କଦମ୍ବ ଇତ୍ୟାଦି ଇତ୍ୟାଦି । ଏହି ସମସ୍ତ ପ୍ରସାଦ ରୋଷ ଘରୁ ପ୍ରସ୍ତୁତ ହୋଇ ଦୈନିକ ଉପଚାର ବିଧିରେ ଦାରୁ ବ୍ରହ୍ମଙ୍କୁ ଅର୍ପଣ କରାଯାଏ ।



ଆନନ୍ଦ ବଜାର ସିଂହପଟ ଦରଜା ପାଖକୁ ମାଆ ଅନ୍ନପୂର୍ଣ୍ଣା ଅଛନ୍ତି । ପ୍ରତିଦିନ ମଙ୍ଗଳା ଆଳତୀ ଦର୍ଶନ ପରେ ସେଇପଟ ଦେଇ ଫେରିବା ସମୟରେ ଅନ୍ନ କଣିକାଏ ମାଆକୁ ସମର୍ପଣ କରି ଆସିବାର ଅଲିଖିତ ବିଧି ସେବାୟତ ଘର ମାଆ ମାନେ ପାଳି ଆସୁଛନ୍ତି । ସେଇପଟ ଗେଟ କାନ୍ଥରେ ଶ୍ରୀ ବରାହ ଅବତାର ଶ୍ଳୋକ ଲେଖା ହେଇଛନ୍ତି । ତା ପାଖକୁ ଏବେ ମନ୍ଦିର ପ୍ରଶାସନ ତରଫରୁ ସୁନ୍ଦର ମଣ୍ଡପ ସବୁ କରାଯାଇଛି ବସିକି ମୃହାପ୍ରସାଦ ସେବନ ପାଇଁ । ଆଗରୁ ବଡ ବଡ ଗଛ ଥିଲେ ଓ ତା ତଳ ପଥର ଚଟ୍ଟାଣରେ ଲୋକେ କଦଳୀ ପତ୍ର ପକେଇ ମହାନନ୍ଦେ ଅବଢା ପାଉଥିଲେ । ଅବଢା ଅର୍ଥ ଯାହାକୁ ବଢା ଯାଏନା । ସମସ୍ତେ ଆନନ୍ଦରେ ନିଜେ ଖାଉଥାନ୍ତି ।

## ଆନନ୍ଦ ବଜାର : ଉତ୍ପତ୍ତି

ଆନନ୍ଦ ବଜାର ମଧ ଦେଇ ଗୁଣ୍ଡିଚା, ବାହୁଡା, ଦୋଳ, ଚାପ ଆଦି ଆଦି ଯେତେ ପ୍ରକାର ପର୍ବନୀତିରେ ମହାପ୍ରଭୁ ସ୍ୱୟଂ (ଶ୍ରୀ ବଳଭଦ୍ର, ମାଆ ସୁଭଦ୍ରା, ମହାବାହୁ ଜଗନ୍ନାଥ, ଓ ଚକ୍ର ରାଜ ସୁଦର୍ଶନ) ବିଜେ କରନ୍ତୁ ବା ପ୍ରଭୁଙ୍କର ଚଳନ୍ତି ପ୍ରତିମା, ଶ୍ରୀ ରାମକୃଷ୍ଣ, ମଦନମୋହନ, ଶ୍ରୀ ଦେବୀ, ମୁଁ ଦେବୀ, ମାଧବ ଆଦି ସିଂହ ଦରଜା ଦେଇ ବଡ଼ଦାଣ୍ଡକୁ ବାହାର ବିଜେ କରିଥାନ୍ତି ଓ ସେଇପଟେ ବଡ ଦେଉଳର ସ୍ୱସ୍ଥାନକୁ ଗମନ କରନ୍ତି ।

ଆନନ୍ଦ ନନ୍ଦନା ନନ୍ଦ ସତ୍ୟଧର୍ମା ତ୍ରିବିକ୍ରମଃ (ଶ୍ରୀ ବିଷ୍ଣୁ ସହସ୍ରନାମ: ୫୬) ମହାପ୍ରଭୁଙ୍କର ପ୍ରତିଭୂ ହେଉଛି ଶ୍ରୀମହାପ୍ରସାଦ ।

"ପୁରୁଷୋତ୍ତମାତ୍ ପରଂକ୍ଷେତ୍ର ନାସ୍ତ୍ୟତ୍ର ପୃଥିବୀ ତଳେ, / ଭୂସ୍ୱର୍ଗମିତିବିଖ୍ୟାତଂ ଦେବାନାମପି ଦୁର୍ଲଭମ୍ – ବ୍ରହ୍ମ ପୁରାଣ । / ନ ବିକ୍ରୟଃ କ୍ରୟୋ ବାପି ପ୍ରଶସ୍ତଶ୍ୟ ଭୋ ଦ୍ୱିଜାଃ ।" ( ସ୍କନ୍ଦ – ୩୮ / ୧୩ )

ଜାତିଭେଦୋ ନ କର୍ତ୍ତବ୍ୟଃ ପ୍ରସାଦେ ପରମାତ୍ମନଃ ( ମହାନିର୍ବାଣ ପୁରାଣ)

ସହସ୍ର କୋଟି ଜନ୍ମର ପୂଣ୍ୟ ଫଳରେ ମହାପ୍ରସାଦ ପ୍ରାପ୍ତି । ମହାପ୍ରସାଦ ହିଁ ନିଜେ ପରମବ୍ରହ୍ମ । ଅମୃତ, ଅବଢା, କୈବଲ୍ୟ, ନିର୍ମାଲ୍ୟ, ମଧୁକରୀ ଶବ୍ଦ ବ୍ରହ୍ମ, ଅନ୍ନ ବ୍ରହ୍ମ ଠାକୁରେ ।

ବ୍ରହ୍ମ ପୁରାଣେ ବର୍ଣ୍ଣିତ କଥା ଅନୁରୂପ ପୁରୀ ଭୂସ୍ୱର୍ଗ ବା ମର୍ତ୍ତ୍ୟ ବୈକୁଣ୍ଠ ପାଲଟିବାରେ ଆନନ୍ଦ ବଜାରେ ମହାପ୍ରସାଦ ସେବନର ଅବଦାନ ଅଶେଷ । ସ୍କନ୍ଦ ପୁରାଣ ମତରେ ମହାପ୍ରସାଦ ବିକ୍ରି କ୍ରୟ ଆନନ୍ଦ ବଜାରରେ ପ୍ରଶସ୍ତ । ଏଠିକାର ବୈଶିଷ୍ଟ୍ୟ ଏହି କି ଯେ ନିଜେ ମନ ଆତ୍ମା ଭରି ଖାଇବ, ଖୁଏଇବ । ଅନ୍ୟକୁ ଅନ୍ନଦାନ କରି ଆନନ୍ଦ ସାଉଁଟିବ । କୁଣ୍ଢେଇ ଗେଲେଇ, ଧସି ଲେସି ହବା ଠାକୁର ସିଏ । ପ୍ରେମରେ ଭିଜେଇ ମଜେଇ ଏମିତି ହଜେଇ ଦବ ଯେ ମନ ନିଜେ ନିଜକୁ ପାଶୋରି ଆନନ୍ଦମଗ୍ନ ହେବ ।

ସତ୍ୟଯୁଗରେ ବ୍ରହ୍ମଦର୍ଶୀ ବ୍ରାହ୍ମଣ ବିଦ୍ୟାପତି ଓ ବ୍ରହ୍ମବିତ୍ ଭକ୍ତ ବିଶ୍ୱାବସୁଙ୍କ କଥା କାହାକୁ ବା ଅଜଣା ! ବିଦ୍ୟାପତି ଯେତେବେଳେ ଅତିଥି ଭାବେ ଲଳିତାର କୁଟୀରରେ ଶବରରଜା ବିଶ୍ୱାବସୁ ପରସିଦେଇଥିଲେ ନବ ଜାମାତାଙ୍କୁ ତାଙ୍କର ପରମ ଆରାଧ ଦିବ୍ୟ ପ୍ରସାଦ । ଦାନାଏ ଓଠରେ ଲଗଉ ଲଗଉ ସମାଧିସ୍ଥ ହୁଅନ୍ତି ଭକ୍ତ ବିଦ୍ୟାପତି । ଜିଜ୍ଞାସା ସ୍ୱତଃ ଜନ୍ମେ । କାହାର ଏ ପ୍ରସାଦ? ଏ ବାସ୍ନା,ଏ ସ୍ୱାଦ, ଏ ଆନନ୍ଦ, ଏହାର ଉତ୍ସ କେଉଁଠାରୁ । ଅପୂର୍ବ ଅପୂର୍ବ ।



ଶବର ପଲ୍ଲୀଗୁହାର ଘୋର ଅରଣ୍ୟାନୀ କୋଳରେ ନୀଳକାନ୍ତ ମଣି ସଦୃଶ୍ୟ ଦୋଦୁଲ୍ୟମାନ ନୀଳ ଆଭାରେ ଉଦ୍ଭାସିତ ଶ୍ରୀ ଶ୍ରୀ ନୀଳମାଧବ । ଶବର ମାନେ ଯାହାଙ୍କୁ ଆଜି ଯାଏଁ ଦର୍ଶନ ପାଇନଥିଲେ,ସେହି ପ୍ରସାଦ ହିଁ ତାଙ୍କ ପାଇଁ ଦେବତା ଥିଲେ ସେହି ମୃହାପ୍ରସାଦର ପ୍ରାପ୍ତି ଆନନ୍ଦ ବଜାରରେ । ଭକ୍ତି, ସମର୍ପଣ ପରେ ଅର୍ପିତ ନୈବେଦ୍ୟ ଯେ ଏତେ ଅମୃତ ସମ ଜାଣିବା ପରେ ସିଏ ନିଶ୍ଚିତ ହେଲେ ଯେ ଯେଉଁ ପରମଧାମନାଥଙ୍କର ସନ୍ଧାନେ ସିଏ ଆଗମନ କରିଛନ୍ତି ସିଏ ଏହି ହିଁ । ତା ପର କଥା ଆମେ ସଭିଏଁ ଜାଣୁ । ବହୁଗୁଣିତ ଆଗ୍ରହ,ଉତ୍ସାହ,ଦର୍ଶନର ଅଭିପ୍ସାରେ ଅଭିପ୍ରେରିତ ଭକ୍ତ ସହ ଈଶ୍ୱର ନିଜେ ନୀଳକନ୍ଦରକୁ ଚାଲିଲେ । ସେଇ ଭାବମିଳନ, ଭୋଗସେବନରୁ ମୂଳଭିତ୍ତି




ପଡିଥିଲା ଏକାଠି ବସି ବାଣ୍ଟି ପ୍ରସାଦ ସେବନର ପ୍ରଥା । ଆନନ୍ଦ ବଜାରର ଉତ୍ପତ୍ତି ସେଇ କିମ୍ବଦନ୍ତୀର ଧାରା ବୋଲି ବିଶ୍ୱାସରେ ମାନି ନିଆଯାଇପାରେ ।

ଗୁରୁବାର ମହାଲକ୍ଷ୍ମୀ ପୁରାଣରେ ଭକ୍ତ ବଳରାମ ଦାସ ଭଣିଲେ: "ବ୍ରାହ୍ମଣ ଚଣ୍ଡାଳ ଯାଏ ଖୁଆଖୋଇ ହେବେ / ସମସ୍ତେ ଖାଇଣ ହସ୍ତ ଜଳେ ନ ଧୋଇବେ / ହାଡିର ହାତୁ ବ୍ରାହ୍ମଣ ଛଡାଇ ଖାଇବେ । / ସଭିଏଁ ଖାଇ ହାତକୁ ମୁଣ୍ଡରେ ପୋଛିବେ ।" ଯାହା ମାଆ କମଳିନୀଙ୍କର ଅଭିମାନ ମିଶା ଅନୁନୟ ବା ଦାବୀ ଥିଲା ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ । ଏତିକି ହେଲେ ସିଏ ବଡ ଦେଉଳକୁ ଫେରିବେ ବୋଲି । ଆନନ୍ଦ ବଜାର ତାହାର ପ୍ରମାଣ ଯେ ଏଠାରେ ମାଆଙ୍କର ଇଚ୍ଛା ଅକ୍ଷରେ ଅକ୍ଷରେ ପାଳନ ହୋଇଛି । ଆମେ ମାହାର୍ଦ ପାଇଲେ ମଥାରେ ହାତ ପୋଛୁ । ହାତ ଧୋଇବାର ହେଲେ ଗଛ ମୂଳ ମାଟିରେ ଧୋଇବା ବିଧେୟ ଏବଂ ଆସନ ପାରି ମହାପ୍ରସାଦ ପାଇବା ମନା । ମହାପ୍ରସାଦକୁ ମନା କରିବା ବର୍ଜନ । କଣିକାଏ ହେଇ ସସମ୍ମାନେ ନେଇ ପାଇବାକୁ ହୁଏ ଓ ମଥାରେ ହାତ ପୋଛାଯାଏ । ଜାତିପତି, ଉଚ୍ଚନୀଚ ଭେଦଭାବ ନାହିଁ । ଅଇଁଠା ଶଂଖୁଡି ନାହିଁ ।

ବିକାର ନାହିଁ ନିରାକାରଙ୍କର ହାଣ୍ଡିରେ । ଊଣାଅଧିକ ନାହିଁ । ଖାଣ୍ଡିରେ ଖାଇବା ଲୋକ ଖାଇସାରି ସେଇଠି ଛାଡିଯାଏ । ଆରେକ ଭକ୍ତ ପୁଣି ସେଇଖାଣ୍ଡିରେ ଉଠେଇ ଖାଏ । ଅନ୍ନଦା ସଦା ପ୍ରସନ୍ନ ସେଠି । ଲୋକେ ମହାପ୍ରସାଦ ହାତରେ ଦେଲେ ବନ୍ଧୁ ହୁଅନ୍ତି । ଜନ୍ମ ଜନ୍ମାନ୍ତର ସୌହାର୍ଦ୍ଦ ଅମଳିନ ରହେ । ମାହାର୍ଦ୍ଦ ଟେକା ହେଇ ଲୋକେ ଶାନ୍ତି ଲଭୁଥାନ୍ତି ଅବିରତ । ବିଶ୍ୱାସର ପୁଣ୍ୟଗଣ୍ଠି ।



ସମ୍ଭବତଃ ଅଷ୍ଟାଦଶ ଶତାବ୍ଦୀର ଆରମ୍ଭ ପୂର୍ବ କାଳରେ ବାଇଶି ପାହାଚରେ ଶ୍ରୀ ମହାପ୍ରସାଦ ବିକ୍ରୟର ବ୍ୟବସ୍ଥା ରହିଥିଲା । ଏହାର ପ୍ରମାଣ ସ୍ୱରୁପ ଆମେ ଇତିହାସ, କିମ୍ବଦନ୍ତୀ ତଥା ପୁରାଣ, ଲୋକକଥା ଆଦିର ତଥ୍ୟ ରଖିବା ।

ଭକ୍ତ ସାଲବେଗଙ୍କର ପିତା ଲାଲବେଗ ଯବନଙ୍କର ମୃତ୍ୟୁ ୨୬ ଅପ୍ରେଲ ୧୬୦୮ରେ ହୋଇଥିଲା ବୋଲି ଇତିହାସ ବିଦିତ । ସେତେବେଳେ ସାଲବେଗ ଶିଶୁ । କିନ୍ତୁ ସେଇ ସାଲବେଗ ଯୌବନର ଅପରାହ୍ନ ବେଳକୁ ଯୁଦ୍ଧରେ ରକ୍ତାକ୍ତ, ଗଭୀର କ୍ଷତାକ୍ତ ହୋଇ କଷ୍ଟ ପାଉଥିବା ବେଳେ ହିନ୍ଦୁ ଜନନୀଙ୍କ ପ୍ରେରଣାରେ ମହାପ୍ରଭୁଙ୍କର ଶରଣାପନ୍ନ ହୋଇଗଲେ ଓ ଶିଘ୍ର ସୁସ୍ଥତା ଲଭିଲେ ଓ ନିଜକୁ ନିଉଛିଳି କରିଦେଲେ ଶ୍ରୀ ଚରଣାରବିନ୍ଦେ । ଚରଣ ଅରବିନ୍ଦ ଆଶ୍ରିତ ଆରୋଗ୍ୟ ଲଭିଥିବା ସାଲବେଗଙ୍କୁ ଯଦି ସେଇ ସମୟରେ ଅନ୍ତତଃ ବୟସ ଚାଳିଶ ଆନୁମାନିକ ଧରାଯାଏ ତେବେ୧୬୫୦ ବେଳକୁ ବାଇଶି ପାହାଚରେ ହିଁ ଅବଢା ବିକା ହେଉଥିଲା ବୋଲି ମାନିନେବାକୁ ହେବ । ତା ନ ହୋଇଥିଲେ ତାଙ୍କ ନିମ୍ନୋକ୍ତ ଭଜନ ଧାଡିରେ ଏ କଥା ଉନ୍ମୋଚିତ ହୋଇନଥାନ୍ତା ଯେ:

"ବାଇଶି ପାହଚେ ଯାଇ ସୁଖେ
କୈବଲ୍ୟ ପସରା ବେନି ପାଖେ
ଚଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ
କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ ।"

ଆହୁରି ଭକ୍ତ ସାରିଆ ଭିକ କହିଲେ, "ବାଇଶି ପାବଚ୍ଛେ ବିକା / କୈବଲ୍ୟ ହେଉଛି ଚୋଖା / ହାଣ୍ଡିକ ପଡେ ସିଉକା / ମନରଙ୍କା ଛଡାଇବା ।"

୧୯୨୯ ମସିହାରେ ପ୍ରକାଶିତ ଶ୍ରୀ କୃଷ୍ଣ ସିନ୍ଧୁ ମହାପାତ୍ରଙ୍କର କ୍ଷେତ୍ର ମହାତ୍ମ୍ୟ ( ପୃ : ୪୦ ) ରେ ତଥ୍ୟ ରହିଅଛି ଯେ 'ସ୍ନାନ ମଣ୍ଡପର ପଶ୍ଚିମ ତରଫକୁ ନୂତନ ଆନନ୍ଦ ବଜାର ଗୋଟିଏ ଖୋଲିଅଛି ।'

ପୁସ୍ତକ 'ପୁରୀ ବୋଲି' (ପୃଷ୍ଠା : ୧୬୭) ଲେଖକ ଡଃ ସିଦ୍ଧେଶ୍ୱର ମହାପାତ୍ର ଲେଖିଛନ୍ତି, 'ସ୍ନାନ ମଣ୍ଡପର ପଶ୍ଚିମ ତରଫରେ ଅବଢ଼ା ବିକ୍ରି ନିମନ୍ତେ ନୂତନ ଭାବରେ ଏକ ଆନନ୍ଦ ବଜାର ଖୋଲା ଯାଇଛି ।'

ଉପରୋକ୍ତ ଉଭୟଙ୍କୁ ଆମ୍ଭେ ଏକ ଏକ ସିଦ୍ଧାନ୍ତ ଭାବେ ଗ୍ରହଣ କରିପାରିବା ।

ଶ୍ରୀ ମନ୍ଦିର ସ୍ୱତ୍ୱଲିପି ପୃଷ୍ଠା୨୫୬ରେ ବର୍ତ୍ତମାନର ପରିଦୃଶ୍ୟମାନ ଆନନ୍ଦ ବଜାରର ପୁନଃ ନବୀକରଣ

▼ ଶ୍ରୀଜଗନ୍ନାଥ ସଂସ୍କୃତିର ବରିଷ୍ଠ ଗବେଷକ ଭାସ୍କର ମିଶ୍ରଙ୍କ ସହିତ ଲେଖିକା



କାର୍ଯ୍ୟ ଶ୍ରୀ ମନ୍ଦିରର ପ୍ରକାଶକ ସ୍ୱର୍ଗତ ପରମାନନ୍ଦ ତ୍ରିପାଠୀଙ୍କ ସମୟରେ ୧୯୭୮ ରୁ ୧୯୭୯ ମସିହାରେ କାର୍ଯ୍ୟକାରୀ ହୋଇଥିଲା ବୋଲି ଅବଗତ ହୁଏ ।

ଫ୍ଲଟ ନମ୍ବର ୧୪୩ ( ୧୯୬୮-୬୯) ପୃଷ୍ଠା ୨୫୧ରେ (ଲେଖକ, ଶ୍ରୀ ଜଗନ୍ନାଥ ସଂସ୍କୃତିର ଗବେଷକ,ଓଏସ୍‌ଡି, ତଥା ବିଧିବିଭାଗ ଉପପ୍ରଶାସକ ଭାସ୍କର ମିଶଙ୍କ ଠାରୁ ମିଳିଥିବା ତଥ୍ୟ କହେ) ଜଣେ ଯଜମାନ ସ୍ୱର୍ଗତ ମଗନି ରାମ, ରାମ କୁମାର ବାଙ୍ଗଡ, ନାମକ ଜଣେ ମାରୁଆଡି ଭକ୍ତ ଜଳଛତ୍ର ବଂଟନର ବ୍ୟବସ୍ଥା ଆନନ୍ଦ ବଜାରରେ ଆରମ୍ଭ କରିଥିଲେ । ଭକ୍ତ ମାନଙ୍କୁ କିପରି ସୁବିଧାରେ ପାନୀୟ ଜଳ ଟୋପେ ମିଳିପାରିବ ଏହା ଏକ ସୁବିଚାର, ଏକ ପୁଣ୍ୟ ବିଧିର ଗଣନ । ଅଦ୍ୟାବଧି ସେଠାରେ ଯାତ୍ରୀ, ଭକ୍ତ, ପର୍ଯ୍ୟଟକ,ଅଭୁକ୍ତ, ଆଶାୟୀ,କ୍ଷୁଦାର୍ଥି ସମସ୍ତେ ଏକାଠି ବସି ମହାପ୍ରସାଦ ସେବନ କରିଥାନ୍ତି । ଆନନ୍ଦ ବଜାର ଭିତରେ ଉଚ୍ଚ ବାରଣ୍ଡା,ମେଲା ଅଗଣା, ମଣ୍ଡପ ଆଦି ସବୁରେ କିଣା ବିକା ଲାଗିଥାଏ । ଲୋକେ ଆନନ୍ଦ ପସରାରୁ ନିଜ ଭାଗକ ସାଉଁଟି ନେଉଥାନ୍ତି ।

୨୦୦୯ ମସିହାରେ ମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ସୁରେଶ ମହାପାତ୍ରଙ୍କ ଉଦ୍ୟମରେ ନାଲକୋ କମ୍ପାନୀ ପକ୍ଷରୁ ଆନନ୍ଦ ବଜାରର ନବୀକରଣ, ଶ୍ରୀ ମହାପ୍ରସାଦ ବିକ୍ରପେଣ୍ଠ/ସ୍ଥଳୀ, ଭୋଜନ ମଣ୍ଡପ ମାନ, ବିପଣୀ ସମୂହର ନିର୍ମାଣ କାର୍ଯ୍ୟରେ ଆଦି ଚାଲୁଛି ଓ ସଂପୂର୍ଣ୍ଣ ହୋଇଛି ।

ବାଇଶି ପାହାଚ ପଟକୁ ଥିବା ଆନନ୍ଦ ବଜାରକୁ ପ୍ରବେଶ ପଥରେ ଦିଟି ବିରାଟ ଧବଳ ସିଂହ । ବିରାଟ ଓ ନିଶୁଆ । ମୋର ଭାରି ପସନ୍ଦ । ପିଲାଦିନେ କେତେ ଖେଳିଛି ତାଙ୍କ ପେଟ ତଳେ ଘର ଲୋକ ସବୁ ଦେଉଳର ବିଭିନ୍ନ ସେବା ଓ ଦର୍ଶନରେ ବ୍ୟସ୍ତ ଥିବା ବେଳେ । ଖମ୍ବ ପରି ଦମ୍ଭ ଆଗ ଗୋଡ ଯୋଡାକ ମଝିରେ ଗଳି ଗଳିକା ତା ଆଁରେ ହାତ ପୁରେଇ ଦାନ୍ତ ଗଣା ଖେଳୁ ଖେଳୁ ଭୋକ ହୁଏ ତ ଲକ୍ଷ୍ମୀ ମନ୍ଦିରରେ ସୁଦର୍ଶନ ମାମୁଁଙ୍କ ଭୋଗ ଦୋକାନ ହେଉ କି ଆନନ୍ଦ ବଜାର ଅନ୍ନପୂର୍ଣ୍ଣା ଠାକୁରାଣୀଙ୍କ ପଡିଶାରେ ଥିବା କୋଠଭୋଗ ନିଯୋଗରେ ଶିବ ମାମୁଁଙ୍କ ମନଲୋଭା ପ୍ରସାଦ ପସରା ମନେପଡେ ।

ଆନନ୍ଦ ବଜାରରେ ରହିଛନ୍ତି ସ୍ନାନ/ସ୍ନାହାନ ମଣ୍ଡପ, ଯୋଉଠି ଜ୍ୟୋଷ୍ଠ ଶୁକ୍ଲ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହଙ୍କ ଅଶେ ଆଠ ଗରା ଜଳରେ ସ୍ନାନ ବିଧି ବଢେ । ତା ପର ଦିନ ଠାରୁ ମହାପ୍ରଭୁ ଜ୍ୱରରେ ପଡନ୍ତି ପନ୍ଦର ଦିନ ଗଣି ଗଣି । ପଥି ପାଞ୍ଚଣ, ମହୋଷଧି, ପଣା ପାନ୍ତି । ଫୁଲୁରୀ ତେଲ ଘସାହଏ । ଜ୍ୱର ଉପଶମ ପରେ ତୁରନ୍ତ ବାହାରନ୍ତି ଦାଣ୍ଡବୁଲାରେ ଠାକୁରେ । ସାଙ୍ଗରେ ଭାଇ ଭଉଣୀଙ୍କୁ ନେଇ ରଥ ଦାଣ୍ଡ ଦୁଲୁକାନ୍ତି ଜଗତପତି । କାଳିଆର ବାର ମାସରେ ଚଉଷଠି ପର୍ବ । ରଥ କାମ ଅକ୍ଷି ତୃତୀୟା ଠୁ ଆରମ୍ଭ ହେଇ ହରିଶୟନ ଏକାଦଶୀ ଯାଏ ଗଡୁଥାନ୍ତି । ପ୍ରତିଟି ନୀତିକୁ ନେଇ ଅନେକ କଥା ,ଅନେକ ପ୍ରସଙ୍ଗ । ତେବେ ଆଜିର ପ୍ରସଙ୍ଗ 'ଆନନ୍ଦ ବଜାର' ଭିତରେ ଶ୍ୱେତ ସୁନ୍ଦର, ପଟ୍ଟଚିତ୍ର ପଇଡ଼ ଅଙ୍କା ସ୍ନାନ ମଣ୍ଡପର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ସେଇଦିନ ଗହଗହ ନାଦରେ ବଡ ଦାଣ୍ଡରେ ଚହଳ ପଡୁଥାଏ । ଜଗତି ଉପରୁ ଜଗଦୀଶ ସକାଳୁ ସମସ୍ତ ନୀତି କାନ୍ତି ସହ ଗଜ/ ହାତୀ ବେଶରେ କୋଟି ଜନତାଙ୍କୁ କୃପା ପୂର୍ବକ ଦର୍ଶନ ଦେଉଥାନ୍ତି । ଅହୋଭାଗ୍ୟ ସେଇ ଭକ୍ତ ଗଣପତି ଭଟ୍ଟଙ୍କର, ଯାହାଙ୍କ ଭକ୍ତିର ଉତ୍କୃଷ୍ଟ ନିଦର୍ଶନ ସ୍ୱରୂପ ଏହି ବେଶ ।

## ଆନନ୍ଦ 'ବୋଲି'

ଭକ୍ତ ବା ଯାତ୍ରୀଗଣଙ୍କୁ ଆକୃଷ୍ଟ କରିବାର ଏହା ଏକ ସ୍ୱତନ୍ତ୍ର ପ୍ରକାର ଭାଷାର ପ୍ରୟୋଗ ଯାହା ଅଧିକାଂଶ ଆଞ୍ଚଳିକ ଶୈଳୀରେ ଗଢା । ଲୋକମୁଖରୁ ସୃଷ୍ଟ ତଥା ବର୍ଦ୍ଧିତ ଓ ପ୍ରଚଳିତ । ବର୍ତ୍ତମାନ ସମୟରେ ଭାଷା ତାର ଏହି କୁହାଟ ବା ଡାକ ପରମ୍ପରା ହଜେଇ ସାରିଛି । ଗୋଟେ ଭାଷା ତାର ବ୍ୟବହାର ବହୁଳତାରୁ ବୃଦ୍ଧି ପାଏ ଓ ଅନାଦରେ ଅନାୟସରେ ଲୁପ୍ତ ପାଏ । ଭାବ ବ୍ୟକ୍ତିର ଏହି ସରସିଆ ରସରସିଆ ବୋଲି ବାଣୀରୁ ଅଳ୍ପ କେତୋଟି ଏଠାରେ ସଂଗୃହୀତ ଭାବେ ଉଦ୍ଧୃତ ।

ଯଥା:

୧ : ଆସ ରେ ମାଡି ଆସ
ଅନନ୍ତ ମହକା ଖଟେଇ, କାହାକୁ ଦେବା ଚଟେଇ । (ପାଣିକଖାରୁ ଖଟା)

୨ : ଦେବତା ପ୍ରସନ୍ନ ଡାଲି, କିଏ ନବ ଆଣ ଖଲି । ( ମିଠାଡାଲି)

୩ : ବଳିବାମନ ମୁଗ, କିଏ ଚାଖିବ ଆସ ଆଗ (ଗୋଟା ଡାଲି)

୪ : ପଇସାକୁ ପେଟେ, ଭାତ ନ ଖାଇବ ମୋଟେ (ବାସି ତିଅଣ)

୫ : ଚାରିଜଣିଆ ଗୋଟିକିଆ, ନେଇଯ ନେଇଯ । ଆଉ ପାଇବନି । (ବଗଡା ଅନ୍ନ)

୬ : ମଣି ! ଆଡିକି....ଆ, ବଜାରେ ନ ଥିବ ଏମନ୍ତ ଡାଲି
ଥରେ ଖାଇଲେ ପାଟିରେ ଲାଖିଯିବ, ସୁଆଦକୁ ମନ ଡାକୁଥିବ । ( କନ୍ଦମୂଳ ମିଶା ଡାଲି)

୭ : କୋଠ ଓରିଆ, ଆସ ଆସ, ପାଦ ଚଞ୍ଚଳ କର, ହେଇ ସଇଲା ଜାଣ । (ଗୋଟିକିଆ ଉପରେ ଭଲଘିଅ




HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

/ ଘୃତ ପ୍ରଲେପ )

୮ : ଅସଲ ଜିରିଅନ୍ନ କୃଷ୍ଣ ଭୋଗ, କା'କପାଳରେ ଅଛି ଯୋଗ (ଗୋଟିକିଆ ଭିତରେ ମଠ ବଗଡା)

୯ : କାନପୁରୀ ହରଡ, ବାଣପୁରୀ ମୁଗ.... ଆଃ ଚାଲିଆ...ଦଉଡି ଲଗା । (ଚଣା ମିଶ୍ରିତ ହରଡ ଓ ଚୋପାଲଗା ଡାଲି)

୧୦ : ନଡିଆ ମହୁର, ଗୋଟି ବାଇଗଣ ବେସର ସର ପଲମ ଘୋରା, ସରିଗଲେ ଆକାଶକୁ ଚାହିଁଥିବୁ ପରା

(ମୂଳା ସାରୁ ମଞ୍ଜା ବେସର)

୧୧ : ନିଦା, ବିଧା, ଖୁନ୍ଦାଟାଏ, କ୍ୱାଆକୁ ବାଉଁଶ ଖିଏ

ଚାରି ଛ' ଜଣିଆ ମାଲିକେ କା' ଭାଗ୍ୟରେ ଲେଖା ।

(ଏକ / ଦୁଇ କିଲୋ ଚାଉଳ ସରୁ ବାସୁମତି ଅବଢା, ଭୁଞ୍ଜା ନୁହେଁ, କୁଡିଆର ମଙ୍ଗଛୁଆଁ, ଛ ଆଠ ଜଣଙ୍କ ପାଇଁ ଯଥେଷ୍ଟ) ଇତ୍ୟାଦି ଇତ୍ୟାଦି ।

ସୁଆର ସ୍ୱଜନ ପିଲା ମାନଙ୍କର ଡାକ ପାରିବାର ଏହି ଆକର୍ଷକ ଶୈଳୀ ପୁରୀକୁ ତଥା ଓଡିଆ ଭାଷା ସମୃଦ୍ଧିକୁ ଏକ ନିଜସ୍ୱ ପରିଚୟ ଦେଉଛି ନିଶ୍ଚିତ ।



## ମହତ୍ତ୍ୱ

ଗଜତୁରଗ ସହସ୍ରଂ ଗୋକୋଟି ଭୂମିଦାନଂ
କନକ ରଜତ ପାତ୍ରଂ
ମେଦିନୀ ମଣ୍ଡଳେ
ଉଭୟକୁଳ ବିଶୁଦ୍ଧଂ
କୋଟି କନ୍ୟା ପ୍ରଧାନଂକ
ନ ଭବନ୍ତି ସମତୁଲ୍ୟଂ
ଅନ୍ନଦାନ ସମାନମ୍ । (ସଂଗୃହୀତ ଶ୍ଳୋକ)
କୁରୁକ୍ଷେତ୍ରେ ମ୍ହାଦାନଂ
ଚନ୍ଦ୍ର ସୂର୍ଯ୍ୟୋପରାଗଯୋଃ
ବିଷ୍ଣୋର୍ନିବେଦିତଂ ଚାନ୍ନଂ
ତଦ୍ୱୋନେନ ସମଂ ଭବେତ୍
ବ୍ରହ୍ମାଦିଭିଶ୍ଚ ଯତ୍ ଦତ୍ତଂ ହରେଃ
ପଦମନାମୟମ୍ ।
ନରସ୍ତତ୍ ଫଳମାପୋତି
ଜଗନ୍ନାଥାନ୍ନଭକ୍ଷଣାତ୍ । (ମୁକ୍ତି ଚିନ୍ତାମଣି )

ଜପି, ତପି, ଗୋପି, କପି, ଶରୀରି, ଅଶରୀରୀ, ଦେବ, ଦାନବ, ନାଗ, ଯକ୍ଷ, କିନ୍ନର, ଇତର, ପତିତ, ପ୍ରେତ, ଯୋଗିନୀ, ରୋଗୀ, ଯୋଗୀ, ଭୋଗୀ, ଇନ୍ଦ୍ର, ଚନ୍ଦ୍ର, ବରୁଣ, ଶିବ, ବ୍ରହ୍ମା, ସ୍ଥାବର, ଦୃଶ୍ୟ, ଅଦୃଶ୍ୟ ଆଦି ଆଦି ଯେତେ ସତ୍ତା ବ୍ରହ୍ମାଣ୍ଡର କୋଣ, ଅନୁକୋଣ, ସଚରାଚର ପ୍ରତିକୋଣର ଜୀବଟିଏ ମହାପ୍ରସାଦ ପାଇ ମୁକ୍ତି ଲଭିବାକୁ ଆଶାୟୀ । ଜୀବ ପରଲୋକ ଗମନ ବେଳେ ଆମ ଓଡିଆ ଘରେ ଆମେ ନିର୍ମାଲ୍ୟ ଦେଇଥାଏ । ଜୀବାତ୍ମାକୁ ମୁକ୍ତିପଥ ଦିଏ ଅବଢା କଣିକା । ସ୍ୱର୍ଗ ବୋଲି କିଛି ଯଦି ଥାଏ କୈବଲ୍ୟ କଣିକା ତହିଁକୁ ନାଆ । ଭକ୍ତି ନିଶୁଣିରେ ବୈକୁଣ୍ଠ ପ୍ରାପ୍ତି ।

ସହସ୍ର କୋଟି ଗୋ, ବସ୍ତ୍ର, ସୁବର୍ଣ୍ଣ, ଭୂମି, ଗଜ, ଅଶ୍ୱ, ଦାନ, ଅଜସ୍ର ଅଶ୍ୱମେଧ, ହୋମ, ଯଜ୍ଞର ଫଳ କେବଳ ମାତ୍ର ମହାପ୍ରଭୁଙ୍କର ଶ୍ରୀ ମହାପ୍ରସାଦ ଆନନ୍ଦ ବଜାରରେ ଅନ୍ନ ଅବଢା ନିଜେ ଖାଇଲେ ଖୋଇଲେ, ଦାନ କଲେ ପ୍ରାପ୍ତ ହୁଏ । ପିତୃପୁରୁଷଙ୍କୁ ଅବଢା ପିଣ୍ଡଦାନ, ତର୍ପଣ, ପୂଜା ପ୍ରତିକାର, ଆଦିରେ ମୋକ୍ଷ ମିଳିଥାଏ । କଣିକାଏ ମହାପ୍ରସାଦ ଆତ୍ମାକୁ ନିର୍ବାଣର ବାଟ ଦେଖାଏ । କୋଟିଏ ଜନ୍ମ ପାତକ କ୍ଷୟ ହୁଏ । ବ୍ରହ୍ମମୟ ହୁଏ ଚତୁର୍ପାର୍ଶ୍ୱ । ତପସ୍ୟାର ଫଳ ଅଚିରେ ଆଞ୍ଜୁଳି ଭରେ । ଆନନ୍ଦ ବଜାରରେ ପଶିବା ଓ ବାହାରୁଥିବା ସମାନ ମଣିଷଟିର ଆନ୍ତରିକ ରୂପାନ୍ତରିଣ ଘଟି ସାରିଥାଏ ତାର ଅଜାଣତେ ।

ଶାସ୍ତ୍ର ବିଦିତ ତଥ୍ୟ ଅନୁଯାୟୀ ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଯେଉଁ ମହାଦାନ କରିବା କଥା ଉଲ୍ଲେଖ ରହିଛି ତାହା ସହ ସମ ଫଳ ଦାତା ହେଉଛନ୍ତି ଶ୍ରୀ ବିଷ୍ଣୁ ପ୍ରସାଦ ଆନନ୍ଦ ବଜାରର ଅବଢା ।

ବ୍ରହ୍ମାଦି ଦେବଗଣଙ୍କ ଦ୍ୱାରା ଶ୍ରୀ ହରିଙ୍କର ପଦସେବା, ଅର୍ଚ୍ଚନା, ବନ୍ଦନା ପରେ ଯେଉଁ ନୈବେଦ୍ୟ ଅର୍ପଣ କରାଯାଏ, ସେଥିରେ ଯେଉଁ ଫଳ ଆନନ୍ଦ ବଜାରରେ କଦଳୀ ପତ୍ରଟେ ପାରିକି ଲଙ୍କା, ଲେମ୍ବୁ, ଲୁଣ ପାଇଁ କରି ଉଦରଶାନ୍ତି କରିବାରେ ସମାନ ପୁଣ୍ୟ । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଭୋଗ ବଢା ପରେ ମାଆ ବିମଳାଙ୍କୁ ଲାଗି ହୋଇ ମହାପ୍ରସାଦ ଆନନ୍ଦ ବଜାରକୁ ଆସେ ।

**କୃତଜ୍ଞତା : ଶ୍ରୀଯୁକ୍ତ ଭାସ୍କର ମିଶ୍ର, ଅନେକ ସହଯୋଗ ପାଇଁ ପୁରୀର ପୂର୍ବତନ ନଗରପାଳ ତଥା ମହାବାହୁଙ୍କର ଘଂଟ ସେବାୟତ ଓ ମୋର ପୂଜ୍ୟ ମାମୁଁ ଶ୍ରୀଯୁକ୍ତ ଗୌରହରି ପ୍ରଧାନ ଏବଂ ମହାପ୍ରଭୁଙ୍କର ଚରଣାରବିନ୍ଦରେ କଲମ ଦ୍ୱାରା ସେବା ପ୍ରଦାନ କରିବାର ସୁଯୋଗ ଦେଇଥିବା ସମ୍ମାନନୀୟ ଶ୍ରୀଯୁକ୍ତ କୃଷ୍ଣ କୁମାର ମହାନ୍ତି ସାର୍ ।**







**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : ରବୀନ୍ଦ୍ର କୁମାର ବିଶ୍ୱାଳ
ପ୍ରଚ୍ଛଦ ମଡେଲ୍ : ଅନୁରାଧା ପାଣିଗ୍ରାହୀ,ରାୟଗଡ଼ା
ଉଚ୍ଚତା : ୫ ଫୁଟ୍ ୬ ଇଞ୍ଚ୍
ବୃତ୍ତି : ଡାକ୍ତରୀ
ଶିକ୍ଷା : ଦନ୍ତ ବିଶେଷଜ୍ଞ, ଡାକ୍ତର
ରୁଚି : ଗୀତ ଗାଇବା , ରୋଷେଇ କରିବା
ପ୍ରଚ୍ଛଦ ଫଟୋଗ୍ରାଫି : ବ୍ୟୋମକେଶ ମହାନ୍ତି, ରାୟଗଡ଼ା
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
ମେକ୍‌ଅପ୍ : ସଂଧ୍ୟାରାଣୀ ମହାନ୍ତି
ସ୍ଥାନ : ରାୟଗଡ଼ା
ସହଯୋଗ : ସଞ୍ଜୟ ମହାକୁଡ଼, ଗ୍ଲାମୋର୍ ୭୭

ଲେଣ୍ଡର

# ୨୦୨୪ ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

୦୭/୦୭/୨୦୨୪ : ଶ୍ରୀଗୁଣ୍ଡିଚା (ରଥଯାତ୍ରା)
୧୧/୦୭/୨୦୨୪ : ହେରା ପଞ୍ଚମୀ
୧୫/୦୭/୨୦୨୪ : ବାହୁଡ଼ା ଯାତ୍ରା
୧୭/୦୭/୨୦୨୪ : ମହରମ ପର୍ବ

### ୨୦୨୪ ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

### ୨୦୨୪ ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ୨୦୨୪ ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ୨୦୨୪ ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ୨୦୨୪ ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ୨୦୨୪ ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ୨୦୨୪ ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ୨୦୨୪ ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ୨୦୨୪ ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ୨୦୨୪ ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୮ | ୨୮ |
| ୨୯ | ୩୦ | ୩୧ | | | | |

# ଦ୍ରୌପଦୀ-୪୧

## ପ୍ରଫୁଲ୍ଲ କୁମାର ମହାନ୍ତି

ଆକାଶର ବଙ୍କାଜହ୍ନ ତାରାଘେରା ହୋଇ
ଦେଖିଲେ ଧରାମ୍ବର ଈର୍ଷା ଆଶ୍ଚର୍ଯ୍ୟରେ
ଲକ୍ଷ କୋଟି ଦୀପମାଳା ଜଳୁଥିଲା ଓଲଟ ଆକାଶ
ଲଜ୍ଜାରେ ଲୁଚିଲା ରାତି ଆଲୋକ ସଜ୍ଜାରେ
ଗଛଘର ବିଲବଣ ରାସ୍ତା ପ୍ରାନ୍ତର
ଝଲମଲ କରୁଥିଲା ପ୍ରାସାଦ ମନ୍ଦିର
ଆକାଶର ପରୀମାନେ ବୁଜିଦେଲେ ଆଖି:

କେବଳ ଦ୍ରୌପଦୀ ଥିଲେ ବିନିଦ୍ର ଚଞ୍ଚଳ
ଘରରୁ ଘରକୁ ଯାଇ ପଚାରିଲେ ଅତିଥିଙ୍କୁ
କଣ ଆଉ ଆବଶ୍ୟକ କରନ୍ତୁ ଆଦେଶ
ପାଳିବି ମୁଁ ଅକ୍ଷରେ ଅକ୍ଷରେ ଆପଣଙ୍କ ଇଚ୍ଛା
ଏ ଘର ଏ ରାଜ୍ୟ ସବୁ ଭାବନ୍ତୁ ଆପଣାର
ଆମେ ସବୁ ଭାରତୀୟ ଏକ ପରିବାର ।

ଆଉ କଣ ପରଷିବୁ କହ ହେ ସୈନିକ
କହ ବନ୍ଧୁ ଶଗଡ଼ଚାଳକ ସେବକ ଶ୍ରମିକ
ତିନିଥର ଭରା ପାତ୍ର ଖାଲି ହେଲା ପରେ
ଦ୍ରୌପଦୀ ପରଷିଲେ ସ୍ନେହର ମୋଦକ ।

ଈର୍ଷା ହାସ୍ୟରେ କହିଲେ ଦୁର୍ଯ୍ୟୋଧନ
ରାଣୀ ଦ୍ରୌପଦୀ କଣ ଏପରି କୃପଣ
ଦେଲେ ନାହିଁ ଶେଷ ମିଠା ମିଶିରିର କ୍ଷୀରି !
ଛନ୍ଦ ନମ୍ରତାରେ ହାତଯୋଡ଼ି କହିଲେ ଦ୍ରୌପଦୀ
କ୍ଷମାକର ଦୁଃଖିତ ମୁଁ ଦେଖୁଁ ନାହିଁ କେବେ
ଚଖାଅ ମତେ ଥରେ ତୁମ ହସ୍ତୀନାରେ
ତାପରେ ରାନ୍ଧିବି ମୁଁ ମିଶିରିର କ୍ଷୀରି
ପରଷିବି ଭାଇଙ୍କୁ ମୋର ସୁନା କଳସରେ-
ହସିଲେ କୁରୁବର୍ଗ କେବଳ କହିଲେ କର୍ଣ୍ଣ
ଆମ ପାଞ୍ଚାଳୀ ରଖିଛି ମୁଁ ପ୍ରଚୁର ମିଶିରି
ଧନ୍ୟବାଦ କହି ଆଗେଇଲେ ଇନ୍ଦ୍ରପ୍ରସ୍ଥ ରାଣୀ ।

ଭୋଜନ କକ୍ଷ ବାହାରେ
ଦୀପତଳ ଛାଇରେ
ଠିଆ ହୋଇ ଦେଖୁଥିଲେ କୃଷ୍ଣ
ଦୁର୍ଯ୍ୟୋଧନ କର୍ଣ୍ଣଙ୍କର ମୃଦୁ ପରିହାସ:
କାନ ଥିଲା ବେତାଳ ସ୍ୱରକୁ
ମନ ଥିଲା ସକାଳର ବିରାଟ ଯଜ୍ଞରେ
ଶେଷ ପର୍ବ ଉଦ୍‌ଯାପନ ଉତ୍ସବରେ
ଅବଶ୍ୟ ନଥିଲା ଶଙ୍କା କିବା ଭୟ
ତଥାପି ସଜାଗ ଥିଲା ଦୀର୍ଘ ଅପେକ୍ଷାର
ପୂର୍ଣ୍ଣାହୂତି ପାଇଁ ମହାନ୍ ଯଜ୍ଞର ।

ଭୋଜନଶାଳାରୁ ଫେରି ଦେଖିଲେ ଦ୍ରୌପଦୀ
ସଖା ଲକ୍ଷ୍ୟ କରୁଛନ୍ତି ଆଲୋକ ଛାଇରେ
ଉତ୍କଣ୍ଠାରେ ପଚାରିଲେ ସଖା !
କଣ କରୁଛ ଏଠି ନିକାଞ୍ଚନରେ
ଖାଇଚ ନା ନାହିଁ ? କ୍ଷୁଧା ଛଳନାରେ
ଭୋକିଲା ମୁହଁରେ ଯାହା ଏଡ଼ାଇ ନଥିଲା
ଦ୍ରୌପଦୀର ତୀକ୍ଷ୍ଣ ଆଖି ଦୃଶ୍ୟମାନ ଅନ୍ଧାରରେ
ସଖୀ ମୋର ଯେତେବେଳେ ଏତେ ବ୍ୟସ୍ତ
ଏତେବଡ଼ ଉତ୍ସବରେ ଅତିଥି ଚର୍ଚ୍ଚାରେ
ମୋ' ପରି ତାରାଭୁଞ୍ଜା ମଣିଷକୁ
କିଏ ଦେବ ଖାଦ୍ୟ- ହଉ ଆସ ସଖା
ଏକାଠି ଖାଇବା ଆମେ ଆମ ଆଲୁଅରେ ।

ଦ୍ରୌପଦୀର ହାତ ଧରି ଯାଇ କିଛି ବାଟ
ଦୀପ ଛାଇ ଅନ୍ଧାରର ଏକାନ୍ତ କୋଣକୁ
କୌରବଙ୍କ ଈର୍ଷା ଆମ ବଳ
ତାକୁ କେବେ ନକର ଦୁର୍ବଳ
ବିଜୟୀ ହୁଅ କିନ୍ତୁ ନୂଆଁଇ ଦିଅ ନାହିଁ
ତୁମ ସ୍ୱାଭିମାନ
ସେମାନେ ହୁଅନ୍ତୁ ଉଶୃଙ୍ଖଳ
ଦୁର୍ଯ୍ୟୋଧନ ଦେଖାଉ ତାର ମୁହଁଟାଣ
ଭଣ୍ଡାର ଶୂନ୍ୟ କରି ବାଣ୍ଟି ଦେଉ ଫିଙ୍ଗିଦେଉ
ତୁମର ମାନହାନୀ ପାଇଁ ସବୁ କରୁ ଦାନ
କୁହ ତାକୁ ଏତେ କମ୍ କାହିଁକି ଦେଉଛ
କାହିଁକି ଦେବାପଣେ କରୁଛ କାର୍ପଣ୍ୟ:



ହସ ଦେଇ ବଢାଅ ତାର ଅସହିଷ୍ଣୁ ପଣ
କିନ୍ତୁ ରୁହ ତୁମେ ଦମ୍ଭ ଧରି ନିଜ ଗୌରବରେ ।
ହଁ ସଖୀ କହିବାକୁ ଭୁଲିଗଲି
ଆସିଛନ୍ତି ହନୁମାନ ସଂଧ୍ୟା ଦୀପ ଲାଗିବା ପୂର୍ବରୁ
ଡେରି ହେଲେ ମଧ୍ୟ ଯାଇ ଜଣାଅ ସ୍ୱାଗତ
ପ୍ରଣାମ କର ସେହି ମହାପୁରୁଷକୁ
ରାମଭକ୍ତ ବିଦ୍ୱାନ ଆତ୍ମାକୁ
ଯେପରି ନହୁଏ ତାଙ୍କ ତିଳେ ଅବହେଳା
ଦୃଷ୍ଟି ରଖ ପ୍ରତି ମୁହୂର୍ତ୍ତରେ:
ହଉ ଚାଲ ଏଥର ଦେଖିବା କଣ ଅଛି
ପାଣ୍ଡବ ବଧୂର ଲକ୍ଷେ ରୋଷଘରେ
ମୋ ପାଇଁ ସଖୀଙ୍କର ଭବ୍ୟ ଆତିଥ୍ୟରେ !


'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩




ପ୍ରଫୁଲ୍ଲ କୁମାର ମହାନ୍ତି

### ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି



▲ ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

# ଗାଉଁଲି ସକାଳ

## ହୃଦାନନ୍ଦ ପାଣିଗ୍ରାହୀ

ରାତି ପାହିଲେ
ଫୁର୍ତ୍ତି ଯାଚେ ନୂଆ ସକାଳ
ଯିଏ ଯୁଆଡ଼େ ଛିଞ୍ଚାଡ଼ି ପଡ଼ନ୍ତି
ତାଙ୍କ ଦୁଃଖଧନ୍ଦାରେ,
ଚଳଚଞ୍ଚଳ ହୋଇଉଠେ ବାଟଘାଟ
ଅଣନିଃଶ୍ୱାସୀ ଦୌଡ଼ରେ ଭାଗନବାକୁ
ମାତି ଉଠିଥାଏ ମନ ।

ନିରଳସ କୃଷକ
ପାଦ ବଢ଼େଇ ସାରିଥାଏ
ତା' କ୍ଷେତ ଆଡ଼େ
ଜନ୍ଦାପିମ୍ପୁଡ଼ିଙ୍କ ଧାର ଲମ୍ବିଥାଏ
ଆଧାର ଲକ୍ଷ୍ୟରେ
ଅଦୃଶ୍ୟ କୋରଡ଼ ଭିତରୁ ଭାସି ଆସୁଥାଏ
ପକ୍ଷୀଶାବକଙ୍କ ଚିଁ ଚିଁ ସ୍ୱର
ପ୍ରତିଯୋଗିତା ଆରମ୍ଭ କରି ଦେଇଥାନ୍ତି
ପରିବାବାଲା, ଫେରିବାଲା
ଚୁଟିବାଲା, କବାଡ଼ିଆବାଲା
ପ୍ରବଳ ଗର୍ଜନ କରି ଧାଇଁଥାଏ
ମାଟିପକା ଟ୍ରାକ୍ଟର ।

କେହି କେହି ସକାଳୁ ସକାଳୁ
ଘରୁ ବାହାରି ପଡ଼ିଥାନ୍ତି
ପେଟରେ ଭରିବାକୁ ପାୱାର୍‌ପ୍ଲସ୍
ଭିଡ଼ ଜମି ଉଠୁଥାଏ ଧିରେ ଧିରେ
ମଦ ଦୋକାନରେ
ସେ ଗହଳି ଭିତରେ କେହି
ତୁ' ତା' କାଢୁଥାଏ
କିଏ ପୁଣି ଉଝାଳିବାରେ ଲାଗିଥାଏ
କାହାର ଚଉଦପୁରୁଷ ।

ସମୟର ଏ ଅନୁକୋଟି ମାୟା
ଯିଏ ଯୁଆଡ଼େ ମାଡ଼ି ଚାଲିଥାନ୍ତି
ତାଙ୍କ ଲକ୍ଷ୍ୟ ସ୍ଥଳକୁ
ସତେ ଯେମିତି ଲଗାମ ନଥାଏ କାହାରି
ନିଜ ଉପରେ ।
ଅପରାଧ ବ୍ୟସ୍ତଥାଏ ତା'ନେଟ୍‌ୱର୍କରେ
ଘରକଳି ଦୁଆର ମେଲାକରି
ବାହାରି ଆସୁଥାଏ ବାହାରକୁ
ପଛରେ ପକାଇ ଯେତେ ପାପ ପୁଣ୍ୟର ବିଚାର

ଆଶ୍ଚର୍ଯ୍ୟ ଲାଗେ
କି' ବେଗରେ ବହିଚାଲିଚି ଜୀବନ ସ୍ରୋତ
ମାଡ଼ି ଚାଲିଚି ଆଗକୁ ଆଗକୁ
ଅଥଚ ଟିକେ ବୋଲି ଟିକେ ଶାନ୍ତି ନାହିଁ କଉଁଠି
ଅଶାନ୍ତିର ଧୂଆଁ ପାଉଁଶରେ ବୁଡ଼ି ମରିବା
ଆରମ୍ଭ କରି ଦେଇଥାଏ
ଗାଉଁଲି ସକାଳ ।

♥ ଅବସରପ୍ରାପ୍ତ ପ୍ରାଧ୍ୟାପକ, ଝାଡ଼ପଟା
ଦୋଳସାହି, ଭଦ୍ରକ-୭୫୬୧୨୭
ଫୋନ: ୯୪୩୭୯୮୭୪୨୯



▲ ଫଟୋ : ହୃଦାନନ୍ଦ ପାଣିଗ୍ରାହୀ

# ମହାତ୍ମା ଓ ମୁଁ

## ତୁହିନାଂଶୁ ରଥ

ନିର୍ବାଚନରେ ଭାରି କଷ୍ଟ ଭୋଗନ୍ତି ମହାତ୍ମା
ନେତାଙ୍କ ଧୋତି-ପଞ୍ଜାବୀ ପରି
ଭାଷଣ ବି ଧୋବ ଫରଫର
ମହାତ୍ମା ସାବୁନ ହୋଇ
ଭାଷଣକୁ କରନ୍ତି ଚମତ୍କାର ।

ନିର୍ବାଚନରେ ଭାରି କଷ୍ଟ ଭୋଗନ୍ତି ମହାତ୍ମା ।
ଭାଷଣ ବୁଝୁନଥିବା ମଳିମୁଣ୍ଡିଆଙ୍କୁ
ମଦଭାଟିରେ ମହାତ୍ମାଙ୍କ ମୁଣ୍ଡଥିବା
କାଗଜକୁ ଧରାଇ ଦିଆଯାଏ ଅନ୍ଧାରରେ
ସେଇଠି ଆଲୁଅ ଜାଳୁଜାଳୁ
ମହାତ୍ମା ପାଉଁଶ ହୋଇଯାଆନ୍ତି
ମାତାଲମାନଙ୍କ ପାଦ ତଳେ ।

ନିର୍ବାଚନରେ ହିଂସା ହେଲେ
ମହାତ୍ମାଙ୍କ ନାଁ'ରେ ଯାଏ
କିଏ ତାଙ୍କ ନାଁରେ ମାରେ
କିଏ ତାଙ୍କ ବିରୋଧରେ ମରେ

କିଏ ତାଙ୍କ ଚରିତ୍ରକୁ ପୋଷ୍ଟର କରେ
ଆଉ କିଏ ଚରିତ୍ର ସଂହାରେ ।

ମୁଁ ମହାତ୍ମା ନୁହେଁ, ଜଣେ ନଗଣ୍ୟ ମଣିଷ,
ହେଲେ ନିର୍ବାଚନରେ ମୁଁ ଓ ମହାତ୍ମା
ଏକା ଭଳି କଷ୍ଟ ଭୋଗୁ ।
କଣ୍ଢେଇ ଖେଳର ସେଇ ମୂକ ଅଭିନେତା ହୋଇ
ଗୋଡ଼ହାତ ଛାଟୁ, କାନ୍ଦୁ, ଲଢୁଥାଉ ନିଜ ବିପକ୍ଷରେ
ଅଥଚ ଝୁଲୁଥାଉ ମଞ୍ଚରେ ଆଉ କାହା ନିର୍ଦ୍ଦେଶରେ ।

ମହାତ୍ମାଙ୍କ ନାଁରେ ମତେ ଭକୁଆ କରେ ନିର୍ବାଚନ
ମୋ' ନାଁରେ ମହାତ୍ମା ବଳିପଡ଼ନ୍ତି ସବୁଦିନ ।

ନିର୍ବାଚନରେ ମହାତ୍ମାଙ୍କ ନାଁ ବିକ୍ରୀ ହୁଏ,
ଆଉ ମୁଁ ନିଜେ ।

ମୁଁ ଓ ମହାତ୍ମା ନିର୍ବାଚନରେ ଏକାଭଳି କଷ୍ଟ ଭୋଗୁ,
ମଲା ପରେ ମହାତ୍ମା ଓ ବଂଚିଥିବା ବେଳେ ମୁଁ
ନିର୍ବାଚନରେ ବ୍ୟବସାୟ ପାଲଟି ଯାଉ ।

♥ କଣ୍ଟିଗଡ଼ିଆ, ଯାଜପୁର-୭୫୫୦୪୯



▲ ଫଟୋ : ତୁହିନାଂଶୁ ରଥ

# ବେଦନାର ବିନ୍ଦୁ ବିନ୍ଦୁ ଲୁହର ଠାକୁର

## ଚିନ୍ତାମଣି ମହାଳିକ

ହାତ ଗୋଡ ନଥିବା ଖଣ୍ଡିଆ ମାଦଳ,
କେମିତି ପାଲଟିଯାଏ ସକଳ
ଐଶ୍ୱର୍ଯ୍ୟର-ମାଧୁର୍ଯ୍ୟର-ଭୋଗର
ଓ ଭାବର ଠାକୁର ?

ସବୁ ବ୍ୟତିକ୍ରମକୁ ଅତିକ୍ରମ କରୁଥିବା
ଅଭେଦ୍ୟକୁ ଭେଦ କରୁଥିବା
ସେ କେଉଁ ଭାବାତୀତ ଲୀଳାର ମହକ ?
ଭାବି ବସିଲେ କେମିତି କେମିତି ଲାଗେ
କୂଳ-କିନାରାକୁ ଆଖି ପାଏ ନାହିଁ
ସତେ ବା ସେ କେଉଁ ଚେତନାର
ଅତଳ ଅଥଳ ସମୁଦ୍ର ;
ଯାହାର ତଳ ନାହିଁ କି ଉପକୂଳ ନାହିଁ
କେବଳ ଆଖି ଆଗରେ ଢେଉ ଭାଙ୍ଗୁଥାଏ
ମୋ କୋଳକୁ ଆ-ଆ ବୋଲି ନୀଳ ନୀଳ
ସମ୍ପର୍କର ସେ କେଉଁ ବନ୍ଧନ ?

ଆମ ସୀମିତ ଚେତନାର ସିଲଟରେ
ସେ ଲୀଳା ଖେଳାର ସୁଖ-ଦୁଃଖକୁ ନେଇ
ଅଙ୍କ କଷିଲା ବେଳେ ଅବୁଝା ମନ ଭିତରେ
ପ୍ରଶ୍ନଟିଏ ଉଠେ ; ତା'ର ଅବା ଦୁଃଖ କ'ଣ ?
ଖାଇବା ହାତ ଶୁଖେ ନାହିଁ
ଭଳିକି ଭଳି ବେଶ ମଧ୍ୟ ମଉଳେ ବି ନାହିଁ
ଚାରିଆଡେ ମହକୁଥାଏ
ଗୋଟେ ପୂରିଲା ପୂରିଲା ଭାବ
ତୃପ୍ତିର ନିଃଶ୍ୱାସ,
ଏଇଥି ପାଇଁ ତା' ଗରିମା ଓ ଗୌରବକୁ ନେଇ
ସବୁବେଳେ ଉଡୁଥାଏ ବିଜୟ କେତନ ।



▲ ଚିତ୍ର : ଶିଳ୍ପୀ ମାନମୟୀ ରଥ

ଏସବୁ ସତ୍ତ୍ୱେ ଦ୍ୱାପର ଓ ତ୍ରେତୟାର
ସମୟ ପୃଷ୍ଠାକୁ ବେକ ଭାଙ୍ଗି ଅନାଇଲେ
ଆଖି ଆଗେ ନାଚିଉଠେ ତା' ଅସହଣି
ଦୁଃଖ ଯନ୍ତ୍ରଣାର ବିଭତ୍ସ ଅନ୍ଧାର,
ଯୁଗ ପରେ ଯୁଗ ଡେଇଁ
ଅନ୍ଧାରର ଢେଉ କାଟି କାଟି
ଆଜି ଆମରି ସାମ୍ନାରେ ଉଭା ଜଗତ ଠାକୁର ।

ଏ ମାଟିରେ ତା'ର ଦୁଃଖ କ'ଣ କମ୍ କି ?
ନିଜର ସୁରକ୍ଷା ପାଇଁ ବଣ କାନ୍ତାରରେ
ବୁଲି ବୁଲି ପାତାଳି ହୋଇଛି
ପୁଣି ଚମ ଦଉଡିରେ ଘୋଷରା ହୋଇ
ଗଙ୍ଗା କୂଳରେ ହୁତୁ ହୁତୁ ଜଳୁଥିବା
ନିଆଁ ଭିତରେ ନିଜକୁ ଜାଳିଛି ।

ଏସବୁ ଭାବିଲେ ଲାଗେ ଯେମିତି
ତା' ଦୁଃଖ ଠାରୁ ବଡ଼ ଦୁଃଖ ନାହିଁ ସଂସାରରେ
ଆମ ପାଇଁ ବେଦନାର ବୈଦ୍ୟ, ଅଥଚ ;
ନିଜ ବେଦନାରେ ନିଜେ ଆମ୍ରସ୍ତ ହୋଇଛି,
ତା' ଦୁଃଖ ଯନ୍ତ୍ରଣାର ବିନ୍ଦୁ ବିନ୍ଦୁ ଲୁହ
ଜଗତ ବ୍ୟାପିଛି ।
କିନ୍ତୁ ତା ଓଠର ନାଲି ଟହ ଟହ ହସ ଓ
ଐଶ୍ୱର୍ଯ୍ୟ ଲୀଳାର ଠାଣିମାଣି ଭିତରେ
ନିଜ ଦୁଃଖକୁ ନିଜେ ଲୁଚେଇ ଦେଇ
ଆମକୁ ଖାଲି ଭୁଆଁ ବୁଲାଉଛି ।

♥ କାଶୀପୁର, ବଳରାମପୁର
କେନ୍ଦୁଝରଗଡ-୭୫୮୦୦୧
ଫୋନ: ୮୭୭୩୩୯୯୭୨୮



▲ ଫଟୋ ଚିନ୍ତାମଣି ମହାଳିକ

# ଛାଇ ହଜେ

## ଜ୍ୟୋସ୍ନା ରାଣୀ ଭୋଇ (କିଟି)

ନିଦଟେ ହେବା ଆଗରୁ
ମୁଁ ସ୍ୱପ୍ନଟେ ସଜେଇ ସାରିଥାଏ ମୋ ଆଖି ପତାରେ
ସ୍ୱପ୍ନମାନେ ବି ଥରେ ଥରେ ଟାଣି ନିଅନ୍ତି
ଏକ ସୁନ୍ଦର ମନୋରମ ଦୃଶ୍ୟ ଆଡ଼କୁ,
ବେଳେବେଳେ କୋଉ ଏକ ଦୁର୍ଗମ
ଠିକ୍ ବିଶ୍ୱାବସୁର ନୀଳମାଧବର ପଥ ପରି !

କିଏ ନ ଜାଣେ ?
ବିଧିର ବିଧାନରେ ଶୃଙ୍ଖଳା ପତ୍ରଟିଏ ବି
ଏଇଠି ଝଡି ନଥାଏ ବୋଲି ।
ଆଖିର ଆଧାରରେ ମୋର ଗତି
ନିଦ କୁହ
ସ୍ୱପ୍ନ କୁହ
କହିବ ଯଦି ସୁଖ ଦୁଃଖ ଦୁଇ ପକ୍ଷର ଲୁହ ।

ଗ୍ରୀଷ୍ମର ଉତ୍ତାପ ରେଖା
ଝାଳ ଭର୍ତ୍ତି ଆଖିରେ
ଚିକ୍ ଚିକ୍
ରୂପା ରଙ୍ଗ କି ସୁନା ରଙ୍ଗର ଖରା
ସ୍ୱପ୍ନ ସବୁକୁ ଆଘାତ କରେ
ଛାଇଶୂନ୍ୟ ବୃକ୍ଷର ଆଶ୍ରୟ ପରି ।

ଛାଇ ହିଁ ଛାଇକୁ ହଜେଇ ଦିଏ
ଏକ ପରମ ତୃପ୍ତିରେ,
ଠିକ୍ ଯେମିତି
ଅନ୍ଧାରରେ ନିଜର ଛାଇକୁ ହଜେଇ !
ଅନ୍ଧାରକୁ ବି ନିଜର କରି ହୁଏ
ସ୍ୱପ୍ନ ସବୁକୁ ଦ୍ୱାହି ଦେଇ ।

♥ ଲାଇନ୍ ପଡା, ପାଟଣାଗଡ଼, ବଲାଙ୍ଗୀର
ଫୋନ:୮୨୮୭୩୮୧୫୬୦



▲ ଫଟୋ ଜ୍ୟୋସ୍ନାରାଣୀ ଭୋଇ

# ଢ଼ିପମାଳରେ ମତଦାନର ପୂର୍ବରାତି

## ଦୀନବନ୍ଧୁ ସାହୁ

ଓଡ଼ିଶାର ନୟାଗଡ ଦଶପଲ୍ଲା
ନୂଆଗାଁର ଢ଼ିପମାଳ
ଯୁଆଡ଼େ ଚାହଁ, ସିଆଡେ
ଘେରି ରହିଛି ଜଙ୍ଗଲ ପାହାଡ
ପାହାଡ଼ର ମଥାନରେ ଆକାଶ
ଆକାଶରେ ମେଘଙ୍କ ପଟୁଆର

ଅରଣ୍ୟରେ ସଂଜର ଛାଇ
ମୃଦୁ ମୃଦୁ ହିଲ୍ଲୋଳରେ
ବିଛାଡ଼ି ପଡିଚି ଆହା ତାରା ପରି
ନିରୀହ ଶୁଭ୍ରତା, କାଠଚମ୍ପାର ।

ଡଙ୍ଗରରେ ଜହ୍ନ ଓହ୍ଲାଉଚି ଧୀରେ
ଦୁର୍ଗମ ପାହାଡ ଘନ ଅରଣ୍ୟ ଭେଦି
ଆଦିବାସୀ ନୁଆଁଣିଆ ଚାଳି ଘରର ଅଗଣାକୁ
କେବେ କେବେ ଆଦିବାସୀ ରମଣୀର ଖୋସାରେ
ଚନ୍ଦ୍ରମଲ୍ଲୀ ହେଇ ହସିବାକୁ, ଧାଙ୍ଗଡାର ବାହୁ ଫାଶରେ
ଭଙ୍ଗା ଘରେ ଚକା ଜହ୍ନର ରୂପକଛ ହେବାକୁ ।

ଜଙ୍ଗଲର ନିର୍ଜନ କୋଳରେ କୁଆଡେ ହଜିଗଲା
ସେ ଦିନର ଆଦିବାସୀ ଧାଙ୍ଗିଡୀ ଶୁକ୍ର ଯାନୀ ?

ଏବେ ସାରା ଜଙ୍ଗଲ ମହୁଲ ଫୁଲର ଗନ୍ଧରେ ବିଭୋର
ପାହାଡ ଛାତିରେ କେହି ଜଣେ ପ୍ରତିଧ୍ୱନି ତୋଳୁଚି
ରାତି ଅଧରେ ଶୁଭୁଚି କାର କଇଁ କଇଁ କାନ୍ଦ
ଜହ୍ନରେ ଝରଣାରେ ଝଡ ଉଠୁଚି,
ତାରାଙ୍କ ଆଖିରୁ ଟୋପାଟୋପା ଲୁହ ପରି ନୀରବତା ଝରି ପଡୁଚି ।

କବିଟିଏ କଣ ନିଜକୁ ଆଦିମ ମଣିଷ କରି
ଗଢି ପାରିବ ଆଉ ଥରେ ?
ହଁ,
ଆଦିବାସୀ ବସ୍ତି ସଭ୍ୟତା ସହ ଲଢିଲଢି
ରାତି ଭଳି ପାହି ଆସୁଚି ।
ଏଠି ବି ସ୍ୱାଧୀନ ଭାରତର
ସାଧାରଣ ନିର୍ବାଚନ ୨୦୨୪ ପାଇଁ
ପ୍ରସ୍ତୁତି ପର୍ବ ସରି ଯାଇଚି ।


♥ ସା:ପୋ:ପଦ୍ମାବତୀ(କାମନା ସାହି)
ଜିଲ୍ଲା:ନୟାଗଡ-୭୫୨୦୬୩
ଫୋନ:୮୨୪୯୬୯୨୮୯୪




# ରାସ୍ତାକଡ଼ର ପିଲା

## ଅଖିଳ କୁମାର ମିଶ୍ର

ତାଜୁବ୍ ପ୍ରଶ୍ନ ସବୁ ଯିଏ ଉଠାଏ-
ତାଙ୍କୁ କହିବାକୁ ଚାହେଁ,
ନିଜ ଭିତରେ ମୁଁ ନିଜେ ବେଶ୍ ବ୍ୟସ୍ତ ।
ସମ୍ଭାଳି ନେଇଚି କାଦୁଅ ଛିଟା, ଗୋଡ଼ିମାଡ଼, କଣ୍ଟାର କ୍ଷତ-
ଖତେଇ ହେଉଥିବା ତୁମ ବଙ୍କା ମୁହଁର ଭାଷା,
କେବେହେଲେ ଡରି ଯାଇନାଇଁ, ପ୍ରାଚୀନ କ୍ରୋଧ ତାର,
ଅବସାଦ କି ଅବଶୋଷର ଚରିତ୍ର ନୁହଁ ମୁଁ ଜମା ।

ତମେ ଯାହା ଦେଖି ପାରଲ ନାଇଁ,
ମୋର ବି ସଂସାର ଥିଲା, ଅଗଣା ଥିଲା
ହସଖୁସିର କେତେ ଯେ ସନ୍ଧ୍ୟାବେଳ ଥିଲା
ସତ୍ୟକୁ ତ ଚିହ୍ନି ପାରିଲ ନାହିଁ,
ଅସତ୍ୟ ଆଭିଜାତ୍ୟକୁ ଢାଙ୍କୁଣି କଲ ।

ଅଭିଯୋଗ ନାହିଁ ମୋର
ଆଶା ବି ନଥିଲା କଦାପି
ମୁଁ ତମକୁ ଆପଣାର ଭାବିଲି,
ତମେ ମତେ ରାସ୍ତାର ପିଲା ଭଳି ବ୍ୟବହାର କଲ
ମୋ ପାଖକୁ ଯିଏ ବି ଆସିଚି,
ମୁଁ ତାକୁ ନିଜର ଭାବିଚି ।
ମୁଁ ଜାଣେ ମୁଁ ମୋ ପାଖରେ ବନ୍ଧା,
ତମ କଳ୍ପନାର ମୁଁ ଅପରାଧୀ ନୁହଁ ।

ଲକ୍ଷେଥର ପଡ଼ିଚି,
ଉଠିଚି,
ନିଜ ପାଦରେ ଠିଆ ହୋଇଚି ଓ
ଜୀବନ ଯୁଦ୍ଧକୁ ସାମ୍ନା କରିଚି ।
ମନେରଖ, ତମେ ଯେମିତି ମତେ ପ୍ରତ୍ୟାଖ୍ୟାନ କରିଚ,
ତାଠାରୁ ଅଧିକ ମୁଁ ନିଜକୁ ଗ୍ରହଣ କରିଚି
ଓ ତମ କାପୁରୁଷପଣିଆକୁ ହସିଚି ।


♥ ଅତିରିକ୍ତ ମହାନିର୍ଦ୍ଦେଶକ: ପତ୍ର ସୂଚନା କାର୍ଯ୍ୟାଳୟ,
ରାଞ୍ଚି, ଝାଡ଼ଖଣ୍ଡ
ଫୋନ: ୯୪୩୭୧୬୬୫୦୭




# ଆସନି ଆଉ ତୁମେ

## ରାଜେଶ ପୂଜାରୀ

ଆସନି ଆସନି ଆଉ
କାହିଁକି ଆସିବ ଯେ
ଫେରିଯିବାକୁ ପୁଣି ଥରେ ?

ସ୍ମୃତି ଫରୁଆର ଜଗୁଆଳି ଭାବେ
ମୁଁ ଅଛି ଏଇଠି
ସେଇ ଅଚିହ୍ନା ସହରେ ହିଁ ତୁମେ
ନିଜ ଛାଇ ସାଥେ ପ୍ରେମାଳାପ କରୁଥାଅ
ପାରିବ ଯଦି ମଧ୍ୟାହ୍ନ ପାଖରୁ ସକାଳର-
ଚୁଲବୁଲିପଣ ଲୁଟୁଥାଅ ।

ଆପେ ସଂଖୋଳିବେ ତୁମକୁ
ନଈକୂଳ, ବରଗଛ ତଳ
ଓହଳ ଝୁଲଣ... କାଦୁଅ କୀର୍ତ୍ତନ
ଶଢ଼େଇ ରନ୍ଧା... ବାଲିରେ ଘର
ଜଣେ କନିଆଁ ଜଣେ ବର ।

ସେଇଠୁ ହାତ ବଢ଼େଇ ମୋ ଆଡ଼କୁ
ଡାକ ଦେବ, ହସିବ କାନ୍ଦିବ
ବେଳକୁ ବେଳ ଚିଡ଼ି
ଚିଡ଼େଇବ ପୁଣି ମୋତେ,
ନା ଥିବ କଦମ୍ବ ନା ଥିବ ଯମୁନା
ତଥାପି ଶୁଭିବ ବଇଁଶୀ
ନିରୋଳାରେ ନୂପୁର ନାଚିବ ।

କେବେ ବିଭୋରିଯିବ
ଅଝଟ ତାରାଙ୍କ ସହ ଲୁଚକାଳିରେ
କେବେ ହୁ.. ହୁ.. ଜଳୁଥିବ
ପୂର୍ବାଳିର କୋମଳ ଚୁମାରେ
ସ୍ୱପ୍ନ ନୁହେଁ, ଅଭାଗା ଦର୍ପଣଟେ ପରି
ନିଜକୁ ହିଁ ଭାଙ୍ଗି ବସିବ ।



▲ ଚିତ୍ର : ଶିଳ୍ପୀ ଦଶିତା ପାତ୍ର

ଅସମ୍ଭାଳ ପ୍ରବଣତାରେ ପୁଣି
ଚିମୁଟିଲା ବେଳେ ନିଜକୁ
ଖସିଯିବ ପାଦତଳୁ ମାଟି
ଖଞ୍ଜିହେବ ହଳେ ବିସ୍ମୟ ଡେଣା
ଉଡ଼ିବ, ବିନ୍ଦାସ୍ ଉଡ଼ିବ ।

ଶିଖିବ ଆପେ, ବାନ୍ଧିହୁଏ
ବୁଚୁଡ଼ି ଯାଇଥିବା ଗଣ୍ଠିଲି କେମିତି
ଈର୍ଷୁକ ପକ୍ଷୀମାନଙ୍କ ଡେଣା ତଳେ ପୃଥିବୀ ଗଢ଼ି
ଅନପେକ୍ଷିତ ଝଡ଼ ସବୁକୁ
ଅଫେରା ବାଟର ଯାତ୍ରୀ ସଜେଇହୁଏ କେମିତି ?

ତକିଆ ତଳେ ଲୁଚେଇ
ପଢ଼ିବାକୁ ପଢ଼ିବନି ମୋ କବିତାସବୁ
ତୁମେ ନିଜେ ଧୀରେ ଧୀରେ
ଗୋଟିଏ କବିତା ବହି ପାଲଟି ବସିବ ।

ଜାଣିବ ତେବେ
କେତେ ପାଖେ ରହିହୁଏ,
ପାଖରେ ନଥାଇ
ଭୁଲିବି ଭୁଲିବି କହି
କେମିତି ଭୁଲିହୁଏ ନାହିଁ ।

♥ କୁଶମେଲ, ପୋଷ୍ଟ: କପିଳାପୁର
ଭାୟା-ପଞ୍ଚଗାଁ, ଝାରସୁଗୁଡ଼ା-୭୬୮୨୨୬
ଫୋନ:୮୧୪୪୭୭୯୦୬୧



▲ ଫଟୋ ରାଜେଶ ପୂଜାରୀ

# ଅନ୍ଧାର

## ଅଭୟ ଦାସ

ଅନେକ ଥର ଭାବିଲିଣି
ଅନ୍ଧାରକୁ ସାଥି କରି
ଆଉ କିଛି କାଳ ଦଉଡ଼ିବି
ଅତଳ ଅନ୍ଧାରରେ,
ଆଉ ପଚାରିବି ନାହିଁ
ମୁହଁ ନଥିବା ଦେଉଳର ଠିକଣା ;
ଭୁରୁ ଭୁରୁ ଚନ୍ଦନ, ଧୂପଧୂଆଁର ମୋହରେ
ଆଉ ମୁଁ ପଡ଼ିବି ନାହିଁ କେବେ ;
ମକର ରାଶିର ଝିଅ ପାଖରୁ
ପ୍ରତିଧ୍ୱନି ହୋଇ ଫେରି ଆସିଥିବା
କିଛି ମିଛ ପ୍ରତିଶ୍ରୁତିକୁ
ଆଉ ଗଣ୍ଠିଧନ କରିବି ନାହିଁ କେବେ ।

ବାସ୍ !
ସରୁନଥିବା ବାଟର ମଝାମଝିରେ
ଜଖମ୍ ହେଇ ସାରିଥିବା ମନର
ହତ୍ୟାକାରୀକୁ ଆଉ ମୁଁ ଖୋଜିବି ନାହିଁ ;
ଉଧାର ନେଇଥିବା ଆତତାୟୀମାନଙ୍କୁ ବି
ଆଉ କେବେ କରିବିନି ତିରସ୍କାର ।

ଏଣିକି
କେହିବି ଖୋଜିବ ନାହିଁ ମୋତେ
ଅନ୍ଧାରକୁ ଦେଇଥିବା ପ୍ରତିଶ୍ରୁତି
ରଖିବା ପାଇଁ
ମୁଁ ହେବାକୁ ଚାହେଁ ଶୂନ୍ୟାଶ୍ରୟୀ
ଅନ୍ଧାରର ଦୁଇ ଡେଣାକୁ ଆଶ୍ରାକରି
ଆଉ କିଛିକାଳ କରିବାକୁ ଚାହେଁ
ଶୂନ୍ୟ ସନ୍ତରଣ ;
ଜୀବନର ଜଗୁଆଳିମାନଙ୍କୁ
ଶେଷଥର ପାଇଁ କରିବାକୁ ଚାହେଁ
ଆଜି ମୋର ନମ୍ର ନମସ୍କାର ।

♥ ବିଦ୍ୟାଭାରତୀ, ଆଜିମାବାଦ, ବାଲେଶ୍ୱର,
ଫୋନ: ୯୪୩୭୧୨୮୭୮୪



▶ ଫଟୋ ଅଭୟ ଦାସ

## ସଜାଡି ହୁଏ

**ସସ୍ମିତା ମେହେର**

ସନ୍ଧ୍ୟା ଧୂପର ବାସ୍ନାରେ
ଗୋଳେଇ ହେଇ ସାରିଛି ପ୍ରତିବଦ୍ଧତା
ଏଣିକି ଖେଳେଇ ହେବ ସେ
ଉର୍ଜାର ଉତ୍ସ ହେଇ ।

ସମୟକୁ ସମୟ ମାଗିଲେ ହୁଏନି
ଟାଣି ବାହାର କରିବାକୁ ହୁଏ
ନିଜ ପାଇଁ ଗୋଟେ ଭିନ୍ନ ପୃଥିବୀ
ତିଆରି କରିବାକୁ ହେଲେ
ନିଜକୁ ବି ମାଟି, ପାଣି, ପବନ, ଆକାଶ ପରି
ହେବାର ଅଛି ।

କେଉଁ ଆକାଶରୁ ଚାନ୍ଦ ଖସି ପଡ଼ିଛି କି କେବେ
ସେମିତି ସେମିତି କାହାର ହାତରେ
ଯଦି ଚାନ୍ଦିନୀକୁ ବୋଲି ହେଇ
ବିନିଦ୍ର ରଜନୀ କେତେ
ନ କଟେଇଛ ଯେବେ ନିରୋଳାରେ
ରଜନୀଗନ୍ଧା ଠୁ ନ ମାଗିଛ
ବିଭୋର ହେବାର ବାସ୍ନା

ତାରାଫୁଲ ସବୁକୁ ଖଞ୍ଜି ହେବାର ସ୍ୱପ୍ନ ଯଦି ଅଛି
ପାହାନ୍ତି ଏକ୍‌ଲା ତାରାକୁ ପଚାର
ସଭିଏଁ ସାଥୀ ଛାଡ଼ି ଦେଲା ପରେ ବି
ରାତ୍ରି ଆକାଶ ସହ ନିବିଡେଇ ରହେ ସେ କାହିଁକି
ଶେଷ ସମୟ ଯାଏଁ
ଫର୍ଚା ଆକାଶର ମିଟ୍ ମିଟ୍ ଜଳୁଥିବା
ସବୁ ତାରା, ତାର ସାଥୀ କାହିଁ ନୁହଁ ।

ବର୍ଷା ରାତିରେ ଓଦା ହୋଇଥିବା ପକ୍ଷୀ
ସକାଳୁଆ ନୂଆ ଖରାରେ
ପୁଣି ତ ସଜାଡେ ତାର ବେଗ
ଅନନ୍ତ ଆକାଶକୁ ଉଡ଼ି
ଅପ୍ରାପ୍ତକୁ ପ୍ରାପ୍ତ କରିବାର କଳା
କେବେ କିଏ ତା' ଠୁ ଶିଖିଛ କି ?

♥ ବିବେକାନନ୍ଦ ନଗର
ସୁବର୍ଣ୍ଣପୁର
ଫୋନ:୯୪୩୭୯୭୭୩୮୭



▲ ଫଟୋ ସସ୍ମିତା ମେହେର



▲ ଚିତ୍ର : ଶିଳ୍ପୀ ଲୋପାମୁଦ୍ରା ପରିଡ଼ା

## ପ୍ରେମିକର ଘର

**ନିରୁପମା ବେହେରା**

ମୁଁ ଫେରୁଚି ବୋଲି କହିବା ଆଗରୁ ହିଁ
ସେ ସଜେଇ ସାରିଥିଲା ତୋରଣ
ରାସ୍ତାଯାକ ବିଛେଇ ସାରିଥିଲା ସବୁଜ ଗାଲିଚା
ନରମ ପାଖୁଡ଼ା ଗୋଲାପି ଫୁଲର

ମୁଁ ହସି କହିଲି ଏବେବି ଏତେ ପାଗଳପଣ ?
ସେ କହିଲା ସେ ଚିରକାଳ ଗୋଟେ ଭ୍ରମର

ମୁଁ ଭାବିଲି ତା' ପାଇଁ କଣ ନେଇଯିବା ଉଚିତ ହବ ?
ତା ପସନ୍ଦର ହାତଘଡି, ଚଷମା,
କଫି ରଙ୍ଗ ଟି-ସାର୍ଟ ନା ପ୍ରଥମ ଭେଟ ପରି
ତା ନାଁ ଲେଖା ମୋ ହାତ ବୁଣା ରୁମାଲ୍ ?

ସେ ସତରେ ଭ୍ରମର
ମେସେଜ୍ ପଠେଇଲା ଛୋଟ କଳାଜାଇ ପିନ୍ଧା
ବାସ୍ ତୋ ଗୋଲାପି ଅଧର

ମୁଁ ହସିଲି...ତଥାପି କିଣିଲି ତା ଲାଗି
ପରଫ୍ୟୁମ୍ ,ଗୋଟେ ଡ୍ରିଙ୍କ୍ ଟାମ୍
ମୋ ଥାକରୁ ଗୋଟେ ଗପ ବହି,
ସାଇତିଲି ତାକୁ ଆଉ ମତେ ନେଇ
ଲେଖିଥିବା ତମାମ୍ କବିତା

ହଁ ତା ସହରକୁ ଫେରିବା ସବୁବେଳେ
ଗୋଟେ କବିତା ପରି
ସବୁବେଳେ ଜହ୍ନରାତି ପିନ୍ଧା ଅଗଣା,
ଶେଫାଳି ରଙ୍ଗ ସକାଳ ପରି
ତା ସହରକୁ ଫେରିବା
ନଈପଠା ଗୋଧୂଳୀ ଲଗନ
ବିନା କାରଣେ ଛମ୍‌ଛମ୍ ମେଘ ପରି

ଏଇ ସହର ବଦଳି ପ୍ରକ୍ରିୟାରେ
ଏଇ ହିଁ ତ ସବୁଠୁ ମିଠା କଥା
ମୁଁ ମୁହଁମୋଡି ପାରୁଥାଏ ସହଜରେ
ଏ ସହରର ତମାମ ସ୍ମୃତିକୁ
ଫେରିବାର ଥାଏ ବୋଲି ତା ସହର,
ସେ ପୁରୁଣା ଗଳି, ଛକ
ତା ବାହୁର ମଜବୁତ୍ ବଳୟ ଭିତରକୁ

ମୁଁ ଜାଣେ ମୋ ଆସିବା କଥାରେ
ସେ ଏବେ ଆକାଶ ହବ, ବାଦଲ ହବ,
ଜହ୍ନ ଜୋଛନା ହେଇ ଅଗଣାରେ ବିଛେଇ ହବ
ସେ ଏବେ କେତେ କଣ ପାଲଟିବ
ମୁଁ ଫେରୁଚି ବୋଲି
ବାସ୍ ମୁଁ ଫେରିଲା ପରେ କିନ୍ତୁ
ଆରମ୍ଭ ତା' ଲୁଚକାଳି

ମୁଁ ପାଉନଥିବି ଆଉ ତାକୁ, ସେ ଅଦୃଶ୍ୟ
ମୁଁ ଉଚ୍ଚାରୁଥିବି ସହରର ଉପକଣ୍ଠରେ ତା ନାଁ
ପଚାରୁଥିବି ଯିବା ଆସିବା ଲୋକଙ୍କୁ
ଦେଖିଚ କି କେହି ଏଇ ନାଁରେ ଏଇଠି ଗୋଟେ
ପ୍ରେମିକର ଘର ଥିଲା ?

♥ କେନ୍ଦୁଝର
ଫୋନ: ୭୮୪୮୮୦୦୩୦୦



▲ ଫଟୋ ନିରୁପମା ବେହେରା

# ସମ୍ପର୍କ

## ସବିତା ରାଣୀ ବେହେରା

ସମ୍ପର୍କ ମାନେ କେତେବେଳେ
ବାଇଚଢେଇର ଝୁଲନ୍ତା ବସା
କେତେବେଳେ ସଂଜର ଶଙ୍ଖ ଧ୍ୱନି
କେତେବେଳେ ସକାଳର ପ୍ରାର୍ଥନା
କେବେ କେବେ...
ସକଳ ଶୂନ୍ୟତାର ନିରବ ନିରାଜନା ।

ଆଖି ସାମ୍ନାରୁ ଦୂରେଇ ଗଲେ ହିଁ
ବୁଝିହୁଏ ସମ୍ପର୍କର ନିବିଡ଼ତା
ଜୀବନ ଆଉଟି ପାଉଟି ହୁଏ
ଏ ସମ୍ପର୍କ ପାଇଁ ବେଳେବେଳେ
ସୁନା ପରି ଡହଡହ ରଡ଼ ନିଆଁରେ......

ଝିପି ଝିପି ମେଘର ସଜଳ ଡାକରା
ଓଦା ଓଦା ଅନୁଭବର ନୀରବ ପ୍ରତିଧ୍ୱନି
କେବେ କେବେ..
ଟାଣି ଓଟାରି ସାଷ୍ଟମ କରେ
ଅବଚେତନ ମନର ବିଶ୍ୱାସକୁ
ସୂର୍ଯ୍ୟସ୍ନାତା ସମ୍ପର୍କର
ଆଲୋକିତ ପ୍ରଗଣାରେ
ଚନ୍ଦନଚର୍ଚ୍ଚିତ ସ୍ମୃତିର ଅଗଣାରେ
ସାଇତା ସ୍ୱପ୍ନର ହାତଅଙ୍କା ଛବି
ପୁନେଇଁର ଜହ୍ନ ହୋଇ
ସମ୍ପର୍କକୁ ଜ୍ୟୋତ୍ସ୍ନାୟିତ କରେ
ଦିବ୍ୟ ଶୀତଳତାରେ... ! !

♥ ବଶିଷ୍ଠ, ଏମ୍-୫/୧୦୪, ଦେବାଶ୍ରମ
ଆପାର୍ଟମେଣ୍ଟ, ଏସବିଆଇ କଲୋନୀ କେଶୁରା,
ପୋ: ବାଙ୍କୁଆଳ, ଭୁବନେଶ୍ୱର-୭୫୧୦୦୨,
ଫୋନ: ୯୪୩୭୨୪୪୩୨୦



▶ ଡ. ସବିତା ରାଣୀ ବେହେରା



▲ ଚିତ୍ର : ଶିଳ୍ପୀ ଡ. ଦୀନବନ୍ଧୁ ସାହୁ

# କାନ୍ଥ

## ଦେବାଶିଷ ଚକ୍ରବର୍ତ୍ତୀ

ନଙ୍ଗଳ, କୁଆଳି କାନ୍ଥରେ ଡେରିଦେଇ
ଘଡ଼ିଏ 'ଥ' ହୋଇ ବସିରୁହନ୍ତି ବାପା
ଜୟନ୍ତୀ ବେଳେ ଚୂଆ ଘଷି
ଉପେକ୍ଷାର ଧୂଳିରେ
ପୋତିହୋଇ ପଡ଼ିଥିବା
ପ୍ରତିମାର ପରିଚର୍ଯ୍ୟା ପରି
ବେଶ୍ ଚିକ୍କଣ ମନେ ହେଉଥିଲା
ଝାଳ ସରସର ଦେହ
ମାଆ ଗାମୁଛାରେ ପୋଛିଦେଇ
ବିଞ୍ଚଣାରେ ପରଷି ଦେଉଥିଲା
ଆପଣାପଣର ସୋରାଏ ସମୀର ।

ମାଆ ତାର ବାଉଁଶକଣି ପରି ହାତରେ
କେଉଁଠୁ ଏତେ ତାକତ ପାଏ କେଜାଣି
ଧାନକଟା ପରେ ଯୋଗାଡ଼ କରେ
ଗଭୀର ଆସ୍ଥାର ବନମାଟି
ଶ୍ରଦ୍ଧାର ଜଳ ସିଞ୍ଚି ଗୋବର ଚକଟି
ଆରମ୍ଭ କରେ ବର୍ଷାମାଡ଼ ଖାଇଥିବା
କାନ୍ଥର ଉପଚାର
ନାଲି ମାଟିର ପରଷରେ ଉଜ୍ଜ୍ୱଳିଉଠେ
କାନ୍ଥର କପାଳ

ମନେହୁଏ ସତେଯେମିତି
ଅଭାବର ପଙ୍କରେ ଫୁଟିଛି
ଆଶାର ଶତଦଳ ।

କଷି କନିଆର କପାଳରେ
ଚନ୍ଦନ ଟିପା ଭଳି
ମଗୁଶିର ଝୋଟିରେ
ବେଶ୍ ରୁପସୀ ରୁପସୀ ଲାଗେ ଘର
ଆଳପଣାରେ ମହମହ ବାସେ
ଚଉରାମୂଳ, ଦାଣ୍ଡଦୁଆର
ସଞ୍ଜବତୀ ଦେଇ ଗଳବସ୍ତ୍ର ହୋଇ
ମାଆ ମନାସୁଥିଲା ପରିବାରର ମଙ୍ଗଳ
ତା ପଣତର ଢାଲକୁ ଶତଚେଷ୍ଟାକରି ବି
ଭେଦି ପାରୁନଥିଲା
ଅଭାବର ତୀକ୍ଷ୍ଣ ଶର
ବୈକୁଣ୍ଠ ସମାନ ମନେ ହେଉଥିଲା ଘର ।

ଏବେ ବାପମାଆ କାନ୍ଥରେ
ଝୁଲିଲେଣି ଫୋଟୋହୋଇ
ଏବେ ଢେଏର୍ ବଦଳି ଗଲାଣି
କାନ୍ଥର ପରିପାଟୀ
ଆଉ ନେସା ହଉନି ବନମାଟି
ତାର ଥାନ ନେଇଛି ପକ୍କାଘର
ପ୍ରାଚୁର୍ଯ୍ୟର ଡାହାଣୀ ଆଲୁଅରେ
ଦାଉଦାଉ ସିନା ମନେହେଉଛି
ତାର କପାଳ
ହେଲେ ଅନାତ୍ମୀୟତାର ରଡ଼ନିଆଁରେ
ହାଉହାଉ ହେଉଛି ତାର ହୃଦତଳ ।

♥ ମଣ୍ଡୁଆ, କେନ୍ଦୁଝରଗଡ଼
ଫୋନ-୯୪୩୭୭୫୨୩୯୫



▶ ଡ. ଦେବାଶିଷ ଚକ୍ରବର୍ତ୍ତୀ

# ମୋ ଗାଆଁ ଓ ସୂର୍ଯ୍ୟ

**ଅଶୋକ କୁମାର ଷଡ଼ଙ୍ଗୀ**

ସହରଠୁଁ ଅନେକ ଦୂର
ନାଲି ଗୋଡ଼ି ମାଟିର ରାସ୍ତାଟିଏ
ଲମ୍ବି ଯାଇଛି ଯେଉଁ ନୀଳ ପାହାଡ଼ର ଧାରେ ଧାରେ
ଶାଳଗଛର ଜଙ୍ଗଲ ଆଉ ନଈ ଆରପାରେ
ଦିଶୁଛି କେତୋଟି ଚାଳର କୁଡ଼ିଆ
ସେଇ ତ ମୋର ଗାଆଁ ।

ଆକାଶର ନୀଳ ବୁକୁ ଚିରି
ବାଦଲର ଝର୍କା ଖୋଲି
ଭଲ ଭାବେ ଚାଲି ଶିଖିନଥିବା
ଛୋଟ ଛୁଆଟେ ପରି ସୂର୍ଯ୍ୟ ଆସେ
ଏଇ ମୋ ଗାଆଁକୁ
ଏ ମାଟିର ସ୍ନେହ ଟିକେ ପାଇବାକୁ
ଆଉ ଖେଳିବାକୁ ଜଙ୍ଗଲ ଭିତରେ
ଛାଇ ଆଲୁଅର ଲୁଚକାଳି ଖେଳ
ବଉଦ ସାଥିରେ- କୁହୁଡ଼ିର ଆସ୍ତରଣ ତଳେ ।

ତୋରାଣି ମୁନ୍ଦିଏ ପିଇ ମୋ ଗାଆଁର ଚଷା ଭାଇ
ଚାଲିଥାଏ ବିଲ କାମ ପାଇଁ
ଆଗରେ ତା' ହଳ / କାନ୍ଧରେ ନଙ୍ଗଳ
ସେଇ ତା'ର ବଳ ସେଇ ତ ସମ୍ବଳ
ଚାଲିଥାଏ ଖୁସି ମନେ ଗାଇ ଗାଇ
ପଦଟିଏ ପୁରୁଣା ଗୀତର
"...ରାମ ଯେ ଲଇଖଣ ହୋ...ଅ...ଆ...
ଗଲେ ମୁର୍‌ଗ ମାରି...ଇ...ଇ...
ଜଙ୍ଗଲରେ ସୃଷ୍ଟି ହୁଏ
ସେ ଗୀତର ଶତ ପ୍ରତିଧ୍ୱନି
ହଲିଯାଏ ନଈଧାର ପାଣି
ସୂର୍ଯ୍ୟ ହୁଏ ପ୍ରକୃତିସ୍ଥ ଲୁଚକାଳି ଖେଳ ଛାଡ଼ି
ଚାଲି ଆସେ ବଉଦ ପାଖରୁ ମୁଣ୍ଡ ଉପରକୁ
ଶୁଣିବାକୁ ଚଷା ଭାଇ ଗୀତ
ସତେ ଅବା ନାଗ ସାପଟିଏ
ଫଣା ଟେକି ରହିଅଛି
ଶୁଣିବାକୁ ପଦ୍ମତୋଳା ଧୂନ୍ ।

ଖରା ଦି' ପହରେ ଜଙ୍ଗଲ ଭିତରେ
ଗାଈଆଳ ପିଲା ବଇଁଶୀର ସୁରେ
କହିଯାଏ ତା' ମନର ଅକୁହା ବେଦନା
ବସି କେଉଁ ଗଛ ଛାଇ ତଳେ ।
ବେଦନାର ସେଇ ଲହରୀଟି
ହଜିଯାଏ ଜଙ୍ଗଲର ପତ୍ର ଗହଳରେ
ସତେ ଅବା ନଦୀଟିଏ ସମୁଦ୍ର ଗର୍ଭରେ ।

ଭାଙ୍ଗିଯାଏ ସୂର୍ଯ୍ୟର ଭାବନା
କେତେ ଆଶା ଆଉ କଳପନା
ଧୀରେ ଧୀରେ ଅନ୍ଧାରର କଳା / ଲମ୍ବା
ଓଢ଼ଣୀଟି ତାଙ୍କ ଦେଇ ନିଜ ମୁହଁ ପରେ
ନୂଆ ବୋହୂଟିଏ ପରି ଦିଗ୍‌ବଳୟର
ଅନ୍ଧାରୀ ଘରକୁ ସୂର୍ଯ୍ୟ ଚାଲିଯାଏ ସଞ୍ଜ ନଇଁଗଲେ ।

ଅଜଣା ପକ୍ଷୀମାନଙ୍କର ସୁମଧୁର
କାକଳି ତାନରେ
ରାଣ ଦେଇ କହିଯାଏ ସୂର୍ଯ୍ୟ ପୁଣିଥରେ
ଆସିବାକୁ ମୋ ଗାଆଁକୁ ରାତି ପାହିଗଲେ ।

କେତେ ଯେ ଫଗୁଣ ଆସିଛି ଯାଇଛି
କେତେ ଶୀତ, ଖରା, ଆଉ ବର୍ଷା
ତଥାପି, ମୋ ଗାଆଁକୁ ସବୁଦିନେ ସୂର୍ଯ୍ୟ ଆସେ
ଏ ମାଟିର ସ୍ନେହ ଆଉ ପ୍ରେମର ମାୟାରେ
ଯେହେତୁ-
ସୂର୍ଯ୍ୟ ଭଲ ପାଏ ପ୍ରେମ କରେ
ମୋ ଗାଆଁକୁ ନିବିଡ଼ ଭାବରେ ।

♥ ଆର୍.ଏମ୍.ନଗର,
ପୋଷ୍ଟ:ବୋରିଗୁମ୍ମା-୭୬୪୦୫୬, କୋରାପୁଟ
ଫୋନ: ୯୯୩୮୭୯୪୯୬୯



◄ ଫଟୋ ଅଶୋକ କୁମାର ଷଡ଼ଙ୍ଗୀ

# ସୃଜନର ସାର୍ଥକତା

**ଶୁଭଶ୍ରୀ ଦାଶ**

ତୁମେ ମୋତେ ପ୍ରେମ କର ?
ତୁମେ ମୋତେ ଈର୍ଷା କର ?
ତୁମେ କ'ଣ ମୋତେ ଘୃଣା କର ?
ନା ! ତୁମେ ମୋତେ କେବେ ବି ଘୃଣା କରି ପାରିବନି !
କାହିଁକି ନା, ମୁଁ ନିଜକୁ ଖୁବ୍ ଭଲପାଏ ।
ଗଭୀର ଭାବେ !

ଏକ ବନ୍ଧ ଖୋଲି ଦେବା ପରର ପ୍ରଖରତା ନେଇ
ଆଗକୁ ମାଡ଼ି ଯାଉଥିବା ନଦୀଟିଏ ମୁଁ
ଆଗକୁ ବଢ଼ିବା ମୋର ଧର୍ମ
ଅଟକି ଗଲେ ଶିଉଳି ଲାଗିଯିବ ପରା !



◄ ଫଟୋ ଶୁଭଶ୍ରୀ ଦାଶ

ତୁମେ କାହିଁକି ବାଟବଣା ହେଉଛ ?
ମୋତେ ନିରେଖି ନିରେଖି କ'ଣ ଏତେ ଭାବୁଛ ?

ଆସ ! ପ୍ରେମ ଓ ସୌହାର୍ଦ୍ଦ୍ୟର ଭାବ ନେଇ ଆଗକୁ ବଢ଼ିବା
ସୃଜନ ପାରାବାରରେ ତଲ୍ଲୀନ ହେବା
କେତେ ସୁନ୍ଦର ହେବ କହିଲ ସେହି ଅମୃତ ବେଳା,
ଯେତେବେଳେ ସୃଜନ ମହୋଦଧିରେ ହେବ କମ୍ପନ
ହେବ ଜ୍ଞାନର ସମୁଦ୍ର ମନ୍ଥନ
ଜୀବାତ୍ମା ଆଉ ପରମାତ୍ମାର ମିଳନ
ସୃଷ୍ଟି ଆଉ ପ୍ରଳୟ ମଝିର ସେଇ ଗୋଟିଏ ବିନ୍ଦୁ
ସେଇ ବିନ୍ଦୁରୁ ଅବିଶ୍ରାନ୍ତ ଭାବରେ ବହୁଛି
ପ୍ରେମର ଅମୀୟ ଧାରା

ଆସ ! ସେହି ପ୍ରେମ ରସକୁ ପାନ କରିବା
ସେଇ ଧାରାରେ ବିଲୀନ ହେବା
ଏ ସୁନ୍ଦର ସୃଷ୍ଟିକୁ ପ୍ରାଣଭରି ଜିଇ ନେବା
ପ୍ରକୃତିର ସେଇ କମନୀୟ କାନ୍ତିରେ ହଜିଯିବା
'ତୁ' 'ମୁଁ' ଠାରୁ ଉପରକୁ ଉଠିବା ।

ଆସ ! ମଣିଷ ଜନ୍ମକୁ ସାର୍ଥକ କରିବା ।

♥ ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ଫୋନ: ୯୪୩୭୫୧୩୮୬୫

# ଭୋକ

## ଅକ୍ଷୟ ପାଳ

ମଣିଷ ହେବାକୁ
ଗାଁ ଛାଡ଼ି ଆସିଥିଲି ସହର ।

ପଛରେ ରହିଗଲା ମାଇଲ୍ ମାଇଲ୍ ବ୍ୟାପି
ଅଳସୀ ରଂଗର ଧାନକ୍ଷେତ
ବ୍ରହ୍ମରାକ୍ଷସ ବୁଲୁଥିବା ଆମ୍ବତୋଟା
କ୍ଲବ୍ ଘରେ ଖରାବେଳ ସାଙ୍ଗମେଳ
ଦୋକାନିରେ ମୁହଁ ସଂଜ ଲୁଚକାଳି
ଚିନୁଅପାର ମିଛିମିଛିକା କାନମୋଡ଼ା
ଓ କଳାଘୁମର ପାଣିରେ
ଠେକି ଖୋଜା ନଈର ଅତଡ଼ା ।

ଦିକିଦିକି ତାରାଙ୍କ ପରି
ବାପାଙ୍କ ଆଖିରେ ଆକାଶେ ସ୍ୱପ୍ନ
ପିତଳ ମାଣ୍ଡିଆ ବନ୍ଧା ପକେଇ
ଲୁଚେଇ କରି ବୋଉ ଦେଇଥିଲା
ଦୁଇ ଶହ ଟଙ୍କା
କହିଥିଲା : ଭୋକ ହେଲେ
କ'ଣ ଖାଇବୁ ରଖିଥା' ।

ଭୋକ ମେଣ୍ଟେଇବାକୁ
ଭୋକରେ ବୁଲୁଥିଲି ସାରା ସହର
ରେଳଷ୍ଟେସନ୍ ବସ୍‌ଷ୍ଟାଣ୍ଡରେ
କେବେ କେବେ ବିତୁଥିଲା ରାତି
କୀଟନାଶକ ଶିଶିଟିଏ କିଣି ନପାରି
ଫେରୁଥିଲି, ଅବସ୍ଥା ବିକଳ
ଭୋକର ତଣ୍ଟିଚିପି ହତ୍ୟା କରିବାକୁ
ଟଙ୍କାକର ଭାଙ୍ଗ ଖାଇ ମୁଣ୍ଡ ଗୋଳମାଳ




▲ ଚିତ୍ର : ଶିଳ୍ପୀ ଉତ୍ତମା ଜେନା

ଅଥଚ ଘରେ ଚକାମାଡ଼ି ବସିଥାଏ
ଆଉ ଏକ ଭୋକର ସକାଳ ।

ଥରେ ଥରେ ବାପାଙ୍କ ହାତଲେଖା ଚିଠି ଖଣ୍ଡେ
ଆଣିଦିଏ ରୁମ୍‌ମେଟ୍ ରମେଶ୍
ଏଇ ମାସରୁ ବାକିରେ
ସଉଦା ଦେବା ବନ୍ଦ କରିଚି ଧନୀ ସାହୁ
ସାର ପଡ଼ିନି ବୋଲି ଉଜୁଡ଼ିଗଲା
ପେଟ ଥୋର ଧାନ
ଭାରି ପସନ୍ଦ ତୋ ଭଉଣୀର
ଗୋଲାପୀ ରଂଗର ମେକ୍ସି
ଲାଜରେ ମୁନା ବନ୍ଦ କରିଚି ଟ୍ୟୁସନ୍
ବୋଉର ସେଇ ଗୋଟିଏ କଥା
କେବେ ଆସିବୁରେ ଧନ ।

ଗଲାକାଲି ରାତିରେ ନିଦ ହେଲାନି
ଯେମିତି ହେବା କଥା, ଆଖି ପୋଡୁଥିଲା
ଡାକବାଲାର ଘଣ୍ଟି ଶୁଭିଲା
ଗେଟ୍ ପାଖରେ ବହୁଦିନ ପରେ
ବାଟ ଭାଙ୍ଗି ଭୋକ ଚାଲିଗଲା ।

ସବୁ ଠିକ୍ ଥିଲା
ମାସକ ପରେ ଅଫିସ୍ ଠିକଣାରେ
ଚିନୁ ଅପାରୁ ଚିଠିଟେ ମିଳିଲା
ଚିଠି ପଢ଼ା ସରିଲା ବେଳକୁ
ଆଉ ଏକ ଭୋକ ଜନ୍ମ ନେଇଥିଲା ।

♥ ଫ୍ଲାଟ୍ ନମ୍ବର ୨୦୩, ଅମ୍ରିତା ହାଇଓ୍ୱେ
ଏନ୍‌କ୍ଲେଭ୍, ବଡ଼ ରଘୁନାଥପୁର, ତମାଣ୍ଡୋ,
ଭୁବନେଶ୍ୱର-୭୫୨୦୫୪
ଫୋନ:୯୪୩୭୦୬୯୯୫୫



▲ ଫଟୋ ଅକ୍ଷୟ ପାଳ

# ଚଲାପଥ

## ଡକ୍ଟର ଅନିଲ ନନ୍ଦ

ଆଉ ଦୁଃଖ କରି ଲାଭ କଣ !
ଏମିତି କିଛି ନା କିଛି ଘଟେ,
ଯାହାସବୁ ଅଭୂତପୂର୍ବ
ଆଉ କାହା ସଙ୍ଗେ ବି ଘଟି ନଥାଏ ।

ବଡ଼ିଭୋର୍‌ଟାରୁ ଚାଲୁଚାଲୁ
ଲୁଟେରା ଛିଣ୍ଡାଇ ନିଏ ଗଳାହାର
ମନେ ଅନ୍ଧାର ଭିତରେ ଛନ୍ଦି ହେଇଯାଏ ପାଦ
ଠିକ୍ ଭୁଲ୍‌ଙ୍କ କୁହୁଡ଼ି ଭିତରେ
ଅନ୍ଧ ହେଇଯାଏ ଆଖି ।

ଚାଲିବାର ଥାଏ ବୋଲି ସିନା
ଚାଲିବାକୁ ହୁଏ ସାରାଦିନ
ଖରାବର୍ଷାକୁ ଟେକି ଦେଇ ସୁଖ
କେତେବେଳେ ବୋଝ ମୁଣ୍ଡାଇ ତ
କେତେବେଳେ ହାଟ ସଉଦାକୁ
ବ୍ୟାଗ୍ ଖଣ୍ଡେ ଧରି ।

ଥରେ ଥରେ ସହଯାତ୍ରୀକୁ
ଅପେକ୍ଷା ନକରି
ଚାଲିବାକୁ ହୁଏ ଅଙ୍କାବଙ୍କା ପଥ
ଗଛ ଛାଇରେ ଝାଡ଼ିବାକୁ ପଡେ
ବାଟ ଚାଲିବାର କ୍ଳାନ୍ତି
ଗମ୍ ଗମ୍ ଝାଳରେ ଓଦା କରିବାକୁ ହୁଏ
ଶୁଖି ଆସିଥିବା ତଣ୍ଟି
ଚିକ୍କଣ ରାସ୍ତାରେ ହେବାକୁ ପଡ଼େ
ସବାଶେଷ ଯାତ୍ରୀ ।

ରାସ୍ତାରେ ଗୋଡ଼ ଭାଙ୍ଗିବା
ଭଙ୍ଗା ଗୋଡ଼ରେ ବାଟ ଚାଲିବା
ତିନିଛକି ପାଖେ ବାଟବଣା ହେଇ
ଭାଏଁ ଭାଏଁ ବୁଲି ବାଟକୁ ଫେରିବା
କିଛି ନୂଆକଥା ନୁହଁ ।
ଏତେ ଭୟ କାହିଁକି ?

♥ କ୍ୟାମ୍ପସ୍-୯, କିଟ୍,
ଚନ୍ଦକା ଶିଳ୍ପାଞ୍ଚଳ, ପଟିଆ
ଭୁବନେଶ୍ୱର-୭୫୧୦୨୪
ଫୋନ:୯୯୩୭୮୪୩୩୬୮



▲ ଫଟୋ ଅନିଲ ନନ୍ଦ

ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

୩୮

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



◄ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ପୁରୀ କଚେରୀରେ, କିଲ୍‌ଟରିରେ ରାତି ପାହିଲେ କେତେ ମକଦ୍ଦମା ଦାୟର ହୁଏ । କେତେ ଇଜଲାସ୍‌ରେ ସେସବୁର ବିଚାର ହୁଏ । କେଉଁଠି ଦୋଷୀ ଦଣ୍ଡ ପାଏ, କେଉଁଠି ନିର୍ଦ୍ଦୋଷ ଦୋଷୀ ହୋଇଯାଏ । କେତେ ଉଭଟ୍ଟ ମକଦ୍ଦମାରେ ନିଜେ ବିଚାରକ ଚକିତ ହୁଅନ୍ତି । ନ୍ୟାୟ କଣ ହେବ ଭାବି ଘାରି ହୁଅନ୍ତି । ପୁରୀରେ ସେମିତି ବିଚାର ହେଉଥିଲା ଡେପୁଟି କଲେକ୍ଟର ହରେକୃଷ୍ଣ ମହାନ୍ତିଙ୍କ ଇଜଲାସ୍ରେ ଏକ ଅଦ୍ଭୁତ ମକଦ୍ଦମାର । ଆରୋପି ହେଲା ଡଭାର ଗାଁର । ତାକୁ ପଚରା ଗଲା-

"ତୋର ନାମ କଣ ?"

"ବୁଦ୍ଧି ବରାଳ ହଜୁର" କ୍ଷୀଣ କଣ୍ଠରେ ଉତ୍ତର ଆସିଲା । ଯେମିତି ଗଳା ଦେଇ କେତେ ଦିନ ଧରି ପାଣି ଟୋପାଏ ବି ଯାଇ ନାହିଁ । କଥା କହିବା ବେଳକୁ ସତେ ଅବା କିଏ ତଣ୍ଟି ଚିପି ଧରୁଛି ।

"ତୋର ଗ୍ରାମର ନାମ ?"

"ଡଭାର ହଜୁର ।"

"ତୋ ପରିବାରରେ ଆଉ ସବୁ କିଏ ଅଛନ୍ତି ?"

"ମୁଁ ବହୁ କୁଟୁମ୍ବୀ । ମୁଁ ବଡ ପରିବାରର ମୁରବୀ ।"

"ତୋ ଆୟର ଉତ୍ସ କଣ ? ଘର ଚଳେ କେମିତି ?"

"ମୋର ତିରିଶ ଏକର ପାଖାପାଖି ଜମି ହଜୁର । ଚାଷୀ ବନ୍ଦି ଘର ମୋର । ମାଣ ବସାରେ ପିଠାକୁ ବିରି, ଚାଉଳ ନଡ଼ିଆ ନିଅଣ୍ଟ ହୁଏନି । କୋଠିରେ ରହେ ଧାନ ଆଉ ଓଳିଆରେ ବିରି,ମୁଗ ଓ କୋଳଥ ।"

"ଯଦି ତୋର ଏତେ ଜମି ଅଛି, ଅମାରରେ ଫସଲ ରହେ ତେବେ ପାଖ ଗାଁର ସେ ଲୋକ ବିଲରୁ ମୁଗ କରଡ଼ା ଚୋରି କରିବାକୁ ତୋତେ ଲାଜ ଲାଗିଲାନି ।"

"ପୁଲିସ ହାତରେ ଧରା ହୋଇ ଆସିବାକୁ କାହାକୁ ସୁଖ ଲାଗେ ହଜୁର । ହେଲେ ବଢ଼ି ପୁଣି ତା ପରେ ମରୁଡ଼ିରେ ସବୁ ବିଲରୁ ଫସଲ ଲୋପ ପାଇଛି। ଗଲା ତିନି ବର୍ଷ ଧରି ବିଲ ଉଠିଆ ହେଇନି । ବର୍ଷେ କୌଣସି ମତେ ଚଳିଲୁ । ଧୀରେ ଧୀରେ ଅର୍ଦ୍ଧାହାର ତା ପରେ ଅନାହାର । ମାସ ମାସ ଧରି ପେଟକୁ ଦାନା ନାହିଁ । ସାହାଯ୍ୟ ଚୁଡ଼ା, ଚାଉଳ ସମୁଦ୍ରକୁ ଶଙ୍ଖେ । ମୋ ଘରର କିଏ କେଉଁଠି ପଡ଼ି ମରୁଛି ବା ସୁକୁସୁକୁ ହେଉଛି ସେ ଖବର ବି ପାଖରେ ନାହିଁ । ଭିକ ମାଗିଲେ ମିଳୁନି । ଅନାବନା ଗଛର ପତ୍ର ସିଝାଇ ଖାଉଥିଲୁ ହେଲେ ସେ ଗଛ ସବୁ ଥୁଣ୍ଟା ହୋଇଗଲାଣି ।" ଲୋକଟି ଏତିକି କହି ଧଇଁ ପେଲି ହେଲା । ଲୋଟାଏ ପାଣି ତା ପାଇଁ ଆସିଲା । ତା ପରେ ଆସିଲା ପୁଣି ପ୍ରଶ୍ନ -

"ନିଜ ସପକ୍ଷରେ ଆଉ କି ସଫେଇ ଦେବୁ ?"

"କି ସଫେଇ ଦେବି ହଜୁର ? ପହିଲେ ଚୁଡ଼ା ଚାଉଳ ମାଗି ଯିବାକୁ ଲାଜ ଲାଗୁଥିଲା । ଧୀରେ ଅଭ୍ୟାସ ହେଲା ଯେ ସାହାଯ୍ୟ ବା ମିଳିବ କେତେବେ । ଯେଉଁଠି ବିଛୁଆତି ପତ୍ର ସିଝାଇବାକୁ ମିଳୁନି ସେଠି ମୁଗ କରଡ଼ା କଥା କଣ କହିବି । ମୁଁ ଦୋଷୀ । ମୋତେ ଦଣ୍ଡ ଦିଅନ୍ତୁ ।"

ସବୁ ବୁଝି ସାରିବା ପରେ ହରେକୃଷ୍ଣ ମହାନ୍ତି କହିଲେ "ଆଜି କଚେରି ବନ୍ଦ ପର୍ଯ୍ୟନ୍ତ ତୋତେ ଏହି ଘରେ ଜେଲ୍ ଦିଆଗଲା । ଏହା ତୋର ଅପରାଧର ଦଣ୍ଡ ।"

ନିଜ ପ୍ରତି କି ଦଣ୍ଡ ବିଧାନ ହେଲା ଏକଥା ଭଲରେ ବୁଝିବା ପରେ ବୁଦ୍ଧି ବରାଳ କାନ୍ଦି କାନ୍ଦି କହିଲା, "ଏ କଣ କଲେ ହଜୁର ! ମୋତେ ପନ୍ଦର ଦିନ ଜେଲ୍ ଦେଲେ ନାହିଁ । ମୁଁ ପନ୍ଦର ଦିନ ମୁଠିଏ ଲେଖା ଖାଇବାକୁ ପାଇଥାନ୍ତି ।" କୋହ ଉଠାଇ କାନ୍ଦିବାକୁ ବି ବଳ ପାଉ ନଥିଲା ତାର ।

ତା' କଥା ଶୁଣି ଓ କାନ୍ଦ ଦେଖି ହରେକୃଷ୍ଣଙ୍କ ଆଖି ହୋଇଉଠିଲା ଛଳଛଳ ।

ଏମିତି ଯେ ଗୋଟିଏ ଘଟଣା ଘଟିଥିଲା ତାହା ନୁହେଁ। ଡଭାରର ଜଣେ ଲୋକ ଥରେ ନୀଳକଣ୍ଠ ଦାସଙ୍କ ବସାରେ ପହଞ୍ଚେ । ଗୋଡ ହାତ ଥରୁଥାଏ । ତଣ୍ଟି ଶୁଖି ଯାଉଥାଏ । ଦେହ କଙ୍କାଳସାର ମୁଣ୍ଡ ନୁଖୁରା । ଦେହରେ ପିନ୍ଧା ବୋଇଲେ ମଳିଚିଆ ଗାମୁଛା ଖଣ୍ଡେ । ନୀଳକଣ୍ଠ ତାକୁ ଦେଖି ପଚାରିଲେ

"କୁଆଡେ ପଶି ଆସୁଛ ।"

"କିଛି ନାହିଁ ଆଜ୍ଞା ଅସମ୍ଭାଳ ଭୋକ ।"

"ତୁମ ଘର କେଉଁଠି ?"

"ଡଭାର ଆଜ୍ଞା । ମୋତେ କିଛି ହେଲେ ଖାଇବାକୁ ଦିଅନ୍ତୁ ନ ହେଲେ ପିଣ୍ଡରୁ ହଂସା ଉଡ଼ିଯିବ । ମୁଠି ଶାଗରେ କୁଣ୍ଡା ପକାଇ ରାନ୍ଧୁଥିଲୁ । ଏବେ ସେତିକି ବି ମିଳୁନି ।"

"ତୁମର ଜମିଜମା ?"

"ପାଖାପାଖି ବାଟିଏ ।"

"ଏ ବର୍ଷର ଫସଲ ?"

ଲୋକଟି ଆହୁରି ବିକଳ ହୋଇ କହିଲା, "ଭାତ ଭାତ ମୁଠାଏ ଦିଅନ୍ତୁ ।"

ନୀଳକଣ୍ଠ ପୂଜାରୀକୁ ଡାକ ପକାଇଲେ ଭାତ ପାଇଁ-କହିଲେ, "ଏ ଲୋକଟିକୁ କିଛି ଖାଇବାକୁ ଦିଅ ।"

ପୂଜାରୀ ଖାଇବା ଆଣି ଦେଲା । ଲୋକଟି ଦୁଇ ତିନି ଗ୍ରାସରେ ସବୁ ଖାଇଦେଲା । ମାଗିଲା ପାଣି ।

ହେଲେ ହାତ ଧୋଇବା ପୂର୍ବରୁ ଲୋକଟି ଖାଇବା ଜାଗାରେ ହିଁ ଟଳି ପଡ଼ିଲା । ତେଣିକି ନୀଳକଣ୍ଠ ଶବ ଉଠାଇବାର ବନ୍ଦୋବସ୍ତ କଲେ ।

ଏହିପରି ଆହୁରି କେତେ ଖବର ସଭ୍ୟ ସମାଜରେ ଆଲୋଚିତ ହେଉଥିଲା । ଦିନେ ଡଭାରରେ ସନ୍ଧ୍ୟା ସମୟରେ ଛୋଟ ପିଲାମାନଙ୍କୁ ମୁଢ଼ି ବାଣ୍ଟୁଥାଆନ୍ତି ନୀଳକଣ୍ଠ । ଦୋଳ ପୁନେଇ ରାତି । କଅଁଳ ଚନ୍ଦ୍ର କିରଣ ପଡ଼ିଛି । କଙ୍କାଳସାର ପିଲାଏ ମୁଢ଼ି ନେବାକୁ ନହର ପହର ହେଉଛନ୍ତି। ଚନ୍ଦ୍ର କିରଣରେ ସେମାନଙ୍କ ଦୁର୍ବଳ ଦେହ ବଡ କରୁଣ ଦିଶୁଥାଏ। ସେ ଗହଳି ଭିତରୁ ବୁଢ଼ୀ ପରି ଦିଶୁଥିବା ଜଣେ କେହି ମୁଢ଼ି ପାଇଁ ଡାଲା ବଢାଇ ଦେଲା । ନୀଳକଣ୍ଠ ଚିହିଁକି ଉଠି କହିଲେ, "ହେ ବୁଢୀ ! ତୁ କାହିଁକି ପିଲାଙ୍କ ଭିତରେ ପଶିଛୁ ?"

ସେ କାନ୍ଦି କାନ୍ଦି ଆଉ ଥରେ ଡାଲା ବଢ଼ାଇଲା । ନୀଳକଣ୍ଠ କହିଲେ, "ତୁ ଉଠି ଯାଆ,ଉଠି ଯାଆ ।"

ସେ ରାହା ଧରି କାନ୍ଦିଲା ।

ତହୁଁ ଜଣେ ଗ୍ରାମବାସୀ ନୀଳକଣ୍ଠଙ୍କୁ କହିଲା, "ଆଜ୍ଞା ତାକୁ କାହିଁକି ଯିବାକୁ କହୁଛନ୍ତି ? ସେ ପରା ପିଲାଟିଏ । ଦେହ ଦୁର୍ବଳରୁ ବୁଢୀ ପରି ଦିଶୁଛି ।"

ଝିଅଟିକୁ ଦେଉଥିବା ମୁଢ଼ିରେ ନୀଳକଣ୍ଠଙ୍କ ଲୁହ ଗୋଳି ହୋଇ ଓଦା ହୋଇଗଲା । ଖବର ବି ଆସେ ସୁତନ ଗାଆଁରୁ ।- ଚୁଡ଼ା,ଗୁଡ଼,ଚାଉଳ ବାଣ୍ଟିବାକୁ ଯାଉଥିବା ଲୋକଙ୍କ ପାଖକୁ ସାହାଯ୍ୟ ନେବା ଲାଗି ବୟସ୍କ ଲୋକେ ଆସି ପାରୁନାହାନ୍ତି । ଘରେ କମ୍ ବୟସର ଲୋକେ କେହି ରହୁ ନାହାନ୍ତି । ବାହାରି ଯାଉଛନ୍ତି ରୋଜଗାର ଆଶାରେ । ବାଟରେ କିଏ କେଉଁଠି ଟଳି ପଡୁଛି ତାହା ଜାଣିବାକୁ କୁ ନାହିଁ । ସୁତନ ଗାଁ ମୁଣ୍ଡରେ ଥରେ ନୀଳକଣ୍ଠ ବାଇଶିଟି ଶବ ଦେଖିଲେ । ପଚାରି ଜାଣିଲେ ସତ୍କାର କରି ନପାରି ଲୋକେ ଏହି ଭଳି ନିଜ ଆତ୍ମୀୟଙ୍କ ଶବ ଫିଙ୍ଗି ଦେଇ ଆସୁଛନ୍ତି । କୁକୁର ଆଉ ମଣିଷ ମାଂସ ଖାଉ ନାହାନ୍ତି । ଗାଁ ମୁଣ୍ଡେ ଚକ୍କର୍ କାଟୁଛନ୍ତି ଶହ ଶହ ଶାଗୁଣା । ମଣିଷ ମାଂସ ଖାଇଖାଇ ସେମାନେ କ୍ଳାନ୍ତ ।

ମାସ ମାସ ଧରି ଏହି ଭଳି ଅନେକ ଖବର ଭବ୍ୟ ସମାଜରେ ଖେଳି ବୁଲେ । ଡଭାର ଲୋକଙ୍କ ଭାଗ୍ୟ ସହ ଯୋଡ଼ି ହୋଇଥିବା ଗୋପବନ୍ଧୁ ଅନ୍ୟମାନଙ୍କୁ କହନ୍ତି, ଥିଲା ବାଲାଙ୍କ ଅବସ୍ଥା ଯଦି ବୁଦ୍ଧି ବରାଳ ପରି ତା ହେଲେ ମୂଲିଆଙ୍କ ଅବସ୍ଥା କଣ ହେଉଥିବ ଚିନ୍ତା କର । ଯାହାର ଦାଣ୍ଡରୁ ଆସିଲେ ହାଣ୍ଡିରେ ପଶେ ସେ କଣ କରୁଥିବେଟି ? ଏ ପ୍ରକାରର ଖବର ସଭ୍ୟ ସମାଜ ପ୍ରତି ବିଦ୍ରୁପ ଠା ପାଣି ବେଳେ ଷଡ ରସ ବ୍ୟଞ୍ଜନ ଖୋଜୁଥିବା ଲୋକଙ୍କ ପାଇଁ ଏହା ପ୍ରକୃତିର, ଅଦୃଷ୍ଟର କଟାକ୍ଷ ।

ଏ ସବୁ କଥା ପଡିଲେ ଗୋପବନ୍ଧୁ ଏହାର ପ୍ରେକ୍ଷାପଟ୍ଟ ମନେ ପକାନ୍ତି । ଫସଲ ହାନି, ବଢ଼ି,ମରୁଡି ଏଭଳି ପରିସ୍ଥିତି ସୃଷ୍ଟି କରିଛି । ଶେଷରେ ପଡ଼ିଛି ଦୁର୍ଭିକ୍ଷ । ଦିନକରେ ଏ ପରିସ୍ଥିତି ଉପୁଜି ନାହିଁ ।

ବର୍ଷେ ତଳେ କୋଠ ଦେଶ ଅଞ୍ଚଳରେ ଆସିଥିଲା ନାହିଁ ନଥିବା ବଢ଼ି । କୁଶଭଦ୍ରା ଓ ଭାର୍ଗବୀ ନଈ ଯେମିତି ପରସ୍ପର ଭିତରେ ମନ୍ତ୍ରଣା କରି ସେ ଅଞ୍ଚଳକୁ ଛାରଖାର କରିଦେବାକୁ ବସିଥାନ୍ତି । ସରକାର ତଏହାକୁ ସ୍ୱାଭାବିକ ବନ୍ୟା ବୋଲି ଧରି ନେଇଥାନ୍ତି । ବର୍ଷା ଋତୁ ମାନେ ନଈ ବଢିବ । ନଈ ବଢ଼ିଲେ ଘାଇ ଭାଙ୍ଗିବ । ଲୋକେ ହନ୍ତସନ୍ତ ହେବେ । ଇଏ ତ ପ୍ରତି ବର୍ଷର କଥା । ଏଥିରେ ସରିଗଲା ସବୁ ଭାସିଗଲା କହି ଛାତି ପିଟିଲେ କଣ ହେବ ? ହେଲେ ଗୋପବନ୍ଧୁ ଛାତି ପିଟୁଥାନ୍ତି କାରଣ ତାଙ୍କ ଛାତି ତଳେ ଥିବା ହୃଦୟ ନିଜ ଭାଇମାନଙ୍କ ଲାଗି କରତି ହେଉଥାଏ । କୋଠ ଦେଶର ଦୁରବସ୍ଥା ଜାଣି ଗୋପବନ୍ଧୁଙ୍କ ମନ ଥୟ ଧରେ ନାହିଁ । ବଢ଼ିର କରାଳ ରୂପ ଭିତରେ ସେ ସତ୍ୟବାଦୀରୁ ବାହାରି ପଡ଼ନ୍ତି । ସାଙ୍ଗରେ ଥାଆନ୍ତି ନୀଳକଣ୍ଠ ଓ ତାଙ୍କ ସହିତ କେତେ ଜଣ ଛାତ୍ର । ଚୁଡ଼ା,ଚାଉଳ ବାହି ନେବା ପାଇଁ କେତେ ଜଣ ସହଯୋଗୀ । ସବୁ ସରଞ୍ଜାମ ଗୋଟିଏ ଡଙ୍ଗାରେ ରଖାଯାଏ । ଆଉ ଗୋଟିଏ ଡଙ୍ଗାରେ ବସନ୍ତି ଗୋପବନ୍ଧୁ, ନୀଳକଣ୍ଠ ଓ ସ୍ବେଚ୍ଛାସେବୀମାନେ । ତା ପରେ ନାଉରୀ ମାନେ ଡଙ୍ଗା ବାହି ନିଅନ୍ତି । ଅଳ୍ପ ଦୂର ଗଲା ପରେ ତାଙ୍କ ଆଖିରେ ପଡେ ଭାସି ଯାଉଥିବା ଗୋଟିଏ ମୁର୍ଦ୍ଦାର । ଦେହ ଫୁଲି ଯାଇଛି । ମୁହଁ କିଛିଟା ପଚି ଆସିଲାଣି । ହଠାତ୍ ଗୋପବନ୍ଧୁ ବିବ୍ରତ ହୋଇ ପଡିଲେ । "ଆରେ ରାମା, ହେ ନୀଳକଣ୍ଠ ! ଦେଖ ଦେଖ ମୋ ଭାଇମାନଙ୍କ ଅବସ୍ଥା । ଏଇମାନେ ଦିନେ ସଂସାର କରିଥିଲେ, ଭାଇବନ୍ଧୁ କୁଟୁମ୍ବ ନେଇ ଚଳିଥିଲେ, ବିଲରୁ ପାଚିଲା ଫସଲ କାଟିଥିଲେ, ଘରେ ମାଣ ବସାଇ ଲକ୍ଷ୍ମୀ ପୂଜା କରିଥିଲେ । ଆଜି କିନ୍ତୁ ସର୍ବନାଶ । ସେମାନଙ୍କ ପରିଚୟ ଅଚିହ୍ନା ମୁର୍ଦ୍ଦାର । ମୋ ଭାଇମାନେ ଏମିତି ମରୁଥିବା ବେଳେ ମୋତେ ଧିକ ।" ଏମିତି କଣ ସବୁ କହି ସେ ନିଜ ଛାତି ପିଟୁଥାନ୍ତି ।

ପାଣି ଯେମିତି କୋଉ ଆକ୍ରୋଶରେ ନାଚୁଥାଏ । ଆଖି ପାଇଲା ଯାଏଁ ଗୋଳି ପାଣି । ପାଣି ନୁହଁ ଯେମିତି ମାଟିଆ ରଙ୍ଗର ଗରଳ । କୋଉଠି ସାପ ମୁଣ୍ଡ ଛିଣ୍ଡାଇ ଦେଲା ପରି ସୁଅ ତ କୋଉଠି ହାତୀ ଛତି ବୁଡି ଗଲା ପରି ଗଭୀର ଗଣ୍ଡ । ସୁଅରେ ଭାସି ଯାଉଛି ମଣିଷ ମଡା, ଭାସି ଯାଉଛନ୍ତି ଗାଈଗୋରୁ । ମଣିଷର ଅକାଳ ବେଳେ ସେମାନଙ୍କର ରକ୍ଷଣ କଥା କିଏ ବା ବୁଝୁଛି । ପଚା ପାଣିର ଦୁର୍ଗନ୍ଧରେ ପେଟରୁ ଭାତ ବାହାରି ଆସିବା ପରି ଲାଗୁଥାଏ ।ଏହି ସମୟରେ ଦୂରରୁ ଜଣେ କିଏ ଡାକୁଥିବା ପରି ମନେ ହେଲା । ନୀଳକଣ୍ଠ ସେ ଆଡ଼କୁ କାନ ଡେରିଲେ । ଗଛଟିଏ ଉପୁଡ଼ି ଭାସି ଯାଉଛି । ତାର ଗୋଟିଏ ଡାଳକୁ ଧରି ଜଣେ ଲୋକ କୌଣସି ମତେ ଲାଖି ରହିଛି । ସେ ଚିତ୍କାର କରି ଚାଲିଛି । ହୁଏତ ସେ ଡାକ କାହା କାନରେ ପଡ଼ିବ । ସିଏ ଉଦ୍ଧାର ପାଇବ । ଗୋପବନ୍ଧୁ ଏ ଦୃଶ୍ୟ ଦେଖି ଛଳଛଳ ହୋଇ ଉଠିଲେ । ନାଉରିଆକୁ କହିଲେ ସେଠିକୁ ଡଙ୍ଗା ବାହି ନେବା ପାଇଁ । ସେ ଲୋକ ଜଣକ ବଞ୍ଚିଛି । ତାର ପ୍ରାଣ ବଞ୍ଚାଇବାକୁ ହେବ । ତାକୁ ଉଦ୍ଧାର କରିବାକୁ ପଡ଼ିବ । ଡଙ୍ଗା ଭାସି ଯାଉଥିବା ଗଛର ପାଖାପାଖି ହେଲା । ଗୋପବନ୍ଧୁ ଦେଖିଲେ ସେ ଲୋକଟି ଭୋକରେ ଯେତିକି ଆତୁର ସେତିକି ଭୟରେ ବି । ଗଛ ପାଖାପାଖି ହୋଇ ନୀଳକଂଠ ଦେଖିଲେ ଭୟାନକ ଦୃଶ୍ୟ । ଲୋକଟି ବସିଥିବା ଡାଳରେ ଦୁଇ ତିନୋଟି ନାଗ ସାପ ଆଶ୍ରୟ ନେଇଛନ୍ତି । ସେମାନେ କେତେବେଳେ ଫଣା ଟେକୁଛନ୍ତି ତ କେତେବେଳେ ଗଛର କୋରଡ ଖୋଜୁଛନ୍ତି । ଭାଗ୍ୟ ଭଲ ଲୋକଟିଏ ଯାଏଁ ଦଂଶିତ ହୋଇନାହିଁ । ହୁଏତ ଏ ବିତିପାତ କାଳରେ ସେମାନେ ଅନ୍ୟର କ୍ଷତି କରିବା ଭୁଲି ଯାଇଛନ୍ତି । ଡଙ୍ଗା ପାଖାପାଖି ହେବାରୁ ସେ ଲୋକଟି ଭାସି ଯାଉଥିବା ଗଛରୁ ଡେଇଁ ଡଙ୍ଗା ଆଡ଼କୁ ଆସିବାକୁ ଚେଷ୍ଟା କଲା । ଦିନ ଦିନର ଉପାସ ସାପ ଭୟ । ତା ଭିତରେ କୌଣସି ମତେ ପହଁରିବା ଲାଗି ଚେଷ୍ଟା କରୁଥାଏ । ଗୋପବନ୍ଧୁ ନାଉରୀଆକୁ ନିର୍ଦ୍ଦେଶ ଦେଲେ କାତ ତା ଆଡ଼କୁ ବଢାଇ ଦେବା ପାଇଁ ।

"ବାବୁରେ କାତ ଧରି ଚାଲି ଆସ ।"

ନାଆ ଟଳମଳ ହେଉଥାଏ । କୌଣସି ମତେ ଲୋକଟି କାତ ଧରି ନାଆ ଉପରକୁ ଆସିଲା । ଶୀତରେ ତାର ଦେହ ଥରୁଥାଏ । ସେ ଡଙ୍ଗାକୁ ଉଠିବା ପରେ ପିଲାମାନେ ତା ହାତରେ ଧରାଇ ଦେଲେ ବଡ ବାଟୁଲାଏ ଚୁଡ଼ା ଗୁଡ଼ ଚକଟା । ସେ ଟିକେ ସାଷ୍ଟମ ହେଲା ପରେ ତାକୁ ଗୋପବନ୍ଧୁ ପଚାରିଲେ, "ତୋ ଘର କେଉଁ ଗାଁରେ ବାବୁ ?"

ଯୁବକ ଜଣକ ଉତ୍ତର ଦେଲା, "ମୋ ଗାଁ ଡଭାର ।"

"ତୋର ଏ ଅବସ୍ଥା କେମିତି ହେଲା ।"

"କୁଶଭଦ୍ରା ପାଣି ଆମ ଗାଁରେ ପଶିବା ପରେ ଆମେ ସତର୍କ ହେଲୁ ।ହେଲେ ପାଣି ଦୃତ ଗତିରେ ବଢିଲା । ଯେତେବେଳେ ଘର ଭିତରେ ପାଣି ଅଣ୍ଟାଏ ହେଲା ମୁଁ ଓ ମୋର ମା ଗଛକୁ ଆଶ୍ରା କଲୁ । ଗଛ ବି ଅଳ୍ପ ସମୟ ପରେ ଉପୁଡ଼ିଲା । ସେତେବେଳେ ପାଣି ସୁଅ ଭୟଙ୍କର । ମୋର ମା ପାଣିରେ ଖସି ପଡ଼ିଲା । ତାକୁ ରକ୍ଷା କରିବାକୁ ମୁଁ ପାଣିକୁ ଡେଇଁ ପାରିଲି ନାହିଁ । ଜୀବନ ବିକଳ ରେ ଡାଳକୁ ଆବୋରି ରହିଲି । ମୋ ବୁଢ଼ୀ ମା ଏମିତି ମୋରି ଆଖି ଆଗରେ ....." ଏତିକି କହି ଲୋକଟି ରାହା ଧରି ବାହୁନିବାକୁ ଲାଗିଲା ।

"ଥୟ ଧର ବାବୁ ଥୟ ଧର । ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି ।"

ସେ ପିଲାଟି ଟିକେ ସାଷ୍ଟମ ହେଲା ପରେ ଦୂରରୁ ଦେଖାଗଲା ଗୋଟିଏ ଭାସି ଯାଉଥିବା ଚାଳ । ତା ଉପରେ ତିନି ଚାରି ଜଣ ବସିଆର୍ତ୍ତ ଚିତ୍କାର କରୁଥାଆନ୍ତି । ସେଠି ସୁଅ ଟିକେ କମ୍ । ଚାଳଟି ପାଣିର ନାଚ ସହ ସମ ତାଳରେ ଦୋଳି ଖେଳୁଥାଏ । ଗୋପବନ୍ଧୁ ସେ ଆଡ଼କୁ ଡଙ୍ଗା ବାହି ନେବାକୁ କହିଲେ । ଡଙ୍ଗା ପହଞ୍ଚିବା ପରେ ସେମାନେ ଚାଳରୁ ଓହ୍ଲାଇ ସତର୍କତାର ସହ ଡଙ୍ଗାକୁ ଆସିଲେ । ସେମାନଙ୍କ ସହିତ କୁକୁରଟିଏ ଥିଲା । ସେ ବି ଚାଲି ଆସିଲା । ସେମାନଙ୍କୁ ଉଦ୍ଧାର କଲା ପରେ ଚାଳଟି ଗୋଟିଏ ଭଉଁରିରେ ପଡ଼ି ଚକ୍କର ଖାଇଲା । ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।

ଗୋପବନ୍ଧୁ କହିଲେ, "ଗୋବିନ୍ଦଙ୍କ ଗତି ଦେଖ ।"

ତା ପରେ ସେ ଉଦ୍ଧାର କରାଯାଇଥିବା ବ୍ୟକ୍ତିମାନଙ୍କ ଭିତରୁ ବୟସ୍କ ଲୋକ ଜଣଙ୍କୁ ପଚାରିଲେ, "ତୁମ ଗାଁ କେଉଁଠି ବାବୁ ?"

ଲୋକ ଜଣଙ୍କ କହିଲା, "ସୁତନ ।"

"ତୁମେ ଏପରି ଅକଳରେ କେମିତି ପଡ଼ିଲ ?"

"ଆମେ ଆମର ଛୋଟ ପରିବାର ଧରି ଘର ଭିତରେ ଥିଲୁ । ବଢ଼ି ପାଣି ମାଡ଼ି ଆସିଲା । ଘରେ ପୂର୍ବ ବର୍ଷର ଯାହା ଧାନ,ବିରି ଓ ମୁଗ ଥିଲା ସେ ସବୁ ପାଣିରେ ଭାସି ଯିବ ବୋଲି ଆମେ ଚିନ୍ତା କଲୁ । ତେଣୁ ଆମେ କେହି ଘର ଛାଡ଼ି ଗଲୁ ନାହିଁ । ପାଣି ବଢ଼ି ଚାଲିଥାଏ । ଯେତେବେଳେ ଘର ଏରୁଣ୍ଡି ଡେଇଁ ପାଣି ପଶିଲା ଆମେ ଧାନ ବସ୍ତା,ବିରି ଓ ମୁଗ ଓଳିଆ ଘରର ଭାଡ଼ି ଉପରେ ନେଇ ରଖିଲୁ ।"

"ତା ପରେ କଣ ହେଲା ? ସମ୍ପଦ ରହିଲା ?"

ଲୋକଟି ଟିକେ ଅସ୍ୱାଭାବିକ ମନେ ହେଉଥାଏ । ନିଜର ଏତେ କ୍ଷୟ କ୍ଷତି ପରେ ତା ମାନସିକ ସ୍ଥିତି ବିପର୍ଯ୍ୟସ୍ତ । ସେ କହି ଚାଲିଥାଏ "ଚାହୁଁ ଚାହୁଁ ପାଣି ବଢିଲା । ଘର ଭିତରକୁ ଗୋଟିଏ ନାଗ ସାପ ପଶିଲା । ତାକୁ ମାରି ଆମେ କୌଣସି ମତେ ଜୀବନ ବଞ୍ଚାଇଲୁ । ଆସ୍ତେ ପାଣିର ସୁଅ ବଢିଲା ପତନ ବି ବଢିଲା । ଯେତେବେଳେ ଭାଡ଼ି ଉପରକୁ ପାଣି ଉଠିଲା ଆମେ ଧାନ ମୁଗ ବଞ୍ଚାଇବାକୁ ଉପାୟ ପାଇଲୁ ନାହିଁ । ଗୁହାଳ ଘର ଭିତରୁ ଗାଈ ଓ ବଳଦ ଭାସି ଗଲେ । ଗୋ ମାତାଙ୍କ ସେବାରୁ ମୁଁ ଲାଭ ବି ପାଉଥିଲି ପୁଣ୍ୟ ବି ଅରଜୁ ଥିଲି । ମୋରି ଆଖି ଆଗରେ ସେମାନେ ଭାସିଗଲେ । ତା ପରେ ଝପ୍ କରି କାନ୍ଥ ସବୁ ପଡ଼ିଲା । ଆମର ସାଇତା ହୋଇଥିବା ଶସ୍ୟକୁ ଯେ ଆମେ ରକ୍ଷା କରି ପାରିବୁ ସେ ଆଶା ରହିଲା ନାହିଁ । ସୁଅ ବଢ଼ି ଯାଇଥାଏ । କେତେ କିଏ ଭାସି ଯାଉଥାନ୍ତି । ଉଦ୍ଧାର କରିବାକୁ କେହି ନାହିଁ । ଆମେମାନେ ସେତେବେଳକୁ ପାଣି ଭିତରେ । ସମସ୍ତେ ସେ ଏକ ବନ୍ଦୀ ଅବସ୍ଥାରେ ଚାଳ ଉପରକୁ ଚଢ଼ିଲୁ । ଟଙ୍କା କଉଡ଼ି ଗଲା,

ଧାନ, ମୁଗ ଗଲା । ଘରେ ଯାହା ଲୁଗା ପଟା ଥିଲା ସବୁ ଗଲା । ଦି' ଦିନ ଭାସିଲା ପରେ ଆମେ ଆଜି ଜାଣନ୍ତୁ ଆପଣଙ୍କ ଦ୍ୱାରା ଉଦ୍ଧାର ପାଇଲୁ ।"

"ତା ମାନେ ଦୁଇ ଦିନ ଉପାସ ।"

"ଆମେ ତ ଆଶଙ୍କା କରିଥିଲୁ ଚାଳ କେଉଁଠି ଠାଏ ବୁଡି ଯିବ ଆଉ ଆମେ ସମସ୍ତେ ଜଳ ସମାଧି ପାଇବୁ । ହେଲେ ପବନରେ ଏ ଚାଳ ନାଚି ନାଚି ଅଳ୍ପ ଗତି କଲା ।"

ଏଇ କଥା ଭିତରେ ସ୍ୱେଚ୍ଛାସେବୀମାନେ ସେମାନଙ୍କ ପାଇଁ ଚୁଡ଼ା ଚକଟା ବନ୍ଦୋବସ୍ତ କଲେ ।

ଗୋପବନ୍ଧୁଙ୍କ ଆଖିରେ ଚିତ୍ର ପରି ନାଚି ଉଠୁଥାଏ ସେ ସମୟର କଥା । ଉଦ୍ଧାର ଓ ରିଲିଫ୍ କାମରେ ସେ ବ୍ୟସ୍ତ ଥିଲା ବେଳେ ତାଙ୍କ ପାଖରେ ପହଞ୍ଚନ୍ତି ଗୌରାଙ୍ଗ ଚରଣ କାନଗୋଇ । ଲେନ୍ତିଗଡର ନାମଜାଦା ଲୋକ । ଗୋପବନ୍ଧୁଙ୍କ ରିଲିଫ୍ କାମରେ କୌଣସି ନାଉରୀ ଅସହଯୋଗ କଲେ ସେ ସେମାନଙ୍କୁ ତାଗିଦ୍ କରନ୍ତି । ସେ ସେଦିନ ନିଜେ ଗୋଟିଏ ଡଙ୍ଗାରେ କିଛି ସରଞ୍ଜାମ ଆଣି ପହଞ୍ଚିଲେ ।

ସେଦିନ ଗୋଟିଏ ଡଙ୍ଗାରେ ଉଦ୍ଧାର ହୋଇଥିବା ଲୋକମାନଙ୍କୁ ସାହାଯ୍ୟ କେନ୍ଦ୍ରକୁ ପଠାଇ ଦେବା ପରେ ସେ ଗୋପବନ୍ଧୁଙ୍କ ସହ ସାହାଯ୍ୟ ପହଞ୍ଚାଇବା କାର୍ଯ୍ୟରେ ଲାଗି ଯାଇଥିଲେ । ତାଙ୍କ ପରି ସେବା କାର୍ଯ୍ୟରେ ଆଉ ଜଣେ ମଠ ମହନ୍ତ ଶ୍ରୀରାମ ଦାସ ଗୋପବନ୍ଧୁ ଙ୍କୁ ସାହାଯ୍ୟ କରନ୍ତି । ସେ ବଳଦ, ଶଗଡ ଗାଡି ଓ ଦୁଇ ଜଣ ଲୋକ ଦେଇଥାନ୍ତି । ସ୍ଥଳ ପଥରେ ରିଲିଫ କାର୍ଯ୍ୟ ଆଗେଇ ନେବାରେ ଏହା ସହାୟକ ହୁଏ ।

ସେ ଦିନ ସନ୍ଧ୍ୟା ସମୟରେ ଚାରିଶ୍ରୀ ପାଖ ପାତ୍ରପଡ଼ା ହରିଜନ ବସ୍ତି ପାଖରେ ଡଙ୍ଗା ଲାଗେ । ଦାସେ ଆପଣେ, ଗୌରାଙ୍ଗ କାନଗୋଇ ଓ ନୀଳକଣ୍ଠ ପ୍ରଭୃତିଙ୍କୁ ଦେଖି ଲୋକେ ସାହାଯ୍ୟ ଆଶାରେ ଆସନ୍ତି । ବାଟରେ ଗୋଟିଏ ମୁର୍ଦ୍ଦାର ପଡ଼ିଥିଲା । ଗୋପବନ୍ଧୁ ସେଇଟିକୁ ଧୀରେ ଆଡେଇଲେ ସତେ ଅବା ବଳ ପ୍ରୟୋଗ କଲେ ମୁର୍ଦ୍ଦାରକୁ କଷ୍ଟ ହେବ । ଅବଶିଷ୍ଟ ଚୁଡ଼ା,ଚାଉଳ ବଣ୍ଟା ସାରିବା ପରେ ଗୋପବନ୍ଧୁ ଓ ଅନ୍ୟମାନଙ୍କ ଖାଇବା କଥା ପଡ଼ିଲା । ସେଦିନ ଖାଇବାକୁ ହେଲା ମୁଢ଼ି ଆଉ କନ୍ଦମୂଳ ।

ବଢ଼ି ଛାଡ଼ିବା ପରେ ଆରମ୍ଭ ହେଲା ହଇଜା ଆଉ ନାନାଦି ରୋଗ । ସେଥିରେ ଲୋକ କ୍ଷୟ ହେଲା । ଅଖାଦ୍ୟ ଖାଇ ବିଭିନ୍ନ ସମସ୍ୟା ହେଲା । ଧୀରେ ଧୀରେ ଅନାହାର ମରଣ ଦୃଶ୍ୟ ଗୋଚର ହେଲା । ବଢ଼ି ଯୋଗୁଁ ଫସଲ ନଷ୍ଟ ହୋଇଥିଲା । ଲୋକଙ୍କ ଘରେ ଦାନା ରହିଲା ନାହିଁ । ଲୋକେ ଅଖାଦ୍ୟ ଖାଇ ମରଣ ମୁହଁରେ ପଡିଲେ । ଗୋପବନ୍ଧୁଙ୍କ ମନେ ପଡେ ଲୋକଙ୍କ ଦୁଃଖ କହିବା ପାଇଁ ଜନତାର ଦାବୀ ଉପସ୍ଥାପନ ପାଇଁ ସେ ସମାଜ ନାମକ ଗୋଟିଏ ଛୋଟ ସାପ୍ତାହିକ ପତ୍ରିକା ପ୍ରକାଶ କଲେ । ୧୯୧୯ ଅକ୍ଟୋବର ଚାରି ତାରିଖ ବିଜୟା ଦଶମୀରେ ତାହା ପ୍ରକାଶ ପାଇଲା । ସେଥିରେ ସେ ସଂପାଦକୀୟ ରେ ଦୁର୍ଭିକ୍ଷ ଜନିତ ସ୍ଥିତି ଉପରେ ସ୍ୱକୀୟ ଅନୁଭୂତି ବର୍ଣ୍ଣନା କଲେ । ଅକ୍ଟୋବର ୧୧ ତାରିଖ ସଂଖ୍ୟାରେ ଦୁର୍ଭିକ୍ଷ ଶିରୋନାମାରେ ସେ ଲେଖିଲେ, "ଅନେକ ସ୍ଥାନରେ ଲୋକଙ୍କ ଅବସ୍ଥା ଶେଷ । ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ହେଲା । ପୁଅ ଠାରୁ ଛଡ଼ାଇ ମାଆ ଖାଇଯିବାର ଦେଖା ଗଲା । କିଆ କନ୍ଦା, କଦଳୀ ଗଛର ମୂଳ, ବିଛୁଆତି ପତ୍ର ସିଝା ଆଦି ଅଖାଦ୍ୟ ଲୋକେ ପେଟ ବିକଳରେ ଖାଇଲେ । ମଫସଲରେ ଅନେକ ସ୍ଥାନରେ ବିଶେଷତଃ ଧୋଇଆ ମୁଲକରେ ରାସ୍ତା ବାଟ ଘାଟ ସବୁଆଡେ କେବଳ କଙ୍କାଳ ନେଇ ଲୋକମାନେ ଟଳମଳ ହେଉଛନ୍ତି । ସେମାନଙ୍କୁ ଦେଖିଲେ ଡର ମାଡୁଛି । ଜଣେ ଜଣେ ପଡ଼ି ମରି ଯାଉଛନ୍ତି । ଜେଲ ଖାନାକୁ ଗଲେ ଖାଇବାକୁ ପାଇ ପ୍ରାଣ ବଞ୍ଚାଇବେ ବୋଲି ଜାଣିଶୁଣି ଅନେକ ଚୋରି କରୁଛନ୍ତି । କିଣିବାକୁ ଧାନ ଚାଉଳ ମିଳୁ ନାହିଁ । ମଜୁରୀ ମିଳୁ ନାହିଁ ।"

ଏହି ସମୟରେ ବହିରା ନାମକ ପିଲାର ଅନାହାର ମୃତ୍ୟୁ ଖବର ଚହଳ ପକାଇଥିଲା । ରୋଗ ବ୍ୟାଧି କିଛି ନଥିଲେ ମଧ୍ୟ ପ୍ରତ୍ୟହ ଦୁଇ ତିନି ଜଣ ମରୁଥିବାର ଖବର ଆସେ । ବହିରା ଜଣେ ଅସହାୟ ଅନାଥ ପିଲା । ଅନ୍ନ କଷ୍ଟର ଶିକାର ହୋଇ ତାର ଅନାହାର ଜନିତ ମୃତ୍ୟୁ ହେଲା । ଏହାର ବିବରଣୀ ଲେଖାଗଲା । ମରଣ ରେଜିଷ୍ଟରରେ ତାର ମୃତ୍ୟୁର କାରଣ ଅନାହାର ବୋଲି ଲେଖାଗଲା ।

ଅନାହାର କାରଣ ପ୍ରଶାସନ ପାଇଁ ବଦନାମର ହେତୁ ହେବ । ତେଣୁ ସେ ଶବ୍ଦକୁ ନେଇ ଦ୍ୱନ୍ଦ୍ୱ ଉପୁଜିଲା । ଚାପ ପଡ଼ିଲା ବିଚରା ଚୌକିଦାର ଉପରେ। ସେବେଠୁ ସେ ଆଉ କାହାର ମୃତ୍ୟୁ ଅନାହାର ଜନିତ ବୋଲି ଲେଖି ନାହିଁ ।

ସରକାରୀ କାଗଜରେ ନ ହେଲେ ମଧ୍ୟ ଅନାହାର ମୃତ୍ୟୁ ଜାରିଥାଏ । ଗୋପବନ୍ଧୁ ମନେ ପକାଇଥାନ୍ତି ଆଉ କେତୋଟି ଭୟାବହ ଘଟଣା ଯାହା ସଭ୍ୟ ସମାଜକୁ ଲଜ୍ଜିତ କରିବ ।

ଦୁଇ ଜଣ ମହିଳା ଚାଉଳ ନେବାକୁ ଆସୁଥାନ୍ତି ଡଭାର । ସେମାନଙ୍କ ଅବସ୍ଥା କହିଲେ ନସରେ । କୌଣସି ମତେ ସାହାଯ୍ୟ କେନ୍ଦ୍ରର ପାଖାପାଖି ଆସି ଟଳି ପଡ଼ିଲେ । ଏ ମରଣ ସରକାରୀ ନଥିରେ ଅପଞ୍ଜିକୃତ ରହିଗଲା । ଅନାହାର କାରଣ ରେଜିଷ୍ଟରରେ ରହିଲା ନାହିଁ ଯଦିଓ ପୋଲିସ ଉପସ୍ଥିତିରେ ମୁର୍ଦ୍ଦାର ଉଠିଲା ।

ଗୋପବନ୍ଧୁ ମନେ ପକାଇଥାନ୍ତି ନାଗପୁରର ସେ ତନ୍ତୀର କଥା । କୌଣସି ମତେ ଚାଲିଚାଲି ଆସି ସେ ଗୋପ କାନଗୋଇ କାର୍ଯ୍ୟାଳୟ ବାରଣ୍ଡାରେ ବସି ପଡେ । ନେହୁରା ହୋଇ ସେ କେତେ କାହାକୁ ଖାଇବାକୁ ମାଗେ । ହେଲେ କେହି କୃପା କରନ୍ତି ନାହିଁ । ଗୋପବନ୍ଧୁଙ୍କ ସେବା ଦଳ ପାଖରେ ଖାଦ୍ୟ ଦ୍ରବ୍ୟ ନଥାଏ । ବଣ୍ଟା ବଣ୍ଟି ସରି ଯାଇଥାଏ । ତା ପରଦିନ ସେଠି ପହଞ୍ଚିଲା ବେଳକୁ ସେ ହରି ଛାଡି ସାରିଥାଏ ।

ପୁଣି ମନେ ପଡ଼ିଲା ଷୋଳପୁର ଗାଁ ମୁଣ୍ଡେ ଭେଟି ଥିବା ସେ ଛ ସାତ ବର୍ଷର ପିଲାଟିର କଥା । ଦେହ ଚମ ଧୁଡୁ ଧୁଡୁ । ଆଖି କୋଟର ଗତ । ପାଖକୁ ଯାଇ ଦେଖିଲା ବେଳକୁ ସେ ଦୁକ୍ ଦୁକ୍ ହେଉଛି । ଅଳ୍ପ ସମୟ ପରେ ତାର ପ୍ରାଣ ବାୟୁ ଉଡ଼ିଗଲା ।

ଗୋପରେ ସ୍ୱେଚ୍ଛାସେବୀମାନେ ଯେଉଁଠି ରହୁଥାନ୍ତି ସେଠାକାର ବାରଣ୍ଡାରେ ପିଲାଟିଏ ପଡ଼ିଥାଏ । ଦେହ କଙ୍କାଳ ସାର । ଆଖିରେ ପୋଷେ ଚାଉଳ ଧରିବ । ତା ତଣ୍ଟିରେ ତୋରାଣି ଗଳୁ ନଥିଲା, ଭାତ କଥା ତ ଦୂର । ପାଣି ଦେଲେ ପାଟିରୁ ନିଗିଡ଼ି ଯାଉଥିଲା । ସେ ମରିଥିଲା ଦିନେ ଦି ଦିନ ଭିତରେ ।

ଗୋପବନ୍ଧୁଙ୍କ ମନେ ପଡୁଥିଲା ଗୋପ ଗୋଲାର ଜଣେ କର୍ମଚାରୀ କଥା । ସେ କହୁଥାଏ, "ଆଜ୍ଞା ଚାଉଳ ଗୋଲାକୁ ଚାଉଳ ନେବାକୁ ଆସିଥିବା ଲୋକଙ୍କ କଥା ବଡ କରୁଣ ଲାଗୁଛି । ସେମାନେ କହୁଛନ୍ତି: ଖାଇବାକୁ ଚାଉଳ ନ ଦେଲେ ନାହିଁ ଆମ ଶୁଦ୍ଧି ଘର ପାଇଁ ଚାଉଳ ସେରେ ଦିଅ ।"

ଏ ବାକ୍ୟ ଶୁଣି ଗୋପବନ୍ଧୁଙ୍କ ଦେହ ଥରି ଉଠିଥିଲା । ସେ ସ୍ୱଗତୋକ୍ତି କରିଥିଲେ: ହେ ପ୍ରଭୁ ! ଏ ପ୍ରାଚୀନ ଜାତି କଣ ଏମିତି ଦାନା ମୁଠିଏ ବିନା ଲୋପ ପାଇ ଯିବ ?'

ଚେତନ ଅଚେତନ ଯେଉଁ ଅବସ୍ଥାରେ ଥାଆନ୍ତୁ ଗୋପବନ୍ଧୁ ଏ ଘଟଣା ଭୁଲି ପାରୁନଥିଲେ । ତାଙ୍କୁ ଏ ଘଟଣା ଓ ଚରିତ୍ରମାନେ ଶୁଆଇ ଦେଉ ନଥିଲେ । ସେଥିପାଇଁ ସେ ଦୈନିକ **'ଆଶା'** ଓ **'ସମାଜ'**ରେ ଦୁର୍ଭିକ୍ଷ ଉପରେ ଲେଖୁଥିଲେ ନିୟମିତ । କଲିକତାର ଦୈନିକ ବଙ୍ଗଳା କାଗଜର ପ୍ରତିନିଧିଙ୍କୁ ଡଭାର ଅଞ୍ଚଳକୁ ଡକାଇ ଆଣିଥିଲେ । ସେ ଏ ସମ୍ପର୍କୀୟ ବିବରଣୀ ଲେଖିବା ସହିତ କଙ୍କାଳସାର ଲୋକଙ୍କ କେତୋଟି ଫଟୋ ଉଠାଇଥିଲେ । ଏ ସବୁକୁ ବ୍ୟବସ୍ଥାପକ ସଭାରେ ଦେଖାଇବା ତାଙ୍କର ଉଦ୍ଦେଶ୍ୟ ଥିଲା । ଦୁର୍ଭିକ୍ଷଅଞ୍ଚଳକୁ ଯେତେଥର ରିଲିଫ ଦେବାକୁ ଗଲେ, ମରୁଥିବା ଲୋକଙ୍କ କଥା ଯେତେ ଲେଖିଲେ ମଧ୍ୟ ତାଙ୍କ ସ୍ମୃତିରୁ ସେ ଦୁଃସହ ଚିତ୍ର ଲିଭୁ ନଥାଏ । ତେଣୁ ସେ ସ୍ଥିର କଲେ ଜଣେ ଚିତ୍ରକରକୁ ଡାକି ତା ଦ୍ୱାରା ଏ ଭୟାବହ ପରିସ୍ଥିତିର ଚିତ୍ର ଅଙ୍କାଇବେ ।

# ରଥଯାତ୍ରା ଏକ ପ୍ରେମ କଥା



# ରଥଯାତ୍ରା
# ଏକ ପ୍ରେମ କଥା


**ସୁଧୀରାଜ ରାଉତ**

ଇନ୍ଦ୍ରାବତୀ, ନବରଙ୍ଗପୁର-୭୬୪୦୮୫
ଫୋନ: ୯୪୩୭୬୪୧୪୧୩


ଅଳଙ୍କରଣ : ଲୋପାମୁଦ୍ରା ପରିଡ଼ା

**ମଉସାଙ୍କୁ ଫେରେଇ ଦେଏ ତାଙ୍କ ପୁଅ, ବାହାନା କିଛି କରିବୁ ନାହିଁ ଆଜି, ତୋ ପତିତପାବନ ରାଣ, ନିରାଶ କରିବୁନି ତାଙ୍କୁ ଏ ବୟସରେ । ଯେଉଁ ବିଶ୍ୱାସ ନେଇ ତୋ ନିକଟକୁ ଆସିଛନ୍ତି, ତୋତେ ହାତ ପାତି ଭିକ ମାଗିଛନ୍ତି, ତାହା ଯେଭଳି ପୂରଣ ହୁଏ । ଆଜି ପ୍ରାରବ୍ଧ, କର୍ମଫଳର ହିସାବ କରିବୁନି, ହିସାବ କେବଳ ବିଶ୍ୱାସର କରିବୁ, ପ୍ରାର୍ଥନା କରୁଛି ।**



ଲେଖକ ସୁଧୀରାଜ ରାଉତ

ତା ନାଁ ଲେଖୁନାହିଁ, ଲେଖୁଛି ଗୋଲମୁହିଁ ଝିଅ । ଭୁବନେଶ୍ୱରରୁ ଫେରି ଫୋନ୍ କଲା: "ତୁମ ପାଇଁ ଟି-ସାର୍ଟଟିଏ ଆଣିଛି, ରଥଯାତ୍ରା ଦିନ ପିନ୍ଧିବ ।" ତା ପରେ ପୁରୁଣା ରେକର୍ଡ଼ ବଜେଇ କହିଲା, "ଏମିତି କେତେଦିନ ରହିବା, କିଛି ହେଲେ ବାଟ କାଢ଼ ।" ମୁଁ କହିଲି, "ପାରୁପଣେ ଚେଷ୍ଟା ତ କରୁଛି, ଅବିଶ୍ୱାସ ଲାଗୁଛି ଯଦି ଚାଲେ କୋର୍ଟରେ ବାହା ହୋଇଯିବା ।" କହିଲା, "ଏଇ ଫାଲତୁ କଥା ସବୁ ତୁମ ମୁଣ୍ଡରେ କେମିତି ଯେ ଆସୁଛି । କାହାକୁ ନ ଜଣାଇ କୋର୍ଟରେ ବାହା ହୋଇଯିବା, ଆଉ ଲୁଚି ପଳାଇବା ଭିତରେ ଫରକ୍ କଣ ? ମା, ବାପାଙ୍କ ମନରେ କଷ୍ଟ ଦେଇ, ଛଳନା କରି, ସମାଜରେ ତାଙ୍କ ମୁଣ୍ଡ ତଳକୁ କରି, ବାହାହୋଇ ପଡ଼ିବା ଭୁଲ୍ ନୁହେଁ, ମୁଁ କହିବି ପାପ । ପାପ ଉପରେ ପବିତ୍ର ସମ୍ପର୍କ ଗଢ଼ି ହୁଏନି । କୋର୍ଟ କୋର୍ଟ ହେଉଛ...କୋର୍ଟ ଚୋର, ଖଣ୍ଟଙ୍କ ପାଇଁ, ପ୍ରେମ ପାଇଁ ନୁହେଁ ।" ଅନେକ ମାସ ଧରି ମୋର ବିନମ୍ର ପ୍ରଚେଷ୍ଟା ସତ୍ତ୍ୱେ ତା ମା, ବାପାଙ୍କୁ ମନେଇବାରେ ବିଫଳ ହୋଇଛି । ମୋ ରୋଜଗାର, ଯୋଗ୍ୟତା ତା ବାପାଙ୍କ ମନକୁ ମୋଟେ ପାଉନାହିଁ । ନିକଟରେ ବାପା ତାର ଫିଲ୍ମି ଡାୟଲଗ୍ ଭଳି କହିଥିଲେ, "ତୁମ ମାସକର ରୋଜଗାର, ମୋ ଝିଅର ଗୋଟିଏ ଦିନର ଖର୍ଚ୍ଚ । ମନେରଖ ମୋ ଝିଅ ତୁମକୁ ବାହା ହେବା ଜିଦ୍‌ରେ ଅବିବାହିତ ରହିଯାଉ ପଛେ ତୁମକୁ କିନ୍ତୁ ବାହାଦେବି ନାହିଁ ।"

ସତ କହିବି ତ, ମୁଁ ଭାବୁନାହିଁ ମୋ ଦେଇ ଏ ସମସ୍ୟାର ସମାଧାନ ହୋଇପାରିବ । ବାପା, ଝିଅ ଉଭୟଙ୍କ ହୃଦୟକୁ ଜୟ କରି ମୁଁ 'ବର' ହେବା, ଭାବୁଛି ମୋ ପାଇଁ ଆଇ.ଏ.ଏସ୍. ପରୀକ୍ଷା ସହଜ ହେବ । ଏବେ ଫୋନ୍ କରିଥିଲା, "ଚିନୁ ହାତରୁ ଟି.ସାର୍ଟ ପାଇଲ ?" ହଁ କହିଲି । କହିଲି, "ଆଜି ପୁରୀ ଯାଉଛି, କାଳିଆର ରଥ ଟାଣିବି, ଟି-ସାର୍ଟ ଦେଖାଇ କହିବି, ଏଇ ଟି-ସାର୍ଟ ଦେଇଥିବା ଝିଅ ସହ ମୋର ବିବାହ ଏମିତି ଝୁଲେଇକି ରଖେ ନାହିଁ । ଝିଅ ଆଉ ବାପା ମଝିରେ ଘାଣ୍ଟି ଚକଟି ହୋଇ ନା ରାତିରେ ନିଦ ହେଉଛି, ନା ଦିନରେ ଅଫିସ୍ କାମ ଠିକ୍ କରିପାରୁଛି । ମୋ ଭାବି ପତ୍ନୀଙ୍କୁ ବୁଝାଇ ଲକ୍ଷ୍ମଣ ରେଖା ଡିଏଁଇ ପାରୁନି, ଶ୍ୱଶୁରଙ୍କ ଏଗାର ଶହ ଭୋଲ୍ଟ ଛୁଇଁ ପାରୁନି ।" ମୋ କଥା ଶୁଣି ଅଧା ମିନିଟ୍ ହସିବା ପରେ କହିଲା, "ସତ ଠିକ୍ ଭାବିଛ, ଠାକୁରଙ୍କୁ ଯାଇ ସବୁକଥା କହ, ସେ ନିଶ୍ଚୟ ଶୁଣିବେ, ନିଶ୍ଚୟ ଶୁଣିବେ । ହଁ ଶୁଣ । ଟି-ସାର୍ଟ ପିନ୍ଧି ରଥ ଆଗରୁ ସେଲ୍‌ଫି ନିଶ୍ଚୟ ପଠାଇବ । ହଁ ଆଉ ଶୁଣ ! କାଳିଆକୁ କହି ଆସିବ, ଯେମିତି ଦୁହେଁ ମିଶି ଆସନ୍ତା ବର୍ଷକୁ ତା ରଥ ଟାଣୁ ।"

ବସ୍ ଝରକା ବାଟେ ମୁଁ, ତାଙ୍କ ଘର ଗେଟ୍ ପାଖେ ଗୋଲମୁହିଁ ଝିଅ । ବିଦାୟ ଦେଲୁ ପରସ୍ପରକୁ । ବସ୍ ଗଡ଼ି ଚାଲିଲା ଇନ୍ଦ୍ରାବତୀରୁ ଭୁବନେଶ୍ୱର । ଭିତରଟା ପୁଲକିତ ହେଉଥାଏ ଏତେ ବର୍ଷ ପରେ ବଡ଼ଦାଣ୍ଡରେ ଠାକୁରଙ୍କୁ ଭେଟିବି, କହିବି ମନଖୋଲି ମନ କଥା । ସିଟ୍‌ରେ ଆଉଜି ପଡ଼ି କିଛି ମୁହୂର୍ତ୍ତ ଆଖି ବୁଜି ପ୍ରଣାମ କଲି କାଳିଆକୁ । ଦେଖିଲି ହ୍ୱାଟ୍‌ସ୍‌ଆପ୍‌ରେ କୁମାର ମେସେଜ୍ କରିଛି: 'ଆଡ୍‌ଭାନ୍ସ ହେପି ରଥଯାତ୍ରା' । ମନେମନେ ହସିଲି । ମନ ପଡ଼ିଗଲା ଅତୀତର କେବେ ଭୁଲିନହେବା ସେହି ସ୍ମୃତି । +୨ ପରୀକ୍ଷା ସରିଥାଏ, କଷ୍ଟେମଷ୍ଟେ ବାପା, ମାଙ୍କୁ ରାଜି କରାଇ ଚାରି ସାଙ୍ଗ- କୁମାର, ରାଜୁ, ସେମିଆନ, ମୁଁ ବାହାରିଲୁ ପୁରୀ ରଥଯାତ୍ରା । ସେଦିନ ରଥଯାତ୍ରା ଦେଖିବା ବାହାନା ଥିଲା, ନା ବୁଲିବା ବାହାନା ଥିଲା- ଏ ପର୍ଯ୍ୟନ୍ତ ମୁଁ ସ୍ପଷ୍ଟ ନୁହେଁ । ପଶ୍ଚିମ ଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶ କଲୁ, ଗୋଡ଼ ରଖିବାକୁ ଟିକେ ଜାଗା ନଥାଏ । କିନ୍ତୁ ଆମକୁ ଅଟକାଇବ କିଏ ? ବାପା, ବଡ଼ମାନଙ୍କ ହାତ' ତ ନାହିଁ ଅଟକାଇବାକୁ, ଗଳି, ଠେଲି ଯେଉଁ ଦ୍ୱାର ଦେଇ ଠାକୁର ପଦାକୁ ଆସିବେ ସେଠି ପହଞ୍ଚିଗଲୁ । ବଡ଼ଠାକୁର ବଳଭଦ୍ର ବାହାରିଲେ, କିଛି ପ୍ରତୀକ୍ଷା ଅନ୍ତେ ସୁଭଦ୍ରା ବାହାରିଲେ, କାଳିଆ ବାହାରିବ ବାହାରିବ ବାହାରୁନଥାଏ । ହଠାତ୍ ହଜାର ହଜାର

**ଲେଖାଟି ପଛର ଲେଖାଟି**

**+୨ ପରୀକ୍ଷା ପରେ କିଛି ବନ୍ଧୁ ମିଶି ନବରଙ୍ଗପୁରରୁ ରଥଯାତ୍ରା ଦେଖିବାକୁ ପୁରୀ ଯାଇଥିଲୁ । ରଥଯାତ୍ରା ଭିଡ଼ ମଧ୍ୟରେ ମୁଁ ବନ୍ଧୁମାନଙ୍କ ଠାରୁ ବିଛିନ୍ନ ହୋଇଗଲି । ଏକା ଏକା ରଥ ଟାଣି କେଇ ଘଣ୍ଟା ଅନ୍ତେ ବନ୍ଧୁମାନଙ୍କୁ ପୁନଶ୍ଚ ଭେଟିବା, ଜୀବନର ଏକ ଅମୂଲ୍ୟ ଅନୁଭବ । ଏଇ ଅନୁଭବ ଏଇ ଗଳ୍ପରେ ରହିଛି । ଆଉ ଏକ ଅନୁଭବ - ପ୍ରେମକୁ ନେଇ ନିଇତି ବହୁ ଗଳ୍ପ ଲେଖା ହେଉଛି, ମୁଁ ଜଣେ ସମାଲୋଚକ ନୁହେଁ ତଥାପି କହିବି - ବ୍ୟକ୍ତିଗତ ଜୀବନରେ ହେଉ ଅବା ଗଳ୍ପରେ, ବ୍ୟକ୍ତିର ଇଚ୍ଛା ନୁହେଁ ପ୍ରେମ ହିଁ ସର୍ବଦା କେନ୍ଦ୍ରରେ ରହିବା ଆବଶ୍ୟକ । ଏ ଅନନ୍ୟ ଅନୁଭବ ମଧ ଏ ଗଳ୍ପରେ ରହିଛି ।**

ସୁଧୀରାଜ ରାଉତ



ହରିବୋଲ ଶବ୍ଦରେ ମାଟି, ଆକାଶ ଏକାକାର ହୋଇଗଲା ହଜାର ହଜାର ହାତ ଶୂନ୍ୟକୁ ଉଠିଗଲା, ସବୁଠି ଆନନ୍ଦ ଖେଳିଗଲା, କାଳିଆ ପଦାକୁ ଆସିଲା । ଯେମିତି କାଳିଆ ପାହାଚ ଓହ୍ଲାଇଛି, କାଳିଆ ଥାଟରେ, ଝାଞ୍ଜ, ମୃଦଙ୍ଗ, ତୁରୀର ତାଳରେ ନାଚି ନାଚି ମୁଁ ଚାଲିଲି କାଳିଆ ସହ । ଠାକୁର ରଥରେ ଚଢ଼ିଲେ, ମୁଁ ଫେରିଲି ମୋ ପୂର୍ବ ଅବସ୍ଥାକୁ । ଆରେ ସାଙ୍ଗ କୁଆଡ଼େ ଗଲେ ? କଣ କରିବି ଏବେ ? ପୁଣି ଭାବିଲି- ଯାହା ହେବ ଦେଖାଯିବ, ଯାଉଛି ରଥ ଟାଣିବି । ବଡ଼ଭାଇ ବଳଭଦ୍ରଙ୍କ ରଥ ଟାଣି, ମାଆ ସୁଭଦ୍ରାଙ୍କ ରଥ ଟାଣି, କାଳିଆର ରଥ ଦଉଡ଼ି ଧରିଛି, ପିଠିରେ କିଏ ଦୁମ୍ କରି ବସାଇଲା, ବୁଲି ଚାହିଁଲି ତିନି ସାଙ୍ଗ ରାଗି କଟ-ମଟ ହୋଇ ଚାହିଁଛନ୍ତି । ...ଦିନେ ବୁଲିବାର ବାହାନାରେ ଆସିଥିଲି, ଟାଣିନେଲୁ ଏତେ ନିକଟକୁ, ଆଜି ତୋ ନିକଟ ହୋଇ କିଛି କହିବାକୁ ଆସୁଛି...ପକେଟ୍‌ରୁ ଫୋନ କାଢ଼ିଲି, ଗୋଲମୁହିଁ ଝିଅ ପଚାରିଲା: "ଖାଇଲଣି ? ହୋଟେଲ ପାଣି ପିଇବ ନାହିଁ, ଇଆଡୁ ସିଆଡୁ ମୋଟେ କିଛି ନଭାବି ଶୋଇ ପଡ଼ିବ, ସକାଳେ ଫୋନ୍ କରିବି, ଗୁଡ୍ ନାଇଟ୍ ।" ଝରକା ବାଟେ ତାରା ଦିଶୁଛନ୍ତି,ତାରା ଗହଣରେ ଗୋଲ ଜହ୍ନ ଭଳି କେତେବେଳେ ଗୋଲମୁହିଁ ଝିଅ ପୁଣି ଗୋଲ କାଳିଆର ମୁହଁ ଦିଶି ଯାଉଥାଏ ।

ଭୁବନେଶ୍ୱର ବଡ଼ବାପାଙ୍କ ଘରେ ନିତ୍ୟକର୍ମ ଶେଷ କରି ବାହାରି ପଡ଼ିଲି ପୁରୀ । ଠାକୁରଙ୍କ କୃପାରୁ ବସ୍‌ରେ ସିଟ୍ ମିଳିଗଲା । ମଉସା ଜଣେ ଏକା ବସିଥାନ୍ତି, ପଚାରିଲି, "କିଏ ଅଛି ଆଜ୍ଞା ?" ମୁଣ୍ଡ ହଲାଇ ନା କଲେ । ସିଟ୍‌ରେ ବସିପଡ଼ି କାଳିଆକୁ ଜୁହାର କଲି । ଫୋନ୍ କାଢ଼ି ଦେଖିଲି ହ୍ୱାଟ୍‌ସ୍‌ଆପ୍‌ରେ ଗୋଲମୁହିଁ ଝିଅର ମେସେଜ ଅଛି, ଲେଖିଲି: 'ଟି ସାର୍ଟ ବହୁତ ସୁନ୍ଦର ଲାଗିଲା, ବର୍ତ୍ତମାନ ମୁଁ ଭୁବନେଶ୍ୱର ପୁରୀ ବସ୍‌ରେ ବସିଛି, ପହଞ୍ଚିଲେ ସେଲ୍ଫି ପଠାଇବି ରଥ ଆଗରୁ । ଫୋନ୍ ରଖି ମଉସାଙ୍କୁ ଚାହିଁ ହସି ପଚାରିଲି "ଆପଣଙ୍କ ଘର ଭୁବନେଶ୍ୱରରେ ନା ରଥ ପାଇଁ ଅନ୍ୟ ଜାଗାରୁ ଆସିଛନ୍ତି ?" ମୋ ପ୍ରଶ୍ନ ଶୁଣି ମୋତେ ଚାହିଁଲେ କିଛି ବି କହିଲେ ନାହିଁ । ଟିକେ ନିରବ ରହି ପୁଣି ପଚାରିଦଲି, "ଆପଣ ରଥଯାତ୍ରାକୁ ଯାଉଛନ୍ତି ?" ମୁଣ୍ଡ ହଲାଇ ହଁ କହିଲେ । ପଚାରିଲି, "ଆପଣ ଏକା ନା, କେହି ଅଛନ୍ତି ଆପଣଙ୍କ ସହ ?" ମୋତେ ଚାହିଁଲେ, ଟିକେ ରହି କହିଲେ, "ଯିଏ ଥିଲା ମୋ ସହ, ଆପୋଲୋ ହସ୍ପିଟାଲ୍‌ରେ ପଡ଼ିଛି ।" ଛୋଟ ପିଲାଙ୍କ ଭଳି କାନ୍ଦି ଉଠିଲେ । ବାପାଙ୍କ ବୟସର ହେବେ, ବସ୍‌ର ସବୁଲୋକ ଆମ ଦୁହିଁଙ୍କୁ ଚାହୁଁଥାନ୍ତି, ନିଜକୁ ଅପରାଧି ଅପରାଧି ଲାଗିଲା, କାହିଁକି ପଚାରିଲି ଭାବି ଭାବି, ନିଜ ଉପରେ ବିରକ୍ତ ହେଲି । ମଉସା ପୁଣି କହିଲେ, "ପଞ୍ଚମ ପଢୁଥିଲା ମା ଚାଲିଗଲା, ଗଲା ବେଳେ କହିଗଲା, ପୁଅକୁ ଇଞ୍ଜିନିୟର କରିବ । ମା, ବାପା, ସାଙ୍ଗ ସବୁ ହୋଇ ପୁଅକୁ ଇଞ୍ଜିନିୟର କଲି, ବର୍ଷେ ହେଲା ଚାକିରି ପାଇଛି, ମୁଁ ତା ପାଇଁ ଝିଅ ଖୋଜୁଛି, ହଠାତ୍ ଦେହ ଖରାପ ହେଲା ଡାକ୍ତର ପରୀକ୍ଷା କଲେ, କହିଲେ କ୍ୟାନ୍ସର । ଯାହା ଟଙ୍କା କହିଲେ ସବୁ ବିକି ଭାଙ୍ଗି ଆଣିଦେଲି । ଏବେ କହୁଛନ୍ତି କେମୋ କାମ କରୁନି, ଔଷଧ କାମ କରୁନି ଆମ ହାତରେ କିଛି ନାହିଁ । ଏହା ଶୁଣି ବହୁତ ଦୁଃଖ ଲାଗିଲା", ଲୁହ ପୋଛି ପୁଣି କହିଲେ, "ଏତିକିଟିଏ ହୋଇଥିଲା ସ୍ତ୍ରୀ ଚାଲିଗଲା, ଭାବିଲି ଏହା ମୋର ଭାଗ୍ୟ, ପୁଅକୁ ଚାହିଁ ଚାହିଁ ବଞ୍ଚି ଆସିଲି ଆଜି ଯାଏଁ ଆଉ ଏବେ ।" ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ, "ମୁଁ ତ କାହାର ଅନିଷ୍ଟ କରିନି, କାହା ପ୍ରତି ଅନ୍ୟାୟ କରିନି, ମୋ ସହ କାହିଁକି ଏ ଅନ୍ୟାୟ ? ଆଜି ବଡ଼ଦାଣ୍ଡରେ ତାକୁ ସବୁ ପଚାରିବି, ହିସାବ ମାଗିବି, କଣ ମୋର ଭୁଲ୍ ପଚାରିବି ।" ଭାବିଲି- ସବୁ ମଣିଷଙ୍କ ଦୁଃଖ, କଷ୍ଟ ଅଛି, ମଉସାଙ୍କ ଦୁଃଖ କିନ୍ତୁ ବହୁତ, ବହୁତ ଅଧିକ ହୋଇଗଲା । ବସ୍ ପୁରୀରେ ପହଞ୍ଚିଲା, କାଳିଆ ଭକ୍ତଙ୍କ ପାଦଧୂଳିରେ ଶିକ୍ତ ଧୂଳିକୁ ଟିକେ ଆଣି ମୁଣ୍ଡରେ ଚନ୍ଦନ ଭଳି ବୋଳି ହୋଇଗଲି । ମଉସାଙ୍କୁ କହିଲି "ଠାକୁର ରଥକୁ ଆସିବାକୁ ଆଉ କିଛି ସମୟ ଅଛି, ଆପଣ ଖାଇ ନାହାଁନ୍ତି ନିଶ୍ଚୟ, ମୁଁ ବି ଖାଇ ନାହିଁ, ଆସ କଣ ଟିକେ ଖାଇନେବା ।" ନା କହିଲେ, କହିଲି, "ମଉସା ! ମୁଁ ବି ଠାକୁରଙ୍କୁ କିଛି କହିବା ପାଇଁ ବହୁଦୂରରୁ ଆସିଛି, ଏଠି ଏତେ ଲୋକ ସବୁ ଆସିଛନ୍ତି କିଛି କହିବା ପାଇଁ । ରଥ ଟଣା କେତେବେଳେ ସରିବ କିଏ ଜାଣେ କଣ ଟିକେ ଖାଇ ନେବା ।" "ନା କାଳିଆକୁ ଦେଖା ନକଲା ଯାଏଁ, ପାଣି ବୁନ୍ଦେ ମଧ୍ୟ ପିଇବି ନାହିଁ ।" ମଉସାଙ୍କୁ ଛାଡ଼ି ଆଉ ଇଚ୍ଛା ହେଲା ନାହିଁ ଏକା ଖାଇବାକୁ ।



ରାଜା ଆସି ପହଁରା ସାରିଲେ, ରଥଟଣା ଆରମ୍ଭ ହେଲା । ମଉସାଙ୍କୁ ନେଇ ଭିଡ଼ ଠେଲି ରଥ ପାଖେ ପହଞ୍ଚିଲି । ଫୋନ୍ ଆସିଲା, ଫୋନ ଉଠାଇ ଗୋଲମୁହିଁ ଝିଅକୁ କହିଲି, "ରଥ ଦୌଡ଼ି ଧରିଛି, ପରେ କଥା ହେବି, ଫୋନ୍ ରଖୁଛି ।" ଫୋନ୍‌କୁ ସୁଇଚ୍ ଅଫ୍ କରିଦେଲି । ବଡ଼ ଭାଇଙ୍କ ରଥ ଟାଣି, ଭଉଣୀ ସୁଭଦ୍ରାଙ୍କ ରଥକୁ ଟିକେ ଟାଣି, କାଳିଆ ରଥ ପାଖେ ମଉସାଙ୍କୁ ନେଇ ପହଞ୍ଚିଲି । ଭିଡ଼ ଆଉ ପଣ୍ଡାଙ୍କ ଗହଳି ଭିତରୁ କାଳିଆ ଅଳ୍ପ ଅଳ୍ପ ଦିଶୁଥାଏ । ମଉସାଙ୍କୁ କହିଲି ଏଇଠିକୁ ଆସନ୍ତୁ । ଝାଞ୍ଜ, ମୃଦଙ୍ଗ, ହରିବୋଲ ଶବ୍ଦରେ ବଡ଼ଦାଣ୍ଡ ଉଠୁଥାଏ, ପଡୁଥାଏ । ହଜାର ହଜାର ମୁହଁ ରଥ ଦୌଡ଼ି ଧରି ଚାହିଁ ରହିଥାନ୍ତି କାଳିଆ ଆଡ଼କୁ, ଡାହୁକ ହାତ ହଲାଇଲା ନନ୍ଦିଘୋଷ ଗଡ଼ିଲା ବଡ଼ଦାଣ୍ଡରେ । ମନେହେଉଥାଏ ଆନନ୍ଦର ସମୁଦ୍ର ମାଡ଼ି ଯାଉଛି, ହଠାତ୍ ମଉସା ଦୌଡ଼ି ଛାଡ଼ିଦେଇ ପିନ୍ଧା ଫତୁଆକୁ ଟେକି ଭିକ ମାଗିବା ଭଳି ଠିଆ ହୋଇଗଲେ । ନନ୍ଦିଘୋଷ ମାଡ଼ି ଆସୁଛି, ଜନସମୁଦ୍ର ଜୁଆର ଭଳି ଉଛୁଳି ଆସୁଛି; ମଉସାଙ୍କୁ ଠେଲି ଦେଇ ଜନ ଜୁଆର ମାଡ଼ିଗଲା ଆଗକୁ । ବହୁ କଷ୍ଟରେ ଲୋକଙ୍କ ଭିଡ଼ ଠେଲି, ମଉସାଙ୍କୁ ଉଠାଇଲି । ସଁ ସଁ ହେଉଥାନ୍ତି, କହୁଣୀ, ଆଣ୍ଠୁତଳ ଛିଡିଯାଇ ରକ୍ତ ଝରୁଥାଏ, ରଥ ରହିଲା । ମଉସା କହିଲେ, "ମରିଗଲେ ମରି ଯାଇଥାନ୍ତି ତା ଭକ୍ତର ପାଦ ତଳେ, ନହେଲେ ତା ରଥ ଚକରେ, କାହିଁକି ବା ବଞ୍ଚିବି ଆଉ ଜୀବନରେ ?" ଟିକେ ଖୋଲା ଜାଗାକୁ ମଉସାଙ୍କୁ ନେଇ ଧୂଳି ମଳି ଝାଡ଼ିଦେଲି, କହିଲି, "ଏଇଠି ଆପଣ ଠିଆ ହୋଇଥାନ୍ତୁ ମୁଁ ଟିକେ କାଳିଆ ସହ କଥା ହୋଇ ଆସୁଛି, ଆପଣଙ୍କୁ ନେଇ ଭୁବନେଶ୍ୱର ହସ୍ପିଟାଲ୍‌ରେ ଛାଡ଼ି ଦେଇ ଇନ୍ଦ୍ରାବତୀ ଫେରିବି ।"



ପଣ୍ଡାମାନେ ଆଗରୁ ହଟିଯିବାରୁ କାଳିଆର ମୁହଁଟା ସଫା ଦିଶିଲା । ଦାଉ ଦାଉ ସୂର୍ଯ୍ୟ ଭଳି ଦିଶୁଥାଏ । ପ୍ରଣାମ କଲି, ଲାଗିଲା ମୋତେ ଚାହିଁ ଖୁବ୍ ଜୋର୍‌ରେ ହସୁଛି କାଳିଆ । କହିଲି, "ଆଜି ହସ ତୋର ଟିକେ ଅଧିକ ହେଉଛି, ଭାବୁଛୁ ମୁଁ କଣ କହିବି ତୋତେ ? ଜାଣିଛି ତୁ ସେଇଥିପାଇଁ ଏତେ ହସୁଛୁ । ତେବେ ଶୁଣୁ- ମଉସାଙ୍କୁ ଫେରେଇ ଦେଏ ତାଙ୍କ ପୁଅ, ବାହାନା କିଛି କରିବୁ ନାହିଁ ଆଜି, ତୋ ପତିତପାବନ ଋଣ, ନିରାଶ କରିବୁନି ତାଙ୍କୁ ଏ ବୟସରେ । ଯେଉଁ ବିଶ୍ୱାସ ନେଇ ତୋ ନିକଟକୁ ଆସିଛନ୍ତି, ତୋତେ ହାତ ପାତି ଭିକ ମାଗିଛନ୍ତି, ତାହା ଯେଉଁଭଳି ପୂରଣ ହୁଏ । ଆଜି ପ୍ରାରବ୍ଧ, କର୍ମ ଫଳର ହିସାବ କରିବୁନି, ହିସାବ କେବଳ ବିଶ୍ୱାସର କରିବୁ, ପ୍ରାର୍ଥନା କରୁଛି । ବିଳମ୍ବ ହେଲାଣି ମୋତେ ମଉସାଙ୍କୁ ଛାଡ଼ି ଫେରିବାକୁ ହେବ । ଆସୁଛି, ପୁଣି କେବେ ଦେଖା ହେବ ।"

ମଉସା ମୋ ଫୋନ୍ ନମ୍ବର ଟିପି ରଖିଲେ, ହସ୍ପିଟାଲ୍‌ରୁ ବରମୁଣ୍ଡା ବସଷ୍ଟାଣ୍ଡ ଧାଇଁଲି । ବସ୍ ଛାଡ଼ିବା ଉପରେ, ସିଟ୍‌ରେ ହାଲିଆ ଦେହକୁ ଛାଡ଼ି ଦେଇ, ମନ ଉଡ଼ିଗଲା ଗୋଲମୁହିଁ ଝିଅ ଆଡ଼େ । ଫୋନ୍ ଅନ୍ କରିବି ଭାବିଲି; ପଦିଏ କଥା ହେବାକୁ ମଧ୍ୟ ଦେହରେ ଶକ୍ତି ନଥାଏ, ଫୋନ୍ ଅନ୍ କଲେ ଗୋଲମୁହିଁ ଝିଅକୁ କଣ କହିବି ଏବେ । ଫୋନ୍ ଆଉ ଅନ୍ କଲି ନାହିଁ । ଇନ୍ଦ୍ରାବତୀରେ ପହଞ୍ଚି ଅଫିସ୍ ନଯାଇ କଣ ଟିକେ ଖାଇ ଦେଇ ଶୋଇଛି ଯେ ଶୋଇଛି । କେତେବେଳେ ସଂଧ୍ୟା ସମୟ ଡେଇଁଗଲାଣି ମୋତେ ଜଣା ପଡ଼ିଲା ନାହିଁ । ଉଠିଲି, ମୋତେ ଏବେ ଝଡ଼ର ସମ୍ମୁଖୀନ ହେବାକୁ ହେବ, ଭାବିଲି ସବୁ ସତକଥା କହିଦେବି । ଫୋନ୍ ଅନ୍ କଲି । ମୁହଁ ଟିକେ ଧୋଇ ମୁଣ୍ଡ କୁଣ୍ଡାଉଛି, ଫୋନ୍ ଆସିଲା, ଉଠାଇ ଦେଖିଲି ମଉସାଙ୍କ ପାଟି: "ବାପ କେମୋ କାମ କଲା, ଔଷଧ କାମ କଲା, ଡାକ୍ତର କହୁଛନ୍ତି ପୁଅ ଭଲ ହୋଇଯିବ । ମଉସାଙ୍କ ଶବ୍ଦ ଭିତରେ ସୂର୍ଯ୍ୟ ଭଳି ତେଜ କାଳିଆର ହସ ହସିଲା ମୁହଁ ଦିଶିଲା, କହିଲି: "କାଳିଆ ପାଖରେ କିଏ କଣ ନିରାଶ ହୋଇଛି, ପୁଅ ଭଲ ହୋଇଗଲେ ମୁଁ ଆସିବି, ମିଶି କାଳିଆ ପାଖକୁ ଯିବା ।" ମଉସା ହଁ କହିଲେ ।

ହଁ ଶବ୍ଦରେ ଏତେ ଶ୍ରଦ୍ଧା, ପ୍ରେମ ପବିତ୍ରତା ଭରି ରହିଥିଲା ଯେ ମୋତେ ମନ୍ତ୍ର ଭଳି ଶୁଭିଲା, ହଁ ଓଁ କାର ଭଳି ଲାଗିଲା । ଗୋଲମୁହିଁ ଝିଅ ଫୋନ୍ କରୁଥାଏ, ମଉସାଙ୍କୁ କହିଲି: "ଠିକ୍ ଅଛି, ମୁଁ ରହୁଛି, ଆପଣ ଆପଣଙ୍କ ଦେହର ଯତ୍ନ ନେଉଥିବେ ।" ଫୋନ୍ କାଟିଛି, ଫୋନ୍ ଆସିଲା ଗୋଲମୁହିଁ ଝିଅର, କାଳିଆକୁ ମୁଣ୍ଡିଆ ମାରି ଫୋନ୍ ଉଠାଇଲି । "ପାଗଳ ହୋଇଗଲ ନା କଣ ? କୁଆଡ଼େ ଯାଇଛ ତୁମେ ? କାଲି ଠାରୁ ମୋବାଇଲ୍ ସୁଇଚ୍ ଅଫ୍ କାହିଁକି ? ରାତି ତମାମ୍ ମୁଁ ଶୋଇନି, ଦିନ ତମାମ୍ ଆଜି ନଖାଇ ନପିଇ ଲକ୍ଷେ ଥର ତୁମକୁ ଫୋନ୍ ଲଗାଉଛି ।" କେବେ କାନ୍ଦି ନଥିବା ଜହ୍ନଭଳି ହସକୁରି ଝିଅ କଇଁ କଇଁ କାନ୍ଦି ଉଠିଲା । "ଶୁଣୁ ଶୁଣୁ ମୋ କଥା ଟିକେ ଶୁଣୁ..." ସବୁ କଥା କହିଗଲି । ଗୋଲମୁହିଁ ଝିଅ ଅଧମିନିଟ୍ ହସିଲା, କହିଲା, "ଯାହାକୁ ଜୀବନସାଥି ବାଛିଛି, ତା ପାଇଁ ଆଜି ଗର୍ବ ଅନୁଭବ ହେଉଛି, ସତ ତୁମକୁ ଗେଲ କରିବାକୁ ଇଚ୍ଛା ହେଉଛି, ଲଭ୍ ୟୁ । ଶୁଣ ! ସଂଧ୍ୟାରେ ମାଉସୀ ମା ମନ୍ଦିରରେ ଦେଖା ହେବ ।"

ଝଡ଼ ଯେ ଏଭଳି ରୂପ ନେବ...ମୁଁ ହସିଲି, ହସହସ କାଳିଆ ମୁହଁ ଦିଶୁଥିଲା ।



# କିଏ କହେ ଈଶ୍ୱର ନାହାନ୍ତି ?



▲ଗାଳ୍ପିକ ରଞ୍ଜନ କୁମାର ଦାସ

ସୁବ୍ରତ ଖଡ଼ଗପୁରରୁ ଫେରିବା ବାଟରେ ହଠାତ୍ ଗୋଟେ ଅଜଣା ନମ୍ବରରୁ ଫୋନ୍ ପାଇଲେ । ଏମିତିରେ ଯୋଉଦିନ ତାଙ୍କର ଲେଖା ଖବର କାଗଜରେ ବାହାରେ ଚାରିଆଡୁ ନାନା ପ୍ରକାର ଫୋନ୍ ଆସେ । ମାତ୍ର ଆଜିର ଫୋନ୍ ଥିଲା ଖୁବ୍ ନିଆରା । ସେପଟୁ କେହି ଜଣେ କହୁଥିଲେ ୱାଣ୍ଡରଫୁଲ୍ ସୁବ୍ରତ ବାବୁ ଆଜିର ଲେଖାଟି ଖୁବ୍ ପ୍ରେରଣାଦାୟୀ । ଏଭଳି ଲେଖା ଆଜିକାଲିର ପିଲାମାନେ ପଢ଼ିବା ଉଚିତ । ଫ୍ଲାଇଟ୍ ଧରିବାକୁ ଯାଉଥିବା ସୁବ୍ରତ ଥ୍ୟାଙ୍କ୍ସ୍ ବୋଲି କହି କଥା ସାରିଦେବେ ବୋଲି ଭାବିଥିଲେ । ମାତ୍ର ସୌଜନ୍ୟ ଦୃଷ୍ଟିରୁ ସେ ପଚାରିଲେ, "ଆପଣ କିଏ କହୁଥିଲେ ଜାଣିପାରେ କି ?"

ସେପଟୁ କହୁଥିବା ଲୋକଜଣଙ୍କ କହିଲେ, "ମୁଁ ଜଣେ ଖୁବ୍ ବୟସ୍କ ଲୋକ । ଅଶୀ ପାଖାପାଖି ହବ ମୋ ବୟସ । ମୁଁ ତ ଘରେ ବସିବସି ପ୍ରାୟ ସବୁ ଖବରକାଗଜ ପଢ଼ାପଢ଼ି କରେ । ଆପଣଙ୍କ ଲେଖା ବି ଅନେକ ସମୟରେ ଦେଖେ । ମୁଁ ଆପଣଙ୍କର ପ୍ରାୟ ସବୁଲେଖା ପଢ଼େ । ମତେ ଭଲଲାଗେ ଏଇଥିପାଇଁ ଯେ ତା' ଭିତରେ ସମାଜ ପାଇଁ ଗୋଟେ ବାର୍ତ୍ତା ଥାଏ ।" ସୁବ୍ରତ ପୁଣି ପଚାରିଲେ, "ଆପଣ କୋଉଠି ରହନ୍ତି, କ'ଣ କରନ୍ତି ଆପଣ ?"

ସେପଟୁ ଭଦ୍ରଲୋକ କହିଲେ, "ମୁଁ ବହୁବର୍ଷ ହେଲା ରିଟାୟାର୍ କଲିଣି । ଇଂରାଜୀରେ ପ୍ରଫେସର୍ ଥିଲି । ଏବେ ବେକାର କହିଲେ ଅତ୍ୟୁକ୍ତି ହେବ ନାହିଁ ।"

ସୁବ୍ରତ କହିଲେ, "ସାର୍ ଆପଣଙ୍କ ନାଁଟା କ'ଣ ?" ଭଦ୍ରଲୋକ କହିଲେ, "ପ୍ରଫେସର ରାମଚନ୍ଦ୍ର ମିଶ୍ର । ଆପଣ ଜାଣି ପାରିବେନି ମତେ । ଆଇ ଆମ୍ ଠୁ ଓଲ୍ଡ ଏ ପର୍ସନ ।"

ସୁବ୍ରତଙ୍କ ଦେହରେ ହଜାରେ ଭୋଲ୍ଟ୍‌ର କରେଣ୍ଟ୍ ଫ୍ଲୋ କରିଗଲା ଯେମିତି । ସେ ପ୍ରଗଳ୍ଭ

# କିଏ କହେ ଈଶ୍ୱର ନାହାନ୍ତି ?


**ରଂଜନ କୁମାର ଦାସ**

୨୮୮/୨୬୮୩, ବଜରଙ୍ଗ ନଗର,
ଝାରପଡ଼ା, ଭୁବନେଶ୍ୱର-୭୫୧୦୦୬
ଫୋନ :୯୪୩୭୨୮୬୫୧୨


ଅଳଙ୍କରଣ : ଲୋପାମୁଦ୍ରା ପରିଡ଼ା

**କାହାଣୀ ପଛର କାହାଣୀ**

**'କିଏ କହେ ଈଶ୍ୱର ନାହାନ୍ତି' ଗପଟି ଏକ ସତ୍ୟ ଘଟଣା ଉପରେ ଆଧାରିତ । ମୁଁ ଯାଜପୁରର ଜିଲ୍ଲାପାଳ ଥିଲାବେଳେ ଦିନେ ଜଣେ ମେଧାବୀ କିନ୍ତୁ ଗରିବ ଆଦିବାସୀ ପିଲାଟିଏ ସାହାଯ୍ୟ ପାଇଁ ଆସିଥାଏ । ସେ ବିନା କୌଣସି କୋଚିଂରେ ଇଞ୍ଜିନିଅରିଂ ଏଣ୍ଟ୍ରାନ୍ସ ପାଇଥାଏ । ମାତ୍ର ଅଭାବୀ ପରିବାର ତାର ଆଡ୍‌ମିସନ୍ ପାଇଁ ଟଙ୍କା ଯୋଗାଡ କରିବା ଅବସ୍ଥାରେ ନଥାନ୍ତି । ପିଲାଟି କାନ୍ଦକାନ୍ଦ ହଉଥାଏ । ବହୁ ଅସୁବିଧା ସତ୍ତ୍ୱେ ମୁଁ ତାର ନାଁ ଲେଖେଇବା ବ୍ୟବସ୍ଥା କରିଥିଲି । ସେଇ ସମୟରେ ମତେ ଲାଗିଥିଲା ମତେ ଯେମିତି କେହି ଅଦୃଶ୍ୟ ଶକ୍ତି ଏସବୁ କରିବାକୁ ନିର୍ଦ୍ଦେଶ ଦଉଥିଲା । ସେ ଈଶ୍ୱର ନହେଇ ଆଉ କିଏ ହେଇଥିବେ ?**

ହେଇ କହି ଚାଲିଲେ, "କ'ଣ କହୁଛନ୍ତି ସାର୍, ମୁଁ ଆପଣଙ୍କୁ ଜାଣି ପାରିବିନି ? ମୁଁ ଇଣ୍ଟରମିଡିଏଟ୍ ପଢ଼ିଲା ବେଳେ ଆପଣ ଆମ କଲେଜ୍‌ର ପ୍ରିନ୍‌ସିପାଲ୍ ଥିଲେ । ସାର୍, ମୁଁ ଯଦି ଆଜି ମଣିଷ ହେଇଚି ଆପଣଙ୍କ ଯୋଗୁ ସାର୍ । ଜୀବନରେ ପ୍ରତିଷ୍ଠା ପାଇଲା ପରେ ଅନେକ ମନେ ପକେଇଚି ଆପଣଙ୍କୁ, ଅନେକ ଖୋଜିଚି । ହେଲେ ଦେଖା ପାଇ ପାରିନଥିଲି । ଆପଣ କୋଉଠି ରୁହନ୍ତି ସାର୍ ? ମୁଁ ଯିବି ଥରେ ଆପଣଙ୍କୁ ଦେଖା କରିବାକୁ !"

ପ୍ରଫେସର ମିଶ୍ର ଆଶ୍ଚର୍ଯ୍ୟ ହେଇ ସେପଟୁ କହିଲେ, "ମାଇଁ ଗଡ୍ ! ଯାହାହେଉ ମୁଁ ଆଜି ଖୁବ୍ ଗର୍ବିତ ଯେ ତମେ ଦିନେ ମୋର ଛାତ୍ର ଥିଲ । ବହୁତ ଭଲ ଲେଖୁଚ ସୁବ୍ରତ, କ୍ୟାରି ଅନ୍ । ଆଉ ତମକୁ ସୁବ୍ରତ ବାବୁ କହିବିନି, ଏଥର କେବଳ ସୁବ୍ରତ ।" ସୁବ୍ରତ ବି ଗଦ୍‌ଗଦ ହେଇ କହିଲେ, "ମୋର ସୌଭାଗ୍ୟ ସାର୍, ଏତେବର୍ଷ ପରେ ଆପଣଙ୍କୁ ଭେଟିବାର ସୁଯୋଗ ପାଇବି । ବହୁତ ଖୋଜିଚି ସାର୍ ଆପଣଙ୍କୁ, ହେଲେ ଆପଣଙ୍କ ଠିକଣା କି ଫୋନ ନମ୍ବର ମୋ ପାଖରେ ନ ଥିଲା ।"

ପ୍ରଫେସର ମିଶ୍ର କହିଲେ, "ମୁଁ ଏଇ ନିଳାଦ୍ରୀ ବିହାରରେ ରହୁଚି । ଠିକ୍ ଥାନା ପଛପଟେ । ସେଠି ଯାହାକୁ ପଚାରିଲେ କହିଦେବେ । ମୋ ଘର ଆଗ ଗେଟ୍‌ରେ ଲେଖା ହେଇଥିବ 'ରିଟ୍ରିଟ୍' ।"

ସୁବ୍ରତଙ୍କର ମନେ ପଡ଼ିଗଲା କଲେଜ ବେଳର କଥା । ସାର୍‌ଙ୍କର ସେତେବେଳେ ଅନେକ ପତ୍ରପତ୍ରିକାରେ ଲେଖା ବାହାରେ । ସବୁଠି ତାଙ୍କର ଠିକଣା ଦେଇଥାନ୍ତି ସେଇ ରିଟ୍ରିଟ୍ । ମାତ୍ର ସମ୍ପୂର୍ଣ୍ଣ ଠିକଣା ଆଉ ମନେ ନଥିଲା । ଛାତ୍ରାବସ୍ଥାରେ ସେ ନୂଆନୂଆ ଯେତେବେଳେ କଲମ ଧରୁଥାନ୍ତି କିଛି ଲେଖିବା ପାଇଁ ସାର୍‌ଙ୍କର ଲେଖା ସବୁ ଭିନ୍ନ ଭିନ୍ନ ପତ୍ରିକାରେ ଦେଖି ସେ ନିଜକୁ ତାଙ୍କ ଛାତ୍ର ବୋଲି ଗର୍ବ ଅନୁଭବ କରୁଥିଲେ । ଆଜି ସେଇ ସାର୍ ତାଙ୍କୁ ନେଇ ଗର୍ବିତ ବୋଲି ଶୁଣି ସୁବ୍ରତଙ୍କ ଛାତି କୁଣ୍ଢେ ମୋଟ ହେଇ ଯାଉଥିଲା ।

ସୁବ୍ରତ କହିଲେ, "ସାର୍, ଖଡଗପୁର ଆସିଥିଲି ଗୋଟେ ମିଟିଂରେ । ଫେରିଲା ମାତ୍ରେ ଆପଣଙ୍କୁ ଯାଇ ଦେଖା କରିବି ।"

ପ୍ରଫେସର ମିଶ୍ର କହିଲେ, "ହଉ, ମେ ଗଡ ବ୍ଲେସ୍ ୟୁ । କେବେ ଆସିବ ମତେ କହିବ ।"

ସୁବ୍ରତ ଫ୍ଲାଇଟ୍‌ରେ ବସିଲେ । ତାଙ୍କର ମନେ ପଡ଼ିଯାଉଥିଲା କଲେଜ ଦିନର କଥା ସବୁ । ସୁବ୍ରତ ଖୁବ୍ ଗରିବ ପରିବାରରୁ ଆସିଥିଲେ । ପିଲାବେଳୁ ବାପା ଚାଲି ଯାଇଥିଲେ । ମାମୁଁ ଘରେ ରହି ସେ ପାଠ ପଢୁଥିଲେ । ମାତ୍ର ମାମୁଁ ମଧ୍ୟ ଅକାଳରେ ଚାଲିଗଲେ । ଘରେ କେବଳ ମାଆ ଓ ମାଇଁ । କେମିତି ଆଗକୁ ଯିବେ ତାଙ୍କ ମୁଣ୍ଡକୁ କିଛି ଜୁଟୁନଥିଲା । ବାଟ ଦେଖେଇବାକୁ ମୁରବୀ ମଧ୍ୟ କେହି ନଥିଲେ ଘରେ ।

ମେଟ୍ରିକ ପରୀକ୍ଷାରେ ହାଇସ୍କୁଲରେ ବିଜ୍ଞାନ ପଢ଼ଉଥିବା ମୁରଲୀ ସାର୍ ଦିନେ ଆସି ତାଙ୍କ ମାଆଙ୍କୁ କହିଲେ, ପିଲାଟା ଏତେ ଭଲ ପଢୁଥିଲା ତା'ର ଆଗକୁ ପଢ଼ିବା କଥା କ'ଣ ଭାବୁଚ ?

ସୁବ୍ରତଙ୍କ ମାଆ କହିଲେ, ବାପ ଛେଉଣ୍ଡ ପିଲାଟା । ମାମୁଁ ଭରସାରେ ଥାଇ ପାଠ ପଢୁଥିଲା ଯେ ମାମୁଁ ବି ଗଲା । ମୁଁ ମାଇପି ଲୋକଟା; ମୁଁ କ'ଣ ଜାଣିଚି, ତମେ ସାରେ, ତାକୁ ଯାହା ବାଟ ଦେଖେଇବ ।

ମୁରଲୀ ସାର୍ କହିଲେ ଆଗକୁ ତ ପାଠ ପଢ଼ିବାକୁ ବହୁତ ପଇସା ଦରକାର । କଲେଜରେ ନାଁ ଲେଖେଇବାକୁ ଯେତିକି, ହଷ୍ଟେଲରେ ରହିବା, ଖିଆପିଆ ଆହୁରି କେତେ କ'ଣ ଖର୍ଚ୍ଚ ଅଛି । ତାକୁ ନେଇ ବାଲେଶ୍ୱର ବାଳାଶ୍ରମରେ ଛାଡ଼ି ଦଉନ । ସେଠି ବହୁ ଅନାଥ ପିଲା ରହି ପଢୁଛନ୍ତି । ସରକାର ତାଙ୍କ ରହିବା ଖାଇବା ଖର୍ଚ୍ଚ ବହନ କରିବେ ।

ତାଙ୍କ ମାଆ କହିଲେ, ଅନାଥ ପିଲାଙ୍କ ମେଳରେ ଛାଡ଼ିଦେବି ମୋ ଛୁଆକୁ ? ମୁଁ ଏବେ ବି ବଞ୍ଚିଚି ପରା ।

ମୁରଲୀ ସାର୍ କହିଲେ, ସେମିତି ଭାବନି, ସୁବ୍ରତ ଭଳି ଆହୁରି ଅନେକ ପିଲା ସେଠି ଅଛନ୍ତି ବୋଲି ଶୁଣିଚି । ମୋ କଥା ମାନ, ତାକୁ ସେଇଠି ଛାଡ଼ିଦିଅ । କିଛି ଖରାପ ହବନି ।

ସୁବ୍ରତଙ୍କ ମାଆ ନିଜ ମନକୁ ସେଦିନ ବୁଝେଇ ପାରିନଥିଲେ ବି ନିଜ ଆର୍ଥିକ ପରିସ୍ଥିତିକୁ ଦେଖି ମୁରଲୀ ସାର୍‌ଙ୍କ କଥାରେ ବାଧ୍ୟ ହେଇ ରାଜି ହେଇଥିଲେ ।

ତା' ପରେ ସୁବ୍ରତ ମୁରଲୀ ସାର୍‌ଙ୍କ ସାଙ୍ଗେ ବାଲେଶ୍ୱର ଯାଇ କଲେଜରେ ନାଁ ଲେଖେଇବା ସହ ବାଳାଶ୍ରମରେ ରହିଲେ । ବାଳାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ୍ ଯିଏ ଥିଲେ ସେ ମୁରଲୀ ସାର୍‌ଙ୍କର ଜଣାଶୁଣା । ତେଣୁ ସୁବ୍ରତଙ୍କୁ ସେଠି ଜାଗାଟିଏ ବି ମିଳି ଯାଇଥିଲା ସହଜରେ ।

ସେଇଠି ରହି ତାଙ୍କ ପଢ଼ାପଢ଼ି ଆରମ୍ଭ ହେଲା । ଇଣ୍ଟରିମିଡିଏଟ୍ ପଢ଼ିଲା ବେଳେ ନୂଆନୂଆ କଲେଜ ଆସୁଥିବା ପିଲାଙ୍କର ପିଠିରେ ନୂଆ ପର ଲାଗିଥାଏ । ଖୁବ୍ ଚଗଲାମି କରନ୍ତି ସେମାନେ । ମାତ୍ର ସୁବ୍ରତ ଭିନ୍ନ ଥିଲେ ଅନ୍ୟମାନଙ୍କ ଠାରୁ । ଖରାପ ପିଲାଙ୍କ ସାଙ୍ଗେ ନମିଶି ସେ ପଢ଼ାପଢ଼ିରେ ବେଶ୍ ଧ୍ୟାନ ଦିଅନ୍ତି । ଯାହା ଟିକେ ସମୟ ମିଳେ ଲାଇବ୍ରେରୀରେ ଯାଇ ପଢ଼ନ୍ତି । ତାଙ୍କ ପାଖରେ କୋଉ ପଇସା ଥାଏ ଯେ ଅନ୍ୟ ପିଲାଙ୍କ ପରି ଭଳିକି ଭଳି ଡ୍ରେସ ପିନ୍ଧି ବୁଲିବେ, ସିନେମା ଦେଖିବେ, ହୋଟେଲରେ ଖାଇବେ ? ଝିଅଙ୍କ ପିଛାରେ ସମୟ ବରବାଦ କରିବେ ?

କଲେଜରେ ନାଁ ଲେଖେଇବା ପାଇଁ ଆସିଲା ବେଳେ ମାଆ ମୁହଁ ଲୁଚେଇ ଲୁଚେଇ ବେଶ୍ କାନ୍ଦିଥିଲା କବାଟ ଫାଙ୍କରୁ । ମାଇଁ କହିଥିଲେ, ସୁବୁ ଦେଖ ବାହାରକୁ ଯାଉଚ, ଏକୁଟିଆ ରହିବ ନିଜ ଦେହର ଯତ୍ନ ନବ, ମନଦେଇ ପାଠ ପଢ଼ିବ । ବଦ୍‌ମାସ ପିଲାଙ୍କ ସାଙ୍ଗେ ମିଶିବନି । ତମ ବାପା

ଆଉ ମାମୁଁ ତ ନାହାନ୍ତି, ତାଙ୍କ ସ୍ୱପ୍ନ ସବୁ ପୂରଣ କରିବ ଯେମିତି ।

ସୁବ୍ରତ ମୁଣ୍ଡ ଟୁଙ୍ଗାରି ମାଇଁଙ୍କୁ କଥା ଦେଇଥିଲେ ସେଦିନ । ତେଣୁ ସେ ଅଯଥା ସମୟ ନଷ୍ଟ ନକରି ପଢ଼ାପଢ଼ିରେ ଧ୍ୟାନ ଦଉଥିଲେ । ଦୁଷ୍ଟ ପିଲାଙ୍କ ଠୁ ଦୂରେଇ ରହୁଥିଲେ ।

ଇଣ୍ଟରମିଡିଏଟ୍ ପରେ ସବୁ ପିଲା ଇଞ୍ଜିନିଅରିଂ ବା ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତି ଆରମ୍ଭ କଲେ । ସୁବ୍ରତ ବି । ହେଲେ ଟିଉସନ ଯିବା ପାଇଁ ତାଙ୍କ ପାଖରେ ପଇସା ନଥିଲା । ନିଜେ ନିଜେ ପଢ଼ି ସେ ଇଂଜିନିୟରିଂ ଏଣ୍ଟ୍ରାନ୍ସରେ ସଫଳ ହେଲେ । ମାତ୍ର ଇଞ୍ଜିନିୟରିଂ କଲେଜରେ ଆଡ୍‌ମିସନ୍ କରିବାକୁ ଏତେ ପଇସା ସେ କୋଉଠୁ ପାଇଥାନ୍ତେ । ମାଆକୁ ଚିଠି ଲେଖିଲେ । ମାଆ ତା'ର ହରଡମାଳିଆ ହାରଟା ପଡୁଥିଲା ମୁହୂର୍ତ୍ତକୁ ମୁହୂର୍ତ୍ତ । ତାଙ୍କ ଅନ୍ୟମନସ୍କତାକୁ ଭଙ୍ଗ କରି ପ୍ରଫେସର ମିଶ୍ର ତାଙ୍କ ସାମ୍ନାରେ ସେଦିନ ଉଭା ହେଇଥିଲେ । ପଚାରିଲେ, "ତୋର କ୍ଲାସ୍ ନାହିଁ କିରେ ? ବାହାରେ କାହିଁ ବୁଲୁଚୁ ?"

ସୁବ୍ରତ ଭୟରେ ଠିଆ ହେଇ ପଡ଼ିଥିଲେ । ପ୍ରଫେସର ମିଶ୍ର ସେତେବେଳେ ସେମିତି ଥିଲେ । ଖୁବ୍ କଡ଼ା ମିଜାଜ୍‌ର । ପିଲା ତାଙ୍କୁ ଖୁବ୍ ଡରନ୍ତି । ମାତ୍ର ଖୁବ୍ ଛାତ୍ରବତ୍ସଳ । ହଷ୍ଟେଲକୁ ନିୟମିତ ଭାବେ ଯାଇ ପିଲାଙ୍କ କଥା ବୁଝନ୍ତି । ମାତ୍ର ସୁବ୍ରତ ଯେହେତୁ ବାଳାଶ୍ରମରେ ରହୁଥିଲେ ପ୍ରଫେସର ମିଶ୍ର ତାଙ୍କୁ ଚିହ୍ନିନଥିଲେ ।

ସାରଙ୍କ ପ୍ରଶ୍ନରେ ବିଚଳିତ ହେଇ ସେ କହିଲେ ସାର୍ ମୋର ଇଣ୍ଟରମିଡିଏଟ୍ ସରିଲା । ରେଜଲ୍‌ଟ ବାହାରିଯାଇଚି । ମୁଁ ଇଂଜିନିଅରିଂ ବି ପାଇଯାଇଚି । ସବୁ ନୁଖୁରା । ପୁରୁଣା ପେଣ୍ଟ୍‌ସାର୍ଟ ହଲେ ପିନ୍ଧିଥାନ୍ତି । ପାଦରେ ହଳେ ସ୍ଲିପର୍ । ସାର୍ କହିଲେ, "ମୋର ଜଣେ ବନ୍ଧୁ ଏଠି ବ୍ୟାଙ୍କରେ ମ୍ୟାନେଜର୍ ଅଛି । ତାକୁ କହି ମୁଁ ତୋ ପାଇଁ ଏଜୁକେସନ୍ ଲୋନ୍‌ଟେ କରେଇ ଦେଇ ପାରିବି । ହେଲେ ତା' ପାଇଁ ଘର କି ଜମି କିଛି ହେଲେ ଗୋଟେ ବନ୍ଧା ରଖିବାକୁ ପଡ଼ିବ ।

ସୁବ୍ରତଙ୍କ ମୁହଁରେ ଆଶାର ଅରୁଣିମା ଟିକେ ଉଦୟ ହେଇ ଆସିଲା ବେଳକୁ ପୁଣି ଯେମିତି କିଏ କାନ୍‌ଭାସ୍ ଉପରେ କାଦୁଅ ମେଞ୍ଚେ ଛାଟିଦେଲା । ସେ ଭାବିଲେ କ'ଣ ବା ଜମିବାଡ଼ି ତାଙ୍କର ଅଛି ଯେ ସେ ତାକୁ ବନ୍ଧା ରଖିବେ ? ତା' ଛଡ଼ା ମାମୁଁ ଘର ଚାଳ ଛପର ଘର ଖଣ୍ଡକ ବନ୍ଧାରଖିବାକୁ ମାଇଁଙ୍କୁ କୋଉ ମୁହଁରେ ସେ କହିବେ ? ହଁ, ମାଇଁ ସେ ଘରକୁ



ବିକିଦେଇ ଷୋହଳ ହଜାର ଟଙ୍କା ପଠେଇଲା । ମାଇଁ ବି ତାଙ୍କ ହାତଜମାରୁ ଚାରି ପାଞ୍ଚ ହଜାର ଯୋଗାଡ଼ କଲେ । ମାତ୍ର ଏତିକି ଟଙ୍କାରେ କ'ଣ ବା ହେଇଥାନ୍ତା ? ଇଞ୍ଜିନିଅରିଂ କଲେଜରେ ଆଡ୍‌ମିସନ୍ ପାଇଁ ଲକ୍ଷାଧିକ ଟଙ୍କା ଦରକାର । ସୁବ୍ରତ ସେଦିନ ବହୁତ ଆଡେ ବୁଲିଥିଲେ ସାହାଯ୍ୟ ଆଶାରେ । ମାତ୍ର କୋଉଠୁ କିଛି ମିଳିନଥିଲା ତାଙ୍କୁ ।

କଲେଜ ସାମ୍ନା ବଗିଚାରେ ଅନେକ ବଡ଼ବଡ଼ ଆମ୍ବଗଛ ଥାଏ । ତାରି ଚାନ୍ଦିନୀରେ ବସି ସୁବ୍ରତ ଭାବୁଥାନ୍ତି କୋଉଠୁ କ'ଣ କରିବେ ? କିଏ ବା ତାଙ୍କର ଚିହ୍ନା ପରିଚୟ ଅଛି ଯେ କାହାକୁ ଯାଇ ଟଙ୍କା ମାଗିବେ ? ମନ ତାଙ୍କର ବିଷାଦଗ୍ରସ୍ତ ହୋଇ ହେଲେ ଟଙ୍କା ନାହିଁ ଆଡମିସନ କରିବାକୁ । କୁଆଡୁ କିଛି ଯୋଗାଡ଼ ହେଇପାରୁନି । ତେଣୁ କ'ଣ କରିବି କିଛି ଭାବି ପାରୁନି । ସେଇ ଚିନ୍ତାରେ ବସିଚି ।

ସାର୍ ତାଙ୍କୁ ସେଦିନ ଡାକିକି ତାଙ୍କ ଅଫିସ୍ ଚାମ୍ବରକୁ ନେଇକି ଗଲେ । ଘରକଥା ସବୁ ପଚାରି ବୁଝିଲେ । ଯେତେବେଳେ ଜାଣିଲେ ଯେ ତାଙ୍କ ପଛରେ କେହି ନାହାନ୍ତି, ତାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯାହାର କେହି ନଥାନ୍ତି, ତା'ର ଭଗବାନ ଥାଆନ୍ତି । ତୁ ବ୍ୟସ୍ତ ହଅନା ଭଗବାନ ତତେ ଏତେ ବାଟ ଆଣିଛନ୍ତି ଯେତେବେଳେ କୁଆଡୁ ନା କୁଆଡୁ ବାକି ବ୍ୟବସ୍ଥା ବି କରିବେ ।

ସୁବ୍ରତଙ୍କ ଆଖିରେ ନିରାଶାର ଲୁହ । ମୁଣ୍ଡ ବାଳ ବନ୍ଧା ରଖିବାକୁ ରାଜିହେଲେ ବି କେତେ ହବ ତା'ର ମୂଲ୍ୟ ?

ତାଙ୍କ ମୁହଁର ହତାଶା ଦେଖି ପ୍ରଫେସର ମିଶ୍ର ସେଦିନ ତାଙ୍କ ପିଠି ଥାପୁଡ଼େଇ କହିଥିଲେ, "ବ୍ୟସ୍ତ ହ ନା । କିଛି ନା କିଛି କରିବା ।" ଫୋନ୍ ଲଗେଇ ସେ ତାଙ୍କ ବ୍ୟାଙ୍କ୍ ଅଫିସର୍ ବନ୍ଧୁଙ୍କୁ ଡାକିଥିଲେ । ଶେଷରେ କଥା ହେଲା ପ୍ରଫେସର ମିଶ୍ର ନିଜେ ହେବେ ଗ୍ୟାରେଣ୍ଟର୍ । ଅର୍ଥାତ୍ ସୁବ୍ରତ ଯଦି ଋଣ ଶୁଝି ନପାରନ୍ତି ପ୍ରଫେସର ମିଶ୍ର ହିଁ ସବୁ ଶୁଝିବେ । ଯେ'ତ ପ୍ରକାରାନ୍ତରେ ତାଙ୍କ ପଢ଼ାର ସବୁ ଖର୍ଚ୍ଚ ପ୍ରଫେସର ମିଶ୍ର ବହନ କଲା ଭଳି କଥା ହେଲା । ସୁବ୍ରତଙ୍କର ମୁଣ୍ଡ ସେଦିନ ସାରଙ୍କ ମହାନୁଭବତା

ପାଖରେ ନଇଁ ଯାଇଥିଲା । ବ୍ୟାଙ୍କ୍ ମ୍ୟାନେଜର ଯେତେବେଳେ ଋଣ ଆବେଦନ ପତ୍ରର ପୃଷ୍ଠା ପରେ ପୃଷ୍ଠା ଓଲଟେଇ ଚାଲୁଥିଲେ ଓ ବିନା କିଛି ବୁଝାଶୁଝାରେ ପ୍ରଫେସର ମିଶ୍ର ସେଥିରେ ନିର୍ବିବାଦରେ ଦସ୍ତଖତ କରି ଚାଲୁଥିଲେ ସେତେବେଳ ପ୍ରଫେସର ମିଶ୍ର କ'ଣ ଭାବି ଦସ୍ତଖତ କରିଥିଲେ ତାଙ୍କୁ ଜଣା ନାହିଁ ମାତ୍ର ସୁବ୍ରତ ଭାବୁଥିଲେ ବାପ ଛେଉଣ୍ଡ ଏ ପିଲାଟା ପାଖରେ ପ୍ରଫେସର ମିଶ୍ର ଭଗବାନ ଭଳି ଉଭା ହେଇଛନ୍ତି, ଗୋଟେ ବାପର ଭୂମିକା ଗ୍ରହଣ କରିଛନ୍ତି । ସୁବ୍ରତଙ୍କର ସେଦିନ ଖୁବ୍ ଇଚ୍ଛା ହେଇଥିଲା, ତାଙ୍କୁ ସାର୍ ନଡାକି ବରଂ ବାପା ଡାକିବା ପାଇଁ । ସେ ତାଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ । ସାର୍ ତାଙ୍କୁ ସେଦିନ କହିଥିଲେ, "ଯା ଏଥର ମାଡ଼ି ଯା ଆଗକୁ... ତୋର ଏବେ ଅନେକ ବାଟ ଯିବାର ଅଛି ।"

ସୁବ୍ରତ ବ୍ୟାଙ୍କ୍‌ରୁ ଟଙ୍କା ନେଇ ଯାଇ ସେଦିନ ଆଡ୍‌ମିସନ୍ କଲେ ବୁର୍ଲା ଇଞ୍ଜିନିଅରିଂ କଲେଜ୍‌ରେ । ବୁର୍ଲାରୁ ପଢ଼ା ସରିଲା ପରେ ଏମ.ଟେକ୍ କରିବାକୁ ଗଲେ ମୁମ୍ବାଇ । ଏମ୍‌ଟେକ୍ ସରିଲା ପରେ ଗୋଟେ ବଡ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ବେତନରେ ଚାକିରୀ ବି କଲେ । ପ୍ରଥମେ ପ୍ରଥମେ ସାର୍‌ଙ୍କ ସହ ଚିଠିପତ୍ରରେ ଯୋଗାଯୋଗ ଥିଲା । କିଛିଦିନ ପରେ ଆଉ ସାର୍‌ଙ୍କ ଠାରୁ ଉତ୍ତର ମିଳିନଥିଲା । ଛୁଟିରେ ଓଡ଼ିଶା ଆସିଲେ ଯୋଗାଯୋଗ ପାଇଁ ଚେଷ୍ଟା ମଧ୍ୟ କରିଥିଲେ । ମାତ୍ର କଲେଜ୍‌ରେ ଯାଇ ଶୁଣିଲେ ସାର୍ ୟା ଭିତରେ ରିଟାୟାର୍ କରିଗଲେଣି । ରିଟାୟାର୍ ପୂର୍ବରୁ ସାର୍‌ଙ୍କର ଥରେ ହାର୍ଟ ଆଟାକ୍ ମଧ୍ୟ ହୋଇଥିଲା । ତା' ଛଡା ସାର୍‌ଙ୍କ ମ୍ୟାଡାମ୍ ଚାଲିଗଲା ପରେ ସେ ଖୁବ୍ ଏକୁଟିଆ ହେଇ ପଡ଼ିଥିଲେ ଓଡ଼ିଶାରେ । ତେଣୁ ଆମେରିକାରେ ରହୁଥିବା ତାଙ୍କ ଝିଅ ସାର୍‌ଙ୍କୁ ନିଜ ପାଖକୁ ନେଇ ଯାଇଥିଲେ । ତା' ପରେ ଆଉ ସାର୍‌ଙ୍କ ସହ ଯୋଗାଯୋଗ ରଖିବା ସମ୍ଭବ ହେଇ ନଥିଲା ।

ସୁବ୍ରତ ଭାବୁଥିଲେ, ସାର୍‌ଙ୍କୁ ଅଶି ପାଖାପାଖି ହେଲାଣି ବୋଲି କହୁଥିଲେ । ଖୁବ୍ ଦୁର୍ବଳ ହେଇ ଯିବେଣି । ମାତ୍ର ସେ ଉଲ୍ଲସିତ ଥିଲେ ଯେ ସାର୍‌ଙ୍କ ସହିତ ତାଙ୍କର ଦେଖାଟିକେ ଅନ୍ତତଃ ହେଇପାରିବ । ତାଙ୍କ ଆଶୀର୍ବାଦ ଟିକେ ନେଇପାରିବେ ଅନ୍ତତଃ ।

ଏୟାରପୋର୍ଟରୁ ବାହାରି ଗାଡ଼ିରେ ବସୁବସୁ ସୁବ୍ରତ ଡ୍ରାଇଭର୍‌କୁ କହିଲେ ନୀଳାଦ୍ରି ବିହାର ଯିବା । ବାଟରେ ସୁବ୍ରତ ସାର୍‌ଙ୍କୁ ଫୋନ୍ କରି ଜଣାଇଦେଲେ ଯାଉଚି ବୋଲି ।

ପ୍ରଫେସର ମିଶ୍ର ମଧ୍ୟ କହିଲେ, "ଏତେ ତରବର ହେଇ ଆସିବା କ'ଣ ଦରକାର ଥିଲା । ଘରକୁ ଯାଇ ଆରାମ୍‌ରେ ଆସି ପାରିଥାନ୍ତୁ ।"

ସୁବ୍ରତ କହିଲେ, "ସାର୍ ମୁଁ ଆପଣଙ୍କୁ ବୁଝେଇ ପାରିବିନି ମୋ ଭିତରେ ଆଜି କେତେ ଉଦ୍‌ବେଳନ । ଥରେ ଆପଣଙ୍କୁ ଭେଟି ଆପଣଙ୍କ ପାଦ ଛୁଇଁଦେଲେ ମୋ ମନ ଶାନ୍ତ ହେଇଯିବ । ମତେ ସେତିକି ଶାନ୍ତି । ମନା କରନ୍ତୁନି ।"

ସାର୍ କହିଲେ, "ହଉ ଆସ ।"

**ସୁବ୍ରତ ବ୍ୟାଙ୍କ୍‌ରୁ ଟଙ୍କା ନେଇ ଯାଇ ସେଦିନ ଆଡ୍‌ମିସନ୍ କଲେ ବୁର୍ଲା ଇଞ୍ଜିନିଅରିଂ କଲେଜ୍‌ରେ । ବୁର୍ଲାରୁ ପଢ଼ା ସରିଲା ପରେ ଏମ.ଟେକ୍ କରିବାକୁ ଗଲେ ମୁମ୍ବାଇ । ଏମ୍‌ଟେକ୍ ସରିଲା ପରେ ଗୋଟେ ବଡ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚବେତନରେ ଚାକିରୀ ବି କଲେ । ପ୍ରଥମେ ପ୍ରଥମେ ସାର୍‌ଙ୍କ ସହ ଚିଠିପତ୍ରରେ ଯୋଗାଯୋଗ ଥିଲା । କିଛିଦିନ ପରେ ଆଉ ସାର୍‌ଙ୍କଠାରୁ ଉତ୍ତର ମିଳିନଥିଲା । ଛୁଟିରେ ଓଡ଼ିଶା ଆସିଲେ ଯୋଗାଯୋଗ ପାଇଁ ଚେଷ୍ଟା ମଧ୍ୟ କରିଥିଲେ । ମାତ୍ର କଲେଜ୍‌ରେ ଯାଇ ଶୁଣିଲେ ସାର୍ ୟା ଭିତରେ ରିଟାୟାର କରିଗଲେଣି । ରିଟାୟାର ପୂର୍ବରୁ ସାର୍‌ଙ୍କର ଥରେ ହାର୍ଟ ଆଟାକ ମଧ୍ୟ ହୋଇଥିଲା । ତା' ଛଡା ସାର୍‌ଙ୍କ ମ୍ୟାଡାମ୍ ଚାଲିଗଲା ପରେ ସେ ଖୁବ୍ ଏକୁଟିଆ ହେଇ ପଡ଼ିଥିଲେ ଓଡ଼ିଶାରେ । ତେଣୁ ଆମେରିକାରେ ରହୁଥିବା ତାଙ୍କ ଝିଅ ସାର୍‌ଙ୍କୁ ନିଜ ପାଖକୁ ନେଇ ଯାଇଥିଲେ । ତା' ପରେ ଆଉ ସାର୍‌ଙ୍କ ସହ ଯୋଗାଯୋଗ ରଖିବା ସମ୍ଭବ ହେଇ ନଥିଲା ।**

ସୁବ୍ରତଙ୍କୁ ସାର୍‌ଙ୍କ ଘର ପାଇବାରେ କିଛି ଅସୁବିଧା ହେଲାନି । ଠିକ୍ ଥାନା ପଛପଟ ଲାଇନ୍‌ରେ ତାଙ୍କ ଘର । ସେ ଗେଟ୍ ଖୋଲୁଖୋଲୁ ପିଲାଟିଏ ଆସି ପଚାରିଲା, "ବଡ଼ ବାବୁଙ୍କୁ ଦେଖା କରିବେ ?" ସୁବ୍ରତ ଦୋଦୋ ପାଞ୍ଚ ହୋଇ ହଁ କଲେ । ଭିତରକୁ ଯାଉ ଯାଉ କହିଲେ, "ସାନବାବୁ ପୁଣି କିଏ ?" ପିଲାଟି କହିଲା, "ଆମ ସାର୍ ଦେବାଶିଷ ବାବୁ । ତାଙ୍କ ବାପା ହେଲେ ବଡ଼ବାବୁ ।" ସୁବ୍ରତ କହିଲେ, "ଓହୋ... ସାନବାବୁ କ'ଣ କରନ୍ତି ?" ପିଲାଟି କହିଲା, "ସେ ହାଇକୋର୍ଟରେ ଆଡଭୋକେଟ ।"

ସୁବ୍ରତଙ୍କୁ ଡ୍ରଇଁ ରୁମ୍‌ରେ ବସେଇ ଦେଇ ପିଲାଟି ଗଲା ସାର୍‌ଙ୍କୁ ଅର୍ଥାତ୍ ତା' ବଡ଼ବାବୁଙ୍କୁ ଡାକିବାକୁ ।

କିଛି ସମୟ ପରେ ସାର୍ ଆସିଲେ । ପିଲାଟି ତାଙ୍କୁ ଧରି ଧରି ଆଣୁଥାଏ । ସୁବ୍ରତ ପାଖକୁ ଯାଇ ସାର୍‌ଙ୍କ ପାଦ ଛୁଇଁ ପ୍ରଣାମ କଲେ । ସାର୍ ବସିଲେ ସୋଫାରେ । ଥରଥର କଣ୍ଠରେ କହିଲେ, "କ'ଣ ନବୁ ଚା, କଫି, ନା ଥଣ୍ଡା ?" ସୁବ୍ରତ କହିଲେ, "ସାର୍ ଚା ହେଲେ ଚଳିବ ।" ପିଲାଟି ଚା ଆଣିବାକୁ ଚାଲିଗଲା ।

ସୁବ୍ରତ ଦେଖୁଥିଲେ ସାର୍ ଖୁବ୍ ଦୁର୍ବଳ ହେଇ ଯାଇଛନ୍ତି । ଆଣ୍ଠୁଗଣ୍ଠି ସମସ୍ୟା ବୋଧେ ବାହାରିଚି । ଭଲରେ ଚାଲି ମଧ୍ୟ ପାରୁନାହାନ୍ତି । ଦୃଷ୍ଟିଶକ୍ତି ବି କ୍ଷୀଣ ହେଇଯାଇଚି । ସେତେ ଭଲ ଶୁଭୁନାହିଁ ମଧ୍ୟ କାନକୁ । ଗୋଟେ ଗୋଟେ କଥା ବାରମ୍ବାର ପଚାରୁଛନ୍ତି । ସେଦିନର ସେ ଦୃପ୍ତ ଚେହେରା ତାଙ୍କର ଆଉ ନାହିଁ ।

ସାର୍ ତାଙ୍କୁ ଚାହିଁ ପଚାରିଲେ, "ତୋ ଖବର କ'ଣ କହ । କୋଉଠି ରହୁଚୁ, କ'ଣ କରୁଚୁ ?"

ସୁବ୍ରତ କହିଲେ, "ସାର୍ ଇଞ୍ଜିନିଅରିଂ ସରିଲା ପରେ ହୁଣ୍ଡାଇ ଅଟୋମୋବାଇଲ୍‌ସ୍‌ରେ ଚାକିରୀ କରୁଥିଲି । ଅନେକ ବର୍ଷ ଚାକିରୀ କଲା ପରେ ବାହାରେ ଆଉ ଭଲ ଲାଗିଲାନି । ଓଡ଼ିଶା ଫେରି ଆସିଲି । ଏଠି ନିଜର ଗୋଟେ ସଂସ୍ଥା ଖୋଲିଚି । ଆପଣଙ୍କ ଆଦର୍ଶରେ ।"

ସାର୍ ଆଶ୍ଚର୍ଯ୍ୟ ହେଇ ପଚାରିଲେ, "ମୋ ଆଦର୍ଶ ? କ'ଣ କରୁଚୁ ଶୁଣେ !"

ସୁବ୍ରତ କହିଲେ, "ସାର୍ ସେଦିନ ଆପଣ ସାହାଯ୍ୟ ନ କରିଥିଲେ ମତେ ବା କୋଉ ବ୍ୟାଙ୍କ୍ ଋଣ ଦେଇଥାନ୍ତା ? ମୁଁ କୋଉ ଇଞ୍ଜିନିଅରିଂ ପଢ଼ି ପାରିଥାନ୍ତି ? ମୋ ଭଳି ଅନେକ ପିଲାଙ୍କ ଭାଗ୍ୟରେ ହୁଏତ ଆପଣଙ୍କ ଭଳି ଶୁଭାକାଂକ୍ଷୀ ଜୁଟୁନଥିବେ । ସେମାନେ ବଣମଲ୍ଲୀ ବଣରେ ଝଡ଼ିଲା ପରି ଝଡ଼ି ଯାଉଥିବେ କୋଉ ଅଖ୍ୟାତ ପଲ୍ଲୀରେ । ସେଇକଥା ମୁଁ ଥରେ ଆପଣଙ୍କୁ ଚିଠିରେ ଲେଖିଥିଲି । ଆପଣ ଉତ୍ତରରେ ଲେଖିଥିଲେ ତୁ ବି ସଫଳ ହେଲା ପରେ ଆଉ କେତେଜଣଙ୍କ ପାଇଁ ଏମିତି ଆଶାବାଡ଼ିଟିଏ ହବୁ ଯେମିତି । ସେଇ କଥାଟି ମତେ ଖୁବ୍ ଛୁଇଁଥିଲା । ଆମ ଅଞ୍ଚଳର କେତେଜଣ ଗରିବ ଅସହାୟ ପିଲାଙ୍କୁ ମୁଁ ହାତରୁ ସ୍କଲାରସିପ୍ ଦେଇ ପଢ଼ଉଥିଲି । ପରେ ମୁଁ ଭାବିଲି ଆଉ କିଛି ବଡ଼ କରିବି । ଓଡ଼ିଶା ଆସିଲା ପରେ ଗୋଟେ ଫ୍ରି କୋଚିଙ୍ଗ ସେଣ୍ଟର୍ ଖୋଲିଚି ଏମିତି

ଅତି ଗରିବ ଓ ଅସହାୟ ପିଲାଙ୍କ ପାଇଁ । ଇଞ୍ଜିନିଅରିଂ ଏଣ୍ଟ୍ରାନ୍ସ୍ ପାଇଁ ମାଗଣାରେ କୋଚିଂ ଦଉଚି । ମୋ ସାଙ୍ଗରେ ଆଉ କେତେଜଣ ସାଙ୍ଗ ବି ଅଛନ୍ତି । ଗତ କିଛି ବର୍ଷ ଭିତରେ ବେଶ୍ କେତେଜଣ ପିଲା କୃତକାର୍ଯ୍ୟ ବି ହେଲେଣି ।”

ଟିକିଏ ରହିଯାଇ ପୁଣି ସୁବ୍ରତ କହିଲେ, “ସାର୍ ଆପଣଙ୍କୁ ମୋ କୋଚିଙ୍ଗ୍ ସେଣ୍ଟରକୁ ଟିକେ ନେବି । ଆପଣ ଦେଖିବେ ସେଠି କେମିତି ପଲାଙ୍କ ପାଇଁ ମୁଁ ଆଶାବାଡ଼ି ତିଆରି କରିଚି । ପିଲାଙ୍କୁ ଆପଣ ଦି'ପଦ କହିବେ । ମୁଁ ପୁଣି ଆଣି ଛାଡ଼ିଦେଇ ଯିବି ।”

ପ୍ରଫେସର ମିଶ୍ର ହସିଲେ । କହିଲେ, “ଦେଖୁଚୁ ତ ମୋ ଅବସ୍ଥା । ଆଉ କ'ଣ ବାହାରକୁ ଯାଇପାରୁଚି ?”

ସୁବ୍ରତ କହିଲେ, “ସାର୍ ଏବେ ଆମ ଇନ୍‌ଷ୍ଟିଚ୍ୟୁଟର ବାରଜଣ ପିଲା ଇଞ୍ଜିନିଅରିଂ ପାଇଛନ୍ତି ବିଭିନ୍ନ କଲେଜରେ । ଆମେ ତାଙ୍କ ପାଇଁ ଏଜୁକେସନ ଲୋନ୍‌ର ବ୍ୟବସ୍ଥା ବି କରୁ । ମୁଁ ପ୍ରତିବର୍ଷ ଯେତେବେଳେ ପିଲାଙ୍କୁ ଲୋନ୍ ଡକୁମେଣ୍ଟ ଦିଏ ମୋର ଆପଣଙ୍କ କଥା ମନେପଡ଼େ । ଏଥର ଆପଣଙ୍କୁ ପାଇଚି ଯେତେବେଳେ ଆପଣ ସେଇ ଡକୁମେଣ୍ଟ ସବୁ ପିଲାଙ୍କୁ ଦେବେ ଏବଂ ମତେ ଯେମିତି କହିଥିଲେ ଯା' ଏଥର ମାଡ଼ି ଯା ଆଗକୁ... ତୋର ଏବେ ବହୁବାଟ ଯିବାର ଅଛି ସେମିତି ପିଲାଙ୍କୁ ଟିକେ ଉତ୍ସାହପ୍ରଦ ଉଦ୍‌ବୋଧନ ଦେବେ ।”

ସାର୍ ସେଦିନ ସୁବ୍ରତଙ୍କୁ ‘ହଉ’ ବୋଲି କହି ବିଦା କଲେ । ସୁବ୍ରତ ତାଙ୍କ ଇନ୍‌ଷ୍ଟିଚ୍ୟୁଟ୍‌କୁ ଫେରି ଉତ୍ସବର ଆୟୋଜନରେ ଲାଗି ପଡ଼ିଲେ । ତାଙ୍କ ଅନୁଷ୍ଠାନକୁ ତାଙ୍କ ସାର୍ ଆସିବେ ତେଣୁ ତାଙ୍କ ପାଦ ତଳେ ଲାଗୁନଥିଲା । ସେ ସାର୍‌ଙ୍କୁ ଦେଖେଇବାକୁ ଚାହୁଁଥିଲେ ସେ କେମିତି ସାର୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗୋଟେ ଗୁରୁକୁଳର ପ୍ରତିଷ୍ଠା କରିଛନ୍ତି । ସାର୍‌ଙ୍କୁ ସେଇ ଖୁସି ଟିକେ ଦବାକୁ ସେ ଚାହୁଁଥିଲେ । ସେଇ ହବ ତାଙ୍କର ଶ୍ରେଷ୍ଠ ଗୁରୁଦକ୍ଷିଣା ।

ସମୟ ଅଳ୍ପ ଥିଲା ହାତରେ । ତେଣୁ ସୁବ୍ରତ ତାଙ୍କ କର୍ମଚାରୀ ଓ ଛାତ୍ରମାନଙ୍କୁ ଲଗେଇ ସାର୍‌ଙ୍କୁ ସ୍ୱାଗତ କରିବା ପାଇଁ ପୁରାଦମ୍‌ରେ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ । ସାର୍‌ଙ୍କ ପାଇଁ ଉତ୍ତରୀୟ, ଫୁଲତୋଡ଼ା ସବୁର ବରାଦ ଦିଆ ସରିଥିଲା ।

ନିର୍ଦ୍ଧାରିତ ଦିନ ସକାଳୁ ସୁବ୍ରତ ତାଙ୍କ ଷ୍ଟାଫ୍‌ମାନଙ୍କୁ ଡାକି ଯାହାକୁ ଯାହାର ଦାୟିତ୍ୱ ବଣ୍ଟେଇଦେଲେ । କହିଲେ, “ସାର୍‌ଙ୍କ ଦେହ ଭଲ ନାହିଁ । ସେ ଆସିବା କଥା ନୁହେଁ । ଖାଲି ମୋ କଥା ରଖି ଆସିବେ ବୋଲି କହିଛନ୍ତି । ତେଣୁ ସେ ବେଶୀ ସମୟ ଏଠି ରହିପାରିବେ ନାହିଁ । ଅଳ୍ପ ସମୟ ଭିତରେ ସବୁ କାମ ସାରିବାକୁ ହେବ । ତେଣୁ କୋଉଠି କିଛି ତ୍ରୁଟିବିଚ୍ୟୁତି ଯେମିତି ନହୁଏ । ମୁଁ ନିଜେ ଯାଉଚି ସାର୍‌ଙ୍କୁ ଆଣି ଆସିବା ପାଇଁ । ମୋ ସାଙ୍ଗରେ କିଏ ଜଣେ ଆସନ୍ତୁ ।”

ସୁବ୍ରତ ଏତିକି କହି ଗାଡ଼ି ଧରି ନିଜେ ବାହାରିଗଲେ ସାର୍‌ଙ୍କ ଘର ଅଭିମୁଖେ । ହାତରେ ଫୁଲତୋଡ଼ାଟେ ଧରିଥାନ୍ତି ସାର୍‌ଙ୍କୁ ଦେଖା ହେଲାବେଳେ ଦେବା ପାଇଁ ।

**ସୁବ୍ରତ କହିଲେ ସାର୍ ସେଦିନ ଆପଣ ସାହାଯ୍ୟ ନ କରିଥିଲେ ମତେ ବା କୋଉ ବ୍ୟାଙ୍କ ଋଣ ଦେଇଥାନ୍ତା ? ମୁଁ କୋଉ ଇଞ୍ଜିନିଅରିଂ ପଢ଼ି ପାରିଥାନ୍ତି ? ମୋ ଭଳି ଅନେକ ପିଲାଙ୍କ ଭାଗ୍ୟରେ ହୁଏତ ଆପଣଙ୍କ ଭଳି ଶୁଭାକାଂକ୍ଷୀ ଜୁଟୁନଥିବେ । ସେମାନେ ବଣମଲ୍ଲୀ ବଣରେ ଝଡ଼ିଲା ପରି ଝଡ଼ି ଯାଉଥିବେ କୋଉ ଅଖ୍ୟାତ ପଲ୍ଲୀରେ । ସେଇକଥା ମୁଁ ଥରେ ଆପଣଙ୍କୁ ଚିଠିରେ ଲେଖିଥିଲି । ଆପଣ ଉତ୍ତରରେ ଲେଖିଥିଲେ ତୁ ବି ସଫଳ ହେଲାପରେ ଆଉ କେତେଜଣଙ୍କ ପାଇଁ ଏମିତି ଆଶାବାଡ଼ିଟିଏ ହବୁ ଯେମିତି । ସେଇ କଥାଟି ମତେ ଖୁବ୍ ଛୁଇଁଥିଲା । ଆମ ଅଞ୍ଚଳର କେତେଜଣ ଗରିବ ଅସହାୟ ପିଲାଙ୍କୁ ମୁଁ ହାତରୁ ସ୍କଲାରସିପ୍ ଦେଇ ପଢ଼ଉଥିଲି । ପରେ ମୁଁ ଭାବିଲି ଆଉ କିଛି ବଡ଼ କରିବି । ଓଡ଼ିଶା ଆସିଲା ପରେ ଗୋଟେ ଫ୍ରି କୋଚିଙ୍ଗ ସେଣ୍ଟର ଖୋଲିଚି ଏମିତି ଅତି ଗରିବ ଓ ଅସହାୟ ପିଲାଙ୍କ ପାଇଁ । ଇଞ୍ଜିନିଅରିଂ ଏଣ୍ଟ୍ରାନ୍ସ୍ ପାଇଁ ମାଗଣାରେ କୋଚିଂ ଦଉଚି । ମୋ ସାଙ୍ଗରେ ଆଉ କେତେଜଣ ସାଙ୍ଗ ବି ଅଛନ୍ତି । ଗତ କିଛି ବର୍ଷ ଭିତରେ ବେଶ୍ କେତେଜଣ ପିଲା କୃତକାର୍ଯ୍ୟ ବି ହେଲେଣି ।**

ମାତ୍ର ଏ କ'ଣ ? ସାର୍‌ଙ୍କ ଘର ଆଗରେ ଏତେ ଭିଡ଼ କାହିଁକି ? କିଛି ଦୂରରେ ଗାଡ଼ି ଅଟକେଇ ସୁବ୍ରତ ଫୁଲତୋଡ଼ାଟା ଧରି ଆଗକୁ ବଢ଼ିଲେ । ଭିଡ଼ କାଟିକାଟି ଆଗରେ ଯାଇ ପହଞ୍ଚିଲା ବେଳକୁ ଜଣକୁ କାହାକୁ ପଚାରିଲେ, “କ'ଣ ହେଇଚି, ଏତେ ଭିଡ଼ କାହିଁକି ?” ସେ ଲୋକ ଜଣକ କହିଲା, “ପ୍ରଫେସର ସାର୍ ଆଉ ନାହାନ୍ତି । ସକାଳୁ ସକାଳୁ ଚାଲିଗଲେ ।”

ସୁବ୍ରତଙ୍କ ପାଦ ତଳେ ଯେମିତି ହଜାରେ ଭୂମିକମ୍ପ ଗୋଟିଏ ପରେ ଗୋଟିଏ ସଂଗଠିତ ହେଇ ଚାଲିଥିଲା । ତଥାପି ସେ ଭିଡ଼କାଟି ଭିତରକୁ ଗଲେ । ସେ ତ ତାଙ୍କ ପରିବାର ବର୍ଗ କାହାକୁ ଚିହ୍ନିନଥିଲେ । ତାଙ୍କୁ କେବଳ ଚିହ୍ନିଥିଲା ସାର୍‌ଙ୍କ ଘରେ କାମ କରୁଥିବା ସେଇ ଚାକର ପିଲାଟି ଯିଏ ତାଙ୍କୁ ପ୍ରଥମ ଥର ଆସିବା ଦିନ ଆଣି ଚା' ଦେଇଥିଲା । ସୁବ୍ରତ ତାକୁ ପଚାରିଲେ, “କ'ଣ ହେଇଥିଲା କହିଲ ।”

ସେ କହିଲା, “ବଡ଼ବାବୁଙ୍କର ଦିଦିନ ହେଲା ଗ୍ୟାସ୍ ଟିକେ ବଢ଼ି ଯାଇଥିଲା । ହେଲେ କାଲି ରାତିରେ ଠିକ୍‌ରେ ଖାଇପିଇ ଶୋଇଲେ । ମୁଁ ବି ତାଙ୍କ ଗୋଡ଼ହାତ ଘସି ଦେଇଥିଲି । ସକାଳୁ ସବୁଦିନ ଉଠି ସେ ମତେ ଡାକି କହନ୍ତି, ଏତେବେଳ ଯାଏ ଶୋଉଚୁ କ'ଣ କିରେ ଚା' ଟିକେ ବସା । ଆଜି ସକାଳୁ ସେ ଡାକ ନଥିଲା । ମୁଁ ଭାବିଲି ଦେହ ଭଲ ନ ଥିଲା ତ ଶୋଇଥାନ୍ତୁ । ଚା' ବନେଇ ସାରି ଯେତେବେଳେ ଆସି ତାଙ୍କୁ ଡାକିବାକୁ ହାତରେ ହଲେଇଦିଏ ଦେଖିଲା ବେଳକୁ ଦେହ ସାରା ହିମଶୀତଳ । ପୁରା ଦେହ ଥଣ୍ଡା ପଡ଼ି ଯାଇଥାଏ । ଭାବିଲି ଏସି ରାତିସାରା ଲଗେଇଥିଲେ ବୋଧେ ଦେହ ଥଣ୍ଡା ପଡ଼ି ଯାଇଚି । ମାତ୍ର ବାରମ୍ବାର ଡାକିଲା ପରେ ନଉଠିଲାରୁ ସାନବାବୁଙ୍କୁ ଡାକିଲି । ସେ ଆସି ଡାକିଲେ ହେଲେ ବଡ଼ବାବୁ ଆଉ ଉଠିବା ଅବସ୍ଥାରେ ନଥିଲେ । ଡାକ୍ତର ଆସିଲେ, କହିଲେ ବଡ଼ବାବୁ ଆଉ ନାହାନ୍ତି । ସେତିକି ବେଳଠୁ ତ ଲୋକ ଗହଳି ଲାଗିଚି ।”

ସୁବ୍ରତ ନୀରବରେ ଅନେକ ସମୟ ଠିଆ ହେଇ ରହିଲେ ଖୁଣ୍ଟକୁ ଆଉଜି । ତା' ପରେ ସାର୍‌ଙ୍କୁ ଶଙ୍ଖୋଳିବାକୁ ନେଇଥିବା ଗୋଲାପ ଫୁଲର ତୋଡ଼ାଟା ତାଙ୍କ ଶ୍ୱେତଶୁଭ୍ର ଚାଦର ଉପରେ ଥୋଇ ଦେଇ ଆସିଲା ବେଳକୁ ସତେ ଯେମିତି ପଛରୁ କିଏ କହୁଥିଲା, ଯା ମାଡ଼ିଯା ଆଗକୁ ତୋର ଏବେ ଆହୁରି ବହୁବାଟ ଯିବାର ଅଛି । ସାର୍‌ଙ୍କ ନିଷ୍ପ୍ରାଣ ଶରୀରରେ ସେଇ ସତେଜତା, ମୁହଁରେ ସେଇ ପ୍ରଶାନ୍ତ ହସ । ଲାଗୁଥିଲା ଯେମିତି ସ୍ୱର୍ଗରୁ ଧରାବତରଣ କରିଥିବା ଦେବତାଟିଏ ପୁଣି ଫେରିଯାଉଚି ତା'ର ସ୍ୱଗୃହକୁ ।

ସୁବ୍ରତ ସାର୍‌ଙ୍କ ପାଦ ଛୁଇଁ ପ୍ରଣାମ କଲେ ଓ ଆକାଶ ଆଡକୁ ଚାହିଁ ସ୍ୱଗତୋକ୍ତି କରି କହିଲେ: “ଆପଣଙ୍କ ଭଳି ଜଣେ ଜଣେ ଈଶ୍ୱରଙ୍କୁ ମଝିରେ ମଝିରେ ଧରାବତରଣ କରିବାକୁ ପଡ଼େ ସାର୍; ଆପଣ ଯଦି ନଥାନ୍ତେ, ହୁଏତ ମୁଁ ବି ଆଜି ନଥାନ୍ତି ! ଆପଣ ମୋ ପାଇଁ ଈଶ୍ୱର ଥିଲେ ଚିରଦିନ ଈଶ୍ୱର ହେଇ ରହିବେ !

# ମଲାମେଘ



# ମଲାମେଘ

**ବିରଜା ରାଉତରାୟ**
ମାଧପୁର, କେନ୍ଦ୍ରାପଡ଼ା
ଫୋନ: ୯୬୫୮୮୧୦୨୪୪

ଅଳଙ୍କରଣ : ସଂଜୟ କୁମାର ରାଉଳ

**ହ୍ୱାଟ୍ସଆପ୍‌ରୁ ମୁହଁ ଫେରାଇ ତନିମା ଖୁବ୍ ଆତୁର ଓ ହତାଶାଭରା ଆଖିରେ ମୁହଁ ଟେକି ଚାହିଁଲା ଆକାଶ ଆଡ଼କୁ । ତାକୁ ଲାଗୁଥାଏ, ଉପରେ ଭାସି ବୁଲୁଥିବା ଦୁଇ ଚାରିଖଣ୍ଡ ମଲାମେଘ ଚାହିଁ ବି ବର୍ଷିପାରିବେ ନାହିଁ । ତା' ଦୁଇ ଆଖିରେ ଅଧା ଜକେଇ ଆସୁଥିବା ଲୁହ ସେହିପରି ଟଳଟଳ ହୋଇ ରହିଥାଏ ମଲାମେଘ ପରି । ନା ଆକାଶରୁ ଛିଣ୍ଡୁଥାଏ ନା ଆକାଶ ବୁକୁକୁ ଫେରି ପାରୁଥାଏ ।**


◀ ଗାଳ୍ପିକ ବିରଜା ରାଉତରାୟ

ଦୁଃସ୍ୱପ୍ନ ସବୁ ନଈର ଅତଡ଼ା ପରି, ଥିବେ ଥିବେ ଛାତିରୁ ପୋଷେ ମାଂସ ଖସିଲା ପରି ଅତର୍କିତ ଅଦୃଶ୍ୟ ଆକ୍ରମଣରେ କ୍ଷତବିକ୍ଷତ କରି ପକାଇବେ । ଠିକ୍ ସେହିପରି ଘଟିଥିଲା ତନିମାର ଜୀବନରେ ।

ତା' ମଗଜର ସାବଲୀଳ ଚିନ୍ତାସ୍ରୋତକୁ ଅନେକାଂଶରେ ଦୋହଲାଇ ଦେଇଥିବା ସେଇ ଅବ୍ୟକ୍ତ ଅବରୁଦ୍ଧତା କବଳରୁ ଉନ୍ମୁକ୍ତିର ମାର୍ଗ ଖୋଜି ହେଉଥିଲା ସେ । ଭିତରେ ଭିତରେ ରହି ରହିକା ଉଠୁଥିବା ଅଣଚାଷ ପବନ ସବୁ ଅକଥନୀୟ ଶ୍ୱାସରୁଦ୍ଧତାରେ ତାକୁ କବଳିତ କରି ସମ୍ପୂର୍ଣ୍ଣ ନିରସ୍ତ୍ର କରି ପକାଉଥିଲେ । ତା' କପାଳର ଦୁଇପଟରେ ଦକ୍‌ଦକ୍ କରି ଚାଲିଥାଏ ଅମାନିଆ ଶିରା । ଅସହ୍ୟ ବ୍ୟଥା ଦେଉଥିବା ମଥା ଉପରେ ଆଉ ପରସ୍ତେ ଅମୃତାଞ୍ଜନ ବୋଳି ପ୍ରଶମିତ କରିବାକୁ ଚେଷ୍ଟା କଲା । ସେଥିରେ କୌଣସି ଆଶୁ ସୁଫଳ ମିଳିଲା ନାହିଁ ।

ବ୍ୟତିବ୍ୟସ୍ତ ହୋଇ ବେଡ୍‌ରୁମ୍‌ରୁ ବାଲ୍‌କୋନି ଯାଏଁ ଧାଇଁ ଆସିଲା । ବାଡ଼ା ଉପରେ ଦୁଇହାତ ରଖି ଜୋରେ ଜୋରେ ନିଃଶ୍ୱାସ ନେବାକୁ ଲାଗିଲା । ନିଜକୁ ଭିତରର ରୁଦ୍ଧପଣରୁ ସାମାନ୍ୟ ସହଜ କରିବା ପାଇଁ ଚେଷ୍ଟା କଲା । ତଥାପି ସେଇ ଭାରୀପଣ ଜାବୋଡ଼ି ଧରିଥାଏ ମୁଣ୍ଡକୁ । ବିକଳ ହୋଇ ମୁଣ୍ଡଟେକି ଚାହିଁଲା ସାମ୍ନାକୁ । ଏକ ସତେଜ ନୀଳ ବୁକେ ପରି ଆଗରେ ଉଭା ହୋଇଥିଲା ଉତ୍ତୀର୍ଣ୍ଣ ସକାଳର ଆକାଶ । ଟିକେ ଫରକ୍ ଲାଗିଲା ତାକୁ । କିଛିକ୍ଷଣ ପାଇଁ ମନକୁ ଆସିଲା, ବାଥ୍‌ରୁମ୍‌ରେ ପିନ୍ଧିଥିବା ନାଇଟିକୁ ସହସା ବଦଳାଇବା ପରି ତା' ରୁଗୁରୁଗୁ ଯନ୍ତ୍ରଣାର ବର୍ତ୍ତମାନଟିକୁ ଫୋପାଡ଼ି ଦେଇ ଏଇ ସତେଜ ନୀଳ ବୁକେକୁ ହାତ ବଢ଼ାଇ ଆପଣାଇ ନିଅନ୍ତା । ଭୁଲିଯାଆନ୍ତା ବାଲ୍‌କୋନି ବାଡ଼ାଘେରା ଏହି ବାଧାବନ୍ଧନକୁ ! ମାତ୍ର କ'ଣ ଭାବି ପୁଣି କ୍ଷାନ୍ତ କଲା ନିଜକୁ । ହୁଏତ ଜାଣିଥିଲା, ତା'ର ଏଇ ଡେଣା ହଲାଉଥିବା କଅଁଳ ଇଚ୍ଛାଟି ଆକାଶର ସଶକ୍ତ ଲୌହକାନ୍ଥରେ ଧକ୍କା ଖାଇ ଲେଉଟି ଆସିବା ଛଡ଼ା ଆଉ କିଛି ନୁହେଁ !

ନିରାଶ ହୋଇ ସାମ୍ନାପଟ ଆକାଶରୁ ମୁହଁ ଫେରାଇ ଆଣିଲା । ଟେରାସ୍‌ର ଦୁଇପଟେ କୁଣ୍ଡରେ ସଜା ହୋଇଥିବା ଗଛ ଆଡ଼କୁ ଚାହିଁଲା । ସକାଳର ସଫେଦ୍ ଆଲୁଅ ବାଜି ସେହି ସବୁ ଗଛଗୁଡ଼ିକରେ ଏକ ନରମ ସବୁଜିମାର ହସ ଚହଟି ଉଠୁଥାଏ ।

ବେଲାନ୍ଦୁରର ପୁରୁଣା ଠିକଣାକୁ ଛାଡ଼ି ହ୍ୱାଇଟ୍‌ଫିଲ୍‌ଡ୍‌ର ଏହି ନୂଆ ଆପାର୍ଟମେଣ୍ଟ୍‌କୁ ଆସିବା ପରେ ସେ ବାଲ୍‌କୋନିରେ ରଖିବା ପାଇଁ ପାଖ ନର୍ସରୀରୁ କ୍ରୋଟନ, ଆଲୋଭେରା, ମନିପ୍ଲାଣ୍ଟ୍, କାଲାଡିୟମ୍, ଡ୍ରାସିନା, କ୍ୟାକ୍‌ଟସ୍ ପ୍ରଭୃତି ଗଛସବୁ ନେଇ ଆସିଥିଲା । ଏଥିପ୍ରତି ତା'ର ଭାରି ଦୁର୍ବଳତା । ଜୀବନର ଏମିତି ଦିନଟିଏ ବି କଟିନି, ସେ ଯୋଉଠି ଯୋଉଠି ତା'ର ସ୍ଥାନ ବଦଳାଇଛି, ସେଇଠି ଯେତେ ଛୋଟ ପରିସର ହେଉ ବରଂ ସବୁଜିମାର ସାନ୍ନିଧ୍ୟରୁ ନିଜକୁ ବଞ୍ଚିତ ରଖିନାହିଁ । ଅନୁଗୁଳ ଛାଡ଼ି ବେଙ୍ଗାଲୁରୁକୁ ଚାକିରିରେ ଯୋଗଦେବାକୁ ଯେବେ ବାହାରିଥିଲା, ଗଛ ପ୍ରତି ତା'ର ଏହି ଆସକ୍ତିକୁ ଦେଖି ମାମା ଏହି ପ୍ରସଙ୍ଗକୁ ଉଠାଇଥିଲେ । କହିଥିଲେ, "ଏଠି ସିନା ବାଡ଼ିବଗିଚା ଘେରା ପରିବେଶରେ ବଢ଼ିଛୁ ବୋଲି ଗଛଲତାଙ୍କ ପ୍ରତି ତୋର ଅଜଣା ଡୋର ଲାଗି ଯାଇଛି । ହେଲେ, ବେଙ୍ଗାଲୁରୁ ତ ମେଟ୍ରୋ ସହର । ସେଠି ଆପାର୍ଟମେଣ୍ଟ୍‌ର ନିବୁଜ ଜୀବନ ଭିତରେ କୋଉଠି ଅବା ଏ ସବୁ ପାଇବୁ ?"

ସେ ତତ୍‌କ୍ଷଣାତ୍ ଉତ୍ତର ଫେରାଇ କହିଥିଲା, "ଏଠୁ ଗଲେ ଗୋଟିଏ ବଡ଼ ଭରପୁର ବଗିଚା ପାଖରୁ ଦୂରେଇ ଯିବି ସତ; ହେଲେ, ସେଠି ପାଖରେ ଦୁଇକେନା ସବୁଜ ପତ୍ର କ'ଣ ରଖିବା ମନା !"

ଏବେ ସେହି ବାଲକୋନିର ଟେରାସ୍‌ରେ ସଜେଇଥିବା ଦୁଇକେନା ସବୁଜ ପତ୍ରର ସତେଜପଣ ତା'ର ବିକ୍ଷୁବ୍ଧ ମନକୁ ବୋଧ ଦେବାରେ ଥାଏ ଅସମର୍ଥ । ଯେତେ ନିଜକୁ ଅନ୍ୟମନସ୍କ କରାଇଲେ ବି ଭିତରର ଛଟପଟ ଥମିବାର ନାଁ ଧରୁନଥାଏ । ଅସ୍ଥିର ହୋଇ ଉଠି ପୁଣିଥରେ ହାତମୁଠାରେ ଥିବା

**କାହାଣୀ ପଛର କାହାଣୀ**

**ପ୍ରାୟ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ଲିଭ୍-ଇନ୍ ସମ୍ପର୍କକୁ ନେଇ କିଛି ଖବର ମଝିରେ ମଝିରେ ଚର୍ଚ୍ଚାର ପରିସରକୁ ଆସିଥାଏ । ସମୟ ସମୟେ ଏହି ସମ୍ପର୍କକୁ ନେଇ ଉଚ୍ଚ ନ୍ୟାୟାଳୟର ରୁଲିଂ ଏଥିପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଥାଏ । ପୂର୍ବରୁ ବଲିଉଡ୍‌ର ସେଲିବ୍ରେଟିମାନେ ଏହିପରି ଲିଭ୍-ଇନ୍‌ରେ ଏକାଠି ରହିବାର କଥା ଆମେ ଜାଣିଥିଲୁ । ମାତ୍ର ଦ୍ରୁତ ବିଶ୍ୱାୟନ ଓ ମୁକ୍ତ ଅର୍ଥନୈତିକ ପ୍ରଗତିରେ ନିଜକୁ ସାମିଲ କରି ପାରୁଥିବା ନୂଆପିଢ଼ିର ଉଚ୍ଚ ଶିକ୍ଷିତ ବର୍ଗର କତିପୟ ଯୁବକ ଯୁବତୀ ମଧ୍ୟ ଏହି ଲିଭ୍-ଇନ୍ ସଂସ୍କୃତିରେ ଆସ୍ଥା ରଖି ଏକ ମୁକ୍ତ ନାମହୀନ ସମ୍ପର୍କର ରଜ୍ଜୁରେ ବାନ୍ଧି ହୋଇ ଯାଉଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ପ୍ରେମ ଆଉ ବୁଝାମଣାର ଏହି ଅଲିଖିତ ଚୁକ୍ତିରେ ଉତ୍ତୀର୍ଣ୍ଣ ହୋଇ ପାରୁଛନ୍ତି ; ଆଉ କେତେକ ମୋହଭଙ୍ଗର ବିଫଳତାରେ ବିଚ୍ଛିନ୍ନ ହେଉଛନ୍ତି । ସେହିପରି ଏକ ସମ୍ପର୍କକୁ ନେଇ ମୋର ଏହି ଗପ 'ମଲାମେଘ' ।**

ମୋବାଇଲ ସ୍କ୍ରିନ୍‌କୁ ଟଚ୍ କଲା । ଅତି ବ୍ୟଗ୍ରତାର ସହିତ ହ୍ୱାଟ୍‌ସ୍‌ଆପ୍ ଖୋଲି ଅମନ୍‌କୁ ପଠାଇଥିବା ମେସେଜ୍ ଆଡ଼େ ଚାହିଁଲା ।

"ଡ୍ୟାମ୍... ଏ ପର୍ଯ୍ୟନ୍ତ ଦେଖିନି ! କି ଜାଣିକି ଆଭଏଡ୍ କରୁଛି ?" ମନେ ମନେ ବିରକ୍ତି ପ୍ରକାଶ କରି ଗୁଣୁଗୁଣୁ ହୋଇ ଉଠିଲା ତନୁ । ଗତ ରାତିସାରା ଛଟପଟ ହୋଇ କାଟିବା ଭିତରେ ମନକଥାକୁ ଏକ ଲମ୍ବା ଚିଠିରେ ଟାଇପ୍ କରି ଛାଡ଼ି ଦେଇଥିଲା ଅମନ୍‌ର ହ୍ୱାଟ୍ସଆପ୍‌କୁ ।

ମାତ୍ର କେଇ ଘଡ଼ିର ଛାଇନିଦ ପରେ ପୂର୍ବବତ୍ ଆଜି ସକାଳୁ ଉଠିବାଟା ଟିକେ ବିଳମ୍ବ ହୋଇଥିଲା । ଉଠିବା ପରଠୁ ଯା' ଭିତରେ ପ୍ରାୟ ଦଶଥର ଯାଏଁ ହ୍ୱାଟ୍ସଆପ୍ ଖୋଲି ଦେଖି ସାରିଲାଣି । ତଥାପି ଅମନ୍ ଜାଣି ଜାଣି ତା' ମେସେଜ୍‌କୁ ଅଣଦେଖା କରି ରଖିଛି । କାହିଁକି ନା, ସେ ଭଲ ଭାବରେ ତା'ର ଜୀବନଚର୍ଯ୍ୟା ସହ ପରିଚିତ । ଉଠିବା ମାତ୍ରେ ସେ ଆଗେ ମୋବାଇଲ ଖୋଲି ତା' ଅଫିସ୍‌ର ବସ୍ ଓ ଉପର ସିନିୟରଙ୍କୁ ଗୁଡ୍ ମର୍ଣ୍ଣିଂ ମେସେଜ୍ ପଠାଏ । ସେ କ'ଣ ଏଯାଏଁ ଦେଖି ନଥିବ ତା' ଆଡୁ ଏହି ମେସେଜ୍ ଯାଇଛି ବୋଲି ? ପ୍ରଶ୍ନ ଆଉ ନିରାଶାର ଏକ ମିଶ୍ରିତ ବିଷର୍ଣ୍ଣ ଛାଇ ଅଦୃଶ୍ୟ ବିବଶତାରେ ଢାଙ୍କି ପକାଉଥାଏ ତନିମାର ମୁଖମଣ୍ଡଳକୁ ।

ସେ ବିବାକ୍ ହୋଇ ଫେରି ଚାହିଁଲା ପଛରେ ଛାଡ଼ି ଆସିଥିବା ସେହି ଦୋ' ଛକି ରାସ୍ତାକୁ, ଯେଉଁ ଛକରେ ସମୟର ଏକ ମଧୁର ସଂଯୋଗକ୍ରମେ ପରିଚୟ ହୋଇଥିଲା ଅମନ୍ ସହିତ । ଅମନ୍‌ର ଘର ଗୁଜୁରାଟର ଅହମ୍ମଦାବାଦ ନଗରରେ । ସଫଳତାର ସହିତ ଏମ୍‌ସିଏ ପାସ୍ କଲା ପରେ ସେହି ଏକାବର୍ଷେ ଦୁହେଁ ଆକ୍‌ସେଞ୍ଚର ଆଇଟି କମ୍ପାନୀ ଦ୍ୱାରା ନିଯୁକ୍ତି ପାଇଁ ମନୋନୀତ ହୋଇଥିଲେ । ଉଭୟ ସହକର୍ମୀ ରୂପେ କାମ କରୁ କରୁ ପରସ୍ପରର ବନ୍ଧୁ ପାଲଟି ଯାଇଥିଲେ । ଛୁଟି ଦିନରେ ପ୍ରାୟ ଦୁହେଁ ଏକାଠି ପାର୍କ, ମଲ୍ଟିପ୍ଲେକ୍ସ, କାଫେ ଆଦିରେ ସମୟ କାଟୁ କାଟୁ ସେହି ବନ୍ଧୁତା ଘନିଷ୍ଠତାରେ ରୂପାନ୍ତରିତ ହୋଇଥିଲା ।

ଥରେ କୋରମଙ୍ଗଳ ଚର୍ଚ୍ଚଷ୍ଟ୍ରିଟ୍‌ର ଏକ ମୁକ୍ତ କଫିହାଉସ୍‌ରେ ବସି ରବିବାର ଅପରାହ୍ଣକୁ ରହି ରହି କପ୍‌ରେ ଓଠ ଛୁଆଁଇ ଉପଭୋଗ କରୁଥିଲେ ଦୁହେଁ । ସାମ୍ନା ସବୁଜ ଲନ୍‌ରେ ଅସ୍ତସୂର୍ଯ୍ୟର ସୁନାଖରା ଏକ ରୋମାଞ୍ଚ ଭରା ପରିବେଶର ମାୟାଜାଲ ବୁଣିଥାଏ । ଅମନ୍‌ର ମନ ତଳର କଥା ଜାଣିବାକୁ ସେ ପଚାରି ବସିଲା, "ଆମ ଦୁହିଁଙ୍କ ଏହି ବନ୍ଧୁତାର ଚଲାବାଟର ଲକ୍ଷ୍ୟ କୁଆଡ଼େ ?"

ତା' ଠାରୁ ହଠାତ୍ ଏପରି ଏକ ଅପ୍ରତ୍ୟାଶିତ ପ୍ରଶ୍ନ ଶୁଣି ଟିକେ ଅପ୍ରସ୍ତୁତ ହୋଇପଡ଼ିଲା ଅମନ୍ । ମୁହଁ ବୁଲାଇ ଏକ ଲୟରେ ବେଙ୍ଗାଲୁରୁ ଆକାଶ ଧଡ଼ିକୁ ଛୁଉଁଥିବା ସୁଉଚ୍ଚ କୋଠାସବୁର ଅଙ୍କାବଙ୍କା ଗାରକୁ ନିର୍ଲିପ୍ତ ଭାବରେ ଚାହିଁ କହିଥିଲା, "ଏଇ ଯେଉଁ କୋଠାର ଉଚ୍ଚା ଉଚ୍ଚା ସ୍କାଏଲାଇନ୍ ଦେଖୁଛ, ମୁଁ ତାହାର ଆହୁରି ସେପଟକୁ ଦେଖୁଛି । ମୋତେ ଏବେ ଆଗକୁ କେବଳ ତାହା ହିଁ ଦିଶୁଛି ।"

"ମୁଁ କ'ଣ ପଚାରୁଛି ବୁଝି ପାରିଲନି ବୋଧେ !" ବିସ୍ମୟଭରା ଆଖିରେ ଅମନ୍ ଆଡ଼କୁ ଚାହିଁ ପୁଣି ଦୋହରାଇ ଥିଲା, ତା'ର ପଚାରିଥିବା ପ୍ରଶ୍ନକୁ ତନିମା ।

"ତମେ ପଚାରିଥିବା ପ୍ରଶ୍ନକୁ ଠିକ୍ ବୁଝିଛି । ହେଲେ, ମୋ ଉତ୍ତରଟା ଟିକେ ପରୋକ୍ଷ ହୋଇ ଯାଇଥିଲା ।"

ମୁହଁରେ ଟିକେ ରହସ୍ୟଭରା ସ୍ମିତହସ ଖେଳାଇ ଏଥର ମନକଥାକୁ ଆଉଟିକେ ସ୍ୱଷ୍ଟ କଲା, "ମୋ ଆଖି ଆଗରେ ଏବେ କେବଳ ସିଲିକନ୍ ଭ୍ୟାଲିର ସ୍ୱପ୍ନ । ଯେତେ ଶୀଘ୍ର ସେଇ ସ୍ୱପ୍ନର ଭୂଖଣ୍ଡକୁ ଛୁଇଁବାରେ ମୋର ଅଭିଳାଷ ରହିଛି । ତା'ପରେ ଯାଇ ମୁଁ ଅନ୍ୟ ବିଷୟରେ ଚିନ୍ତା କରିପାରେ ।"

"ସବୁ ଆଇଟି ପ୍ରଫେସନାଲ୍ ଏଇଠୁ ଯାଇ ୟୁଏସ୍‌ଏରେ ଏଷ୍ଟାବ୍ଲିସ୍ ହେବେ, ଏମିତି କିଛି ମାନେ ଅଛି କି ? ତମ ଉଚ୍ଚ ଆକାଂକ୍ଷାକୁ ମୁଁ ସମ୍ମାନ ଦିଏ । ତା' ବୋଲି ଜୀବନର ଯୋଉ ମୋଡ଼ରେ ଯେଉଁ ନିଷ୍ପତ୍ତି ନେବାକଥା ତାକୁ ଅଣଦେଖା କରିବା ଠିକ୍ ନୁହେଁ ବୋଲି ମୁଁ ଭାବୁଛି ।" କହି ଚୁପ୍ ରହିଲା ତନିମା ।

ଦୂର ଆକାଶରୁ ଦୃଷ୍ଟି ଫେରାଇ ତା' ଆଡ଼କୁ କିଛି ସମୟ ଏକ ଲୟରେ ଚାହିଁ ଅମନ୍ ସୂତାରୁ ଗଣ୍ଠି ଫିଟାଇବା ପରି ଖୋଲି କହିଥିଲା, "ଯେପର୍ଯ୍ୟନ୍ତ ଚାହୁଁଥିବା ମୋର ଈପ୍‌ସିତ ଭବିଷ୍ୟତ ଗୋଟେ ସାକାର ରୂପ ନ ନେଇଛି, ମୁଁ ଚାହେଁ ଆମ ଏ ସମ୍ପର୍କରେ ବନ୍ଧୁତା ରହୁ । ପ୍ରେମ ରହୁ । କିନ୍ତୁ ଏ ସମ୍ପର୍କର କୌଣସି ନାଁ ନରହୁ । ମାନେ... ଲିଭ୍-ଇନ୍‌ର ସମ୍ପର୍କ ।" କହି ନିଜ ହାତ ପାପୁଲିକୁ ଉନ୍ମୁକ୍ତ ରଖି ବଢ଼ାଇଦେଇ ଚାହିଁଲା ତା' ଆଡ଼କୁ ।

ସେଇ କେଇ ମୁହୂର୍ତ୍ତ ଅସମ୍ଭବ ସନ୍ଧିକ୍ଷଣରେ ପକାଇ ଦେଇଥିଲା ତନିମାକୁ । ଏକ ଅଦୃଶ୍ୟ ବୁଢ଼ିଆଣି ଜାଲର ସୂତାରେ ଶ୍ୱାସରୁଦ୍ଧ ପ୍ରାୟ ହୋଇ ଯାଉଥାଏ ତା'ର ଚେତନାର ବଳୟ । ଭାବିପାରୁ ନଥାଏ, ସମାଜ ଟାଣିଥିବା ତିନିଗାରର ବନ୍ଧନୀ



ଭିତରେ ରହି ଏ ନାମହୀନ ସମ୍ପର୍କକୁ ପ୍ରତ୍ୟାଖ୍ୟାନ କରିବ, ନା ଗାର ଲଂଘିବାର ଦୁଃସାହସ କରିବ ? ପାହାଡ଼ ପରି ଲଦିହୋଇ ପଡ଼ିଥିବା ଗୋଟିଏ ଭାରାକ୍ରାନ୍ତ ବିବ୍ରତପଣରେ ଅସ୍ତବ୍ୟସ୍ତ ହୋଇ ଚାହିଁଲା ବାହାର ଲନ୍ ସେପଟେ ସୁସଜ୍ଜିତ ରାସ୍ତାକୁ । ପରିଚ୍ଛନ୍ନ ରାସ୍ତାର ଦୁଇପାର୍ଶ୍ୱରେ ସଯତ୍ନବର୍ଦ୍ଧିତ ଗଛଗୁଡ଼ିକର ଶୋଭାରାଜି । ଯେଉଁ ରାସ୍ତାରେ ପଥିକ ଅନେକ । ଚାରିପଟ ସମାଜର ନୀତି ଆଉ ନିୟମର ବନ୍ଧନଘେରା ସେହି ସୁଶୋଭିତ ନିରାପଦ ଚଲାପଥ । ମୁହଁ ଫେରାଇ ଆଣିଲା ସେହି ଦୃଶ୍ୟରୁ । ପୁଣିଥରେ ଚାହିଁଲା, କଫି ଟେବୁଲ ଉପରେ ଉନ୍ମୁକ୍ତ ପାପୁଲି ବଢ଼ାଇ ପଡ଼ିଥିବା ଅମନ୍‌ର ହାତ ଆଡ଼େ । ତାହା ଥିଲା ଯେପରି ଫୁଲ ଓ କଣ୍ଟାଝଟାରେ ଭରପୂର ଏକ ଅମଡ଼ାବାଟ ।

ଯାହା ବି ହେଲେ ତାକୁ ଏହି ଦୁଇଟି ଭିତରୁ କାହାକୁ ତ ବାଛିବାକୁ ହେବ ? କିଛି ଗୋଟେ ନିଷ୍ପତ୍ତି ତ ନେବାକୁ ହେବ ? ସେଇ ଚରମଲଗ୍ନରେ ଆଉ ଥରେ ଚାହିଁଲା ଅମନ୍‌ର ମୁହଁକୁ । ଧାରେ ଜହ୍ନକିରଣ ପରି ପାଛୋଟି ନେବାକୁ ହସ ହସ ମୁହଁରେ ତା' ଆଡ଼କୁ ଚାହିଁ ରହିଥାଏ ଅମନ୍ । ବାସ୍, ଆଉ ଅଧିକ ଠିକ୍ ଆଉ ଭୁଲ୍‌ର ଛକିଶୂନରେ ଘାଣ୍ଟି ହେବାକୁ ଚାହିଁଲା ନାହିଁ । ଉନ୍ମୁକ୍ତ ଆମନ୍ତ୍ରଣରେ କଫି ଟେବୁଲ ଉପରେ ପଡ଼ି ରହିଥିବା ଅମନ୍‌ର ହାତ ପାପୁଲିରେ ସମ୍ମତିର ହାତ ଥାପିଥିଲା ତନିମା ।

ଆରମ୍ଭ ହୋଇଥିଲା ଦୁହିଁଙ୍କ ସମ୍ପର୍କର ଏକ ନୂତନ ଯୁଗଳବନ୍ଦୀ । ଯେଉଁ ଯୁଗଳବନ୍ଦୀରେ ଅଗ୍ନିକୁ ସାକ୍ଷୀରଖି ସାତଘେରା ନେବାର କର୍ମକାଣ୍ଡ ନଥିଲା କିମ୍ବା ବିବାହ ରେଜିଷ୍ଟ୍ରେସନ୍ ପ୍ରମାଣପତ୍ରର ଆବଶ୍ୟକତା ନଥିଲା । ସମାଜଶାସ୍ତ୍ରର ଶବ୍ଦକୋଷ ବାହାରେ ଥିବା ସମ୍ପୂର୍ଣ୍ଣ ନାମହୀନ ଏଇ ସମ୍ପର୍କ । ଗୋଟିଏ ଅଦୃଶ୍ୟ ଛତା ତଳେ ନୀଡ଼ ବାନ୍ଧିବାକୁ ବାହାରିଥିବା ଦୁଇ ମନର ସହମତି ।

ଏହାପରେ ବେଙ୍ଗାଲୁରୁରେ ଅମନ୍ ରହୁଥିବା ଆପାର୍ଟମେଣ୍ଟର ହାଉସ୍ ନଂ ଦୁଇଶହ ଷୋହଳ ପାଲଟି ଯାଇଥିଲା ତା'ର ନୂଆ ଠିକଣା । ପୂର୍ବରୁ ନିଜେ ରହୁଥିବା ରୁମ୍‌କୁ ଛାଡ଼ି ଅମନ୍ ପାଖକୁ ଚାଲି ଆସିଥିବାରୁ ତାକୁ ହିଁ ବେଶୀ ସମ୍ମୁଖୀନ ହେବାକୁ ପଡ଼ିଥିଲା ସାମାଜିକ ଝଡ଼ର । କାରଣ ପ୍ରଥମତଃ, ସେ ଝିଅ ଥିଲା । ଗୋଟିଏ ମଧ୍ୟବିତ୍ତ ଶୃଙ୍ଖଳାବଦ୍ଧ ପରିବାରରୁ ଆସିଥିଲା । ଏପରିକି କାଲି ପର୍ଯ୍ୟନ୍ତ ସେମାନଙ୍କ ସମ୍ପର୍କକୁ ବନ୍ଧୁତାର ଆଖିରେ ଦେଖୁଥିବା ଅଫିସ୍‌ର ସହକର୍ମୀମାନେ ମଧ୍ୟ ଦୁହିଁଙ୍କର ଏହି ନୂଆ ଲିଭ୍-ଇନ୍ ସମ୍ପର୍କ ଜାଣିବା ପରେ ଭିନ୍ନ ଏକ ନକରାତ୍ମକ ଚାହାଣିରେ ଦେଖିବା ଆରମ୍ଭ କରି ଦେଇଥିଲେ ।

କିଛିଦିନ ଯାଏଁ ନିଜ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଲୁଚାଇ ରଖିବାକୁ ଚାହିଁଲା ପରିବାର ଲୋକଙ୍କ ଠାରୁ । ଚେଷ୍ଟା କରି ମଧ୍ୟ ସାହାସ କୁଳାଇ

ପାରୁ ନଥାଏ । କାରଣ ସେ ଭଲ ଭାବରେ ଜାଣିଥାଏ ତା'ର ଏହି ମୁକ୍ତ ବିହଙ୍ଗ ପରି ଅପାରମ୍ପରିକ ଭାବେ ସ୍ୱାଧୀନ ଜୀବନଧାରାର ନିର୍ଣ୍ଣୟ ସେମାନଙ୍କ ଅବିଚଳିତ ବିଶ୍ୱାସରେ ଭୂକମ୍ପ ଆଣିଦେବ । ଦୁଇଫାଳ କରି ଚିରିଦେବ ସେମାନେ ପୋଷଣ କରିଥିବା ପୁଞ୍ଜିଭୂତ ବିଶୁଦ୍ଧ ଭାବନାର ଅସ୍ତିତ୍ୱକୁ ।

ମାତ୍ର ସତର ରୂପ ସବୁବେଳେ ସୂର୍ଯ୍ୟକିରଣର ତେଜ ପରି । ଯେତେ କଳାବାଦଲର ପଟଳ ଦେଇ ତାକୁ ଘୋଡ଼ାଇ ରଖିଲେ ବି ଦିନେ ନା ଦିନେ ଅସୀ ପରି ତାକୁ ଭେଦକରି ସତର କିରଣ ମାଟିକୁ ଛୁଇଁବ ହିଁ ଛୁଇଁବ ।

ଦିନେ ଅଫିସ୍‌ରୁ ଫେରି ଅମନ୍ ଓ ସେ ଫ୍ରେସ୍ ହୋଇ ଡ୍ରଇଁରୁମ୍‌ରେ ବସି ରହିଥିବା ବେଳେ ମାମାର ଭିଡ଼ିଓ କଲ୍ ଆସିଲା । ସେ ଦୁହିଁଙ୍କ ପାଇଁ କପ୍‌ରେ କଫି ଢାଳି ରଖୁଥାଏ । ହଠାତ୍ ମୋବାଇଲରେ ମାମାର ଏହି କଲ୍ ଦେଖି ଛନକା ପଶି ଯାଇଥିଲା । "ଏହା ଭିତରେ ମାମା ତାକୁ କେବେ ଭିଡ଼ିଓ କଲ୍ କରିନାହିଁ । ତେବେ କ'ଣ ପାଇଁ ଆଜି କରିଛି ?" ଆଶଙ୍କିତ ହୋଇ ପଡ଼ି କଲ୍‌ଟି ଉଠାଉ ଉଠାଉ ସେପଟୁ ଗର୍ଜିଉଠିଲା ମାମା, "ମୋତେ ଏହି କଲ୍‌ରେ ତୋ ଆପାର୍ଟମେଣ୍ଟ୍ ଘୂରାଇ ଦେଖା ! ଭାବୁଚୁ ଆମ ପାଖରେ କିଛି ଖବର ପହଞ୍ଚିନାହିଁ ! ଘର ବଦଳେଇ ତୁ ଆସି ଏବେ କୋଉଠି ରହୁଛୁ । କାହା ସାଙ୍ଗରେ ମିଶି ରହୁଛୁ, ସେ କଥା ଆମକୁ ଆଉ ଅଛପା ନାହିଁ ! ସାହିପଡ଼ିଶା ଓ ବନ୍ଧୁବାନ୍ଧବରେ ଏକଥା ପ୍ରଘଟ ହେଲେ କ'ଣ ହେବ ଭାବି ତୋ ବାପାଙ୍କୁ ନିଦ ନାହିଁ । ହାଇପ୍ରେସର୍, ଯାହା ଔଷଦ ଖାଇଲେ ବି ନିୟନ୍ତ୍ରଣକୁ ଆସୁନାହିଁ । ଏୟା ତୁ କଲୁ ଶେଷରେ ତନୁ ?" ଗରଳ ବାନ୍ତି ପରି ସବୁ ରାଗତକ ଏକାଥରେ ଓଜାଡ଼ି ଅତିଶୟ କ୍ଷୋଭରେ ସେପଟୁ କଲ୍ କାଟି ଦେଇଥିଲେ ମାମା ।

ଗୋଟିଏ ଝଡ଼ ପରର ବିବର୍ଣ୍ଣ ବସୁଧା ପରି ଦେଖା ଯାଉଥିଲା ତନିମାର ମୁଖମଣ୍ଡଳ । ପୁଣି ତା' ଭିତରେ ଠିକ୍ ଆଉ ଭୁଲ୍ ହିସାବର ଅଙ୍କ ମୁଣ୍ଡ ଟେକି ତାକୁ ବିଷାଦଗ୍ରସ୍ତ ଓ ଅନ୍ୟମନସ୍କ କରି ପକାଉଥାଏ । ଏତିକିବେଳେ ତା' କାନ୍ଧ ଉପରେ ଅମନ୍‌ର ହାତ ଛୁଆଁକୁ ବାରି ଚାହିଁଲା । ତା'ର ଦୁଇ ଆବେଗଭରା ଆଖି ବାହୁମେଲି ଏକ ଅସୀମ ପ୍ରଶସ୍ତପଣରେ ଆପଣାଇ ନେବାକୁ ଉଦ୍ୟତ ହୋଇ ଚାହିଁଥାଏ ତା' ଆଡ଼କୁ । ସେତିକି ଯେପରି ଯଥେଷ୍ଟ ଥିଲା ତା' ଅନ୍ତରର ଦ୍ୱନ୍ଦ୍ୱକୁ ପ୍ରଶମିତ କରିବା ପାଇଁ । ଅବିଳମ୍ବେ ସମର୍ପି ଦେଇଥିଲା ନିଜକୁ ଅମନ୍‌ର ଆଶ୍ୱାସନାଭରା ବାହୁବନ୍ଧନରେ ।

ଏହା ଭିତରେ ଦୁଇବର୍ଷ ଅତିବାହିତ ହୋଇ ଯାଇଛି । ଚାରିକାନ୍ଥ ଓ ଗୋଟିଏ ଛାତ ତଳେ ସେମାନଙ୍କ ଲିଭ୍-ଇନ୍ ସମ୍ପର୍କର ଯୁଗ୍ମଜୀବନ କାବ୍ୟରେ ସମୟର ନୂଆ ନୂଆ ପ୍ରତ୍ୟାଖ୍ୟାନର ଫର୍ଦ୍ଦ ଯୋଡ଼ି ହୋଇଛି । ଅନେକ ଚିହ୍ନାଅଚିହ୍ନା ପ୍ରିୟ ପରିଜନ ହାତ ଛାଡ଼ିଛନ୍ତି । କେବେ ଘରମୁହାଁ ହୋଇ ଓଡ଼ିଶା ଯିବା ପାଇଁ କଦାପି ସାହସ କରିପାରି ନାହିଁ । ମାମା କେବେ ଫୋନ୍ କରେନି । ବାପାଙ୍କ କଥା ତ ପ୍ରଶ୍ନ ଉଠୁନାହିଁ । ସେ ମଝିରେ ମଝିରେ ନିଜ ଆଡୁ କଲ୍ କରେ । ମାମା ରିସିଭ୍ କରେ ସତ; କିନ୍ତୁ ତା' ସ୍ୱରରେ ପୂର୍ବ ଆନ୍ତରିକତା ନଥାଏ । ଦେହର ଭଲମନ୍ଦ କଥା ପଚାରି ବସିଲେ ଚାରିପାଞ୍ଚୋଟି ଶବ୍ଦ କିମ୍ବା ହଁ-ନାଇଁରେ କଥା ସାରେ । ମାତ୍ର ଏସବୁ ସେପରି କୌଣସି ଫରକ ପକାଇ ପାରିନଥାଏ ତାଙ୍କ ଲିଭ୍-ଇନ୍ ସମ୍ପର୍କରେ ।

ଦିନର ଅଧାସମୟ ଅଫିସ୍‌ର କର୍ମବ୍ୟସ୍ତତା, ବାକି ଅଧା ସମୟ ଟୁ' ବିଏଚ୍‌କେ କୋଠରୀ ମଧ୍ୟରେ ପ୍ରିୟ ବନ୍ଧୁ ସହ ପ୍ରେମର ପୃଥିବୀରେ । ଅଧିକାଂଶ ସପ୍ତାହାନ୍ତ ଛୁଟିରେ ଆଉଟିଙ୍ଗ୍ ପ୍ରୋଗ୍ରାମ୍‌ରେ ହାଲୁକା ହୋଇ ଯାଉଥାଏ ମଝିରେ ମଝିରେ ମୁଣ୍ଡକୁ ଭାରାକ୍ରାନ୍ତ କରୁଥିବା ଏହିସବୁ ଚିନ୍ତା ।

ବେଙ୍ଗାଲୁରୁ ମେଟ୍ରୋ ସହରର କ୍ରମବର୍ଦ୍ଧିଷ୍ଣୁ ବିଶାଳ କଳେବର ଭିତରେ ସେମାନଙ୍କ ଯାତ୍ରା ଥିଲା କୋଳାହଳହୀନ । କହିବାକୁ ଗଲେ ଏକରକମ ବନ୍ଧୁ ପରିଜନହୀନ । ତଥାପି ଏସବୁ ଅଭାବପଣ ଭିତରେ ପ୍ରଥମେ ପ୍ରଥମେ ଏ ଯାତ୍ରାରେ ଗୋଟିଏ ଛନ୍ଦ ଥିବା ପରି ଲାଗୁଥିଲା । କୌଣସି ନାମ ନଥିଲା ନାହିଁ, ଦୁଇଟି ହୃତ୍‌ପିଣ୍ଡ ପରସ୍ପର ହାତ ଧରି ବାଟ ଚାଲିବାର ସଙ୍ଗୀତରେ ଥିଲେ ମୁଖର ।

ତଥାପି ସମ୍ପର୍କର ଏହି ନିବିଡ଼ତା ଫାଙ୍କରେ ସେ ଅନୁଭବ କରୁଥିଲା ଯେପରି ସେହି ଯୁଗଳ ଯାତ୍ରାର ଚଲାପଥରେ ଛନ୍ଦହୀନତାର କଳାବାଦଲ କ୍ରମଶଃ ଆଚ୍ଛାଦିତ କରି ଚାଲିଛି ।

ନାମହୀନ ହୋଇ ବଞ୍ଚିବାର ବି ଗୋଟେ ସୀମା ଥାଏ । ସମ୍ପର୍କର ନଈରେ ଯେ ସବୁଦିନ ଉଚ୍ଛୁଳା ଆବେଗର ଜୁଆର ଭରି ରହିଥିବ, ତାହା ମାନେ ନାହିଁ । ତନିମା ଚାହୁଁଥିଲା ସେଇ ଆବେଗର ଜୁଆର ଭଟ୍ଟା ପଡ଼ିବା ଆଗରୁ ସମୁଦ୍ରର ଠିକଣାକୁ ଛୁଇଁଯାଉ । ସେମାନଙ୍କ ନାମହୀନ ସମ୍ପର୍କ ଉପରେ ସାମାଜିକ ସ୍ୱୀକୃତିର ସହି ମୋହର ଛାପ ବାଜୁ । ଯେତେଶୀଘ୍ର ସମ୍ଭବ ଏହି ଉଦ୍ଦେଶ୍ୟହୀନ ଯାତ୍ରାର ଅନ୍ତଘଟୁ । କାରଣ ତା' ଭିତରେ ଥିବା ନାରୀର ଆତୁରତା ଏକ ପ୍ରାପ୍ତିର ବିନ୍ନ୍ୟାସ ଚାହୁଁଥିଲା । କଢ଼ରୁ ଫୁଲ ହୋଇ ଫୁଟିବାର ସୃଷ୍ଟିର ସବୁ ପରିପୂର୍ଣ୍ଣତାରେ ନିଜକୁ ଆବିଷ୍କାର କରିବାକୁ ଚାହୁଁଥିଲା ।

ମାତ୍ର ଯେତେବେଳେ ସେ ପ୍ରସ୍ତାବ ରଖିଛି, ସବୁଥର ଅମନ୍ କଥାର ମୋଡ଼ ବଦଳାଇଛି । ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଏଡ଼ିଦେବାକୁ ଚେଷ୍ଟା କରିଛି । ସେଇ ଚିରାଚରିତ ଦୂରନ୍ତ ସିଲିକନ ଭ୍ୟାଲିର ସ୍ୱପ୍ନର ମଲାଟ ପାଖରେ ଅଟକିଯାଏ ତା'ର ପ୍ରତିଶ୍ରୁତି ।

ହେଲେ, ଆଉ ନୁହେଁ ଏହି ବିଷୟକୁ ଖୁବ୍ ସିରିୟସ୍ ଭାବରେ ନେବାକୁ ଚାହୁଁଥାଏ ସେ । କିଛି ଗୋଟେ ନିର୍ଣ୍ଣାୟକ ନିଷ୍ପତ୍ତି ପାଖରେ ପହଞ୍ଚିବାକୁ ଥାଏ ତା'ର ବ୍ୟାକୁଳତା । ଅସମ୍ଭବ ବ୍ୟଗ୍ରତା ।

ଦୁଇଦିନ ତଳେ ଏହି କଥାକୁ ନେଇ ଢେର୍ ସମୟ ଧରି କଥା କଟାକଟି ହୋଇଥିଲା ଉଭୟଙ୍କ ଭିତରେ । ଅମନ୍ ତା'ର ଅନିର୍ଦ୍ଦିଷ୍ଟ ଆଶ୍ୱାସନାକୁ ଦୋହରାଇ ଚାଲିଥାଏ । ସେ କିନ୍ତୁ ନିଜ ଜିଦ୍‌ରେ ଥାଏ ଅଟଳ । ସେଇ ଏକା ଜିଦ୍‌ରେ ଅମନ୍‌ର ବେଲାନ୍ଦୁରର ଆପାର୍ଟମେଣ୍ଟ୍ ଛାଡ଼ି ଚାଲି ଆସିଥିଲା, ଏହି ହ୍ୱାଇଟ୍ ଫିଲ୍‌ଡର ଘରକୁ । ଚାହୁଁଥିଲା, ତା'ର ଅନୁପସ୍ଥିତିର ଅସହାୟତାକୁ ଥରେ ଅନୁଭବ କରୁ ଅମନ୍ । ଥରେ ଝାଙ୍କି ଚାହୁଁ ତା' ଅତଳ ମନତଳର ବସା ବାନ୍ଧିଥିବା ଅଦମନୀୟ ଅଭିଳାଷକୁ । ଅନ୍ତତଃ, ବୁଝିଯାଉ ଯେ, ନିଜର ପ୍ରେମିକାକୁ ସବୁବେଳେ ପୁରୁଷର ଆଖିରେ ନୁହେଁ, ଜଣେ ନାରୀ ଆଖିରେ ମଧ୍ୟ ଲୋଡ଼ିବା ଦରକାର । ତା' ନିବୁଜ ମନର ଦରଜା ସେପଟେ ଘୂରି ବୁଲୁଥିବା ଅତୃପ୍ତ ଇଚ୍ଛାର ଅକ୍ଷର ସବୁକୁ ପଢ଼ିବାର ସ୍ପୃହା ରଖିଥିବା ଦରକାର ।

ନିଜର ଏହି ଆବେଗଭରା ପକ୍ଷକୁ ଲମ୍ବା ଚିଠି ପରି ହ୍ୱାଟ୍ସଆପ୍‌ରେ ଟାଇପ୍ କରି ପଠାଇ ଦେଇଥିଲା ଅମନ୍‌କୁ । ଭାବି ନିଶ୍ଚିତ ଥିଲା, ତା'ର ଏହି ସ୍ୱଚ୍ଛ ସ୍ଫଟିକ ପରି ହୃଦୟର ମାର୍ମିକ ଭାଷା ବିଳମ୍ବରେ ହେଉ ବରଂ ଭେଦିପାରିବ ଅମନ୍‌ର ଅଭେଦ୍ୟ ବକ୍ଷକୁ । ସେ ବୁଝି ପାରିବ ତା'ର ଅର୍ଦ୍ଧସତ୍ୟରେ ଭରା ପ୍ରେମର ଦର୍ଶନକୁ । ଯେମିତି ଦିନେ କଫି ଟେବୁଲ୍ ଉପରେ ହାତ ବଢ଼ାଇ ଲିଭ୍-ଇନ୍‌ର ଦୁନିଆକୁ ଆମନ୍ତ୍ରଣ ଦେଇଥିଲା, ସେହିପରି ଆଉଥରେ ହାତ ବଢ଼ାଇ ଦୁହିଁଙ୍କ ନାମହୀନ ସମ୍ପର୍କ ଉପରେ ଏକ ପରିଚୟର ଟ୍ୟାଗ୍ ବାନ୍ଧିଦେବ ।

କାଲି ରାତିଠାରୁ କଲବଲ କରୁଥିବା ତା'ର ଏହି ଅପେକ୍ଷାର ଅନ୍ତ ଘଟାଇ ସହସା ମୋବାଇଲ ସ୍କ୍ରିନ୍‌ରେ ଅମନ୍‌ର ହ୍ୱାଟ୍ସଆପ୍ ମେସେଜ୍ ଖେଳି ଉଠିଲା । ଅବିଳମ୍ବେ ଆଖି ପହଁରାଇ ଆଣିଲା ତନିମା ।

- ଗନ୍ ଥ୍ରୁ ଇୟୋର ଇମୋସନ୍‌ସ୍... ସରି...
- ନଟ୍ ଏଗ୍ରି ଟୁ ଇୟୋର କଣ୍ଡିସନ୍...
- ବ୍ରେକ୍ ଅପ୍...
- ବାଏ...

ପଢୁ ପଢୁ ଗୋଟେ ଗରମ ବାମ୍ଫର ଚେଙ୍କ ଧଡ଼ାସ୍ କରି ତା' କଳିଜାକୁ ପୋଡ଼ି ପକାଇଲା ଯେମିତି ।

ହ୍ୱାଟ୍ସଆପ୍‌ରୁ ମୁହଁ ଫେରାଇ ତନିମା ଖୁବ୍ ଆତୁର ଓ ହତାଶାଭରା ଆଖିରେ ମୁହଁ ଟେକି ଚାହିଁଲା ଆକାଶ ଆଡ଼କୁ । ତାକୁ ଲାଗୁଥାଏ, ଉପରେ ଭାସି ବୁଲୁଥିବା ଦୁଇ ଚାରିଖଣ୍ଡ ମଳାମେଘ ଚାହିଁ ବି ବର୍ଷିପାରିବେ ନାହିଁ । ତା' ଦୁଇ ଆଖିରେ ଅଧା ଜକେଇ ଆସୁଥିବା ଲୁହ ସେହିପରି ଟଳଟଳ ହୋଇ ରହିଥାଏ ମଳାମେଘ ପରି । ନା ଆକାଶରୁ ଛିଣ୍ଡୁଥାଏ ନା ଆକାଶ ବୁକୁକୁ ଫେରି ପାରୁଥାଏ ।

ପ୍ରସଙ୍ଗ-୮



◀ ପୂର୍ବ ଦ୍ୱାର : ସିଂହଦ୍ୱାର

# ଚାରିଦିଗେ ଚାରିଦ୍ୱାର

# ଶ୍ରୀମନ୍ଦିରର ଚାରିଦ୍ୱାର


**ବିଚିତ୍ରା ଦାଶ**

ଶ୍ରୀମୟ, ଇନ୍ଦ୍ରଦ୍ୟୁମ୍ନ ଛକ,
ଟିକରପଡା, ପୁରୀ-୭୫୨୦୦୨
ଫୋନ: ୯୪୩୮୫୦୪୫୮୯


ଫଟୋ ସୌଜନ୍ୟ : ଲେଖିକା

ଶ୍ରୀମନ୍ଦିରର ମେଘନାଦ ପ୍ରାଚୀରର ଚାରିଦିଗରେ ଚାରିଦ୍ୱାର ରହିଛି । ପୂର୍ବପଟ ଦ୍ୱାରର ସମ୍ମୁଖ ଭାଗର ଉଭୟ ପାର୍ଶ୍ୱରେ ଦୁଇଗୋଟି ସିଂହ ଥିବା ହେତୁ ଏହାକୁ ସିଂହଦ୍ୱାର କୁହାଯାଏ । ଏହିପରି ଦକ୍ଷିଣଦ୍ୱାରକୁ ଘୋଡ଼ା ଦ୍ୱାର, ଏଠାରେ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଧଳାକଳା ଘୋଡା ଉପରେ ବସି କାଞ୍ଚି ଅଭିଯାନକୁ ଯାଉଥିବାର ଦୃଶ୍ୟ ରହିଛି । ପଶ୍ଚିମ ଦ୍ୱାରକୁ ବ୍ୟାଘ୍ର ଦ୍ୱାର ଓ ଉତ୍ତର ଦ୍ୱାରକୁ ହସ୍ତୀ ଦ୍ୱାର କୁହାଯାଏ । ସିଂହଦ୍ୱାର ସମ୍ମୁଖରେ ଜୟବିଜୟ ମୂର୍ତ୍ତି, ଦ୍ୱାର ଉପର ଦେଶରେ ଦଶାବତାର ଓ ଦଶାବତାର ଉପରକୁ ଲକ୍ଷ୍ମୀଙ୍କର ପ୍ରତିମୂର୍ତ୍ତି ଶୋଭା ପାଉଛି । ସିଂହଦ୍ୱାରରେ ଦୁଇ ଫାଳିଆ ଯୁକ୍ତ ପିତଳ ପାତିଆ ଛପର ଦୁଆର ରହିଛି ।

ଉତ୍କଳରେ ଶୈବଧର୍ମର ଉତ୍‌ଥାନ ଉପରାନ୍ତ ଯାଜପୁର ଠାରେ ମା'ବିରଜାଙ୍କ ମନ୍ଦିର ନିର୍ମାଣ ଶୈବ ପରମ୍ପରାକୁ ଉତ୍କଳୀୟ ଜନମାନସରେ ଚଳଚଞ୍ଚଳ କରିବା ନିମନ୍ତେ ଅଭିପ୍ରେତ ଥିଲା । ଏହା ଅୟମାରମ୍ଭ ଥିଲା । ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମନ୍ଦିର ଏବଂ ତତ୍‌ସଂଲଗ୍ନ ଶୈବ ମନ୍ଦିର ଗୁଡିକର ନିର୍ମାଣ ଶୈଳୀ ଦାକ୍ଷିଣାତ୍ୟ ଏବଂ ଉତ୍କଳୀୟ ଶିଳ୍ପୀମାନଙ୍କ ସୂକ୍ଷ୍ମାତିସୂକ୍ଷ୍ମ ସଂରଚନାର ପ୍ରତୀକ ଅଟେ । ପଞ୍ଚମ ଶତାବ୍ଦୀ ଉପରାନ୍ତ ଉତ୍କଳୀୟ ଜୀବନଯାତ୍ରା ବୌଦ୍ଧ ଧାର୍ମିକ ମତବାଦରୁ ଦୂରେଇ ଯାଇ ଶୈବଶକ୍ତି ଉପାସନାର ଧାରା ନିରନ୍ତର ପ୍ରବାହିତ ହେବାକୁ ଲାଗିଲା । ଦାକ୍ଷିଣାତ୍ୟର ବୈଷ୍ଣବାବଲମ୍ବୀ 'ଆଲ୍‌ୱାର୍'ମାନଙ୍କ ଦ୍ୱାରା ବିଷ୍ଣୁ ଉପାସନାର ଧାରା କ୍ରମଶଃ ଉତ୍କଳ ପ୍ରଦେଶକୁ ପ୍ରସାରିତ ହେବାକୁ ଲାଗିଲା । ତାମିଲ୍ ସମାଜରେ ଆଲ୍‌ୱାର୍ ଏବଂ ନୟନାର୍‌ମାନଙ୍କ ମଧ୍ୟରେ ପ୍ରତିଯୋଗିତା ନହୋଇ ବୌଦ୍ଧଧର୍ମର ମୂଳ ପୁଞ୍ଜିକୁ ଅପହୃତ କରି ନେଇଥିଲେ । ବୌଦ୍ଧ ସମାଜର ମୂଳ ପୁଞ୍ଜି ଥିଲା ସଂସ୍କୃତ ଭାଷାକୁ ସରଳ ଲୋକଭାଷାରେ ରୂପାନ୍ତରିତ କରି ଜନ ସମ୍ମୁଖରେ ଉପସ୍ଥାପନ କରିବା ଏବଂ ବ୍ରାହ୍ମଣ ସମାଜ ଦ୍ୱାରା ବୈଦିକ ଗ୍ରନ୍ଥ ନିୟନ୍ତ୍ରଣକୁ ପରାହତ କରି ପୁରାଣ ଯୁଗୀୟ ବିଷ୍ଣୁ ଏବଂ ଶୈବ ଭାବଧାରାର ପ୍ରଚାର ପ୍ରସାର କରିବା । ଆଲ୍‌ୱାର୍‌ମାନେ ସିଦ୍ଧ ଯୋଗୀ ବାରଜଣ ଗୁରୁଙ୍କୁ ଗ୍ରହଣ କରିଅଛନ୍ତି । ନୟନାର୍‌ମାନେ ତେଷଠି ଜଣ ଦିବ୍ୟ ପୁରୁଷଙ୍କୁ ଗ୍ରହଣ କରିଛନ୍ତି । ଉକ୍ତ ସିଦ୍ଧଯୋଗୀମାନଙ୍କ ଦ୍ୱାରା ରଚିତ ବିଷ୍ଣୁ ଏବଂ ଶିବଙ୍କ ଗୁଣଗାନ ମୂଳକ ସଙ୍ଗୀତ ଗୁଡିକୁ ଗ୍ରାମ, ପୁର, ନଗରାଦିରେ ଭ୍ରମଣ କରି ସୁଲଳିତ କଣ୍ଠରେ ଜନସମାଜ ମଧ୍ୟରେ ପରିବେଷିତ କରିଥିଲେ । ଉକ୍ତ ଧାରା ଅଦ୍ୟଦିନ ପର୍ଯ୍ୟନ୍ତ ତାମିଲନାଡୁ ଏବଂ କେରଳର ବିଷ୍ଣୁ ଶୈବ ମନ୍ଦିର ମାନଙ୍କରେ ଗାନ କରାଯାଉଛି । ଭାରତବର୍ଷର ଭକ୍ତି ଯୁଗର ଆଦି ପୁରୋଧା ଦାକ୍ଷିଣାତ୍ୟର ଆଲ୍‌ୱାର୍‌ମାନେ, ଏମାନଙ୍କର କାଳ ସପ୍ତମରୁ ଦଶମ ଶତାବ୍ଦୀ ମଧ୍ୟରେ । ବିଭୁପ୍ରେମରେ ବିହ୍ୱଳ ହୋଇ ଉନ୍ମାଦ ଗ୍ରସ୍ତ ହେବାର ସ୍ତର ପର୍ଯ୍ୟନ୍ତ ଏମାନେ ଯାଉଥିଲେ । ଏମାନେ ଥିଲେ ପ୍ରେମୋନ୍ମତ୍ତ ଉପାସକ, କହିବାକୁ ଗଲେ ପ୍ରଥମ ପ୍ରେମମାର୍ଗୀ ସାଧକ । ବାରଜଣ ସନ୍ଥଙ୍କୁ ଆଲ୍‌ୱାର୍‌ମାନେ ଅଗ୍ରଗଣ୍ୟ ମାନିଥିଲେ । ବାରଜଣଙ୍କ ମଧ୍ୟରେ ଜଣେ ନାରୀ ଓ ପ୍ରାୟ ସମସ୍ତେ ଅବ୍ରାହ୍ମଣ । ଏମାନେ ବିଷ୍ଣୁଙ୍କୁ ଆରାଧ୍ୟ ଭାବେ ଗ୍ରହଣ କରିଥିଲେ ଓ ଏହିମାନେ ହିଁ ବୈଷ୍ଣବୀୟ କାନ୍ତା ଭାବର ପ୍ରଥମ ଉଦ୍‌ଗାତା । ଆତ୍ମା ଏମାନଙ୍କ ଦୃଷ୍ଟିରେ ଥିଲା ନାରୀ ଓ ସେ ନାରୀର କାମ୍ୟ ପୁରୁଷ ଥିଲେ ଏକମାତ୍ର ବିଷ୍ଣୁ । ଦାକ୍ଷିଣାତ୍ୟରେ ଏହିଭଳି ପ୍ରେମମାର୍ଗୀ ଶୈବ ଧାରାଟିଏ ମଧ୍ୟ ଥିଲା । ଏମାନେ ଥିଲେ 'ନୟନାର୍' । ଆଲ୍‌ୱାର୍ ସନ୍ଥମାନେ ଯେଉଁ ଲୋକବାଣୀରେ ଈଶ୍ୱର ପ୍ରେମ ପ୍ରକାଶ କରୁଥିଲେ ତା'ର ସଂକଳନ ପ୍ରାୟ ୪ ହଜାର ପଦାବଳୀ ଦଶମ ଶତାବ୍ଦୀରେ ଏକାଠି କରାଯାଇ ସେହି ଗୁଡିକ ଦାକ୍ଷିଣାତ୍ୟରେ ଅବସ୍ଥିତ ବିଷ୍ଣୁ ମନ୍ଦିରରେ ଗାୟନ କରାଯାଉଥିଲା । ଏହି ଆଲ୍‌ୱାର୍ ମାନଙ୍କ ପ୍ରେମଧାରାରୁ ଆସିଥିଲେ (ପିନ୍ନଇ) ଦକ୍ଷିଣୀ ରାଧା । । ଶ୍ରୀରାଧାଙ୍କ କଳ୍ପନା 'ଶ୍ରୀମଦ୍ ଭାଗବତ'ରେ ନଥିଲା କିନ୍ତୁ ଗୋପୀମାନେ ଥିଲେ । ଦାକ୍ଷିଣାତ୍ୟର ଲୋକ କଳ୍ପନାରେ କିନ୍ତୁ ଆଲ୍‌ୱାର୍‌ମାନଙ୍କୁ ପ୍ରେମ ଦୀକ୍ଷାରେ ଶ୍ରୀରାଧାଙ୍କର ଗୋଟିଏ ସମାନ୍ତର କଳ୍ପନା ଅଭିମନ୍ତ୍ରିତ ହୋଇ ସାରିଥିଲା । ମୋଟ ଉପରେ ଏମାନଙ୍କ ଭ୍ରାନ୍ତି ଧାରାର ମୂଳ କଥାଟି ଥିଲା ସ୍ୱତଃସ୍ଫୂର୍ତ୍ତ (ସହଜପଣ) । ଆଲ୍‌ୱାର୍‌ମାନଙ୍କ କାଳ ସମାପ୍ତ ହେଲା ବେଳକୁ ସେହି ଦାକ୍ଷିଣାତ୍ୟରେ ଶ୍ରୀପେରମ୍ବୁଦୁର୍‌ରେ ଜନ୍ମଗ୍ରହଣ କରିଥିଲେ ଶ୍ରୀମଦ୍ ରାମାନୁଜ । ରାମାନୁଜଙ୍କ ଜନ୍ମ ୧ ୧ ୨ ୯ ଖ୍ରୀଷ୍ଟାବ୍ଦରେ । ଦୀର୍ଘ ୧ ୨ ୦ ବର୍ଷର ଜୀବନକାଳ ମଧ୍ୟରେ ବେଦ, ଉପନିଷଦ, ବେଦାନ୍ତକୁ ନେଇ ବିବିଧ ଭାଷ୍ୟ ରଚନା କରିଥିଲେ । ସେ ଥିଲେ ଜଣେ ପରମ ବୈଷ୍ଣବ । ତାଙ୍କର ଭୂୟୋଦର୍ଶୀ ଅବଦାନ ଭକ୍ତିକାଳର ପରମ ସନ୍ତକ । ପ୍ରକୃତରେ ଦେଖିବାକୁ ଗଲେ ରାମାନୁଜଙ୍କ ଦ୍ୱାରା ହିଁ ବୈଦିକ ସିଦ୍ଧାନ୍ତ ସହିତ ଲୋକମାର୍ଗୀ ପ୍ରେମତତ୍ତ୍ୱର ସେତୁ ସ୍ଥାପିତ ହେଲା । ବିଶିଷ୍ଟ ଦ୍ୱୈତବାଦର ପ୍ରବର୍ତ୍ତନ କରି ରାମାନୁଜ ବ୍ରହ୍ମର ଅଭିବ୍ୟକ୍ତିକୁ ଦାର୍ଶନିକ ପୃଷ୍ଠଭୂମିରେ ସ୍ଥାପିତ କଲେ । ସେହି ହେଲେ ବ୍ୟକ୍ତିଗତ ଈଶ୍ୱର ବା ଇଷ୍ଟଦେବ ସ୍ଥାପନାର ତତ୍ତ୍ୱ ଓ ଭକ୍ତିର ସାମାଜିକ ସନ୍ଦର୍ଭ । ରାମାନୁଜାଚାର୍ଯ୍ୟ ଆଦି ଶଙ୍କରାଚାର୍ଯ୍ୟଙ୍କ ଭଳି ସାରା ଭାରତ ଭ୍ରମଣ କରିଥିଲେ । ସେ ଶ୍ରୀକ୍ଷେତ୍ରରେ ଅବସ୍ଥାନ ସମୟରେ





▶ ଲେଖିକା ବିଚିତ୍ରା ଦାଶ



ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଆରାଧନା ନୀତିର କେତେକ ଧାରା ପ୍ରଚଳନ କରି ଯାଇଥିଲେ । ରାମାନୁଜାଚାର୍ଯ୍ୟ ଜ୍ଞାନମିଶ୍ରା ପ୍ରେମମାର୍ଗର ପ୍ରତିଷ୍ଠାତା ଥିଲେ । ବିଶିଷ୍ଟ ଦ୍ୱୈତମାର୍ଗର ଦାର୍ଶନିକ ଶ୍ରୀମଦ୍ ରାମାନୁଜ ପଦାର୍ଥ, ପ୍ରାଣୀରେ ଓ ଆତ୍ମାରେ ବ୍ୟକ୍ତ ଐଶ୍ୱର୍ଯ୍ୟକୁ ଅଦ୍ୱୈତର ଉଦ୍‌ଭାସ ରୂପେ ଯେଉଁ ବ୍ୟାଖ୍ୟା କଲେ ତାହା 'ସହଜ'ର ଦାର୍ଶନିକ ତତ୍ତ୍ୱଭୂମି ଅଟେ । ଗବେଷଣାରୁ ଜଣାଯାଏ ଯେ ଆଲ୍‌ୱାର୍ ସମ୍ପ୍ରଦାୟର ତୃତୀୟ ଗୁରୁ ମହଦ୍‌ଯୋଗୀ ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ପ୍ରଥମେ 'ପତିତପାବନ' ଚେତନା ସମ୍ବନ୍ଧରେ ସ୍ପଷ୍ଟ ରୂପରେଖ ଦେଇଥିଲେ । ତତ୍‌ପରେ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର ଶେଷ ପାଦରେ ଆଲ୍‌ୱାର୍ ସଂପ୍ରଦାୟର ଅଷ୍ଟମ ସିଦ୍ଧଯୋଗୀ ଶ୍ରୀବିଷ୍ଣୁ ଚିତ୍ତଯୋଗୀ ଶ୍ରୀକ୍ଷେତ୍ରରେ ପଦାର୍ପଣ କରି ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ କରିଥିଲେ । ପୁରୁଷୋତ୍ତମ କ୍ଷେତ୍ର ବର୍ତ୍ତମାନର ଶ୍ରୀକ୍ଷେତ୍ର ଏବଂ ପ୍ରଭୁ ପୁରୁଷୋତ୍ତମ କହିଲେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ବୁଝାଉଛି । ବିଷ୍ଣୁ ଚିତ୍ତଯୋଗୀ ଉକ୍ତ ପତିତପାବନ ଚେତନାକୁ ପଲ୍ଲବିତ କରାଇ ଏକ ନୂତନ ଦିଗ ଉନ୍ମୋଚନ କରିଥିଲେ । ବାସ୍ତବରେ ପତିତପାବନ ଚେତନା ବହୁ ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଚେତନା ଅଙ୍ଗୀଭୂତ ହେଉଥିବାର ପ୍ରମାଣ ମିଳେ । ସଦ୍ୟ ପ୍ରକାଶିତ ଭାର୍ଗବ ଉପପୁରାଣରୁ ଜଣା ଯାଉଛି ଯେ ଆଲ୍‌ୱାର ସମ୍ପ୍ରଦାୟର ତୃତୀୟ ଗୁରୁ ମହଦ୍‌ଯୋଗୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ପତିତପାବନଙ୍କ ବିଷୟରେ ସୂଚନା ଦେଇଥିଲେ । ତାଙ୍କ ଉପରାନ୍ତ ଅଷ୍ଟମ ଯୋଗୀ ଶ୍ରୀ ବିଷ୍ଣୁ ଚିତ୍ତଯୋଗୀ ସପ୍ତମ ଶତାବ୍ଦୀର ଶେଷ ପାଦରେ ନୀଳାଚଳ କ୍ଷେତ୍ରକୁ ଆସିଥିଲେ । ନିଜର ପାଳିତ କନ୍ୟା 'ଗୋଦମ୍ବା'ଙ୍କୁ ପତିତପାବନଙ୍କ ମହିମା ଶ୍ରବଣ କରାଇଥିଲେ । ଶ୍ରୀ ବିଷ୍ଣୁ ଚିତ୍ତଯୋଗୀଙ୍କ ମତରେ ଶ୍ରୀ ପୁରୁଷୋତ୍ତମ ହେଉଛନ୍ତି 'ପତିତ ମାନଙ୍କର ପ୍ରଭୁ' । ଦୁଇଟି ଯାକ ଶବ୍ଦ ପୁରୁଷୋତ୍ତମଙ୍କୁ ଲକ୍ଷ୍ୟ କରି ବ୍ୟବହାର କରିଯାଇଅଛି । ସେ ଯେପରି ପତିତମାନଙ୍କ ପ୍ରଭୁ, ସେପରି ନିଜେ ଶ୍ରୀମାନ୍ ପତିତପାବନ । 'ପତିତ' ଶବ୍ଦ ଜାତି ଅର୍ଥରେ ଏହା ବ୍ୟବହୃତ ନୁହେଁ । ମାନସିକ ବିକାଶ ଓ ସାଧନା ପ୍ରକ୍ରିୟାରେ ପତିତ । ଏଥିରେ ଅନୁମିତ ହୁଏ ଯେ, ଶ୍ରୀଜଗନ୍ନାଥଙ୍କ ଠାରେ ପତିତପାବନ ଭାବର ଆରୋପ ବହୁ ପ୍ରାଚୀନ ସମୟରୁ ରହି ଆସୁଅଛି । କିନ୍ତୁ ରାମଚନ୍ଦ୍ର ଦେବଙ୍କ ପରବର୍ତ୍ତୀ ସମୟରେ ଉତ୍କଳର ବହୁ କବି, ପଣ୍ଡିତ ଓ ସାହିତ୍ୟିକମାନେ ପତିତପାବନ ସମ୍ବୋଧନରେ ବହୁ ଜଣାଣ, ଭଜନ ଏବଂ ଶ୍ଳୋକ ଇତ୍ୟାଦି ରଚନା କରିଥିବାର ଜଣାଯାଏ । ପ୍ରାୟ ପ୍ରତ୍ୟେକ ପତିତପାବନଙ୍କ ନିକଟରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଆରୋପ କରି ତାଙ୍କର ମହିମାଗାନ କରିଛନ୍ତି ।

ଶ୍ରୀମନ୍ଦିରର ନିର୍ମାଣ ଶୈଳୀକୁ ଅତି ନିକଟରୁ ସୂକ୍ଷ୍ମ ଭାବରେ ଅନୁଧ୍ୟାନ କଲେ ଏହା ଦାକ୍ଷିଣାତ୍ୟ ଓ ନାଗର ଶିଳ୍ପୀ ଶାସ୍ତ୍ରାନୁମୋଦିତ ଏକ ଜ୍ୱଳନ୍ତ ନିଦର୍ଶନ । ସଂପୂର୍ଣ୍ଣ ଭାରତବର୍ଷର ମନ୍ଦିରମାନଙ୍କୁ ଅନୁଧ୍ୟାନ କଲେ ନିର୍ମାଣ ଶୈଳୀ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ । ଦକ୍ଷିଣ ଭାରତରେ ଦାକ୍ଷିଣାତ୍ୟ ପଦ୍ଧତି, ଉତ୍ତର ପୂର୍ବ ପଶ୍ଚିମ ଭାରତ ବର୍ଷରେ ନାଗର ପଦ୍ଧତି ଗ୍ରହଣୀୟ । ମାତ୍ର ଉତ୍କଳର ମନ୍ଦିର ମାନଙ୍କରେ ଦୁଇ ରୀତିର ଅପୂର୍ବ ସମନ୍ୱୟ ଘଟିଛି । ଉତ୍କଳୀୟ ମନ୍ଦିରରେ ଉତ୍କଳୀୟ ସ୍ଥପତି ଓ ଶିଳ୍ପୀମାନଙ୍କର ସ୍ୱକୀୟ ଅନନ୍ୟତାର ଏକ ଉଜ୍ଜ୍ୱଳ ମହିମାମଣ୍ଡିତ ସୃଜନ ଶୈଳୀ ଅଟେ । ଦାକ୍ଷିଣାତ୍ୟ ନିର୍ମାଣ ଶୈଳୀରେ ଭିତ୍ତିଭୂମି ଚତୁଃଷ୍କୋଣାକାର ଉକ୍ତ ଭୂମି ଉପରେ ମନ୍ଦିର ପ୍ରାଚୀନ ମିଶରର ପିରାମିଡ ରୀତିରେ ଉପରକୁ ଉଠିଥାଏ । ଏହି ପ୍ରକାର ମନ୍ଦିର ନିର୍ମାଣ ଶୈଳୀରେ ଲାଳିତ୍ୟ ଓ ସୌକୁମାର୍ଯ୍ୟ ଅପେକ୍ଷା ଗାମ୍ଭୀର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଆରୋପିତ ହୋଇଥାଏ । ନାଗର ଶୈଳୀରେ ଭିତ୍ତିଭୂମି ଠାରୁ ମନ୍ଦିରଟି ଗୋଲାକାର ଆକାରରେ ଉପରକୁ ଉଠିଥାଏ । ଉତ୍କଳର ମନ୍ଦିର ନିର୍ମାଣରେ ଦାକ୍ଷିଣାତ୍ୟ ନୀତିର ଚତୁଃଷ୍କୋଣ ପୀଠ ସହିତ ନାଗର ରୀତିର ଗୋଲାକାର ପୀଠର ସମନ୍ୱିତ ହୋଇଛି । ମନ୍ଦିରରେ ଦୁଇଗୋଟି ବିଭାଗ ଅଛି, ବିମାନ ଓ ଜଗମୋହନ । ବିମାନକୁ ଗର୍ଭଗୃହ କୁହାଯାଏ । ବିମାନ ମଧ୍ୟରେ ମୂର୍ତ୍ତି ରହିଥା'ନ୍ତି । ଜଗମୋହନରେ ଦର୍ଶକମାନେ ସମବେତ ହୋଇ ଦେବଦର୍ଶନ କରିଥା'ନ୍ତି । ଉଭୟ ବିମାନ ଓ ଜଗମୋହନ ଭିତ୍ତିଭୂମି ଗୋଲାକାର ମାତ୍ର ବିମାନର ଉପର ଅଂଶ ବୃତ୍ତାରେଖ କଳସ । ଜଗମୋହନର ଉପରି ଭାଗ ଦାକ୍ଷିଣାତ୍ୟ ଶୈଳୀରେ ପୀଠ ରୀତିରେ ଉପରକୁ ଥାକ ଥାକ ହୋଇ ନିର୍ମିତ ହୋଇଥାଏ । ଶ୍ରୀଜଗନ୍ନାଥ ମନ୍ଦିର ଏକ ପଞ୍ଚରଥ ପୀଢ - ରେଖ ମନ୍ଦିର । ମୂଳ ମନ୍ଦିରର ଉଚ୍ଚତା ଭୂମିରୁ ୨୧୪ଫୁଟ ୮ ଇଞ୍ଚ । ମୂଳ ମନ୍ଦିରଟି ଭୂମି ସମତଳ ଠାରୁ ୨୦ ଫୁଟ ଉଚ୍ଚରେ ରହିଛି । ଏଣୁ ପ୍ରକୃତ ମନ୍ଦିରର ଉଚ୍ଚତା ୧୯୪ ଫୁଟ୍ । ଏହା ଚତୁଃଷ୍କୋଣାକାର ଭୂମି ଉପରେ ଅବସ୍ଥିତ । ମୁଖ୍ୟ ମନ୍ଦିରକୁ ଛାଡିଦେଲେ ଆଉ ତିନିଗୋଟି ସ୍ୱଚ୍ଛ ଉଚ୍ଚତା ସମ୍ପନ୍ନ ମନ୍ଦିର ସହିତ ସଂଯୁକ୍ତ । ସେମାନେ ହେଲେ ଜଗମୋହନ, ନାଟ ମନ୍ଦିର ଓ ଭୋଗମଣ୍ଡପ । ଜଗମୋହନ ଏବଂ ମୁଖ୍ୟ ମନ୍ଦିର ଏକତ୍ର ନିର୍ମାଣ କରାଯାଇଥିଲା ଗଙ୍ଗବଂଶୀୟ ରାଜାଙ୍କ ଦ୍ୱାରା ।



◀ ଦକ୍ଷିଣ ଦ୍ୱାର : ଅଶ୍ୱଦ୍ୱାର

ଗଙ୍ଗବଂଶୀୟ ଦକ୍ଷିଣ ଭାରତରୁ ଆନିତ ହେତୁ କେଶରୀ ବଂଶର ଶୈବ ମନ୍ଦିର ଠାରୁ ଉତ୍କଳର ବୃହତ୍ତର ମନ୍ଦିରମାନ ନିର୍ମାଣ କରାଇଥିଲେ । ଚୋଳଗଙ୍ଗଦେବ ଉତ୍କଳ ଅଧିକାର ଉପରାନ୍ତ ଉତ୍କଳର ସମତଳ ଭୂମିରେ (ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ) ବୃହତ୍ତର ମନ୍ଦିରମାନ ନିର୍ମାଣ କରାଇଥିଲେ । ବହୁତ ଗୁଡିଏ ପୁରାତନ ମନ୍ଦିରକୁ ଜୀର୍ଣ୍ଣ ଉଦ୍ଧାର କରାଇଥିଲେ । ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର ଆଦି ଅନ୍ୟତମ । ଭୋଗମଣ୍ଡପ, ନାଟମନ୍ଦିର ପରବର୍ତ୍ତୀ ସମୟରେ ନିର୍ମିତ ହୋଇଛି । ଜଗମୋହନ ଭୂମି ଚତୁଃସ୍କୋଣାକାର । ଏହା ମଧ୍ୟ ଏକ ପଞ୍ଚରଥ ପୀଢ଼ ମନ୍ଦିର । ଏହା ବର୍ଗାକାର । ଲମ୍ବ ଓ ପ୍ରସ୍ଥ ଉଭୟେ ୨୦ ଫୁଟ । ଏହାର ଉଚ୍ଚତା ୧୨୦ ଫୁଟ୍ । ଜଗମୋହନ ଓ ମୁଖ୍ୟ ମନ୍ଦିର ମଧ୍ୟରେ ଥିବା ଦ୍ୱାରକୁ କଳାହାଟ ଦ୍ୱାର କୁହାଯାଏ । ଜଗମୋହନ ନାଟମନ୍ଦିର ସହିତ ସଂଯୁକ୍ତ ହୋଇଛି । ଦ୍ୱୟ ମନ୍ଦିର ମଧ୍ୟରେ ସଂଯୁକ୍ତ ଦ୍ୱାରକୁ ଜୟ ବିଜୟ ଦ୍ୱାର କୁହାଯାଏ । ନାଟମନ୍ଦିର ଏକ ଆୟତାକାର କ୍ଷେତ୍ର ଲମ୍ବ ୬୯ ଫୁଟ ପ୍ରସ୍ଥ ୬୭ ଫୁଟ । ଏହା ମଧ୍ୟ ଏକ ପୀଢ ମନ୍ଦିର ଅଟେ । ନାଟ ମନ୍ଦିର ଉପରାନ୍ତ ଭୋଗମଣ୍ଡପ ଲମ୍ବ ୫୮ ଫୁଟ୍ ପ୍ରସ୍ଥ ୫୬ ଫୁଟ୍ ଅଟେ । ଏହା ମଧ୍ୟ ଏକ ପଞ୍ଚରଥ ପୀଢ ମନ୍ଦିର । ମାଦଳା ପାଞ୍ଜିର ତଥ୍ୟ ଅନୁଯାୟୀ ପୁରୁଷୋତ୍ତମ ଦେବଙ୍କ ଶାସନକାଳ ମଧ୍ୟରେ ଭୋଗମଣ୍ଡପ ନିର୍ମାଣ କରାଯାଇଥିଲା । ମନ୍ଦିରର ଦୁଇଗୋଟି ପ୍ରାଚୀର ମୁଖ୍ୟ ମନ୍ଦିରକୁ ପରିବେଷ୍ଟନ କରି ରହିଛି । ପ୍ରଥମ ପ୍ରାଚୀରକୁ କୁର୍ମ ବେଢ଼ା କୁହାଯାଏ, ଦ୍ୱିତୀୟ ବେଢାକୁ ମେଘନାଦ ପ୍ରାଚୀର କୁହାଯାଏ । କୁର୍ମବେଢ଼ାର ପରିସୀମା ୪୨୦ ଢ ୩୧୫ ଫୁଟ୍ । ମେଘନାଦ ପ୍ରାଚୀରର ଲମ୍ବ ୬୬୫ ଫୁଟ ଓସାର ୬୪୪ ଫୁଟ ଉଚ୍ଚତା ୨୦ଫୁଟ୍‌ରୁ ସ୍ଥାନ ବିଶେଷରେ ୨୪ ଫୁଟ । ଅଧିକାଂଶ ସ୍ଥାନରେ ଏହାର ଉଚ୍ଚତା ୨୨ ଫୁଟ ।



ପ୍ରାଚୀରର ମୂଳ ଚଉଡା ୭ ଫୁଟ ଅଗ୍ରଭାଗ ୩ ଫୁଟ । ମେଘନାଦ ପ୍ରାଚୀର ୧୪୪୮ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ନିର୍ମାଣ କରିଥିଲେ । ମେଘନାଦ ପ୍ରାଚୀର ନିର୍ମାଣର ୨୨ ବର୍ଷ ଉପରାନ୍ତ ଭିତର ବେଢ଼ା ନିର୍ମାଣ କରା ଯାଇଥିଲା । ଶ୍ରୀମନ୍ଦିରର ଅଧିକ ସୁରକ୍ଷା ନିମନ୍ତେ ଗଜପତି ପୁରୁଷୋତ୍ତମ ଦେବ ୧୪୭୦ ଖ୍ରୀଷ୍ଟାବ୍ଦରେ ଭିତର ବେଢା ନିର୍ମାଣ କରାଇଥିଲେ । ମେଘନାଦ ପ୍ରାଚୀରର ଚାରିଦିଗରେ ଚାରିଦ୍ୱାର ରହିଛି । ପୂର୍ବପଟ ଦ୍ୱାରର ସମ୍ମୁଖ ଭାଗର ଉଭୟ ପାର୍ଶ୍ୱରେ ଦୁଇଗୋଟି ସିଂହ ଥିବା ହେତୁ ଏହାକୁ ସିଂହଦ୍ୱାର କୁହାଯାଏ । ଏହିପରି ଦକ୍ଷିଣଦ୍ୱାରକୁ ଘୋଡ଼ା ଦ୍ୱାର, ଏଠାରେ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଧଳାକଳା ଘୋଡା ଉପରେ ବସି କାଞ୍ଚି ଅଭିଯାନକୁ ଯାଉଥିବାର ଦୃଶ୍ୟ ରହିଛି । ପଶ୍ଚିମ ଦ୍ୱାରକୁ ବ୍ୟାଘ୍ର ଦ୍ୱାର ଓ ଉତ୍ତର ଦ୍ୱାରକୁ ହସ୍ତୀ ଦ୍ୱାର କୁହାଯାଏ । ସିଂହଦ୍ୱାର ସମ୍ମୁଖରେ ଜୟବିଜୟ ମୂର୍ତ୍ତି, ଦ୍ୱାର ଉପର ଦେଶରେ ଦଶାବତାର ଓ ଦଶାବତାର ଉପରକୁ ଲକ୍ଷ୍ମୀଙ୍କର ପ୍ରତିମୂର୍ତ୍ତି ଶୋଭା ପାଉଛି । ସିଂହଦ୍ୱାରରେ ଦୁଇ ଫାଳିଆ ଯୁକ୍ତ ପିତଳ ପାତିଆ ଛପର ଦୁଆର ରହିଛି । ଦୁଆର ଫାଳ ଦ୍ୱୟର ଓସାର ୩ ଫୁଟରୁ ସାମାନ୍ୟ ଅଧିକ । ପିତଳ ଛପର ଦ୍ୱାର ମଧ୍ୟରେ ଗୋଟିଏ ଛୋଟ ଦ୍ୱାର ଦେଇ ସେବାୟତମାନେ ଯା'ଆସ କରନ୍ତି । ବହିରାଗତ ରାଜା ମହାରାଜା ମାନଙ୍କର ଏହା ମୁଖ୍ୟ ପ୍ରବେଶ ଦ୍ୱାର ଅଟେ । ଶ୍ରୀମନ୍ଦିରର ରାଜସେବା ନିମନ୍ତେ ଗଜପତି ମହାରାଜା ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରନ୍ତି । ଦକ୍ଷିଣ ଦ୍ୱାରର ଉପରି ଭାଗରେ ନବଗ୍ରହ ମୂର୍ତ୍ତି ଖୋଦିତ ହୋଇଛନ୍ତି । ଏହି ଦ୍ୱାରଟି ପୀଢ଼ ଦେଉଳ ରୂପେ ଅବସ୍ଥିତ । ଏଠାରୁ ଭିତର ବେଢ଼ାକୁ ଯିବା ପାଇଁ ୮ଟି ପାହାଚ ଅଛି । ତନ୍ତ୍ରସାଧକ ବା ତାନ୍ତ୍ରିକମାନେ ସାଧାରଣତଃ ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ମଧ୍ୟକୁ ପ୍ରବେଶ କରନ୍ତି ।  ଗଜପତି ମହାରାଜ ଗଣ ବିଜେ ସମୟରେ ଉକ୍ତ ଦ୍ୱାର ଦେଇ ପ୍ରବେଶ କରନ୍ତି (ସପରିବାର) । ଉତ୍ତର ଦ୍ୱାର ପୀଢ଼ ଦେଉଳ ଆକାରରେ ନିର୍ମାଣ କରାଯାଇଛି । ଏହାର ଦ୍ୱାରବନ୍ଧ ଉପରେ ଖୋଦିତ ନବଗ୍ରହ ମୂର୍ତ୍ତି ବିରାଜମାନ କରୁଛନ୍ତି । ନବଗ୍ରହ ଉପରେ ଶ୍ରୀକୃଷ୍ଣ ଓ ସଖୀମାନେ ଦ୍ୱାରର ଉଭୟ ପାର୍ଶ୍ୱରେ ଅଛନ୍ତି । ଦ୍ୱାରର ସମ୍ମୁଖ ଭାଗରେ ହସ୍ତୀ ମୂର୍ତ୍ତି ନରହି ମନ୍ଦିର ମଧ୍ୟକୁ ପ୍ରବେଶ କରିବା ଉପରାନ୍ତ ୧୫ ଗୋଟି ପାହାଚ ଅତିକ୍ରମ କଲେ ଭିତର ବେଢ଼ାର ଦୁଇ ପାର୍ଶ୍ୱରେ ଦୁଇଟି ସୁନ୍ଦର ହସ୍ତୀ ମୂର୍ତ୍ତି ରହିଛନ୍ତି । ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଉକ୍ତ ଦ୍ୱାର ଦେଇ ସଂଗୃହୀତ ଦାରୁ ମନ୍ଦିର ମଧ୍ୟରେ ଥିବା ଶ୍ରୀବିଗ୍ରହ ନିର୍ମାଣ ସ୍ଥଳୀକୁ ପ୍ରବେଶ କରନ୍ତି । ପଶ୍ଚିମ ଦ୍ୱାର ଦେଇ ରାସ୍ତାରୁ ସର୍ବସାଧାରଣରେ ଶ୍ରୀମନ୍ଦିର ଭିତରକୁ ଯିବା ପାଇଁ ଚାରୋଟି ପାହାଚ ଅଛି । ଦ୍ୱାରର ଉଭୟ ପାର୍ଶ୍ୱରେ ଦୁଇଟି ବ୍ୟାଘ୍ରର ପ୍ରସ୍ତର ମୂର୍ତ୍ତି ରହିଛି । ପୀଢ଼ ଦେଉଳ ଆକାରରେ ଦ୍ୱାରଟି ନିର୍ମିତ ହୋଇଅଛି । ଏହି ପୀଢ଼ ଦେଉଳର ଦ୍ୱାରବନ୍ଧ ଉପରେ କୌଣସି ଖୋଦିତ ମୂର୍ତ୍ତି ନାହିଁ । ମେଘନାଦ ପ୍ରାଚୀରର ଠିକ୍ ଚାରିଦ୍ୱାର ସାମ୍ନାରେ କୁର୍ମବେଢ଼ାରେ ଚାରୋଟି ଦ୍ୱାର ଭିତର ବେଢାକୁ ଯିବା ନିମନ୍ତେ ଅଛି । ଏତଦ୍ ବ୍ୟତୀତ କୁର୍ମବେଢ଼ାର ଐଶାନ୍ୟ କୋଣରେ ଆନନ୍ଦ ବଜାରକୁ ଯିବା ପାଇଁ ମାର୍ଗ ଅଛି । ଆଗ୍ନେୟ କୋଣରେ ଅନ୍ୟ ଗୋଟିଏ ଦ୍ୱାର ରୋଷଶାଳାକୁ ଯିବା ପାଇଁ ଅଛି । କୁର୍ମବେଢ଼ା ସିଂହଦ୍ୱାର ସାମ୍ନାରେ ଥିବା ଗୁମୁଟରେ ମଧ୍ୟ ଅନେକ କାରୁକାର୍ଯ୍ୟ ଦେଖାଯାଏ । ଆନନ୍ଦ ବଜାର ମଧ୍ୟରୁ ବାଇଶି ପାବଛକୁ ଆସିବା ବାଟରେ ଦୁଇଟି ବିରାଟକାୟ ସିଂହ ମୂର୍ତ୍ତି ରହିଛି । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ପହଣ୍ଡି ବିଜେ କଲାବେଳେ ନାଟମଣ୍ଡପର ସାତ ପାହାଚରେ ଓହ୍ଲାଇ କୁର୍ମବେଢ଼ାର ଐଶାନ୍ୟ କୋଣରେ ଥିବା ଦ୍ୱାର ଦେଇ ଆନନ୍ଦବଜାରକୁ ଆସି ସିଂହ ଚିହ୍ନିତ ଦ୍ୱାର ବାଟେ ବାଇଶି ପାବଛକୁ ଆସନ୍ତି । ସିଂହଦ୍ୱାର ଦେଇ ରଥ ନିକଟକୁ ପହଣ୍ଡି ବିଜେ କରନ୍ତି । ସେହିପରି ସ୍ନାନ ଯାତ୍ରା ଦିନ ସ୍ନାନ ବେଦୀକୁ ଗଲାବେଳେ ମଧ୍ୟ କୁର୍ମବେଢ଼ାର ଐଶାନ୍ୟ କୋଣରେ ଥିବା ଦ୍ୱାର ବାଟେ ସ୍ନାନ ମଣ୍ଡପକୁ ଯାଆନ୍ତି । କୁର୍ମବେଢ଼ାର ଆଗ୍ନେୟ କୋଣ ଦ୍ୱାର ବାଟେ ରୋଷଶାଳାରୁ ଭୋଗ ରତ୍ନସିଂହାସନ ନିକଟକୁ ଓ ଭୋଗମଣ୍ଡପକୁ ନିଆଯାଏ । ଭୋଗମଣ୍ଡପ ଠାରୁ ଏକ ଛାତ ରୋଷଶାଳା ମଧ୍ୟକୁ ଲାଗି ରହିଥିବାରୁ ବର୍ଷାଜଳ ଏବଂ ପକ୍ଷୀଙ୍କ ମଳତ୍ୟାଗ ଜନିତ ବାଧାର ଭୟ ରହି ନଥାଏ । ସିଂହଦ୍ୱାର ସମ୍ମୁଖରେ ଅରୁଣ



ପଶ୍ଚିମ ଦ୍ୱାର : ବ୍ୟାଘ୍ରଦ୍ୱାର ▶

ସ୍ତମ୍ଭ ବିଦ୍ୟମାନ । ସିଂହଦ୍ୱାର ଠାରୁ ୨୦ ଫୁଟ୍ ଦୂରତାରେ ୩୩ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ସ୍ତମ୍ଭଟି ଦଣ୍ଡାୟମାନ ଅଛି । ଗୋଟିଏ ପଥରରେ ଗଢ଼ା ଏହି ସ୍ତମ୍ଭର ଦୈର୍ଘ୍ୟ ୨୫ ଫୁଟ୍ ୨ ଇଞ୍ଚ ଏବଂ ସ୍ତମ୍ଭଟିର ପରିଧି ୬ ଫୁଟ ୩ ଇଞ୍ଚ । ଏହି ସ୍ତମ୍ଭଟି ଚତୁଃଷ୍କୋଣୀ ପଥର ପୀଠ ଉପରେ ସ୍ଥାପିତ । ଅଷ୍ଟାଦଶ ଶତାବ୍ଦୀରେ ମରହଟ୍ଟା ଶାସନ ସମୟରେ ଏହି ସ୍ତମ୍ଭଟିକୁ କୋଣାର୍କ ମନ୍ଦିରରୁ ଆଣି ସ୍ଥାପିତ କରାଇଛନ୍ତି । ଚତୁଃ ବୈଷ୍ଣବ ସମ୍ପ୍ରଦାୟର ଚକ୍ରାବତାର ସୁଦର୍ଶନଙ୍କର ନିଦର୍ଶନ ପୁରୁଷ ଭାବରେ ନିମ୍ବାର୍କ ସଂପ୍ରଦାୟର ପ୍ରଚାର ପ୍ରସାର ଅଧିକ ମାତ୍ରାରେ ମହାରାଷ୍ଟ୍ରରେ ଅନୁଭୂତ ହେଉଥିବା ହେତୁ ସ୍ତମ୍ଭର ମହିମା ମରହଟ୍ଟାମାନଙ୍କର ଅନ୍ତଃକରଣରେ ପୂଜିତ ସର୍ବଦା ହେଉଥାଏ । ଅରୁଣସ୍ତମ୍ଭ ଉପରେ ସୂର୍ଯ୍ୟଙ୍କର ଉଦିତ କିରଣ ପଡି ସ୍ତମ୍ଭର ଛାୟା ସିଂହଦ୍ୱାର ଗୁମୁଟ ପର୍ଯ୍ୟନ୍ତ ଲମ୍ବିଯାଏ । ସୂର୍ଯ୍ୟଙ୍କ ଅନ୍ୟ ନାମ ବିରଞ୍ଚିନାରାୟଣ । ସୂର୍ଯ୍ୟଦେବ ଧର୍ମାବତାର ପରମ ବୈଷ୍ଣବ ଅଟନ୍ତି । ଉକ୍ତ ଆଧାରରେ ଶ୍ରୀଜଗନ୍ନାଥ ମନ୍ଦିରରେ ପଞ୍ଚରାତ୍ର ପଦ୍ଧତିରେ ପୂଜାର୍ଚ୍ଚନା ହେଉଥିବା ହେତୁ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱରେ ସୂର୍ଯ୍ୟମଣ୍ଡପ ଏବଂ ସୂର୍ଯ୍ୟଯନ୍ତ୍ର ଅବସ୍ଥିତ । କୋଣାର୍କ ମନ୍ଦିରରୁ ଆନିତ ବିଗ୍ରହ ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ଅଧୁନା ସୂର୍ଯ୍ୟମନ୍ଦିର ଭାବରେ ବିଦ୍ୟମାନ । ସୂର୍ଯ୍ୟ ମନ୍ଦିରର ନିଜସ୍ୱ ପାକଶାଳାରେ ବ୍ୟନ ପ୍ରସ୍ତୁତ କରି ଅର୍ପଣ କରାଯାଏ । କର୍ମକାଣ୍ଡ ନିୟମାନୁସାରେ ସୂର୍ଯ୍ୟଙ୍କୁ ପୂର୍ବଦିଗରେ ସ୍ଥାପନା କରାଯାଏ । ଶ୍ରୀମନ୍ଦିରରେ ଦକ୍ଷିଣ ଓ ପଶ୍ଚିମ ଦିଗରେ ସୂର୍ଯ୍ୟ ମନ୍ଦିର ବିଦ୍ୟମାନ । ଶ୍ରୀମନ୍ଦିରରେ ପୂର୍ବ ଭାଗରେ ଅରୁଣ ସ୍ତମ୍ଭକୁ ସ୍ଥାପନା କରି ଉକ୍ତ ଅଭାବକୁ ମରହଟ୍ଟାମାନେ ଦୂର କରିଥିଲେ । ଏହି ସ୍ତମ୍ଭଟି କୋଣାର୍କ ମନ୍ଦିରରୁ ଅଣାଯାଇଥିବାରୁ ଗରୁଡ ପରିବର୍ତ୍ତେ ଅରୁଣ ଏଠାରେ ଅଧିଷ୍ଠାନ କରିଛନ୍ତି । ମନ୍ଦିର ମଧ୍ୟକୁ ପ୍ରବେଶ ମାର୍ଗର ପ୍ରାରମ୍ଭରେ ନିର୍ମିତ ସୌଧକୁ ଗୁମୁଟ କୁହାଯାଏ । ସିଂହଦ୍ୱାର ଏକ ମନ୍ଦିର ପ୍ରବେଶ ପଥ ହେତୁ ସିଂହଦ୍ୱାର ଗୁମୁଟରେ ଫତେ ହନୁମାନ ବିରାଜିତ । ଉକ୍ତ ହନୁମାନଙ୍କ ପ୍ରତିଷ୍ଠାତା ପଞ୍ଚନାମୀ ରାମାନନ୍ଦୀ ଖାଲ୍‌ସାର ରାମାନୁଜାଚାର୍ଯ୍ୟ । ଇଏ ପୂର୍ବ ଦିଗର ରକ୍ଷକ ଅଟନ୍ତି । ପଶ୍ଚିମ ପଟରେ ପତିତପାବନ ଅବସ୍ଥିତ । ଏହି ବିଗ୍ରହ ଚିତ୍ର ବିଶେଷ ଅଟନ୍ତି । ପତିତପାବନଙ୍କ ମୁଖ ପୂର୍ବଦିଗକୁ ଦୃଷ୍ଟିପାତ କରୁଥିବା ହେତୁ ଶ୍ରୀମନ୍ଦିରର ସମ୍ମୁଖ ଭାଗରେ ଦଣ୍ଡାୟମାନ ହୋଇ ବହୁତ ଦୂରରୁ ପ୍ରଣତି ଜଣାଇ ପାରିବେ । ପତିତପାବନଙ୍କ ଅବସ୍ଥିତି ସମ୍ବନ୍ଧରେ ବହୁତ ଗୁଡିଏ ବ୍ୟାଖ୍ୟାନ ଉପଲବ୍ଧ ଅଛି । ସର୍ବଶେଷ ବିବରଣୀଟି ହେଉଛି ଉତ୍କଳର ଗଜପତି ରାଜା ବିଧର୍ମୀ ହେବା ଦ୍ୱାରା ତାଙ୍କୁ ଦର୍ଶନ ଦେବା ନିମନ୍ତେ ପ୍ରଭୁ ସ୍ୱୟଂ ପତିତପାବନ ଆକାରରେ ତାଙ୍କର ଦର୍ଶନ ଅଭିଳାଷା ପୂର୍ଣ୍ଣ କରିଥିଲେ । ଶ୍ରୀମନ୍ଦିରକୁ ଅନ୍ୟ ନାସ୍ତିକ ଦର୍ଶାନୁବଲମ୍ବୀ ବ୍ୟକ୍ତିଙ୍କ ପ୍ରବେଶ ନିଷେଧ ହେତୁ ବର୍ଷସାରା ଶ୍ରୀଗୁଣ୍ଡିଚାକୁ ବାଦ୍ ଦେଇ ନିଜର ଦର୍ଶନାଭିଳାଷାକୁ ଚରିତାର୍ଥ କରିଥା'ନ୍ତି । ପୁରାକାଳରେ



ପ୍ରଭୁ ଦୋଳୋତ୍ସବରେ ସ୍ୱୟଂ ବିରାଜମାନ କରୁଥିଲେ । ତଦ୍ୱାରା ବ୍ୟକ୍ତି ବିଶେଷ ଶ୍ରୀବିଗ୍ରହଙ୍କୁ ବର୍ଷର ଦୁଇଥର ବଡଦାଣ୍ଡରେ ଦର୍ଶନ କରିବାକୁ ସୁଯୋଗ ପାଉଥିଲେ । ଦୁର୍ଘଟଣାବଶତଃ ଦୋଳୋତ୍ସବରେ ଶ୍ରୀବିଗ୍ରହ ମାନଙ୍କର ବଡଦାଣ୍ଡକୁ ଆଗମନ ନହୋଇ ପ୍ରଭୁଙ୍କ ପ୍ରତିନିଧି ଭାବରେ ଦୋଳଗୋବିନ୍ଦ ବିଜେ କଲେ । ଶ୍ରୀମନ୍ଦିରର ଚାରିଦ୍ୱାରରେ ପ୍ରଧାନତଃ ହନୁମାନ ମନ୍ଦିର, ମହାଦେବ ମନ୍ଦିର ଓ ନୃସିଂହ ମନ୍ଦିର ବିଦ୍ୟମାନ । ପୂର୍ବ ଦ୍ୱାରରେ ଫତେ ହନୁମାନ, ଦକ୍ଷିଣ ଦ୍ୱାରରେ ବାରଭାଇ ହନୁମାନ, ପଶ୍ଚିମ ଦ୍ୱାରରେ ବୀର ବିକ୍ରମ ହନୁମାନ ଓ ଉତ୍ତର ଦ୍ୱାରରେ ତପସ୍ୱୀ ହନୁମାନ ବିଦ୍ୟମାନ । ଉକ୍ତ ସମସ୍ତ ହନୁମାନ ମୂର୍ତ୍ତି ଶ୍ରୀରାମାନନ୍ଦାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ପ୍ରତ୍ୟେକ ଦ୍ୱାରରେ ଶିବ ମନ୍ଦିରମାନ ଅବସ୍ଥିତ । ପୂର୍ବଦ୍ୱାରରେ କାଶୀ ବିଶ୍ୱନାଥ, ଦକ୍ଷିଣ ଦ୍ୱାରରେ ସିଦ୍ଧେଶ୍ୱର ମହାଦେବ, ପଶ୍ଚିମ ଦ୍ୱାରରେ ରାମେଶ୍ୱର ମହାଦେବ ଓ ଉତ୍ତର ଦ୍ୱାରରେ ବେଢ଼ା ଲୋକନାଥ, ପର୍ଶୁନାଥ, ଈଶାନେଶ୍ୱର, ଧବଳେଶ୍ୱର ମନ୍ଦିର ଅବସ୍ଥିତ । ଶ୍ରୀମନ୍ଦିରରେ ଶ୍ରୀବିଷ୍ଣୁଙ୍କ ନୃସିଂହ ଅବତାର ପ୍ରଭାବ ଅଧିକ ଥିବାରୁ ପ୍ରତି ଦ୍ୱାରରେ ନୃସିଂହ ମୂର୍ତ୍ତି ମଧ୍ୟ ଅବସ୍ଥିତ । ପୂର୍ବ ଦ୍ୱାର ଗୁମଟରେ ନୃସିଂହ, ଦକ୍ଷିଣ ଦ୍ୱାରରେ ପୁରାଣ ନୃସିଂହ, ପଶ୍ଚିମ ଦ୍ୱାରରେ ନିଶା ନୃସିଂହ, ଉତ୍ତର ଦ୍ୱାରରେ ଲକ୍ଷ୍ମୀ ନୃସିଂହ ମନ୍ଦିର ଅବସ୍ଥିତ । ଶ୍ରୀମନ୍ଦିରର ଭିତର ବେଢ଼ା ଓ ବାହାର ବେଢ଼ାର ବିଭିନ୍ନ ମନ୍ଦିରକୁ ଅନୁଧ୍ୟାନ କଲେ ଜାଣିପାରିବେ ଏଠାରେ ପଞ୍ଚଦେବଙ୍କର ଉପାସନା ସୁଚାରୁ ରୂପେ ଦୀର୍ଘକାଳ ହେଲା ପ୍ରଚଳିତ ରହିଅଛି ।

ଭାରତବର୍ଷର ବିଭିନ୍ନ ମନ୍ଦିର ପରି ଶ୍ରୀମନ୍ଦିରର ବିଶେଷତ୍ୱ ଅନେକାଂଶରେ ସ୍ୱତନ୍ତ୍ରତାକୁ ବହନ କରେ । ସମସ୍ତ ମନ୍ଦିରରେ ଧାତୁ, ପ୍ରସ୍ତର ନିର୍ମିତ ବିଗ୍ରହ ବିରାଜମାନ କରିଛନ୍ତି । କିନ୍ତୁ ଶ୍ରୀକ୍ଷେତ୍ରରେ ଶ୍ରୀବିଗ୍ରହଙ୍କ ମୂର୍ତ୍ତି ଦାରୁବ୍ରହ୍ମ ଅଟନ୍ତି । ଶ୍ରୀମନ୍ଦିରରେ ସନାତନ ଧର୍ମର ଅନୁଗାମୀଙ୍କ ପଞ୍ଚଦେବ ଉପାସନାର ଏକତ୍ର ଉତ୍ସବ ଗୁଡିକ ଯେପରି ପାଳନ କରାଯାଏ ଅନ୍ୟତ୍ର ବିରଳ ଅଟେ । ସମସ୍ତ ସନ୍ଥ ପନ୍ଥ ଗ୍ରନ୍ଥକୁ ସମାନ ଭାବରେ ଗୁରୁତ୍ୱ ପ୍ରଦାନ କରିବା ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରର ମୂଳମନ୍ତ୍ର ଅଟେ । ବର୍ଷକ ମଧ୍ୟରେ ରାମଲୀଳା, ଶ୍ରୀକୃଷ୍ଣ ଲୀଳା ଯେପରି ବହୁ ଆଡମ୍ବର ସହକାରେ ଉତ୍କଳୀୟ ପରମ୍ପରାକୁ ସଂଯୋଜିତ କରି ଏକ ସ୍ୱତନ୍ତ୍ରତାକୁ ମହିମାମଣ୍ଡିତ କରୁଅଛି । ରଥଯାତ୍ରା ମଧ୍ୟ ବିଶ୍ୱବିଦିତ ଅଟେ । ଶୈବ, ସାକ୍ତ, ଗାଣପତ୍ୟ, ସୌର ଉପାସନାର ବିଧି ଗୁଡିକୁ ବିଷ୍ଣୁଙ୍କ ବିଭିନ୍ନ ଅବତାରମାନଙ୍କ ସଙ୍ଗରେ ଏକତ୍ର ମିଶ୍ରିତ କରାଇ ଉତ୍କଳର ପୁରପଲ୍ଲୀରେ ବହୁ ଆଡ଼ମ୍ବର ସହକାରେ ବିଭିନ୍ନ ପର୍ବପର୍ବାଣୀ ଗୁଡିକୁ ପାଳନ କରାଯାଏ । ଶୀତଳ ଷଷ୍ଠୀ, ବିଜୟା ଦଶମୀ, ଗଣେଶ ଚତୁର୍ଥୀ, ରାମ ନବମୀ, ଜନ୍ମାଷ୍ଟମୀ, ମାଘସପ୍ତମୀ ଆଦି ପ୍ରମୁଖ ଉତ୍ସବ ଗୁଡିକ ପାଳନ କରାଯାଏ । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହ ଯେପରି ମହିମାମଣ୍ଡିତ ସେହିପରି ପାର୍ଶ୍ୱ ଦେବଦେବୀ ଏବଂ ତାହାଙ୍କୁ ସୁରକ୍ଷା ପ୍ରଦାନ କରୁଥିବା କୁର୍ମବେଢ଼ା ମେଘନାଦ ପ୍ରାଚୀରର ଚାରିଦ୍ୱାର ଗୌରବକୁ ବହନ କରେ । କେଶରୀ ବଂଶ ଠାରୁ ଆରମ୍ଭ କରି ଗଙ୍ଗବଂଶୀୟ ଏବଂ ତତ୍‌ପଶ୍ଚାତ୍ ପ୍ରତାପରୁଦ୍ର ଦେବଙ୍କ ପର୍ଯ୍ୟନ୍ତ ମହାନାୟକ ମାନଙ୍କର ଅବଦାନ ଅତୁଳନୀୟ । ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଦ୍ଧିଜୀବୀମାନଙ୍କ ସୁଚିନ୍ତିତ ଉପଦେଶ ଦ୍ୱାରା ଶ୍ରୀମନ୍ଦିର ଚତୁର୍ଦ୍ଦିଗକୁ ସୁସଂଗଠିତ କରିବା ନିମନ୍ତେ ବୃହତ୍ତର ପ୍ରାଚୀର ନିର୍ମାଣ କରା ଯାଇଥିଲା । ଏହା ଯେପରି ଏକ ଅଭେଦ୍ୟ ଦୁର୍ଗ ମଧ୍ୟରେ ସୁଉଚ୍ଚ ଶ୍ରୀମନ୍ଦିର ଅଦ୍ୟାବଧି ପର୍ଯ୍ୟନ୍ତ ସୁଶୋଭିତ ହୋଇ ରହିଛି ।

# ଭକ୍ତର ଭଗବାନ



# ଶ୍ରୀ ଜଗନ୍ନାଥଙ୍କ ଲୁଚକାଳି ଖେଳ


**ଡକ୍ଟର ଶିଶିର କୁମାର କର**
‘ଶ୍ରୀ ନିବାସ’, କେଶପୁର ରୋଡ଼,
ବୁଦ୍ଧ ମନ୍ଦିର ପାଖ, ବରୋଦା ବ୍ୟାଙ୍କ୍ ସାମ୍ନା,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ଫୋନ: ୯୭୭୮୫୪୩୮୯୭


ଫଟୋ ସୌଜନ୍ୟ: ଗୁଗୁଲ୍

ଏକହଜାର ବର୍ଷ ମଧ୍ୟରେ ପାଖାପାଖି ୨୦୦ ବର୍ଷ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଠାରୁ ଦୂରରେ ରହିଛନ୍ତି । ଆକ୍ରମଣକାରୀଙ୍କ କବଳରୁ ରକ୍ଷା କରିବା ପାଇଁ ସେବକମାନେ କେତେବେଳେ ତାଙ୍କୁ ପାତାଳି କରିଛନ୍ତି ତ କେତେବେଳେ ନେଇ ଗିରି ଗୁହାରେ ଲୁଚାଇ ରଖିଛନ୍ତି ।

ସେ ତ ସବୁର ରକ୍ଷକ, ଚକାଆଖି ସବୁ ତ ଦେଖୁଛନ୍ତି । ତାଙ୍କୁ ସୁରକ୍ଷା ଦେବ କିଏ ?

ଯାହାକିଛି ହୋଇଛି ତାଙ୍କରି ଇଚ୍ଛାରେ... । ବିଧର୍ମୀମାନଙ୍କ ସହିତ ସେ ଖେଳିଛନ୍ତି ଲୁଚକାଳି... । ଶତ୍ରୁ ଓ ସେବକ ଉଭୟଙ୍କ ବଳକୁ ପରଖିଛନ୍ତି । ବିଭିନ୍ନ ସ୍ଥାନ ପରିଭ୍ରମଣ କରି ପାଇଛନ୍ତି ସେ ଆନନ୍ଦ । ସେ ତ ସଚ୍ଚିଦାନନ୍ଦ । ଜାତିର ବିସ୍ମୟ । ରହସ୍ୟମୟ ଠାକୁର...ତାଙ୍କୁ ବୁଝି ହୁଏନା ।

## ଶ୍ରୀଜଗନ୍ନାଥଙ୍କ ଲୁଚକାଳି ଖେଳ

ସୁଦୂର ଅତୀତରେ ରକ୍ତବାହୁ ଓଡ଼ିଶା ଓ ଜଗନ୍ନାଥ ମନ୍ଦିର ଆକ୍ରମଣ କରି ଓଡ଼ିଆମାନଙ୍କ ମନରେ ଭୟ ସଞ୍ଚାର କରିଥିଲା । ଦୀର୍ଘକାଳ ଶାନ୍ତି ବିରାଜମାନ କରିବା ପରେ ପୁଣି ସେହି ବିପତ୍ତିର ପୁନରାବୃତ୍ତି ହେଲା । ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନତର ରବି ଚିରଦିନ ପାଇଁ ଆସ୍ତମିଳ ହେଲା । ଆଫ୍‌ଗାନ୍, ପଠାଣ ଓ ମୋଗଲ ଶାସନ ଭିତରେ ଓଡ଼ିଶାର ଆରାଧନା କ୍ଷେତ୍ର ମନ୍ଦିର ଗୁଡ଼ିକ ନଥିଲା ସୁରକ୍ଷିତ । ୧୫୬୮ରୁ ୧୫୭୬ ମସିହା ବା ୧୮୨ ବର୍ଷ ମଧ୍ୟରେ ଜଗନ୍ନାଥ ୧୮ଥର ପାଇଁ ଶତ୍ରୁ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ପାଖାପାଖି ୩୦ବର୍ଷ ମନ୍ଦିର ବାହାରେ ରହିଛନ୍ତି । ଲୁଣ୍ଠନକାରୀମାନଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ଲୁଚକାଳି ଖେଳ ଯେଉଁପରି ରୋମାଞ୍ଚକର ସେହିପରି ଉପଭୋଗ୍ୟ ।

ଏଠି ମନ ଭିତରେ ପ୍ରଶ୍ନ ଉଠେ ଜଗନ୍ନାଥ କ’ଣ ନିଜକୁ ନିଜେ ରକ୍ଷା କରି ପାରିଲେ ନାହିଁ ନା ଚେଷ୍ଟାରୁ ବିରତ ରହିଲେ । ଆମେ ସବୁ ଜାଣିଛୁ ପୁରୁଷୋତ୍ତମଙ୍କ ବିନା ଇଚ୍ଛାରେ ଗଛରେ ଥିବା ପତ୍ରଟିଏ ହଲେ ନାହିଁ । ବିଶ୍ୱରେ ସେ ଏକମାତ୍ର ଦେବତା ଯେ’କି ମାନବ ପରି ଚଳନ୍ତି । ସେ ତ ଠିକ୍ ଜଣେ ମଣିଷଙ୍କ ପରି । ମଣିଷଙ୍କ ହାତରେ ଗଢ଼ା, ମଣିଷଙ୍କ ପରି ତାଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ । ମଣିଷଙ୍କ ପରି ଖାଇବା, ପିଇବା, ଶୋଇବା, ନାଚ ଦେଖିବା, ଗୀତ ଶୁଣିବା, ସ୍ତ୍ରୀ ସହ କଳି କରିବା, ସ୍ତ୍ରୀର ଅଭିମାନ ଭାଙ୍ଗିବା, ଭଉଣୀକୁ ଅଧିକ ଭଲପାଇବା, ବେଶୀ ଗାଧୋଇ ପଡ଼ିଲେ ଜର ହେବା, ଶୀତରୁ ରକ୍ଷା ପାଇବା ପାଇଁ ଘୋଡ଼ିହେବା, ଗରମରେ ଚନ୍ଦନ ଲାଗି ହେବା, ସର୍ବୋପରି ମନୁଷ୍ୟଙ୍କ ପରି ଦେହତ୍ୟାଗ କରି ନବକଳେବର ଧାରଣ କରିବା ତାଙ୍କର ବିଚିତ୍ର ବିଧାନ । ଦାର୍ଶନିକ ସତ୍ୟବାଦୀ ମିଶ୍ରଙ୍କ ଭାଷାରେ- “He is so much human, So much devine”

ସତ୍ୟଯୁଗରେ ମଣିଷ ଥିଲା ଠିକ୍ ଦେବତାଙ୍କ ପରି । ତା’ ନିର୍ଦ୍ଦେଶରେ ଉତ୍‌ପଦାର୍ଥ ମଧ୍ୟ ଥିଲେ ଗତିଶୀଳ । କାଠୁରିଆଟିଏ କାଠ ବିଡ଼ା କରି ତା’ ଉପରେ ବସି ଘରକୁ ଫେରି ପାରୁଥିଲା । ସମୟର ପରିବର୍ତ୍ତନରେ ତ୍ରେତାଯୁଗରେ କିଛିଟା ଧର୍ମରେ ଗ୍ଳାନି ଦେଖାଗଲା । ତେଣୁ ଦୁଷ୍ଟ ଶକ୍ତିମାନେ ଆବିର୍ଭୂତ ହୋଇ ମୁନିରଷିଙ୍କୁ ଚେଷ୍ଟା କଲେ । ସ୍ୱୟଂ ଭଗବାନ ଶ୍ରୀରାମଚନ୍ଦ୍ର ମାନବ ଅବତାରରେ ଜନ୍ମନେଇ ଦୁଷ୍ଟ ସଂହାର କଲେ । ତାଙ୍କର ବୀରତ୍ୱ ଏବଂ ସତ୍ୟନିଷ୍ଠା ସମଗ୍ର ଜଗତକୁ କରିଥିଲା ଜ୍ୟୋତିସ୍ନାତ ।

ଦ୍ୱାପର ଯୁଗରେ ଖଳଶକ୍ତିମାନେ ବହୁ ସଂଖ୍ୟାରେ ଜାତ ହେଲେ ମାନବ ଅବତାରରେ ଜନ୍ମ ନେଇଥିବା ଶ୍ରୀକୃଷ୍ଣ ନିଜର ଅଲୌକିକତା ଅନ୍ୟକୁ ଦେଖାଇବାକୁ ଚାହିଁଲେ ନାହିଁ । ଗୋପପୁରରେ ଇନ୍ଦ୍ରଙ୍କ କବଳରୁ ରକ୍ଷା ପାଇବା ପାଇଁ ସେ ଚତୁରତାର ସହିତ ସମସ୍ତଙ୍କ ସାହାଯ୍ୟରେ ପିରି ଗୋବର୍ଦ୍ଧନକୁ ଟେକିଥିଲେ । ସମଗ୍ର ମହାଭାରତ ଯୁଦ୍ଧରେ ସେ ଅସ୍ତ୍ର ଧାରଣ କଲେ ନାହିଁ । କାରଣ ସେ ଚାହିଁଲେ ମଣିଷ ଧର୍ମ ଓ ଅଧର୍ମ ନିଜେ ଅନୁଭବ କରୁ । ପରିଶେଷରେ ପାଣ୍ଡବମାନଙ୍କ ସହାୟତାରେ କୌରବମାନଙ୍କୁ ନାଶ କରିଥିଲେ ।

ଶେଷରେ କଳିଯୁଗ ଆସିଲା । ଧର୍ମ ଉପରେ ଅଧର୍ମର, ସତ୍ୟ ଉପରେ ଅସତ୍ୟର ବଳ ଭାରି ପଡ଼ିଲା । ତେଣୁ ଏଥର ସ୍ୱୟଂ ଭଗବାନ ହାତହୀନ, ପାଦହୀନ, ଅପଲକ ନେତ୍ର ଭାବରେ ସବୁ ଜାଣି ଶୁଣି ଅସହାୟତାର ଅଭିନୟ କରୁଛନ୍ତି । ନିଜେ ସଚେତନ ହୁଅ, ସ୍ୱାବଲମ୍ବନଶୀଳ ହୁଅ, ନିଜର ସାମର୍ଥ୍ୟ ଦ୍ୱାରା ନିଜର ଦୁଃଖ ଦୂରରେ । ତେବେ ମୁକ୍ତି ପାଇବ । ସେ ଅପାଣିପାଦ ଚକ୍ଷୁ କର୍ଣ୍ଣହୀନ ଅଧାଗଢ଼ା ଦିଅଁ । ନିର୍ଗୁଣତତ୍ତ୍ୱ ଅନୁସାରେ ପାଣି ପାଦାବି ଶୂନ୍ୟ ଅବସ୍ଥା ହିଁ ପରଂବ୍ରହ୍ମଙ୍କର ଏକ ସ୍ୱରୂପ । ଭାରତବର୍ଷରେ ଯେତେ ପୂଜିତ ବିଗ୍ରହ ସେମାନେ ‘ପାଣି ପାଦାଦି ଶୂନ୍ୟ’ ନୁହଁନ୍ତି । ତେଣୁ ଶ୍ରଦ୍ଧାଳୁମାନେ ଏହି ରହସ୍ୟର ଆଦିଅନ୍ତ ଜାଣିପାରନ୍ତି ନାହିଁ । କେବଳ ଜଣାଯାଏ-

“କଳିଯୁଗେ ଲୋକଙ୍କର ଅନୀତି ଭାବ ଜାଣି
ତେଣୁ ପାଦପାଣି ନବହିଲେ ଚକ୍ରପାଣି ।”

ଚତୁର୍ଦ୍ଧା ବିଗ୍ରହମାନଙ୍କର ଗୋଡ଼ଏ ନାକ, କାନ, ଆଖି ଆଦି ନଥାଇ ସେ ସମସ୍ତ ଇନ୍ଦ୍ରିୟ କାର୍ଯ୍ୟ



◀ ଲେଖକ ଡକ୍ଟର ଶିଶିର କୁମାର କର

କରି ପାରନ୍ତି । ଶ୍ୱେତା ଶ୍ୱେତର ଉପନିଷଦରେ ଉଲ୍ଲେଖ ଅଛି-

"ଅପାଣି ପାଦୋ ଜବନୋ ଗ୍ରହୀତା
ପଶ୍ୟତ୍ୟଚକ୍ଷୁସ ସେ ଗୃଣୋତ୍ୟ କର୍ଣ୍ଣ
ସ ଚେଭି ବେଦ୍ୟଂ ନଚ ତମ୍ୟାସ୍ତ ବେତ୍ତା
ତମାହୁରଗ୍ୟଂ ପୁରୁଷଂ ମହାନ୍ତମ୍ ।"

ଅର୍ଥାତ୍ ଏହି ପରମାତ୍ମା ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ କିନ୍ତୁ ସେ ସମସ୍ତ ବସ୍ତୁ ଗ୍ରହଣ କରିପାରନ୍ତି । ଚକ୍ଷୁ ତାଙ୍କୁ କେହି ଜାଣି ପାରନ୍ତି ନାହିଁ । ଜ୍ଞାନୀମାନେ କେବଳ ତାଙ୍କୁ ଅଗ୍ର ପୁରୁଷ ବୋଲି କହନ୍ତି । ସେ ସବୁର ଆଦି ଓ ପୁରାତନ । ତେଣୁ ସେ ହେଉଛନ୍ତି ରୂପ-ଅରୂପ, ଶୂନ୍ୟ ପୁଣି ପରିପୂର୍ଣ୍ଣ ।



ଲୋକକଥାରେ ଓଡ଼ିଆରେ ଏକ ଢଗ ଅଛି- "ଚେଇଁ ଶୋଇଛି ଯିଏ, ତାକୁ ଉଠାଇବ କିଏ ?" ତେଣୁ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ସୁରକ୍ଷାର ଦାୟିତ୍ୱ ତାଙ୍କ ସେବକମାନଙ୍କ ଉପରେ ପ୍ରଭୁ ଦେଇ ଦେଇ ସେ ଥିଲେ ଦ୍ୱିଧାହୀନ । ସେ କେବଳ ଏକ ମୂଲ୍ୟବାନ ବସ୍ତୁ ରୂପରେ ଛପିଯିବା ପାଇଁ ହୋଇଛନ୍ତି ସ୍ଥାନରୁ ସ୍ଥାନାନ୍ତର । ହେଲେ ସମସ୍ତ ଅଯୋଗ୍ୟ, ପାପୀଙ୍କୁ ଯିଏ ଦୂରେଇ ଦେଇ ନାହାନ୍ତି ବରଂ ଶାନ୍ତି ଦେଇ କରିଛନ୍ତି ମୁକ୍ତିମାର୍ଗୀ । ଏହି ଜଗନ୍ନାଥ ଏକ ରହସ୍ୟମୟ ଦେବତା । "ସର୍ବ ରହସ୍ୟ' ପୁରୁଷୋତ୍ତମସ୍ୟ ଦେବେ ନ ଜାନାନ୍ତି କୃତଃ ମନୁଷ୍ୟ ।"

ଓଡ଼ିଶା ଉପରେ ଯେମିତି ବହୁ ଘଟଣା ଦୁର୍ଘଟଣା ଘଟିଛି, ସେମିତି ଶ୍ରୀ ଜଗନ୍ନାଥଙ୍କ ଉପରେ ବହୁ ଝଡ଼ଝଞ୍ଜା ଦେଖା ଯାଇଛି । ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ, ମଣିମାଣିକ୍ୟ ପୂର୍ଣ୍ଣ ରତ୍ନଭଣ୍ଡାର ଉପରେ ଯବନ ଓ ବାହ୍ୟ ଶତ୍ରୁଙ୍କର ଲୋଲୁପ ଦୃଷ୍ଟି ପଡ଼ିଛି ।

ଓଡ଼ିଶାର ରାଜା ଶୋଭନ ଦେବଙ୍କ ଅମଳରେ ଖ୍ରୀ୪୦୧ରୁ ୪୦୫ମଧ୍ୟରେ ରକ୍ତବାହୁ ଓଡ଼ିଶା ଓ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲା । ଏହା ଥିଲା ଶ୍ରୀ ଜଗନ୍ନାଥ ମନ୍ଦିର ଉପରେ ସର୍ବ ପ୍ରଥମ ଆକ୍ରମଣ । ଏହି ଐତିହାସିକ ପ୍ରଥମ ବିପତ୍ତିରୁ ଶ୍ରୀଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ସେବକମାନେ ଅଣ୍ଟା ଭିଡ଼ିଲେ । ରାଜା ଓ ସେବକମାନ ମିଶି ସୋନପୁରର ବୈଦ୍ୟ ସୀମାରେ ଗୋପାଲି ଗ୍ରାମରେ ବିଗ୍ରହମାନଙ୍କୁ ପାତାଳି କରାଇ ଗୋଟିଏ ବରଗଛ ମୂଳରେ ଗୋପନ କରାଇଥିଲେ । ରକ୍ତବାହୁ ବିଗ୍ରହକୁ ନପାଇ ଶ୍ରୀ କୋଠଭଣ୍ଡାର କୁହୁଟରେ ଚିଲିକା ବକ୍ଷରେ ଫେରୁଥିବା ସମୟରେ ପ୍ରବଳ ବାତ୍ୟାର ସମ୍ମୁଖୀନ ହୋଇ ସୈନ୍ୟଙ୍କ ସହିତ ସଲୀଳ ସମାଧି ଲାଭ କଲା । କେହି ଜଗନ୍ନାଥଙ୍କ ବିଚାରରୁ ବାଦ୍ ପଡ଼ି ନାହାନ୍ତି । କବିବର ରାଧାନାଥ ରାୟ 'ଚିଲିକା' ଖଣ୍ଡକାବ୍ୟରେ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି:

"ସର୍ବେ ହୋଇଗଲେ ନିର୍ମଳ ନିଃଶେଷ,
କେହି ନରହିଲେ ଦେବାକୁ ସନ୍ଦେଶ ।
କାହିଁଗଲା ସେହି ବିଜୟ ଉତ୍ସବ ?
ଭାସିଲା ତୋ ବକ୍ଷେ ବିଜୟୀଙ୍କ ଶବ ।"

ଓଡ଼ିଶା ଜଗନ୍ନାଥ ବିହୀନ ହୋଇ ୧୪୪ ବର୍ଷ ଦୁଃଖରେ କଟାଇଥିଲା । ତେଣୁ ଏକ ହଜାର ବର୍ଷ ଭିତରେ ପାଖାପାଖି ୨୦୦ବର୍ଷ ପାଇଁ ଶ୍ରୀମନ୍ଦିର ବାହାରେ ଶ୍ରୀ ଜଗନ୍ନାଥ ରହିଛନ୍ତି । ଯଯାତି କେଶରୀ ୧୪୪ବର୍ଷ ପରେ ବିଗ୍ରହ ଗୁଡ଼ିକୁ ସେଠାରୁ ଆଣି ପୁନଃ ପ୍ରତିଷ୍ଠିତ କରାଇଥିଲେ । ତେଣୁ ଯଯାତି କେଶରୀଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି କୁହାଯାଏ । ଏହି ଆକମଣ ପରେ ଶ୍ରୀମନ୍ଦିର ଉପରେ ବହୁଥର ଆକ୍ରମଣ ହୋଇଛି, ଧରା କେତେ ଲୁଣ୍ଠନ ଓ ଅଣାମ୍ରର ଉପରେ ସୀମିତ ଥିଲା ।

ଗଙ୍ଗବଂଶୀୟ ରାଜା ଜୟ ଅନଙ୍ଗ ଭୀମଦେବ ତାଙ୍କ ଶାସନ କାଳ ଠାରୁ ଜଗନ୍ନାଥଙ୍କୁ ରଖିଲେ ଶାସକ ଭାବରେ ଘୋଷଣା କରି ତାଙ୍କର ପ୍ରତିନିଧି ବା ରାଉ ଭାବରେ ଶାସନ କରିବା ଆରମ୍ଭ କଲେ । ଗଙ୍ଗବଂଶୀୟ ରାଜାମାନଙ୍କର ରାଜ୍ୟ ଅଭିଷେକ କରାଗଲା ନାହିଁ । ଉତ୍କଳୀୟମାନଙ୍କ ମଧ୍ୟରେ ରାଜ୍ୟ ଅଭିଷେକ ନିରାପତ୍ତା ନାହିଁ । ଉତ୍କଳୀୟ ମାନଙ୍କ ମଧ୍ୟରେ ଜାତୀୟତା ସୃଷ୍ଟି ପାଇଁ ସେ ସମୟରେ ଏହା ଏକ କୂଟନୀତି ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ଶ୍ରୀ ଜଗନ୍ନାଥ ରାଷ୍ଟ୍ର ଦେବତା, ବିଶ୍ୱ ଦେବତା ଓ ଲୋକଦେବତା ଭାବରେ ପୂଜିତ ହେଲେ । ଓଡ଼ିଶା ଉପରେ ଯୁବକମାନଙ୍କର ଆକ୍ରମଣ ଜଗନ୍ନାଥଙ୍କ ଉପରେ ଆକ୍ରମଣ ବୋଲି ଗ୍ରହଣ କରାଗଲା । କାଞ୍ଚିକାବେରୀ ଯୁଦ୍ଧ ବେଳେ ପରାଜୟକୁ ବିଜୟରେ ପରିଣତ କରିବା ପାଇଁ ଜଗନ୍ନାଥ-ବଳଭଦ୍ର କଳାଘୋଡ଼ା ଓ ଧଳାଘୋଡ଼ା ଚଢ଼ି ସାମ୍ରାଜ୍ୟର ସ୍ୱାଭିମାନ ରକ୍ଷା ଲାଗି ପୂର୍ବକୁ ଯିବା କଥା କିମ୍ବଦନ୍ତୀ ସୃଷ୍ଟି କରା ଯାଇଛି ।

ଜଗନ୍ନାଥଙ୍କ ମନ୍ଦିର ଉପରେ ଆକ୍ରମଣ ତିନୋଟି କାରଣରୁ ହେଉଥିଲା । ପ୍ରଥମତଃ ଜଗନ୍ନାଥ ଉତ୍କଳୀୟ ସାମ୍ରାଜ୍ୟର ପ୍ରତୀକ ଥିଲେ, ଦ୍ୱିତୀୟତଃ ମହାବାହୁଙ୍କ ରତ୍ନ ଭଣ୍ଡାରରେ ଅନେକ ମୂଲ୍ୟବାନ ଅଳଙ୍କାର ଓ ସୁନା ରୂପା ଗଚ୍ଛିତ ଥିଲା, ତୃତୀୟତଃ ପବନମାନେ ହିନ୍ଦୁ ବିଦ୍ୱେଷୀ ଥିବାରୁ ଶ୍ରୀମନ୍ଦିରକୁ ଘନଘନ ଆକ୍ରମଣ କରୁଥିଲେ ।

ଦିଲ୍ଲୀ ସୁଲତାନ ଫିରୋଜ ତୋଗଲକ୍ ୧୩୬୦ ଖ୍ରୀଷ୍ଟାବ୍ଦରେ ଶ୍ରୀମନ୍ଦିର ଧ୍ୱଂସ ଉଦ୍ଦେଶ୍ୟରେ ଆସିଥିଲେ ମଧ୍ୟ ତାହା ସାଧନ କରିପାରି ନଥିଲେ । ହେଲେ ସେ ଓଡ଼ିଶାର ବହୁ ହିନ୍ଦୁ ମନ୍ଦିର ନଷ୍ଟ କରି ପ୍ରତିମାମାନଙ୍କୁ ନେଇ ଯାଇଥିଲେ ।

ଗଜପତି ପ୍ରତାପରୁଦ୍ର ଦେବ ଯେତେବେଳେ ଦକ୍ଷିଣ ଦେଶରେ ବ୍ୟାପୃତ ଥିଲେ, ସେତେବେଳେ ବଙ୍ଗଳାର ସୁଲତାନ୍ ହୁସେନ୍ ସାହା (ଇସମାଇଲ୍ ଗାଜି ଖାଁ) ୧୫୧୦ ଖ୍ରୀଷ୍ଟାବ୍ଦରେ ପୁରୀ ମନ୍ଦିର ଆକ୍ରମଣ କରି ଅନେକ ବିଗ୍ରହ ନଷ୍ଟ କରି ଦେଇଥିଲେ । ଏହି ସମୟରେ ମହାପ୍ରଭୁଙ୍କୁ ଚାପ ଦ୍ୱାରା ଚଢ଼େଇଗୁହା ପର୍ବତକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରତାପରୁଦ୍ର ଦେବଙ୍କ ପରେ ଓଡ଼ିଆ ସାମ୍ରାଜ୍ୟ ଦୁର୍ବଳ ହୋଇଗଲା । ରାଜପ୍ରାସାଦ ଭିତରେ ବିଦ୍ରୋହ, ବିଶ୍ୱାସ ଘାତକତା ଓ ଗୁପ୍ତହତ୍ୟା ଦ୍ୱାରା ଓଡ଼ିଶା ଶାସନରେ ଏକ ଅନ୍ଧକାରମୟ ଯୁଗ ଆରମ୍ଭ ହୋଇ ଯାଇଥିଲା ।

୧୫୬୮ ମସିହା ଓଡ଼ିଶା ପାଇଁ ଏକ ଦୁଃଖଦ ବର୍ଷ । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଗୌଡ଼ ବାଦ୍‌ସାହା ସୁଲେମାନ କିରାଣୀଙ୍କୁ ପ୍ରତିହତ କରିବା ପାଇଁ ଗଙ୍ଗାକୂଳରେ ଛାଉଣୀ ପକାଇଥିଲେ । ସେଠାରେ ତାଙ୍କ ସହିତ ଯୁଦ୍ଧରେ ବ୍ୟାପୃତ ରହିଲେ । ଠିକ୍ ଏତିକିବେଳେ ପଶ୍ଚିମରୁ ସୁଲେମାନଙ୍କ ସେନାପତି କଳାପାହାଡ଼ କଟକ ଆକ୍ରମଣ କଲା । ବହୁ ଦେବାଦେବୀ ମନ୍ଦିରକୁ ଭଗ୍ନ କରି ଶ୍ରୀକ୍ଷେତ୍ରରେ ପହଂଚିଲା । ମୁକୁନ୍ଦଦେବଙ୍କ ଶତ୍ରୁମାନେ କଳାପାହାଡ଼ଙ୍କୁ ସମର୍ଥନ ଦେଲେ । ସହରର ସ୍ତ୍ରୀଲୋକମାନେ ବିଭିନ୍ନ ଅଳଙ୍କାରରେ ଭୂଷିତ ହୋଇ ଶ୍ରୀମନ୍ଦିରରେ ଲୁଚି ରହିଲେ । ସେମାନେ ଭାବିଲେ ଆମ ଠାକୁର ଆମକୁ



ସୁରକ୍ଷା ଦେବେ । ହେଲେ ଆକ୍ରମଣକାରୀମାନେ ଦେଉଳ ଭିତରେ ପଶି ତାଙ୍କୁ ବନ୍ଦୀ କଲେ । ଆଫଗାନ୍ ସୈନ୍ୟମାନେ ମନ୍ଦିରରୁ ବିଭିନ୍ନ ସୁବର୍ଣ୍ଣ ପ୍ରତିମା ଓ ସୁନା ରୂପା ଧରି ପ୍ରତ୍ୟାଗମନ କଲେ । ଖୋଜି ଖୋଜି ସେମାନେ ଚତୁର୍ଦ୍ଧା ମୂର୍ତ୍ତିକୁ ପାଇଲେ ନାହିଁ । କଳାପାହାଡ଼ ଶ୍ରୀମନ୍ଦିରରେ ପହଞ୍ଚିବା ପୂର୍ବରୁ ପରିଚ୍ଛା ଦିବ୍ୟସିଂହ ପଟ୍ଟନାୟକ ଠାକୁରମାନଙ୍କୁ ନେଇ ଚିଲିକା ହ୍ରଦର ହାତୀପଦ ଦ୍ୱୀପରେ ଗୋପନରେ  ଆଶ୍ରୟ ଦେଇଥିଲେ । ଏଣେ ମୁକୁନ୍ଦଦେବ ପରାଜିତ ଓ ନିହତ ହେବାରୁ ଓଡ଼ିଶା ସବୁଦିନ ପାଇଁ ସ୍ୱାଧୀନତା ହରାଇଲା । କୌଣସି ସୂତ୍ରରୁ କଳାପାହାଡ଼ ଖବର ନେଇ ଚିଲିକା ପାଖରେ ବିଗ୍ରହ ଗୁଡ଼ିକୁ ଠାବ କଲା ଏବଂ ହାତୀ ପିଠିରେ ଲଦି ପଶ୍ଚିମବଙ୍ଗର ଗଙ୍ଗାନଦୀ କୂଳ ପର୍ଯ୍ୟନ୍ତ ନେଇଗଲା । ସେଠାରେ ବିଗ୍ରହମାନଙ୍କୁ ନିଆଁରେ ପୋଡ଼ିଦେବା ପାଇଁ ଅପଚେଷ୍ଟା କଲା । ଦୈବୀ ବଶରୁ କଳାପାହାଡ଼ର ଦେହ ଖଣ୍ଡଖଣ୍ଡ ହୋଇ ଫାଟି ଯିବାରୁ ନିଆଁରୁ କାଢ଼ି ଦିଅଁମାନଙ୍କୁ ପାଣିରେ ପକାଇ ଦେଲା । ଜଣାଯାଏ ସମସ୍ତ ଲୁଣ୍ଠନକାରୀମାନେ ଅକାଳରେ ମୃତ୍ୟୁବରଣ କରିଥିଲେ । ଉମାରାଓ ବୋଲି ଜନୈକ ବ୍ୟକ୍ତି ଦିଅଁମାନଙ୍କୁ ଜାଳେଣି କାଠ ବୋଲି ଭାବି ତାକୁ ନିଜ ବାଡ଼ିରେ ଲୁଚାଇ ରଖିଲା । ବିଶର ମହାନ୍ତି ବୋଲି ଜନୈକ ବୈଷ୍ଣବ ଭକ୍ତ କଳାପାହାଡ଼ଙ୍କୁ ଅନୁସରଣ କରି ଦୀର୍ଘ ଆଠମାସ ପରେ ଉମାରାଓଙ୍କ ଠାରୁ ପୋଡ଼ାବିଗ୍ରାହମାନଙ୍କ ଭିତରେ ଥିବା ବ୍ରହ୍ମକୁ ଉଦ୍ଧାର କରିବାରେ ସଫଳ ହୋଇଥିଲା । ଗୋଟିଏ ମୃଦଙ୍ଗ ଖୋ ଭିତରେ ସେ ବ୍ରହ୍ମକୁ ଲୁଚାଇ କୁଜଙ୍ଗ ରାଜ୍ୟର ରାଜାଙ୍କୁ ପ୍ରଦାନ କରିଥିଲା । ଦୀର୍ଘ ଆଠବର୍ଷ ଧରି ବ୍ରହ୍ମ କୁଜଙ୍ଗଗଡ଼ ଠାରେ ପୂଜିତ ହେଲେ । ମାଦଳାପାଂଜି ଅନୁସାରେ ଗଜପତି ରାଜା ରାମଚନ୍ଦ୍ର ଦେବ ତାଙ୍କର ନବମ ଅଙ୍କ ଅର୍ଥାତ୍ ୧୫୭୩-୭୪ ମସିହାରେ କୁଜଙ୍ଗ ଗଡ଼ରୁ ବ୍ରହ୍ମକୁ ଆଣି ଖୋର୍ଦ୍ଧା ଠାରେ ସ୍ଥାପିତ କଲେ ଅନୁକୂଳ ପରିସ୍ଥିତି ଦେଖି ରାଜା ରାମଚନ୍ଦ୍ର ଦେବ ୧୫୭୫ ମସିହା ଜୁଲାଇ ୧୭ ତାରିଖରେ ନବକଳେବର ଉତ୍ସବ କରି ମୂର୍ତ୍ତି ଗଢ଼ାଇ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରେ ଅବସ୍ଥାପିତ କଲେ । ତେଣୁ ତାଙ୍କୁ ଦ୍ୱିତୀ ଇନ୍ଦ୍ରଦ୍ୟୁମ୍ନ ବୋଲି କୁହାଯାଏ ।

୧୬୦୧ ମସିହାରେ ମିର୍ଜା ଖୁରୁମ୍ ପୁରୀ ଆକ୍ରମଣ କରିଥିଲେ । ସେବକମାନେ ଆକ୍ରମଣର ସୁରାକ୍ ପାଇ ତା' ପୂର୍ବରୁ ବିଗ୍ରହ ଗୁଡ଼ିକୁ ପୁରୀ ଠାରୁ  ୮-୧୦ କିଲୋମିଟର ଦୂରରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜନ୍ମଭୂମି କପିଳେଶ୍ୱରପୁର ବ୍ରାହ୍ମଣ ଶାସନକୁ ସ୍ଥାନାନ୍ତରିତ କରିଥିଲେ ।

ଆକବର ଓ ରାମଚନ୍ଦ୍ରଦେବଙ୍କ ମୃତ୍ୟୁ ପରେ ୧୬୦୭ ମସିହାରେ ଓଡ଼ିଶା ଏକ ସୁବା ହେଲା । ଏହାପରେ ସମୁଦ୍ର ଲହାରୀ  ପରି ମୁସଲମାନ ରାଜାମାନେ ବାରମ୍ବାର ଶ୍ରୀମନ୍ଦିର ଆକ୍ରମଣ କଲେ । ୧୬୦୭ ମସିହାରେ ହାସିମ୍ ଖାଁ ପୁରୀ ଏବଂ ଶ୍ରୀମନ୍ଦିରକୁ ଆକ୍ରମଣ କରିବା ସମୟରେ ସେବକମାନେ ବିଗ୍ରହମାନଙ୍କୁ ଖୋର୍ଦ୍ଧାଗଡ଼ସ୍ଥ ଗୋପାଳ ମନ୍ଦିରରେ ଲୁଚାଇ ରଖିଥିଲେ । ୧୯୧୦ ମସିହାରେ ପୁରୁଷୋତ୍ତମ ଦେବ ପୁଣିଥରେ ବିଗ୍ରହମାନଙ୍କୁ ଶ୍ରୀମନ୍ଦିର ଆଣି ପ୍ରତିଷ୍ଠା କରାଇଥିଲେ ।

୧୬୧୦ ମସିହା, ରଥଯାତ୍ରା ସମୟରେ କେଶୋଦାସ ମାରୁ ନାମରେ ଜଣେ ହିନ୍ଦୁ ଜାଗିର୍ ଦାର ମୋଗଲ ଦରବାରରେ ନିଜର ପତିଆରା ପ୍ରତିଷ୍ଠିତ କରିବା ପାଇଁ ପୁରୀ ଆକ୍ରମଣ କରିଥିଲେ । ସେତେବେଳେ ଚତୁର୍ଦ୍ଧା ମୂର୍ତ୍ତି ଗୁଣ୍ଡିଚା ମନ୍ଦିରରେ ଦୀର୍ଘ ଆଠ ମାସ ଧରି କରିଥିଲେ ଅବସ୍ଥାନ । ରଥଗୁଡ଼ିକୁ ଆକ୍ରମଣକାରୀ ପୋଡ଼ି ଦେଇଥିବାରୁ ବିଗ୍ରହମାନେ ଚଉଠୋଳାରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଆକ୍ରମଣକାରୀ ବିଗ୍ରହମାନଙ୍କୁ ଖୋଜିଖୋଜି ପାଇ ନଥିଲେ ।

ସେହିପରି ଜାହାଙ୍ଗୀରଙ୍କ ଶାସନ କାଳରେ ପୁରୀ ମନ୍ଦିର ଯବନ ସୈନ୍ୟମାନଙ୍କ ଦ୍ୱାରା ବାରମ୍ବାର ଆତଙ୍କିତ ହୋଇଥିଲା । ୧୬୧୧ ଖ୍ରୀଷ୍ଟାବ୍ଦରେ କଲ୍ୟାଣମୟ ବାଦସାହାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶ୍ରୀମନ୍ଦିର ଆକ୍ରମଣ କଲେ । ଏହି ଆକ୍ରମଣର ଠିକ୍ ପୂର୍ବରୁ ଗୁପ୍ତଚର ଠାରୁ ସମ୍ବାଦ ପାଇ ସେବକମାନେ ତିନିବିଗ୍ରହଙ୍କୁ ଚିଲିକା ମଧ୍ୟସ୍ଥ ମହିଷାନାସି ପାହାଡ଼ ଉପରକୁ ଚାପ ଦ୍ୱାରା ସ୍ଥାନାନ୍ତରିତ କରିଥିଲେ । ବିଗ୍ରହମାନେ ୧୬୧୧ ମସିହା ପର୍ଯ୍ୟନ୍ତ ସେଠାରେ ଦେହଛଣା ଦେଇ ରହିଥିଲେ । ୧୬୧୧ରେ ପୁଣି  କଲ୍ୟାଣମଲ୍ଲ ପୁରୀ ଆକ୍ରମଣ କରେ । ସେତେବେଳେ ସେବକମାନେ ଭଲରେ ତିନିବିଗ୍ରହକୁ ପ୍ରଥମେ ଗୁରୁବାର ଓ ପରେ ବାଣପୁରକୁ ଚାପ ଦ୍ୱାରା କରିଥିଲେ ସ୍ଥାନାନ୍ତରିତ ।

୧୬୧୭ ମସିହାରେ ମକ୍ରମଖାନ ପୁରୀର ଶ୍ରୀମନ୍ଦିରକୁ ଆକ୍ରମଣ କରିବାକୁ ଆସୁଥିଲେ । ସେ ସାକ୍ଷୀଗୋପାଳ ଠାରେ ପହଞ୍ଚିବାର ଖବର ପାଇ ସେବକମାନେ ତିନି ବିଗ୍ରହକୁ ଚାପରେ ଗବ ପଦର ଠାରେ ଲୁଚାଇ ରଖିଥିଲେ ।

ସେହିପରି ୧୬୨୧ରେ ପୁଣି ମୋଗଲ ସେନାପତି ଅହମ୍ମଦ ବେଶ୍ ପୁରୀ ଆକ୍ରମଣ କରିଥିଲେ ।  ତାଙ୍କ ଭୟରେ ସେବକମାନେ ଦିଅଁମାନଙ୍କ ଠାରୁ ବ୍ରହ୍ମ ବାହାର କରି ବାଣପୁର ନିକଟସ୍ଥ ଅମ୍ବରୀ ମହିମା ଜଙ୍ଗଲରେ ଲୁଚାଇ ରଖିଥିଲେ । ତାହା ଥିଲା ମୋଗଲ ସମ୍ରାଟ ସାହାଜାହାନଙ୍କ ରାଜସ୍ୱର ସମୟ । ୧୬୨୪ରେ ତିନି ବିଗ୍ରହମାନଙ୍କୁ ପୁଣି ନବ କଳେଜର କରା ଯାଇଥିଲା । ମାଦଳାପାଂଜି ଅନୁଯାୟୀ ବିଗ୍ରହମାନଙ୍କୁ ମାଣିତ୍ରୀଗଡ଼କୁ ସ୍ଥାନାନ୍ତରିତ କରାଗଲା । କାରଣ



ସେଠାରେ ପୂର୍ବରୁ ଗଜପତି ମହାରାଜା ଅବସ୍ଥାନ କରୁଥିଲେ । ରାଜାଙ୍କର ଅନୁପସ୍ଥିତି ଯୋଗୁଁ ଅହମ୍ମଦ ବେଶ୍ ବିନା ପ୍ରତିରୋଧରେ ପୁରୀରେ ପ୍ରବେଶ କରି ପାରିଥିଲେ ।

୧୬୬୯ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀର ମୋଗଲ ସମ୍ରାଟ ଆଉରଙ୍ଗଜେବ୍ ସମସ୍ତ ପ୍ରାଦେଶିକ ଶାସକମାନଙ୍କୁ ହିନ୍ଦୁ ବିଦ୍ୟାଳୟ ଓ ଧର୍ମାଳୟମାନଙ୍କୁ ଧ୍ୱଂସ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୧୬୯୮ ମସିହାରେ ଏକରାମ୍ ଖାନ୍ ପୁରୀ ଆକ୍ରମଣ କରିଥିଲେ । ଆକ୍ରମଣର ଖବର ପାଇ ସେବକମାନଙ୍କ ଦ୍ୱାରା ପ୍ରଥମ ଜଗନ୍ନାଥଙ୍କୁ ଓ ପରେ ପରେ ବଳଭଦ୍ର, ସୁଭଦ୍ରା ବିଗ୍ରହଙ୍କୁ ଭାର୍ଗବୀ ନଦୀ କୂଳସ୍ଥ କୋକଡ଼ା ଗଡ଼କୁ ନିଆଯାଇ ଲୁଚାଇ ରଖା ଯାଇଥିଲା । ପୁଣି ସେଠାରୁ ତିନି ବିଗ୍ରହକୁ ପ୍ରଥମେ ବାଣପୁର ନିକଟସ୍ଥ ବଙ୍କାଡ଼ଗଡ଼ ଓ ପରେ ନିକଟସ୍ଥ ନୀଳାଦ୍ରି ପ୍ରସାଦକୁ ସ୍ଥାନାନ୍ତରିତ କରା ଯାଇଥିଲା । ସେଠାରେ ଯେଉଁ ସ୍ଥାନରେ ଦିଅଁ ପୂଜା ପାଇଥିଲେ ସେ ସ୍ଥାନ ଏବେ ବି ଚାରଣ ଛବିଦେବ ଭାବରେ ପୂଜା ପାଉଛନ୍ତି । ସେଠାରେ କିଛିଦିନ ମହାପ୍ରଭୁ ସେଠାରେ ଅପୂଜା ରହିଥିବାର ଜଣାଯାଏ । ୧୭୦୭ ମସିହାରେ ବିଗ୍ରହମାନଙ୍କୁ ଅଣାଯାଇ ଶ୍ରୀମନ୍ଦିରରେ ପୁନଃ ପ୍ରତିଷ୍ଠା କରା ଯାଇଥିଲା ।

ମହମ୍ମଦ ତକିଖାଁ ୧୭୧୭ରୁ ୧୭୩୪ ପର୍ଯ୍ୟନ୍ତ ଓଡ଼ିଶାର ସୁବାଦାର ଥିଲେ । ତାଙ୍କରି ଏହି ୧୭ବର୍ଷର ଶାସନ କାଳ ମଧ୍ୟରେ ସେ ଚାରିଥର ପୁରୀ ଆକ୍ରମଣ କରିଥିଲେ । ପ୍ରତ୍ୟେକଥର ସେବକମାନଙ୍କ ଚତୁରତା ଦ୍ୱାରା ବାହାରକୁ ସ୍ଥାନାନ୍ତରିତ ହୋଇ ନିରାପଦରେ ରହିଥିଲେ । ଏହି ସମୟରେ ତିନି ବିଗ୍ରହ ହରିସ୍ୱର, ଚିଲିକା, ରୁମାଗଡ଼ ଏବଂ ଶେଷରେ କୋଦଳା ନିକଟସ୍ଥ ମାର୍ଦା ଠାରେ ଅବସ୍ଥାନ କରିଥିଲେ । ମାର୍ଦା ଠାରେ ବିଗ୍ରହମାନେ ୧୭୩୩ରୁ ୧୭୩୬ ପର୍ଯ୍ୟନ୍ତ ସ୍ଥାପିତ ହୋଇ ରହିଥିଲେ । ସେଠାରେ ଖଲ୍ଲିକୋଟ ରାଜ୍ୟ ଏକ ସୁନ୍ଦର ମନ୍ଦିର ନିର୍ମାଣ ପୂର୍ବକ ବିଗ୍ରହମାନଙ୍କର ପୂଜାବିଧିର ବ୍ୟବସ୍ଥା କରିଥିଲେ । ବିଗ୍ରହମାନଙ୍କର ପ୍ରତ୍ୟାବର୍ତ୍ତନ ପରେ ସେଠାରେ ମନ୍ଦିର ରହିଛି ହେଲେ ଦିଅଁ ନଥିବାରୁ ପୂଜା ବ୍ୟବସ୍ଥା ନାଇଁ ପରେ ନୂତନ ଦିଅଁଙ୍କୁ ଆଣି ପୂଜା ଚାଲିଛି । ଦୀର୍ଘଦିନ ପର୍ଯ୍ୟନ୍ତ ବିଗ୍ରହମାନେ ପୁରୀରେ ନଥିବାରୁ ମୋଗଲମାନେ ନଅଲକ୍ଷ ଟଙ୍କା ଯାତ୍ରୀକର ହରାଇଥିଲେ, ଫଳରେ ସେମାନଙ୍କ ପରାମର୍ଶରେ ବିଗ୍ରହମାନେ ପ୍ରତ୍ୟାବର୍ତ୍ତନ କରି ପ୍ରତିଷ୍ଠା ହୋଇଥିଲେ । ଏହା ପର ଠାରୁ ଶ୍ରୀଜଗନ୍ନାଥଙ୍କ ଉପରେ ବିପତ୍ତି ପଡ଼ିନାହିଁ । ଏହି ଛୁପାଛୁପି ଖେଳର ଅନ୍ତ ଘଟିଲା ।

ମୁସଲମାନ ମାନେ ବହୁ ହିନ୍ଦୁ ମନ୍ଦିର ଭାଙ୍ଗିଦେଇ ତା' ସ୍ଥାନରେ ମସ୍‌ଜିଦ୍ ଗଢ଼ାଇ ହିନ୍ଦୁଧର୍ମ ଉପରେ କୁଠାରାଘାତ କରିଥିଲେ ମଧ୍ୟ ଶ୍ରୀମନ୍ଦିର ବହୁ ଘାତ ପ୍ରତିଘାତ ସତ୍ତ୍ୱେ ଦଣ୍ଡାୟମାନ ହୋଇ ଶାନ୍ତିମୈତ୍ରୀ ଓ ପ୍ରୀତିର ଗାଥା ଗାଇ ଚାଲିଛି । ଏହା ହେଉଛି ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରର ଗରିମା ଓ ମହତ୍ୱ ।

ଏହାପରେ ଆସିଲା ମରହଟ୍ଟା ମାନଙ୍କର ଶାସନକାଳ । ବର୍ଗୀମାନଙ୍କ ଭୟରେ ରାଜା ବୀର କିଶୋର ଦେବ ଭୟଭୀତ ହେବାରୁ ଦେବାନ ବାହାଦୂର ଖାଁ ୧୭୫୨ ମସିହାରେ ଏକ ଆଶ୍ୱସ୍ତି ମୂଳକ ଏକ ଆଶ୍ୱସ୍ତି ମୂଳକ ପତ୍ର ଲେଖି ଜଣାଇଥିଲେ କି ଶ୍ରୀମନ୍ଦିର ଉପରେ ପୁନର୍ବାର ଆକ୍ରମଣ ହେବ ନାହିଁ । ଫଳରେ ମନ୍ଦିରରେ ସେହି ସମୟରେ ବହୁ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲା ।

୧୮୦୩ ମସିହାରେ ଇଂରେଜମାନେ ବାରବାଟୀ ଦୁର୍ଗ ଓ ଓଡ଼ିଶା ଅଧିକାର କଲେ । ଲର୍ଡ଼ ୱେଲସେଲିଙ୍କ ବ୍ୟକ୍ତିଗତ ସଚିବ କର୍ଣ୍ଣେଲ ହାଇକୋର୍ଟ ଚତୁରତାର ସହିତ ଶ୍ରୀମନ୍ଦିରର ପୂଜକ ଓ ସେବାୟତ ଗୋଷ୍ଠୀଙ୍କୁ ୱେଲ୍‌ସେଲିଙ୍କ ଚିଠିଟିଏ ଦେଇ ଇଂରେଜମାନଙ୍କ ଅଧୀନରେ ଜଗନ୍ନାଥ ମନ୍ଦିର ସୁରକ୍ଷିତ ରହିପାରିବ ବୋଲି ସମ୍ମତି ତାଙ୍କ ଠାରୁ ଆଣିଥିଲେ । ଏହି କଥାକୁ ସମଗ୍ର ଓଡ଼ିଶାରେ ମଧ୍ୟ ପ୍ରଚାର କରି ଦିଆ ଯାଇଥିଲା । ତେଣୁ ଧାର୍ମିକ ବିଦ୍ରୋହ ହେଲା ନାହିଁ ।

ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ବାରମ୍ବାର ବିଦେଶୀ ଶତ୍ରୁମାନଙ୍କ ଦ୍ୱାରା ଆକ୍ରମଣର ଶୀକାର ହୋଇଥିଲେ ମଧ୍ୟ ସଂପୂର୍ଣ୍ଣ ଲୁଣ୍ଠିତ ହୋଇନାହିଁ କିମ୍ବା ଧ୍ୱଂସ ପାଇନାହିଁ । ଅନେକ ଲୁଣ୍ଠନକାରୀ ଆସିଲା ବେଳେ କିମ୍ବା ଲୁଣ୍ଠନ କରି ଫେରିବା ବେଳେ ମୃତ୍ୟୁବରଣ କରିଛନ୍ତି । ହିନ୍ଦୁ ବିଶ୍ୱାସ ମତରେ ଦେବାଦେବୀମାନେ ନିଜ ଶକ୍ତିରେ ସବୁ ଆକ୍ରମଣକୁ ପ୍ରତିହତ କରିଦେବେ । ତେଣୁ ପବନ ଶକ୍ତି ତାଙ୍କୁ ଧ୍ୱଂସ କରି ପାରିବ ନାହିଁ । ଶ୍ରୀଜଗନ୍ନାଥ ତ ବ୍ରହ୍ମାଣ୍ଡର ରକ୍ଷକ, ତାଙ୍କୁ ରକ୍ଷା କରିବ କିଏ ? ତେଣୁ ବିଭିନ୍ନ ସମୟରେ ଦେଖାଯାଏ, ଗଜପତି ରାଜାମାନେ ରାଜଧାନୀ ପରିତ୍ୟାଗ କରି ଅନ୍ୟସ୍ଥାନରେ ଅବସ୍ଥାନ କରୁଥିଲେ । ତେଣୁ ସୁରକ୍ଷା ବ୍ୟବସ୍ଥାର ଅବହେଳା ଯୋଗୁଁ ଲୁଣ୍ଠନକାରୀମାନେ ସହଜରେ ପୁରୀରେ ପହଂଚି ପାରୁଥିଲେ । ଅପର ପକ୍ଷେ ଶ୍ରୀମନ୍ଦିରର ସେବକମାନେ ବୁଦ୍ଧିମତ୍ତା ଦେଖାଇ ବିଗ୍ରହମାନଙ୍କୁ ସ୍ଥାନାନ୍ତରିତ କରି ଉପଯୁକ୍ତ ସ୍ଥାନରେ ଲୁଚାଇ ରଖୁଥିଲେ । ତେଣୁ ବହୁ ଆକ୍ରମଣ ଓ ଲୁଣ୍ଠନ ମଧ୍ୟରେ ବିଗ୍ରହମାନେ ନୂଆ ନୂଆ ସ୍ଥାନକୁ ଯାଇ ଲୁଚକାଳି ଖେଳ ଖେଳୁଥିଲେ । ଭକ୍ତର ଭଗବାନଙ୍କ ଉପରେ ନିଷ୍ଠା ଥିବାବେଳେ ଭଗବାନ ଭକ୍ତମାନଙ୍କ ଉପରେ ଭରସା ରଖିଥିଲେ । ବେଳେବେଳେ ବିଗ୍ରହ ନଷ୍ଟ ହୋଇଛି ସତ ହେଲେ ବ୍ରହ୍ମ ପୁଣି ନୂତନ କଳେବର ଧାରଣ କରିଛି । ମାଆର କ୍ଷୀର ଯେପରି ନିଜ କାମରେ ଲାଗେ ନାହିଁ, କେବଳ ତା' ପିଲା ପାଇଁ ଉପଯୋଗୀ ହୋଇଥାଏ । ଜଗନ୍ନାଥଙ୍କ ସମସ୍ତ ଶକ୍ତ ଓ ସାମର୍ଥ୍ୟ କେବଳ ଜନଗଣଙ୍କର ସମୃଦ୍ଧି ପାଇଁ, ତେଣୁ ସେ ଗଣଦେବତା ।

ସେଥିପାଇଁ 'ନୀଳଶୈଳ' ଉପନ୍ୟାସରେ ସୁରେନ୍ଦ୍ର ମହାନ୍ତି ଲେଖିଥିଲେ- "ଏ କେବଳ ଦେବତାର ନିଷ୍ପ୍ରାଣ ବିଗ୍ରହ ନୁହେଁ, ପ୍ରବଳ ଶତ ଆକ୍ରମଣ, ଦୁର୍ବିନତ ଶତ ଅଧ୍ୟାୟର ଓ ପ୍ରମତ୍ତର ଶତ ତାଡ଼ନା ମଧ୍ୟରେ ଅପରାଜେୟ ମନୁଷ୍ୟର ଅପରାଜେୟ ଆତ୍ମାର ଏ ଯେପରି ମହାନ୍ ବିଗ୍ରହ ।" ଶତ୍ରୁ-ମିତ୍ର, ଭକ୍ତ-ନିନ୍ଦୁକ ବିଭିନ୍ନ ଧର୍ମାବଲମ୍ବୀ ଯିଏ ଯେପରି ଭାବିଛି, ସେ ତାଙ୍କୁ ସେପରି ରୂପରେ ଦେଖିଛି । ତେଣୁ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ:

"ଯେ ଯଥା ମା' ପ୍ରପଦ୍ୟନ୍ତେ
ତା' ସ୍ତଥୈବ ଭଜାମ୍ୟହମ୍ ।"

ଏହା ହିଁ ଜଗନ୍ନାଥ ଚେତନାର ବୈଶିଷ୍ଟ୍ୟ ଏବଂ ବିଶ୍ୱ ଦେବତା କହିବାର ତାତ୍ପର୍ଯ୍ୟ ।


ପ୍ରସଙ୍ଗ-୧୦
ଶକ୍ତିକ୍ଷେତ୍ର ଶ୍ରୀକ୍ଷେତ୍ର

# ଶ୍ରୀମନ୍ଦିରରେ ଦେବୀଉପାସନା

**ଡକ୍ଟର ହେନେରିଟା ମିଶ୍ର**
ଆସିଷ୍ଟାଣ୍ଟ ପ୍ରଫେସର: ଓଡ଼ିଆ, ପିଜି ଡିପାର୍ଟମେଣ୍ଟ
ଅଫ୍ ଓଡ଼ିଆ ଲାଙ୍ଗୁଏଜ୍ ଆଣ୍ଡ୍ ଲିଟେରେଚର, ଏସ୍‌ସିଏସ୍
ଅଟୋନୋମସ୍ କଲେଜ, ପୁରୀ-୭୫୨୦୦୧
ଫୋନ : ୯୭୭୭୬୫୩୭୦୮

ଫଟୋ ସୌଜନ୍ୟ : ଗୁଗୁଲ୍
ମୁଖ୍ୟପୃଷ୍ଠ ଚିତ୍ର : ଲୋପାମୁଦ୍ରା ପରିଡ଼ା

**ପୁରୁଷ ଅପେକ୍ଷା ଶକ୍ତିର ଭୂମିକା ଜଗତରେ ମୁଖ୍ୟ । ଏ ଦୃଷ୍ଟିରୁ ବିଚାର କଲେ ଶୀକ୍ଷେତ୍ର ବା ଐଶ୍ୱର୍ଯ୍ୟର କ୍ଷେତ୍ର ବା ଲକ୍ଷ୍ମୀଙ୍କ କ୍ଷେତ୍ରର ମାହାତ୍ମ୍ୟ ରହିଛି । ଏହି ଶକ୍ତି ଉପାସନା ବା ଦେବୀ – ଉପାସନା, ଶ୍ରୀମନ୍ଦିରରେ ଯଥାମାନ୍ୟରେ ଅନୁଷ୍ଠିତ ହୁଏ । ଏହି ଦେବୀ ବା ଶକ୍ତି ଉପାସନା ସହିତ ଶ୍ରୀମନ୍ଦିରରେ ତନ୍ତାଚାର ଜଡିତ ହୋଇଛି । ଏପରିକି ଶ୍ରୀମନ୍ଦିର ନିକଟସ୍ଥ ସମସ୍ତ ବାହ୍ୟ ବେଢା ଅନ୍ତର୍ଗତ ପରିସରରେ ବିଭିନ୍ନ ଦେବୀଙ୍କର ଉପାସନା ହୋଇ ଆସୁଛି ।**



▲ ଲେଖିକା ଡକ୍ଟର ହେନେରିଟା ମିଶ୍ର

ଶ୍ରୀ ଜଗନ୍ନାଥ ଏକ ଅସୀମ ଅବବୋଧ । ଏକ ବଳିଷ୍ଠ ପ୍ରତ୍ୟୟ । ଓଡ଼ିଆ ଜାତିର ଅସ୍ମିତାର ପ୍ରତିଭୂ ପ୍ରଭୁ ଜଗନ୍ନାଥ । ବିଶ୍ୱ ସଂସ୍କୃତିକୁ ଓଡ଼ିଆଙ୍କ ମହାର୍ଘ୍ୟ ଦାନ ହେଉଛି ତାର ଆରାଧ୍ୟ ଶ୍ରୀଜଗନ୍ନାଥ । ସେ ଅବ୍ୟକ୍ତ, ସେ ଅନାଦି, ସେ ଅନନ୍ତ; ପୁଣି ସେ ଅଣାକାର ସ୍ୱରୂପ । ବିଶେଷକରି ଓଡ଼ିଆ ଜାତିର ପରିଚୟ ତା'ର ଅତି ପ୍ରିୟ ଦେବତା ଶ୍ରୀଜଗନ୍ନାଥ । ସେ ଦାରୁବ୍ରହ୍ମ ସ୍ୱରୂପ । ରହସ୍ୟର ମୂଳାଧାର ଶ୍ରୀ ଜଗନ୍ନାଥ, କେବଳ ଯେ ଓଡିଶାର ଆରାଧ୍ୟ ନୁହନ୍ତି, ବରଂ ସେ ସମଗ୍ର ବିଶ୍ୱର ଠାକୁର,ଏକମାତ୍ର ବିଶ୍ୱାସର ଆଧାର ଅଟନ୍ତି । ବାସ୍ତବତଃ ଶ୍ରୀ ଜଗନ୍ନାଥ ଭାବର ଈଶ୍ୱର,ଦୟାର ସାଗର । ଏହି ଜଗନ୍ନାଥ ହିଁ କାହିଁ କେଉଁ ଅନାଦି ଯୁଗରୁ ଭାରତୀୟ ସଂସ୍କୃତିକୁ ପ୍ରଭାବିତ କରି ଆସିଛନ୍ତି । ଉତ୍କଳର ପରମ ପାବନୀ କ୍ଷେତ୍ର ଭାବରେ ଶ୍ରୀକ୍ଷେତ୍ର, ପ୍ରଭୁ ଜଗନ୍ନାଥଙ୍କର ଲୀଳାସ୍ଥଳୀ । ଯେଉଁ କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ଭାବରେ ସର୍ବତ୍ର ଖ୍ୟାତ । ଭାରତ ବର୍ଷର ଚତୁଃଧାମ ମଧ୍ୟରୁ ଏହି ଶୀକ୍ଷେତ୍ରର ମାହାତ୍ମ୍ୟ ଅପୂର୍ବ । ଏହି କ୍ଷେତ୍ରର ଆତିଥେୟତା, ଅନୁରାଗ, ନିଷ୍କାମ ଆନ୍ତରିକତା, ନିରୁତା ଭାବ, ସେବା-ତ୍ୟାଗ-ତିତିକ୍ଷାର ନିର୍ଝରିଣୀ / ତ୍ରିବେଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିର୍ମଳ ଭାବଟିଏ ଲୋଡ଼ନ୍ତି ପ୍ରଭୁ, ଯାହାକୁ ପାଇବା ଲାଗି ଓହ୍ଲେଇ ଆସନ୍ତି ବଡ଼ଦାଣ୍ଡକୁ । ଯେଉଁଠି ନା' ଅଛି କ୍ଷୁଦ୍ରତା, ନା' ସଂକୀର୍ଣ୍ଣତା । ଶ୍ରୀଜଗନ୍ନାଥ ଏକ ଅନନ୍ୟ ଚେତନା; ଯେଉଁ ଚେତନାରେ ଦୀକ୍ଷିତ ହେଲା ପରେ, ସକଳ ଅହମିକା ଦୂରେଇ ଯାଏ । ମହତୀ ଚିନ୍ତାଧାରାରେ ଆଚ୍ଛନ୍ନ ହୁଏ ସମଗ୍ର ଅସ୍ତିତ୍ୱ । ଏ ହେଉଛି ଶ୍ରୀଜଗନ୍ନାଥ ପ୍ରାଣତା । ମୋଟ ଉପରେ କହିବାକୁ ଗଲେ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରାଣଧର୍ମ ହେଲା ବ୍ୟାପକତା । ଏହି ବ୍ୟାପକ ବୋଧରେ ମନ ଯେତେବେଳେ ପ୍ଲାବିତ ହୁଏ, ବ୍ୟାକୁଳିତ ହୁଏ ସେତେବେଳେ ସସାଗର ଧରା ମନେହୁଏ ଏକ କୁଟୁମ୍ବ ସଦୃଶ । 'ବସୁଧୈବ କୁଟୁମ୍ବକମ' ନ୍ୟାୟରେ ସମସ୍ତେ ଏକ ଏବଂ ଅଭିନ୍ନ ମନେକରିବା ଶ୍ରୀଜଗନ୍ନାଥ ସଂସ୍କୃତିର ବିଶେଷତ୍ୱ ।

ଏ ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର ଏବଂ କ୍ଷେତ୍ରାଧିପତିଙ୍କର ମାହାତ୍ମ୍ୟ ବିଶ୍ୱ ପ୍ରାଣତାରେ ସମନ୍ୱିତ ହୋଇଛି । ଶ୍ରୀ ଜଗନ୍ନାଥ, ହିନ୍ଦୁମାନଙ୍କର ଦେବତା ନୁହନ୍ତି, ବରଂ ସର୍ବଧର୍ମର ଆରାଧ୍ୟ ହୋଇ ପୂଜା ପାଇ ଆସୁଛନ୍ତି । ସେ ଜଣଙ୍କର ଦେବତା ନହୋଇ ଗଣଦେବତା ଭାବରେ ଆଜି ବିଶ୍ୱ ଦରବାରରେ ପରିଚିତ । ବାସ୍ତବିକ ପ୍ରଭୁ ଜଗନ୍ନାଥ ସର୍ବଧର୍ମ ସମ୍ପ୍ରଦାୟର ଆରାଧ୍ୟ । ଯଥା-ନଦୀମାନ ଜଳଧୀରେ ମିଶି ଆପାଣାଗୁଣ ପାସୋରି ଯାଆନ୍ତି,ଠିକ୍ ସେହିପରି ନାନା ମତବାଦ,ଦର୍ଶନ,ଧର୍ମ ଆଦି ପ୍ରଭୁଙ୍କୁ ନିଜର କରିବାକୁ ଯାଇ, ତାଙ୍କ ସରୂପ ମଧ୍ୟରେ ନିଜର ଅସ୍ତିତ୍ୱ ହରେଇ ବସିଚନ୍ତି । ଏ ଦୃଷ୍ଟିରୁ ବିଚାର କଲେ କ୍ଷେତ୍ରରାଜା ଶ୍ରୀକ୍ଷେତ୍ର ଏବଂ କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥ ସର୍ବଧର୍ମ ସମନ୍ୱୟର ପୀଠ ଏବଂ ପୀଠାଧିପତି ଭାବରେ ପ୍ରତିଷ୍ଠିତ ହୋଇ ଆସିଛନ୍ତି । ସର୍ବୋପରି ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ରସ୍ଥିତ ଶ୍ରୀମନ୍ଦିର ବିଭିନ୍ନ ଦେବାଦେବୀଙ୍କର ନିବାସସ୍ଥଳ । ଶ୍ରୀକ୍ଷେତ୍ରରେ ବହୁ ପୁରୁଷଦେବତାଙ୍କର ପ୍ରାଧାନ୍ୟ ଥିଲେ ମଧ୍ୟ ଦେବୀ ବା ଶକ୍ତି ଉପାସନା ପ୍ରତିଟି ରୀତି-ନୀତି ସହ ଜଡିତ ହୋଇଥିବାର ଅନୁମାନ କରାଯାଇଥାଏ । ତେଣୁ, ପୁରୁଷ ଦେବତାଙ୍କ ଅପେକ୍ଷା ନାରୀ ବା ଶକ୍ତିର ପ୍ରଭାବ ସର୍ବତ୍ର ବିଦ୍ୟମାନ । ଯୋଗିନୀତନ୍ତ୍ରରେ କୁହାଯାଇଛି :

"ଶକ୍ତ୍ୟାବିଦା ଶିବେ ସୂକ୍ଷ୍ମେ ନାମ ଧାମ ନ ବିଦ୍ୟତେ ।"

ଅର୍ଥାତ୍: ଶକ୍ତି ବିନା ଶିବ, ଶବ ତୁଲ୍ୟ । ବେଦାନୁସାରେ ପୁରୁଷ ମୁଖ୍ୟ । ତାଙ୍କର ସହସ୍ର ପାଦ, ସହସ୍ର ମୁଖ, ସହସ୍ର ହସ୍ତ । ମାତ୍ର ତନ୍ତାଚାରରେ ଶକ୍ତି ମୁଖ୍ୟ । ଏହି ଶକ୍ତି ଦେବୀ ସ୍ୱରୂପା । ଯାହାଙ୍କ ଶକ୍ତିରେ ପୁରୁଷ ହୁଏ ଶକ୍ତିମାନ । ବଳରାମ ଦାସଙ୍କର ସ୍ୱରଚିତ 'ଲକ୍ଷ୍ମୀପୂରଣ'ରେ ଲକ୍ଷ୍ମୀଛଡ଼ା ଜଗନ୍ନାଥ ଅନାଦୃତ ହେଲେ । ପରିଶେଷରେ ଦେବୀ ଲକ୍ଷ୍ମୀଙ୍କ କୃପାରୁ ପୁନଶ୍ଚ ସମସ୍ତ ଐଶ୍ୱର୍ଯ୍ୟ ଆଦି ଫେରିପାରିଲେ । 'ଦେବୀ ଭାଗବତ'ସ୍ୱୀକାର କରି କୁହେ :

"ରୁଦ୍ରହୀନଂ ବିଷ୍ଣୁ ହୀନଂ ନ ବଦନ୍ତି ଜନ ସ୍ତଥା
ଶକ୍ତି ହୀନଂ ଯଥା ସର୍ବେ ପ୍ରବଦନ୍ତି ନାରାଧମଂ ।"

ଏଥିରୁ ସ୍ପଷ୍ଟ, ପୁରୁଷ ଅପେକ୍ଷା ଶକ୍ତିର ଭୂମିକା ଜଗତରେ ମୁଖ୍ୟ । ଏ ଦୃଷ୍ଟିରୁ ବିଚାର କଲେ ଶୀକ୍ଷେତ୍ର ବା ଐଶ୍ୱର୍ଯ୍ୟର କ୍ଷେତ୍ର ବା ଲକ୍ଷ୍ମୀଙ୍କ କ୍ଷେତ୍ରର ମାହାତ୍ମ୍ୟ ରହିଛି । ଏହି ଶକ୍ତି ଉପାସନା ବା ଦେବୀ –ଉପାସନା, ଶ୍ରୀମନ୍ଦିରରେ ଯଥାମାନ୍ୟରେ ଅନୁଷ୍ଠିତ ହୁଏ । ଏହି ଦେବୀ ବା ଶକ୍ତି ଉପାସନା ସହିତ ଶ୍ରୀମନ୍ଦିରରେ ତନ୍ତାଚାର ଜଡିତ ହୋଇଛି । ଏପରିକି ଶ୍ରୀମନ୍ଦିର ନିକଟସ୍ଥ ସମସ୍ତ ବାହ୍ୟ ବେଢା ଅନ୍ତର୍ଗତ ପରିସରରେ ବିଭିନ୍ନ ଦେବୀଙ୍କର ଉପାସନା ହୋଇ ଆସୁଛି ।

ପୁରୁଷୋତ୍ତମକ୍ଷେତ୍ର ବା ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ସର୍ବତ୍ର ଖ୍ୟାତ । ଏହି ଶ୍ରୀକ୍ଷେତ୍ର ହେଉଛି ମାତା ଲକ୍ଷ୍ମୀଙ୍କର କ୍ଷେତ୍ର । ବୈଦିକ ଯୁଗରୁ ଏହି 'ଶ୍ରୀ' ଅର୍ଥ ସୌଭାଗ୍ୟ ବା ସୌଭାଗ୍ୟମୟୀ ନୁହେଁ ବରଂ ଏହା ସୌନ୍ଦର୍ଯ୍ୟ ବା ଶୋଭାମୟ ଅର୍ଥରେ ବୁଝିବାକୁ ହେବ । 'ଋକ୍‌ବେଦ'ରେ ଏହି 'ଶ୍ରୀ' ଶବ୍ଦର ପ୍ରୟୋଗ

ପ୍ରାୟତଃ ୮୧ ଥର ହୋଇଛି । କେଉଁଠି ବିଶେଷ୍ୟ ତ'କେଉଁଠି ବିଶେଷଣ ଅର୍ଥରେ ଏହା ବୁଝେଇଥାଏ । ଏପରିକି ପାଶ୍ଚାତ୍ୟ ପଣ୍ଡିତ ବା ବିଶେଷଜ୍ଞ 'ମ୍ୟାକ ଡୋନେଲ୍' ଓ କୀଥ୍ ତାଙ୍କର ସଂକଳିତ ବୈଦିକ ସୂଚୀରେ ଏହି 'ଶ୍ରୀ'ଶବ୍ଦକୁ "Symbol of Prosperity" ବୋଲି ଅଭିହିତ କରିଛନ୍ତି ।ଏହି 'ଶ୍ରୀ' ଆଉ କେହି ନୁହନ୍ତି ସ୍ୱୟଂ କ୍ରିୟାଶକ୍ତି । ପ୍ରଭୁ ଜଗନ୍ନାଥଙ୍କର ଶକ୍ତି ସ୍ୱରୂପା । ତେଣୁ ବୈଦିକ ସୂକ୍ତ ଅନୁସାରେ ଏହି ଶ୍ରୀକ୍ଷେତ୍ର ବା ପରମ ପାବନୀ କ୍ଷେତ୍ର, ସମସ୍ତ ଐଶ୍ୱର୍ଯ୍ୟ ଓ ବିଭବର କ୍ଷେତ୍ର ଭାବରେ ପରିଚିତ ହୋଇ ଆସୁଛି ।



ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର ଅତ୍ୟନ୍ତ ପବିତ୍ର କ୍ଷେତ୍ର । ସେଥିପାଇଁ ପ୍ରଭୁ ଜଗନ୍ନାଥ ତାଙ୍କର ନିତ୍ୟ ଆବାସ ସ୍ଥଳ ଭାବରେ ଏଠି ଅଧିଷ୍ଠିତ ହୋଇ ପୂଜା ପାଇ ଆସୁଛନ୍ତି । ପରବର୍ତ୍ତୀ କାଳରେ ଯାହା ପୁଣ୍ୟଭୂମି ବା ବେଦଭୂମି ଭାବରେ ଖ୍ୟାତି ଲାଭ କରିଥିଲା । କିନ୍ତୁ ପ୍ରଥମେ ଏହା ଥିଲା ତନ୍ତ୍ର ସାଧନା ବା ଶାକ୍ତ ପରମ୍ପରା ବା ଶକ୍ତି ଉପାସନାର ପୀଠସ୍ଥଳୀ । ମୂଳତଃ ଶ୍ରୀଜଗନ୍ନାଥ ଆଦିବାସୀ ଦେବତା (Tribal Deity); ତେଣୁ ତାଙ୍କ ପୂଜାର୍ଚ୍ଚନାରେ ଆଦିବାସୀକୃତ ତନ୍ତ୍ର – ମନ୍ତ୍ରର ପ୍ରାଧାନ୍ୟ ଅନୁଭୂତ ହୁଏ । ଏହି ତନ୍ତ୍ର ଯନ୍ତ୍ରାଦି ମାଧ୍ୟମରେ କାହିଁ କେଉଁ ପ୍ରାଗ୍-ଐତିହାସିକ ଯୁଗରୁ ସେତେବେଳେ ବସବାସ କରୁଥିବା ଅଧିବାସୀମାନଙ୍କ ଦ୍ୱାରା ଏହି ତନ୍ତ୍ର ମାର୍ଗ ପୂଜା ପଦ୍ଧତିର ମୁଖ୍ୟ ହୋଇ ଉଠିଥିଲା । ଏହି ପ୍ରଥା ପରମ୍ପରାକୁ ଅଦ୍ୟାବଧି ଶ୍ରୀମନ୍ଦିରରେ ସ୍ୱୀକୃତି ମିଳିଛି । ଏପରିକି ପ୍ରାଗ୍-ଐତିହାସିକ କାଳ ବା ମହେଞ୍ଜୋଦାର ସଭ୍ୟତା ଆଦି ମିଳିତ ହୋଇଥିବା ଗୋଟିଏ ଲକ୍ଷ୍ମୀଚିତ୍ରାଙ୍କ ଛବିକୁ ଆବିଷ୍କାର କରାଯିବାର ଗବେଷକମାନେ ମତବ୍ୟକ୍ତ କରନ୍ତି ।

ଶ୍ରୀକ୍ଷେତ୍ରରେ ବହୁ ପୁରୁଷ ଦେବତା ଥିଲେ ମଧ୍ୟ ଶାକ୍ତ ଉପାସନାର ପ୍ରାଧାନ୍ୟ ବେଶୀ । ତତ୍ତ୍ୱ ଅନୁଯାୟୀ ଶକ୍ତି ବ୍ୟତିରେକ ଇଶ୍ୱର ସ୍ଥିତିହୀନ ସ୍ୱରୂପ । ସେ ଶୂନ୍ୟବ୍ରହ୍ମ ହୋଇ ଥିଲେ ହେଁ, ଶକ୍ତି ବିନା ତାଙ୍କର ଅସ୍ତିତ୍ୱ ନିଷ୍କ୍ରିୟ ଅଟେ । ଏହି ଶକ୍ତି ତାଙ୍କର କ୍ରିୟାଶକ୍ତି । ସମଗ୍ର ବିଶ୍ୱରେ ଏକ ପରମପାବନୀ ତୀର୍ଥସ୍ଥଳୀ ବା ସାଂସ୍କୃତିକ ଭୂମି ରୂପରେ ଓଡିଶା ସୁପରିଚିତ । ଏହି ପବିତ୍ର ଭୂମିରେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଅନେକ ଧର୍ମର ପ୍ଲାବନ ଘଟିଛି । ପଞ୍ଚଦେବତାଙ୍କର ଉପାସନା ପୀଠ ଭାବରେ ଓଡିଶାକୁ ବିବେଚନା କରାଗଲେ ମଧ୍ୟ,ଏହି କ୍ଷେତ୍ର ଏବଂ ଶ୍ରୀମନ୍ଦିରରେ ଶାକ୍ତ ସଂସ୍କୃତିର ପ୍ରଭାବ ପରିଲିକ୍ଷିତ ହୋଇଆସିଛି । ଓଡ଼ିଶାରେ ତନ୍ତ୍ରର ଯେଉଁ ମୁଖ୍ୟ ତିନିଗୋଟି ଧାରା ଶ୍ରୀ ମନ୍ଦିରରେ ଅନୁଭୂତ ହୁଏ,ତାହା ଆଦିବାସୀ ତନ୍ତ୍ର, ବୌଦ୍ଧ ତନ୍ତ୍ର ଏବଂ ହିନ୍ଦୁ ତନ୍ତ୍ର ଭାବରେ ପ୍ରସିଦ୍ଧି ଲାଭ କରିଛି । ଏପରିକି ବେଦ ରଚନାର ବହୁ ପୂର୍ବରୁ ଭାରତ ବର୍ଷରେ ମଧ୍ୟ ତନ୍ତ୍ର ଧାରାର ପ୍ରାଧାନ୍ୟ ରହିଥିବାର ଗବେଷକମାନେ ସ୍ୱୀକାର କରିଛନ୍ତି ।

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଶ୍ରୀଜଗନ୍ନାଥ ଚେତନା ଧର୍ମୀ ପୁସ୍ତକ 'ଶ୍ରୀ ଜଗନ୍ନାଥ ସ୍ୱାମୀ' ଗ୍ରନ୍ଥରେ ସେ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଶାକ୍ତ ତନ୍ତ୍ରର ଭୂମିକାକୁ ସ୍ୱୀକାର କରିବାକୁ ଯାଇ କହିଛନ୍ତି:

"ମୌଳିକ ଆର୍ଯ୍ୟ ମାନଙ୍କର ନିର୍ଗୁଣ ନିରାକାର ଉପାସନା ସଗୁଣ, ସାକାର ଉପାସନାରେ ଭବ୍ୟରୂପ ଧାରଣ କରିବା ପରେ, ବୈଦିକ ବ୍ରାହ୍ମଣ, ଶୈବ, ଶାକ୍ତ, ବୈଷ୍ଣବ, ସୌର, ଗାଣପତ୍ୟ, ନାଗ, ନାଥ, ଶବର,ଜୈନ ଓ ବୌଦ୍ଧ ସକଳ ମତବାଦୀ ତନ୍ତ୍ର ଧାରାକୁ ଆପଣେଇ ନେଇ ନିଜ ନିଜ ମାତ୍ର ବ୍ୟାପକ ପ୍ରସାର ଘଟାଇଥିଲେ ।"

ଏଥିରୁ ସ୍ପଷ୍ଟ ଅନୁମାନ କରିହୁଏ, ବେଦ ବର୍ଣ୍ଣିତ ଦାରୁବ୍ରହ୍ମ ପୁରୁଷୋତ୍ତମ ହିଁ ସୃଷ୍ଟିର ପ୍ରଥମ ସାକାର ଦେବତା । ତାଙ୍କ ଠାରେ ତନ୍ତ୍ରାଚାର ଆରୋପିତ କରାଯାଇ ସର୍ବ ବ୍ୟାପକ ଶକ୍ତିର ଆଧାର ଭାବରେ ନିରାଜନା କରାଯାଇଛି । ଏହି ତନ୍ତ୍ର ଉପାସନାର ଧାରା ବିଶ୍ୱର ସର୍ବପ୍ରାଚୀନ ଗ୍ରନ୍ଥ 'ଋକ୍‌ବେଦ'ରେ ରହିଛି । ଯଥା :

"ଇମେ ଯେ ନର୍ବାଦଂପରଶ୍ଚରନ୍ତି ନ ବ୍ରାହ୍ମଣା ସୋ ,
ନ ସୁତେକ ରାସଃ ।
ତା ଏତେ ବାଚମଭିପଦ୍ୟ ପାପୟସ୍ତିରୀସ୍ତ ତନ୍ତ୍ର
ତନ୍ତ୍ରୋ ତେ ଅପ୍ରଜ୍ଞୟଃ ।" (୧)

କେବଳ ଋକ୍‌ବେଦ ନୁହେଁ ଅଥର୍ବ ବେଦ ଓ ଅନ୍ୟାନ୍ୟ ବ୍ରାହ୍ମଣ ଗ୍ରନ୍ଥ ମାନଙ୍କର ତନ୍ତ୍ରର ଉଲ୍ଲେଖ ରହିଛି । ଏଥିରୁ ସହଜେ ଅନୁମେୟ ବେଦ ବର୍ଣ୍ଣିତ ପୁରୁଷ ସୂକ୍ତରେ ପ୍ରତିପାଦିତ ପୁରୁଷୋତ୍ତମ, ତାନ୍ତ୍ରିକ ବିଚାରରେ ନୀଳାଚଳ ଧାମରେ ସାକାର ବିଗ୍ରହ ଭାବରେ ପୂଜିତ ହେଉଛନ୍ତି । ଶ୍ରୀ ଜଗନ୍ନାଥ ବିଷ୍ଣୁସ୍ୱରୂପ । ଯେଉଁ ବିଷ୍ଣୁଙ୍କ ଉପାସନାରେ ବୈଷ୍ଣବତନ୍ତ୍ରର ପ୍ରଭାବ ଅନୁଭୂତ ହୁଏ । ଏହି ବୈଷ୍ଣବତନ୍ତ୍ର ଅନୁଯାୟୀ ଯେଉଁ ବୈଦିକ ମଞ୍ଜି ପ୍ରକ୍ରିୟାରେ ମହାଦାରୁରୁ କ୍ରମେ ଚତୁର୍ଦ୍ଧାବିଗ୍ରହଙ୍କ ନିର୍ମାଣ କରାଯାଇଥିଲା ଏବଂ ଶ୍ରୀବତ୍ସ ଖଣ୍ଡଶାଳ ରୀତିରେ ମର୍ତ୍ତ୍ୟ ବୈକୁଣ୍ଠର ନୀଳାଚଳରେ ପ୍ରଭୁମାନଙ୍କର ବୈଷ୍ଣବତନ୍ତ୍ର ବିଧିରେ ପୂଜାର୍ଚ୍ଚନାର ଉନ୍ମେଷ ଘଟିଥିଲା । ଏହି ଦାରୁବ୍ରହ୍ମ, ପୁରୁଷୋତ୍ତମ ତତ୍ ପରଠାରୁ ତନ୍ତ୍ରାଚାର ଅନୁସାରେ ପୂଜା ଗ୍ରହଣ କଲେ । ଶ୍ରୀଜଗନ୍ନାଥ ସାକ୍ଷାତ ଭୈରବ ସ୍ୱରୂପ । ଉତ୍କଳପୀଠର ଆରାଧ୍ୟ ସ୍ୱୟଂ କ୍ରିୟାଶକ୍ତି ଭାବରେ ପୂଜିତ । ଯଥା :

"ଉତ୍କଳେ ନାଭିଦେଶଂ ତୁ ବିରଜା କ୍ଷେତ୍ର ସୂଚ୍ୟତେ
ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ ।"

ସମଗ୍ର ବିଶ୍ୱରେ ଏକ ପରମ ପାବନ କ୍ଷେତ୍ର ଭାବରେ ଶ୍ରୀକ୍ଷେତ୍ର ପ୍ରସିଦ୍ଧ । ଏହି କ୍ଷେତ୍ର ନାନାଦି ତତ୍ତ୍ୱ, ଧର୍ମ, ଦର୍ଶନର ତ୍ରିବେଣୀରେ ପୁଷ୍କଳ । ଯେଉଁ ତତ୍ତ୍ୱ, ଧର୍ମ ଓ ଦର୍ଶନର ସମନ୍ୱିତ ତଥା ସାକାର ପରିକଳ୍ପନା ହେଉଛନ୍ତି ଏହି କ୍ଷେତ୍ରର ଅଧିପତି । ଯେଉଁ କ୍ଷେତ୍ରାଧିପତି,ଶକ୍ତିର ପରମ ଉତ୍ସ ହେଲେ ମଧ୍ୟ ଆଦିଶକ୍ତି ଦ୍ୱାରା ନିୟନ୍ତ୍ରଣାଧୀନ । ଯେଉଁ ଶକ୍ତି ତାଙ୍କର କ୍ରିୟାଶୀଳ ହେବା ଅନ୍ତରାଳରେ କାର୍ଯ୍ୟ କରିଥାଏ । ଯାହା ଶ୍ରୀଜଗନ୍ନାଥଙ୍କ କ୍ରିୟାଶକ୍ତି ଭାବରେ ତନ୍ତ୍ରାଦି ଉପଚାରରେ ଆରାଧିତ ହୋଇ ଆସୁଛନ୍ତି । ଯଦିଓ ପ୍ରଭୁ ଜଗନ୍ନାଥ, ଆଦିବାସୀ ଦେବତା, ତାଙ୍କ ଉପାସନାରେ ଆଦିବାସୀ ତନ୍ତ୍ରର ବ୍ୟାପକ ପ୍ରଭାବ ପଡି ଆସିଛି । ଖ୍ରୀଷ୍ଟିୟ ୭ମ/୮ମ ଶତାବ୍ଦୀର ଯେତେବେଳେ ଏହି ଉଡ୍ରଦେଶରେ ବୌଦ୍ଧ ଧର୍ମର ପ୍ରାବଲ୍ୟ ଥିଲା । ସେତେବେଳେ ଏହି ବୌଦ୍ଧ ସଂସ୍କୃତିରେ ତନ୍ତ୍ରାଚାରର ବିଧି ପ୍ରଚଳିତ ଥିଲା । ପରବର୍ତ୍ତୀସମୟରେ ତାହା କ୍ରମେ ବଜ୍ରଯାନ ଓ ସହଜଯାନ ନାମକ ଦୁଇ ଶାଖାରେ ବିଭକ୍ତ ହୋଇଥିଲା । ଫଳରେ କ୍ରମଶଃ ହିନ୍ଦୁ ଧର୍ମ ମଧ୍ୟ ଗ୍ରହଣ କରି ନେଇଥିଲା । ଏହି ହିନ୍ଦୁ ତନ୍ତ୍ର କ୍ରମେ ଓଡ଼ିଶାର ଆଧ୍ୟାତ୍ମିକ ବଳୟକୁ ସ୍ପର୍ଶ କରିଥିଲା । ଯେହେତୁ ଓଡ଼ିଶାର ଆରାଧ୍ୟ ପ୍ରଭୁ ଜଗନ୍ନାଥ ତାଙ୍କ କ୍ଷେତ୍ର ଓ ଶ୍ରୀମନ୍ଦିରର ବିଧି ବିଧାନରେ ଏହି ତନ୍ତ୍ରାଚାର ପ୍ରଭାବ ଅନୁଭୂତ ହେଲା ।

ଏପରିକି ତାନ୍ତ୍ରିକ ବୌଦ୍ଧିକମାନଙ୍କର ମୁଖ୍ୟ ପୀଠ ଭାବେ ଉଡୀୟାନ ପୀଠ ବିଶେଷ ଭାବରେ ସହାୟକ ହୋଇଥିଲା । ଏପରିକି ରୁଦ୍ରଯାମଳ, କୁଳାର୍ଣ୍ଣବ ତନ୍ତ୍ର, ଜ୍ଞାନାର୍ଣ୍ଣବତନ୍ତ୍ର, ଗୌରି ତନ୍ତ୍ର ଓ ସାଧନା ମାଳା, ତନ୍ତ୍ରଯାମଳ, କାଳିକାପୁରାଣ, ଦେବୀସପ୍ତଶତୀ ଆଦି ଗ୍ରନ୍ଥରେ ଶ୍ରୀକ୍ଷେତ୍ର ଏବଂ ଉତ୍କଳର ତନ୍ତ୍ର ପ୍ରଭାବ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । 'କାଳିକା ପୁରାଣ'(୬୪ /୪୪)ରେ

ଉକ୍ତ ଉଡ୍ରପୀଠଟି ଓଡ୍ରାକ୍ଷୟଂ ରୂପେ ପ୍ରତିପାଦିତ ହେବା ସଂଗେ ସଂଗେ ତନ୍ତ୍ରାଚାରର ସ୍ୱୀକୃତି ପ୍ରଦାନ କରିଛି । ଯଥା: "ଓଡ୍ରାଖ୍ୟଂପ୍ରଥମ ପୀଠଂ ଦ୍ୱିତୀୟଂଜାଳ ଶୈଳକମ୍ / ତୃତୀୟଂ ପୂର୍ଣ୍ଣପୀଠନ୍ତୁ କାମରୂପଂ ଚତୁର୍ଥ କମ୍ ।"

ଏପରିକି ମହାଭୈରବ ଭାବରେ ପୂଜିତ ଶ୍ରୀକ୍ଷେତ୍ରର ଅଧିଶ୍ୱର ଶ୍ରୀଜଗନ୍ନାଥଙ୍କୁ ଶୈବତନ୍ତ୍ରର ସାଧକମାନେ ତନ୍ତ୍ର ଧାରାରେ ତାଙ୍କ ଠାରେ ତନ୍ତ୍ରର ସରୂପକୁ ଦେଖିଛନ୍ତି । ପ୍ରାଚୀନ ତନ୍ତ୍ର ଶାସ୍ତ୍ର 'ରୁଦ୍ରଯାମଳ'ରେ କୁହାଯାଇଛି –

"ମହାକନ୍ଦବାସୀ ମହାନନ୍ଦବାସୀ
ପୁର ଗ୍ରାମବାସୀ ମହାପୀଠ ଦେଶା
ଜଗନ୍ନାଥ ବକ୍ଷଃ ସ୍ଥଳ ସନ୍ଥିରେଣ୍ୟା
ବୃତାନନ୍ଦ କର୍ତ୍ତା ଶିବାନନ୍ଦ କର୍ତ୍ତୀ ।"(୧୬ )

ଏଥିରୁ ସ୍ପଷ୍ଟ ଭାବରେ ଧରିନେବାକୁ ହେବ, ଭାରତରେ ଏହି ଶାକ୍ତତନ୍ତ୍ରର ଧାରା ପ୍ରାଗ୍ ବୈଦିକ କାଳରୁ ପ୍ରବାହିତ ହୋଇଆସିଛି । ଯାହା କ୍ରମେ ପରବର୍ତ୍ତୀ କାଳରେ ଶକ୍ତି ଉପାସନାକୁ ପ୍ରଚୋଦିତ କରିଛି । ଏହି ଶକ୍ତି ଉପାସନାର ପରମ୍ପରା କ୍ରମେ ୭ମ -୮ମ ଶତକ କାଳରୁ ଉଡ୍ରପୀଠ ଓଡ଼ିଶାରେ ପ୍ରଚଳିତ ହୋଇ ଆସୁଛି । କ୍ରମେ ଏହା ଶାବର ତନ୍ତ୍ର, ଶୈବ ତନ୍ତ୍ର, ବୈଷ୍ଣବ ତନ୍ତ୍ର ଏବଂ ଶାକ୍ତ ତନ୍ତ୍ର ଆଧାରରେ ଶ୍ରୀକ୍ଷେତ୍ରରେ ଅବସ୍ଥିତ ଶ୍ରୀ ମନ୍ଦିରରେ ପ୍ରବେଶ କରି ସାରିଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଶାକ୍ତ ପରମ୍ପରା ଅନୁଯାୟୀ ଶାସ୍ତ୍ରବିତ୍ ମାନେ ତାଙ୍କର ଅତିନ୍ଦ୍ରିୟ ଜ୍ଞାନ ଓ ଅନ୍ତର ଦୃଷ୍ଟିରେ ଆଦ୍ୟାଶକ୍ତି ବା କ୍ରିୟାଶକ୍ତିକୁ ଶ୍ରୀଜଗନ୍ନାଥଙ୍କ ଠାରୁ ଅଭିନ୍ନ ମଣିଲେ । ଏହି ଆଦ୍ୟଶକ୍ତି କ୍ରମେ ସତ୍ତ୍ୱ, ରଜ ଏବଂ ତମ ଗୁଣରେ ଅଭିଷିକ୍ତ ହୋଇ ମହାଲକ୍ଷ୍ମୀ, ବିମଳା ଏବଂ ମହାକାଳୀ ଭାବରେ ଶ୍ରୀମନ୍ଦିରରେ ପୂଜିତା ହେଲେ । ଏହି କ୍ରିୟାଶକ୍ତିତ୍ରୟୀଙ୍କୁ ଅଦ୍ୱୈତ ମାର୍ଗୀମାନେ ସାଧନ ମାର୍ଗ ରୂପେ ବିବେଚନା କଲେ ବୀଜମନ୍ତ୍ରାତ୍ମିକା ପୂଜା ପଦ୍ଧତି ପ୍ରବର୍ତ୍ତନ କରାଇଲେ । ପୁରାଣଶାସ୍ତ୍ର ଅନୁଯାୟୀଦକ୍ଷ ଜଜ୍ଞାନଳରେ ଦଗ୍ଧୀଭୂତ ସତୀଙ୍କର ଶ୍ରୀଅଙ୍ଗର ବିଭିନ୍ନ ଅଂଶବିଶେଷ ଭିନ୍ନ ଭିନ୍ନ ସ୍ଥାନରେ ପତିତ ହୋଇ ଥିବା ସ୍ଥାନ ସମୂହ କ୍ରମେ ଶକ୍ତି ପୀଠର ମାନ୍ୟତା ଲାଭ କରିଥିଲା ଏବଂ ଏହି ପୀଠରେ ଶକ୍ତିଙ୍କ ସୁରକ୍ଷା କବଚ ରୂପେ ଭୈରବ ଓ ଭୈରବୀ ଅଧିଷ୍ଠିତ ହେଲେ ।

ଉଡ୍ଡୀଶତନ୍ତ୍ର ଅନୁସାରେ ଜଗତ ଜନନୀ ସତୀଙ୍କର ଜିହ୍ୱା ଉଡ୍ରପୀଠ ବା ନୀଳାଚଳ ଧାମରେ ପଡିଥିଲା ଏବଂ ମା ବିମଳା ଆଦ୍ୟଶକ୍ତି ଭାବରେ ଏବଂ ପ୍ରଭୁ ଜଗନ୍ନାଥ ମନ୍ଦିରରେ 'କାଳଭୈରବ' ଭାବରେ ପୂଜା ପାଉଛନ୍ତି ।

"ରସନା ଉଡ୍ରଦେଶେ ଚ ବିମଳା ପୁରୁଷୋତ୍ତମ
ତଦୁଚ୍ଛିଷ୍ଟ ମହାପୀଠେ ଜଗନ୍ନାଥାକ୍ଷ ଭୈରବଃ ।"

ସେହିପରି 'କାଳିକାପୁରାଣ'ମଧ୍ୟ ଓଡ୍ରାଖ୍ୟକୁ ପ୍ରଥମ ପୀଠ ଭାବରେ ବର୍ଣ୍ଣନା କରିବାକୁ ଯାଇ କହିଉଠିଛି–

"ଓଡ୍ରପୀଠଂ ପଶ୍ଚିମେତୁ ତଥୈବାଡ୍ରେଶ୍ୱରୀ ଶିବାମ୍
କାତ୍ୟାୟିନୀ ଜଗନ୍ନାଥ ମୋଡେଶଚ ପ୍ରପୁଜୟେତ୍ ।"(୨୦)

ଏଥିରୁ ସ୍ପଷ୍ଟ ଅନୁମେୟ ତନ୍ତ୍ରସାଧକମାନେ ଶ୍ରୀଜଗନ୍ନାଥଙ୍କର ମଧ୍ୟେ ମହାକାଳୀଙ୍କର ସ୍ୱରୂପକୁ ଅବଲୋକନ କରିଛନ୍ତି । ମୂର୍ତ୍ତିତତ୍ତ୍ୱ ଅନୁଯାୟୀ ଶ୍ରୀଜଗନ୍ନାଥ ତନ୍ତ୍ର ସୌନ୍ଦର୍ଯ୍ୟରେ ବିଭୂଷିତ । ନାସାଗ୍ରରେ ନାକଚଣା, ବସଣି, ଓଷ୍ଠ ବା ଅଧରରେ ରଙ୍ଗ ଏବଂ ଚକ୍ଷୁ ଯୁଗଳରେ କଜ୍ଜ୍ୱଳ ପ୍ରାୟେକ ଚିତ୍ରଲେଖା ତାଙ୍କୁ ନାରୀ ସୁଲଭ ଭାବରେ ପ୍ରତିପାଦିତ କରିଥାଏ ତନ୍ତ୍ର ସିଦ୍ଧାନ୍ତ ଅନୁଯାୟୀ ଶ୍ରୀଜଗନ୍ନାଥ ହେଉଛନ୍ତି,ନିର୍ବିକଳ୍ପ ତଥା ସଚ୍ଚିଦାନନ୍ଦ ସ୍ୱରୂପା ମହାମାୟା ଦକ୍ଷିଣକାଳୀ । ଏହି ତନ୍ତ୍ର ସାଧନାରେ ଦଶ ମହାବିଦ୍ୟା ସାଧନ କରିପାରିଲେ,



ଜଣେ ଅଲୌକିକ ସିଦ୍ଧିର ଅଧିକାରୀ ହୋଇଥାଏ । ଏହି ଦଶମହାବିଦ୍ୟାଙ୍କ ମଧ୍ୟରେ ପ୍ରଥମ ହେଉଛନ୍ତି ମହାକାଳୀ ସ୍ୱରୂପା । ଏହି ତନ୍ତ୍ର ସାଧକଙ୍କୁ ମତରେ ରତ୍ନ ସିଂହାସନ ବା ରତ୍ନବେଦୀ ଭୈରବୀଯନ୍ତ୍ର ବା ଭୈରବୀ ଚକ୍ର ଉପରେ ଅବସ୍ଥିତ ଅଟନ୍ତି । ଏହି ଭୈରବୀ ଚକ୍ର ଉପରେ ଆରୂଢ଼ ତାରାଯନ୍ତ୍ରରେ ଶ୍ରୀ ବଳଭଦ୍ର, ଭୁବନେଶ୍ୱରୀ ଯନ୍ତ୍ରରେ ଶ୍ରୀ ସୁଭଦ୍ରା ଏବଂ ଶ୍ୟାମାଯନ୍ତ୍ରରେ ପ୍ରଭୁ ଜଗନ୍ନାଥ ସାକ୍ଷାତ୍ ଦକ୍ଷିଣକାଳିକା ହୋଇ ପୂଜିତ ହେଉଛନ୍ତି ।

"ତାରାଯନ୍ତ୍ର ମହାଶେଷ ସୁଭଦ୍ରା ଭୁବନେଶ୍ୱରୀ
ଶ୍ୟାମାଯନ୍ତ୍ରେ ଜଗନ୍ନାଥଃଦକ୍ଷିଣକାଳିକା ସ୍ୱୟଂ ।"

ମନ୍ତ୍ର ସହିତ ଯନ୍ତ୍ରର ସଂଯୋଗରେ ଭୈରବୀଚକ୍ର ଉପରେ ଶ୍ରୀଜୀଉମାନଙ୍କ ଉପବେଶ ନହିଁ ଶାକ୍ତ ତନ୍ତ୍ରର ପ୍ରଭାବ ସମ୍ପର୍କରେ ଜାଣି ହୁଏ । ଏପରିକି 'କୁଳାର୍ଣ୍ଣବତନ୍ତ୍ର'ରେ ଉଡ୍ଡୀୟାନ ପୀଠର ନାମୋଲ୍ଲେଖ କରାଯିବା ସହିତ ଏହି ପୀଠକୁ ଲକ୍ଷ୍ମୀଙ୍କ ପୀଠ ଭାବରେ ବର୍ଣ୍ଣନା କରାଯାଇଛି । ବ୍ରହ୍ମପୁରାଣ (୪୪ /୭୯ )ରେ ଉଲ୍ଲେଖ ଅଛି :

"ଦଶ ଯୋଜନ ବିସ୍ତୀର୍ଣ୍ଣମ୍ ପଞ୍ଚ ଯୋଜନା ମାୟତନମ୍
ନାନାଷ୍ଟର୍ଯ୍ୟ ସମାଯୁକ୍ତମ୍ କ୍ଷେତ୍ରମ୍ ପରମଦୁର୍ଲଭମ୍ ।"

ବିଭିନ୍ନ ତନ୍ତ୍ର ଗ୍ରନ୍ଥମାନଙ୍କରେ ଏହାକୁ ଉଚ୍ଛିଷ୍ଟ ପୀଠ, ଜିହ୍ୱାପୀଠ ଓ ପାଦ ପୀଠ ବୋଲି ମଧ ବର୍ଣ୍ଣନା କରାଯାଇଛି । ଶ୍ରୀଜଗନ୍ନାଥ ଯେ ସ୍ୱୟଂ ଦକ୍ଷିଣକାଳିକା ସମସ୍ତ ମନ୍ତ୍ର -ତନ୍ତ୍ରର ଉପ୍ତତ୍ତିସ୍ଥଳ ରୂପେ ଶ୍ରୀକ୍ଷେତ୍ରରେ ପ୍ରସିଦ୍ଧି ରହିଛି । ଏପରିକି କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ମୁଖମଣ୍ଡଳ, ଚକାଡ଼ୋଳା ଓ ଚିତାରୁ ମୋହନ, ସ୍ତମ୍ଭନ ଓ ଉଚ୍ଚାଟନ ଧାରା ନିରନ୍ତର ବିଚ୍ଛୁରିତ ହୋଇ ବିଶ୍ୱବ୍ରହ୍ମାଣ୍ଡରେ ତନ୍ତ୍ର ଶକ୍ତିର ମାହାତ୍ମ୍ୟ ପ୍ରଚାରିତ ହୋଇଛି । ସ୍ୱୟଂ ପ୍ରଭୁ ମନ୍ତ୍ର ସହିତ ଯନ୍ତ୍ରରୁଢ଼ । ଶ୍ରୀକ୍ଷେତ୍ରାଧିପତି ଜଗନ୍ନାଥ ସ୍ୱୟଂ ମନ୍ତ୍ର ସହିତ ଯନ୍ତ୍ରର ସଂଯୋଗରେ ତନ୍ତ୍ର ଶକ୍ତି ସହ ସକ୍ରିୟ ଭାବେ ଲୀଳା କରନ୍ତି ପୁରୁଷୋତ୍ତମ ଧାମରେ ।





ଏପରିକି ଭାରତୀୟ ଦର୍ଶନ ଶାସ୍ତ୍ରରେ ମାନ୍ୟତାରେ ତନ୍ତ୍ରର ତିନିଗୋଟି ବିଭାଗ ରହିଛି । ସେଗୁଡିକ ମତରେ ବ୍ରାହ୍ମଣ ତନ୍ତ୍ର, ଜୈନତନ୍ତ୍ର ଓ ବୌଦ୍ଧତନ୍ତ୍ର ଏହି ବ୍ରାହ୍ମଣ ତନ୍ତ୍ର ଉପାସନା ଭେଦରେ ବିଷ୍ଣୁ ସର୍ବସ୍ୱ ଅର୍ଥାତ ବୈଷ୍ଣବତନ୍ତ୍ର, ଶୈବତନ୍ତ୍ର ଏବଂ ଶାକ୍ତ ତନ୍ତ୍ର ବିଧିରେ ତ୍ରିବିଧ । ବୈଷ୍ଣବ ତନ୍ତ୍ର ଅନୁଯାୟୀ ସମଗ୍ର ବିଶ୍ୱ ବିଷ୍ଣୁ ସ୍ୱରୂପ । ତାଙ୍କର ଦଶାବତାର ମଧ୍ୟରୁ ସମସ୍ତ ଅବତାର ହେଲେ ଶ୍ରୀ ଜଗନ୍ନାଥ ଅବତାରୀ ଅଟନ୍ତି । ଶିବତନ୍ତ୍ର ଅନୁଯାୟୀ ଶିବଙ୍କର ଦଶବିଧ ରୂପର ବର୍ଣ୍ଣନା ରହିଛି । ତନ୍ମଧ୍ୟରୁ ମହାଶିବ ଭାବରେ ଶ୍ରୀଜଗନ୍ନାଥ ପୂଜିତ । ଶାକ୍ତ ତନ୍ତ୍ର ଅନୁସାରେ ତନ୍ତ୍ର ସିଦ୍ଧଗଣ ମହାମାୟାଙ୍କର କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା ପ୍ରଭୃତି ଦଶମହାବିଦ୍ୟା ପରିକଳ୍ପନା ପୂର୍ବକ ଶ୍ରୀଜଗନ୍ନାଥଙ୍କ କ୍ରିୟାଶକ୍ତି ଭାବରେ ପୂଜା ପାଇ ଆସୁଛନ୍ତି । ଏପରିକି ବୈଷ୍ଣବ ତନ୍ତ୍ର ସହ ଶାକ୍ତ ତନ୍ତ୍ରର ସମନ୍ୱିତ ହୋଇ ତୋଡଳ ତନ୍ତ୍ରରେ ତାରାଙ୍କୁ ମତ୍ସ୍ୟ, ବଗଳାଙ୍କୁ କୂର୍ମ, ଧୂମାବତୀଙ୍କୁ ବରାହ, ଛିନ୍ନମସ୍ତାଙ୍କୁ ନୃସିଂହ, ଭୁବନେଶ୍ୱରୀଙ୍କୁ ବାମନ, ଷୋଡ଼ଶୀଙ୍କୁ ପର୍ଶୁରାମ, ମାତଙ୍ଗୀଙ୍କୁ ରାମ, ଭୈରବୀଙ୍କୁ ବଳରାମ, ମହାଲକ୍ଷ୍ମୀଙ୍କୁ ବୌଦ୍ଧ ଏବଂ ଦୁର୍ଗାଙ୍କୁ କାଳୀ ରୂପେ ଚିତ୍ରଣ କରାଯାଇଛି ଏପରିକି କାଳୀଙ୍କୁ କୃଷ୍ଣରୂପ ଧାରିଣୀ ଭାବେ ସ୍ତୁତି କରାଯାଇଛି । ତନ୍ତ୍ରାଚାରଙ୍କ ମତରେ ଏହି ଦଶମହାବିଦ୍ୟାର ଉଦ୍ଭବ ଶ୍ରୀଜଗନ୍ନାଥଙ୍କ ଠାରୁ ହୋଇଛି । ପ୍ରତ୍ୟକ ତନ୍ତ୍ର ପୀଠରେ ଜଗତ ଜନନୀ ଭୈରବୀ ଓ ଶିବ ଭୈରବ ଭାବରେ ପୂଜିତ ଥିଲାବେଳେ ଶ୍ରୀକ୍ଷେତ୍ରରେ ବୈଷ୍ଣବ ତନ୍ତ୍ର, ଶାକ୍ତ ତନ୍ତ୍ର ଏବଂ ଶୈବ ତନ୍ତ୍ରର ମହାମିଳନ ସଂଗଠିତ ହୋଇଛି । ଏକାକ୍ଷରୀ ଭୁବନେଶ୍ୱରୀ ମନ୍ତ୍ରରେ ନିତ୍ୟ ଆରାଧିତା ବିମଳା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଶକ୍ତି ସ୍ୱରୂପା । 'ବିମଳା ସପର୍ଯ୍ୟା'ରେ ବର୍ଣ୍ଣିତ ହୋଇଛି :

"ବିମଳା ସା ମହାଦେବୀ ପରଶକ୍ତିଃବରାନନା
ପରଶକ୍ତି ପରାୟଣା ପରମା ଚିନ୍ମୟୀ ଭକ୍ତ ତୋଷିଣୀ
ଉଡ୍ଡିୟାନ ପରପୀଠାଧିଶ୍ୱରୀ ପରମେଶ୍ୱରୀ,
କୈବଲ୍ୟଦାୟିନୀ ଦେବୀ ହରି କୈବଲ୍ୟ ଲୋଲୁପା
ଯୋଗମାୟା ଯୋଗୀରୂପାପୁରୁଷୋତ୍ତମାବଲ୍ଲଭା
ପାଦ ପିଠେଶ୍ୱରୀ ବିଦ୍ୟା ଚତୁର୍ବର୍ଗ ପ୍ରଦାୟିକା ।"

**(ଶଙ୍କରାଚାର୍ଯ୍ୟ ମହାଦେବାନନ୍ଦ ତୀର୍ଥସ୍ୱାମୀ)**

ଏକାକ୍ଷରୀମନ୍ତ୍ରରେ ପୂଜିତା ମା ବିମଳା ପ୍ରଭୁ ଶ୍ରୀଜଗନ୍ନାଥଙ୍କର କ୍ରିୟାଶକ୍ତି ସ୍ୱରୂପ । ପ୍ରତ୍ୟହ ପ୍ରାତଃକାଳରେ ଶ୍ରୀଜଗନ୍ନାଥ ବଲ୍ଲଭ ଭୋଗ ପରେ ବିମଳାଙ୍କ ନିକଟରେ ବଲ୍ଲଭ ଲାଗି ହୁଏ । ତତ୍ପରେ ଦିନ ତମାମ୍ ସମସ୍ତ ମଣୋହି ଲାଗିହେବା ପୂର୍ବରୁ ମାଆ ବିମଳାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଏ । ଏପରିକି ରାତ୍ରିରେ ଶ୍ରୀଜଗନ୍ନାଥଙ୍କ ଶୟନ ପୁଷ୍ପ ଓ ଚନ୍ଦନାଦି ସମର୍ପଣ ହେଲା ପରେ ବିମଳାଙ୍କ ପହଡ ପଡେ । ଶ୍ରୀ ବଳଦେବଙ୍କ ପଦକ ଓ ଅଧର ମଧ୍ୟ ବିମଳାଙ୍କଠାରେ ଲାଗି ହୁଏ । ଏଥିରୁ ସ୍ପଷ୍ଟ ହୁଏ, ବିମଳା ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା-ଉପାସନା ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ବିମଳାଙ୍କ ସ୍ୱତନ୍ତ୍ର ମଣୋହି ନଥାଏ । ସେ କେବଳ ହରି କୈବଲ୍ୟ ମୋଦିତା ।

"ବିମଳା ଭବିତାନାମ୍ନା ହରି କୈବଲ୍ୟ ମୋଦିତା
ବୈଷ୍ଣବୀ ପରମାମାୟା କଳୌଖ୍ୟାତ ଭବିଷ୍ୟତି ।"

ଦେବୀ ବିମଳାଙ୍କ ନିତ୍ୟ ପୂଜା ବିଧି ସହ ତନ୍ତ୍ର ଉପଚାରମାନ ଜଡିତ । ଏପରିକି ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜା ମହୋତ୍ସବ ଆଦିରେ ପ୍ରତ୍ୟହ ଚଣ୍ଡୀପାଠ, ହୋମ ତର୍ପଣାଦି କରାଯାଏ । ଦୁର୍ଗା ମାଧବ ଉପାସନା ଏହି ପୂଜାର ବିଶେଷତ୍ୱ । ଷୋଡଶ ଦିନ ମଧ୍ୟରୁ ପ୍ରଥମ ଆଠଦିନ ଦକ୍ଷିଣାଚାର ଓ ଶେଷ ଆଠଦିନ ବାମାଚାର ବିଧିରେ ପୂଜା ହୁଏ । ଏହି ଷୋଳଦିନ ନାରୀମାନେ ବିମଳାଙ୍କ ଦର୍ଶନ କରିପାରନ୍ତିନାହିଁ । ଉଡ୍ଡିଶ ତନ୍ତ୍ର ସିଦ୍ଧାନ୍ତ ଅନୁସାରେ ଶ୍ରୀକ୍ଷେତ୍ର ଉଚ୍ଛିଷ୍ଟ ପୀଠ । ଶ୍ରୀଜଗନ୍ନାଥଙ୍କୁ ଭୋଗ ଲାଗୁଥିବା ଅନାଦି ଦ୍ରବ୍ୟ ବିମଳାଙ୍କୁ ସମର୍ପଣ ହେବା ପରେ ମହାପ୍ରସାଦରେ ପରିବର୍ତ୍ତିତ ହୁଏ ।ତନ୍ତ୍ରଚାର ଅନୁଯାୟୀ :

"ପ୍ରକୃତେ ଭୈରବୀ ଚକ୍ରେ ସର୍ବେବୃର୍ଣ୍ଣା ଦ୍ୱିଜାତୟ,
ନିବୃତେଭୈରବୀ ଚକ୍ରେ ସର୍ବେବର୍ଣ୍ଣା ପୃଥକ୍ ପୃଥକ୍ ।"

ସେଥିପାଇଁ ତ ଶ୍ରୀକ୍ଷେତ୍ରର ମହାପ୍ରସାଦ ସେବାରେ ଆବ୍ରାହ୍ମଣ-ଚଣ୍ଡାଳ ଭେଦ ନଥାଏ । ତନ୍ତ୍ରସାଧନାର ଗୋପନୀୟ ମହାବିଦ୍ୟା ଅନୁସାରେ, ମା ବିମଳା ହିଁ ଆଦ୍ୟାଶକ୍ତି ସ୍ୱରୂପା । ଶ୍ରୀମନ୍ଦିରର ଅନ୍ୟତମ ପଡ଼ିଦାତ୍ରୀ ମାତାଲକ୍ଷ୍ମୀ,ଶ୍ରୀଜଗନ୍ନାଥଙ୍କ ପ୍ରାଣପ୍ରିୟା । ଉତ୍ତର ପଶ୍ଚିମ କୋଣରେ ଅବସ୍ଥିତ ମାତାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ଶକ୍ତି । ମାତା ଲକ୍ଷ୍ମୀ ଓ ବିମଳାଙ୍କ ସ୍ୱରୂପ ଗୋପ୍ୟ ହୋଇ ଶ୍ରୀଜଗନ୍ନାଥ ଓ ବଳଦେବଙ୍କ ମଧ୍ୟ ଭାଗରେ ଅଭିଷିକ୍ତା ହୋଇଛନ୍ତି ସୁଭଦ୍ରା ନାମରେ । ସେ ହେଉଛନ୍ତି ପ୍ରଭୁଙ୍କର ହ୍ଲାଦିନୀଶକ୍ତି-ଯୋଗମାୟା ସ୍ୱରୂପା-ଭଗିନୀ ସ୍ତ୍ରୀ ପ୍ରବର୍ତ୍ତିକା ଅଟନ୍ତି । ସ୍କନ୍ଦ ପୁରାଣରେ ମଧ୍ୟ ଏହାକୁ ଦୃଢ଼ମତେ ଗ୍ରହଣ କରିଛି । ସୂକ୍ଷ୍ମଦୃଷ୍ଟି ଦେଇ ଅବଲୋକନ କଲେ ସୁଭଦ୍ରା ହେଉଛନ୍ତି ଉଭୟ ଜଗନ୍ନାଥ ଓ ବଳଭଦ୍ରଙ୍କର ସମନ୍ୱିତ କ୍ରିୟାଶକ୍ତି । ସେ ହେଉଛନ୍ତି ଏକାନଂସା । ଶ୍ରୀମନ୍ଦିରରେ ବିରାଜିତା ମା ସୁଭଦ୍ରା ହେଉଛନ୍ତି, ଶୈବତନ୍ତ୍ର ଆରାଧ୍ୟା, ଶାକ୍ତ ତନ୍ତ୍ର ଆରାଧ୍ୟା ଓ ବୈଷ୍ଣବତନ୍ତ୍ର ଆରାଧ୍ୟା ଅଟନ୍ତି । ସେ ଏକାଧାରାରେ ଯୋଗମାୟା-ମୋହାମାୟା-ବିଷ୍ଣୁମାୟା



ଅଟନ୍ତି । ଏପରିକି 'ଦେବୀ ଭାଗବତ'ରେ ସୁଭଦ୍ରାଙ୍କୁ କୁମାରୀ ରୂପରେ ପୂଜାର୍ଚ୍ଚନା କରାଯାଇଛି । ଯଥା:

"ସୁଭଦ୍ରାଣି ଚ ଭକ୍ତାନଂ କୁରୁତେ ପୂଜିତା ସଦା
ଅଭଦ୍ରନାଶିନୀ ଦେବୀ ସୁଭଦ୍ରା ପୁଜୟାମ୍ୟହମ୍ ।"

ସଂକ୍ଷେପରେ କହିବାକୁ ଗଲେ, ରତ୍ନ ସିଂହାସନରେ ଅଭିଷିକ୍ତା ସୁଭଦ୍ରା

ଶ୍ରୀଜଗନ୍ନାଥ-ବଳଭଦ୍ରଙ୍କର କ୍ରିୟାଶକ୍ତି, କଲ୍ୟାଣକାରିଣୀ ଭଦ୍ରା-ଭଦ୍ରକାଳୀ, ହରପ୍ରିୟା-ବିଷ୍ଣୁଅଙ୍କଶାୟୀନି-ବିମଳା ସ୍ୱରୂପା । ଦେବୀ ଉପାସନାର ପରମ୍ପରା, ଶ୍ରୀମନ୍ଦିରର ଅନ୍ୟତମ ପରମ୍ପରା । ଦେବୀ ସୁଭଦ୍ରାଙ୍କର ମହିମାମୟୀ ତନ୍ତ୍ର ରୂପ ହେଉଛି ଅର୍ଦ୍ଧଶୋଷିଣୀ -ଅର୍ଦ୍ଧାସିନୀ ସ୍ୱରୂପା । ଶ୍ରୀକ୍ଷେତ୍ରରେ ଅଭିଷିକ୍ତା ଅର୍ଦ୍ଧଶୋଷିଣୀ ହେଉଛନ୍ତି ମାଉସୀମାଆ ନାମରେ ପରିଚିତା ଓ ମାଆ ସୁଭଦ୍ରାଙ୍କ ଅଙ୍ଗ ସମ୍ଭୂତା । ସେ ସୁଭଦ୍ରାଙ୍କ ସ୍ୱରୂପା । ବଡଦାଣ୍ଡସ୍ଥିତ ଦଇତାପଡ଼ା ସାହିର ପାର୍ଶ୍ୱ ଦେଶରେ ବିରାଜିତା ପ୍ରଳୟ ଜଳକୁ ଶୋଷଣ କରୁଥିବାରୁ ସେ ଅର୍ଦ୍ଧଶୋଷିଣୀ ଅଟନ୍ତି । ଏହି ଅର୍ଦ୍ଧଶୋଷିଣୀ ଶ୍ରୀଜଗନ୍ନାଥଙ୍କର ପରାଶକ୍ତି । ସୁଭଦ୍ରା ଏବଂ ଅର୍ଦ୍ଧାସିନୀ ଉଭୟଙ୍କୁ ତନ୍ତ୍ରାଚାରରେ ଆରାଧନା କରାଗଲେ ମଧ୍ୟ, ସୁଭଦ୍ରାଙ୍କୁ ଭଗିନୀ ରୂପରେ ଏବଂ ଅର୍ଦ୍ଧାସିନୀଙ୍କୁ ମାତୃଶକ୍ତି ରୂପରେ ଆରାଧନା କରାଯାଏ । ସେ ଶ୍ରୀକ୍ଷେତ୍ରର ରକ୍ଷୟିତ୍ରୀ ଭାବରେ ବଡ଼ଦାଣ୍ଡରେ ବିରାଜିତ ଅଟନ୍ତି । ଅର୍ଦ୍ଧାସିନୀ ଦାରୁବ୍ରହ୍ମ ଜଗନ୍ନାଥଙ୍କ ମାଉସୀ ମା' । ସ୍ୱୟଂ ଜଗନ୍ନାଥ ଆପଣାର ରଥ ଅଟକେଇ ପୋଡପିଠା ଗ୍ରହଣ ପୂର୍ବକ ବୈଷ୍ଣବ-ଶାକ୍ତ ଓ ଶୈବତନ୍ତ୍ରର ମହନୀୟତାରେ ବିଶ୍ୱବାସୀଙ୍କୁ ଅଭୟ ପ୍ରଦାନ କରୁଛନ୍ତି ।



ଉଡ୍ଡୀୟାନ ପୀଠର ଆଦ୍ୟାଶକ୍ତି ସପ୍ତାବରଣ ପୀଠରେ ଅସୀନା ମା'ସୁଭଦ୍ରା ତନ୍ତ୍ର ମର୍ଯ୍ୟାଦାର ଅଧିକାରିଣୀ ରୂପରେ ପୂଜାପାଆନ୍ତି ।ସ୍କନ୍ଦ ପୁରାଣ ମତରେ :

"ଜୟ ଭଦ୍ରେ ସୁଭଦ୍ରେ ତ୍ୱମ୍ବୈଷ୍ଣାଂଭଦ୍ରଦାୟିନୀ
ଭଦ୍ରାଭଦ୍ର ସ୍ୱରୂପା ତ୍ୱମ୍ଭଦ୍ରକାଳୀ ନମସ୍ତୁତେ ।"

ଶ୍ରୀକ୍ଷେତ୍ରରେ ଅବସ୍ଥିତ ଶ୍ରୀମନ୍ଦିରରେ ଦେବୀଶକ୍ତି ଆରାଧିତା ହୁଅନ୍ତି । ଶ୍ରୀମନ୍ଦିରର ରତ୍ନବେଦିରେ ସୁଭଦ୍ରାଙ୍କ ସହ ଶ୍ରୀଦେବୀ, ଭୂଦେବୀ ଏବଂ ବିମଳା ମନ୍ଦିରରେ ଅନେକ ଦେବୀ, ଲକ୍ଷ୍ମୀ ମନ୍ଦିରରେ ଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ଦେବୀ ପୂଜା ପାଇଥାନ୍ତି । ଏପରିକି ବେଢାଭିତରେ ମାଆଶିତଳା, ବେଢାକାଳୀ, କୁଆମଚଣ୍ଡୀ, ସରସ୍ୱତୀ, ଭଦ୍ରକାଳୀ, ସର୍ବମଙ୍ଗଳା, ଉତ୍ତରାୟଣୀ, ଶ୍ମଶାନକାଳୀ ପ୍ରଭୃତି ତନ୍ତ୍ରଦେବୀ ବିରାଜିତ ହୋଇ ପୀଠକୁ ସୁରକ୍ଷା ଦେବା ସହ ଭକ୍ତମାନଙ୍କୁ ଅଭୟବର ପ୍ରଦାନ କରନ୍ତି । ଏତଦ୍‌ବ୍ୟତୀତ ପୀଠର ଅଷ୍ଟଦିଗରେ ଅଷ୍ଟକାଳୀ ସ୍ୱରୂପରେ ତନ୍ତ୍ରାରାଧ୍ୟା ଦେବୀ ପ୍ରତିଷ୍ଠିତା ହୋଇ ପୀଠର ସୁରକ୍ଷା କରନ୍ତି । ସେହି ଅଷ୍ଟକାଳୀ ହେଉଛନ୍ତି ହରଚଣ୍ଡୀ, ଭଟ୍ଟାରିକା, ଚର୍ଚ୍ଚିକା, ମଙ୍ଗଳା, ତାରାତାରିଣୀ, ଭଗବତୀ, ଉଗ୍ରତାରା ଓ ରାମଚଣ୍ଡୀ । ଏପରିକି ଶ୍ରୀ ମନ୍ଦିରର ସିଂହଦ୍ୱାର ମଧ୍ୟସ୍ଥ ଗାତ୍ରରେ ଶୋଭା ପାଆନ୍ତି ମାଆ ଆଦ୍ୟାଶକ୍ତି । ତନ୍ତ୍ର ଦର୍ଶନର ଅଚିନ୍ତନୀୟ ସ୍ଥିତିରେ ନିତ୍ୟଲୀଳାମାନ ଆଚରନ୍ତି ଏହି ମାତୃଶକ୍ତି ସ୍ୱରୂପା । ଅନ୍ୟାନ୍ୟ ତନ୍ତ୍ର ପୀଠରେ ଏହି ଲୀଳାମାନ ଗୋପ୍ୟ ହୋଇଥାନ୍ତି କିନ୍ତୁ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ନିତ୍ୟ ନୈମିତିକ ଉପାସନା ସହିତ ଯନ୍ତ୍ର – ମନ୍ତ୍ରାଦି ମାଧ୍ୟମରେ ପ୍ରକାଶ୍ୟ ଓ ସାର୍ବଜନୀନ ଭାବରେ ଆରାଧିତା ହୁଅନ୍ତି । ତନ୍ତ୍ରାଚାର୍ଯ୍ୟମାନେ ଶ୍ରୀକ୍ଷେତ୍ରକୁ ତନ୍ତ୍ରପୀଠ ଭାବରେ ମର୍ତ୍ତ୍ୟ ବୈକୁଣ୍ଠ ଜ୍ଞାନ କରନ୍ତି । ପ୍ରାଚୀନ ତନ୍ତ୍ରଯାମଳରେ ପୁରୁଷୋତ୍ତମ କ୍ଷେତ୍ରକୁ ଭୂସ୍ୱର୍ଗ ଓ ଶ୍ରୀଜଗନ୍ନାଥଙ୍କୁ ଅଭୟ ପ୍ରଦାୟକ ବୋଲି କୁହାଯାଇଛି ।

"ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମ
ଦାରୁରୂପୀ ଜଗନ୍ନାଥେ ଭକ୍ତନାମ ଭୟପ୍ରଦଃ ।"

ଗବେଷକମାନଙ୍କ ମତରେ ଗଙ୍ଗ ରାଜତ୍ୱର ବହୁ ପୂର୍ବରୁ ପୁରୁଷୋତ୍ତମ କ୍ଷେତ୍ରକୁ ଶାକ୍ତ ତାନ୍ତ୍ରିକ ପରିବେଶ ଆଚ୍ଛନ୍ନ କରି ରଖିଥିଲା । ଏପରିକି ଚୋଡଗଙ୍ଗ ଦେବ ଜଣେ ଶାବରୀତନ୍ତ୍ର ବିଶାରଦ ବ୍ୟକ୍ତି ଥିଲେ । ମାଦଳାପାଞ୍ଜି ଅନୁସାରେ ସେ ବେତାଳ ସାଧକ ଓ ଗୋଶାଣୀ ବା ନଗରଦେବୀ ସମୂହ ଅର୍ଥାତ ରାମଚଣ୍ଡୀ, ହରଚଣ୍ଡୀ,କାଳିକା ପ୍ରଭୃତି ଦେବୀଙ୍କୁ ଆରାଧନା କରୁଥିଲେ । ଶ୍ରୀଜଗନ୍ନାଥଙ୍କ ନିତ୍ୟ ନୈମିତ୍ତିକ ସେବା ପୂଜାରେ ଶାବରୀତନ୍ତ୍ରର ପ୍ରଭାବ ଅନୁଭୂତ ହୋଇଥାଏ । ବିଶେଷତଃ ଅଣସର, ରଥଯାତ୍ରା ଏବଂ ଦାରୁବ୍ରହ୍ମଙ୍କ ନବକଳେବର ବିଧିବିଧାନରେ ଶାବରୀ ତନ୍ତ୍ରର ପ୍ରଭାବ ଅନୁଭୂତ ହୁଏ ।

## ଯୋଗିନୀ ତନ୍ତ୍ର ଅନୁସାରେ

"ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ
ତାରା ସାକ୍ଷାତ ମହାଦେବୀ କ୍ଷେତ୍ରେ ଶ୍ରୀପୁରୁଷୋତ୍ତମ ।"

ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ, ଶ୍ରୀଜଗନ୍ନାଥଙ୍କ ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥିତା । ମା ବିମଳା ଯୋଗାଚାର-ଯୋଗିନୀ ତନ୍ତ୍ରରେ ପୂଜିତା । ଏପରିକି ଶ୍ରୀମନ୍ଦିରରେ ଶକ୍ତି ଉପାସନା,ତନ୍ତ୍ରର ପ୍ରଭାବରେ ପ୍ରଭାବିତ । ବିଗ୍ରହମାନଙ୍କ ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ସପ୍ତ ବିଗ୍ରହମାନଙ୍କୁ ଅନୁଧ୍ୟାନ କରାଯାଇପାରେ । ପଞ୍ଚମୂର୍ତ୍ତି (ଜଗନ୍ନାଥ,ବଳଭଦ୍ର,ସୁଭଦ୍ରା,ସୁଦର୍ଶନ,ନୀଳମାଧବ)ଦାରୁ ନିର୍ମିତ ହୋଇଥିବା ବେଳେ ଦୁଇଟି ଧାତୁ ମୂର୍ତ୍ତି (ଶ୍ରୀଦେବୀ,ଭୂଦେବୀ )ଅଟନ୍ତି । ଏହି ବିଗ୍ରହମାନଙ୍କ ମଧ୍ୟରୁ ଶ୍ରୀଜଗନ୍ନାଥ ଭୈରବ ଭାବରେ ପୂଜିତ ହୋଇଥାନ୍ତି । ତନ୍ତ୍ରାଚାର ଦୃଷ୍ଟିରେ ତାନ୍ତ୍ରିକମାନେ କୃଷ୍ଣବର୍ଣ୍ଣା କାଳୀ,ସ୍ୱର୍ଣ୍ଣ ବର୍ଣ୍ଣାଲକ୍ଷ୍ମୀ ଏବଂ ରୌପ୍ୟବର୍ଣ୍ଣାମାଆ ସରସ୍ୱତୀଙ୍କୁ ଆରାଧନା କରିଥାନ୍ତି । କେବଳ ସେତିକି ନୁହେଁ 'ମହାନିର୍ବାଣତନ୍ତ୍ର'ରେ ଏକାନଂଶାରୂପି ସୁଭଦ୍ରାଙ୍କୁ ଭୁବନେଶ୍ୱରୀ,'କାଳୀକୁଳ ସର୍ବୋସ୍ୱ'ରେ କାଳୀ, ସ୍କନ୍ଦପୁରାଣ ଉତ୍କଳଖଣ୍ଡରେ 'ଭଦ୍ରକାଳୀ'ଭାବରେ ଆରାଧନା କରାଯିବାର ବର୍ଣ୍ଣନା ହୋଇଛି ।

ବିଗ୍ରହ ତତ୍ତ୍ୱ ଦୃଷ୍ଟିରୁ ବିମଳା ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ଭାବରେ ପୂଜିତ ହୋଇ ଆସୁଛନ୍ତି । କୈବଲ୍ୟ ଭୋଜିନୀ ବୈଷ୍ଣବୀ ଭାବରେ ଉପାସିତା ମା ଅଶ୍ୱିନ ମାସ ମହାସପ୍ତମୀ ଠାରୁ ମହାନବମୀ ପର୍ଯ୍ୟନ୍ତ ତନ୍ତ୍ରୋପଚାରରେ ଆମିଷ ପୂଜା ଓ ବଳି ଉତ୍ସର୍ଗ ପ୍ରଭୃତିକୁ ତନ୍ତ୍ରାଚାରବୋଲିସ୍ୱୀକାର କରାଯାଏ । ଏପରିକି ବିମଳାଙ୍କ ପାଖରେ ପ୍ରସାଦ ଲାଗି କଲାବେଳେ କହିଥାନ୍ତି :

"କୈବଲ୍ୟ ଭୋଜିନୀ ଦେବୀ ବିମଳେ ବିମଳ ପ୍ରଦେ
ଗୃହଣାତୁ ହରି କୈବଲ୍ୟ ସୃଷ୍ଟି ସ୍ଥିତ୍ୟନ୍ତକାରଣୀ ।"

ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଚଳନ ସମସ୍ତ ରୀତିନୀତି ସହ ଶାକ୍ତ ତନ୍ତ୍ରର ପ୍ରଭାବ ପଡ଼ିଅଛି । କେହି କେହି ଶ୍ରୀମନ୍ଦିରକୁ ଯନ୍ତ୍ର ଉପରେ ନିର୍ମିତ ହୋଇଥିବାର ମତବ୍ୟକ୍ତ କରନ୍ତି । ଏହି ଯନ୍ତ୍ର ଶ୍ରୀଯନ୍ତ୍ର । ଏହି ଶ୍ରୀଯନ୍ତ୍ରର କେନ୍ଦ୍ରରେ ରତ୍ନବେଦୀ ରହିଛନ୍ତି । ଯାହା ଉପରେ ଶ୍ରୀଜୀଉମାନେ ଉପବେଶନ କରିଛନ୍ତି । ଏହି ସିଂହାସନର ଚତୁଃପାର୍ଶ୍ୱରେ ଦେବୀମାନେ ଅଧିଷ୍ଠିତ ଅଛନ୍ତି । ଏହିସବୁ ଦୈବୀଶକ୍ତି ଯେ ପାର୍ଶ୍ୱଶକ୍ତି ରୂପରେ ମାଆ ମଙ୍ଗଳା, ବିମଳା, ଭୁବନେଶ୍ୱରୀ, ଲକ୍ଷ୍ମୀ, ଶୀତଳା ଆଦି ପୂଜା ପାଆନ୍ତି । ଏପରିକି ଶ୍ରୀକ୍ଷେତ୍ରର ପ୍ରତିଟି ସ୍ଥାନରେ ଭିନ୍ନଭିନ୍ନ ନାମ ଧରି ଦେବୀ ଉପାସନା ହୋଇ ଆସୁଛି । ରାମଚଣ୍ଡୀ, ହରଚଣ୍ଡୀ, କାଳୀ, ଶ୍ୟାମାକାଳୀ, ସପ୍ତମାତୃକା, ଅଲାମଚଣ୍ଡୀ, ଚର୍ଚ୍ଚିକା, ମର୍ଚ୍ଚିକା, ରାବେଣୀ, ଅର୍ଦ୍ଧାଶିନୀ, ଷୋଳପୁଅମାଆ, ଝାଡ଼େଶ୍ୱରୀ ପ୍ରଭୃତି ଦେବୀ ଆରାଧିତା ହେବା ଦେଖାଯାଏ ।

ଶ୍ରୀମନ୍ଦିର ମଧ୍ୟସ୍ଥ ବହୁଦେବୀ ବେଢାରେ ପୂଜିତା ହେଉଛନ୍ତି । ମୁଖ୍ୟତଃ ଶ୍ରୀମନ୍ଦିରର ଦୁଇଟି ବେଢା ମଧ୍ୟରେ ବହୁ ଦେବୀ ମନ୍ଦିରରେ ଦେବୀ ପୂଜା ପାଇ

ଆସୁଛନ୍ତି । ଭିତର ବେଢ଼ା ମଧ୍ୟରେ କୁଣ୍ଡାମଚଣ୍ଡୀ, ବିମଳା,ସାବିତ୍ରୀ,ସତ୍ୟଭାମା, ମଙ୍ଗଳା, ଲକ୍ଷ୍ମୀ, ବେଢ଼ାକାଳୀ, ଇନ୍ଦ୍ରାଣୀ ଉପାସିତା । ବାହାର ବେଢ଼ାରେ ବୁଢ଼ୀ ଠାକୁରାଣୀ, ଶୀତଳା, ଉତ୍ତରାୟଣୀ ଦେବୀ ପୂଜା ପାଆନ୍ତି । ଏହି ଦେବୀମାନଙ୍କ ମଧ୍ୟରେ ମାଆ ଲକ୍ଷ୍ମୀ ଏବଂ ବିମଳା ଶ୍ରେଷ୍ଠ ଅଟନ୍ତି । ଆଉ ସମସ୍ତ ଦେବୀ ପାର୍ଶ୍ୱଦେବୀ ଭାବରେ ପୂଜିତ ହୁଅନ୍ତି । ଶ୍ରୀମନ୍ଦିରର ବେଢ଼ା ମଧ୍ୟରେ ସେଭଳି କିଛି ପୂଜା ପାର୍ବଣ ଲକ୍ଷ୍ମୀ ଓ ବିମଳାଙ୍କୁ ଛାଡିଦେଲେ ନାହିଁ । ସକାଳେ ବଲ୍ଲଭ ଓ ଦ୍ୱିପ୍ରହରରେ ଲକ୍ଷ୍ମୀଙ୍କ ରୋଷରୁ କାକେରାଦି ଆସି ନୈବେଦ୍ୟ ଅର୍ପଣ କରାଯାଏ । ବିମଳାଙ୍କ ବ୍ୟତୀତ ଅନ୍ୟ କୌଣସି ଦେବୀଙ୍କ ପାଖରେ ଅନ୍ନଭୋଗ ହୁଏ ନାହିଁ । ଶ୍ରୀଜଗନ୍ନାଥଙ୍କ ପାଖରେ ନୈବେଦ୍ୟ ହେଉଥିବା ପ୍ରସାଦ ଦେବୀ ବିମଳାଙ୍କୁ ସମର୍ପଣ କରାଯାଏ । ଏହାପରେ ସେହି 'ପ୍ରସାଦ' 'ମହାପ୍ରସାଦ'ରେ ପରିଣତ ହୁଏ । ମହାପ୍ରସାଦ ହେଲା ପରେ ଆବ୍ରାହ୍ମଣ-ଚଣ୍ଡାଳ ଭେଦ-ଭାବ ଅପସରିଯାଏ । ସମସ୍ତେ ଏକତ୍ର ବସି ସେବନ କରିବାର ପରମ୍ପରା ଅଛି । କେବଳ ଶ୍ରୀକ୍ଷେତ୍ର ବ୍ୟତୀତ ଏହି ପରମ୍ପରା ଅନ୍ୟତ୍ର ଦେଖିବାକୁ ମିଳେନା । ଏ ହେଉଛି 'ଶ୍ରୀକ୍ଷେତ୍ରର' ମାହାତ୍ମ୍ୟ । ଏହା ସମ୍ପୂର୍ଣ୍ଣତଃ ତାନ୍ତ୍ରିକ ଲୋକାଚାର ସହିତ ଜଡ଼ିତ । ପଞ୍ଚମାକାର ଉପାସନା ବିଧି (ମଦ-ମାଂସ-ମାଛ-ମୈଥୁନ-ମୁଦ୍ରା)ଏହି ତନ୍ତ୍ରାଚାର ବା ଦେବୀ ଉପାସନା ସହ ସଂଯୋଗ ହୋଇଛି । ଏହିଭଳି ଭାବେ ଦେବୀ ନିରଜନା ସହ ତନ୍ତ୍ରାଚାର ଜଡ଼ିତ ହୋଇ ଆସିଛି । ଯାହାକୁ 'ତନ୍ତ୍ରଯାମଳ' ମଧ୍ୟ ସ୍ୱୀକାର କରି କୁହେ :

"ଭାରତେ ଚୋତ୍କଳେ ଦେଶେ ଭୁସ୍ୱର୍ଗେ ପୁରୁଷୋତ୍ତମ
ଦାରୁରୂପୀ ଜଗନ୍ନାଥେ ଭକ୍ତନାମ ଭୟପ୍ରଦଃ ।"

ସୃଷ୍ଟିର ଆଧାର ରୂପେ ଶିବଶକ୍ତିଙ୍କୁ ଗ୍ରହଣ କରାଯାଇଛି । ସେହିଭଳି ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରା ହେଉଛନ୍ତି ସମଗ୍ର ବିଶ୍ୱର ବିସ୍ମୟ । ରତ୍ନ ସିଂହାସନରେ ଉଭୟ ଭିନ୍ନଭିନ୍ନ ସ୍ୱରୂପରେ ପୂଜିତ । ଋକ୍‌ବେଦର ଦଶମ ମଣ୍ଡଳ ସୁକ୍ତରେ (୧୨୫ତମ) ଦେବୀ କୁହନ୍ତି: "ମୁଁ ପିତା, ଆକାଶକୁ ପ୍ରସବ କରିଛି ।" ତେଣୁ ଆକାଶ ବା ମହାଶୂନ୍ୟରେ କୋଟି କୋଟି ଗ୍ରହ ନକ୍ଷତ୍ର ସୃଷ୍ଟି ହୋଇ ବିଲୁପ୍ତ ହେଉଛନ୍ତି । ସେହି ଶୂନ୍ୟକୁ ପ୍ରସବ କରିଛନ୍ତି ସ୍ୱୟଂ ଆଦ୍ୟାଶକ୍ତି । ସେହି ଶକ୍ତି ସ୍ୱରୂପା ସୁଭଦ୍ରା ରତ୍ନ ସିଂହାସନରେ ଭଗିନୀ-ସ୍ତ୍ରୀ ପ୍ରବର୍ତ୍ତିକା ଭାବରେ ପୂଜା ପାଉଛନ୍ତି । ସେହି ଦେବୀ ଶକ୍ତିରେ ସମଗ୍ର ବିଶ୍ୱ ପରିପାଳିତ ହୋଇଆସୁଛି । ଲୌକିକ ଅର୍ଥରେ ଦେବୀ ସୁଭଦ୍ରା ଭଗିନୀ କିନ୍ତୁ ସୂକ୍ଷ୍ମଦୃଷ୍ଟି ନେଇ ବିଚାର କଲେ, ସୁଭଦ୍ରା ହେଉଛନ୍ତି ଲକ୍ଷ୍ମୀ ସ୍ୱରୂପା । ସେ ଆଦ୍ୟାଶକ୍ତି, କ୍ରିୟାଶକ୍ତି ରୂପରେ ଉଭୟ ନାରୀ ଓ ପୁରୁଷଙ୍କ ଠାରେ ଏକୀଭୂତ ହୁଅନ୍ତି । ପୁରୁଷ ଭାବରେ ବିଷ୍ଣୁଙ୍କୁ ଏବଂ ସ୍ତ୍ରୀ ଭାବରେ କମଳା-ଲକ୍ଷ୍ମୀଙ୍କୁ ବୁଝାଏ । ଉତ୍କଳ ଖଣ୍ଡ ଅନୁଯାୟୀ କୃଷ୍ଣ ଏବଂ ବଳଭଦ୍ରଙ୍କ ମଧ୍ୟରେ ଯେଭଳି କୌଣସି ପ୍ରଭେଦ ନାହିଁ ସେହିପରି ଜଗନ୍ନାଥ ଓ ବଳଭଦ୍ର ଏକ ଆତ୍ମା ସ୍ୱରୂପ କିନ୍ତୁ ଲକ୍ଷ୍ମୀ ହେଉଛନ୍ତି ସଚରାଚର ଜଗତର ଶକ୍ତି ସ୍ୱରୂପା । ଯାହାଙ୍କ ସ୍ୱରୂପକୁ ଆବୋରି ରହିଛି ପୁରୁଷ ଓ ନାରୀ । ଏ ସବୁକୁ ଦୃଷ୍ଟିରେ ରଖି ବିଚାର କଲେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ ଥିବା ମାତାଲକ୍ଷ୍ମୀ ଓ ଦେବୀ ସୁଭଦ୍ରା ଏକ ଓ ଅଭିନ୍ନ ।

ଏପରିକି ଦ୍ୱାଦଶ ଶତାବ୍ଦୀରେ ରାମାନୁଜ ଆସିଲା ପରେ ବୈଷ୍ଣବ ଧର୍ମ ଓଡ଼ିଶାରେ ପ୍ରଚାର ଓ ପ୍ରସାର ଘଟିଛି ବୋଲି ବହୁ ଗବେଷକମାନେ ମତବ୍ୟକ୍ତ କରିଛନ୍ତି । ତତ୍‌ପୂର୍ବରୁ ଶ୍ରୀମନ୍ଦିରର ଦେବତା ଜୈନ-ଶୈବ-ବୌଦ୍ଧ ତନ୍ତ୍ରର ପ୍ରଭାବରେ ପ୍ରଭାବିତ ଥିଲେ । ଶ୍ରୀଜଗନ୍ନାଥ ଭୈରବ ହେଲେ, ଦେବୀ ସୁଭଦ୍ରା ଭୈରବୀ ସ୍ୱରୂପା । ସେହି ଭୈରବୀ ହେଉଛନ୍ତି ଲକ୍ଷ୍ମୀ । ପଦ୍ମ ପୁରାଣ, ବିଷ୍ଣୁପୁରାଣ, ବ୍ରହ୍ମାଣ୍ଡ ପୁରାଣ, ଭାଗବତ ଆଦିରେ ଲକ୍ଷ୍ମୀଙ୍କ ଉତ୍ପତ୍ତି ଆଦି ବହୁ କଥା ଉଲ୍ଲେଖ ଅଛି । ଶ୍ରୀ ଜଗନ୍ନାଥଙ୍କ ନିକଟରେ ମଣୋହି ହେଉଥିବା ନୈବେଦ୍ୟ ଆଦି ଲକ୍ଷ୍ମୀଙ୍କ ରନ୍ଧନରୁ ସିଦ୍ଧ । ଗୋପାଳ ମନ୍ତ୍ରରେ ନିବେଦିତ ହୋଇ ଭୈରବୀ ଚକ୍ରରେ ବିମଳାଙ୍କୁ ସମର୍ପଣ ହୁଏ ।

ଏଥିରୁ ସ୍ପଷ୍ଟ ଅନୁମେୟ ଶ୍ରୀମନ୍ଦିର ପୂଜାବିଧିରେ ଦେବୀସତ୍ତା ବା ଶକ୍ତି ପୂଜାର ବହୁଳ ଭାବରେ ପ୍ରଭାବ ଘଟିଛି । ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଅନ୍ୟାନ୍ୟ ଦେବୀଶକ୍ତିଙ୍କର ଆସ୍ଥାନ ରହିଛି । ସେହିମାନଙ୍କ ମଧ୍ୟରେ ଇନ୍ଦ୍ରାଣୀ ଆରାଧିତା । ତାଙ୍କ ଆସ୍ଥାନ ତଳେ ଏକ ମହିଷର ଚିତ୍ର ଅଛି । ଏହି ମୂର୍ତ୍ତି ଅତି ପୁରାତନ ନୁହେଁ । ଏପରିକି ବଟବୃକ୍ଷ ନିକଟସ୍ଥ ବଟମଙ୍ଗଳା ମଧ୍ୟ ପୁରାତନ ନୁହନ୍ତି । କୁତାମଚଣ୍ଡୀମଧ୍ୟ ଏହି ପର୍ଯ୍ୟାୟଭୁକ୍ତା । ବିଶେଷତଃ ଶ୍ରୀମନ୍ଦିରର ପୂଜାବିଧି,ଶୁଦ୍ଧତା ସହିତ ଏହି ଦେବୀମାନଙ୍କର ସମ୍ପର୍କ ରହିଛି । ଶ୍ରୀମନ୍ଦିରରେ ଶ୍ୱାନଛାଇଦେଖାଗଲେ କିଛି ଅଶୌଚ ଘଟାଇ ଥିବାର ସୂଚନା ମିଳେ । କୁଣ୍ଡାମଚଣ୍ଡୀଙ୍କ ଯୋଗୁ ଶ୍ରୀମନ୍ଦିରକୁ ପୁନଃ ପ୍ରକ୍ଷାଳନ କରାଯାଇ ଜଳରେ ଶୁଦ୍ଧ କରାଯିବାର ବିଧି ରହିଛି । ଏପରିକି ଶ୍ରୀମନ୍ଦିରର ବାହାର ବେଢ଼ାରେ ଉତ୍ତର ଦ୍ୱାର ନିକଟସ୍ଥ 'ଶୀତଳା' ନାମରେ ଏକ ଦେବୀଙ୍କର ପୂଜାର୍ଚ୍ଚନା କରାଯାଏ । ବସନ୍ତ ରୋଗର ଦେବୀ ଭାବରେ ପ୍ରସିଦ୍ଧ ଶୀତଳା ଅଟନ୍ତି । ସ୍କନ୍ଦ ପୁରାଣର ଆବନ୍ତ୍ୟ ଖଣ୍ଡରେ ଶୀତଳାଙ୍କ ମହିମା କୀର୍ତ୍ତିତ ହୋଇଛି । ପୁରାଣକାରଙ୍କ ମତରେ :

ଶୀତଳାଃ ପ୍ରଭାବେନ ବଳାଃ ସନ୍ତୁ ନିରାମୟାଃ
ଯେ ପଶ୍ୟନ୍ତି ନରଃଭକତ୍ୟଃଶୀତଳାଃଦୁରିତ ମହାମ୍

'ସ୍କନ୍ଦପୁରାଣ' ଓ 'ପିଚ୍ଛିଳାତନ୍ତ୍ର' ଅନୁଯାୟୀ ଶୀତଳା ହେଉଛନ୍ତି, ଶ୍ୱେତବର୍ଣ୍ଣା, ଗର୍ଦ୍ଧଭ ବାହିନୀ, ଦୁଇ ହସ୍ତରେ ପୂର୍ଣ୍ଣକୁମ୍ଭ ଓ ସମାର୍ଜନୀ ଦ୍ୱାରା ସାରା ସଂସାରକୁ ଅମୃତମୟ ଜଳ ସିଞ୍ଚନକରି ରୋଗ ତାପ ଶାନ୍ତ କରନ୍ତି । ସେ ଦିଗମ୍ବରୀ, ମସ୍ତକରେ ଜ୍ୱାଳା ସୁବର୍ଣ୍ଣମଣି ଭୂଷିତା, ତ୍ରିନେତ୍ରା ଅଟନ୍ତି । ଏହି ଦେବୀ ଅଭୟ ପ୍ରଦାୟିନୀ, ଦୁଃଖ କଷ୍ଟ ହାରିଣୀ ଅଟନ୍ତି । ଶ୍ରୀମନ୍ଦିର ନିକଟସ୍ଥ ଶ୍ରୀଜଗନ୍ନାଥଙ୍କ ଶ୍ମଶାନର ରକ୍ଷୟିତ୍ରୀ 'ଶ୍ମଶାନକାଳୀ' ବିରାଜିତ ଅଟନ୍ତି । ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଲାଗି ଦକ୍ଷିଣ ପାର୍ଶ୍ୱରେ 'ବେଢ଼ାକାଳୀ' ବିଦ୍ୟମାନ । କାଳ ଅର୍ଥ ସମୟ । ସମୟକୁ ମହାକାଳ କବଳିତ କରନ୍ତି । ମହାକାଳଙ୍କୁ ମହାକାଳୀ କବଳିତ କରନ୍ତି । ଖଡ଼ଗଧାରିଣୀ ମା' କାଳୀ ଅଭୟ ପ୍ରଦାନ କରନ୍ତି । ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟରେ ବୁଢ଼ୀମା' ଭାବରେ ଆରାଧିତା ଅନ୍ୟତମ ଶକ୍ତି ଭାବରେ ପୂଜା ପାଆନ୍ତି । ଯଦିଓ ଶ୍ରୀଜଗନ୍ନାଥଙ୍କ ସହିତ ତାଙ୍କର ସେମିତି କିଛି ସମ୍ପର୍କ ନାହିଁ । ତଥାପି ଅନ୍ୟତମା ରକ୍ଷୟିତ୍ରୀ ଭାବରେ ମାତୃଶକ୍ତି ପୂଜିତା ହୁଅନ୍ତି । ବିଶେଷତଃ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାର ନିକଟରେ ଶକ୍ତିମାନେ ଅବସ୍ଥିତା ଅଟନ୍ତି ।

ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସହିତ ଶକ୍ତି ସ୍ୱରୂପା ଭାବରେ ଦେବୀଶକ୍ତିମାନେ ପ୍ରତ୍ୟକ୍ଷ ହେଉ ଅବା ପରୋକ୍ଷରେ ପୂଜା ପାଆନ୍ତି । ଶ୍ରୀଜଗନ୍ନାଥଙ୍କୁ ସିଦ୍ଧାଚାର୍ଯ୍ୟମାନେ ମହାକାଳୀ ସ୍ୱରୂପା ଭାବରେ ଆରାଧନା କରନ୍ତି । ତାଙ୍କ ନାସିକାରେ ବିଭୂଷିତ ଅଳଙ୍କାର ତାଙ୍କୁ ସ୍ତ୍ରୀ ବୋଲି ବିଜ୍ଞାପିତ କରେ । ସେ ବାସ୍ତବରେ ଶିବ ଓ ଶକ୍ତି ସ୍ୱରୂପ ଅର୍ଦ୍ଧନାରୀଶ୍ୱର ଅଟନ୍ତି । ଶକ୍ତି ହେଉଛି ମୂଳ । ତାଙ୍କ ବିହୁନରେ ସବୁ ଅସାର ମନେହୁଏ । ଶକ୍ତିଦ୍ୱାରା ବର୍ଦ୍ଧିତ ଶିବ, ଶିବତୁଲ୍ୟ । ତେଣୁ ଶ୍ରୀମନ୍ଦିରର ପ୍ରଥା-ପରମ୍ପରା ରୀତି ନୀତି ଆଦିରେ ଶକ୍ତିଙ୍କର ପ୍ରଭାବ ଅନୁଭୂତ ହୁଏ । ଏ ଦୃଷ୍ଟିରୁ ବିଚାର କଲେ, ଶ୍ରୀମନ୍ଦିରରେ ଉପାସିତା ଶ୍ରୀ ଜଗନ୍ନାଥ, ସ୍ୱୟଂ ଶକ୍ତି ଦ୍ୱାରା ନିୟନ୍ତ୍ରିତ ଅଟନ୍ତି । ଏହିଶକ୍ତି ତାଙ୍କର କ୍ରିୟା ଶକ୍ତି ; ଯାହାମଧ୍ୟମରେ ସେ ଲୀଳା ଖେଳା କରନ୍ତି । ଶକ୍ତିସ୍ୱରୂପା ମାଆ ସୁଭଦ୍ରା,ମାଆ ବିମଳା ଏବଂ ମହାଲକ୍ଷ୍ମୀ ଭିନ୍ନ ମନେହେଲେହେଁ ଏକୀଭୂତ ସ୍ୱରୂପ ଅଟନ୍ତି । ଶ୍ରୀଜଗନ୍ନାଥ ଦ୍ୱାଦଶ ଶତାବ୍ଦୀ ଠାରୁ ବିଷ୍ଣୁ ଭାବରେ ଆରାଧିତା ହେଲେ ମଧ୍ୟେ ସୁଭଦ୍ରା ଶକ୍ତି ଭାବରେ ଆରାଧିତା ହୋଇ ଆସୁଛନ୍ତି । ଏ ଦୃଷ୍ଟିରୁ ବିଚାର କଲେ ଶ୍ରୀମନ୍ଦିରରେ 'ଶକ୍ତି' ଉପାସନା ବିଭିନ୍ନ ବିଭିନ୍ନ ସ୍ୱରୂପ ମଧ୍ୟ ଦେଇ ମାଆ ବିମଳାଙ୍କ ପାଖରେ ପୁଞ୍ଜିଭୂତ ହୋଇଛି । ତେଣୁ ପୁରୁଷ ଦେବତାଙ୍କ ଅପେକ୍ଷା ଦେବୀଶକ୍ତିର ପ୍ରଭାବ ସର୍ବତ୍ର ଅଧିକ । ତେଣୁ ତ, ହିନ୍ଦୁର ପରିକଳ୍ପନାରେ ଉତ୍କଳ ଭୂମିରେ ଏପରିକି ଶ୍ରୀକ୍ଷେତ୍ରରେ ପଞ୍ଚଦେବତାଙ୍କ ମଧ୍ୟରେ ଶକ୍ତି ସ୍ୱରୂପଙ୍କୁ ଉପାସନା କରାଯିବାର ବିଧି ରହିଛି । ଶ୍ରୀମନ୍ଦିରରେ ଅବସ୍ଥିତ ଦେବୀ ଉପାସନା ପଦ୍ଧତି ସମୟ କ୍ରମେ ଏତେ ପ୍ରାଚୀନ ଯେ'ସେ ସମ୍ପର୍କରେ ସର୍ବଶେଷ ସିଦ୍ଧାନ୍ତ ଦେବା ସାଧାରଣ ମାନବ ପକ୍ଷେ ସମ୍ଭବପର ନୁହେଁ ।


ପୃଷ୍ଠା-୧୧
ଦେବବୃକ୍ଷ

# ରହସ୍ୟାତିରହସ୍ୟ ଶ୍ରୀ କଳ୍ପବୃକ୍ଷ


## ଡକ୍ଟର ରମାକାନ୍ତ ନାୟକ

ପଦ୍ମାମାୟାପୁରୀ, ପ୍ରଗତି ମାର୍ଗ, ଶ୍ୟାମରାଇପୁର,
ପ୍ରାଚୀନଗର, ଭଦ୍ରକ-୭୫୬୧୮୧
ଫୋନ: ୯୪୩୮୦ ୮୭୩୪୪


ଫଟୋ ସୌଜନ୍ୟ : ଗୁଗୁଲ
ମୁଖ୍ୟପୃଷ୍ଠ ଚିତ୍ର : ଲୋପାମୁଦ୍ରା ପରିଡ଼ା

କିଏ କହୁଛି ମୁଁ ଜାଣେନା ସେ ଜାଣନ୍ତି । କିଏ କହୁଛି ମୁଁ ଜାଣେ ସିନା କିଛି କିଛି, ସବୁ ନୁହେଁ । କିଏ କହୁଛି ମୁଁ ସବୁ ଜାଣିଛି, କିନ୍ତୁ କିଛି ମନେ ନାହିଁ । କିଏ କହୁଛି ସବୁ ମନେ ଅଛି ସିନା, କିଛି କହି ପାରୁନାହିଁ । ଏମିତି ଚାଲିଛି ବିଚାର ଆଉ ବିମର୍ଷ - ସଂଗ୍ରାମ ଆଉ ସଂଘର୍ଷ ଚାରି ଋଷିଙ୍କ ମଧ୍ୟରେ । ସେମାନେ ହେଲେ ମହର୍ଷି, ଭୃଗୁ, ଅଙ୍ଗିରା, ପଣ୍ଡୁ ଓ ମାର୍କଣ୍ଡ । ସିଦ୍ଧାନ୍ତ ହେଲା ଯେ, ମୃକୁଣ୍ଡ ପୁତ୍ର ମାର୍କଣ୍ଡ, ସପ୍ତ କଳ୍ପଜୀବୀ, ତାଙ୍କୁ ପଚରାଯାଉ । ପଚରାଗଲା ପ୍ରଶ୍ନ ମାର୍କଣ୍ଡ ମୁନିଙ୍କୁ, କଃ ପନ୍ଥା ? ଉତ୍ତର ମିଳିଲା (ମାର୍କଣ୍ଡଙ୍କ ଠାରୁ) "ଧର୍ମସ୍ୟ ପନ୍ଥା ନିହିତଂ ଗୁହାୟାଂ ।" ପୁନଶ୍ଚ ପ୍ରଶ୍ନ ହେଲା, ସର୍ବ ପ୍ରାଚୀନ କିଏ ? ମାର୍କଣ୍ଡ ଉତ୍ତର ଦେଲେ- "ସ ତତ୍ ।" ସେ ହିଁ ସେ । 'ସେ' ପୁଣି କିଏ ? ସେ ଏକ ପେଚକ । ନାମ ପ୍ରବାଳକର୍ଣ୍ଣ । ବାସସ୍ଥାନ ବ୍ୟାସ ସରୋବର । ବଞ୍ଚିଛନ୍ତି ଭେଦକଳ୍ପ । ସେ ହିଁ ସ୍ଥିତପ୍ରଜ୍ଞ ପକ୍ଷୀ ଯେ କି ତୁମ ପ୍ରଶ୍ନର ଉତ୍ତର ଦେଇପାରିବ । ଚାରି ଋଷି ଚାଲିଲେ ପ୍ରବାଳକର୍ଣ୍ଣଙ୍କ ପାଖକୁ । ଭୃଗୁ, ଅଙ୍ଗିରା, ପଣ୍ଡୁ ଓ ମାର୍କଣ୍ଡ । ଅନ୍ୟ ଅର୍ଥରେ - ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ, ଯାଇ ସେହି ପ୍ରଶ୍ନ ପଚାରିଲେ -ପନ୍ଥା କ'ଣ ? ପ୍ରାଚୀନ କିଏ ? ସଂଯମୀ ପ୍ରବାଳକର୍ଣ୍ଣ ଉତ୍ତର ଦେଲେ- "ସ ତତ୍ ।" ସେ ସେ । ସେ ପୁଣି କ'ଣ ? ସିଏ ହେଉଛି ନାଡୀଜଙ୍ଗ ନାମକ ଏକ ବଗ । ବଞ୍ଚିଛନ୍ତି ଅଠେଇଶି କଳ୍ପ । ରହନ୍ତି ମାର୍କଣ୍ଡ ସରୋବରରେ । ତାଙ୍କୁ ଯାଇ ପଚାର । ଚାରି ଋଷି - ଧର୍ମ, ଅର୍ଥ, କାମ, ମୋକ୍ଷର ଯେ ପ୍ରତୀକ ଚାଲିଲେ ନଡୀଜଙ୍ଗଙ୍କ ସମୀପକୁ । ନଡ଼ୀଜଙ୍ଗଙ୍କ ପାଖକୁ ଯାଇ ପୁନଶ୍ଚ ଚାରି ଋଷି ପ୍ରଶ୍ନ କଲେ ସେହି ପ୍ରଶ୍ନ । ଉତ୍ତର ମିଳିଲା -

"ଶୁଣ ଶୁଣ ମୁନିଗଣ ଆମ୍ଭର ବଚନ
ମାତ୍ର ଅଠେଇଶି କଳ୍ପ ଆମ୍ଭର ଜୀବନ ।
ଆମ୍ଭର ଗୁରୁ ଅଛନ୍ତି ସର ଇନ୍ଦ୍ରଦ୍ୟୁମ୍ନ
ଛପନ କଳ୍ପଜୀବୀ ଯେ ଅକୂପାର କୂର୍ମ ।"

ତହୁଁ ଚାରି ଋଷି ଅକୂପାରଙ୍କ ପାଖରେ ପହଞ୍ଚିଲେ । ଅକୂପାର ପ୍ରଶ୍ନ ଶୁଣି ଆବାକ୍ ହୋଇଗଲେ । ବିସ୍ମୟ ବିମୁଢ଼ ନେତ୍ରରେ ଆଶ୍ଚର୍ଯ୍ୟ ଚକିତ ହୋଇ ସେ ଉତ୍ତର ଦେଲେ, "ମୋର ଗୁରୁ ବୃକ୍ଷରାଜ କଳ୍ପଦ୍ରୁମ । ସେ ଏଠାରୁ ପଚାଶ ଯୁଣ ଦୂରରେ ଅଛନ୍ତି ।"

"ଏଥି ପଚାଶ କୋଶ ଅଛି ଛଡ଼ା
ସେ ଭୂମି ରହିଅଛି ଅପୋଡ଼ା
କଳପ ବଟ ନାମେଣ ସେ ବଟ
ସର୍ବ ବୃକ୍ଷଙ୍କ ମଧ୍ୟରେ ଗରିଷ୍ଠ ।"

କଳ୍ପବଟ ନିକଟରେ ଚାରି ଋଷି ପଦାର୍ପଣ କଲେ । ପ୍ରଶ୍ନ ପଚରାଗଲା ସେହି ପୁରୁଣା ପ୍ରଶ୍ନ । "କଃ ପନ୍ଥା ?" ପନ୍ଥା କ'ଣ ଓ ପ୍ରାଚୀନ କିଏ ? ବୃକ୍ଷରାଜ ଉତ୍ତର ଦେଲେ - "ମହତ୍ ଜନମାନେ ଯେଉଁ ପନ୍ଥା ଅବଲମ୍ବନ କରନ୍ତି, ସେହି ପନ୍ଥାନୁକ୍ରମେ ମୁଁ ତୁମକୁ କହୁଛି - ତୁମେ ସେହି ଗୁମ୍ଫାକୁ ଯାଅ, ସେହି ନିଳାଦ୍ରି ଗୁମ୍ଫା । ଅଣାକାର ବିଷ୍ଣୁ ଅବଲିପ୍ତ ଅବସ୍ଥାରେ ସେହି ସିଂହାସନରେ ବିରାଜମାନ କରିଅଛନ୍ତି ।"

"ଅପୂର୍ବ ସିଂହାସନକୁ ପଟାନ୍ତର ନାହିଁ
ଅଣାକାର ବିଷ୍ଣୁ ଲୁଚି ଅଛନ୍ତି କାହିଁ ।"

ଅର୍ଥାତ୍- ଏହି କଳ୍ପ ପାଦପ ହିଁ ପ୍ରମାଣିତ ହେଲା - ସର୍ବ ପ୍ରାଚୀନ - ବୃକ୍ଷ, ଯିଏ କି ଜଗନ୍ନାଥଙ୍କ ସ୍ଥିତି ସମ୍ପର୍କରେ ସର୍ବ ପ୍ରାଚୀନ ଅଭିବକ୍ତା । ତେଣୁ ପୁରୁଷୋତ୍ତମ ଚନ୍ଦ୍ରିକା କହିଲେ-

"ସାକ୍ଷାତ୍ କଳ୍ପଦ୍ରୁମ ନିତ୍ୟଂ ଦେବଦେବ ଜଗତପତେ ।"

ପୁନଶ୍ଚ କଳ୍ପ ଶବ୍ଦର ଅର୍ଥ- ଅତି ପ୍ରାଚୀନ । ଶଙ୍ଖନାଭି ମଣ୍ଡଳର ଦକ୍ଷିଣ ଦିଶାରେ ଏହି କଳ୍ପ ପାଦପ ସାକ୍ଷାତ୍ ବିଷ୍ଣୁଙ୍କର (ଜଗନ୍ନାଥ) ସମ୍ବନ୍ଧରେ ସର୍ବଜ୍ଞାତ ଅଟନ୍ତି । ଅବଶ୍ୟ ଆରଣ୍ୟକ, ଉପନିଷଦ, ବେଦାନ୍ତ କଳ୍ପଦ୍ରୁମ, ସର୍ବ ଗ୍ରନ୍ଥରେ କଳ୍ପ ପାଦପର ପ୍ରଶସ୍ତି ରହିଛି । ବୈଦିକ ନ୍ୟାଗ୍ରୋଧ ପୂଜାରେ ମହାବୃକ୍ଷ ନାମରେ ଏହି ବୃକ୍ଷକୁ ଅଭିହିତ କରାଯାଇଅଛି । ପୁରୁଷୋତ୍ତମ କ୍ଷେତ୍ରର ପଞ୍ଚତୀର୍ଥ ପ୍ରକରଣରେ ମଧ କୁହାଯାଇଛି । ଏହା ଏକ ତୀର୍ଥ ।

### କଳ୍ପପାଦପଙ୍କ ଜନ୍ମ

ପିତାମହ ବ୍ରହ୍ମା ଦିନେ ବିଚାର କଲେ, କ'ଣ କଲେ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିପାରିବି, ଶିବଙ୍କ କୋପରୁ ମୁକ୍ତି ଲାଭ କରିବି ? କିନ୍ତୁ ସେ ଉପାୟ ପାଇଲେ ନାହିଁ । କାହାକୁ ନ ପଚାରି ଆର୍ଯ୍ୟ ମୁନି ବସିପଡ଼ନ୍ତେ (ବ୍ରହ୍ମା), ଏକ ବୃକ୍ଷ ତାଙ୍କର ମାନସ ଚକ୍ଷୁ ସମ୍ମୁଖରେ ଆବିର୍ଭୂତ ହେଲେ । ଭଗବାନ ବ୍ରହ୍ମା ପଚାରିଲେ, କିଏ ତୁମେ ବୃକ୍ଷରାଜ ! ବୃକ୍ଷ କହିଲେ, "ହେ ପିତାମହ ! ମୋତେ ଆଦିମୂଳ ବିଷ୍ଣୁ ବୈକୁଣ୍ଠପୁରକୁ ପଠାଇଥିଲେ । ଆପଣଙ୍କ ନିମନ୍ତେ ମୋ ମୂଳରେ ବସିବା ପାଇଁ । ମୋ ନାମ କଳ୍ପବଟ । ମୋ'



▶ଲେଖକ ଡକ୍ଟର ରମାକାନ୍ତ ନାୟକ

ଉପରେ ଦୁଇଟି ପକ୍ଷୀ ବାସ କରନ୍ତି । ଗୋଟିଏ ଜୀବ ଓ ଅନ୍ୟଟି ପରମ । ଚାରୋଟି ଶାଖା, ଚାରୋଟି ବେଦ, ଚାରୋଟି ଉପ ଶାଖାରେ ଦ୍ୱାଦଶାକ୍ଷର ମନ୍ତ୍ର, ଯଥା: "ଓଁ ନମୋ ଭଗବତେ କଳ୍ପ ବୃକ୍ଷାୟ ।" ଏହି ମନ୍ତ୍ରକୁ ବେଢ଼ି କରି ୫୦ ଅକ୍ଷରର ଯନ୍ତ୍ର ଅଛି । ଏହାର ବର୍ଣ୍ଣ ଗୌର, ଲୋହିତ ଓ ଶ୍ୟାମ । ଏହି ବୃକ୍ଷର ଫଳ ଚାରି ରକମର ଯଥା - ଧର୍ମ, ଅର୍ଥ, କାମ, ମୋକ୍ଷ । ଏ ବୃକ୍ଷର ବାଲ୍ୟାବସ୍ଥା, ଯୁବାବସ୍ଥା ଓ ବୃଦ୍ଧାବସ୍ଥା ନାହିଁ । ଏ ବୃକ୍ଷ ସବୁବେଳେ ଗରିଷ୍ଠ ଓ ସ୍ଥବିର । ପ୍ରସିଦ୍ଧ କବି ପୀତାମ୍ବର ଦାସ ନୃସିଂହ ପୁରାଣର ଶୁକ ଜନ୍ମ ଚରିତରେ କହିଲେ :



"ପୃଥିବୀକୁ ଆସି ତା' ନାମ ହୋଇଲା କଳ୍ପବଟ,
ମହାପ୍ରଳୟେ ବିଷ୍ଣୁର ଫେଡ଼ିଲେ ସଂଙ୍କଟ ।
ଅମୋହ ଅମାୟା ଅଟେ ସେହି କଳ୍ପବୃକ୍ଷ,
ବ୍ୟାପିଅଛି ପ୍ରକୃତିକି ଘେନି ଚୌଦ ଲୋକ ।
X X X X
ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ ଆଦି,
ବାଞ୍ଛା ପ୍ରସିଦ୍ଧି କୁସୁମ ବାସେ ମନ ଭେଦି ।
ବାଳ, ବୃଦ୍ଧ, ଯୁବା, ବୃକ୍ଷ ସବୁବେଳେ ଏକ,
ମନେ କଲେ ଆକାଶକୁ ବଢ଼ଇ ତାର ଶିଖ ।
ବିକଳ୍ପନେ ହୁଏ ସାନ ବଡ଼େ କଳ୍ପନାରେ,
ଏମନ୍ତ ବୃକ୍ଷକୁ ପେଷିଦେଲେ ଚକ୍ରଧରେ ।"

କଳ୍ପବୃକ୍ଷକୁ ତତ୍ତ୍ୱମୟ ବୃକ୍ଷ ବୋଲି କୁହାଯାଏ । ଏହାର ପାଞ୍ଚଗୋଟି ମୂଳ ଅଛି, ଯଥା: କ୍ଷିତ୍, ଅପ, ମରୁତ, ଅଗ୍ନି, ଆକାଶ । ଏହାର ଅଙ୍କୁର ବୀଜ ଦୁଇଫାଳ । ବାମରେ ପ୍ରକୃତି, ଦକ୍ଷିଣେ ପୁରୁଷ । ସତ୍ତ୍ୱ, ରଜ ଓ ତମ- ଏହି ତ୍ରିବିଧ ଗୁଣ ଗଛର ଆଦି, ମଧ୍ୟ ଓ ଅନ୍ତରେ ବିରାଜିତ । ବୃକ୍ଷର ଗ୍ରନ୍ଥିର ନାମ 'ଓଁକାର' । ଚାରି ଶାଖା, ଚାରିବେଦ, ବାରଟି (୧୨) ପ୍ରଶାଖା, ଦ୍ୱାଦଶାକ୍ଷର ମନ୍ତ୍ର, ପଚାଶ (୫୦) ପତ୍ର ଓ ପଚାଶ (୫୦)ଟି ଯନ୍ତ୍ର । ଏ ଗଲା ପ୍ରଥମାବରଣ ।

ଦ୍ୱିତୀୟାବରଣରେ ତ୍ରିଶାଖାର ପ୍ରତିଟି ଶାଖାରେ ୮ଟି ଲେଖାଏଁ ପତ୍ର ଏପରି ୨୪ଟି ପତ୍ର ଅଛି । ଏ ହେଉଛି ଗାୟତ୍ରୀ । ଦୁଇଟି ଶାଖା ପତ୍ର ଓ ଅପରା । ପ୍ରତି ଶାଖାରେ ଦୁଇପତ୍ର । ଗୋଟିଏ ଆଶକ୍ତି, ଅନ୍ୟଟି ଅନାଶକ୍ତି । ୬ଟି ଲେଖାଏଁ ପତ୍ର ଦୁଇ ଶାଖାରେ ଅଛନ୍ତି । ସେମାନେ ହେଲେ ଦ୍ୱାଦଶାଦିତ୍ୟ । ଯୋଡ଼ିଏ ଶାଖା ଅଛନ୍ତି । ସେମାନେ ହେଲେ ସୁଖ ଓ ଦୁଃଖ ।

## ସ୍କନ୍ଦପୁରାଣ ମତରେ

ରତ୍ନ ସିଂହାସନ, ମଣିମଣ୍ଡପ ମଧ୍ୟରେ କଳ୍ପବୃକ୍ଷ ସାକ୍ଷାତ୍ ବ୍ରହ୍ମ ବୃକ୍ଷ ରୂପରେ ପ୍ରସିଦ୍ଧି ଲାଭ କରଅଛନ୍ତି । ଏହାକୁ ପ୍ଳବପାନ ବା ପ୍ରଳୟର ମୂଳ ବୋଲି ଅଦୃଷ୍ଟପୂର୍ବ ବୃକ୍ଷ ଭାବରେ ନେବା ଉତ୍କଳ ପକ୍ଷେ କମ୍ ଗୌରବାବହ ବିଷୟ ହୋଇନାହିଁ ।

"ନ ଦୃଷ୍ଟପୂର୍ବଂ ବୃକ୍ଷୋଽୟମୁଦ୍ୟତ୍ ସୂର୍ଯନିଭାଂଶୁନା
ଗନ୍ଧେନ ବାସୟାନ୍ ସର୍ବଂ ତଟଭୂମିଂ ସୁଗନ୍ଧିନା ।"

ଅଷ୍ଟାଦଶ ଅଧ୍ୟାୟର ବର୍ଣ୍ଣିତ ବିଷୟ ପଢ଼ିଲେ ମନେହୁଏ କଳ୍ପବୃକ୍ଷ ହିଁ ପୁରୁଷୋତ୍ତମ କ୍ଷେତ୍ରର ଶ୍ରମ ବା ତୀର୍ଥ କୃତ୍ୟ ସଫଳ ବସ୍ତୁ(ବୃକ୍ଷ) ଅଟେ । ଯାହା ଦିଗନ୍ତ ବିସ୍ତାରି । ସୁଗନ୍ଧି ପାଇଁ କ୍ଷେତ୍ର ଦେଶ ସୌରଭାନ୍ୱିତ ଅଟେ ।

"ତଥା ତଦର୍ଶ ତଂ ବୃକ୍ଷଂ ଚତୁଃଶାଖଂ ଚତୁର୍ଭୁଜଂ
ସର୍ବ ଶ୍ରମଂ ମନ୍ୟମାନଂ ସଫଳଂ ନୃପସତ୍ତମ ।"

ଏହି ବୃକ୍ଷର ବାୟୁ କୋଣକୁ ୧୦୦ (ଶହେ) ହସ୍ତ ଛାଡ଼ି ସୁଦୃଢ଼ ପ୍ରାସାଦର ଅବସ୍ଥିତି ପୁରାଣକାର ସ୍ୱୀକାର କରିଅଛନ୍ତି । ସେଥିରେ ବିଶଦ ରୂପରେ ବର୍ଣ୍ଣିତ ହୋଇଛି ବଟ ପ୍ରଶସ୍ତି ।

ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ, ବାମଦେବ ସଂହିତା, ନୀଳାଦ୍ରି ମହୋଦୟ, ଇନ୍ଦ୍ରନୀଳମଣି ପୁରାଣ ତଥା ପୁରୁଷୋତ୍ତମ ଚନ୍ଦ୍ରିକା ଆଦି ଗ୍ରନ୍ଥମାନଙ୍କରେ ବଟ ପ୍ରଶସ୍ତି ଗଭୀର ଭାବରେ ବର୍ଣ୍ଣିତ ହୋଇଛି ।

ଶଙ୍ଖନାଭି ମଣ୍ଡଳର ଦକ୍ଷିଣ ଦିଗରେ ଶତଚାପ ସ୍ଥାନ ଅନ୍ତରରେ ଯେଉଁ କକୁଦ ନାମକ ସ୍ଥାନ ବିରାଜିତ, ସେହି ସ୍ଥାନରେ ନ୍ୟଗ୍ରୋଧ ଶ୍ରେଷ୍ଠ ବିରାଜିତ । ତା'ର ପୂର୍ବରେ କାରୁଣ୍ୟ ଜଳ ପରିପୂରିତ ଏକ ଦିବ୍ୟ କୁଣ୍ଡ ରହିଅଛି ଯାହାର ନାମ ପାବନ ରୋହିଣୀକୁଣ୍ଡ । ଏହି ଦିବ୍ୟ କୁଣ୍ଡରେ ଯେଉଁ ଶୁକ୍ଳ ବର୍ଣ୍ଣର ସ୍ଫଟିକ କବଚ, ଶୁଦ୍ଧ ଜଳ ସେଥିରେ ପ୍ରତିବିମ୍ବ ପଡ଼ିଗଲେ ଜୀବ ମୁକ୍ତିଲାଭ କରେ । ତା'ର ବଳିଷ୍ଠ ପ୍ରମାଣ ଲୋମଶ ଋଷିଙ୍କ ଅଭିଶାପରେ ଜର୍ଜରିତ ହୋଇ କାକ ଭୂଷଣ୍ଡଜୀ ମହାରାଜ ମୁକ୍ତି ପାଇଛନ୍ତି । ଏହି ମହାନ ବଟବୃକ୍ଷର ରକ୍ଷା ନିମନ୍ତେ ମଙ୍ଗଳା ମଙ୍ଗଳପଦା "ମା ବାଟ ମଙ୍ଗଳା" ପଶ୍ଚିମାଭିମୁଖୀ ହୋଇ ବିରାଜମାନ କରିଛନ୍ତି । ପୂର୍ବରେ ତପୀବର ଚିରଞ୍ଜିବୀ ମାର୍କଣ୍ଡ ମହାମୁନୀଙ୍କର ଚରଣ ପାଦୁକା ଅବସ୍ଥିତ । ଦକ୍ଷିଣରେ ସିଦ୍ଧିଦାତା 'ବଟ ଗଣପତି' ଦକ୍ଷିଣାଭିମୁଖୀ ହୋଇ ସୁପ୍ରତିଷ୍ଠିତ । 'ବଟ ନାରାୟଣ' ଏହି ବୃକ୍ଷର ପଶ୍ଚିମକୁ ବିଦ୍ୟମାନ । ଯେଉଁ ମାର୍କଣ୍ଡେୟ ମହାପ୍ରଳୟ କାଳରେ ବଟ ପୁଟଶାୟୀ ବାଳ ମୁକୁନ୍ଦକୁ ସ୍ତବ କରିଥିଲେ । ପଞ୍ଚ ଭ୍ରାତ ସଦାଶିବ ପଶ୍ଚିମ ଦିଗରେ । କଳିଯୁଗରେ ଇନ୍ଦ୍ର ଏହି ବୃକ୍ଷକୁ ପବିତ୍ରତମ ସ୍ୱର୍ଗାଲୋକରେ ରଖିବାକୁ ଶ୍ରଦ୍ଧା କରି ଐରାବତମାନଙ୍କ ଦ୍ୱାରା ଉତ୍ପାଟନ କରି ସ୍ୱର୍ଗକୁ ନେଇ ଏକ କଳ୍ପ ରଖିଥିଲେ । "ମାତ୍ର ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ନିମନ୍ତେ ସ୍ୱର୍ଗରୁ ତାହା ଆଣି ଦ୍ୱାରକାରେ ରଖାଇଲେ । ମାତ୍ର ଯେତେବେଳେ ପରାତ୍ପର କୃଷ୍ଣ ଶାଳ୍ମଳୀ ତରୁ ତଳେ ସ୍ୱଦେହ ବିସର୍ଜନ କଲେ ପ* ପାଣ୍ଡବ ଭକ୍ତ ପବିତ୍ର ବୃକ୍ଷକୁ ଆଣି ପୁରୁଷୋତ୍ତମର ବଟ କକୁଦରେ ପୁନଃ ସ୍ଥାପନ କଲେ ଓ ତାହାର ନିମ୍ନରେ କଳ୍ପବାସ କରି ଶ୍ରୀକୃଷ୍ଣଙ୍କର ସମ୍ୱରଣ ଲୀଳାଜନିତ ଶୋକ ବିସର୍ଜନ କରିଥିଲେ । ତେଣୁ ଏହି ସ୍ଥାନ 'ତାପହରା' ନାମରେ ଖ୍ୟାତ ହେଲା । କାର୍ତ୍ତିକ (ତୁଳା) ମାସ କଳ୍ପ ତ୍ରୟୋଦଶୀରେ ଏ ବୃକ୍ଷ ଶ୍ରେଷ୍ଠ ନ୍ୟଗ୍ରୋଧ ପ୍ରଜାପତିଙ୍କ ଦ୍ୱାରା ସୃଷ୍ଟି ହୋଇଥିବାରୁ ଏ ଶୁକ୍ଳ ବର୍ଣ୍ଣର ଚତୁର୍ଭୂଜ (ଚତୁଃଶାଖା)କୁ ସେଦିନ ପୂଜନ କଲେ ରାଜସୂୟାଦିର ଫଳ ମିଳେ । ଏହା ପୃଥିବୀର ସର୍ବ ପ୍ରାଚୀନ ନ୍ୟଗ୍ରୋଧ ଅଟନ୍ତି ।

ଯେତେବେଳେ ହିରଣ୍ୟଗର୍ଭ ମହାପ୍ରଳୟ କାମନା କରନ୍ତି କାରୁଣ୍ୟ ଜଳ ଏହାର ମୂଳରୁ ପ୍ରବାହିତ ହୋଇ ଚରାଚର ଜଗତକୁ ପ୍ଳାବିତ କରିଥାଏ । ଶେଷ ପତ୍ରଟି ପ୍ରଳୟୋଦକ ଉପରେ ଭାସମାନ ହୋଇଥାଏ । ତା' ଉପରେ ଏକ ମହତୀ ଶିଶୁ ବିରାଜିତ ।

"ବଟସ୍ୟ ଶୀର୍ଷପୂଟେଣ ମୁଦିତଃ ମହତୀ ଶିଶୁଃ
ତଦାବର୍ତ୍ତଜଳେ ସମ୍ୟକ୍ କୁକୁଦି ସ୍ୱର୍ଣୟନ୍ ରଶ୍ମିମ୍
ସ୍ତବଂ କୃତ୍ୱା ପରଂଭକ୍ତ୍ୟା ମୁକୁଣ୍ଡସ୍ତନୟଂ ତଥା
ନମସ୍ତେ ବିଶ୍ୱବୀଜଂ ତ୍ୱଂ ପ୍ରଣତୋଽସ୍ମି ମହାଶିଶୁ ।"

## ମହାଭାରତ ମତରେ

ଭଗବାନ ଓ କୃଷ୍ଣ ଦ୍ୱୈପାୟନ ବ୍ୟାସକୃତ ମହାଭାରତରେ କଳ୍ପବୃକ୍ଷକୁ ପ୍ରାଚୀନତମ ବୃକ୍ଷ ରୂପରେ ବର୍ଣ୍ଣନା କରିଛନ୍ତି । ଏଣୁ କୁହାଯାଇଛି ଯେ ଏ ଅନାଦି ଅନନ୍ତ । ସେ ସମ୍ପର୍କରେ ଏତିକି ମାତ୍ର କୁହାଯାଇଛି ଯେ -

"ପୃଥିବ୍ୟାଂ ଗୋପିତଂ ସ୍ଥାନମ୍ ।"

ଅର୍ଥାତ୍ ପୃଥିବୀର ଅତ୍ୟନ୍ତ ଗୋପନୀୟ ସ୍ଥାନରେ ଏହାର ମୂଳଭାଗ ରହିଛି । ମହାଭାରତର ବନପର୍ବ ୧୧୪ ଅଧ୍ୟାୟରେ ଲୋମଶ ମୁନି ଯୁଧିଷ୍ଠିରଙ୍କୁ ନେଇ

ସମୁଦ୍ର କୂଳରେ ଉପସ୍ଥିତ କରାଇ କହୁଛନ୍ତି- ହେ ରାଜନ୍! ଏ କଳିଙ୍ଗ ଦେଶାନ୍ତର୍ଗତ ମହାସାଗର । ଏଠାରେ ଦେବୀ ରୂପକ ପବିତ୍ର ସ୍ଥାନ ରହିଛି । ଏହି ଦେବୀରେ ଅଗ୍ନି, ମିତ୍ର, ଯୋନି, ଅପ ସମସ୍ତ ତତ୍ତ୍ୱ ନିହିତ ।

ଦାନସାଗର ନାମକ ଗ୍ରନ୍ଥରେ କଳ୍ପ ପାଦପ ଦାନକୁ ସର୍ବଶ୍ରେଷ୍ଠ ଦାନ ବୋଲି ଉଲ୍ଲେଖ କରାଯାଇଛି । ଇତିହାସର ଭାଷାରେ ଏହାକୁ ପୁଣ୍ଡରୀକ ଗୋପ ବୋଲି କୁହାଯାଏ । ପ୍ରବାଦ ଅଛି- ସୂର୍ଯ୍ୟ ବଂଶର ଅଦ୍ୱିତୀୟ ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ୍ କପିଳେନ୍ଦ୍ରଦେବ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ବିଜୟର ସମସ୍ତ ଦ୍ରବ୍ୟ ତୁଳା ଦାନ ରୂପରେ କଳ୍ପ ବୃକ୍ଷ ତଳେ ଛିଡ଼ାହୋଇ ଜଗନ୍ନାଥଙ୍କୁ ଅର୍ପଣ କରିଥିଲେ । ଏଣୁ କଳ୍ପବୃକ୍ଷ ଦାନ ହିଁ ସର୍ବଶ୍ରେଷ୍ଠ ଦାନ ।

ଏଠାରେ କଳ୍ପବୃକ୍ଷକୁ ଏକ ଜୀବନ୍ତ ସାକ୍ଷୀ-ବୃକ୍ଷ ରୂପରେ ଅଭିହିତ କରାଯାଇଛି । ଏହା ଶ୍ରୀକ୍ଷେତ୍ରର ଏକ ବୃକ୍ଷ ନୁହେଁ, ଏହା ଏକ ଅମୂଲ୍ୟ ସମ୍ପଦ ।

## ଶ୍ରୀମଦ୍ ଭାଗବତ ମତରେ

ମହାଭାରତ ପରି ଶ୍ରୀମଦ୍ ଭାଗବତର ଦ୍ୱାଦଶ ସ୍କନ୍ଦରୁ ପ୍ରଳୟ ଓ ମାର୍କଣ୍ଡ ଋଷିଙ୍କ ପ୍ରସଙ୍ଗ ଆସିଅଛି । ମହାପ୍ରଳୟର ଗଭୀର ଜଳରାଶି ମଧ୍ୟରେ ଚରାଚର ବିଶ୍ୱ ବିଲୀନ ହୋଇଗଲା ପରେ ବୈଷ୍ଣବୀ ମାୟାରେ ଜଡ଼ିତ ହୋଇ ମହାମୁନି ମାର୍କଣ୍ଡ ଭାସୁ ଭାସୁ ଏକ କୁକୁଦରେ ଲାଗିଗଲେ, ଯେଉଁ କୁକୁଦ ଉପରେ ବୃକ୍ଷରାଜ କଳ୍ପଦ୍ରୁମ ବିରାଜମାନ କରିଛନ୍ତି । ଯଥା-



"ଅୟୁତାୟୁ ବର୍ଷାଣାଂ ସହସ୍ରାଣି ଶତାନିଚ
ବ୍ୟତୀୟ ଭ୍ରମତଃ ତସ୍ମିନ୍ ବିଷ୍ଣୁ ମାୟାବୃତାତ୍ମନା
ସ କଦାଚିଦ୍ ଭ୍ରମନ୍ତଂ ତସ୍ମିନ୍ ପୃଥିବ୍ୟା କୁକୁଦିଂ
ନ୍ୟଗ୍ରୋଧ ପୋତଂ ଦଦୃଶ ଫଳପଲ୍ଲବ ଶୋଭିତଂ ।"

ଜଗନ୍ନାଥ ଦାସ ଭାଗବତ ଗ୍ରନ୍ଥ ପରବର୍ତ୍ତୀ ପର୍ଯ୍ୟାୟରେ କୁକୁଦ ଶବ୍ଦକୁ ସ୍ପଷ୍ଟ ଭାବରେ ସୂଚାଇ ଦେବାକୁ ଯାଇ କହନ୍ତି -"ବ୍ରହ୍ମାଣ୍ଡ ମଧ୍ୟେ ଜମ୍ବୁ ଦ୍ୱୀପ / ନବଖଣ୍ଡରେ ସେ ସଂକ୍ଷେପ / ଭାରତବର୍ଷର ମଧ୍ୟରେ / ଆର୍ଯ୍ୟାବର୍ତ୍ତ ନାମ ବିସ୍ତାରେ / ଉତ୍କଳ ନାମକ ଦେଶରେ । / କ୍ଷେତ୍ରବଟ ସମେତ ହୋଇ / ପ୍ରଳୟ ଜଳରେ ଭାସଇ । /ସେ ବଟ ପୁଟରେ ଶୟନ / ତାଙ୍କୁ ମାର୍କଣ୍ଡେୟ ଦର୍ଶନ ।"

ନୀଳତନ୍ତ୍ର, ବିଜ୍ଞାନତନ୍ତ୍ର ଇତ୍ୟାଦି ମୌଳିକ ତନ୍ତ୍ର ଗ୍ରନ୍ଥମାନଙ୍କରେ, କଳ୍ପବୃକ୍ଷର ବର୍ଣ୍ଣନା ବଡ଼ ଅଦ୍ଭୁତ ଭାବରେ କରାଯାଇଛି । କୈଳାସ ପର୍ବତ ଉପରେ ଏକ ଉଦ୍ୟାନ ମଧ୍ୟସ୍ଥିତ ବୃକ୍ଷ ଯାହା କଳ୍ପ କଳ୍ପ ପର୍ଯ୍ୟନ୍ତ ରହିଅଛି ବୋଲି ବର୍ଣ୍ଣନା କରାଯାଇଛି ।

"କଳ୍ପବୃକ୍ଷ ମହୋଦ୍ୟାନମଣ୍ଡିତେ ମମ ଭୂତଳେ
ନିନିଷ୍ପ ପ୍ରଣିପତ୍ୟାହ ପାର୍ବତୀ ପ୍ରାଣ ବଲ୍ଲଭଃ ।"

ପୁନଃ ଏହି ବୃକ୍ଷରାଜ ତଳେ ଏକ ପାଦ ବା ବାମ-ପାଦରେ ଦଣ୍ଡାୟମାନ ହୋଇ ଯେଉଁ ଯେଉଁ ମନ୍ତ୍ରପାଠ କରିବ ତାହା ଶିଘ୍ର ସିଦ୍ଧି ହେବ ବୋଲି ତାନ୍ତ୍ରିକମାନଙ୍କର ବିଶ୍ୱାସ ଥାଏ । ଏହି ବୃକ୍ଷର ଛାୟା ତନ୍ତ୍ର ବିଶାରଦମାନଙ୍କ ପାଇଁ ଏକ ଅମୂଲ୍ୟ ବୃକ୍ଷ ଅଟେ । ମୂଳତନ୍ତ୍ର ଅନୁସାରେ ଏହି ବୃକ୍ଷ-

"ପ୍ରତ୍ୟକ୍ଷଂ ସିଦ୍ଧିଦଂ ବୃକ୍ଷଂ ସର୍ବମନ୍ତ୍ର ବିଶୋଧକଂ
ଶୃଣ୍ୱତ୍ୱଂ ଭୈରବଗୁପ୍ତାଃ ଉପାୟଃ ଶଙ୍କରପ୍ରିୟଂ
ସ୍ନାତ୍ୱା ମହୋଦଧି ନୀରେ ଶୁଦ୍ଧ ବସ୍ତ୍ରାବଧାରୟଃ
କଳ୍ପତରୁଂ ନମସ୍କୃତ୍ୟ ବରଂଷ୍ମମନ୍ତ୍ରତ୍ ଜପେତ ତଥା ।"

## ଉତ୍କଳ ସାହିତ୍ୟରେ

ଉତ୍କଳ ସାହିତ୍ୟରେ ବର୍ଣ୍ଣନା ଅଛି ଯେ- ପୁରୀର ବୃକ୍ଷମାନଙ୍କ ମଧ୍ୟରେ ପାଞ୍ଚ (୫) ଟି ବୃକ୍ଷ ପ୍ରଧାନ । ଯଥା -

୧. ଅଙ୍ଗୀରା ବଟ (ଅଙ୍ଗୀରାଶ୍ରମ ଦୋଳମଣ୍ଡପ ସାହି)
୨. ନିକୁମ୍ଭିଳା ବଟ (ଜମ୍ବେଶ୍ୱରଙ୍କ ନିକଟ ଗୌଡ଼ବାଡ଼ ସାହି) ।
୩. ଅଘୋର ବଟ (ମାର୍କଣ୍ଡେଶ୍ୱର ତୀର୍ଥ ପାର୍ଶ୍ୱରେ)
୪. ଗୋଛଦ ବଟ (ହରିବଂଶପୁର, କଲେଜରୋଡ଼)
୫. ବାଞ୍ଛାବଟ (କଳ୍ପବୃକ୍ଷ ପାର୍ଶ୍ୱରେ) ବିରାଜମାନ ।

କ୍ଷେତ୍ରମହାତ୍ମ୍ୟରେ ରୋହିଦାସ ବର୍ଣ୍ଣନା କରୁଛନ୍ତି:

"ବାଟହୁଡ଼ି ଅଣକ୍ଷର ପୂରେ କରିଘର
ଏକ ବଟ ତଳେ ପଞ୍ଚବଟ ବିସ୍ତାର ।
ମନ ଅଣାକାରପୂରେ କଳ୍ପବଟକୁ
ପଞ୍ଚବଟ ବେଢ଼ିଛନ୍ତି ଯେ ତହିଁ ପାର୍ଶ୍ୱକୁ
ପୂର୍ବେକ ଅଙ୍ଗୀରା ବଟ ଦକ୍ଷିଣେ ନିକୁମ୍ଭିଳା
ଉତ୍ତରେ ଅଘୋର ବଟ ନାମ ପ୍ରକାଶିଲା
ଗୋଛନ୍ଦ ବଟ ଆବର ବେଢ଼ି ରହିଛନ୍ତି
ରୋହିଦାସ କହେ ପଞ୍ଚବଟ ଯେ ଅଛନ୍ତି
ପାଞ୍ଚମନ ପ୍ରାୟେ ବଟେ କଳପ ଯେ ବଟ
ପ୍ରାଣପ୍ରାୟ ଭଜଜୀବ ତୁଟିଯିବ ଘଟରେ ।"

ଅତିବଡ଼ି ଜଗନ୍ନାଥ ଦାସ ଗୋସାଇଁଙ୍କ ଭାଷାରେ କଳ୍ପବୃକ୍ଷକୁ ବିଶ୍ୱବଟ କୁହାଯାଉଛି ।

"ମହାରାଟ ବିଶ୍ୱବଟ ଏ ବିରାଟୁ ସେ ବିରାଟ
ବିରାଟୁ ଅଖିଳ ଗୋଟିଏ ହୁଏ ପ୍ରକଟ ।"

ବେଢ଼ାବୁଲା ଗ୍ରନ୍ଥରେ କୁହାଗଲା :

"କଳ୍ପବଟର ମୂଳେ ଅନନ୍ତ ଶଯ୍ୟାରେ
ମୁକତି ମଣ୍ଡପ ବିମ୍ବାଧର ପ୍ରଭୁ ଲୟକରେ ।"

ଦେବ ଦୁର୍ଲ୍ଲଭ ଦାସ ସପ୍ତଦଶ ଶତାବ୍ଦୀରେ କହିଲେ – "ବଟ ରୋହିଣୀ କୁଣ୍ଡ ଭିତରେ । / ପ୍ରଭୁ ବିଜେ ବଡ଼ ଦେଉଳ ଭିତରେ ।

ଉପେନ୍ଦ୍ର ଭଞ୍ଜ କହିଛନ୍ତି : "ବଟ ଶାଖା ଘେନି ନିଗମ ସାକ୍ଷାତ / ପାପତାପ ପଶୁନାଗ ସୁକର୍ମ ଉଦିତ ଯେ ।"

ବନମାଳୀ ଦାସ କହିଛନ୍ତି : "ଲବଣ ଜଳଧି ତଟ ନୀଳାଦ୍ରି ନାମ ପ୍ରକଟ / କଳ୍ପ ବଟ ମୂଳେ କି ଲାଗିବ ମୋର ଶିର ।"

ବଳରାମ ଦାସ କଳ୍ପବଟ ଭଜନରେ କହିଛନ୍ତି : "ଚରାଚର ସବୁ ଜୀବଲୀନ / ତୁମ୍ଭେ କଳ୍ପବଟେ ଥିବ ବିଦ୍ୟମାନ / ଦକ୍ଷିଣେ ଗଣେଶ ଉତ୍ତରେ ଭବାନୀ / ମଙ୍ଗଳ ରଖନ୍ତି ଶାଖାମାନଙ୍କୁ ଘେନି ।

ଆର୍ଯ୍ୟ ଗୌରବ କବି ପଣ୍ଡିତ ପ୍ରବଳ ଜ୍ଞାନମୂର୍ତ୍ତି ଯୋଗସିଦ୍ଧ ଅଚ୍ୟୁତାନନ୍ଦଙ୍କ କ୍ଷେତ୍ର ଭଜନ ଭାଷାରେ: "କ୍ଷେତ୍ରମାନଙ୍କରେ ସାର ପୁରୁଷଉତ୍ତମ / ପୁରୁଷ ଉତ୍ତମକ୍ଷେତ୍ରେ ସାର କୂର୍ମ ଧାମ । / କୂର୍ମ ପୀଠପରେ ସାର କୁକୁଦଗୋପ୍ୟାନ୍ / କୁକୁଦରେ ସାର କଳ୍ପବୃକ୍ଷ ନିତ୍ୟଧାମ । ବାଇ ମନ ତା'ର ଛାୟାତଳେ ମନ୍ତ୍ରଯୋଗ / ସାଧିଲେ ପାଇବୁ ସିନା ସିଦ୍ଧି ଚଉବର୍ଗ । / କହଇ ଅଚ୍ୟୁତି ଦାସ କ୍ଷେତ୍ରରେ ସାର / ଶିଶୁଯାରେ ପତ୍ରପରେ ତାକୁ ନମସ୍କାର ।"

ଦାରୁବ୍ରହ୍ମ ଗୀତାରେ ଜଗନ୍ନାଥ ଦାସ କହିଲେ : "ଏଥୁ ଚାରିଶ କୋଶ ଅଛି ଛଡ଼ା / ପୃଥିବୀ ଅଛଇ ଅଗୋଡ଼ା / କଳ୍ପନାମେ ଅଛି ବଟ / ସବୁ ବୃକ୍ଷରେ ସେ ଗରିଷ୍ଠ ।"

ଅନ୍ୟତମ କବି ଚିକିଟିର ନାରାୟଣ ସାମନ୍ତଙ୍କ ଭାଷାରେ : "ସେ ଦାରୁ ବ୍ରହ୍ମ ଯେ ମାଧବ / କଳ୍ପବୃକ୍ଷ ଯେ ତ୍ରିବୈଭବ । / ଗୁଣ୍ଡିଚା ଯାତ୍ରାକୁ ବିଜୟ / ଯେତେବେଳେ ଦାରୁ ବ୍ରହ୍ମମୟ / ନୀଳମାଧବ ନୀଳାଦ୍ରିରେ / ରୁହନ୍ତି ଶାଶ୍ୱତ

ବିଚାରେ / ନୀଳ ମାଧବ ଯେବେ ଯାନ୍ତି / କଳ୍ପତରୁ ରହିଥାନ୍ତି । / କଳ୍ପତରୁ କ୍ଷେତ୍ରସାର / ତାପରେ ଦାରୁ ଅବତାର । / ସର୍ବ ପ୍ରଳୟେ ନାଶଯିବ / ମାତ୍ରକେ କଳ୍ପବୃକ୍ଷ ଥିବ ।"

ପ୍ରଚଳିତ ଲୋକସାହିତ୍ୟର ଏକ ଉକ୍ତି ଅନୁସାରେ "ଯେବେ କଳ୍ପବଟ ଶାଖା ଭାଙ୍ଗିବ / ତେବେ କଲ୍‌କୀକୁ ଏଗାର ପୂରିବ ।"

## ପୁରାଣ ସାହିତ୍ୟ ମତରେ

ପ୍ରସିଦ୍ଧ ସିଦ୍ଧ ମୁନି କପିଳ କୃତ କପିଳ ସଂହିତା ଅନୁକ୍ରମେ କଳ୍ପବଟର ମହିମାରେ ବର୍ଣ୍ଣନା କରାଯାଇଛି ଯେ, ଗୟାସୁରକୁ ବଦ୍ଧକରି ଭଗବାନ ବିଷ୍ଣୁ ନିଜ ଆୟୁଧମାନଙ୍କୁ ଯଥା – ଶଙ୍ଖ, ଚକ୍ର, ଗଦା, ପଦ୍ମ ବିଭିନ୍ନ ସ୍ଥାନକୁ ଫିଙ୍ଗିଥିଲେ । ତନ୍ମଧ୍ୟରୁ ପୁରୁଷୋତ୍ତମ ଧାମରେ ପାଞ୍ଚ ଜନ୍ୟ ଶଙ୍ଖକୁ, ଏକାମ୍ର (ଭୁବନେଶ୍ୱର) କ୍ଷେତ୍ରରେ ସୁଦର୍ଶନ ଚକ୍ରକୁ, ଯାଜପୁର ବୈତରଣୀ ତଟରେ ଗଦାକୁ ଓ କୋଣାର୍କ ବା ପଦ୍ମ କ୍ଷେତ୍ରରେ କିଂଜ୍ୱଳିନୀ ପଦ୍ମକୁ ପକାଇଥିଲେ । ସେଇ ସେଇ ଆୟୁଧ ଅନୁସାରେ, ପୁରୁଷୋତ୍ତମ ଶଙ୍ଖକ୍ଷେତ୍ର, ଭୁବନେଶ୍ୱର ଚକ୍ରକ୍ଷେତ୍ର, ଯାଜପୁର ଗଦାକ୍ଷେତ୍ର ଓ କୋଣାର୍କ ପଦ୍ମ କ୍ଷେତ୍ର ନାମରେ ଅଭିହିତ ହେଲା । ସେ ଏହି ଚତୁଃ କ୍ଷେତ୍ରରେ ଗୋଟିଏ ଗୋଟିଏ ବଟବୃକ୍ଷ ମଧ୍ୟ ସ୍ଥାପନ କରିଥିଲେ । ପୁରୁଷୋତ୍ତମ 'କଳ୍ପବଟ', ଭୁବନେଶ୍ୱରରେ 'ଅନନ୍ତବଟ', ଯାଜପୁରରେ 'ବିରଜାବଟ', କୋଣାର୍କରେ 'ଅର୍କବଟ' ସ୍ଥାପନ କରିଥିଲେ ।

'କପିଳ ସଂହିତା' ପ୍ରାଚୀନ ଶାସ୍ତ୍ରାକାର ଗଣ ଏବଂ (Antiquites of orissa- Vol-II page – ୧୦)ରେ ରାଜେନ୍ଦ୍ର ଲାଲ ମିତ୍ର ଉଲ୍ଲେଖ କରିଛନ୍ତି ଯେ କଳ୍ପବଟ ସବୁଠାରୁ ଗରିଷ୍ଠ ବଟ ଅଟେ । ସେହି ବୃକ୍ଷ ମୂଳରେ ଏକ ଶିବଲିଙ୍ଗ ବଟେଶ୍ୱର ନାମରେ ସ୍ଥାପିତ ହୋଇଥିଲେ । ତାହାଙ୍କୁ ବଟକେଶରୀ ବା ବଟେଶ୍ୱରୀ ରାଜା ପ୍ରତିଷ୍ଠା କରିଥିଲେ । ଏବେ ମନ୍ଦିରର ପଶ୍ଚିମ ପଟକୁ ମାର୍କେଣ୍ଡେଶ୍ୱରଙ୍କ ବାମପାର୍ଶ୍ୱକୁ ବଟେଶ୍ୱର ମହାଦେବଙ୍କ ଏକ କ୍ଷୁଦ୍ର ମନ୍ଦିର ଭକ୍ତମାନଙ୍କ ଦୃଷ୍ଟି ପଥାରୂଢ଼ ହୁଏ ।

ରାଜା ବୀରକିଶୋର ଦେବଙ୍କ ପ୍ରଥମ ଅଙ୍କ ସମୟରେ ମହାରାଷ୍ଟ୍ରର ରାଜଗୁରୁ ବାବା ବ୍ରହ୍ମଚାରୀ କଳ୍ପବୃକ୍ଷ ତଳେ ଉତ୍ତରକୁ ମୁଖ କରି ଏକ ବଟକୃଷ୍ଣଙ୍କ ମନ୍ଦିର ନିର୍ମାଣ କରିଛନ୍ତି । ବଟବୃକ୍ଷର ନାମକୁ କେନ୍ଦ୍ରକରି ସେଠାରେ ଅଷ୍ଟ ବଟଦେବତା ବିରାଜମାନ କରିଛନ୍ତି । ସେମାନେ ହେଲେ: ୧. ବଟେଶ୍ୱର ମହାଦେବ, ୨. ବଟକୃଷ୍ଣ, ୩. ବଟ ବାଳ ମୁକୁନ୍ଦ , ୪. ବଟ ମାଧବ, ୫. ବଟ ଗଣେଶ, ୬. ବଟ ନାରାୟଣ, ୭. ବଟ ମାର୍କଣ୍ଡେୟ ଓ ୮. ବଟ ମଙ୍ଗଳା ।

ଏହି ବୃକ୍ଷ ସ୍ମାର୍ତ୍ତମାନଙ୍କର ପବିତ୍ର ଭୂମି ଅଟନ୍ତି । ଏଠାରେ ବ୍ରହ୍ମହତ୍ୟା ପାପ ଲାଗେନା । ଜଗନ୍ନାଥଙ୍କର କୈବଲ୍ୟ ରତ୍ନଥାଳି ଭୋଗ ଏହି ବଟଛାୟା ତଳେ ଅଷ୍ଟସାତ୍ତ୍ୱିକ ବୈଷ୍ଣବମାନଙ୍କୁ ପରିବେଷଣ କରାଯାଇଥିଲା । ଏହି ବଟବୃକ୍ଷ ମୂଳରେ ଜଗନ୍ନାଥଙ୍କର ଆଦ୍ୟପୂଜାର ସୂର୍ଯ୍ୟମନ୍ତ୍ର ଓ ଅନନ୍ତ ପୁରୁଷୋତ୍ତମ ବିରାଜି ଅଛନ୍ତି । ବଟ ଓ ସାଗର ମଧ୍ୟବର୍ତ୍ତୀ ଅଞ୍ଚଳ ଶଙ୍ଖନାଭି ମଣ୍ଡଳର ସବୁଠାରୁ ମୂଲ୍ୟବାନ ଅଞ୍ଚଳ ।

ପରମ ମୁକ୍ତିର ନ୍ୟଗ୍ରୋଧ ହୋଇଛନ୍ତି ଏ କଳ୍ପବଟ । ପଞ୍ଚଜନ୍ୟ ପ୍ରଶସ୍ତିରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଆଚାର୍ଯ୍ୟ ପଦ୍ମପାଦ କହନ୍ତି ଯେ ପବିତ୍ର କଳ୍ପବୃକ୍ଷକୁ କେନ୍ଦ୍ରକରି ମହାନ୍ ଯନ୍ତ୍ରମାନ ରୋହିଣୀ କୁଣ୍ଡର ଚତୁଃପାର୍ଶ୍ୱରେ ବିରାଜିତ ଅଛନ୍ତି ।" ସେଇଠି ଠିଆ ହୋଇ ଜଗନ୍ନାଥଙ୍କୁ ଦର୍ଶନ କଲେ କୈବଲ୍ୟ ମୁକ୍ତି ମିଳିଥାଏ ।

ବ୍ରହ୍ମ ପୁରାଣ ୨୪ ଅଧ୍ୟାୟରେ କୁହାଗଲା ଯେ, କଳ୍ପବୃକ୍ଷକୁ ତ୍ରିବାର ପ୍ରଦକ୍ଷିଣ କରିବା ପ୍ରଯୁଜ୍ୟ । ଏହିପରି ପ୍ରଦକ୍ଷିଣ କଲେ ସମସ୍ତ ପାପରାଶି କ୍ଷାଳିତ ହୋଇଥାଏ ।

"କଳ୍ପବୃକ୍ଷଂ ତତୋ ଗତ୍ୱା କୃତ୍ୱା ତଂ ତ୍ରିପ୍ରଦକ୍ଷିଣମ୍
ପୂଜୟତେ୍ ପରମାଭକ୍ତ୍ୟା ମନ୍ତ୍ରେଣାନେନତଂ ବଟମ୍ ।"

## କଳ୍ପବଟକୁ ପ୍ରଣାମ ବିଧି

"ଓଁ ନମୋ ବ୍ୟକ୍ତରୂପାୟ ମହାପ୍ରଳୟକାରିଣେ
ସହସ୍ରୋପବିଷ୍ଟାୟ ନ୍ୟଗ୍ରୋଧାୟ ମମୋଽସ୍ତୁତେ ।
ଅମରତ୍ୱଂ ସଦା କଳ୍ପେ ହରେଶ୍ଚାୟତନଂ ବଟଂ
ନ୍ୟଗ୍ରୋଧଂ ହରମେ ପାପଂ କଳ୍ପବୃକ୍ଷେ ନମୋଽସ୍ତୁତେ ।"

ହେ ବୃକ୍ଷରାଜ, ଆପଣ ମହାପ୍ରଳୟର କାରଣ ବା ମୂଳ ପ୍ରଳୟ କାରିଣୀ ମହାରସ ଉପରେ ପ୍ରତିଷ୍ଠିତ । ତେଣୁ ଆପଣଙ୍କୁ ପ୍ରଣାମ କରୁଅଛି । ମହାକଳ୍ପାନ୍ତ ବା ପ୍ରଳୟ କାଳରେ ମଧ୍ୟ ଅମର ଭାବରେ ବିରାଜିଥାନ୍ତି । ସାକ୍ଷାତ୍ ଭଗବାନ ଆପଣଙ୍କ ତନୁରେ ପ୍ରକଟିତ ହୋଇଅଛନ୍ତି । ଆପଣ ମୋର ପାପକୁ ହରଣ କରନ୍ତୁ । ହେ କଳ୍ପପାଦପ ! ଆପଣଙ୍କୁ ପ୍ରଣାମ କରୁଅଛି ।

## ଶ୍ରୀଜଗନ୍ନାଥଙ୍କ ନୀତି ପୂଜାରେ କଳ୍ପବୃକ୍ଷ

କଳ୍ପବୃକ୍ଷର ପ୍ରଧାନ ଭୂମିକା ହେଲା – ଦକ୍ଷିଣାଭିମୁଖୀ ବନ୍ଦାପନା । ତାତ୍ପର୍ଯ୍ୟ ହେଲା ଯେତେବେଳେ କୂର୍ମବେଢା ମଧ୍ୟକୁ ପ୍ରବେଶ କଲାମାତ୍ରେ କଳ୍ପବୃକ୍ଷ ଆଡ଼କୁ ମୁଖକରି ବିରାଜମାନ କରନ୍ତି । ସେଠାରେ ପତି ମହାପାତ୍ର ଦକ୍ଷିଣାଭିମୁଖୀ ବନ୍ଦାପନା କରନ୍ତି । ପ୍ରଥମ ବନ୍ଦାପନାର ନାମ ତ୍ରିକୁଟ ବନ୍ଦାପନା । ସମ୍ମୁଖରେ, ନାରାୟଣ ସମେତ ବଟବୃକ୍ଷ, ଦକ୍ଷିଣରେ ମହାଲକ୍ଷ୍ମୀ ଓ ନୀଳଚକ୍ରର ତ୍ରିମିଳନ ସ୍ଥଳରେ ପ୍ରଭୁ ବିରାଜିତ ହୋଇ ବେଢ଼ାର ପ୍ରବେଶ କ୍ଷେତ୍ରରେ ବନ୍ଦାପନା ହୁଏ । ତାହାପରେ ସାତ ପାହାଚ ଅତିକ୍ରମ କରି ଗରୁଡ଼ସ୍ତମ୍ଭ ନିକଟକୁ ଗଲାବେଳେ ପୁଣି ଦକ୍ଷିଣାଭିମୁଖ ବନ୍ଦାପନା କରାଯାଏ । ତାହାର ନାମ କଳ୍ପ ବନ୍ଦାପନା । ଶ୍ରୀଜଗନ୍ନାଥ ଦେବ କଳ୍ପବୃକ୍ଷ ଆଡ଼କୁ ମୁଖ କରି ବିରାଜମାନ କରନ୍ତି । ପତି ମହାପାତ୍ର ଏହି ବନ୍ଦାପନା କରନ୍ତି । ବନ୍ଦାପନାରେ ପ୍ରଥମେ କର୍ପୂର, ତା'ପରେ ଘୃତ ବର୍ତ୍ତିକା, ଅକ୍ଷତ ଓ ପୁନଃ ଘୃତ ବର୍ତ୍ତିକା ଦ୍ୱାରା ଯାତ୍ରାଙ୍ଗ ବନ୍ଦାପନା ହୁଏ । ସୁଗନ୍ଧି ବାରି (ଘଷା) ତାମ୍ବୁଳ ସଂଯୁକ୍ତ ହେଲେ ତାହା ବିଶିଷ୍ଟ ବନ୍ଦାପନା ନାମରେ କଥିତ ହୁଏ । ଉକ୍ତ ବନ୍ଦାପନାରେ ଆଲଟ ଚାମରଯୁକ୍ତ ହେଲେ ତାହାକୁ ରାଜନୀତି ବନ୍ଦାପନା କୁହାଯାଏ ।

"କର୍ପୁରଂ ବର୍ତ୍ତିକ ଶ୍ଚୈବ ଅକ୍ଷତଃ ବର୍ତ୍ତିକଃ ପୁନଃ / ଏବଂ ବନ୍ଦାପନା ଶ୍ରେଷ୍ଠଂ – ସୂସ୍ୱାଙ୍ଗ ପ୍ରକୀର୍ତ୍ତିତମ୍ / ସୁଗନ୍ଧିବାରି ତାମ୍ବୂଲୈ ଶ୍ଚମର ଆଲଟୈ ସହ / ରାଜ୍ଞାଭିନନ୍ଦଂ ଦିବ୍ୟଂ କୁର୍ବନ୍ତି ସୋପଚାରତଃ ।"

କଳ୍ପ ଦକ୍ଷିଣାଭିମୁଖ ବନ୍ଦାପନାରେ ବିଦ୍ୟାପତି ବଂଶଜ ପତି ମହାପାତ୍ର କର୍ପୂର ଆଳତି, ଘୃତ ବର୍ତ୍ତିକା, ଆରତ୍ରି, ଅକ୍ଷତ, ବନ୍ଦାପନା ଓ ଶେଷରେ ପୁଣି ଘୃତବର୍ତ୍ତିକା ଆରତ୍ରି ପ୍ରଭୁଙ୍କୁ ଓ କଳ୍ପବୃକ୍ଷ ଉଭୟଙ୍କୁ ପ୍ରଦର୍ଶନ କରନ୍ତି । ଏହାର ନାମ ଦକ୍ଷିଣାଭିମୁଖ ବନ୍ଦାପନା ବା ବିଭୀଷଣ ବନ୍ଦାପନା । ତାହାର ଅନ୍ତିମ ପ୍ରାର୍ଥନା କାବ୍ୟରୁ ଜଣାଯାଏ – କଳ୍ପବୃକ୍ଷ ଓ ପ୍ରଭୁ ସମ୍ପୂର୍ଣ୍ଣ ଅଭିନ୍ନ ଅଟନ୍ତି ।

କଳ୍ପବୃକ୍ଷ ଓ ଜଗନ୍ନାଥ ଉଭୟେ ଦାରୁ । ଏକ କଳ୍ପଦ୍ରୁମ ଓ ଅନ୍ୟଟି ଦାରୁବ୍ରହ୍ମ । ଉଭୟେ ପ୍ରାଚୀନ । ଉଭୟଙ୍କ ମହିମା ଅନିର୍ବଚନୀୟ । ଉଭୟଙ୍କର ଷୋଡ଼ଶ ଉପଚାର ପୂଜା ରହିଛି ଓ ଗୋଟିଏ ବ୍ୟକ୍ତ (ଦାରୁବ୍ରହ୍ମ) ଅନ୍ୟଟି ଅବ୍ୟକ୍ତ (କଳ୍ପଦ୍ରୁମ)

ଆଶ୍ଚର୍ଯ୍ୟ ଲାଗେ ଏଠି ସବୁ ଦାରୁ । ଦାରୁମୟ ଜଗନ୍ନାଥ, ଦାରୁମୟ ସୁଦର୍ଶନ ଆୟୁରାଜ ଦାରୁମୟ ରଥ – ଦାରୁମୟ, ଗରୁଡ଼ସ୍ତମ୍ଭ, ଦାରୁମୟ ରଥ, ଦାରୁମୟ ସାରଥୀ, ଦାରୁମୟ କଳ୍ପଦ୍ରୁମ, ଦାରୁମୟ ଦାରୁବ୍ରହ୍ମ । ଦାରୁ ଆମ ସମସ୍ତଙ୍କ ଜୀବନର ଅବଲମ୍ବନୀୟ । ଜନ୍ମରେ ଦାରୁ (କାଠ), ମୃତ୍ୟୁରେ ଦାରୁ (କାଠ) ଆଉ ମଝି ସମୟରେ ମଧ୍ୟ ଦାରୁବ୍ରହ୍ମ ଜଗନ୍ନାଥ । ସେ ଅବ୍ୟକ୍ତ, ସେ ଅନିର୍ବଚନୀୟ ସେ ଶାଶ୍ୱତ, ସେ ବ୍ରହ୍ମା, ବିଷ୍ଣୁ, ପୁଣି ମହେଶ । ଏହିପରି ରହସ୍ୟାତିରହସ୍ୟ ସେ କଳ୍ପବଟ । ସେ ସମସ୍ତଙ୍କର ନମସ୍ୟ ।

"ନମସ୍ତେ କଳ୍ପ ବୃକ୍ଷାୟ / ନମସ୍ତେ ଋଷି ସେବିତଂ / ନମସ୍ତେ ବିଷ୍ଣୁ ରୂପାୟ / ନମସ୍ତେ ଦେବ ଦୁର୍ଲ୍ଲଭଃ ।"

# ଗୀତିକାଙ୍କ ରାନ୍ଧଣା


## ଗୀତିକା ଜ୍ୟୋତିପର୍ଣ୍ଣା ବିଶ୍ୱାଳ

ନିଉକଲୋନୀ, ନିଳିଆବାଗ, ଶ୍ରୀକଣ୍ଠପୁର
ବାଲେଶ୍ୱର-୭୫୬୦୦୧
ଫୋନ : ୬୩୭୦୪୬୦୩୦୬


ଫଟୋ ସୌଜନ୍ୟ: ଲେଖିକା

**ପ୍ରଥମେ ଚାଉଳକୁ ଭଲ ଭାବେ ଧୋଇ ଅଧାଘଣ୍ଟା ପାଇଁ ଭିଜାଇ ରଖନ୍ତୁ । ଚାଉଳ ଭିଜିଯିବା ପରେ ଗ୍ୟାସ୍‌ରେ ହାଣ୍ଡି କିମ୍ବା ପ୍ୟାନ୍ ବସାନ୍ତୁ ଏବଂ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ । ପାଣି ଫୁଟିବା ପରେ ସେଥିରେ ଲୁଣ ଏବଂ ତେଜପତ୍ର ପକାଇ ଭଲ ଭାବେ ମିଶାନ୍ତୁ । ପରେ ଏଥିରେ ଚାଉଳ ପକାଇ ଫୁଟାନ୍ତୁ । ଚାଉଳ ୮୦ ପ୍ରତିଶତ ସିଝିବା ପରେ ପାଣି ଗଡ଼ାଇ ଭାତକୁ ଅଲଗା ପାତ୍ରରେ ବାହାର କରି ରଖନ୍ତୁ ।**



▲ ଲେଖିକା ଗୀତିକା ଜ୍ୟୋତିପର୍ଣ୍ଣା ବିଶ୍ୱାଳ



### ପନିର ମଲାଇ କୋପ୍ତା

**ଆବଶ୍ୟକ ସାମଗ୍ରୀ :** ୨୫ ଗ୍ରାମ ପନିର୍, ୨ଟି ସିଝା ଆଳୁ, ୧ଟି କଟା ପିଆଜ, ୧ ଚାମଚ କର୍ଣ୍ଣଫ୍ଲୋର, ଅଧା ଚାମଚ ହଳଦୀ, ଅଧା ଚାମଚ ରେଡ୍‌ଚିଲ୍ଲି ପାଉଡ଼ର, ୧ ଚାମଚ ପନିର୍ ମସଲା, ଅଧା ଚାମଚ ଗରମ ମସଲା, ୧ ଚାମଚ ଧନିଆଗୁଣ୍ଡ, କିଛିକଟା ଧନିଆ ପତ୍ର, ୨ କପ୍ ରିଫାଇନ୍ ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ । ମସଲା ପ୍ରସ୍ତୁତି ପାଇଁ: ୧ଟି କଟା ପିଆଜ, ୧ଟି ଟମାଟୋ, ୫ରୁ ୬ଟି କାଜୁ, ୨ରୁ ୩ ଖଣ୍ଡ ରସୁଣ, ୨ଇଞ୍ଚର ଅଦା, ଅଧାଚାମଚ ଗୋଟା ଜୀରା, ୧ଚାମଚ କାଶ୍ମୀରୀ ରେଡ୍‌ଚିଲ୍ଲି ପାଉଡ଼ର, ୩ ଚାମଚ୍ ରିଫାଇନ ତେଲ ଏବଂ ଅଧା ଚାମଚ ବଟର୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ପନିର୍‌କୁ କୋରି ରଖନ୍ତୁ । ସେଥିରେ ସିଝା ଆଳୁ, ଲୁଣ, ହଳଦୀ, କର୍ଣ୍ଣଫ୍ଲୋର, ରେଡ୍‌ଚିଲ୍ଲି ପାଉଡ଼ର, ଗରମ ମସଲା, ଧନିଆଗୁଣ୍ଡ, ପନିର୍ ମସଲା, କଟା ପିଆଜ, ଧନିଆପତ୍ର ସବୁକୁ ଭଲ ଭାବେ ଗୋଳାଇ ବଲ୍ ଆକୃତିର କୋପ୍ତା ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏକ ପ୍ୟାନ୍‌ରେ ରିଫାଇନ ତେଲ ଗରମ କରନ୍ତୁ । ତେଲ ଭଲ ଭାବେ ଗରମ କଲା ପରେ ସେଥିରେ କୋପ୍ତା ପକାଇ ଧିମା ଆଞ୍ଚରେ ଛାଣି ପ୍ଲେଟ୍‌ରେ ବାହାର କରି ରଖନ୍ତୁ । ମସଲା ପ୍ରସ୍ତୁତ ପାଇଁ ଏକ କଡ଼େଇରେ ୧ ଚାମଚ ତେଲ ପକାଇ ସେଥିରେ କଟାପିଆଜ, କାଜୁ, କଟା ଟମାଟୋ, ଗୋଟା ଜୀରା, ଅଦା, ରସୁଣ ଏବଂ କାଶ୍ମୀରୀ ରେଡ୍‌ଚିଲ୍ଲୀ ପାଉଡ଼ର ପକାଇ ୨ରୁ ୩ ମିନିଟ୍ ଭାଜନ୍ତୁ । ଭାଜି ହେବା ପରେ ଏହା ସଂପୂର୍ଣ୍ଣ ଥଣ୍ଡା ହେବା ପରେ ମିକ୍ସରେ ଅଳ୍ପ ପାଣି ଦେଇ ଏକ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ସମାନ କଡ଼େଇରେ ୨ ଚାମଚ ତେଲ ପକାନ୍ତୁ । ତେଲ ଗରମ ହେବା ପରେ ସେଥିରେ ୧ ଚାମଚ ବଟର୍ ପକାଇ ପ୍ରସ୍ତୁତ ମସଲା ପେଷ୍ଟ୍‌କୁ ପକାଇ ଭଲ ଭାବେ କଷନ୍ତୁ । ୫ରୁ ୭ ମିନିଟ୍ ପରେ ମସଲାରୁ ତେଲ ବାହାରିଲେ ସେଥିରେ ୧ କପ୍ ପାଣି ପକାଇ ଫୁଟାନ୍ତୁ । ମସଲା ବହଳିଆ ହେବା ପରେ ସେଥିରେ କୋପ୍ତା, ଅଳ୍ପ ଗରମ ମସଲା ଏବଂ ଲୁଣ ପକାଇ ୨ରୁ ୩ ମିନିଟ୍ ଫୁଟାଇବା ପରେ ଏହାକୁ ଏକ ପ୍ଲେଟ୍‌ରେ ବାହାର କରି ନିଅନ୍ତୁ । ପନିର୍ ମଲାଇ କୋପ୍ତାକୁ ରୁଟି କିମ୍ବା ନାନ୍ ସହ ପରଷନ୍ତୁ ।

### ତାୱା ପୁଲାଓ

**ଆବଶ୍ୟକ ସାମଗ୍ରୀ :** ବାସୁମତୀ ଚାଉଳ ୨କପ୍, ୨ଟି କଟା ପିଆଜ, ୧ଟି ଟମାଟୋ, ୧ଟି କଟା କ୍ୟାପ୍‌ସିକମ୍, ୧କପ୍ କଟା ଗାଜର, ୧ଟି କଟା ଆଳୁ, ଅଧା ଚାମଚ ଗୋଟା ଜୀରା, ଅଧାଚାମଚ ରେଡ୍‌ଚିଲ୍ଲି ପାଉଡ଼ର, ୨ଟି ତେଜପତ୍ର, ଅଧାଚାମଚ ଗରମ ମସଲା, ଅଧାଚାମଚ ଧନିଆଗୁଣ୍ଡ, ଅଧା ଚାମଚ ହଳଦୀଗୁଣ୍ଡ, ୨ ଚାମଚ ରିଫାଇନ ତେଲ, କିଛି କଟା ଧନିଆପତ୍ର, ୧ ଚାମଚ ଲେମ୍ବୁରସ ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚାଉଳକୁ ଭଲ ଭାବେ ଧୋଇ ଅଧାଘଣ୍ଟା ପାଇଁ ଭିଜାଇ ରଖନ୍ତୁ । ଚାଉଳ ଭିଜିଯିବା ପରେ ଗ୍ୟାସ୍‌ରେ ହାଣ୍ଡି କିମ୍ବା ପ୍ୟାନ୍ ବସାନ୍ତୁ ଏବଂ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ । ପାଣି ଫୁଟିବା ପରେ ସେଥିରେ ଲୁଣ ଏବଂ ତେଜପତ୍ର ପକାଇ ଭଲ ଭାବେ ମିଶାନ୍ତୁ । ପରେ ଏଥିରେ ଚାଉଳ ପକାଇ ଫୁଟାନ୍ତୁ । ଚାଉଳ ୮୦ ପ୍ରତିଶତ ସିଝିବା ପରେ ପାଣି ଗଡ଼ାଇ ଭାତକୁ ଅଲଗା ପାତ୍ରରେ ବାହାର କରି ରଖନ୍ତୁ । ବର୍ତ୍ତମାନ ଏକ ଚଉଡ଼ା ଆକାରର ତାୱା ନିଅନ୍ତୁ ।

ତାୱା ଗରମ ହେବା ପରେ ସେଥିରେ ରିଫାଇନ୍ ତେଲ ପକାନ୍ତୁ । ତେଲରେ ଗୋଟା ଜୀରା ଏବଂ କଟା ପିଆଜ ପକାଇ ୨ରୁ ୩ ମିନିଟ୍ ଭାଜନ୍ତୁ । ପିଆଜର ରଙ୍ଗ ବଦଳିବା ପରେ ସେଥିରେ କଟା ଟମାଟୋ ପକାଇ ଭାଜନ୍ତୁ । ଟମାଟୋ ନରମ ହେବା ପରେ ସେଥିରେ ରଖା ଯାଇଥିବା କଟା ଆଳୁ, ଗାଜର, କ୍ୟାପ୍‌ସିକମ୍ ସବୁତକ ପରିବା ପକାଇ ଭାଜନ୍ତୁ । ଅଳ୍ପ ଭାଜିହେବା ପରେ ୧ ଚାମଚ ଲୁଣ, ହଳଦୀ, ରେଡ୍ ଚିଲ୍ଲି ପାଉଡ଼ର, ଗରମ ମସଲା, ଧନିଆଗୁଣ୍ଡ ପକାଇ ଏକ ଢାଙ୍କୁଣି ଦେଇ ପରିବାକୁ ସିଝିବା ପାଇଁ ଛାଡ଼ି ଦିଅନ୍ତୁ । ପରିବା ଭଲ ଭାବେ ସିଝିବା ପରେ ଗ୍ୟାସ୍‌ର ଆଞ୍ଚକୁ ଟିକେ ଅଧିକ ବଢ଼ାଇ ଦିଅନ୍ତୁ ଏବଂ ସେଥିରେ ଭାତକୁ ଅଳ୍ପ ଅଳ୍ପ ପରିମାଣରେ ତାୱାରେ ପକାଇ ଭାଜନ୍ତୁ । ପୁଲାଓ ଫ୍ରାଏ ହେବା ପରେ ସେଥିରେ କଟା ଧନିଆପତ୍ର ଏବଂ ଲେମ୍ବୁରସ ପକାଇ ଓହ୍ଲାଇ ଆଣନ୍ତୁ । ପୁଲାଓକୁ ଦହି ରାଇତା ସହ ପରଷନ୍ତୁ ।





# ସାହିତ୍ୟରେ ଲିଙ୍ଗଭେଦ

ଆମେ ଯେଉଁମାନେ ସାହିତ୍ୟ ସହିତ ଓତପ୍ରୋତ ଭାବେ ଜଡ଼ିତ, ସବୁବେଳେ ନିଜକୁ ଲେଖାଲେଖିରେ ନିମଜ୍ଜିତ କରି ରଖୁ । ଲେଖାଲେଖି କ୍ଷେତ୍ରରୁ ମିଳୁଥିବା ଆନନ୍ଦ ଟିକକ ହିଁ ଜଣେ ଲେଖକର ସର୍ବଶ୍ରେଷ୍ଠ ସମ୍ପତ୍ତି କହିଲେ ଭୁଲ୍ ହେବ ନାହିଁ । ଲେଖକଟି ନିଜ ଲେଖା ମାଧ୍ୟମରେ ଯେତେବେଳେ ସମଗ୍ର ସମାଜରେ ପରିଚିତ ହୁଏ, ସେତେବେଳେ ସେ ଅନ୍ୟ ସମସ୍ତ ସାଧାରଣ ବ୍ୟକ୍ତିବିଶେଷଙ୍କ ଠାରୁ ଜଣେ ଭିନ୍ନ ବ୍ୟକ୍ତି ଭାବେ ସମ୍ମାନ ପାଏ । ସର୍ଜନଶୀଳତା ହିଁ ତାର ଏହି ସମ୍ମାନକୁ ତା'ପାଇଁ ଆଣିଥାଏ । ଲେଖକର ସମ୍ମାନ ହିଁ ବଡ଼କଥା । ଏହି ସମ୍ମାନକୁ ବଜାୟ ରଖିବା ପାଇଁ ଲେଖାଲେଖି କ୍ଷେତ୍ରରେ ସେ ସର୍ବଦା ନିଜକୁ ସଂପୃକ୍ତ କରି ରଖିଥାଏ । ଲେଖକଟିଏ କିନ୍ତୁ ଆଜିର ସମୟରେ ଲେଖାଲେଖି ଛଡ଼ା ଆହୁରି ଅନେକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବାର ଆମେ ଦେଖୁ ।

ନିକଟରେ ଜଣେ ଲେଖକ ବନ୍ଧୁଙ୍କ ସହିତ କଥା ହେଉଥିବା ବେଳେ, ଜାଣିଲି ଯେ ଲେଖକଙ୍କ ଭିତରେ ଲିଙ୍ଗଭେଦକୁ ନେଇ ଏକ ରୁଗ୍ଣ ମାନସିକତା ଏବେ ମଧ୍ୟ ବଳବତ୍ତର ରହିଛି । ଆମେ ଜାଣୁ, ଲେଖକର ଲିଙ୍ଗ ନଥାଏ । ଅର୍ଥାତ୍ ଜେଣ୍ଡର୍ ଦୃଷ୍ଟିରୁ ଲେଖକକୁ ବିଚାର କରାଯାଏନା । ଆମେ ସମସ୍ତେ ଜଣେ ଜଣେ ସ୍ରଷ୍ଟା । ସେ ସ୍ରଷ୍ଟା ହୋଇପାରେ ଜଣେ ନାରୀ ବା ଜଣେ ପୁରୁଷ । ଏହାକୁ ନେଇ ଆମ ଭିତରେ ବିଭେଦ ନରହିବା ଉଚିତ୍ । କିଛି ଲେଖକଙ୍କ ଭିତରେ ଏବେ ବି ଲେଖକର ଲିଙ୍ଗଭେଦକୁ ନେଇ ରହିଛି ନିଜସ୍ୱ ସମର୍ଥନ । କିନ୍ତୁ ହାରାହାରି ଭାବେ ଦେଖିଲେ ପ୍ରାୟ ଲେଖକ ବିଚାର କରନ୍ତି ଯେ, ଲେଖକର ଜେଣ୍ଡର୍ ନଥାଏ ବା ଲେଖକଟିଏ ଲିଙ୍ଗ ଭେଦରେ ବିଶ୍ୱାସୀ ହେବା ଅନୁଚିତ । ଜଣେ ନାରୀ ଲେଖକ ଓ ଜଣେ ପୁରୁଷ ଲେଖକ ଭିତରେ ପ୍ରଭେଦ ବୋଲି ତ କିଛି ନଥାଏ । ତାର ବ୍ୟକ୍ତସତ୍ତା ନାରୀ ବା ପୁରୁଷ ହୋଇପାରେ, କିନ୍ତୁ ତାର ସୃଜନସତ୍ତାର ଲିଙ୍ଗ କଣ ? ଜଣେ ଗପ ଲେଖୁଥିଲେ ଆଉ ଜଣେ ବି ଗପ ଲେଖେ । ସେହି କ୍ରମରେ କବିତା, ଉପନ୍ୟାସ ବା ସୃଜନର ଅନ୍ୟାନ୍ୟ ଦିଗରେ ଲେଖନୀ ଚାଳନା କରୁଥାନ୍ତି ଉଭୟେ ନାରୀ ଓ ପୁରୁଷ ଲେଖକମାନେ । ଏହି ମର୍ମରେ ଆମ ସମୟର ଗାଳ୍ପିକା ହିରଣ୍ମୟୀ ମିଶ୍ର କହନ୍ତି ଯେ, ମୁଁ ଗପ କି କବିତା ବା ଯେକୌଣସି ରଚନା ଲେଖିବା ସମୟରେ ନାରୀ ବା ପୁରୁଷ ନୁହେଁ । ମୁଁ କେବଳ ସ୍ରଷ୍ଟା (ଅଥର୍) । ସେଥିପାଇଁ ପ୍ରଥମ ପୁରୁଷରେ ଲେଖୁ ଲେଖୁ ମୋ ନିଜର ଅନେକ ଗପରେ ପୁରୁଷ ଚରିତ୍ରର କଥା ଲେଖି ହୋଇଯାଛି । ଏହା ସ୍ୱତଃସ୍ଫୂର୍ତ୍ତ, ଚେଷ୍ଟାକୃତ ନୁହେଁ । ସାହିତ୍ୟରେ ଲିଙ୍ଗଭେଦ ସ୍ୱାଭାବିକ ଭାବେ ରହିବା କଥା ନୁହେଁ ।

ହଁ, ହିରଣ୍ମୟୀଙ୍କର ଏହି ବ୍ୟକ୍ତିଗତ ମତ ଉପରେ ମୋହର ମାରିବା ବେଳେ ମୁଁ ମଧ୍ୟ ସମାନ ଭାବେ କହିବା ପାଇଁ ଚାହେଁ ଯେ, ମୋର ଅନେକ ଲେଖାରେ ମୁଁ ମଧ୍ୟ ନାରୀ ଚରିତ୍ରର କଥା ଲେଖିଛି । ସେତେବେଳେ କ'ଣ ମୁଁ ନିଜକୁ ନାରୀ ବା ପୁରୁଷ ଭାବି ଲେଖିଛି ? ଆଦୌ ନୁହଁ । ମୁଁ କେବଳ ଜଣେ ଲେଖକର ଭୂମିକାରେ ଥାଇ ଚରିତ୍ର ଚିତ୍ରଣ କରିଛି, ସୁତରାଂ ଆମ ସାହିତ୍ୟରେ ଲିଙ୍ଗଭେଦ କଥା ରହିବା ଜରୁରୀ ନୁହେଁ ବୋଲି ମୁଁ ଭାବେ ।

ଏ ସମ୍ପର୍କରେ ଆଉରି ଏକ ରୋଚକ କଥା ଏଠାରେ ଉପସ୍ଥାପନ କରିବାକୁ ଚାହିଁବି ମୋ ଅଭିଜ୍ଞତାରୁ । ଯେହେତୁ ମୁଁ ସମ୍ପାଦନା କାର୍ଯ୍ୟ ସହ ସମ୍ପୃକ୍ତ, ଏଣୁ ଲେଖା ଚୟନ ସମୟରେ ମୁଁ କେବଳ ଭଲ ଲେଖା ହିଁ ଖୋଜିଥାଏ । ଏହି ଖୋଜାଖୋଜି ବେଳେ ନିର୍ବାଚିତ ଲେଖାଗୁଡ଼ିକର ସ୍ରଷ୍ଟାଙ୍କ ଭିତରେ କିଏ ନାରୀ, କିଏ ପୁରୁଷ, ସେକଥା ମନରେ ନଥାଏ । ସୁତରାଂ ସ୍ୱାଭାବିକ ଭାବେ ଯେତେବେଳେ ସେଗୁଡ଼ିକ ପ୍ରକାଶ ପାଏ, ସେତେବେଳେ ଅନିଚ୍ଛାକୃତ ଭାବେ ଯେବେ ନାରୀ ଲେଖକଙ୍କ ସଂଖ୍ୟା ଅଧିକ ଥାଏ, ସେବେ କିଛି ପୁରୁଷ ଲେଖକ ମୋତେ କଥା ଶୁଣାନ୍ତି ଯେ: ଆପଣ ତ ଖାଲି ନାରୀମାନଙ୍କୁ ଛାପୁଛନ୍ତି । ଏ ପ୍ରକାର ଆରୋପ ମୋ ପାଇଁ ହାସ୍ୟାସ୍ପଦ ହେଲେ ବି, ମୁଁ କହିବା ପାଇଁ ଚାହିଁବି ଯେ, ଯଦି ବି ନାରୀ ଲେଖକଙ୍କ ସଂଖ୍ୟା ଅଧିକ ହେଲା, ଏଥିରେ କୋଉ ପୃଥିବୀ ଦି'ଫାଳ ହୋଇଗଲା ? ସେମାନେ କ'ଣ ଆମ ସାହିତ୍ୟ-ଜଗତରେ ଆମ ସହ ଚାଲୁଥିବା ସାଥୀ ଲେଖକ ନୁହଁନ୍ତି ! ସେମାନଙ୍କୁ ସହ୍ୟ କରିବା ଭଳି ମାନସିକତା କ'ଣ ଆମର ନାହିଁ ! ଏ ଦୃଷ୍ଟିରୁ ବିଚାର କଲେ ଆମମାନଙ୍କ ଭିତରେ ଅଦ୍ୟାବଧି ସେଇ ପ୍ରକାର ଏକ ଘୃଣ୍ୟ ମାନସିକତା ବଳବତ୍ତର ରହିଛି, ଯାହା ନାରୀଟିଏକୁ ଆଗକୁ ଯିବାର ଦେଖି ଖୁସି ହେବାର ମାନସିକତା ନୁହେଁ ।

ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ, ସାହିତ୍ୟରେ କୌଣସି ବିଷୟକୁ ନେଇ ପୁସ୍ତକଟିଏ ସମ୍ପାଦନା କାଳରେ କିମ୍ବା ପୁରସ୍କାର ଚୟନ ବେଳେ, ଏହି ଲିଙ୍ଗଭେଦର କଥା ଉଠିଛି । କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ପୁସ୍ତକ ପାଇଁ ସମ୍ପାଦକ ଭାବେ ଲେଖା ଚୟନ କଲାବେଳେ ନାରୀ ଓ ପୁରୁଷ ଭେଦରେ ସମ୍ପାଦକ ଲେଖା ଗ୍ରହଣ କରିବ ନା ତାକୁ ଭଲ ଲାଗୁଥିବା ଲେଖା ବାଛିବ ? ଏ ବିଷୟରେ ଚିନ୍ତା କରିବାର କଥା । ଯଦି ଭଲ ଲେଖାର ସଂଖ୍ୟା ଭିତରେ ପୁରୁଷ ଲେଖକଙ୍କ ସଂଖ୍ୟା ଅଧିକ ହେଲା ତେବେ ନାରୀ ଲେଖକମାନେ ଏହାକୁ ଉଦାର ଚିତ୍ତରେ ଗ୍ରହଣ କରିବା କଥା । ଠିକ୍ ସେମିତି ନାରୀ ଲେଖକଙ୍କ ସଂଖ୍ୟା ଅଧିକ ହେଇଗଲେ, ପୁରୁଷ ଲେଖକମାନେ ଏହାକୁ ଏକ 'ଇସ୍ୟୁ' ବନେଇବା ଅନୁଚିତ । କିନ୍ତୁ ଆଜିକାଲି ଏହାକୁ ନେଇ ବାଦବିବାଦ ଆରମ୍ଭ ହେଉଛି । ତାମାନେ ସାହିତ୍ୟରେ ବି ଆମେ ଚାହୁଁ ସଂରକ୍ଷଣ ! ଆଶ୍ଚର୍ଯ୍ୟର କଥା । ଏ ପ୍ରକାର ଚିନ୍ତା ଓ ଚେତନାରୁ ଓହରେଇ ଆସି ଲେଖକମାନେ ଗୁଣାତ୍ମକ ଲେଖା ଲେଖିବା ଦିଗରେ ମନୋନିବେଶ କରିବା ଶ୍ରେୟସ୍କର ।

ଲେଖକଟିଏ ଭଲ ଲେଖା ହିଁ ଲେଖିବ- ଏହାର କୌଣସି ଗ୍ୟାରେଣ୍ଟି ନାହିଁ । ତେବେ କାଳଖଣ୍ଡରେ ଭଲ ଲେଖାଗୁଡ଼ିକ ହିଁ ସ୍ମରଣୀୟ ହୋଇ ରହିବ । ଆଉ ସବୁ ଲେଖାକୁ କାଳ ହଜାଇ ଦେବ । ତେଣୁ ଆମର ବ୍ରତ ହେଉ ଭଲ ଲେଖିବା ଏବଂ ଭଲ ଲେଖାକୁ ଆଦର କରିବା । ସେଠି କିଏ ନାରୀ ଓ କିଏ ପୁରୁଷ- ଏପରି ଏକ ଅଭିସନ୍ଧିସ୍ଥା ନରହୁ ।

ଆଜିର ସମୟରେ ପରିବାରରେ କନ୍ୟା ସନ୍ତାନ ଜନ୍ମହେବା ଆଉ ଅବାଞ୍ଛିତ ମନେ ହେଉନାହିଁ । ଗୋଟେ ସମୟରେ ସମସ୍ତେ ପୁତ୍ର ସନ୍ତାନ ଲୋଡୁଥିଲେ ଓ ପୁତ୍ର ଲାଭରେ ଖୁସି ହେଉଥିଲେ । ସେ ପ୍ରକାର ଏକ ମାନସିକତା ଆଜି ଆଉ ନାହିଁ । ଆଜି ପୁଅ ଓ ଝିଅ ଉଭୟଙ୍କ ଆଗମନରେ ଆନନ୍ଦ ଲାଭ କରୁଛନ୍ତି ପିତାମାତା । ସୁତରାଂ ସାହିତ୍ୟ ଭଳି ଏକ ବ୍ୟାପକ ଜଗତରେ ନାରୀ ଓ ପୁରୁଷର ବିଭେଦ ତିଆରି କରି ଆମେ ଲେଖକୀୟ ସତ୍ତାକୁ ଦିଗଭ୍ରଷ୍ଟ କରୁଛୁ ସିନା, ଏହାଦ୍ୱାରା ସାହିତ୍ୟର ଉପକାର କିଛି ହେଉନାହିଁ ।



RUCHI FOODLINE™

Since 1976

# Ruchi
# Now at your Door Step

## We are now available online

Install **Ruchi Store Mobile App** from **Google Play Store**

**Scan to Install**




**Buy Now**

The **REBATI AMA MATIRA SWARA** ● July 2024 Vol - 6 Issue - 09 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**